# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୪/୨୦୨୦ (୨୦ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, March 4/2020 | ★★★★★★

୪୬ଶ ଭାଗ ୧୦୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ରୋମାନ୍ସ ପାଇଁ ସମୟ ନାହିଁ**

ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ୩୩ ବର୍ଷରେ ପଦାର୍ପଣ କରିଛନ୍ତି। ରୋମାନ୍ସ ପାଇଁ ତାଙ୍କ ପାଖରେ ସମୟ ନାହିଁ ବୋଲି ସେ ପ୍ରଶଂସକଙ୍କ ଉଦ୍ଦେଶ୍ୟରେ କହିଛନ୍ତି।

୧୨

୧୮

**ଦୁଇଟି ପୁରସ୍କାର ଦୌଡ଼ରେ ଦୀପ୍ ଗ୍ରେସ୍**

ହକି ଇଣ୍ଡିଆ 'ପ୍ଲେୟର ଅଫ ଦି ଇୟର' ଓ 'ଡିଫେଣ୍ଡର ଅଫ ଦି ଇୟର' ୨୦୧୯ ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି ଓଡ଼ିଶା ମହିଳା ହକି ତାରକା ଦୀପ୍ ଗ୍ରେସ ଏକ୍କା।



# ସିଏଏ ବିରୋଧରେ ସୁପ୍ରିମକୋର୍ଟରେ ଜାତିସଂଘ

- ସୁପ୍ରିମକୋର୍ଟରେ ହସ୍ତକ୍ଷେପ ପିଟିଶନ ଦାଏର କଲା ୟୁଏନ୍ଏଚ୍ଆର୍ସି
- ନ୍ୟାୟସଙ୍ଗତ ଓ ନିରପେକ୍ଷ ନୁହେଁ ସିଏଏ
- ଆପତ୍ତି ଉଠାଇଲେ କେନ୍ଦ୍ର ସରକାର
- ଆଇନ ପ୍ରଣୟନ ପାର୍ଲାମେଣ୍ଟର ସାର୍ବଭୌମ ଅଧିକାର

ନୂଆଦିଲ୍ଲୀ,୩।୩(ପି.ଟି./ଆଇଏଏନ୍ଏସ୍)

କେନ୍ଦ୍ର ସରକାରଙ୍କ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଜୋର୍ ଧରିଛି। ଭାରତରେ ବିରୋଧୀ ଦଳଗୁଡ଼ିକ ଏହାକୁ ନେଇ ଆପତ୍ତି ଉଠାଉଥିବାବେଳେ ଆମେରିକା, ଚାଇନା ଓ ପାକିସ୍ତାନ ସମେତ କେତେକ ରାଷ୍ଟ୍ରରେ ମଧ୍ୟ ନୂଆ ନାଗରିକତ୍ୱ ଆଇନକୁ ସମାଲୋଚନା କରାଯାଉଛି। ଏହି ଧାରାରେ ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି ଜାତିସଂଘ। ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍ଏଚ୍ଆର୍ସି) ସିଏଏକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଛି। ଏହି ଆଇନ ମୁସ୍ଲିମ ଶରଣାର୍ଥୀମାନଙ୍କ ପ୍ରତି ବିପଦ ସୃଷ୍ଟି କରିଛି। ସିଏଏ ନ୍ୟାୟସଙ୍ଗତ ଓ ନିରପେକ୍ଷ ହୋଇ ନ ଥିବାରୁ ଅନ୍ତର୍ଜାତୀୟ ବୁଝାମଣା କ୍ଷେତ୍ରରେ ଭାରତର ପ୍ରତିଶ୍ରୁତିବଦ୍ଧତାର ବିରୁଦ୍ଧାଚରଣ କରୁଥିବା ଦର୍ଶାଇ ୟୁଏନ୍ଏଚ୍ଆର୍ସି ପକ୍ଷରୁ ସୁପ୍ରିମକୋର୍ଟରେ ଏକ ହସ୍ତକ୍ଷେପ ଆବେଦନ ଦାଏର କରାଯାଇଛି। ଅନ୍ୟପକ୍ଷରେ ଜାତିସଂଘର ଏହି ପଦକ୍ଷେପକୁ କେନ୍ଦ୍ର ସରକାର ସମାଲୋଚନା କରିଛନ୍ତି। ଆଇନ ପ୍ରଣୟନ କରିବା ପାର୍ଲାମେଣ୍ଟର ସାର୍ବଭୌମ ଅଧିକାର। ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ତୃତୀୟ ପକ୍ଷଙ୍କ ହସ୍ତକ୍ଷେପକୁ ବରଦାସ୍ତ କରାଯିବ ନାହିଁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ (ଏମ୍ଇଏ) ମୁଖପାତ୍ର ରବୀଶ କୁମାର ଏକ ପ୍ରେସ ବିବୃତିରେ ସ୍ପଷ୍ଟ କରିଛନ୍ତି।

ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ ମିଶେଲ ବାଚେଲ୍ ଜେରିଆ ସୁପ୍ରିମକୋର୍ଟରେ ସିଏଏ ବିରୋଧରେ ହସ୍ତକ୍ଷେପ ପିଟିଶନ ଦାଏର କରିଛନ୍ତି। ସମସ୍ତ ମାନବାଧିକାରର ସୁରକ୍ଷା ଓ ପୃଷ୍ଠପୋଷକତା ନେଇ ନିଜ ଅଧିକାରର ଅବତାରଣା କରି ହାଇକମିଶନର୍ ମାମଲାର ଆମିକସ୍ କ୍ୟୁରି (ତୃତୀୟ ପକ୍ଷ) ଭାବେ ଏଥିରେ ହସ୍ତକ୍ଷେପ ପାଇଁ ଆବେଦନ କରିଛନ୍ତି। ଏହାସହ ଜାତିସଂଘ ସାଧାରଣ ସଭା ସଂକଳ୍ପନାମା ଅନୁସାରେ ଏହି ପ୍ରସଙ୍ଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି। ସିଏଏରେ କେତେକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଶରଣାର୍ଥୀଙ୍କ ପାଇଁ ବ୍ୟବସ୍ଥା ଥିବାବେଳେ ଏକ ଅନ୍ୟ ସମୁଦାୟକୁ ଏଥିରେ ଅଣଦେଖା କରାଯାଇଛି। ଫଳରେ ସିଏଏର ସଂକୀର୍ଣ୍ଣ ପରିଧି ମଧ୍ୟରେ ଅନ୍ୟ ସମୁଦାୟର ସ୍ୱାର୍ଥହାନି ଘଟିବ। ଧର୍ମ ଆଧାରରେ ପ୍ରଣୟନ କରାଯାଇଥିବା ଏହି ଆଇନ ନ୍ୟାୟସଙ୍ଗତ ଓ ନିରପେକ୍ଷ ନୁହେଁ ବୋଲି ଉକ୍ତ ପିଟିଶନରେ ଦର୍ଶାଯାଇଛି। ଏଥିରେ ଆହୁରି କୁହାଯାଇଛି ଯେ, ସର୍ତ୍ତ ପୂରଣ କରୁଥିବା ଆଫଗାନ, ବାଂଲାଦେଶୀ ଓ ପାକିସ୍ତାନୀ ବୌଦ୍ଧ, ଖ୍ରୀଷ୍ଟିୟାନ, ହିନ୍ଦୁ, ପାର୍ସୀ ଓ ଶିଖ୍ ଶରଣାର୍ଥୀ(ଧର୍ମୀୟ ଅତ୍ୟାଚାରର ଶିକାର ହୋଇଥିବା)ଙ୍କୁ ଭାରତରେ ନାଗରିକତ୍ୱ ପ୍ରଦାନ ପାଇଁ ସିଏଏରେ ବ୍ୟବସ୍ଥା କରାଯାଇଛି। ଏହା ଏକ ଯୋଗ୍ୟ ଓ ପ୍ରଶଂସନୀୟ ଉଦ୍ଦେଶ୍ୟ ହୋଇଥିଲେ ମଧ୍ୟ ଏଥିଯୋଗୁ ମାନବାଧିକାର ନେଇ ଭାରତର ଉତ୍ତରଦାୟିତ୍ୱ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଛି।

ସୂଚନାଥାଉ କି, ଗତବର୍ଷ ଡିସେମ୍ବରରେ ପାର୍ଲାମେଣ୍ଟରେ ନାଗରିକତ୍ୱ ସଂଶୋଧନ ବିଲ୍ (ସିଏବି) ଗୃହୀତ ହେବା ପରେ ଜାତିସଂଘ ମାନବାଧିକାର କମିଶନର ଉଚ୍ଚାୟୁକ୍ତଙ୍କ ପକ୍ଷରୁ ଏହା ବିରୋଧରେ ଏକ ବିବୃତି ଜାରି କରାଯାଇଥିଲା। ନାଗରିକତ୍ୱ ସଂଶୋଧନ ଆଇନ, ୨୦୧୯ ମୌଳିକ ଭାବେ ଭେଦଭାବପୂର୍ଣ୍ଣ ବୋଲି ଏହାର ମୁଖପାତ୍ର ଜେରେମି ଲରେନ୍ସ କହିଥିଲେ। ଜାତୀୟ ରାଜଧାନୀ ଦିଲ୍ଲୀରେ ଗତ ସପ୍ତାହରେ ସିଏଏ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହା ସାମ୍ପ୍ରଦାୟିକ ଦଙ୍ଗାର ରୂପ ନେବା ପରେ ୪୮ ଜଣଙ୍କ ପ୍ରାଣହାନି ଘଟିଲାଣି। ଏହାସହ ୨୫୦ରୁ ଊର୍ଦ୍ଧ୍ୱ ଲୋକ ଏଥିରେ ଆହତ ହେଲେଣି।



କୋଲକାତାରେ ସିଏଏ, ଏନ୍ଆର୍ସି ଏବଂ ଏନ୍ପିଆର୍ ବିରୋଧରେ ମଙ୍ଗଳବାର ବିକ୍ଷୋଭ ଶୋଭାଯାତ୍ରା କରୁଛନ୍ତି ଆଇନଜୀବୀ।

## ସଙ୍ଗୀତା ସିଂଦେଓଙ୍କୁ ପାର୍ଲାମେଣ୍ଟରେ ଆକ୍ରମଣ



ନୂଆଦିଲ୍ଲୀ,୩।୩(ଆଇଏଏନ୍ଏସ୍)

ବଲାଙ୍ଗୀରର ଭାଜପା ଏମ୍ପି ସଙ୍ଗୀତା କୁମାରୀ ସିଂଦେଓଙ୍କୁ ଲୋକ ସଭାରେ ଆକ୍ରମଣ ହୋଇଥିବା ସେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ଗୃହକାର୍ଯ୍ୟ ଚାଲିଥିବାବେଳେ ଦୁଇଜଣ କଂଗ୍ରେସ ଏମ୍ପି ତାଙ୍କୁ ଆକ୍ରମଣ କରିଥିଲେ। ଏହା ପରେ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଥିଲା। ଏନେଇ ସେ ବାଚସ୍ପତି ଓମ୍ ବିର୍ଲାଙ୍କ ପାଖରେ ଅଭିଯୋଗ କରିଛନ୍ତି। ଆକ୍ରମଣ ପରେ ସେ ପାର୍ଲାମେଣ୍ଟ ପରିସରରେ ଥିବା ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ହସ୍ପିଟାଲ ପ୍ରେସ୍କ୍ରିପ୍ଶନକୁ ସେ ତାଙ୍କ ଅଭିଯୋଗପତ୍ରରେ ସଂଯୋଗ କରିଛନ୍ତି। ସେ ପୂର୍ବରୁ ପାର୍ଲାମେଣ୍ଟ ସଦସ୍ୟ ରହିଥିଲେ। ତେବେ ଏଭଳି ଉଚ୍ଛୃଙ୍ଖଳିତ ବ୍ୟବହାର ସେ ☞ପୃଷ୍ଠା-୪

## ୫ରୁ ଘଡ଼ଘଡ଼ି ସହ ବର୍ଷା

- ଏପ୍ରିଲ ୧୫ ଯାଏ ବଢ଼ିବନି ତାତି
- ୪୦ ଡିଗ୍ରୀ ତଳେ ରହିବ ପାରଦ

ଭୁବନେଶ୍ୱର,୩।୩(ବ୍ୟୁରୋ)

ରାଜ୍ୟରେ ପଶ୍ଚିମା ବାୟୁ ପ୍ରବାହ ଜାରି ରହିଛି। ଏଥିସହିତ ବାୟୁମଣ୍ଡଳରେ ଜଳୀୟ ବାଷ୍ପ ଭରି ରହିଥିବାରୁ ଆସନ୍ତା ୮ ତାରିଖ ଯାଏ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୫ରୁ ୮ ତାରିଖ ଯାଏ ଉତ୍ତର ଓଡ଼ିଶା ସମେତ ପଶ୍ଚିମ ଓଡ଼ିଶା ଏବଂ ଉପକୂଳ ଓଡ଼ିଶାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ୫ ତାରିଖରେ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଅନୁଗୋଳ, ଢେଙ୍କାନାଳ, କଟକ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କଳାହାଣ୍ଡି ଆଦି ଜିଲାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୬ ତାରିଖରେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ସମେତ ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ସୋନପୁର, କନ୍ଧମାଳ, ବୌଦ୍ଧ, କଟକ ଜିଲାର ଅଧିକାଂଶ ସ୍ଥାନରେ ଏବଂ ବାଲେଶ୍ୱର, ଭଦ୍ରକ, ନୟାଗଡ଼, ଖୋର୍ଦ୍ଧା, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କରୋନାର ନାଗରିକତ୍ୱ**

**ଆଜିର ମନ୍ତବ୍ୟ**

" ମହାରାଷ୍ଟ୍ରରେ ମୁସଲମାନଙ୍କ ଲାଗି କୌଣସି ସଂରକ୍ଷଣ ପ୍ରସ୍ତାବ ନାହିଁ।

-ଉଦ୍ଧବ ଠାକ୍ରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ଫେବୃୟାରୀ ମାସରେ ଦେଶରେ ବିଦ୍ୟୁତ ଯୋଗାଣ ୭.୧% ବୃଦ୍ଧି ଘଟିଛି। - ସରକାରଙ୍କ ପ୍ରଦତ୍ତ ତଥ୍ୟ

**ଓଡ଼ିଶାରେ ବଢ଼ିଲା ଜିଏସ୍ଟି ଆଦାୟ**

........୫........


Taste the difference! Vencobb FRESH CHICKEN

03.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 36 | 75 | 85 |
| CTC | 36 | 75 | 85 |
| DKL | 35 | 74 | 84 |
| BDK | 38 | 77 | 87 |
| BLS | 40 | 80 | 90 |
| ANG | 36 | 75 | 85 |
| BMP | 33 | 72 | 82 |

*Conditions Apply

Issued in the Interest of Consumers


# ୫ ଦେଶର ନାଗରିକଙ୍କ ଭିଜା ରଦ୍ଦ

**ଜଟିଳ ହେଉଛି କରୋନା ସ୍ଥିତି**

- ଭୟ ନ କରିବାକୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ
- ମୋଦିଙ୍କ ସହ କେଜ୍ରିୱାଲଙ୍କ ଆଲୋଚନା
- ୩ ଦିନ ଲାଗି ନୋଏଡାରେ ସ୍କୁଲ ବନ୍ଦ

ନୂଆଦିଲ୍ଲୀ,୩।୩

ଚାଇନା ପରେ ସର୍ବାଧିକ କରୋନା ଆକ୍ରାନ୍ତ ଦକ୍ଷିଣ କୋରିଆ, ଇରାନ, ଇଟାଲି ଓ ଜାପାନର ନାଗରିକଙ୍କୁ ମିଳିଥିବା ନିୟମିତ ଭିଜାଗୁଡ଼ିକୁ ସରକାର ମଙ୍ଗଳବାର ରଦ୍ଦ କରିଛନ୍ତି। ମାର୍ଚ୍ଚ ୩ ପୂର୍ବରୁ ସେମାନଙ୍କୁ ଦିଆଯାଇଥିବା ନିୟମିତ ଭିଜା ଓ ଇ- ଭିଜା ପ୍ରତ୍ୟାହାର କରାଯାଇଛି। ନିହାତି ଆବଶ୍ୟକ ସ୍ଥଳେ ସେମାନଙ୍କୁ ନିକଟସ୍ଥ ଭାରତୀୟ ଦୂତାବାସରେ ପୁନଃ ଭିଜା ଆବେଦନ କରିବାକୁ ପଡ଼ିବ ବୋଲି ଦର୍ଶାଯାଇଛି। ପୂର୍ବରୁ ଫେବୃୟାରୀ ୫ରେ ଚାଇନା ନାଗରିକଙ୍କ ଲାଗି ଭିଜା ରଦ୍ଦ କରାଯାଇଥିଲା। ସେହିଭଳି ଭାରତକୁ ଆସିବା ଲାଗି ଗତ ଫେବୃୟାରୀ ପହିଲାରୁ ଭିଜା ହାସଲ କରିଥିବା ଏହି ୫ ଦେଶର ନାଗରିକ ଭାରତରେ ପ୍ରବେଶ କରି ନ ଥିଲେ, ନିହାତି ଜରୁରି କ୍ଷେତ୍ରରେ ସେମାନଙ୍କୁ ପୁଣି ଏଥିଲାଗି ଆବେଦନ କରିବାକୁ ପଡ଼ିବ। ତେବେ ବିଦେଶୀ କୂଟନୀତିଜ୍ଞ, ଜାତିସଂଘ ଅଧିକାରୀଙ୍କ କ୍ଷେତ୍ରରେ ଏହି କଟକଣା ଲାଗୁ କରାଯାଇ ନ ଥିଲେ ହେଁ ସେମାନଙ୍କ ଡାକ୍ତରୀ ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି। ବିଦେଶରୁ ଭାରତ ଆସୁଥିବା ବିମାନଯାତ୍ରୀ ବ୍ୟକ୍ତିଗତ ତଥ୍ୟ, ଫୋନ ନମ୍ବର, ଠିକଣା, ଗସ୍ତ ଇତିହାସ ଦେବା ସହ ମେଡିକାଲ ପରୀକ୍ଷା କରାଯିବା ବାଧ୍ୟତାମୂଳକ କରାଯାଇଛି। ବିଭିନ୍ନ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ସହ ଏନେଇ କେନ୍ଦ୍ର ସରକାର ସମୀକ୍ଷା କରୁଥିବା ପ୍ରଧାନମନ୍ତ୍ରୀ ମୋଦି ପ୍ରକାଶ କରିଛନ୍ତି। ସମ୍ପ୍ରତି ବିଶ୍ୱବ୍ୟାପୀ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ କରୋନାରେ ପ୍ରାଣ ହରାଇଥିବା ବେଳେ ୯୦ ହଜାର ସଂକ୍ରମିତ ଥିବା ଜଣାପଡ଼ିଛି। ଚାଇନା ପରେ ଇରାନ, ଇଟାଲୀ, ଦକ୍ଷିଣ କୋରିଆ ଓ ଅନ୍ୟ ଦେଶଗୁଡ଼ିକୁ ଏହା ବ୍ୟାପିବାରେ ଲାଗିଛି। କରୋନା ସଂକ୍ରମିତ ଦେଶଗୁଡ଼ିକୁ ଯାତ୍ରା ନ କରିବା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟ ନାଗରିକଙ୍କୁ ପରାମର୍ଶ ଦିଆଯାଇଛି। ବିଦେଶରୁ ଆସୁଥିବା ଲୋକଙ୍କୁ ବିମାନବନ୍ଦରରେ କଡ଼ାକଡ଼ି ଯାଞ୍ଚ ☞ପୃଷ୍ଠା-୪



### ବିମାନବନ୍ଦରରେ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ବାଧ୍ୟତାମୂଳକ

ଭୁବନେଶ୍ୱର, ୩।୩(ବ୍ୟୁରୋ)

କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଏନେଇ ଡିଏମ୍ଇଟିଙ୍କୁ ତଦାରଖ ପାଇଁ ଦାୟିତ୍ୱ ଦିଆଯାଇଛି। ବିମାନବନ୍ଦର ଓ ହସ୍ପିଟାଲଗୁଡ଼ିକୁ ଆଲର୍ଟ କରାଯାଇଛି। ବିମାନ ଯାତ୍ରୀଙ୍କୁ ସ୍କ୍ରିନିଂ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ସବୁ ହସ୍ପିଟାଲକୁ କରୋନା ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ପ୍ରସ୍ତୁତ ରଖାଯାଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ସୂଚନା ଦେଇଛନ୍ତି। ସ୍କ୍ରିନିଂରେ ସନ୍ଦେହ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରିବାକୁ କୁହାଯାଇଥିବା ମନ୍ତ୍ରୀ କହିଛନ୍ତି। ସେପଟେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ହାଇ ଆଲର୍ଟ ଜାରି କରାଯାଇଛି ଓ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବିମାନବନ୍ଦରରେ ବିଦେଶରୁ ଆସୁଥିବା ସମସ୍ତ ଯାତ୍ରୀଙ୍କୁ ଯାଞ୍ଚ କରାଯାଉଛି। ସମସ୍ତ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକୁ ବାଧ୍ୟତାମୂଳକ କରାଯାଇଛି ବୋଲି ନିର୍ଦ୍ଦେଶକ ଭି.ଭି. ରାଓ କହିଛନ୍ତି।

## ଏସ୍ସିବି ମେଡିକାଲରେ କରୋନା ସନ୍ଦିଗ୍ଧ ଦମ୍ପତି


ପାରାଦୀପ ବନ୍ଦରରୁ ଆମ୍ବୁଲାନ୍ସ ଯୋଗେ ସନ୍ଦିଗ୍ଧ ଦମ୍ପତିଙ୍କୁ କଟକ ଏସ୍ସିବିକୁ ନିଆଯାଉଛି।

- ପାରାଦୀପ ବନ୍ଦରରେ ହେଲା ପ୍ରାଥମିକ ପରୀକ୍ଷା
- ଚାଇନାରୁ ଭାୟା ସିଙ୍ଗାପୁର ହୋଇ ଜାହାଜରେ ଆସିଥିଲେ

କଟକ ଅଫିସ/ପାରାଦୀପ(ସ୍ୱ.ପ୍ର.),୩।୩

ଚାଇନାରୁ ଭାୟା ସିଙ୍ଗାପୁର ଦେଇ ଜାହାଜରେ ପାରାଦୀପ ଆସିଥିବା ଏକ ଭାରତୀୟ ଦମ୍ପତି କରୋନା ଭୂତାଣୁରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଉଛି। ମଙ୍ଗଳବାର ପାରାଦୀପ ବନ୍ଦରରେ ଜାହାଜ ଲାଗିବା ପରେ ପ୍ରାଥମିକ ଚିକିତ୍ସା କରାଯାଇ ଉଭୟଙ୍କୁ କଟକ ଏସ୍ସିବି ମେଡିକାଲର ସ୍ୱତନ୍ତ୍ର କରୋନା ଭୂତାଣୁ ୱାର୍ଡରେ ଭର୍ତ୍ତି କରାଯାଇଛି। ସେମାନଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପୁଣେ ପଠାଯିବ। ପରୀକ୍ଷା ରିପୋର୍ଟ ଆସିବା ପରେ ସେମାନେ କରୋନା ଭୂତାଣୁରେ ଆକ୍ରାନ୍ତ ହୋଇଛନ୍ତି ନା ନାହିଁ, ତାହା ସ୍ପଷ୍ଟ ହେବ ବୋଲି ଏସ୍ସିବି ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟଙ୍କ ଠାରୁ ମିଳିଥିବା ସୂଚନା ☞ପୃଷ୍ଠା-୪

# ପୁରୀରେ ନୀଳାଦ୍ରି ନିଳୟ ଆରମ୍ଭ

- ପ୍ରଥମ ଦିନରେ ୩୧ ଭିକାରିଙ୍କ ପୁନର୍ବାସ ବ୍ୟବସ୍ଥା ହେଲା
- ଶ୍ରୀକ୍ଷେତ୍ରକୁ ଭିକ୍ଷୁକମୁକ୍ତ ଉଦ୍ୟମ

ପୁରୀ ଅଫିସ, ୩।୩

ପୁରୀ ସହରର ଭିକାରିମାନଙ୍କ ପୁନର୍ବାସ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ କରାଯାଇଛି ନୀଳାଦ୍ରି ନିଳୟ ପ୍ରକଳ୍ପ। ମଙ୍ଗଳବାର ପ୍ରଥମ ଦିନରେ ସିଂହଦ୍ୱାର ନିକଟରେ ବସୁଥିବା ଭିକାରିମାନଙ୍କୁ କାଉନ୍ସେଲିଂ କରାଯାଇଛି। କାଉନ୍ସେଲିଂ ପରେ ୩୧ ଜଣଙ୍କୁ ନୀଳାଦ୍ରି ନିଳୟ (ଭିକାରି ପୁନର୍ବାସ ଗୃହ)କୁ ପଠାଯାଇଛି। ପୁରୀ ସହରକୁ ସମ୍ପୂର୍ଣ୍ଣ ଭିକାରିମୁକ୍ତ କରିବା ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି।

ପୁରୀ ସହରକୁ ଭିକ୍ଷୁକମୁକ୍ତ କରିବା ଲାଗି ସକ୍ଷମ ଯୋଜନା ଅନ୍ତର୍ଗତ ପାଇଲଟ୍ ପ୍ରୋଜେକ୍ଟ ନୀଳାଦ୍ରି ନିଳୟ ଆରମ୍ଭ ହୋଇଛି। ଏଥିପାଇଁ ଗଠିତ ୪ଟି ଟିମ୍ର ପ୍ରାୟ ୪୦ ସ୍ୱେଚ୍ଛାସେବୀ ପୋଲିସ ସହାୟତାରେ ମଙ୍ଗଳବାର ପୂର୍ବାହ୍ନରେ ସିଂହଦ୍ୱାର ନିକଟରୁ ଭିକାରିମାନଙ୍କୁ ଉଦ୍ଧାର ଅଭିଯାନ ଆରମ୍ଭ କରିଥିଲେ। ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ କଡ଼ରେ ବସିଥିବା ଭିକାରିମାନଙ୍କୁ ପ୍ରଥମେ ବୁଝାଇଥିଲେ। ପ୍ରତ୍ୟେକଙ୍କ ନାଁ, ଗାଁ ଠିକଣା ଲେଖିବା ସହ ସେମାନଙ୍କୁ ଆଉ ବଡ଼ଦାଣ୍ଡରେ ବସିବାକୁ ପଡ଼ିବ ନାହିଁ, ସରକାର ସେମାନଙ୍କ ପାଇଁ ପୁନର୍ବାସ ବ୍ୟବସ୍ଥା କରିଥିବା କହି ୩୧ଜଣଙ୍କୁ ନୀଳାଦ୍ରି ନିଳୟକୁ ଆଣିଥିଲେ। ସେମାନଙ୍କ ମଧ୍ୟରେ ୧୮ଜଣ ବୟସ୍କ, ୬ଜଣ ଦିବ୍ୟାଙ୍ଗ ଏବଂ ୭ଜଣ ଶିକ୍ଷିତ ରହିଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ସଶକ୍ତୀକରଣ ଓ ସାମାଜିକ ସୁରକ୍ଷା ☞ପୃଷ୍ଠା-୯


ସିଂହଦ୍ୱାର ନିକଟରୁ ଜଣେ ଭିକ୍ଷୁକଙ୍କୁ ନୀଳାଦ୍ରି ନିଳୟ ନିଆଯାଉଛି।

# ବିଳମ୍ବ ହୋଇପାରେ ଟୋକିଓ ଅଲିମ୍ପିକ୍ସ

- କରୋନା ଭାଇରସ୍ର ପ୍ରଭାବ
- ପାର୍ଲାମେଣ୍ଟର ଜାପାନ ଅଲିମ୍ପିକ ମନ୍ତ୍ରୀ ସିକୋ ହାସିମୋତେଙ୍କ ସୂଚନା
- ବର୍ଷର ଶେଷ ଭାଗରେ ଆୟୋଜନ ସମ୍ଭାବନା
- ଆବଶ୍ୟକସ୍ଥଳେ ସମ୍ପୂର୍ଣ୍ଣ ବାତିଲ କରାଯିବ
- ବିଶ୍ୱଯୁଦ୍ଧ ଯୋଗୁ ପୂର୍ବରୁ ୩ ଥର ବାତିଲ ହୋଇଛି ଅଲିମ୍ପିକ୍ସ

TOKYO 2020

ଟୋକିଓ, ୩।୩ (ଏପି)

କରୋନା ଭାଇରସ୍ ପ୍ରଭାବ ଯୋଗୁ ୨୦୨୦ ଟୋକିଓ ଅଲିମ୍ପିକ୍ସର ବିଳମ୍ବ ଘଟିପାରେ। ଜାପାନ ଅଲିମ୍ପିକ ମନ୍ତ୍ରୀ ସିକୋ ହାସିମୋତେ ପାର୍ଲାମେଣ୍ଟର ଉଚ୍ଚ ସଦନରେ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି। କାର୍ଯ୍ୟସୂଚୀ ଅନୁସାରେ ୨୦୨୦ ଅଲିମ୍ପିକ୍ସ ଜୁଲାଇ ୨୪ରୁ ଆରମ୍ଭ ହେବା କଥା। ମାତ୍ର କରୋନା ଭାଇରସ ଆତଙ୍କ ଯୋଗୁ ଏହି ମେଗା ଇଭେଣ୍ଟ ବର୍ଷର ଶେଷ ଭାଗରେ ଯେକୌଣସି ସମୟରେ ଆୟୋଜନ କରାଯାଇ ପାରେ ବୋଲି ସେ କହିଛନ୍ତି। ପାରାଅଲିମ୍ପିକ୍ସ ଅଗଷ୍ଟ ୨୫ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି।

କରୋନା ଭାଇରସ ବ୍ୟାପିବାରେ ଲାଗିଛି। ଏଥିରେ ସଂକ୍ରମିତ ହୋଇ ଜାପାନରେ ଇତିମଧ୍ୟରେ ୧୨ଜଣଙ୍କର ମୃତ୍ୟୁ ଘଟିଲାଣି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଅଧିକାଂଶ ସ୍କୁଲକୁ ବନ୍ଦ ରଖାଯାଇଛି। ଦେଶରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ସମେତ ଅଲିମ୍ପିକ ସମ୍ପର୍କିତ ଇଭେଣ୍ଟଗୁଡ଼ିକ ସ୍ଥଗିତ ରଖାଯାଇଛି। ଚାଇନାରୁ ସୃଷ୍ଟି ହୋଇଥିବା ଏହି ଭାଇରସ ଇତିମଧ୍ୟରେ ଅତିକମ୍ରେ ୭୦ଟି ଦେଶକୁ ବ୍ୟାପିଛି। ଏଥିରେ ୯୦,୦୦୦ ସଂକ୍ରମିତ ହୋଇ ସାରିଥିବାବେଳେ, ୩,୧୦୦ଜଣଙ୍କର ପ୍ରାଣହାନି ଘଟି ସାରିଲାଣି। ୨୦୨୦ରେ ଯଦି ଅଲିମ୍ପିକ୍ସ ଆୟୋଜନ ନ ହୋଇ ପାରେ ତେବେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ଏହାକୁ ବାତିଲ କରିଦେଇପାରିବ ବୋଲି ହାସିମୋତୋ ପାର୍ଲାମେଣ୍ଟରେ ପ୍ରକାଶ କରିଛନ୍ତି। ଏଥିରୁ ଯାହା ବୁଝା ପଡୁଛି ଆବଶ୍ୟକ ସ୍ଥଳେ ଗେମ୍ସକୁ ଯଥା ସମୟରେ ନ କରି କ୍ୟାଲେଣ୍ଡର ବର୍ଷରେ ଯେକୌଣସି ସମୟରେ ଆୟୋଜନ କରାଯାଇ ପାରେ ନଚେତ ସମ୍ପୂର୍ଣ୍ଣ ବାତିଲ କରାଯାଇ ପାରେ। ଅନ୍ୟପକ୍ଷରେ ଆଇଓସି ସଭାପତି ଥୋମାସ ବ୍ୟାକ୍ ଏବଂ ଟୋକିଓର ଆୟୋଜକଗଣ ☞ପୃଷ୍ଠା-୪




କରୋନା ଭାଇରସ୍‌କୁ ନେଇ ସାରା ବିଶ୍ୱ ଆତଙ୍କିତ ହୋଇପଡ଼ିଥିବାବେଳେ ତେଲଙ୍ଗାନାରେ ଏହି ଭୂତାଣୁ ସଂକ୍ରମଣରୁ ସୁରକ୍ଷା ପାଇବା ପାଇଁ ହୋମିଓପାଥିକ୍ ମେଡିସିନ ବଣ୍ଟାଯାଉଛି। କୋଭିଡ-୧୯ର ପ୍ରତିକାର ଲାଗି ବୟସ୍କଙ୍କୁ ୩ ଦିନ ଯାଏ ୬ଟି ପିଲ୍ ସେବନ କରିବାକୁ ଆୟୁଷ ବିଭାଗ ପରାମର୍ଶ ଦେଇଛି। ସୋସିଆଲ ମିଡିଆରେ ଏହି ପଦକ୍ଷେପ ବହୁ ସମାଲୋଚିତ ହୋଇଛି।




ସାମ୍ପ୍ରଦାୟିକ ଦଙ୍ଗା ଯୋଗୁ ବିସ୍ଥାପିତ ହୋଇଥିବା ପରିବାର ଉତ୍ତର-ପୂର୍ବ ଦିଲ୍ଲୀର ମୁସ୍ତାଫାବାଦ ଅଞ୍ଚଳସ୍ଥିତ ଇଦ୍‌ଗା ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି।



ଦିଲ୍ଲୀ ହିଂସାକୁ ବିରୋଧ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଇସ୍ତଫା ସହ ସିଏଏ ଏବଂ ଏନ୍‌ଆର୍‌ସି ପ୍ରତ୍ୟାହାର ଦାବିରେ ବିକ୍ଷୋଭ କରୁଛନ୍ତି ଛାତ୍ରୀଛାତ୍ର।

# ହୋଲି ପରେ ଦିଲ୍ଲୀ ହିଂସା ଆଲୋଚନା

**ନୂଆଦିଲ୍ଲୀ,୩।୩(ପି.ଟି.)**

ଦିଲ୍ଲୀ ଦଙ୍ଗା ପ୍ରସଙ୍ଗ ଉପରେ ଆଲୋଚନା ଦାବିକରି ବିରୋଧୀ ଦୁଇଦିନ ହେଲା ଗୃହକୁ ଅଚଳ କରି ରଖିଛନ୍ତି। ହୋଲି ପରେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ମଙ୍ଗଳବାର କହିଛନ୍ତି। ଲୋକ ସଭାରେ ତୁରନ୍ତ ଆଲୋଚନା ଦାବି କରି ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଦ୍ୱିତୀୟ ଦିନ ପାଇଁ ଭାଜପା ଓ ବିରୋଧୀ ସଦସ୍ୟଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ହୋହଲ୍ଲା ଲାଗି ରହିବାରୁ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଟ୍ରେଜେରି ବେଞ୍ଚ୍ ଆଡକୁ ମାଡ଼ିଆସିବାରୁ ଉତ୍ତେଜନା ବୃଦ୍ଧି ପାଇଥିଲା। ଯେଉଁମାନେ ଅନ୍ୟ ପାର୍ଶ୍ୱକୁ ଯିବେ ସେମାନଙ୍କୁ ନିଲମ୍ବନ କରାଯିବ ବୋଲି ବାଚସ୍ପତି ଉଭୟ ସରକାରୀ ଓ ବିରୋଧୀ ସଦସ୍ୟମାନଙ୍କୁ କହିଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ ଠେଲାପେଲା ହେବାରୁ ବାଚସ୍ପତି ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।

ସୋମବାର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ଲୋକସଭାରେ ଶାସକ-ବିରୋଧୀ ସଦସ୍ୟ ଧସ୍ତାଧସ୍ତି ହୋଇଥିଲେ। ସରକାର ଆଲୋଚନାକୁ ଏଡାଇ ଯିବାକୁ ଉଦ୍ୟମ କରୁଛନ୍ତି ବୋଲି ଡିଏମ୍‌କେ ନେତା ଟି.ଆର୍. ବାଲୁ କହିଥିଲେ। କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ତୁରନ୍ତ ଆଲୋଚନା ଦାବି କରିଥିଲେ। ଦିଲ୍ଲୀରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ଉପରେ ସରକାର ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ଏହା ସତ୍ତ୍ୱେ ଶୂନ୍ୟକାଳରେ ସରକାର ଦିଲ୍ଲୀ ହିଂସା ସମ୍ପର୍କରେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିବା ସତ୍ତ୍ୱେ ବିରୋଧୀମାନେ ତୁରନ୍ତ ଆଲୋଚନା ଦାବିରେ ଅଡିବସିବାରୁ ଗୃହକାର୍ଯ୍ୟ ଚାଲିପାରି ନ ଥିଲା। ଜୋଷୀଙ୍କ ଉତ୍ତରରେ ବିରୋଧୀ ସନ୍ତୁଷ୍ଟ ନ ହେବାରୁ ସେ ବାଚସ୍ପତିଙ୍କ ଉପରେ ନିଷ୍ପତ୍ତି ଛାଡ଼ିଦେଇଥିଲେ। ବିରୋଧୀ ସଦସ୍ୟମାନେ ପ୍ଲାକାର୍ଡ ଦେଖାଇ ସ୍ଲୋଗାନ ଦେଇଥିଲେ। ପ୍ଲାକାର୍ଡକୁ ଅନୁମତି ଦିଆଯିବ ନାହିଁ ବୋଲି ବାଚସ୍ପତି ବିର୍ଲା କହିବାରୁ ବିରୋଧୀ ଏମ୍‌ପିମାନେ ଏହାର ପ୍ରତିବାଦ କରିଥିଲେ।

ରାଜ୍ୟ ସଭାରେ ମଧ୍ୟ ମଙ୍ଗଳବାର ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦିଲ୍ଲୀ ହିଂସା ପ୍ରସଙ୍ଗରେ ବିରୋଧୀମାନେ ତୁରନ୍ତ ଆଲୋଚନା ଦାବି କରିଥିଲେ। ଯଦି ଦିଲ୍ଲୀରେ ସ୍ୱାଭାବିକ ସ୍ଥିତି ଫେରିଲାଣି ବୋଲି ସରକାର କହୁଛନ୍ତି ତେବେ ସରକାର ଏହା ଉପରେ ଆଲୋଚନା କରନ୍ତୁ ନଚେତ୍ ସ୍ଥିତି ସ୍ୱାଭାବିକ ହୋଇନାହିଁ କୁହନ୍ତୁ ବୋଲି ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ କହିଥିଲେ। ବିରୋଧୀ ହଟ୍ଟଗୋଳ କରିବାରୁ ଉପାଧ୍ୟକ୍ଷ ହରିବଂଶ ଗୃହକୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

## ବିରୋଧୀଙ୍କ ହଟ୍ଟଗୋଳ, ଲୋକ ସଭା ମୁଲତବୀ





"ଗୃହରେ ଅପର ପକ୍ଷକୁ ଯାଇ ବିଭ୍ରାଟ କଲେ ନିଲମ୍ବିତ ହେବେ ସଦସ୍ୟ। ପ୍ଲାକାର୍ଡକୁ ଅନୁମତି ଦିଆଯିବ ନାହିଁ।

**– ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି**

# 'ଆଭ୍ୟନ୍ତରୀଣ ବ୍ୟାପାରରେ ବରଦାସ୍ତ କରାଯିବନି ହସ୍ତକ୍ଷେପ'

**ନୂଆଦିଲ୍ଲୀ,୩।୩(ପି.ଟି.)**

## ସୁପ୍ରିମକୋର୍ଟରେ ୟୁଏନ୍‌ଏଚ୍‌ଆର୍‌ସି

ସିଏଏକୁ ନେଇ ୟୁଏନ୍‌ଏଚ୍‌ଆର୍‌ସି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ମଙ୍ଗଳବାର ଏମ୍‌ଇଏ ମୁଖପାତ୍ର ରବୀଶ କୁମାର ଭାରତର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଜେନେଭାସ୍ଥିତ ଭାରତର ସ୍ଥାୟୀ କମିଶନକୁ ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ ସୋମବାର ସନ୍ଧ୍ୟାରେ ଅବଗତ କରିଥିଲେ ଯେ, ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ହସ୍ତକ୍ଷେପ ପିଟିଶନ ଦାଏର କରାଯାଇଛି। ତେବେ ନାଗରିକତ୍ୱ ସଂଶୋଧନ ଆଇନ, ୨୦୧୯ ହେଉଛି ଭାରତର ଆଭ୍ୟନ୍ତରୀଣ ବ୍ୟାପାର। ଏହି ଆଇନ ପ୍ରଣୟନ କରିବା 'ଭାରତୀୟ ପାର୍ଲାମେଣ୍ଟର ସାର୍ବଭୌମ ଅଧିକାର'। ଆମେ ଦୃଢ଼ତାର ସହ ମାନୁଛୁ ଯେ କୌଣସି ବିଦେଶୀ ପକ୍ଷ ଏହି ପ୍ରସଙ୍ଗ ଉପରେ ଆପତ୍ତି ଉଠାଇପାରିବେ ନାହିଁ। ସିଏଏ ସାମ୍ବିଧାନିକ ଭାବେ ବୈଧ ଓ ସମ୍ବିଧାନର ମୂଲ୍ୟବୋଧ ଅନୁସାରେ ସବୁ ଆବଶ୍ୟକତାକୁ ପୂରଣ କରୁଛି। ଭାରତ ବିଭାଜନ ବେଳେ ସୃଷ୍ଟି ହୋଇଥିବା ମାନବାଧିକାର ସମସ୍ୟା ସମାଧାନ ଦିଗରେ ଆମର ଜାତୀୟ ପ୍ରତିଶ୍ରୁତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି। ଭାରତ ଏକ ଗଣତାନ୍ତ୍ରିକ ଦେଶ ଓ ଆଇନକୁ ନେଇ ଚାଲିଥାଏ। ଆମ ନ୍ୟାୟପାଳିକାର ସ୍ୱାଧୀନତା ଉପରେ ପୂର୍ଣ୍ଣ ଆସ୍ଥା ଓ ସମ୍ମାନ ରହିଛି। ତେଣୁ ଦେଶର ସୁସ୍ଥ ଓ ଆଇନତଃ ଦୃଢ଼ ଆଭିମୁଖ୍ୟ ସୁପ୍ରିମକୋର୍ଟରେ ବଳବତ୍ତର ରହିବ ବୋଲି ଆମେ ଦୃଢ଼ ଆଶାବାଦୀ ବୋଲି ରବୀଶ କୁମାର କହିଛନ୍ତି।


ରବୀଶ କୁମାର

# ଗିରଫ ହେଲେ ଶାହରୁଖ

**ନୂଆଦିଲ୍ଲୀ,୩।୩(ପି.ଟି.)**

ଉତ୍ତରପୂର୍ବ ଦିଲ୍ଲୀର ମୌଜପୁରରେ ଗତ ସପ୍ତାହରେ ହିଂସାକାଣ୍ଡ ବେଳେ ସାଦା ପୋଷାକଧାରୀ ପୋଲିସ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇଥିବା ଶୁଟର ମହମ୍ମଦ ଶାହରୁଖଙ୍କୁ ଉତ୍ତରପ୍ରଦେଶର ଶାମଲି ଜିଲାରୁ ଗିରଫ କରାଯାଇଛି। ସେଠାରୁ ଖସି ପଳାଇଯିବାକୁ ଯୋଜନା କରୁଥିବା ଶାହରୁଖଙ୍କୁ ପୋଲିସ ଗିରଫ କରିବା ପରେ ଦିଲ୍ଲୀ ଆଣିଛି। ସେ ହିଂସାକାଣ୍ଡ ବେଳେ ପିସ୍ତଲରୁ ୩ଟି ଗୁଳି ଚଳାଇଥିଲେ ବୋଲି ଅତିରିକ୍ତ ପୋଲିସ କମିଶନର (କ୍ରାଇମ୍ ବ୍ରାଞ୍ଚ) ଏ.କେ. ସିଙ୍ଗ୍ଲା କହିଛନ୍ତି। କୋର୍ଟରେ ହାଜର କରାଯିବା ପରେ ତାଙ୍କୁ ପୋଲିସ ରିମାଣ୍ଡରେ ନେଇ ଜେରା କରିବ ବୋଲି ସିଙ୍ଗଲା ସୂଚନା ଦେଇଛନ୍ତି।



## ଦିଲ୍ଲୀ ଦଙ୍ଗାବେଳେ ପୋଲିସକୁ ଦେଖାଇଥିଲେ ବନ୍ଧୁକ

ଫେବୃୟାରୀ ୨୪ରେ ହିଂସାବେଳେ ଜାଫରାବାଦ-ମୌଜପୁର ରାସ୍ତାରେ ଶାହରୁଖ ପୋଲିସ ଉପରକୁ ବନ୍ଧୁକ ଦେଖାଇଥିବାର ଭିଡିଓ ଭାଇରାଲ ହୋଇଥିଲା।

# ୫ ବିଦେଶୀଙ୍କୁ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୩।୩**

## ସିଏଏ ବିରୋଧୀ ବିକ୍ଷୋଭରେ ସାମିଲ ଥିଲେ

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ବିକ୍ଷୋଭରେ ସାମିଲ ହୋଇଥିବା ୫ ଜଣ ବିଦେଶୀ ଭିଜା ନିୟମର ଉଲ୍ଲଂଘନ କରିଥିବାରୁ ସେମାନଙ୍କୁ ଦେଶ ଛାଡ଼ି ଚାଲିଯିବା ଲାଗି କୁହାଯାଇଛି। ମଙ୍ଗଳବାର ଲୋକ ସଭାରେ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଇମିଗ୍ରେଶନ ବ୍ୟୁରୋ ରିପୋର୍ଟ ଅନୁଯାୟୀ, ୫ ବିଦେଶୀ ଭିଜା ନିୟମ ଉଲ୍ଲଂଘନ କରି ବିକ୍ଷୋଭରେ ସାମିଲ ହୋଇଥିଲେ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି।



ବିଭିନ୍ନ ଛାତ୍ର ସଙ୍ଗଠନର ସଦସ୍ୟମାନେ ପାର୍ଲାମେଣ୍ଟ ନିକଟରେ ସିଏଏ-ଏନ୍‌ଆର୍‌ସି-ଏନ୍‌ପିଆର୍ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ପୁଲ୍‌ୱାମା ଆକ୍ରମଣ: ବାପ-ଝିଅ ଗିରଫ

**ଶ୍ରୀନଗର,୩।୩(ପି.ଟି.)**

ଗତବର୍ଷ ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୪୦ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ଏହି ମାମଲାର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ମଙ୍ଗଳବାର ଜଣେ ବ୍ୟକ୍ତି ଓ ତାଙ୍କ ଝିଅଙ୍କୁ ଗିରଫ କରିଛି। ଏହି ଆକ୍ରମଣ ଷଡ଼ଯନ୍ତ୍ର ସହ ସେମାନେ ଜଡ଼ିତ ଥିଲେ ବୋଲି ଏନ୍‌ଆଇଏ ଜାଣିବାକୁ ପାଇଛି। ପୁଲ୍‌ୱାମା ଜିଲାର ହକ୍‌ରିପୋରା ବାସିନ୍ଦା ତାରିକ୍ ଅହମଦ ଶାହ ଓ ତାଙ୍କ ଝିଅ ଇନ୍‌ଶା ଜାନ୍‌ଙ୍କ ଘରେ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ଆଦିଲ ଅହମଦ ଦର ଏକ ଭିଡିଓ ଶୁଟିଂ କରିଥିଲା। ଆକ୍ରମଣ ପରେ ପାକିସ୍ତାନରେ ଉକ୍ତ ଭିଡିଓ ପ୍ରସାରଣ କରାଯାଇଥିଲା। ଟ୍ରକ୍ ଡ୍ରାଇଭର ଥିବା ଶାହଙ୍କ ଘରେ ଆଦିଲଙ୍କ ସମେତ ପାକିସ୍ତାନୀ ଆତଙ୍କବାଦୀ ତଥା ଆଇଇଡି ପ୍ରସ୍ତୁତକାରୀ ମହମ୍ମଦ ଉମର ଫାରୁକ୍, କାମରନ, ପୁଲ୍‌ୱାମାର ଜେଇଏମ୍ ଆତଙ୍କବାଦୀ ସମୀର ଅହମଦ ଦର୍ ଏବଂ ଇସ୍‌ମାଇଲ ଓରଫ ଇବ୍ରାହିମ ଓରଫ ଆଦନାନ ରହୁଥିଲେ। ସେମାନେ ସେଠାରେ ଆତ୍ମଘାତୀ ଆକ୍ରମଣର ଯୋଜନା ପ୍ରସ୍ତୁତ କରିବା ସହ ଏହାର ଭିଡିଓ ପ୍ରସ୍ତୁତ କରିଥିଲେ ବୋଲି ଏନ୍‌ଆଇଏ ମୁଖପାତ୍ର କହିଛନ୍ତି। ଆତଙ୍କବାଦୀମାନେ ଶାହଙ୍କ ଘରେ ୨୦୧୮-୧୯ ମଧ୍ୟରେ ଏକାଧିକ ଥର ରହିଥିଲେ। ଶାହଙ୍କ ଝିଅ ଇନ୍‌ଶା ସେମାନଙ୍କୁ ଖାଦ୍ୟ ଓ ଅନ୍ୟାନ୍ୟ ସୁବିଧା ଯୋଗାଇଦେଉଥିଲେ। ଇନ୍‌ଶା ଆତଙ୍କବାଦୀ ମହମ୍ମଦ ଉମର ଫାରୁକଙ୍କ ସହ ନିୟମିତ ଯୋଗାଯୋଗରେ ଥିଲେ ବୋଲି ଏନ୍‌ଆଇଏ ପକ୍ଷରୁ କୁହାଯାଇଛି।





# ଦିଲ୍ଲୀ ଦଙ୍ଗା: ୪୩୬ ମାମଲା ରୁଜୁ, ୧୪୨୭ ଗିରଫ

**ନୂଆଦିଲ୍ଲୀ,୩।୩(ପି.ଟି.)**

ଦିଲ୍ଲୀ ସାମ୍ପ୍ରଦାୟିକ ଦଙ୍ଗା ଘଟଣାରେ ଏପର୍ଯ୍ୟନ୍ତ ୪୩୬ଟି ମାମଲା ରୁଜୁ ହେବା ସହ ୧୪୨୭ ଜଣଙ୍କୁ ଗିରଫ କିମ୍ବା ଅଟକ ରଖାଯାଇଛି। ଦିଲ୍ଲୀ ପୋଲିସର ସୂଚନା ଅନୁଯାୟୀ, ଅସ୍ତ୍ରଶସ୍ତ୍ର ଆଇନରେ ୪୫ ମାମଲା ରୁଜୁ ହୋଇଛି। ଗତ ୬ ଦିନ ମଧ୍ୟରେ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଦଙ୍ଗା ସମ୍ପର୍କରେ କୌଣସି ଫୋନ୍‌କଲ ଆସିନାହିଁ। ଦଙ୍ଗା ଅଞ୍ଚଳରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ପୋଲିସ କହିଛି।

# ବିକ୍ଷୋଭ ବେଳେ ୧୮୫ ଛାତ୍ରୀଛାତ୍ର ଅଟକ

**ନୂଆଦିଲ୍ଲୀ,୩।୩(ପି.ଟି.)**

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ଓ ଜାତୀୟ ରାଜଧାନୀରେ ସଦ୍ୟ ଘଟିଥିବା ସାମ୍ପ୍ରଦାୟିକ ହିଂସା ପ୍ରତିବାଦରେ ମଙ୍ଗଳବାର ଦିଲ୍ଲୀର ରାମଲୀଲା ମଇଦାନକୁ ବିକ୍ଷୋଭ ଶୋଭାଯାତ୍ରାରେ ଯାଉଥିବା ବେଳେ ୧୮୫ ଛାତ୍ରୀଛାତ୍ରଙ୍କୁ ଅଟକ ରଖାଯାଇଥିଲା। କମଲା ମାର୍କେଟ, ହରି ନଗର ଓ ବାୱାନା ସମେତ ବିଭିନ୍ନ ଥାନାରେ ସେମାନଙ୍କୁ ଅଟକ ରଖାଯିବା ପରେ ଛାଡ଼ିଦିଆଯାଇଥିଲା। ଏବେ ସମସ୍ତ ବିକ୍ଷୋଭକାରୀ ମୁକ୍ତ ବୋଲି କେନ୍ଦ୍ରୀୟ ଦିଲ୍ଲୀ ଡେପୁଟି ପୋଲିସ କମିଶନର ସଞ୍ଜୟ ଭାଟିଆ ସୂଚନା ଦେଇଛନ୍ତି। ସିଏଏ ଏବଂ ଦିଲ୍ଲୀ ଦଙ୍ଗା ପ୍ରତିବାଦରେ ମଙ୍ଗଳବାର ସକାଳେ ଯନ୍ତରମନ୍ତରରେ ପ୍ରାୟ ୨୦୦ ଛାତ୍ରୀଛାତ୍ର ଏକତ୍ରିତ ହୋଇଥିଲେ। ୟଙ୍ଗ୍ ଇଣ୍ଡିଆ କୋଅର୍ଡିନେଶନ କମିଟିର ଆହ୍ୱାନ କ୍ରମେ ସେମାନେ ରାମଲୀଲା ମଇଦାନ ଅଭିମୁଖେ ଶୋଭାଯାତ୍ରାରେ ଯାଉଥିଲେ। ବିକ୍ଷୋଭକାରୀଙ୍କ ମଧ୍ୟରେ ପୂର୍ବତନ ଆଇଏଏସ୍ ଅଧିକାରୀ କନ୍ନାନ ଗୋପିନାଥନ୍ ସାମିଲ ଥିଲେ। ସେମାନଙ୍କ ହାତରେ ଥିବା ବ୍ୟାନର ଓ ପୋଷ୍ଟରରେ ଲେଖାଥିଲା, 'ଦଙ୍ଗା ନୁହେଁ, ଶାନ୍ତି', 'ଦେଶଦ୍ରୋହ ଆଇନ ଉଚ୍ଛେଦ କର', 'ଗରିବ ଓ ମୁସ୍‌ଲିମ ବିରୋଧୀ ଆଇନକୁ ହଟାଅ' ଏବଂ 'ସିଏଏ ବିରୋଧୀ ବିକ୍ଷୋଭକାରୀଙ୍କ ଉପରେ ପୋଲିସ ବର୍ବରତା ବନ୍ଦ ହେଉ'।

# କରୋନା ନିୟନ୍ତ୍ରଣରେ ଇରାନ ସେନା

**ଦୁବାଇ,୩।୩**

କରୋନା ଭୂତାଣୁ ସଂକ୍ରମଣ ରୋକିବା ଦିଗରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ସହାୟତା କରିବା ଲାଗି ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନୀ ଦେଶର ସୈନ୍ୟବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଚାଇନା ବାହାରେ ଇରାନରେ କରୋନା ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ସର୍ବାଧିକ ୭୭ରେ ପହଞ୍ଚିଥିବାରୁ ଆୟାତୋଲ୍ଲା ଏଭଳି ନିଷ୍ପତ୍ତି ନେଇଛନ୍ତି।

# ଶ୍ରୀଲଙ୍କା ପାର୍ଲାମେଣ୍ଟ ଭଙ୍ଗ କଲେ ଗୋଟାବାୟା

କଲମ୍ବୋ,୩।୩: ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେ ଦେଶର ପାର୍ଲାମେଣ୍ଟକୁ ଭଙ୍ଗ କରିନ୍ତି। ଏଥିସହିତ ଏପ୍ରିଲ ୨୫ରେ ନିର୍ବାଚନ ଘୋଷଣା କରାଯାଇଛି। ଏନେଇ ସ୍ୱତନ୍ତ୍ର ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂଆ ପାର୍ଲାମେଣ୍ଟ ଅଧିବେଶନ ମେ ୧୪ରେ ଆରମ୍ଭ ହେବ। ପାର୍ଲାମେଣ୍ଟ ଭଙ୍ଗ ହୋଇଥିବାରୁ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍‌ସେଙ୍କ ନେତୃତ୍ୱରେ କ୍ୟାବିନେଟ କାମଚଳା ସରକାର ଭାବେ କାର୍ଯ୍ୟ କରିବେ। ୨୨୫ ସଦସ୍ୟ ବିଶିଷ୍ଟ ପାର୍ଲାମେଣ୍ଟ ନିର୍ବାଚନରେ ୧୬ ନିୟୁତ ଭୋଟର ମତଦାନ ସାବ୍ୟସ୍ତ କରିବେ।



କେମ୍ବ୍ରିଜରେ ରାଷ୍ଟ୍ରପତି ପଦ ପାଇଁ ଡେମୋକ୍ରାଟିକ୍ ସିନେଟର ଏଲିଜାବେଥ୍ ୱାରେନ୍ ନିଜ ଯୁବ ସମର୍ଥକମାନଙ୍କ ସହ ଫଟୋ ପାଇଁ ପୋଜ୍ ଦେଉଛନ୍ତି। ତାଙ୍କ ସହ ସ୍ୱାମୀ ବ୍ରୁସ୍ ମ୍ୟାନ୍ (ବାମ) ବାସଭବନରୁ ନିକଟସ୍ଥ ପୋଲିଂ ଷ୍ଟେଶନ ଅଭିମୁଖେ ଯାଉଛନ୍ତି।

# ଫଡ଼ନବିସ୍‌ଙ୍କ ଆବେଦନ ସୁପ୍ରିମକୋର୍ଟରେ ଖାରଜ

**ନୂଆଦିଲ୍ଲୀ,୩।୩(ପି.ଟି.)**

ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ୨୦୧୪ ନିର୍ବାଚନୀ ସତ୍ୟପାଠରେ ତାଙ୍କ ନାଁରେ ଥିବା ଦୁଇଟି ଫୌଜଦାରି ମାମଲାର ବିବରଣୀ ଉଲ୍ଲେଖ କରି ନ ଥିଲେ। ସେଥିପାଇଁ ତାଙ୍କୁ ବିଚାରର ସମ୍ମୁଖୀନ ହେବା ଲାଗି ୨୦୧୯ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ରାୟର ପୁନର୍ବିଚାର ଲାଗି ଫଡ଼ନବିସ୍ କରିଥିବା ଆବେଦନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ଫଳରେ ତାଙ୍କୁ ଶକ୍ତ ଝଟ୍‌କା ଲାଗିଛି। ଗତବର୍ଷ ରାୟର ସମୀକ୍ଷା କରିବାର କୌଣସି କାରଣ ନାହିଁ ବୋଲି ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଦୀପକ ଗୁପ୍ତା ଓ ଅନିରୁଦ୍ଧ ବୋଷ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

## ପ୍ରିନ୍ସ ହ୍ୟାରିଙ୍କୁ ମହାରାଣୀ କହିଲେ

# ଫେରିଆସିଲେ ସ୍ୱାଗତ କରିବୁ

**ଲଣ୍ଡନ,୩।୩**

ତୁମେ ଯେତେବେଳେ ବି ଫେରିଆସିବ ଆମେ ତୁମକୁ ସ୍ୱାଗତ କରିବୁ। ରାଜକୀୟ ଉତ୍ତରଦାୟିତ୍ୱରୁ ଦୂରେଇ ଯାଇଥିବା ବ୍ରିଟେନର ମହାନ ରାଜବଂଶର ଅନ୍ୟତମ ଦାୟାଦ ପ୍ରିନ୍ସ ହ୍ୟାରିଙ୍କୁ ଏହା କହିଛନ୍ତି ସମ୍ରାଜ୍ଞୀ ଏଲିଜାବେଥ୍ ଦ୍ୱିତୀୟ। ସତେ ଯେମିତି ନିଜ ନାତି ହ୍ୟାରି ଓ ନାତୁଣୀ ବୋହୂ ମେଘାନ ମର୍କେଲଙ୍କୁ ଝୁରୁଛନ୍ତି ମହାରାଣୀ। ମଙ୍ଗଳବାର ସୋସିଆଲ ମିଡିଆ ଓ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଏହି ରିପୋର୍ଟ ଟ୍ରେଣ୍ଡିଂ କରିଛି।

ଖବରକାଗଜ 'ମେଟ୍ରୋ'ର ଏକ ଆଲେଖ୍ୟ ଅନୁସାରେ ୱିଣ୍ଡସୋର କ୍ୟାଶେଲରେ ରବିବାର ନାତି ସହ ଏକାଠି ବସିଥିଲେ ମହାରାଣୀ। ଆସନ୍ତା ସପ୍ତାହରେ ମେଘାନଙ୍କ ଶେଷ ଆନୁଷ୍ଠାନିକ ରାୟଲ ଏନ୍‌ଗେଜ୍‌ମେଣ୍ଟ ହେବାକୁ ଥିବାବେଳେ ଏହା ପୂର୍ବରୁ ମହାରାଣୀ ଏଲିଜାବେଥ ବିଚ୍ଛେଦଜନିତ କ୍ଷତ ଉପଶମ କରିବା ପାଇଁ ନାତିଙ୍କ ସହ ୪ ଘଣ୍ଟା ଧରି ଆଲୋଚନା କରିଥିଲେ। ୩୫ ବର୍ଷୀୟ ନାତିଙ୍କୁ ୯୩ ବର୍ଷୀୟା ଜେଜେମା' କହିଥିଲେ, ହ୍ୟାରି ତୁମେ ଯେତେବେଳେ ଚାହିଁବ ଫେରିଆସି ପାରିବ। ତୁମେ ପ୍ରତ୍ୟାବର୍ତ୍ତନ କଲେ ଆମେ ସହୃଦୟେ ସ୍ୱାଗତ କରିବୁ। ସେହି ସମୟରେ ବୈଠକରେ ଦୁହିଁଙ୍କ ଛଡ଼ା ଆଉ କେହି ନ ଥିଲେ ବୋଲି 'ଦି ସନ୍' ଏକ ରିପୋର୍ଟରେ ଉଲ୍ଲେଖ କରିଛି। ଏହା ପୂର୍ବରୁ ହୋଇଥିବା ସଣ୍ଡରିଂହାମ ସମିଟରେ ସାକ୍ଷାତ ବେଳର କଥୋପକଥନରୁ ସହଜ ମନେହେଉଥିଲେ ଉଭୟେ। ହ୍ୟାରି ଏହି ଲଞ୍ଚ ମିଟିଙ୍ଗ ପାଇଁ ଅନୁରୋଧ କରିଥିଲେ। ହ୍ୟାରି ଓ ମେଘାନଙ୍କ ବ୍ରିଟେନସ୍ଥିତ ବାସଭବନ ଫ୍ରଗମୋର୍‌ଠାରୁ ପ୍ରାୟ ଦୁଇ ମାଇଲ ପଥ ଚାଲି ଚାଲି ଅତିକ୍ରମ କରିଥିଲେ। ପ୍ରକାଶ ଯେ, ଗତମାସରେ ରାଜ ଦମ୍ପତି ଡ୍ୟୁକ୍ ଆଣ୍ଡ ଡଚେସ୍ ହଠାତ୍ ରାଜକୀୟ ଉତ୍ତରଦାୟିତ୍ୱରୁ ମୁକ୍ତ ହୋଇ ବ୍ୟବସାୟରେ ମନୋନିବେଶ କରିବା ପାଇଁ ସ୍ଥିର କରିଥିଲେ। ଏହି ନିଷ୍ପତ୍ତିର ଘୋଷଣା ବିଶ୍ୱକୁ ଚକିତ କରିଦେଇଥିଲା।


ବ୍ରିଟେନ୍ ସମ୍ରାଜ୍ଞୀ ଏଲିଜାବେଥ୍ ଦ୍ୱିତୀୟଙ୍କ ସହ ପ୍ରିନ୍ସ ହ୍ୟାରି।



ଆମେରିକାର ହ୍ୱାଇଟ୍‌ହାଉସ୍ କରୋନା ଭାଇରସ୍ ଟାସ୍କଫୋର୍ସରେ ପ୍ରବାସୀ ଭାରତୀୟ ସୀମା ବର୍ମା ସ୍ଥାନ ପାଇଛନ୍ତି। ଟ୍ରମ୍ପ ପ୍ରଶାସନ ପକ୍ଷରୁ ତାଙ୍କୁ ଏହି ଟାସ୍କଫୋର୍ସ ସଦସ୍ୟ ଭାବେ ନିଯୁକ୍ତି ମିଳିଥିବା ଉପରାଷ୍ଟ୍ରପତି ମାଇକ୍ ପେନ୍ସ ଘୋଷଣା କରିଛନ୍ତି। ପ୍ରକାଶଥାଉ କି, ଆମେରିକାରେ ଏପର୍ଯ୍ୟନ୍ତ ୬ ଜଣ ଏହି ରୋଗରେ ପ୍ରାଣ ହରାଇଥିବା ବେଳେ ୯୦ ସଂକ୍ରମିତ ଅଛନ୍ତି।

## ମରୀଚିକା




## ଆଜି 'ମୋ ସରକାର'ରେ ସାମିଲ ହେବ ଆଉ ୩ ବିଭାଗ

**ଭୁବନେଶ୍ୱର,୩।୩(ବ୍ୟୁରୋ)**

ବୁଧବାର ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା, ଶକ୍ତି ଏବଂ ଉଚ୍ଚଶିକ୍ଷା ବିଭାଗ 'ମୋ ସରକାର'ରେ ସାମିଲ ହେବାର ଅଛି। ସେଦିନ ସନ୍ଧ୍ୟା ସାଢ଼େ ୬ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୩ ବିଭାଗୀୟ ମନ୍ତ୍ରୀଙ୍କ ଉପସ୍ଥିତିରେ ଉପରୋକ୍ତ ୩ ବିଭାଗ 'ମୋ ସରକାର'ରେ ସାମିଲ ହେବ। ଗତ ସୋମବାର ରାଜ୍ୟ ସରକାରଙ୍କ ୫ଟି ବିଭାଗକୁ 'ମୋ ସରକାର'ରେ ସାମିଲ କରାଯାଇଥିବା ବେଳେ ଏ ପର୍ଯ୍ୟନ୍ତ ମୋଟ ୨୨ଟି ବିଭାଗ ସାମିଲ ହୋଇସାରିଛି। ସୂଚନାଯୋଗ୍ୟ, ରାଜ୍ୟର ବିଭିନ୍ନ ସରକାରୀ କାର୍ଯ୍ୟକୁ ସଫଳ ରୂପାୟନ କରିବା ଏବଂ ସମସ୍ତ ଜନକଲ୍ୟାଣକାରୀ ଯୋଜନାକୁ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ପାଇଁ 'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

# ୫୦ ସରକାରୀ ଡିଗ୍ରୀ କଲେଜରେ ନାହାନ୍ତି ନିୟମିତ ଅଧ୍ୟକ୍ଷ

**ଭୁବନେଶ୍ୱର, ୩।୩(ବ୍ୟୁରୋ)**

- ସ୍ୱୟଂଶାସିତ କଲେଜରେ ଖାଲି ରହିଛି ଶିକ୍ଷକ ପଦ
- ଭାରପ୍ରାପ୍ତ ଅଧ୍ୟକ୍ଷରେ ଚାଲିଛି ବହୁ ଯୁକ୍ତ୨ କଲେଜ

ଓଡ଼ିଶାରେ ଉଚ୍ଚଶିକ୍ଷାକୁ ବିଶ୍ୱସ୍ତରୀୟ କରିବା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଆପଣାଯାଉଛି। କିନ୍ତୁ ବାସ୍ତବଚିତ୍ର କିଛି ଅଲଗା ରହୁଛି। ରାଜ୍ୟ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ଅଧିକାଂଶ କଲେଜରେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ଏହା କଲେଜଗୁଡ଼ିକର ପ୍ରଶାସନିକ ପରିଚାଳନା ଓ ଶିକ୍ଷାଦାନ କ୍ଷେତ୍ରରେ ପ୍ରମୁଖ ସମସ୍ୟା ସୃଷ୍ଟି କରୁଛି। ସରକାରୀ ତଥ୍ୟ ଅନୁସାରେ, ଉଚ୍ଚଶିକ୍ଷା ବିଭାଗ ଅଧୀନରେ ୫୨ଟି ସରକାରୀ ଡିଗ୍ରୀ କଲେଜ ରହିଛି। ଏଥିମଧ୍ୟରୁ ୫୦ କଲେଜରେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ଫଳରେ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ଦ୍ୱାରା ଏହି କଲେଜଗୁଡ଼ିକ ପରିଚାଳିତ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ରାଜ୍ୟରେ ଥିବା କୌଣସି ବି ପୂର୍ଣ୍ଣ ଅନୁଦାନପ୍ରାପ୍ତ ବେସରକାରୀ କଲେଜ ପାଇଁ ସ୍ଥାୟୀ ଅଧ୍ୟକ୍ଷ ପଦବୀ ଏଯାବତ୍ ମଞ୍ଜୁର କରାଯାଇନାହିଁ।

ରାଜ୍ୟରେ ୩୫ଟି ସ୍ୱୟଂଶାସିତ କଲେଜ ରହିଛି। ସେଥିରୁ ୧୮ଟି ସରକାରୀ କଲେଜ ରହିଛି। ଏହି ସରକାରୀ ସ୍ୱୟଂଶାସିତ କଲେଜଗୁଡ଼ିକ ମଧ୍ୟରୁ କେତେକକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦିଆଯାଇଥିଲେ ମଧ୍ୟ ତାହା ସାଧାରଣ କଲେଜ ଭଳି ପରିଚାଳିତ ହେଉଛି। ନିୟମିତ ଅଧ୍ୟକ୍ଷ ନ ଥିବା, ପର୍ଯ୍ୟାପ୍ତ ସଂଖ୍ୟକ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ବର୍ଷ ବର୍ଷ ଧରି ଖାଲି ପଡ଼ିବା ଏବଂ ବହୁ କ୍ଷେତ୍ରରେ ଭିତ୍ତିଭୂମିର ଅଭାବ ଯୋଗୁ କେତେକ କଲେଜର ସ୍ୱୟଂଶାସିତ ମର୍ଯ୍ୟାଦା ମଧ୍ୟ କ୍ଷୁଣ୍ଣ ହୋଇଛି। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଯୁକ୍ତ୨ କଲେଜଗୁଡ଼ିକ ପାଇଁ ମଧ୍ୟ ସରକାର ନିୟମିତ ଅଧ୍ୟକ୍ଷ ପଦବୀ ସୃଷ୍ଟି କରିନାହାନ୍ତି। ରାଜ୍ୟର ଉଭୟ ସରକାରୀ ଓ ଅନୁଦାନପ୍ରାପ୍ତ ଯୁକ୍ତ୨ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ଦ୍ୱାରା ଚାଲିଛି।

ଅନ୍ୟପକ୍ଷରେ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧ୍ୟକ୍ଷ, ଶିକ୍ଷକ ଓ ଅଣଶିକ୍ଷକ ପଦବୀ ବହୁ ସଂଖ୍ୟାରେ ଖାଲିପଡିଥିବା ନେଇ ସ୍ୱୀକାର କରିଛନ୍ତି। ପ୍ରଚଳିତ ସରକାରୀ ନିୟମ ଅନୁଯାୟୀ ଯୋଗ୍ୟ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ଲାଗି ସରକାରଙ୍କ ପକ୍ଷରୁ ଲୋକସେବା ଆୟୋଗ ଓ ସିଲେକ୍ସନ୍ ବୋର୍ଡକୁ ଅନୁରୋଧ କରାଯାଇଛି। ସେଠାରୁ ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ମିଳିବା ପରେ ଏହି ପଦବୀ ପୂରଣ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଉଛି।

# ଭିଜିଲାନ୍ସ ଜାଲରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ

**ବ୍ରହ୍ମପୁର ଅଫିସ/ଗଞ୍ଜାମ, (ଡି.ଏନ୍.ଏ.), ୩।୩**

- ଆୟ ବହିର୍ଭୂତ ସମ୍ପତ୍ତି ଠୁଳ
- ୩ କୋଟିର ସମ୍ପତ୍ତି ଠାବ, ତଦନ୍ତ ଜାରି



ବିନୋଦ ଚନ୍ଦ୍ର ପାଢ଼ୀ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବ୍ରହ୍ମପୁର ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବିନୋଦ ଚନ୍ଦ୍ର ପାଢ଼ୀଙ୍କ ଘରେ ମଙ୍ଗଳବାର ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଗଞ୍ଜାମ ଏବଂ ଭୁବନେଶ୍ୱର ସମେତ ୧୨ଟି ସ୍ଥାନରେ ଏକକାଳୀନ ଚଢାଉ କରାଯାଇଛି। ପ୍ରଥମ ଦିନ ଯାଞ୍ଚରେ ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୩ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡିଛି ବୋଲି ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି। ଅନ୍ୟପଟେ ଯନ୍ତ୍ରୀ ପାଢ଼ୀ ବ୍ୟାଙ୍କ ଓ ବିଭିନ୍ନ ଲୋକଙ୍କଠାରୁ ଋଣ ଆଣିଥିବା ନେଇ ଭିଜିଲାନ୍ସକୁ କହିଥିବା ଏକ ବିଶେଷ ସୂତ୍ରରୁ ସୂଚନା ମିଳିଛି। ପାଢୀଙ୍କ ଗଞ୍ଜାମସ୍ଥିତ ୨ଟି ବାସଗୃହ ଓ ଗୋଟିଏ ମାର୍କେଟ କମ୍ପ୍ଲେକ୍ସ, ଗଞ୍ଜାମରେ ଥିବା ପୈତୃକ ଘର, ବ୍ରହ୍ମପୁର ଅଫିସ, ହିଲ୍‌ପାଟଣା ହରଭିନ୍ ସ୍କୁଲ କୋଠା ଓ ମାର୍କେଟ କମ୍ପ୍ଲେକ୍ସ, ଖଲ୍ଲିକୋଟ ଡିମିରିଆରେ ଥିବା ଫାର୍ମ ହାଉସ୍, ଆମ୍ବପୁଆରେ ଥିବା ଫାର୍ମ ହାଉସ୍, ପଙ୍କାଳପଲିରେ ଥିବା ଅର୍ଦ୍ଧନିର୍ମିତ ଗୃହ, ଜୟପ୍ରକାଶ ନଗରରେ ରହୁଥିବା ଠିକାଦାର ସଚିନ ପାଢ଼ୀ, ଗୋଷାଣୀନୂଆଗାଁରେ ରହୁଥିବା ଠିକାଦାର ସୀମାଞ୍ଚଳ ପାତ୍ର, ଗୋଦାବରୀଶ ନଗରରେ ରହୁଥିବା ପାଢ଼ୀଙ୍କ ଭଣଜା ଅଶୋକ ପଣ୍ଡା, ଭୁବନେଶ୍ୱର ଭିଆଇପି କଲୋନୀରେ ଥିବା ବାସଗୃହ ଓ ନୟାପଲ୍ଲୀରେ ଥିବା ମେଟ୍ରୋ ରେସିଡେନ୍ସି ଫ୍ଲାଟ ନଂ.୧୦୨/ଏ ରେ ଚଢାଉ କରାଯାଇଥିଲା। ଚଢ଼ାଉ ବେଳେ ତାଙ୍କ ଘରୁ ମିଳିଥିବା ୪୦୦ ଗ୍ରାମ ସୁନାର ମୂଲ୍ୟ ୧୨ ଲକ୍ଷ ଆକଳନ କରାଯାଇଥିବା ବେଳେ ବିଭିନ୍ନ ବ୍ୟାଙ୍କରେ ଜମା ଥିବା ୫୨ ଲକ୍ଷ ଟଙ୍କା ଠାବ କରାଯାଇଛି। ସେହିପରି ତାଙ୍କ ନାମରେ ଥିବା ୨୩ଟି ପ୍ଲଟର ମୂଲ୍ୟ ୭୬ ଲକ୍ଷ, ଗଞ୍ଜାମରେ ଥିବା ଦୁଇଟି ଅର୍ଦ୍ଧନିର୍ମିତ କୋଠାର ମୂଲ୍ୟ ୬୫ ଲକ୍ଷ, ବ୍ରହ୍ମପୁରରେ ଥିବା ଦୁଇଟି ଅର୍ଦ୍ଧନିର୍ମିତ କୋଠାର ମୂଲ୍ୟ ୩୫ ଲକ୍ଷ, ଭୁବନେଶ୍ୱରରେ ଥିବା ଏକ ଫ୍ଲାଟର ମୂଲ୍ୟ ୮ ଲକ୍ଷ ଓ ଅନ୍ୟ ଏକ ଫ୍ଲାଟର ମୂଲ୍ୟ ୫୨ ଲକ୍ଷ ବୋଲି ଆକଳନ ହୋଇଛି। ସେହିପରି ତାଙ୍କ ଘରେ ଥିବା ଏକ ସ୍କର୍ପିଓର ମୂଲ୍ୟ ୧୪ ଲକ୍ଷ ହୋଇଥିବା ବେଳେ ଅନ୍ୟ ଏକ କାର, ଏଲଆଇସି ବୀମା, ବ୍ୟାଙ୍କ ଲକର ଆଦି ବୁଧବାର ଯାଞ୍ଚ କରାଯିବ ବୋଲି ଏସ୍‌ପି ସ୍ୱାଇଁ ସୂଚନା ଦେଇଛନ୍ତି। ଚଢାଉ ଜାରି ରହିଥିବାରୁ ଯନ୍ତ୍ରୀ ପାଢ଼ୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମୂଲ୍ୟର ଠିକ୍ ତଥ୍ୟ ବୁଧବାର ଦିଆଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଅନୁଗୋଳରେ ପାଢ଼ୀ ସହକାରୀ ଯନ୍ତ୍ରୀ ଥିବା ବେଳେ ଭିଜିଲାନ୍ସ ବିଭାଗ ୧୯୯୬ ସେପ୍ଟେମ୍ବର ୩୦ରେ ତାଙ୍କ ନାଁରେ ନଂ.୫୫/୯୬ରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମାମଲା ରୁଜୁ କରିଥିଲା। ସେହିପରି ୨୦୧୧ରେ ଏହି ମାମଲାର ବିଚାର ବେଳେ ସେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିଲେ ବୋଲି ଭିଜିଲାନ୍ସ ଏସ୍‌ପି ସ୍ୱାଇଁ କହିଛନ୍ତି।

# ଯୁକ୍ତ୨ ପରୀକ୍ଷା ଆରମ୍ଭ

- କପି କରି ଧରାପଡ଼ିଲେ ୧୧ ବିଜ୍ଞାନ ଛାତ୍ରୀଛାତ୍ର
- ଆଜି କଳା, ବାଣିଜ୍ୟ ମାତୃଭାଷା ପରୀକ୍ଷା

**ଭୁବନେଶ୍ୱର, ୩।୩(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବିଜ୍ଞାନ ଛାତ୍ରୀଛାତ୍ର ମାତୃଭାଷା ଓଡ଼ିଆ ପରୀକ୍ଷା ଦେଇଛନ୍ତି। ସକାଳ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟାରେ ସରିଥିଲା। ୯୭ ହଜାର ୫୪୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧୧ଜଣ କପି କରି ଧରାପଡ଼ିଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ରାଜ୍ୟର ୨୦୨ଟି ହବ୍‌ରେ ପ୍ରଶ୍ନପତ୍ର ରଖାଯାଇଥିଲା। ମଙ୍ଗଳବାର ସାଢ଼େ ୯ଟା ସୁଦ୍ଧା ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲା। ୧୦ଟାରେ ପ୍ରଶ୍ନପତ୍ର ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିଲା। ଏବର୍ଷ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିଥିବାବେଳେ କପି ଓ ନକଲି ପରୀକ୍ଷାର୍ଥୀଙ୍କୁ ରୋକିବାକୁ ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କୁ ଦୁଇ ଥର ଯାଞ୍ଚ କରାଯାଇଛି। ପ୍ରଥମେ ଛାତ୍ରୀଛାତ୍ରଙ୍କ ପରିଚୟପତ୍ର ଓ ପରେ କପି ଯାଞ୍ଚ କରାଯାଇଛି। ବୁଧବାରଠାରୁ ଯୁକ୍ତ୨ କଳା ଓ ବାଣିଜ୍ୟ ବିଭାଗର ପରୀକ୍ଷା ଆରମ୍ଭ ହେବ। ଛାତ୍ରୀଛାତ୍ରମାନେ ପ୍ରଥମ ଦିନରେ ମାତୃଭାଷା ଓଡ଼ିଆ ପରୀକ୍ଷା ଦେବେ। କଳାରେ ମୋଟ ୨ଲକ୍ଷ ୨୦ହଜାର ୪୩୭ ଜଣ ଏବଂ ବାଣିଜ୍ୟରେ ୨୫ ହଜାର ୭୮୫ ଜଣ ପରୀକ୍ଷାର୍ଥୀ ରହିଛନ୍ତି।



ଭୁବନେଶ୍ୱର ରମାଦେବୀ ବିଶ୍ୱବିଦ୍ୟାଳୟରେ ଯୁକ୍ତ ୨ ପରୀକ୍ଷାର୍ଥୀଙ୍କୁ ଯାଞ୍ଚ କରାଯାଉଛି।





**Honda Motorcycle and Scooter India Pvt. Ltd., Registered Office:** Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

*ସାଧାରଣ ଫାଇନାନ୍ସ ସ୍କିମ୍ ଏବଂ ବିଶେଷ ଲୋନ୍ ପରିମାଣ ଏବଂ ସମୟ ଅବଧି ଉପରେ ନିର୍ଭର କରି 10000 ଟଙ୍କା ସଂଚୟ ହିସାବ କରାଯାଇଥାଏ। ଫାଇନାନ୍ସ ସ୍କିମ୍ ନିର୍ଦ୍ଦିଷ୍ଟ ଅର୍ଥ ପ୍ରଦାନକାରୀଙ୍କ ସ୍ୱ-ବିଚାର ଆଧାରରେ ଉପଲବ୍ଧ। #ICICI ବ୍ୟାଙ୍କ୍ ଡେବିଟ୍ ଏବଂ କ୍ରେଡିଟ୍ କାର୍ଡ EMI ଟ୍ରାନ୍‌ଜାକ୍ସନ୍‌ରେ କେବଳ କ୍ୟାସ୍‌ବ୍ୟାକ୍ ଅଫର୍ ଲାଗୁ ଅଟେ। ଏହି ଅଫର୍ ପାଇବା ପାଇଁ ନ୍ୟୁନତମ ଟ୍ରାନ୍‌ଜକ୍ସନ୍ ପରିମାଣ ହେଉଛି 30000 ଟଙ୍କା। କେବଳ ନିର୍ଦ୍ଦିଷ୍ଟ ଡେବିଟ୍ ଏବଂ କ୍ରେଡିଟ୍ କାର୍ଡ ପାଇନ୍ ଲ୍ୟାବ୍ କାର୍ଡ ସ୍ୱାଇପ୍ ମେସିନ୍‌ରେ ବ୍ୟବହାର କଲେ EMI ଏବଂ କ୍ୟାସ୍‌ବ୍ୟାକ୍ ଅଫର୍ ଲାଗୁ ହେବ ଏବଂ କାର୍ଡରେ ଥିବା ସୀମା ଉପରେ ଏହା ନିର୍ଭର କରିବ। ଆପଣଙ୍କର ଡେବିଟ୍ କାର୍ଡର ପ୍ରାପ୍ତ ଯୋଗ୍ୟତା ଜାଣିବା ପାଇଁ ଆପଣଙ୍କ ବ୍ୟାଙ୍କ୍ ସହ ସଂପର୍କ କରନ୍ତୁ। 100% ଲୋନ୍ କିମ୍ବା ଜିରୋ ଡାଉନ୍ ପେମେଣ୍ଟ କାର୍ଡରେ ଥିବା ସୀମା ଏବଂ ଉତ୍ପାଦ ମୂଲ୍ୟ ଉପରେ ନିର୍ଭର କରେ। ଅଫର୍ 31 ମାର୍ଚ୍ଚ 2020 ପର୍ଯ୍ୟନ୍ତ ବୈଧ ଅଟେ ଏବଂ ବିନା ପୂର୍ବ ନୋଟିସ୍‌ରେ ମାର୍କେଟ୍‌ରୁ ପ୍ରତ୍ୟାହାର କରାଯାଇପାରିବ। ଦୟାକରି ଆପଣଙ୍କ ବ୍ୟାଙ୍କ ୱେବ୍‌ସାଇଟ୍‌ରେ ନିୟମ ଏବଂ ସର୍ତ୍ତାବଳୀ ଜନିତ ସୂଚନା ପଢନ୍ତୁ। କେତେକ ନିର୍ଦ୍ଦିଷ୍ଟ ବ୍ୟାଙ୍କ ତରଫରୁ ଏହି ଅଫର୍ ହୋଣ୍ଡା ଦ୍ୱାରା ପ୍ରୋତ୍ସାହିତ କରାଯାଉଛି। ଚିତ୍ରରେ ଦର୍ଶାଯାଇଥିବା ପ୍ରଡକ୍ଟ ବଜାରରେ ଉପଲବ୍ଧ ଥିବା ପ୍ରକୃତ ପ୍ରଡକ୍ଟଠାରୁ ଅଲଗା ହୋଇପାରେ। ଚିତ୍ରରେ ଦର୍ଶାଯାଇଥିବା ଆକ୍ସେସୋରିଜଗୁଡିକ ଷ୍ଟାଣ୍ଡାର୍ଡ ଫିଟ୍‌ମେଣ୍ଟର ଏକ ଅଂଶ ନୁହେଁ। **ସର୍ତ୍ତାବଳୀ ଲାଗୁ।

**Honda Exclusive Authorized Dealerships:** **ATTAGHAR:** Sidhivinayak Honda - 9124260000, 9658080060; **BALUGOAN:** Khimji Honda - 7735734881, 7735737648; **BANKI:** Shree Honda - 06723-240099, 9658201234; Bidharpur: Vinayak Honda - 9937060477, 7894446899; **BHUBANESWAR:** Shivam Honda - 0674-2546296, 7873024320; Gugnani Honda - 0674-2313716, 06742313812, 7852930865, 9778611111; PGL Honda - 0674-2354418, 9090912345; Khimji Honda - 7735734884, 7077726314; **CUTTACK:** Durga Honda - 9114800102\17\18\19\2; SGBL Honda - 0671-2364000, 9040433000; Utkal Honda - 0671-2304628, 9437029811; **JAJPUR ROAD:** TEZ Honda - 7504991301 7504994444; **JAJPUR TOWN:** Agasti Honda - 9437518600; **KUAKHIA:** Sai Honda - 9938906077; **SINGHPUR:** Ramachandi Honda - 7377688445; **CHANDIKHOL:** Basanti Honda - 06725-227011, 9853066000; **JAGATSINGHPUR:** Kanchan Murali Honda - 06724-222122, 223112, 7809568988, 9090876483; **JAGATPUR:** Durga Honda - 9114800118, 0671-2490462; **JATNI:** PGL Honda - 0674-2492419, 7788001027; **KEONJHAR:** Pritam Honda - 06766-254138, 8908881717; Barbil: Royal Motors- 7008712784; **KHURDA:** Sai Honda - 07852930002, 06755-223555; **NAYAGRAH:** Pattnaik Honda - 7205028044, 9937083142; Narsisgh Pur: Baba Honda - 9438057701; **NIALI:** Hindustan Honda - 9937075187, 0671-2803355; **PURI:** Shivam Honda - 06752-225555, 9040088747; Kujang:- Kanchan Murali Honda: 0672236122, 9040650040; **PARADIP:** Anil Honda - 06722-220909, 9438523425; **RAHAMA:** Navjyoti Honda - 9938339189; **UTTARA:** Gugnani Honda - 0674-3272244, 7852930844; **PATTAMUNDAI:** Satya Honda - 9937711139; **SALEPUR:** S.N.Honda - 9437439076; **GAREJ CHACK:** Gugnani Honda - 7008342169, 8144286965.

**For Bulk/Institutional enquiries, please write us at: institutionalsales@honda2wheelersindia.com**

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୪ ମାର୍ଚ୍ଚ, ୨୦୨୦

## ରାଜ୍ୟ ସଭା ନିର୍ବାଚନ: ଦାଶରଥି ରିଟର୍ନିଂ ଅଫିସର

ଭୁବନେଶ୍ୱର,୩।୩(ବ୍ୟୁରୋ): ରାଜ୍ୟରେ ୪ ରାଜ୍ୟ ସଭା ଆସନ ଖାଲି ହୋଇଛି। ଏହାର ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ଏହି ନିର୍ବାଚନ ସୁପରିଚାଳନା ପାଇଁ ନିର୍ବାଚନ କମିଶନ(ଇସି)ଙ୍କ ପକ୍ଷରୁ ରିଟର୍ନିଂ ଅଫିସର ଏବଂ ପର୍ଯ୍ୟବେକ୍ଷକ ଅଧିକାରୀ ନିଯୁକ୍ତ କରାଯାଇଛି। ସେହିକ୍ରମରେ ଓଡ଼ିଶା ବିଧାନସଭା ସଚିବ ଦାଶରଥି ଶତପଥୀଙ୍କୁ ରିଟର୍ନିଂ ଅଫିସର ଭାବେ ନିଯୁକ୍ତି କରାଯାଇଛି। ଅନୁରୂପ ଭାବେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁଶୀଲ କୁମାର ଲୋହାନୀଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି କରାଯାଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସତ୍ୟବ୍ରତ
ପରିବାରବର୍ଗ


ସିଦ୍ଧି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ୫ ଦେଶର ନାଗରିକଙ୍କ ...

ସହ ଜେରା କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଆଲୋଚନା କରିଛନ୍ତି। ଯାଞ୍ଚ କଡ଼ାକଡ଼ି କରିବା ଓ ବିଭିନ୍ନ ପ୍ରତିଷେଧକ ପଦକ୍ଷେପ ନେବା ଉପରେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା କରାଯାଇଛି। ତେବେ କରୋନା ଭାଇରସ୍ ସଂକ୍ରମଣକୁ ନେଇ ଭୟ କରିବାର କିଛି ନାହିଁ। ଏନେଇ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମୋଦି କହିଛନ୍ତି।

ଗତ ସୋମବାର ଦିଲ୍ଲୀର ନୋଏଡାରେ ଜଣେ ଯୁବକ ଓ ହାଇଦ୍ରାବାଦ ଫେରନ୍ତା କର୍ନାଟକର ଜଣେ ଯନ୍ତ୍ରୀ(୨୪)ଙ୍କୁ କରୋନା ସଂକ୍ରମଣ କରିଥିବା ଜଣାପଡ଼ିଥିଲା। ତେବେ ଏହାକୁ ନେଇ ଆତଙ୍କିତ ହେବାର କିଛି ନାହିଁ ବୋଲି ମୋଦି କହିଛନ୍ତି। କରୋନା ସଂକ୍ରମଣ ଭୟରେ ଦିଲ୍ଲୀର ନୋଏଡାରେ ଥିବା ୨ ଘରୋଇ ସ୍କୁଲକୁ ବୁଧବାରଠାରୁ ୩ ଦିନ ବନ୍ଦ କରାଯାଇଛି। ଏହି ସ୍କୁଲରେ ପଢୁଥିବା ୨ ଛାତ୍ରଙ୍କ ବାପା (ଇଟାଲି ଫେରନ୍ତା) କରୋନା ଆକ୍ରାନ୍ତ ଥିବା ଚିହ୍ନଟ ହେବା ପରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଆଗ୍ରାରେ ତାଙ୍କ ପୁଅର ବାର୍ଥ ଡେ ପାର୍ଟିରେ ଯୋଗ ଦେଇଥିବା ୬ ଲୋକଙ୍କୁ ମଧ୍ୟ ପରୀକ୍ଷା କରାଯାଇଛି। ସେମାନେ କରୋନା ସଂକ୍ରମିତ ଥିବା ସନ୍ଦେହ କରାଯାଉଛି। ସ୍କୁଲ ପ୍ରଶାସନ ପକ୍ଷରୁ ମଧ୍ୟ ବିଭିନ୍ନ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ସେହିପରି ଜଣେ ଇଟାଲି ପର୍ଯ୍ୟଟକ ଜୟପୁରରେ କରୋନା ଆକ୍ରାନ୍ତ ଥିବା ସନ୍ଦେହ କରାଯାଉଛି। ଗତ ମାସରେ ଇଟାଲରୁ ଦିଲ୍ଲୀ ଆସି ରାଜସ୍ଥାନ ଯାଇଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ସେ ଜଣେ। ପ୍ରକାଶଥାଉ କି, ପୂର୍ବରୁ କେରଳରେ ୩ ଏଭଳି ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ଭାରତରେ ଏପର୍ଯ୍ୟନ୍ତ ମୋଟ ୬ କରୋନା ଆକ୍ରାନ୍ତ ରୋଗୀ ଚିହ୍ନଟ ହୋଇସାରିଲେଣି। ତେବେ ଏଥିପ୍ରତି ସରକାର ବିଭିନ୍ନ ସତର୍କତା ଅବଲମ୍ବନ କରୁଥିବା ପ୍ରଧାନମନ୍ତ୍ରୀ ମୋଦି ପ୍ରକାଶ କରିଛନ୍ତି।

## ଏସ୍‌ସିବି ମେଡିକାଲରେ ...

ଅନୁସାରେ ସିଙ୍ଗାପୁରରୁ ଏମ୍.ଟି. କେମଷ୍ଟାର୍ ଷ୍ଟେଲାର୍ ନାମକ ଏକ ସଲ୍‌ଫ୍ୟୁରିକ ଏସିଡ୍ ବୋଝେଇ ଜାହାଜ ଗତ ଫେବୃୟାରୀ ୧୦ତାରିଖରେ ଚାଇନା ଛାଡ଼ିଥିଲା। ୨୫ତାରିଖରେ ତାହା ସିଙ୍ଗାପୁର ଦେଇ ପାରାଦୀପ ଅଭିମୁଖେ ବାହାରିଥିଲା। ମାର୍ଚ୍ଚ ୧ ରବିବାର ଉକ୍ତ ଜାହାଜ ପାରାଦୀପ ବନ୍ଦରଠାରୁ ୬କି.ମି. ଦୂର ସମୁଦ୍ର ଭିତରେ ଥିବା ଆଙ୍କରେଜ ଅଞ୍ଚଳରେ ଲାଗିଥିଲା। ସେଥିରେ ଥିବା ୨୪ଜଣ ନାବିକଙ୍କ ମଧ୍ୟରୁ ଏକ ଦମ୍ପତିଙ୍କ ଜ୍ୱର ଓ କାଶ ହେଉଥିବା ନେଇ ଜାହାଜର କ୍ୟାପ୍ଟେନ ସୋମବାର ବନ୍ଦର କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଏହା ଜଣାପଡ଼ିବା ପରେ ମଙ୍ଗଳବାର ପୋର୍ଟ ହେଲ୍‌ଥ ୟୁନିଟର ଏକ ଟିମ୍ ଆଙ୍କରେଜ ଅଞ୍ଚଳକୁ ଯାଇ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଉକ୍ତ ଦମ୍ପତି ଜ୍ୱର ଓ କାଶରେ ପୀଡ଼ିତ ଥିବାରୁ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଥାଇପାରନ୍ତି ବୋଲି ସନ୍ଦେହ କରାଯାଇଥିଲା। ପରେ ବନ୍ଦର କର୍ତ୍ତୃପକ୍ଷ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ଉକ୍ତ ଜାହାଜକୁ ମାତ୍ର ୧୫ମିନିଟି ପାଇଁ ଇଫ୍‌କୋ ବର୍ଥରେ ବର୍ଥିଂ କରାଯାଇଥିଲା। ସେଠାରୁ ଅତି ସତର୍କତାର ସହ ସନ୍ଦିଗ୍ଧ ଦମ୍ପତିଙ୍କୁ ଜାହାଜରୁ ଓହ୍ଲାଇ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। ସନ୍ଦିଗ୍ଧ ଦମ୍ପତିଙ୍କ ଘର ଉତ୍ତରପ୍ରଦେଶର କାନପୁରରେ ବୋଲି ଜଣାପଡିଛି। ଜାହାଜରେ ସ୍ୱାମୀ ଜଣକ ଇଞ୍ଜିନିୟର ଭାବେ କାମ କରୁଥିବାବେଳେ ସ୍ତ୍ରୀ ତାଙ୍କ ସହ ଯାତ୍ରା କରିଥିଲେ। ଜାହାଜରେ ଥିବା ଅନ୍ୟ ୨୩ଜଣ ନାବିକଙ୍କୁ ଓହ୍ଲାଇବାକୁ ଅନୁମତି ମିଳିନାହିଁ। ଯେହେତୁ ଚାଇନା, ଦକ୍ଷିଣ କୋରିଆ, ସିଙ୍ଗାପୁର ଦେଇ ଜାହାଜଟି ଆସିଛି, ସେଥିପାଇଁ ପୋର୍ଟ ହେଲ୍‌ଥ ୟୁନିଟର ଟିମ୍ ଅନ୍ୟ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ବୋଲି ବନ୍ଦର ଅଧକ୍ଷ ରାୟ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

## ବିଳମ୍ବ ହୋଇପାରେ ...

ବାରମ୍ବାର କହି ଆସୁଛନ୍ତି ଯେ, ଅଲିମ୍ପିକ୍ସ ନିର୍ଦ୍ଧାରିତ ସମୟରେ ଆୟୋଜିତ ହେବ। ଭାଇରସର ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଥିବାରୁ ଆୟୋଜକମାନେ ଅଲିମ୍ପିକ୍ସକୁ ବାତିଲ କରିବାକୁ ବାଧ ହେବେ ବୋଲି କେତେକ କହୁଥିବା ବେଳେ ଏହାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଉ କିମ୍ବା ଅନ୍ୟତ୍ର ସ୍ଥାନାନ୍ତର କରାଯିବା ଉଚିତ ବୋଲି ଅନ୍ୟ କେତେକ ପ୍ରସ୍ତାବ ଦେଉଛନ୍ତି। ଗତ ସପ୍ତାହରେ ଜାପାନିଜ୍ ମିଡିଆକୁ ଏକ ସାକ୍ଷାତ୍‌କାର ବେଳେ ଟୋକିଓରେ ସଫଳତାର ସହିତ ଅଲିମ୍ପିକ୍ସ ଆୟୋଜନ ଲାଗି ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଛି ବୋଲି ବ୍ୟାକ୍ କହିଥିଲେ। କରୋନା ଭାଇରସଜନିତ କାରଣରୁ ଅଲିମ୍ପିକ୍ସକୁ ସ୍ଥଗିତ କିମ୍ବା ବାତିଲ କରାଯାଇପାରେ ବୋଲି ଯାହା ଶୁଣିବାକୁ ମିଳୁଛି ସେ ସମ୍ପର୍କିତ ପ୍ରଶ୍ନକୁ ସେ ଏଡାଇ ଦେଇଥିଲେ। କରୋନା ଭାଇରସ ସ୍ଥିତିରେ ଯଦି ସୁଧାର ନ ଆସେ ତଥାପି ଅଲିମ୍ପିକ୍ସ ଆୟୋଜନର ସମ୍ଭାବନା ଅଛି କି ନା ବୋଲି ହାସିମୋଟୋଙ୍କୁ ପ୍ରଶ୍ନ ହେବାରୁ ଏଭଳି ପରିସ୍ଥିତି ଯେପରି ନ ଉପୁଜେ ସେ ନେଇ ଯଥାସମ୍ଭବ ଉଦ୍ୟମ ଚାଲିଛି ବୋଲି ସେ କହିଥିଲେ। ଚାରି ବର୍ଷେ ଅଲିମ୍ପିକ ସାଇକେଲରେ ବ୍ରଡକାଷ୍ଟିଂ ଅଧିକାର ବିକ୍ରି ଦ୍ୱାରା ୫.୬ ବିଲିୟନ ଡଲାର ଆୟ ହୋଇଥାଏ। ଏଥିରୁ ୭୩% ରାଶି ଆଇଓସିକୁ ମିଳିଥାଏ। ୧୯୬୪ ଟୋକିଓ ଅଲିମ୍ପିକ୍ସ ଅକ୍ଟୋବରରେ ହୋଇଥିଲା। ମାତ୍ର ଗେମ୍ସକୁ ବର୍ତ୍ତମାନ ଗ୍ରୀଷ୍ମ ଋତୁକୁ ସ୍ଥାନାନ୍ତର କରାଯାଇଛି। ଏହାର ମୁଖ୍ୟ କାରଣ ହେଲା ସ୍ପୋର୍ଟ୍ସ ବ୍ରଡକାଷ୍ଟରମାନଙ୍କ ଲାଗି ବର୍ଷର ଏହି ସମୟଟି ଖାଲି ରହିଥାଏ। ଅବଶିଷ୍ଟ ସମୟରେ ଉତ୍ତର ଆମେରିକାର ଲୋକପ୍ରିୟ ଏନଏଫ୍ଏଲ କଲେଜ ଫୁଟ୍‌ବଲ, ବେସ୍‌ବଲ୍, ବାସ୍କେଟବଲ୍ ଓ ହକି ପ୍ରତିଯୋଗିତା ରହିଥାଏ। ସେହିପରି ୟୁରୋପ ଅନ୍ତର୍ଗତ ଇଂଲଣ୍ଡ, ସ୍ପେନ, ଜର୍ମାନୀ, ଫ୍ରାନ୍ସ ଏବଂ ଇଟାଲୀରେ ବିଭିନ୍ନ ଫୁଟବଲ ପ୍ରତିଯୋଗିତ ରହିଛି। ଏହାଛଡ଼ା ଅନ୍ୟ ଲୋକପ୍ରିୟ ଖେଳ ରଗ୍‌ବୀଏବଂ କ୍ରିକେଟ ଖେଳ ମଧ୍ୟ ରହିଛି। ଆଇଓସିର ପୂର୍ବତନ ଉପସଭାପତି ଡିକ୍ ପାଉଣ୍ଡ ଏକ ସାକ୍ଷାତ୍‌କାରରେ କହିଛନ୍ତି ସମ୍ଭବତଃ ଆସନ୍ତା କେଇ ମାସ ମଧ୍ୟରେ ଅଲିମ୍ପିକ୍ସ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଆଇଓସିର ଅନ୍ୟ ଜଣେ ପୂର୍ବତନ ଉପସଭାପତି ତଥା ବର୍ତ୍ତମାନ ଆଇଓସିର ଅବୈତନିକ ସଦସ୍ୟ କିଭାନ ଗସ୍ପର କହିଛନ୍ତି, ଟୋକିଓ ଗେମ୍ସ ବାତିଲ ହେବାର ଯଥେଷ୍ଟ ସମ୍ଭବନା ରହିଛି। ପୂର୍ବରୁ ବିଶ୍ୱଯୁଦ୍ଧ ଯୋଗୁ ଅଲିମ୍ପିକ୍ସ ୩ ଥର ବାତିଲ ହୋଇଛି। ୧୯୧୬ରେ ଏହା ବର୍ଲିନରେ ହେବାର ଥିଲା। ମାତ୍ର ପ୍ରଥମ ବିଶ୍ୱଯୁଦ୍ଧ ଯୋଗୁ ଏହାକୁ ବାତିଲ କରାଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପାଇଁ ୧୯୪୦ ଓ ୧୯୪୪ ଅଲିମ୍ପିକ୍ସ ବାତିଲ ହୋଇଛି।

## ୫ରୁ ଘଡ଼ଘଡ଼ି ...

ଯାଜପୁର, ଗଞ୍ଜାମ ଜିଲାର ଅଳ୍ପ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏପରି କି ଏହି ସବୁ ଜିଲାରେ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ସହ ଗଛ ଓ ଚାଳଘର ଉଡ଼ିଯିବା ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

ବର୍ଷା ଏବଂ ମେଘୁଆ ପାଗ ଯୋଗୁ ଆସନ୍ତା ମାର୍ଚ୍ଚ ୧୫ ତାରିଖ ଯାଏ ତାତି ବଢ଼ିବ ନାହିଁ। ଏହି ସମୟରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ ଭିତରେ ରହିବ। ଏହା ପରେ ତାପମାତ୍ରା ଧୀରେ ଧୀରେ ବୃଦ୍ଧି ପାଇବ। ଏପ୍ରିଲ ୧୫ ସୁଦ୍ଧା ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସକୁ ଛୁଇଁବ। ଏହା ପରେ ଅନେକ ସ୍ଥାନରେ ତାତି ୪୫ ଡିଗ୍ରୀ ଉପରକୁ ଟପିବ। ଏପ୍ରିଲ ଓ ମେ ମାସରେ ତାତି ଆଉଟପାଉଟ କରିବ। ପାଣିପାଗ ବିଭାଗର ଏକ ମଡେଲ ଏଭଳି ପୂର୍ବାନୁମାନ କରିଛି। ତେବେ ନିକଟରେ ତାତି ଅସ୍ତବ୍ୟସ୍ତ କରିବ ନାହିଁ। ସମୁଦ୍ର ଆଡୁ ଆସୁଥିବା ଥଣ୍ଡା ପବନ ସାଙ୍ଗକୁ କାଳବୈଶାଖୀଜନିତ ବର୍ଷା ରାଜ୍ୟକୁ ଥଣ୍ଡା ରଖିବ ବୋଲି ଅନୁମାନ କରାଯାଇଛି। ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରେ ତାତି ବଢିଲେ ମଧ୍ୟ ସେପରି ଅସ୍ତବ୍ୟସ୍ତ କରିବ ନାହିଁ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ଭବାନୀପାଟଣାରେ ୩୫.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୩୪.୭, ନୟାଗଡ ୩୪, ବାରିପଦା ୩୪, ପାରାଦୀପ ୩୪.୧, ବଲାଙ୍ଗୀର ୩୪.୭ ଏବଂ ଚାନ୍ଦବାଲିରେ ସର୍ବୋଚ୍ଚ ତାପମାତ୍ରା ୩୪.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ସଙ୍ଗୀତା ସିଂଦେଓଙ୍କୁ ...

କେବେ ଦେଖି ନ ଥିଲେ ବୋଲି କହିଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା ହୋଇଥିବାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସଙ୍ଗୀତା ଦାବି କରିଛନ୍ତି। ସଙ୍ଗୀତାଙ୍କ ଅଭିଯୋଗ ଅନୁଯାୟୀ, ବିରୋଧୀ ସଦସ୍ୟମାନେ ତାଙ୍କ ମୁହଁ ସାମନାରେ ବ୍ୟାନର ଟାଣି କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ବିରୋଧୀ ଦଳର ଦୁଇ ମହିଳା ଏମ୍‌ପି ରାମ୍ୟା ହରିଦାସ ଓ ଜ୍ୟୋତିମଣି ତାଙ୍କ ହାତକୁ ଆଞ୍ଚୁଡି ଦେବା ସହ କହୁଣିରେ ଛାତିକୁ ମାରିଥିଲେ। କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ତାଙ୍କୁ ଧରି ନ ଥିଲେ ସେ ପଡ଼ିଯାଇଥାନ୍ତେ ବୋଲି ସଙ୍ଗୀତା କହିଛନ୍ତି। ସୋମବାର କେତେଜଣ ମହିଳା ଏମ୍‌ପି ବାଚସ୍ପତିଙ୍କୁ ଭେଟି ଜଶକୌର ମୀନା ଓ ଶୋଭା କରଣ୍ଡଲାଜେଙ୍କ ଉପରେ କଂଗ୍ରେସ ଏମ୍‌ପି ଆକ୍ରମଣ କରିଥିବା ଅଭିଯୋଗ କରିଥିଲେ। ଉକ୍ତ କଂଗ୍ରେସ ଏମ୍‌ପିଙ୍କୁ ବହିଷ୍କାର କରାଯାଉ ବୋଲି କରଣ୍ଡଲାଜେ ଦାବି କରିଥିଲେ। ଅନ୍ୟ ପକ୍ଷରେ ଭାଜପା ମହିଳା ଏମ୍‌ପି ତାଙ୍କୁ ଆକ୍ରମଣ କରିଥିବା କଂଗ୍ରେସ ଏମ୍‌ପି ରାମ୍ୟା ପାଲଟା ଅଭିଯୋଗ ଆଣିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସ୍ୱଗୃହାଭିମୁଖୀ ଧନାଧିପ ଯୋଗୁ ଅର୍ଥଲାଭ ସାଙ୍ଗକୁ ବନ୍ଧୁ ସମ୍ପର୍କରୁ ଖୁସି ରହିବେ। ଦୀର୍ଘ ସମୟ ଧରି ଅପେକ୍ଷା କରିଥିବା କାମ ଆଶାନୁଯାୟୀ ସମ୍ପନ୍ନ ହେବ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଭ୍ରାତୃବିବାଦ ଦେଖାଦେଇ ପାରେ। ଅନିଦ୍ରାଜନିତ କ୍ଳେଶ ଭୋଗିବାକୁ ପଡ଼ିପାରେ । ଆକସ୍ମିକ ଦୂରଯାତ୍ରା ମଧ୍ୟ କରିବାକୁ ପଡିପାରେ।

**ବୃଷ** ବ୍ୟୟସ୍ଥ ଶୁକ୍ରଜନିତ ଭାଙ୍ଗିପଡ଼ିଥିବା ସ୍ୱାସ୍ଥ୍ୟରେ ଆଂଶିକ ଉନ୍ନତି ପରିଲକ୍ଷିତ ହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ। କଳା, ସାହିତ୍ୟ ତଥା ରଚନାତ୍ମକ କାର୍ଯ୍ୟରେ ସଫଳତା ପାଇବେ। ପ୍ରତୀକ୍ଷା କରିଥିବା ଖବରଟି ଆଜି ଅପରାହ୍ନେ ପାଇବା ସହ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ମିଥୁନ** ରାହୁ ଓ ଚନ୍ଦ୍ରଙ୍କ ସଂଯୋଗ କାରଣରୁ ବିଭିନ୍ନ ବିଷୟକୁ ଚିନ୍ତାକରି ଅନ୍ୟମନସ୍କ ରହିପାରନ୍ତି। ତଥାପି କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ବନ୍ଧୁମାନଙ୍କ ଶୁଭକାର୍ଯ୍ୟରେ ଯୋଗଦେଇପାରନ୍ତି। ମନରେ ଦୁଃଖ ଭରି ରହିଥିଲେ ମଧ୍ୟ ମନକଥା ନ କହିବାରୁ ପରିବାରରେ ମତାନ୍ତରରୁ ବିତର୍କ ସୃଷ୍ଟି ହୋଇପାରେ।

**କର୍କଟ** କେତେକ ପ୍ରତିବନ୍ଧକ କାରଣରୁ ସାମୟିକ ଅସୁବିଧା ଭୋଗିଲେ ମଧ୍ୟ କାମ ଅଟକିବ ନାହିଁ। ଅଶ୍ଳେଷା ନକ୍ଷତ୍ର କର୍ମକ୍ଷେତ୍ରରେ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇପାରନ୍ତି। ପାରିବାରିକ ଶୃଙ୍ଖଳା ରକ୍ଷା କରିବା କ୍ଷେତ୍ରରେ ସମ୍ପର୍କୀୟମାନଙ୍କ ସାହାଯ୍ୟ ଆଶା କରିପାରନ୍ତି। ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପାରେ।

**ସିଂହ** ବନ୍ଧୁମାନଙ୍କ ସହ ଆଲୋଚନା କାଳରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଆନମନା ହୋଇପାରନ୍ତି। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**କନ୍ୟା** ମାନସିକ ଅସ୍ଥିରତା କାରଣରୁ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ମରୀଚିକା ପଛରେ ଦୌଡ଼ିପାରନ୍ତି। ପୂର୍ବ ବିବାଦକୁ କେନ୍ଦ୍ରକରି ଆତ୍ମୀୟମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ମଧ୍ୟାହ୍ନରେ ଟେନସନ୍ ଦୂର ହେବା ସାଙ୍ଗକୁ ସୁଖଭ୍ରମଣ ଯୋଗ ରହିଛି। ଜମିଜମା, ମାଲିମକଦ୍ଦମା, ଯାତ୍ରା ଓ ଆନୁଷ୍ଠାନିକ କାମ ଯଥାରୀତି ଚାଲୁରହିବ।

**ତୁଳା** ବନ୍ଧୁମାନଙ୍କ ସହାୟତାରେ ଚେଷ୍ଟା କରୁଥିବା କାର୍ଯ୍ୟରେ ସଫଳତା ହାସଲ କରିବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। କ୍ରୟ ବିକ୍ରୟ କ୍ଷେତ୍ରରେ ଲାଭବାନ୍ ହେବେ କିନ୍ତୁ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହେବାର ସୂଚନା ରହିଛି।

**ବିଛା** ଦୀର୍ଘଦିନରୁ ସ୍ଥଗିତ କାମକୁ ପୂରା ଦମ୍ଭରେ କରି ଚାଲିବେ। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଆକସ୍ମିକ ଭାବରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ। ମୂଲ୍ୟବାନ ଦ୍ରବ୍ୟ ଲାଭ ହେବା ସହ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଚେଷ୍ଟାକରୁଥିବା କାର୍ଯ୍ୟହାସଲ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ଧନୁ** ଆଜି ଆପଣଙ୍କର କାମ ହାସଲ କରିବା ସକାଶେ ବିଶେଷ ଅସୁବିଧା ହେବ ନାହିଁ। କିନ୍ତୁ ବାରମ୍ବାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିବେ। ପରିବାରରେ ସହମତି ଭିତିରେ କାମ କଲେ ଉପକୃତ ହେବେ।

**ମକର** ମାନସିକ ସ୍ତରରେ ବିଚଳିତ ରହିବାଜନିତ ପରିବାର, ଭ୍ରମଣ, ଆଲୋଚନାରେ ଅଂଶଗ୍ରହଣ କରିପାରିବେ ନାହିଁ। ଭଲ ସମ୍ପର୍କ ନ ଥିବା କାରଣରୁ ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରିପାରନ୍ତି। ପଡ଼ୋଶୀଙ୍କ ସହାୟତାରେ ବାକି ପଡ଼ିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**କୁମ୍ଭ** ହିତାକାଂକ୍ଷୀଙ୍କ ପରାମର୍ଶରେ ସମସ୍ୟାକୁ ସୁଧାରି ନେବା ସକାଶେ ପ୍ରଯତ୍ନ କରିବେ। ସମୟର ବିଷମତା କାରଣରୁ ଦିନ ମଧ୍ୟରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ, କିନ୍ତୁ କିଛି କରିବେ ନାହିଁ। ଆର୍ଥିକ, ବ୍ୟବସାୟିକ କ୍ଷେତ୍ର ଭଲ ରହିବ। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

**ମୀନ** ସାମାଜିକ ସ୍ତରରେ ବହୁ ଲୋକଙ୍କ ଗହଣରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ମନ ଭଲ ରହିଥିବା କାରଣରୁ ପାରିବାରିକ ସ୍ଥିତିରେ ମିଷ୍ଟଭାଷୀ ହେବେ। ଅପରାହ୍ନେ କୌଣସି ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ।

ଆଜି ଫାଲ୍‌ଗୁନ ଶୁକ୍ଳ ନବମୀ ବୁଧବାର, ମାର୍ଚ୍ଚ ୪ ତାରିଖ, ରାଶି ନକ୍ଷତ୍ର-ମୃଗଶିରା/ମିଥୁନ, ଦିବା ଘ୧୨।୦୧ମି. ପରେ କର୍କଟ ଚନ୍ଦ୍ର, କନ୍ୟା ରାଶିର ଘାତଚନ୍ଦ୍ର ଓ କର୍କଟ ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦।୦୧ମି. ଗତେ ଘ୧୧।୩୪ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୨୬ମି. ଗତେ ଘ୧୧।୫୨ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୧।୨୬ମି. ଗତେ ଘ୨।୫୩ମି. ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302




**BRIDE WANTED**

Bride wanted for Brahmin Groom 32, 5'11", Software Engineer in Bhubaneswar, 9178634018, 7809483982. D-16897

Handsome brahmin boy 1987, M.Phil, M.ED, 25/11, Highschool Teacher, Jharsuguda/ 1990, B.Tech, BPUT, 11/5 Service Parsistant Network, Bhubaneswar, Contact-"SWAYAMVER", 9861501286. D-60875

Khandayat boy OAS 31+B.Tech, NALCO Engineer 'SUHAG', 7978399083, 9090486408. D-67297

Goldsmith boy 5'6" 1990 Job & businessman. Contact: 8249431114. D-68793

Son age 33, B.Tech, NIT Rourkela, MBA XIMB, working MNC Bangalore 35lakhs. 8144589551 (caste-no-bar). D-16966

Son age 29, B.Tech, NIT MBA XIMB working in RBI (Govt.) 18-20lakh, Brahmin. 6372748613. D-16967

**Established, Good health, Educated, Divorcee, Businessman of Bhubaneswar, 60 years, OBC, requires Female life partner, 45-50 years, Contact-8260388706.** D-27640

**GROOM WANTED**

31ବୟସ୍କା Government Staff Nurse ବିଧବା ସୁନ୍ଦର ଗୋପାଳ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7381460017. D-67936

Girl age 28 MCA Revenshaw, working in Govt. gazetted officer 8lakhs, Brahmin. 7008986005. D-16968

Brahmin girl Master in Economics , serving at Pune. Required IIT/ BE. 9861950024. D-16969

ବୟସ 45 ବର୍ଷ, 5'.4", M.A, B.Ed, Govt. Techer ମାସିକ ଆୟ 50,000/- ପାଇଁ ଅବିବାହିତ, ଛାଡପତ୍ରପ୍ରାପ୍ତ, ବିପତ୍ନୀକ ବର ଗ୍ରହଣୀୟ ହେବେ। ଯୋଗାଯୋଗ: 9009491423. D-16970

Beautiful Karan girl 1981/5'2", B.Com, MBA require service/ business (early marriage) BARSHA 8144274615, 9338229705. D-68600

Now Matrimonial ads. only on Wednesday & Sunday Book 1 Get 1 FREE




**SALE**

Plots gharabari demarcated low cast ready registration and boundary wall at Balianta, Bhingarpur, Bhubaneswar, Mob: 9938466916. D-16918

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ boundarywall, 30ft road ଏବଂ ବାସଉପଯୋଗୀ plot ଦିଆଯାଉଅଛି Sqft. 650/-. 7008045582, 9692003948. D-16940

**ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035.** D-68487

Flat sales 2bhk/ 3bhk, Patia Big Bazar, front (RERA) Approved. 7978867139. D-16925

**ଭୁବନେଶ୍ୱର Tamandoରେ 30'ରାସ୍ତା ଥାଇ/ C.V Raman NHକୁ ଲାଗି ପ୍ଲଟ୍ କିଣନ୍ତୁ। 9348767829.** D-68499

Flat for sale near Om Shanti Ashram just 3kms away from Phulnakhara Chhak, 9853916309, 9338401309. D-67542

**ଭୁବନେଶ୍ୱର ପିତାପଲ୍ଲୀ ଛକ ପାଖରେ NH side ପ୍ଲଟ ମିଳୁଅଛି। Owner- 9090963952.** D-68497

Bhubaneswar, Patia, Bigbazar ରୁ 3.5k.m ଘର କରିବା ପାଇଁ plot 50 x 30= 1500sqft. କୁ 8,25,000/- ରେ ମିଳୁଛି। 9937065503, 8249005131, 9337061817. D-68500

**Book 3BHK flat at AIIMS Hospital and near Sum Hospital 2/3 BHK at Dhauli Square. Contact: 8114860043.** D-67749

**Schedule caste gharabari boundary corner plot sale IIT Argul Station Bazar 5000sqft. 10,50,000/, 9439006524.** D-69102

Ready resale 2BHK-45lakhs, Nandan Vihar, Patia and 3BHK-65 lakhs flats, Damana, 7008346486. D-69238

**340 decimal gharabari plot near Check Gate, Pipili, Bhubaneswar-Puri road for sale, 9937162220.** D-16994

Booking open for duplex near ITER College, Jagamara, Bhubaneswar. Contact-7978751719. D-67545

**Sale of land 2600sqft. with house builtup area 1485sqft. carpet area 1167sqft. at plot 843/844 Talasahi, Laxmisagar, Bhubaneswar. Cost is Rs.1.45 Crore. Contact: 9437506708.** D-17004

Plot for sale at Mahadev Nagar, Jharpada, Bhubaneswar. Contact-7978751719. D-67544

**Holi Offer:- Book ready to move 2BHK/ 3BHK flats with all amenities @ "The Landmark" apartment from Bhubaneswar. It is the best right side Sundarpada location project. Basic price per sqft. is 2800/- for top floor & other floor is 3,000/-. Holi discount 50,000/- for 3BHK & 30,000/- for 2BHK. 9938569014, 9861433014.** D-17003




2000sqft. Luxurious Office, Accommodation near Ravi Talkies, Bhubaneswar, 8249204856. D-67298

2BHK flat with parking at Lingipur rent family. Contact: 7894381416. D-59945

3BHK with garage at Krishna Enclave, BJB Nagar Bank, PSU Family preferes, 9437019509, 9437049394. D-17008

Independent bungalow, six rooms and 800sqft. centre room. Parking area 1500sqft. Suitable for bank, office, officer's quarter, office cum godown. Very near to Mahanadi-Zobra barrage at Nimpur Canal road. Contact: 9937547222, 9338112817. D-16893

**Furnished office space 2000sqft. 1st floor at Samantvihar near Nalco Square, C.S Pur, Bhubaneswar. Contact: 9776021815.** D-69105

1200sqft. fully furnished Office Space having with furniture available at 2nd floor, Bapuji Nagar, Bhubaneswar @ 12000/-, & 1800sqft. @ 12000/-, on Sharing Basis, Contact-7008485542. D-67543




Shivam logistic packers movers. Household/ car relocation countrywide. 9777044177, 9338461133. D-16741

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Ayurvedic refreshment massage therapy refresh mind and body. Appointment: 7894855541. D-68598

Full body herbal massage with refreshment expert therapist. 7381239385, 06742540855. D-69232

Experience full body massage with us (expert). Call: 7377048581, 06742597822. D-69233

Herbal full body massage by smart / expert therapist. Contact: 8338067247. D-69234

Experience winter therapeutic Abhyanga massage feeling refreshing energetic: Appointment-9668374480. D-69235

Body massage @ 1099 at mystic Unisex Salon and Spa. 9556978408. D-69237

Rejuvenate and Ayurvedic full body massage by smart therapist. 9114402304. D-69236

Ayurvedic full body massage ladies and gents. Contact-9861064981. D-68794

Newly open full body massage by ladies, gents therapist. 8018656899 D-60878

Monalisa Massage Club: All types body massage with hiprofile smart lady rooms service available-9708545108. D-17005

Ayurvedic full body massage ladies/gents smart experts therapist:- 8480939300. D-68795



ବିହାର ପରେ ଆନ୍ଧ୍ରପ୍ରଦେଶରେ ଏନ୍‌ପିଆର୍ ବିରୋଧରେ ସରକାର ପ୍ରସ୍ତାବ ଆଣିବେ। ଏନେଇ ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନମୋହନ ରେଡ୍ଡୀ ମଙ୍ଗଳବାର ସୂଚନା ଦେଇଛନ୍ତି। ଏନ୍‌ପିଆର୍‌କୁ ନେଇ ମୁସଲମାନମାନେ ନିଜକୁ ଅସୁରକ୍ଷିତ ମଣୁଥିବାରୁ ଆଗାମୀ ବିଧାନସଭା ଅଧିବେଶନରେ ସରକାର ଏହା ବିରୋଧରେ ପ୍ରସ୍ତାବ ଗୃହୀତ କରିବେ ବୋଲି ସେ ପ୍ରକାଶ କରିଛନ୍ତି।

# ଓଡ଼ିଶାରେ ବଢ଼ିଲା ଜିଏସ୍‌ଟି ଆଦାୟ

**କଟକ ଅଫିସ,୩।୩**

- ଫେବୃୟାରୀରେ ବୃଦ୍ଧି ହାର ୨୮ ପ୍ରତିଶତ
- ଆଦାୟ ହେଲା ୮୦୪.୮୫କୋଟି ଟଙ୍କା
- ଯୋଡ଼ିହେଲେ ୪୫,୬୩୯ ନୂଆ ଟିକସଦାତା
- ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଦ୍ରବ୍ୟ ଏବଂ ସେବା କର(ଜିଏସ୍‌ଟି) ଆଦାୟରେ ଓଡ଼ିଶାର ଅଭିବୃଦ୍ଧି ଦେଖିବାକୁ ମିଳିଛି। ୨୦୧୯ ଫେବୃୟାରୀରେ ଓଡ଼ିଶାରେ ରାଜ୍ୟ ଜିଏସ୍‌ଟି(ଏସ୍‌ଜିଏସ୍‌ଟି) ଆଦାୟ ୬୭୨.୯୯ କୋଟି ଟଙ୍କା ଥିବାବେଳେ ୨୦୨୦ ଫେବୃୟାରୀରେ ଏହା ୮୦୪.୮୫ କୋଟି ଟଙ୍କା ରହିଛି। ଏଣୁ ଗୋଟିଏ ବର୍ଷ ଭିତରେ ଫେବୃୟାରୀରେ ବୃଦ୍ଧି ହାର ପ୍ରାୟ ୨୮ପ୍ରତିଶତ ରହିଛି ବୋଲି ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ସେହିପରି ଚଳିତ ଆର୍ଥିକ ବର୍ଷରେ ୪୫,୬୩୯ ନୂତନ ଟିକସଦାତା ଯୋଡ଼ି ହେବା ସହ ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

୨୦୧୯ ଏପ୍ରିଲରୁ ୨୦୨୦ ଫେବୃୟାରୀ ମଧ୍ୟରେ ମୋଟ୍ ଜିଏସ୍‌ଟି (କେନ୍ଦ୍ରୀୟ ଜିଏସ୍‌ଟି, ସମନ୍ୱିତ ଜିଏସ୍‌ଟି, ରାଜ୍ୟ ଜିଏସ୍‌ଟି ଓ ଅତିରିକ୍ତ କର) ୨୭,୦୪୪.୩୭ କୋଟି ଟଙ୍କା ଆଦାୟ ହୋଇଛି। ପୂର୍ବ ଆର୍ଥିକ ବର୍ଷ ୨୦୧୮-୧୯ ସମାନ ସମୟରେ ଏହା ଥିଲା ୨୪,୩୨୫.୭୯ କୋଟି ଟଙ୍କା। ଏହି ସମୟ ଟିକସ ସଂଗ୍ରହରେ ୧୧.୧୮ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୦ ଫେବୃୟାରୀରେ ଆଦାୟ କରାଯାଇଥିବା ୨୭୨୦ କୋଟି ଟଙ୍କାର ମୋଟ୍ ଜିଏସ୍‌ଟି ପରିମାଣ ମଧ୍ୟ ଚଳିତ ଆର୍ଥିକ ବର୍ଷରେ ଦ୍ୱିତୀୟ ସର୍ବାଧିକ ମାସିକ ଆଦାୟ। କୋଇଲା ଓ ଇସ୍ପାତ ବିକ୍ରି କ୍ଷେତ୍ରରେ ମାନ୍ଦାବସ୍ଥା ଯୋଗୁ ସମନ୍ୱିତ ଜିଏସ୍‌ଟି ଓ ଅତିରିକ୍ତ ଟିକସ ସଂଗ୍ରହ ପୂର୍ବ ମାସଗୁଡ଼ିକରେ ହ୍ରାସ ପାଇ ଆସୁଥିଲା। କିନ୍ତୁ ଫେବୃୟାରୀରେ ଏ କ୍ଷେତ୍ରରେ ଯଥାକ୍ରମେ ୯.୨୯ ପ୍ରତିଶତ ଓ ୨୭.୬୫ ପ୍ରତିଶତ ଅଭିବୃଦ୍ଧି ଦେଖାଯାଇଛି। ଫେବୃୟାରୀ ସୁଦ୍ଧା ଅତିରିକ୍ତ ଟିକସ କ୍ଷେତ୍ରରେ କ୍ରମ ବୃଦ୍ଧି ହାର ୨୦୧୯ ଫେବୃୟାରୀ ତୁଳନାରେ ୦.୨୦ପ୍ରତିଶତ ଯୁକ୍ତାତ୍ମକ ଥିବାବେଳେ ଆଇଜିଏସ୍‌ଟି କ୍ଷେତ୍ରରେ ଏହା ବିଯୁକ୍ତାତ୍ମକ ୩.୨୦ପ୍ରତିଶତ ରହିଛି।

ସେହିଭଳି ଫେବୃୟାରୀରେ ପେଟ୍ରୋଲିୟମ ଓ ମଦରୁ ଭାଟ୍ ସଂଗ୍ରହ ୬୯୫.୮୧ କୋଟି ଟଙ୍କା ରହିଛି। ଚଳିତ ଆର୍ଥିକ ବର୍ଷର ଏହା ସର୍ବାଧିକ ମାସିକ ଆଦାୟ। ପୁନଃଷ୍ଟ ରିଟର୍ଣ୍ଣ (ଜିଏସ୍‌ଟି ଆର୍-୩'ବି) ଦାଖଲ କ୍ଷେତ୍ରରେ ମଧ୍ୟ ଅଗ୍ରଗତି ଦେଖାଦେଇଛି। ଜାନୁୟାରୀରେ ୯୧ ପ୍ରତିଶତ ଟିକସଦାତା ଧାର୍ଯ୍ୟ ସମୟ ମଧ୍ୟରେ ଦାଖଲ କରିଛନ୍ତି। ୨୦୧୯ରେ ଏହା ମାତ୍ର ୬୭ ପ୍ରତିଶତ ଥିଲା। ଟିକସ ପରିସର ବୃଦ୍ଧି ନିମନ୍ତେ ଜିଏସ୍‌ଟି ଅଧୀନରେ ପଞ୍ଜୀକୃତ ହୋଇ ନ ଥିବା ଯୋଗ୍ୟ ବ୍ୟବସାୟୀଙ୍କ ସର୍ଭେକୁ ଗୁରୁତ୍ୱ ଦିଆଯାଇଥିଲା। ଫଳରେ ଚଳିତ ଆର୍ଥିକ ବର୍ଷରେ ୪୫,୬୩୯ ସଂଖ୍ୟକ ନୂଆ ଟିକସଦାତା ଟିକସ ପରିସରଭୁକ୍ତ ହୋଇଛନ୍ତି। ରିଟର୍ଣ୍ଣ ଦାଖଲ ଖିଲାପକାରୀ ଓ ଭୁଲ୍ ରିଟର୍ଣ୍ଣ ଦାଖଲକାରୀଙ୍କ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଯୋଗୁ ରିଟର୍ଣ୍ଣ ଦାଖଲ କରୁ ନ ଥିବା ବ୍ୟବସାୟୀଙ୍କ ବିରୋଧରେ ୪୯,୦୮୧ଟି ନୋଟିସ ଓ ଭୁଲ ରିଟର୍ଣ୍ଣ ଦାଖଲ ପାଇଁ ୧୧,୧୨୧ଟି ନୋଟିସ ଜାରି କରାଯାଇଛି। ଗତ ଦୁଇଟି ଟିକସ ଅବଧି ମଧ୍ୟରେ ରିଟର୍ଣ୍ଣ ଦାଖଲ କରି ନ ଥିବା ଯୋଗୁ ୨,୧୭୬ ଜଣ ବ୍ୟବହାରକାରୀଙ୍କ ଇ-ୱେବିଲ୍ ବାହାର କରିବା ବ୍ୟବସ୍ଥାକୁ ବନ୍ଦ କରାଯାଇଛି। ସେହିପରି ରାଜ୍ୟ ଅଧୀନସ୍ଥ ୩୦୨ ଜଣ ଟିକସଦାତାଙ୍କ ୬୧.୯୬ କୋଟି ଟଙ୍କାର ପ୍ରାପ୍ୟ (କ୍ରେଡିଟ୍) ଉପଲବ୍ଧ କ୍ରେଡିଟ ପରିମାଣଠାରୁ ଅଧିକ ଦାବି କରାଯିବା କାରଣରୁ ବନ୍ଦ କରାଯାଇଥିବା ସୂଚନା ଦିଆଯାଇଛି।

ଜିଏସ୍‌ଟି ଆଇନ ଅଧୀନସ୍ଥ ଟିକସ ବ୍ୟବସ୍ଥାକୁ ଅଧିକ ସୁସଂଗଠିତ କରିବା ଉଦ୍ଦେଶ୍ୟରେ ସମସ୍ତ ଜାଲ୍ ଓ ଖାମଖିଆଲି ବ୍ୟବସାୟୀଙ୍କ ପଞ୍ଜୀକରଣକୁ କ୍ଷେତ୍ରୀୟ ଅନୁସନ୍ଧାନ କରାଯାଇ ରଦ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ଆର୍ଥିକବର୍ଷରେ ରାଜ୍ୟ ଅଧୀନରେ ଥିବା ଏହିପରି ୧୨,୩୦୦ ଟିକସଦାତାଙ୍କ ପଞ୍ଜୀକରଣକୁ ଘୋଷିତ ବ୍ୟବସାୟ ସ୍ଥଳରେ ବ୍ୟବସାୟ କରୁ ନ ଥିବା ଯୋଗୁ ଏବଂ ୬ ମାସରୁ ଊର୍ଦ୍ଧ୍ୱ କାଳ ରିଟର୍ଣ୍ଣ ଦାଖଲ କରୁ ନ ଥିବା କିମ୍ବା ଜାଲ୍ କାରବାରରେ ଲିପ୍ତ ରହିଥିବା କାରଣରୁ ରଦ୍ଦ କରାଯାଇଛି। ତଥ୍ୟ ବିଶ୍ଳେଷଣ ବ୍ୟବସ୍ଥା ମାଧ୍ୟମରେ ଜାଲ୍ ବିଲ୍ ପ୍ରଦାନକାରୀଙ୍କୁ ଚିହ୍ନଟ କରାଯାଉଛି। ଜାଲ୍ ବ୍ୟବସାୟୀ ନେଟ୍‌ୱର୍କ ଚଳାଇଥିବା ଓ ଜାଲିଆତି କରି ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ(ଆଇଟିସି) ହସ୍ତାନ୍ତର କରିଥିବା ଅଭିଯୋଗରେ ଏପର୍ଯ୍ୟନ୍ତ ୭ ଜଣ ମାଷ୍ଟରମାଇଣ୍ଡଙ୍କୁ ଗିରଫ କରାଯାଇଛି। ଜାଲ୍ ଆଇଟିସି ହାସଲ କରିଥିବା ଅନ୍ୟ ରାଜ୍ୟର ବ୍ୟବସାୟୀଙ୍କ କ୍ଷେତ୍ରରେ ସମ୍ପୃକ୍ତ ୧୫ଟି ରାଜ୍ୟର କମିଶନରମାନଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯାଇଛି। ଓଡ଼ିଶାର ଯେଉଁମାନେ ଜାଲ୍ ଆଇଟିସି ଗ୍ରହଣ କରିଛନ୍ତି, ସେମାନଙ୍କଠାରୁ ଏହି ଆଇଟିସି ପରିମାଣ ସୁଧ ଓ ଜରିମାନା ସହ ଆଦାୟ କରିବା ପାଇଁ ଜିଏସ୍‌ଟି କମିଶନରେଟ ତରଫରୁ ପଦକ୍ଷେପ ନିଆଯାଉଛି। ୭୭.୬୦ କୋଟି ଟଙ୍କାର ଜାଲ୍ ଆଇଟିସି ହାସଲ କରିଥିବା ୧୮୧ ଜଣ ପଞ୍ଜୀକୃତ ଟିକସଦାତାଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି। ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତ ଏସ୍.କେ. ଲୋହାନି ସମସ୍ତ କ୍ଷେତ୍ରୀୟ କାର୍ଯ୍ୟାଳୟଗୁଡ଼ିକୁ ଟିକସଦାତାମାନଙ୍କୁ ସେମାନଙ୍କର ଟିକସ ସମ୍ପର୍କିତ ପ୍ରତିବଦ୍ଧତାକୁ ପୂରଣ କରିବା ଦିଗରେ ଏବଂ ନିୟମିତ ଓ ଉପଯୁକ୍ତ ରିଟର୍ଣ୍ଣ ଦାଖଲ ଦିଗରେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରାଯାଇଛି।


## ସ୍ତନ କର୍କଟ ସମ୍ପର୍କରେ ସବୁକିଛି...

Brought to you by:
Apollo HOSPITALS
BHUBANESWAR

**ସ୍ତନ କର୍କଟ ଚିକିତ୍ସାରେ ସେଣ୍ଟିନେଲ ଲିମ୍ଫ୍ ନୋଡ୍ ବାୟୋପ୍ସି କ'ଣ?**
ସ୍ତନ କର୍କଟ ଅସ୍ତ୍ରୋପଚାରରେ ସ୍ତନ କର୍କଟର ଡ୍ରେନିଂ ଏରିଆ ଭାବେ ପରିଚିତ କାଖତଳ ଅଞ୍ଚଳରୁ ସମସ୍ତ ଲିମ୍ଫ୍ ନୋଡ୍‌କୁ ହଟାଇଦିଆଯାଏ। ସେଣ୍ଟିନେଲ ଲିମ୍ଫ୍ ନୋଡ୍ ବାୟୋପ୍ସିରେ, ବଛା ବଛା ମାମଲାରେ, ପ୍ରଥମ ଲିମ୍ଫ୍ ନୋଡ୍‌କୁ ଚିହ୍ନଟ କରିବା ଏବଂ ତାକୁ କାଢ଼ି ସେଥିରେ ଟ୍ୟୁମର୍ କୋଷିକା ଅଛି କି ନାହିଁ ତାହା ପରୀକ୍ଷା କରିବା ପ୍ରକ୍ରିୟା ଅନ୍ତର୍ଭୁକ୍ତ। ଅବଶିଷ୍ଟ ଲିମ୍ଫ୍ ନୋଡ୍‌ଗୁଡ଼ିକୁ କଢ଼ାଯିବ କି ନାହିଁ ତାହାର ସୂଚକ ଭାବେ ଏହା କାର୍ଯ୍ୟ କରିଥାଏ।

**ସ୍ତନ କର୍କଟ ଚିକିତ୍ସା ପରେ କ'ଣ ଥଇଥାନ କରାଯାଇଥାଏ?**
ଅସ୍ତ୍ରୋପଚାର ପୂର୍ବରୁ ସମସ୍ତ ରୋଗୀଙ୍କର ମନସ୍ତାତ୍ତ୍ୱିକ କାଉନସେଲିଂ କରାଯାଇଥାଏ, ଯାହା ଅସ୍ତ୍ରୋପଚାର ପରେ ମଧ୍ୟ ଜାରି ରହିଥାଏ। ଅସ୍ତ୍ରୋପଚାର ପରେ ପ୍ରତ୍ୟେକ ରୋଗୀଙ୍କୁ ବାହୁ ବ୍ୟାୟାମ ଶିଖାଯାଇଥାଏ, ଯାହାଦ୍ୱାରା ବାହୁ ଫୁଲିବା ଓ କାନ୍ଧର କଠିନତାକୁ ପ୍ରତିରୋଧ କରାଯାଇପାରିଥାଏ। ଏହି ବ୍ୟାୟାମଗୁଡ଼ିକ ଅସ୍ତ୍ରୋପଚାର ପରେ ଯେତେ ଶୀଘ୍ର ସମ୍ଭବ ସେତେ ଶୀଘ୍ର ଆରମ୍ଭ କରାଯିବା ଉଚିତ।

**ଚିକିତ୍ସା ସମ୍ପୂର୍ଣ୍ଣ ହେବା ପରେ ସ୍ତନ କର୍କଟ ଚିକିତ୍ସାର ଫଲୋ ଅପ୍ କିପରି କରାଯିବ?**
ଚିକିତ୍ସା ସମ୍ପୂର୍ଣ୍ଣ ହେବା ପରେ ସମସ୍ତ ସ୍ତନ କର୍କଟ ରୋଗୀଙ୍କର ଫଲୋ ଅପ୍ (ଚିକିତ୍ସା ପରବର୍ତ୍ତୀ ଯାଞ୍ଚ) କରାଯାଇଥାଏ। ଚିକିତ୍ସାର ତୁରନ୍ତ ପରବର୍ତ୍ତୀ ପର୍ଯ୍ୟାୟରେ ଫଲୋ ଅପ୍ ପ୍ରକ୍ରିୟାର ବାରମ୍ବାରତା ଅଧିକ ହୋଇଥାଏ ଏବଂ ସମୟ ସହିତ ବାରମ୍ବାରତାକୁ କ୍ରମଶଃ ହ୍ରାସ କରାଯାଇଥାଏ। ଆମେ ସାଧାରଣତଃ ଚିକିତ୍ସା ପରବର୍ତ୍ତୀ ପ୍ରଥମ ୨-୩ ବର୍ଷରେ ୩-୪ ମାସିକ ଫଲୋ ଅପ୍ କରିଥାଉ ଏବଂ ୫ ବର୍ଷ ସମ୍ପୂର୍ଣ୍ଣ ହେବା ପରେ ଏହାକୁ ହ୍ରାସ କରି ବାର୍ଷିକ ଥରେ କରିଥାଉ।



**ସ୍ତନ କର୍କଟରେ ସ୍କ୍ରିନିଂ କ'ଣ ହୋଇଥାଏ?**
ରୋଗ ସମ୍ପର୍କରେ ସଚେତନ ନ ଥିବା ଲୋକଙ୍କଠାରେ ପ୍ରାଥମିକ ସ୍ତରରେ କର୍କଟକୁ ଚିହ୍ନଟ କରିବା ପ୍ରକ୍ରିୟାକୁ ସ୍କ୍ରିନିଂ କୁହାଯାଏ। ୩୫-୪୦ରୁ ଅଧିକ ବୟସର ମହିଳାମାନଙ୍କ କ୍ଷେତ୍ରରେ ଗୋଟିଏ ବାର୍ଷିକ ମାମୋଗ୍ରାମ୍ ସମ୍ପାଦନ କରାଯାଇ ସ୍ତନ କର୍କଟର ସ୍କ୍ରିନିଂ କରାଯାଇପାରିବ। ମାମୋଗ୍ରାମ୍ ପ୍ରାଥମିକ ସ୍ତରର କର୍କଟଗୁଡ଼ିକୁ ଚିହ୍ନଟ କରିବାରେ ସହାୟତା କରିଥାଏ। ମାମୋଗ୍ରାମ୍ ପ୍ରକ୍ରିୟାରୁ ଚିହ୍ନଟ ହୋଇଥିବା ଗୋଟାଳି କ୍ଷେତ୍ରରେ, ତାହାର ପ୍ରବନ୍ଧନ ପାଇଁ ରୋଗୀଙ୍କୁ ଜଣେ ଅଙ୍କୋଲୋଜିଷ୍ଟ ବା କର୍କଟ ଚିକିତ୍ସକଙ୍କ ନିକଟକୁ ରେଫର୍ କରାଯାଏ।

**ପାରିବାରିକ ଇତିହାସରେ ସ୍ତନ କର୍କଟ ଗୁରୁତ୍ୱପୂର୍ଣ୍ଣ କି?**
ସମସ୍ତ ସ୍ତନ କର୍କଟ ମଧ୍ୟରୁ ୧୦-୧୫%ର ପାରିବାରିକ କାରଣ ରହିଥିବାର ବିଶ୍ୱାସ କରାଯାଏ। ବିଆର୍‌ସିଏ ଜିନ୍ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜିନ୍, ଯାହା ଏ ଦିଗରେ ଭୂମିକା ତୁଲାଉଥିବାର ବିଶ୍ୱାସ କରାଯାଏ। ପାରିବାରିକ ସ୍ତନ କର୍କଟର ସନ୍ଦେହ କରାଯାଉଥିବା ସମସ୍ତ ମାମଲା ଅର୍ଥାତ୍ ଯୁବ ସ୍ତନ କର୍କଟ ରୋଗୀ କିମ୍ବା ମାତୃପକ୍ଷରେ ଦୃଢ଼ ପାରିବାରିକ ଇତିହାସ ଥିବା ରୋଗୀଙ୍କ କ୍ଷେତ୍ରରେ ବିଆର୍‌ସିଏ ଜିନ୍ ପରୀକ୍ଷା କରାଯିବା ଆବଶ୍ୟକ। ଏହି ପରୀକ୍ଷାର ସମ୍ମୁଖୀନ ହେଉଥିବା ରୋଗୀଙ୍କୁ ସାହାଯ୍ୟ ଯୋଗାଇବାରେ ଜେନେଟିକ୍ କାଉନ୍‌ସେଲର୍‌ମାନେ ଅତିବ ସହାୟକ ହୋଇଥାନ୍ତି।

ତେଣୁ, ଏଇସବୁ ହେଉଛି ସ୍ତନ କର୍କଟ ଉପରେ ପ୍ରାୟତଃ ପଚରାଯାଉଥିବା ପ୍ରଶ୍ନଗୁଡ଼ିକର ଉତ୍ତର। ସଚେତନତା ଓ ସଅଳ ଚିହ୍ନଟ ହିଁ ସ୍ତନ କର୍କଟକୁ ପରାଜିତ କରିବାର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ।

**ଡା. ନୀତିଶ ରଞ୍ଜନ ଆଚାର୍ଯ୍ୟ,**
(ଏମ୍.ଏସ୍., ଏମ୍‌ସିଏଚ୍.)
କନ୍‌ସଲଟାଣ୍ଟ କ୍ୟାନ୍ସର ସର୍ଜନ୍
**ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର**
ଆପଏଣ୍ଟମେଣ୍ଟ : ୦୬୭୪ ୬୬୬୧୦୧୬ | ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬


## ସ୍କୁଲରେ ଶୋଇ ନିଲମ୍ବିତ ହେଲେ ଶିକ୍ଷୟିତ୍ରୀ

**କୁକୁଡ଼ାଖଣ୍ଡି,୩।୩(ଡି.ଏନ.ଏ.):** ବିଦ୍ୟାଳୟରେ ଶୋଇବା ଜଣେ ଶିକ୍ଷୟିତ୍ରୀଙ୍କୁ ମହଙ୍ଗା ପଡ଼ିଛି। ଶୋଇଥିବା ବେଳର ଭିଡିଓ ସାମାଜିକ ଗଣମାଧମରେ ଭାଇରାଲ ହେବା ପରେ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ଏଭଳି ଘଟଣା ଘଟିଛି ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ଗୁରୁଣ୍ଡି ପଞ୍ଚାୟତ ରଙ୍ଗରାଜପୁର ପ୍ରାଥମିକ ବିଦ୍ୟାଳୟରେ। ଶିକ୍ଷୟିତ୍ରୀ ଜଣକ ହେଲେ ସୁମିତା ନାୟକ। ସୋମବାର ମଧ୍ୟାହ୍ନରେ ପିଲାମାନଙ୍କୁ ପାଠ ନ ପଢ଼ାଇ ସୁମିତା ସ୍କୁଲର ଏକ ଗୋଦାମଗୃହରେ ଶୋଇ ରହିଥିଲେ। ଏ ନେଇ ଏକ ଭିଡିଓ ଭାଇରାଲ ହେବା ପରେ ବିଇଓ ଏସ୍. ଗିରିଧର ଚିଠି ନଂ. ୩୭୬ ଅନୁଯାୟୀ ମଙ୍ଗଳବାର ଶିକ୍ଷୟିତ୍ରୀ ସୁମିତାଙ୍କୁ ନିଲମ୍ବିତ କରିଛନ୍ତି। ଏଥିସହ ଚିଠିର ଏକ ନକଲ ସିଆର୍‌ସିସି, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଡିଇଓଙ୍କୁ ପଠାଇଥିବା କହିଛନ୍ତି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ୨୦ଜଣ ଛାତ୍ରାଛାତ୍ର ପାଠ ପଢୁଛନ୍ତି। କିନ୍ତୁ ଦୈନିକ ମାତ୍ର ୭ଜଣ ପିଲା ଉପସ୍ଥିତ ରହୁଛନ୍ତି। ଏଥିପାଇଁ ଶିକ୍ଷୟିତ୍ରୀମାନେ କେତେବେଳେ ସ୍କୁଲକୁ ଆସୁଥିବା ବେଳେ କେତେବେଳେ ଆସୁ ନାହାନ୍ତି।

## ରାଜପଥ ଉପରେ ହାତୀ, ୨ଘଣ୍ଟା ଆତଙ୍କ

**ଭବାନୀପାଟଣା,୩।୩(ଡି.ଏନ୍.ଏ.)**



ମଙ୍ଗଳବାର କଳାହାଣ୍ଡି ଜିଲା ଭବାନୀପାଟଣା-ଥୁଆମୂଳ ରାଜପଥରେ ଏକ ହାତୀ ଉପଦ୍ରପ ଯୋଗୁ ଆତଙ୍କ ପ୍ରକାଶ ପାଇଥିଲା। ୨ ଘଣ୍ଟା ଧରି ସେହି ରାସ୍ତାରେ ଯାତାୟାତ ବନ୍ଦ ରହିଥିଲା। ଏପରି ଏକ ଯାତ୍ରୀବାହୀ ବସ୍ ଦୀର୍ଘ ସମୟ ଧରି ଅଟକି ରହିଥିଲା।

ମିଳିଥିବା ସୂଚନା ଅନୁଯାୟୀ, ରାମପୁର ବ୍ଲକ କର୍ଲାପାଟ ଅଭୟାରଣ୍ୟ କିଆପଦର ଜଙ୍ଗଲରୁ ଭବାନୀପାଟଣା-ଥୁଆମୂଳ ରାମପୁର ରାଜପଥକୁ ମଙ୍ଗଳବାର ପୂର୍ବାହ୍ନରେ ଏକ ଦନ୍ତା ହାତୀ ଚାଲି ଆସିଥିଲା। ଏହି ସମୟରେ ଉକ୍ତ ରାଜପଥରେ ଭବାନୀପାଟଣାରୁ ଥୁଆମୂଳ ରାମପୁର ଯାଉଥିବା ଏକ ସରକାରୀ ଯାତ୍ରୀବାହୀ ବସ୍ ହାତୀ ହାବୁଡରେ ପଡିଯାଇଥିଲା। ହାତୀଟି ବସ୍ ଆଡକୁ ମାଡି ଆସିବାରୁ ଯାତ୍ରୀ ଏବଂ ଗାଡି ଚାଳକ ଆତଙ୍କିତ ହୋଇପଡିଥିଲେ। ହେଲେ ହାତୀଟି କିଛିଦୂର ଆସିବା ପରେ ଅଟକି ରହିଥିଲା। ଏପରି କି ହାତୀଟି ପ୍ରାୟ ୨ଘଣ୍ଟା ଧରି ରାସ୍ତାରେ ରହିବା ପରେ ଜଙ୍ଗଲ ଭିତରକୁ ଚାଲିଯିବାରୁ ଏକ ବିପଦ ଟଳିଯାଇଥିଲା। ଏହି କଥା ପ୍ରଚାରିତ ହେବା ପରେ ଉକ୍ତ ରାସ୍ତାଦେଇ ଯିବାକୁ ଲୋକେ ଭୟ କରିଥିଲେ। ଉଲ୍ଲେଖଯୋଗ୍ୟ, କର୍ଲାପାଟ ଅଭୟାରଣ୍ୟରେ ହାତୀ ଥିବାରୁ ସମ୍ପୃକ୍ତ ଅଞ୍ଚଳକୁ ବନ ବିଭାଗ ପକ୍ଷରୁ ହାତୀ କରିଡର ଘୋଷଣା କରାଯାଇଛି। ଅନ୍ୟପକ୍ଷେ ବନ ବିଭାଗ ହାତୀର ଗତିବିଧିକୁ ଲକ୍ଷ୍ୟ କରି ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ବାଟବଣା ଭାଲୁକୁ ଜଗିଛି ବନ ବିଭାଗ

**ସଜନାଗଡ଼, ୩।୩(ଡି.ଏନ.ଏ.):** ଖାଦ୍ୟ ଅନ୍ୱେଷଣରେ ବନ୍ୟଜନ୍ତୁ ଏବେ ଜନବସତି ଆଡକୁ ପଶିଆସୁଛନ୍ତି। ସୋମବାର ରାତିରେ ଏକ ମା' ଭାଲୁ ସହିତ ଶାବକ ନୀଳଗିରି ଉପଖଣ୍ଡ ଅଧୀନ ମହିଷାପଟା ପଞ୍ଚାୟତ ନିକଟ ପାଟଣା ଗ୍ରାମକୁ ପଶି ଆସିଥିଲା। ମଙ୍ଗଳବାର ପୂର୍ବାହ୍ନରେ ମା' ଭାଲୁଟି ଜଙ୍ଗଲକୁ ଚାଲି ଯାଇଥିବାବେଳେ ଶାବକ ବାଟବଣା ହୋଇ ଘୁରି ବୁଲୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ନୀଳଗିରି ବନବିଭାଗକୁ ଅବଗତ କରାଇଥିଲେ। ବନବିଭାଗ କର୍ମଚାରୀମାନେ ପହଞ୍ଚି ଭାଲୁକୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରଖିଥିଲେ। ଗ୍ରାମବାସୀ ଯେପରି ଭାଲୁ ଶାବକକୁ ହଇରାଣ ନ କରିବେ ଓ ସେ କିପରି ସୁରକ୍ଷିତ ଭାବେ ଜଙ୍ଗଲ ଭିତରକୁ ଯାଇ ତା'ର ମା' ପାଖରେ ପହଞ୍ଚିବ ତାହା ଉପରେ ବନବିଭାଗ କର୍ମଚାରୀ ନଜର ରଖିଛନ୍ତି। କର୍ମଚାରୀମାନେ ଭାଲୁକୁ ଚତୁଃପାର୍ଶ୍ୱରୁ ଜଗି ରହିବା ସହ ସନ୍ଧ୍ୟାକୁ ଅପେକ୍ଷା କରିଥିଲେ। ସନ୍ଧ୍ୟା ହେଲେ ମା' ଭାଲୁ ଜଙ୍ଗଲରୁ ବାହାରକୁ ଆସି ଶାବକକୁ ନେଇଯିବ ବୋଲି ବନବିଭାଗ ଅନୁମାନ କରିଛି।



## ପୂର୍ବତନ ବିଧାୟକ ବୀର ସିପ୍‌କାଙ୍କ ପରଲୋକ

**ଧର୍ମଗଡ଼,୩।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ଼ର ପୂର୍ବତନ ବିଧାୟକ ବୀର ସିପ୍‌କାଙ୍କ ମଙ୍ଗଳବାର ଗୋଲାମୁଣ୍ଡାସ୍ଥିତ ବାସଭବନରେ ୬୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ବୀର ସିପ୍‌କା ୧୯୫୬ ମସିହ ଫେବୃୟାରୀ ୧ ତାରିଖରେ ଗୋଲାମୁଣ୍ଡାରେ ଜନ୍ମ ଗ୍ରହଣ କରିଥିଲେ। ପାଠ ପଢ଼ା ସରିବା ପରେ ସେ ଅଡିଟର ଭାବେ ସରକାରୀ ଚାକିରି ଜୀବନ ଆରମ୍ଭ କରିଥିଲେ। ପରେ ସେ ରାଜନୀତିରେ ଯୋଗଦେଇ ୧୯୯୫ରେ ଜନତା ଦଳରୁ ଧର୍ମଗଡ଼ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ୨୦୦୦ ଏବଂ ୨୦୦୪ରେ ସେ ବିଜେଡିରୁ ଲଗାତର ଧର୍ମଗଡ଼ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।



ବୀର୍ ସିପ୍‌କା (ଫାଇଲ ଫଟୋ)

## ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା

**ରାଇଘର,୩।୩(ଡି.ଏନ.ଏ):** ନବରଙ୍ଗପୁର ଜିଲା ରାଇଘର ବ୍ଲକ ନାକଟିସିମୋଡ଼ା ପଞ୍ଚାୟତରେ ପ୍ରେମୀଯୁଗଳ ବେକରେ ଓଢ଼ଣୀ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଜଣେ ନାବାଳିକାଙ୍କ ସହ ନାକଟିସିମୋଡା ପଞ୍ଚାୟତର ଚଡ଼ିଆପାରା ଗ୍ରାମର ଅମଲ ସିଂ ଗଣ୍ଡ (୨୧)ଙ୍କ ଦୀର୍ଘ ଦିନ ଧରି ପ୍ରେମ ସମ୍ପର୍କ ରହିଥିଲା। ସୋମବାର ରାତିରେ ସେମାନେ ଘରୁ ବାହାରି ଗ୍ରାମ ନିକଟସ୍ଥ ଏକ ଜଙ୍ଗଲକୁ ଯାଇଥିଲେ। ସେଠାରେ ଗୋଟିଏ ଓଢ଼ଣୀକୁ ସେମାନେ ବେକରେ ବାନ୍ଧି ଏକ ଶାଳ ଗଛରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ସକାଳେ ଅମଲସିଂ ଓ ନାବାଳିକାଙ୍କ ମୃତଦେହ ଝୁଲୁଥିବା ଗ୍ରାମବାସୀ ଦେଖି ସେମାନଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ରାଇଘର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ପରିବାର ଭୟରେ ସେମାନେ ଆତ୍ମହତ୍ୟା କରିଥିବା ଲୋକମାନେ ଆଲୋଚନା କରୁଛନ୍ତି। ଥାନାରେ ନଂ .୪୫/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ସବଇନ୍ସପେକ୍ଟର ରାମଚନ୍ଦ୍ର ଅଗସ୍ତି ଘଟଣାର ତଦନ୍ତ କରୁଛନ୍ତି।



## ଜିଲା ଟିଠି
### କେନ୍ଦ୍ରାପଡ଼ା
## ବିଷ ବଳୟ

ରାତି ପାହିଲେ ପତ୍ର ଉପରେ ଶିଶିର ବିନ୍ଦୁ ଦେଖିବାକୁ ମିଳୁନାହିଁ। ପ୍ରତି ପତ୍ର ଉପରେ ହଳଦୀ ରଙ୍ଗର ଟୋପା ଚିହ୍ନ। ପାରାଦୀପଠାରୁ ଅନତୀ ଦୂରରେ ଥିବା କେନ୍ଦ୍ରାପଡା ଜିଲାର ବତିଘର ପଞ୍ଚାୟତରେ ଏହା ଏବେ ସୀମିତ ନାହିଁ। ଏଠାରୁ ୫୦ କିଲୋମିଟର ଦୂର କେନ୍ଦ୍ରାପଡା ସହରରେ ଏହି ଦୃଶ୍ୟ ଦେଖିବାକୁ ମିଳୁଛି। ଜଗତ୍‌ସିଂହପୁର ଜିଲାର ଶିଳ୍ପାଞ୍ଚଳରୁ ନିର୍ଗତ ରାସାୟନିକ ବର୍ଜ୍ୟବସ୍ତୁ କେନ୍ଦ୍ରାପଡ଼ା ଜିଲାକୁ ବିଷ ବଳୟରେ ଢାଙ୍କି ଦେଇଛି। ଶିଳ୍ପାଞ୍ଚଳରୁ ନିର୍ଗତ ରାସାୟନିକ ଗ୍ୟାସ ବାୟୁ ପ୍ରଦୂଷଣ କରିବା ସହ ବର୍ଜ୍ୟବସ୍ତୁ ମହାନଦୀ ମାଧ୍ୟମରେ ଆସି ନଦୀ ଓ ସାମୁଦ୍ରିକ ଜୀବଙ୍କ ସତ୍ତା ଲୋପ କରୁଥିବା ବହୁ ଅଭିଯୋଗ ହେଉଛି। ସେହିପରି ଶିଳ୍ପାଞ୍ଚଳର ବିଷ ପ୍ରଭାବରେ ଚର୍ମ କର୍କଟ ରୋଗୀଙ୍କ ସଂଖ୍ୟା କେନ୍ଦ୍ରାପଡା ଜିଲାରେ ବଢ଼ିବାରେ ଲାଗିଛି। ଏଥିରେ ବେଆଇନ ଚିଙ୍ଗୁଡି ଘେରି ନିର୍ମାଣ ସାଥି ହୋଇଛି। ସରକାରୀ ତଥ୍ୟ ମୁତାବକ ୬୪୨୬ ହେକ୍ଟର ଜମିରେ ବେଆଇନ ଚିଙ୍ଗୁଡି ଘେରି ରହିଛି। ତେବେ ବାସ୍ତବ ତଥ୍ୟ ଭିନ୍ନ। ନିଜସ୍ୱ ଜମିକୁ ଛାଡି ଏବେ ଭିତରକନିକାର ତାର ଜାଲି ଘେରା ନିଷିଦ୍ଧାଞ୍ଚଳର ଶହଶହ ଏକର ଜାଗାରେ କରାଯାଇଛି ବେଆଇନ ଚିଙ୍ଗୁଡ଼ିଘେରି। ଏଠାରୁ ନିର୍ଗତ ବିଭିନ୍ନ ବିଷାକ୍ତ ପଦାର୍ଥ ଜାତୀୟ ଉଦ୍ୟାନ ଭିତରକନିକାର କ୍ଷତି କରୁଛି। ସେହିପରି ପରିବେଶକୁ ନଷ୍ଟ କରୁଛି ବେଆଇନ ଜବରଦଖଲ। ନଦୀ, ନାଳ ଉପରେ ଜବରଦଖଲ କରି ଘର ସଂଖ୍ୟା ବଢ଼ିବାରୁ ଏହି ଜଳ ନିଷ୍କାସନ ପଥ ସଙ୍କୁଚିତ ହେଉଛି। ସଙ୍କୁଚିତ ଜଳପଥରେ ସ୍ଥାନୀୟ ବାସିନ୍ଦାଙ୍କ ଆବର୍ଜନା ଫିଙ୍ଗା ଏବେ ପରିବେଶକୁ ବିଷମୟ କରିଛି। ପ୍ରାକୃତିକ ସମ୍ପଦ ଏହି ବିଷ ବଳୟରେ ସନ୍ତୁଳି ହେଉଥିବା ବେଳେ ଖାଦ୍ୟରେ ମିଶୁଥିବା ବିଷ ଏବେ ଭୟଙ୍କର ସ୍ଥିତି ଉପୁଜାଇଛି। ସହରଠାରୁ ଗ୍ରାମାଞ୍ଚଳରେ ବିକ୍ରି ଖାଦ୍ୟ ପଦାର୍ଥରେ ବିଷର ପ୍ରଭାବ ଦେଖାଦେଇଛି। ସାଧାରଣ ଦହିବରା ଆଳୁଦମ୍‌ରେ ଦହି ବଦଳରେ ଜଳଖିଆ ଦୋକାନରୁ ସଂଗୃହୀତ ଛେନା ପାଣି ଦିଆଯାଉଛି। ଗୁପ୍‌ଚୁପ୍‌ର ଖଟାପାଣି ଏବେ ତେନ୍ତୁଳି ବଦଳରେ ଭିନେଗାରରେ ତିଆରି ହେଉଛି। ପନିପରିବାରେ ମିଶୁଥିବା ରାସାୟନିକ ସାର ଶରୀରରେ ରୋଗ ସୃଷ୍ଟି କରୁଛି। ବଜାରରେ ମିଳୁଥିବା ବିଭିନ୍ନ ବାସି ଖାଦ୍ୟ ଗ୍ରାହକଙ୍କୁ ଜଣାପଡୁଥିଲେ ମଧ୍ୟ ଏହାର ଯାଞ୍ଚ ପାଇଁ କୌଣସି ସୁବିଧା ନାହିଁ କିମ୍ବା ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ ଧରପଗଡ଼ କରାଯାଉନାହିଁ। ଏଥିପାଇଁ କେନ୍ଦ୍ରାପଡ଼ା ଜିଲାରେ ଆଞ୍ଚଳିକ ପରୀକ୍ଷାଗାର ନିର୍ମାଣ ଦାବି ହେଉଛି। ବିଷ ବଳୟ ମଧ୍ୟରେ ରହିଥିବା ଜିଲାବାସୀଙ୍କ ପାଇଁ ସ୍ୱାସ୍ଥ୍ୟସେବା ଏବେ ପ୍ରହସନ ପାଲଟିଛି। ଡାକ୍ତର ଅଭାବ ସହ ଅନ୍ୟ ଭିତ୍ତିଭୂମି ସୁଦୃଢ଼ ପାଇଁ ବୁଦ୍ଧିଜୀବୀମାନେ ସ୍ୱର ଉଠାଉଛନ୍ତି। ଶିଳ୍ପାଞ୍ଚଳ ଓ ଚିଙ୍ଗୁଡିଘେରିର ବିଷ ବଳୟରୁ ଜାତୀୟ ଉଦ୍ୟାନ ଭିତରକନିକାକୁ ମୁକ୍ତ କରିବା ଜିଲାବାସୀଙ୍କ ପାଇଁ ଆହ୍ୱାନ ପାଲଟିଛି।

- ଜଗନ୍ନାଥ ଧଳ

# ହକି ବିଶ୍ୱକପ୍ ପାଇଁ ପ୍ରସ୍ତୁତ ରୁହ

**ସୁନ୍ଦରଗଡ଼,୩।୩(ଡି.ଏନ.ଏ.)**



ସମ୍ବର୍ଦ୍ଧନା ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଜେଡି କର୍ମୀମାନେ ପୁଷ୍ପମାଲ୍ୟ ପ୍ରଦାନ କରୁଛନ୍ତି।

- ସୁନ୍ଦରଗଡ଼ ସମ୍ବର୍ଦ୍ଧନା ସଭାରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ
- ୧୫ଶହ କୋଟି ଟଙ୍କାର ପ୍ରକଳ୍ପ ଲୋକାର୍ପିତ,ଶିଳାନ୍ୟାସ
- ବିଜେଡି ରାଜନୀତିରେ ନୁହେଁ, ଲୋକଙ୍କ ସେବାରେ ବିଶ୍ୱାସ କରେ

ସୁନ୍ଦରଗଡ଼ର ଶିଳ୍ପ ଓ କ୍ରୀଡାକୁ ନେଇ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଓଡ଼ିଶାର ବେଶ୍ ସୁନାମ ବଢ଼ିଛି। ହକିର ପ୍ରଚାର ପ୍ରସାର ଓ ଖେଳାଳିମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି। ସେଥିପାଇଁ ୨୦୨୩ରେ ଓଡ଼ିଶାରେ ହେବାକୁ ଥିବା ହକି ବିଶ୍ୱକପ୍ ସୁନ୍ଦରଗଡ ଜିଲାରେ ଆୟୋଜନ ପାଇଁ ତାଙ୍କ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ଼ ଗସ୍ତ ଅବସରରେ ଜିଲାବାସୀଙ୍କୁ ଆହ୍ୱାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୫ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି।

ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଝାରସୁଗୁଡ଼ା ଏୟାରପୋର୍ଟରେ ଅବତରଣ କରିଥିଲେ। ସେଠାରୁ ଏକ ସ୍ୱତନ୍ତ୍ର ହେଲିକପ୍ଟରରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀର ପ୍ରାୟ ୪୫ମିନିଟ ବିଳମ୍ବରେ ଅପରାହ୍ନ ୧ଟା ୧୫ରେ ସୁନ୍ଦରଗଡ଼ ଷ୍ଟାଡିୟମରେ ପହଞ୍ଚିଥିଲେ। ପ୍ରଥମେ ସେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ପରେ ଭବାନୀଭବନ ପଡ଼ିଆରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପହଞ୍ଚିଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ତଥା ସୁନ୍ଦରଗଡ ଜିଲା ବିଜୁ ଜନତା ଦଳ ସଭାପତି ବିନୟ ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟର ବିକାଶରେ ସୁନ୍ଦରଗଡ ଜିଲାର ଅନେକ ଅବଦାନ ରହିଛି। ପ୍ରବାଦପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁବାବୁ ସୁନ୍ଦରଗଡ଼ ଜିଲାକୁ ଭଲ ପାଉଥିଲେ। ରାଉରକେଲାରେ ଷ୍ଟିଲ୍‌ପ୍ଲାଣ୍ଟ ପ୍ରତିଷ୍ଠା କରିବାରେ ବିଜୁବାବୁଙ୍କ ଅବଦାନ ରହିଛି। ଏହି ଜିଲାରୁ ହିଁ ସେ ରାଜ୍ୟର ଶିଳ୍ପାୟନର ଯୁଗ ଆରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଲେ, ଆଦିବାସୀମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ସହ ପାରମ୍ପରିକ, ସାଂସ୍କୃତିକ ପରମ୍ପରାକୁ ବଜାୟ ରଖିବା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରାଯାଇଛି। ରାଜ୍ୟ ସରକାର 'ମୋ ସରକାର' କାର୍ଯ୍ୟକ୍ରମ ମାଧ୍ୟମରେ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ବିକାଶ ପାଇଁ ପଦକ୍ଷେପ ନେଇଛନ୍ତି। ବିଜେଡି ନେତୃତ୍ୱାଧୀନ ସରକାର ରାଜନୀତିରେ ନୁହେଁ, ଲୋକଙ୍କ ସେବାରେ ବିଶ୍ୱାସ ରଖେ। ଆଜି ୧୫ଶହ କୋଟିର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ ହୋଇଛି। ଆଗାମୀ ଦିନରେ ଜିଲାର ଆହୁରି ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଜିଲାବାସୀଙ୍କୁ ଉତ୍ତମ ଓ ଉଚ୍ଚମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଖୁବ୍‌ଶୀଘ୍ର ମେଡିକାଲ କଲେଜ ଓ ହସ୍ପିଟାଲ ଲୋକାର୍ପଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ସଭାରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ରାଜଗାଙ୍ଗପୁରର ପୂର୍ବତନ ବିଧାୟକ ମଙ୍ଗଳା କିଷାନ, ସୁନ୍ଦରଗଡ଼ର ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଦିଲୀପ ତିର୍କୀ, ବିଜେଡି ନେତ୍ରୀ ସୁନୀତା ବିଶ୍ୱାଳ, ସୁନ୍ଦରଗଡ଼ ଜିଲା ବିଜେଡି ପର୍ଯ୍ୟବେକ୍ଷକ ତଥା ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡାଇ ଉଦ୍‌ବୋଧନ ଦେଇଥିଲେ। ପଶ୍ଚିମ ଓଡିଶା ବିକାଶ ପରିଷଦର ପୂର୍ବତନ ଅଧ୍ୟକ୍ଷା ତଥା ସୁନ୍ଦରଗଡ ରାଜମାତା ପଦ୍ମିନୀ ଶେଖର ଦେଓ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲାପାଳ ନିଖିଲ ପଓ୍ୱାନ କଲ୍ୟାଣ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଧର୍ମଗୁରୁ ଓ ବିଜୁ ଯୁବ ଛାତ୍ର ସଙ୍ଗଠନ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।


## ଫର୍ମ ଜି
## ଆଗ୍ରହର ଅଭିବ୍ୟକ୍ତି ଆମନ୍ତ୍ରଣ

ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି (ଇନ୍‌ସଲ୍‌ଭେନ୍ସି ରିଜୋଲ୍ୟୁଶନ୍ ପ୍ରୋସେସ୍ ଫର୍ କର୍ପୋରେଟ୍ ପର୍ସନ୍ସ) ରେଗୁଲେସନ୍ସ, ୨୦୧୬ର ରେଗୁଲେଶନ୍ ୩୬ଏ (୧) ଅଧୀନରେ

| | ସମ୍ପର୍କିତ ବିବରଣୀ | |
|---|---|---|
| ୧. | କର୍ପୋରେଟ୍ ଋଣୀଙ୍କ ନାମ | କସ୍ ବୋର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ |
| ୨. | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ୩୦।୧୨।୧୯୮୦ |
| ୩. | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଛନ୍ତି | କମ୍ପାନୀ ନିବନ୍ଧକ - କଟକ |
| ୪. | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ଏଲ୍‌୨୧୦୧୫ଓଆର୍୧୯୮୦ପିଏଲ୍‌ସି୦୦୦୯୧୬ |
| ୫. | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | ଜଗତପୁର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଫେଜ୍ ।। ଜଗତପୁର, କଟକ, ଓଡ଼ିଶା-୭୫୪୦୨୧ |
| ୬. | ଇନ୍‌ସଲ୍‌ଭେନ୍ସି ଆରମ୍ଭ ତାରିଖ | ୧୬।୧୨।୨୦୧୯ |
| ୭. | ଆଗ୍ରହର ଅଭିବ୍ୟକ୍ତି ଆମନ୍ତ୍ରଣ ତାରିଖ | ୦୪।୦୩।୨୦୨୦ |
| ୮. | ସଂହିତାର ଧାରା ୨୫(୨)(ଏଚ୍) ଅଧୀନରେ ଆବେଦନକାରୀଙ୍କ ମୀମାଂସା ନିମନ୍ତେ ଯୋଗ୍ୟତା ଉପଲବ୍ଧ ହେବା ସ୍ଥାନ: | ବିସ୍ତୃତ ଆଗ୍ରହ ଆମନ୍ତ୍ରଣ ଦେଖନ୍ତୁ ଯାହାକୁ ନିମ୍ନଲିଖିତ ଇମେଲ୍‌ରେ ଅନୁରୋଧ କରାଯାଇପାରିବ: cosboard@nayadarshan.com |
| ୯. | ଧାରା ୨୯ଏ ଅଧୀନରେ ପ୍ରଯୁଜ୍ୟ ଅଯୋଗ୍ୟତା ମାନଦଣ୍ଡ ଉପଲବ୍ଧ ହେବା ସ୍ଥାନ: | ବିସ୍ତୃତ ଆଗ୍ରହ ଆମନ୍ତ୍ରଣ ଦେଖନ୍ତୁ ଯାହାକୁ ନିମ୍ନଲିଖିତ ଇମେଲ୍‌ରେ ଅନୁରୋଧ କରାଯାଇପାରିବ: cosboard@nayadarshan.com |
| ୧୦. | ଆଗ୍ରହର ଅଭିବ୍ୟକ୍ତି ପ୍ରାପ୍ତିର ଶେଷ ତାରିଖ | ୧୯।୦୩।୨୦୨୦ |
| ୧୧. | ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କ ଅସ୍ଥାୟୀ ତାଲିକା ଜାରି ତାରିଖ | ୨୯।୦୩।୨୦୨୦ |
| ୧୨. | ଅସ୍ଥାୟୀ ତାଲିକା ପ୍ରତି ଆପତ୍ତି ଦାଖଲର ଶେଷ ତାରିଖ | ୦୩।୦୪।୨୦୨୦ |
| ୧୩. | ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କ ଚୂଡ଼ାନ୍ତ ତାଲିକା ଜାରି ତାରିଖ | ୧୩।୦୪।୨୦୨୦ |
| ୧୪. | ସୂଚନା ଜ୍ଞାପକପତ୍ର, ମୂଲ୍ୟାୟନ ମାଟ୍ରିକ୍ସ ଏବଂ ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ଅନୁରୋଧ ଜାରି ତାରିଖ | ୦୩।୦୪।୨୦୨୦ |
| ୧୫. | ମୀମାଂସା ଯୋଜନା, ମୂଲ୍ୟାୟନ ମାଟ୍ରିକ୍ସ, ସୂଚନା ସ୍ମାରକ ଏବଂ ତତ୍‌ପରବର୍ତ୍ତୀ ସୂଚନା ନିମନ୍ତେ ଅନୁରୋଧ ହାସଲର ପଦ୍ଧତି | ଯୋଗ୍ୟ ମୀମାଂସା ଆବେଦନକାରୀ ଆର୍‌ପିଙ୍କ ନିକଟରେ ଇମେଲ୍ cosboard@nayadarshan.com ମାଧ୍ୟମରେ ଅନୁରୋଧ ଦାଖଲ କରିପାରିବେ |
| ୧୬. | ମୀମାଂସା ଯୋଜନା ଦାଖଲର ଶେଷ ତାରିଖ | ୦୩।୦୫।୨୦୨୦ |
| ୧୭. | ମୀମାଂସା ବୃତ୍ତିଧାରୀଙ୍କୁ ମୀମାଂସା ଯୋଜନା ଦାଖଲର ପଦ୍ଧତି | cosboard@nayadarshan.comରେ ଇମେଲ୍ ଏବଂ ପ୍ଲଟ୍ ନଂ.-୪, ୨ୟ ମହଲା, ସ୍ୱୋତ୍ରପ୍ ଆପାର୍ଟମେଣ୍ଟ, କଟକ ରୋଡ୍, ଭୁବନେଶ୍ୱର-୭୫୧୦୦୬, ଓଡ଼ିଶାରେ ସ୍ପିଡ୍ ପୋଷ୍ଟ ଦ୍ୱାରା |
| ୧୮. | ଅନୁମୋଦନ ପାଇଁ ନିର୍ଣ୍ଣାୟକ କର୍ତ୍ତୃପକ୍ଷଙ୍କ ନିକଟରେ ମୀମାଂସା ଯୋଜନା ଦାଖଲର ଆକଳିତ ତାରିଖ | ସିଓସି ଅନୁମୋଦନ ସଙ୍ଗେ ସଙ୍ଗେ |
| ୧୯. | ମୀମାଂସା ବୃତ୍ତିଧାରୀଙ୍କ ନାମ ଓ ପଞ୍ଜୀକରଣ ସଂଖ୍ୟା | ଉମେଶ ଚନ୍ଦ୍ର ସାହୁ ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୦୦୬୨୧/୨୦୧୮-୧୯/୧୧୮୫୫ |
| ୨୦. | ବୋର୍ଡ ସହ ପଞ୍ଜୀକୃତ ହୋଇଥିବା ଅନୁଯାୟୀ ମୀମାଂସା ବୃତ୍ତିଧାରୀଙ୍କ ନାମ, ଠିକଣା ଏବଂ ଇମେଲ୍ | ଉମେଶ ଚନ୍ଦ୍ର ସାହୁ ପ୍ଲଟ୍ ନଂ.୦୪, ୨ୟ ମହଲା, ସ୍ୱୋତ୍ରପ୍ ଆପାର୍ଟମେଣ୍ଟ, କଟକ ରୋଡ୍, ଖାରପଡ଼ା, ଭୁବନେଶ୍ୱର-୭୫୧୦୦୬, ଓଡ଼ିଶା ଇମେଲ୍: info@nayadarshan.com |
| ୨୧. | ମୀମାଂସା ବୃତ୍ତିଧାରୀଙ୍କ ସହ ପତ୍ରାଳାପ ଲାଗି ବ୍ୟବହୃତ ହେବାକୁ ଥିବା ଠିକଣା ଓ ଇମେଲ୍ | ପ୍ଲଟ୍ ନଂ.୦୪, ୨ୟ ମହଲା, ସ୍ୱୋତ୍ରପ୍ ଆପାର୍ଟମେଣ୍ଟ, କଟକ ରୋଡ୍, ଖାରପଡ଼ା, ଭୁବନେଶ୍ୱର-୭୫୧୦୦୬, ଓଡ଼ିଶା ଇମେଲ୍: cosboard@nayadarshan.com |
| ୨୨. | ଅଧିକ ବିବରଣୀ ଉପଲବ୍ଧ ହେବା ସ୍ଥାନ | ଉପରେ କ୍ରମିକ ସଂ. ୨୧ରେ ଦର୍ଶାଯାଇଥିବା ଅନୁଯାୟୀ |
| ୨୩. | ଫର୍ମ ଜି ପ୍ରକାଶନର ତାରିଖ | ୦୪।୦୩।୨୦୨୦ |

ସ୍ୱା./-
ଉମେଶ ଚନ୍ଦ୍ର ସାହୁ
କସ୍‌ବୋର୍ଡ ଇଣ୍ଡଷ୍ଟ୍ରିଜ୍ ଲିଃ ନିମନ୍ତେ ମୀମାଂସା ବୃତ୍ତିଧାରୀ
ଆଇପି ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୦୦୬୨୧/୨୦୧୮-୧୯/୧୧୮୫୫
ତାରିଖ: ୦୪।୦୩।୨୦୨୦
ସ୍ଥାନ: ଭୁବନେଶ୍ୱର
ଠିକଣା: ପ୍ଲଟ୍ ନଂ.୦୪, ୨ୟ ମହଲା, ସ୍ୱୋତ୍ରପ୍ ଆପାର୍ଟମେଣ୍ଟ, କଟକ ରୋଡ୍, ଖାରପଡ଼ା, ଭୁବନେଶ୍ୱର-୭୫୧୦୦୬, ଓଡ଼ିଶା

# କରୋନାର ନାଗରିକତ୍ୱ

କରୋନା ଭୂତାଣୁ ଅଦ୍ୟାବଧି ୩,୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ପ୍ରାଣ ନେଇ ସାରିଥିବାବେଳେ ବିଶ୍ୱବ୍ୟାପୀ ୯୦,୦୦୦ ଏହା ଦ୍ୱାରା ସଂକ୍ରମିତ ହୋଇଛନ୍ତି। ଇତିମଧ୍ୟରେ ଭୂତାଣୁ ୭୨ ଦେଶକୁ ବ୍ୟାପିଗଲାଣି। ଭାରତର ଦିଲ୍ଲୀ ଓ ତେଲଙ୍ଗାନାରେ ୨ଟି ସଦ୍ୟ କରୋନା ସଂକ୍ରମିତ ରୋଗୀଙ୍କୁ ଚିହ୍ନଟ କରାଯାଇ ଚିକିତ୍ସା ଆରମ୍ଭ କରାଯାଇଛି। ନୋଏଡାରେ ଜଣେ ଛାତ୍ରଙ୍କ ପିତାଙ୍କଠାରେ କରୋନା ଭୂତାଣୁ ପଜିଟିଭ୍ ଥିବା ଜଣାପଡ଼ିଥିଲା। ସେ ନିକଟରେ ଇଟାଲିରୁ ଫେରିଥିଲେ। ଘରେ ପୁଅର ଜନ୍ମଦିନ ଉତ୍ସବ ପାଳନ କରୁଥିବା ବେଳେ ସେଠାକୁ ଅନ୍ୟ ପିଲାମାନେ ଆସିଥିଲେ। ଉତ୍ସବରେ ଯୋଗଦେଇଥିବା ପିଲାଙ୍କୁ ଭୂତାଣୁ ସଂକ୍ରମିତ ହୋଇଥିବା ଆଶଙ୍କାକରି ସେଠାକାର ଏକ ଘରୋଇ ସ୍କୁଲକୁ କର୍ତ୍ତୃପକ୍ଷ ବନ୍ଦ କରି ଦେଇଛନ୍ତି। ଓଡ଼ିଶା କଥା ଦେଖିଲେ ୩ ମାର୍ଚ୍ଚରେ ସିଙ୍ଗାପୁରରୁ ଆସି ପାରାଦୀପ ବନ୍ଦରରେ ପହଞ୍ଚିଥିବା ଭାରତୀୟ ଦମ୍ପତିଙ୍କଠାରେ ଏହି ଭୂତାଣୁ ଥିବା ସନ୍ଦେହ କରାଯିବା ପରେ ଦୁହିଁଙ୍କୁ କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସମ୍ପୃକ୍ତ ଦମ୍ପତିଙ୍କ ଘର ଉତ୍ତରପ୍ରଦେଶର କାନପୁରରେ ବୋଲି ଜଣାପଡ଼ିଛି। ଏହିଭଳି ଭାବେ ଭାରତରେ କରୋନା ସଂକ୍ରମିତଙ୍କ କଥା ପଦାକୁ ଆସିବା ଆରମ୍ଭ ହୋଇଥିବାରୁ ଦେଶବାସୀ ଭୟଭୀତ ହୋଇପଡ଼ିଛନ୍ତି। ନିଶ୍ଚିତ ଭାବେ ଏହା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ।

ଚାଇନାର ଉହାନରୁ ସୃଷ୍ଟ କରୋନା ଭୂତାଣୁ ଅନ୍ୟ ଦେଶଗୁଡ଼ିକୁ ବ୍ୟାପୁଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଏହା ଉପରେ ତୀକ୍ଷ୍ଣ ନଜର ରଖିବାକୁ ପରାମର୍ଶ ଦେଇଛି। ଚାଇନାରେ ଏହା ୨,୯୪୩ ଜୀବନ ନେଇ ସାରିଲାଣି। ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର ଚାଇନାରେ ଏଭଳି ରୋଗ ବ୍ୟାପିବା କ୍ଷଣି ଅଧିକ ଲୋକ ପ୍ରଭାବିତ ହେବା ସ୍ୱାଭାବିକ। ତେବେ ସେଠାକାର ସରକାର ତୁରନ୍ତ ପଦକ୍ଷେପ ନେଇପାରିଥିବାରୁ ଏହାକୁ ନିୟନ୍ତ୍ରଣକୁ ଅଣାଯାଇପାରିଛି ବୋଲି କୁହାଯାଉଛି। ଭାରତ ତୁଳନାରେ ଚାଇନାରେ ସ୍ୱାସ୍ଥ୍ୟସେବା ଉନ୍ନତ ମାନର ହୋଇଥିବାରୁ ଏବଂ ଖୁବ୍ କମ୍ ଦିନରେ ଅସ୍ଥାୟୀ ଡାକ୍ତରଖାନା ନିର୍ମାଣ କରାଯାଇ ପାରୁଥିବାରୁ ଏହି ରୋଗରେ ଆକ୍ରାନ୍ତଙ୍କ ପାଇଁ ଅଲଗା ୱାର୍ଡ ସଙ୍ଗେ ସଙ୍ଗେ ତିଆରି ହୋଇଯାଉଛି। ହେଲେ ଭାରତୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଦେଖିଲେ କରୋନା କରାଳ ରୂପ ନେଲେ ତାହାକୁ ରୋକିବା କଷ୍ଟକର ବ୍ୟାପାର। କେତେ ଜଣଙ୍କଠାରେ କରୋନା ଭୂତାଣୁ ଥିବା ସନ୍ଦେହ କରାଯିବା ପରେ ସଙ୍ଗେ ସଙ୍ଗେ ସେମାନଙ୍କୁ ଡାକ୍ତରଖାନାକୁ ନିଆଯାଉଛି। ବିମାନବନ୍ଦର ଓ ବନ୍ଦର ଦେଇ ଆସୁଥିବା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଏତିକି ବ୍ୟବସ୍ଥା କରୋନାକୁ ରୋକିପାରିବ ବୋଲି ମନେହେଉ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, କରୋନା ଲାଗି ଭୟଭୀତ ହେବାର ନାହିଁ। ଅବଶ୍ୟ ବର୍ତ୍ତମାନ ସ୍ଥିତିରେ ଏଥିଲାଗି ଜନସାଧାରଣ ଆତଙ୍କିତ ନ ହେବା ଦରକାର। କିନ୍ତୁ ସରକାର ଏହାକୁ ରୋକିବା ଲାଗି ସବୁ ଦିଗରୁ ପ୍ରସ୍ତୁତ ଅଛନ୍ତି କି ନାହିଁ, ତାହା ହେଉଛି ବଡ଼ କଥା। ଯେହେତୁ କରୋନାକୁ ରୋକିବା ଲାଗି ନିର୍ଦ୍ଦିଷ୍ଟ ଔଷଧ ପ୍ରସ୍ତୁତ କରାଯାଇପାରି ନାହିଁ ଏବଂ ଭାରତରେ ସରକାରୀ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି, ସେହେତୁ ଏହାକୁ ନିୟନ୍ତ୍ରଣ କରିବା କଠିନ କାର୍ଯ୍ୟ। ସାଧାରଣ ଭାରତୀୟଙ୍କ ପାଇଁ ବ୍ୟୟବହୁଳ ଘରୋଇ ଚିକିତ୍ସା ସେବା ପାଇବା ସହଜ ନୁହେଁ। ଭାରତରେ ସରକାରୀ ବ୍ୟବସ୍ଥା ଦ୍ୱାରା ସେହିଭଳି ସଂକ୍ରାମକ ରୋଗର ମୁକାବିଲା ଲାଗି ଠିକ୍ ପ୍ରସ୍ତୁତି କରାଯାଇପାରିବ ବୋଲି ବିଶ୍ୱାସ ହେଉନାହିଁ।

ଗୋଟିଏପଟେ ଭାରତରେ ଲୋକଙ୍କୁ କରୋନା ଆକ୍ରାନ୍ତ କରୁଥିବା ବେଳେ ଅନ୍ୟପଟେ ମୋଦି ସରକାରଙ୍କ ବିଭିନ୍ନ ଆଇନ ଜନସାଧାରଣଙ୍କୁ ହନ୍ତସନ୍ତ କରିବା ସହିତ ଅନ୍ତର୍ଜାତୀୟ ସ୍ତରରେ ଦେଶର ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଉଛି। ସମ୍ଭବତଃ ସ୍ୱାଧୀନ ଭାରତ ଇତିହାସରେ ପୂର୍ବରୁ ଯାହା ଘଟି ନ ଥିଲା, ତାହା ଏବେ ଦେଖିବାକୁ ମିଳୁଛି। ପ୍ରାପ୍ତ ଖବରରୁ ଜଣାପଡ଼ିଛି ଯେ, ଜାତିସଂଘ ମାନବ ଅଧିକାର ପରିଷଦ (ୟୁଏନ୍‌ଏଚ୍‌ଆର୍‌ସି) ପକ୍ଷରୁ ଉଚ୍ଚାୟୁକ୍ତ ମିଶେଲ୍ ବାଚେଲ୍ ଭାରତର ସୁପ୍ରିମ୍‌କୋର୍ଟରେ ଏକ ପିଟିଶନ୍ ଦାଏର କରିଛନ୍ତି। ସେହି ଆବେଦନରେ କୁହାଯାଇଛି ଯେ, ଭାରତର ନୂତନ ନାଗରିକତ୍ୱ ସଂଶୋଧିତ ଆଇନ ଅନ୍ତର୍ଜାତୀୟ ମାନବାଧିକାର ବ୍ୟବସ୍ଥାକୁ ଉଲ୍ଲଂଘନ କରୁଛି। ଏହା ବିରୋଧରେ ପ୍ରତିକ୍ରିୟା ପ୍ରକାଶ କରି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି, ଏହି ଆବେଦନ ମାଧ୍ୟମରେ ଜାତିସଂଘ ଆମ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିଛି। କିନ୍ତୁ ଯଦି ଜାତିସଂଘର ଇତିହାସକୁ ଦେଖାଯାଏ, ତେବେ ଏହିଭଳି ହସ୍ତକ୍ଷେପ ଅନ୍ୟ ଦେଶଗୁଡ଼ିକରେ ମଧ୍ୟ ବିଭିନ୍ନ ସମୟରେ ହୋଇଛି। ଜାତିସଂଘ ମାନବ ଅଧିକାର ପରିଷଦର ଦାୟିତ୍ୱ ତୁଲାଇବାକୁ ହେଲେ ଏହିଭଳି ପଦକ୍ଷେପ ନେବା ଆବଶ୍ୟକ ପଡ଼ିଥାଏ। ଏହାକୁ ଆଭ୍ୟନ୍ତରୀଣ ବ୍ୟାପାର କହି ଭାରତ ଏଡ଼ାଇ ଦେଇପାରିବ ନାହିଁ। କାରଣ ମାନବାଧିକାର ଭଙ୍ଗ କରୁଥିବା ସବୁ ଦେଶ ନିଜର କୁକର୍ମ ଘୋଡ଼ାଇବା ପାଇଁ ତ୍ରୁଟିପୂର୍ଣ୍ଣ ନୀତିକୁ ଆଭ୍ୟନ୍ତରୀଣ ବିଷୟର ଆଖ୍ୟା ଦେଇଥାଆନ୍ତି। ସେଥିପାଇଁ ଜାତିସଂଘର ଏହି ପରିଷଦ ଦ୍ୱାରା କରାଯାଇଥିବା ଆବେଦନ ନିଶ୍ଚିତ ଭାବେ ଆଇନସମ୍ମତ। କିନ୍ତୁ ଯାହା ୟୁଏନ୍‌ଏଚ୍‌ଆର୍‌ସିର ଆବେଦନରେ ଉଲ୍ଲେଖ କରାଯାଇଛି, ଭାରତର ମୁସଲମାନ ସମ୍ପ୍ରଦାୟ ଏହି ନାଗରିକତ୍ୱ ଆଇନ ଦ୍ୱାରା ଶିକାର ହେବେ, ତା' ସମ୍ପୂର୍ଣ୍ଣ ସତ୍ୟ ନୁହେଁ। କାରଣ କେବଳ ମୁସଲମାନ ସମ୍ପ୍ରଦାୟ ନୁହେଁ, ଆଦିବାସୀ ଓ ଅଶିକ୍ଷିତ ଗରିବ ହିନ୍ଦୁ ଏବଂ ଅନ୍ୟ ଧର୍ମର ଲୋକମାନେ ମଧ୍ୟ କ୍ଷତିଗ୍ରସ୍ତ ହେବେ। ଏହି ଆଇନକୁ ବ୍ୟବହାର କରି ଆଦିବାସୀମାନଙ୍କ ନାଗରିକତ୍ୱ ଅଧିକାର ଛଡ଼ାଇ ନେବା ସହଜ ହେବ। ସେମାନଙ୍କୁ ନିର୍ମିତ ହେଉଥିବା ଅନେକ ଅଟକ ଶିବିରରେ ରଖି ସେମାନଙ୍କ ଜମି ବଡ଼ ଶିଳ୍ପପତିମାନେ ହାତେଇ ନେଇପାରିବେ। ପେଡ଼ିରୁ ମୁକ୍ତି ଦିଆଯାଇଥିବା ଏହି ମାନବ ଅଧିକାର ବିରୋଧୀ ଆଇନ ଆଜି ମୁସଲମାନ ବିରୋଧୀ ଲାଗିଲେ ମଧ୍ୟ ଭବିଷ୍ୟତରେ ସମସ୍ତଙ୍କ ବିରୋଧରେ ବ୍ୟବହାର କରାଯାଇପାରିବ। ଏହା ଦ୍ୱାରା ଧନୀ ପ୍ରଭାବିତ ହେବେ ନାହିଁ। ମରିବେ ଗରିବ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | | | | | | | 6 | | 2 | E | C | | 7 | 3 |
| 5 | | 2 | | 4 | | | 0 | | | A | | 6 | B | |
| | | | C | 3 | | B | 7 | | 8 | | | | | |
| B | | | 8 | | | | | 9 | | | | | | 4 |
| D | 9 | | | | | | | A | | | | | | C |
| | 0 | | | | 6 | | | | | 2 | B | | | |
| | | | | | 4 | | 5 | | | | 3 | A | E | |
| | 6 | | 1 | | | 3 | | | | | | 9 | | |
| | E | | D | | | 0 | | 7 | | | 1 | | | |
| | 4 | | 2 | | A | | | | | | | 7 | 5 | D |
| 7 | | | 0 | | | A | | 3 | | D | | 5 | | 1 |
| | | | | 9 | | | | 1 | | C | 0 | | 6 | |
| | | | 4 | | 1 | | | | | 5 | 2 | D | | E |
| | | | | 6 | | 7 | 4 | 5 | | | | | | A |
| | | | | | | D | | B | 9 | | | 3 | 4 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 2 | 7 | 1 | E | 9 | 4 | 0 | 6 | D | A | 8 | B | 5 | C |
| 6 | D | A | 8 | 7 | C | 5 | 1 | 9 | 0 | B | 2 | 3 | E | 4 |
| E | 9 | C | 2 | 6 | B | D | A | 3 | 4 | 7 | 5 | 1 | 8 | 0 |
| 4 | B | 1 | 0 | 5 | A | 7 | 8 | 2 | 3 | E | C | 6 | D | 9 |
| 0 | 8 | 5 | 3 | D | 4 | E | C | B | 6 | 9 | 1 | 7 | A | 2 |
| 1 | 5 | 4 | C | 8 | 7 | B | 3 | D | 9 | 2 | A | 0 | 6 | E |
| D | 6 | 2 | A | 0 | 5 | 9 | 4 | 7 | B | 8 | E | C | 1 | 3 |
| 8 | 0 | 3 | B | 9 | 6 | 2 | E | C | 5 | 1 | 4 | A | 7 | D |
| A | C | 9 | E | 2 | D | 1 | 6 | 8 | 7 | 0 | 3 | 4 | B | 5 |
| B | 7 | E | 4 | 3 | 1 | A | 5 | 0 | C | D | 6 | 9 | 2 | 8 |
| 2 | 1 | 6 | 9 | A | 0 | 8 | D | 4 | E | 3 | 7 | 5 | C | B |
| 9 | 4 | D | 6 | 1 | E | 3 | 7 | 5 | 2 | C | B | 8 | 0 | A |
| C | A | 0 | 7 | B | 3 | 6 | 9 | E | 8 | 5 | D | 2 | 4 | 1 |
| 5 | 3 | 8 | D | 4 | 2 | C | B | 1 | A | 6 | 0 | E | 9 | 7 |
| 7 | E | B | 5 | C | 8 | 0 | 2 | A | 1 | 4 | 9 | D | 3 | 6 |

ଗତକାଲିର ଉତ୍ତର

# ଜନହିତ ଓ ବିଜ୍ଞାନ



ଇଂ. ମାୟାଧର ସ୍ୱାଇଁ

ଗତବର୍ଷ ସେପ୍ଟେମ୍ବର ମାସରେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ସହରରେ ୭୪ ବର୍ଷର ଜଣେ ମହିଳା ଟେଷ୍ଟ ଟ୍ୟୁବ୍ ପଦ୍ଧତିରେ ଦୁଇଟି ଯମଜ ଶିଶୁ ଜନ୍ମ ଦେଲେ। ବୃଦ୍ଧ ଦମ୍ପତିଙ୍କ ବିବାହ ୫୦ ବର୍ଷରୁ ଅଧିକ ବର୍ଷ ତଳେ ହୋଇଥିଲେ ସୁଦ୍ଧା ସେମାନେ ନିଃସନ୍ତାନ ଥିଲେ। ଏତେ ଅଧିକ ବୟସରେ ଏହି ପଦ୍ଧତିରେ ସନ୍ତାନ ଜନ୍ମ କରାଇବାକୁ ବିଜ୍ଞାନର ଏକ ବଡ ସଫଳତା କୁହାଯାଉଛି। ମାତ୍ର ଏହାକୁ ନେଇ ନୈତିକତାର ପ୍ରଶ୍ନ ଉଠିଛି। ପ୍ରଥମରେ ଏହି ବୟସରେ ଏହି ପଦ୍ଧତିର ସଫଳତା ହାର ୧୦ରୁ ୨୦ ପ୍ରତିଶତ କୁହାଯାଉଥିବା ବେଳେ ଏଥିରେ ମହିଳାଙ୍କ ପ୍ରତି କେତେକ ବିପତ୍ତି ମଧ୍ୟ ଅଛି। ଏହି ପଦ୍ଧତିରେ ମହିଳାଙ୍କୁ ଅଧିକ ପରିମାଣର ହରମୋନ ଦିଆଯାଇଥାଏ, ଯାହା ସ୍ତନ ଓ ଜରାୟୁ କର୍କଟ ସୃଷ୍ଟି କରିବାର ଆଶଙ୍କା ଅଛି। ଏହା ବ୍ୟତୀତ ସମାଜଶାସ୍ତ୍ରୀମାନଙ୍କର ଏହାକୁ ବିରୋଧ କରିବାର କାରଣ ହେଉଛି ଯେ ୭୪ ବର୍ଷରେ ସନ୍ତାନ ଜନ୍ମ ହେଲେ ସନ୍ତାନର ଭବିଷ୍ୟତ ଅନ୍ଧକାରମୟ ହେବ। ଭାରତରେ ମଣିଷର ହାରାହାରି ଆୟୁଷ ୭୦ ବର୍ଷ ହୋଇଥିବା ବେଳେ ପିଲା ଦୁଇଟିର ଯତ୍ନ ଓ ଲାଳନପାଳନ କିଏ କରିବ ବୋଲି ପ୍ରଶ୍ନ ଉଠୁଛି। ସେମାନେ ଏଥିପାଇଁ ସଂଶ୍ଳିଷ୍ଟ ଡାକ୍ତରଙ୍କୁ ଦୋଷାରୋପ କରିଛନ୍ତି। ସେମାନଙ୍କ ମତରେ ଡାକ୍ତର ନିଜ କର୍ତ୍ତବ୍ୟ ସହିତ ନୈତିକତା ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

ନୈତିକତା କ'ଣ? ଏହାର ଅର୍ଥ ହେଉଛି କଲ୍ୟାଣକାରୀ ବିଧିବ୍ୟବସ୍ଥାର ଅନୁସରଣ ଓ ଉତ୍ତମ ଆଚରଣ। ବୃଦ୍ଧ ମାତାପିତାଙ୍କୁ ସେବା କରିବା ହେଉଛି ସନ୍ତାନମାନଙ୍କର ନୈତିକ କର୍ତ୍ତବ୍ୟ। ଆମ ଦେଶରେ ମୁନିଋଷିମାନେ ନୈତିକତାକୁ ଧର୍ମ ସହ ଯୋଡି ଦେଇଥିଲେ। ଫଳରେ ଲୋକମାନେ ଏହାକୁ ପାଳନ କରିବାକୁ ବାଧ୍ୟ ହେଉଥିଲେ। କାରଣ ଧର୍ମରେ ଯାହା ଅଛି ତାକୁ ବିନା ପ୍ରଶ୍ନରେ ପାଳନ କରିବା ଆମର କର୍ତ୍ତବ୍ୟ ଭାବେ ବିବେଚିତ ହେଉଥିଲା। ଏଣୁ ଆମ ପରମ୍ପରାରେ ଧର୍ମ ଓ ନୈତିକତା ଥିଲା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। କିନ୍ତୁ ଆଧୁନିକ ବିଜ୍ଞାନର ବିକାଶ ପରେ ଧର୍ମ ଓ ବିଜ୍ଞାନ ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଦେଲା। ବିଶେଷ ଭାବେ ୟୁରୋପରେ ଏହା ବିକଟ ରୂପ ଧାରଣ କଲା। ପୂର୍ବରୁ ଲୋକେ ବିଶ୍ୱାସ କରୁଥିଲେ ଯେ ପୃଥିବୀ ହେଉଛି ବିଶ୍ୱ ବ୍ରହ୍ମାଣ୍ଡର କେନ୍ଦ୍ର। ସୂର୍ଯ୍ୟ ଓ ଅନ୍ୟ ଗ୍ରହରାଜି ଏହା ଚାରିପଟେ ପରିକ୍ରମଣ କରୁଛନ୍ତି। ଏହି ଭୂକେନ୍ଦ୍ରିକ ମତ ମଧ୍ୟ ବାଇବେଲରେ ଅଛି। ମାତ୍ର ଷୋଡଶ ଶତାବ୍ଦୀରେ ପୋଲାଣ୍ଡର ଜ୍ୟୋତିର୍ବିଦ୍ ନିକୋଲାସ କୋପରନିକସ ସୌରକେନ୍ଦ୍ରିକ ମତବାଦ ଆବିଷ୍କାର କରିବା ପରେ ବିଜ୍ଞାନ ଓ ବିଶ୍ୱାସ ମଧ୍ୟରେ ବିବାଦ ଦେଖାଦେଲା। ଏହା ବାଇବେଲର ଲେଖା ବିରୋଧରେ ଥିବାରୁ ଚର୍ଚ୍ଚ କ୍ରୋଧିତ ହୋଇ କୋପରନିକସଙ୍କ ପୁସ୍ତକକୁ ନିଷିଦ୍ଧ କଲା ଏବଂ ଏହି ମତବାଦର ପ୍ରଚାର ଉପରେ ରୋକ ଲଗାଇଲା। ଏହି ମତବାଦକୁ ସମର୍ଥନ ଓ ପ୍ରସାର କରିବାରୁ ଧର୍ମ ଅଦାଲତ ବ୍ରୁନୋଙ୍କୁ ଜୀବନ୍ତ ଦଗ୍ଧ ଏବଂ ଗାଲିଲିଓଙ୍କୁ ଆଜୀବନ କାରାବାସ ପାଇଁ ଆଦେଶ ଦେଇଥିଲା।

ବିଜ୍ଞାନ ଓ ନୈତିକତା ମଧ୍ୟରେ ଏହିପରି ଦ୍ୱନ୍ଦ୍ୱର ଅନେକ ଉଦାହରଣ ଅଛି। ପରିବାର ନିୟନ୍ତ୍ରଣ ହେଉଛି ଏହାର ଏକ ପ୍ରକୃଷ୍ଟ ଉଦାହରଣ। ପୃଥିବୀର ବର୍ଦ୍ଧିତ ଲୋକସଂଖ୍ୟା ହେଉଛି ପୃଥିବୀରେ ଖାଦ୍ୟାଭାବ, ଶକ୍ତି ସଙ୍କଟ ଓ ବେକାରିର ମୂଳ କାରଣ। କିନ୍ତୁ କେତେକ ବ୍ୟକ୍ତି, ସମ୍ପ୍ରଦାୟ ଓ ଦେଶ ଧର୍ମ ଓ ନୈତିକତାର ଦ୍ୱାହି ଦେଇ ଏହାକୁ ବିରୋଧ କରୁଛନ୍ତି। ପୂର୍ବରୁ ଡାକ୍ତରୀ ଶିକ୍ଷା ପାଇଁ ମୃତ ବ୍ୟକ୍ତିର ଶବକୁ ବ୍ୟବଚ୍ଛେଦ କରିବା ଲାଗି ମଧ୍ୟ ବିରୋଧ କରାଯାଉଥିଲା।

ଅନ୍ୟ ଏକ ଉଦାହରଣ ହେଉଛି କ୍ଲୋନିଂ। ବ୍ରିଟିଶ ବୈଜ୍ଞାନିକ ଆୟାନ ଉଇଲମଟ ୧୯୯୬ ମସିହାରେ ପ୍ରଥମେ କ୍ଲୋନିଂ କରି ଡଲି ନାମକ ମେଣ୍ଢା ଛୁଆ ଜନ୍ମ କରାଇଥିଲେ। ଏଥିପାଇଁ ପୁରୁଷ ମେଣ୍ଢା ଦରକାର ପଡି ନ ଥିଲା। ତିନୋଟି ମାଈ ମେଣ୍ଢା ଏଥିରେ ସଂଶ୍ଳିଷ୍ଟ ଥିଲେ। ଏହାପରେ କେତେଜଣ ବୈଜ୍ଞାନିକ ମନୁଷ୍ୟ ଶିଶୁର କ୍ଲୋନିଂ ପାଇଁ ଗବେଷଣା କଲେ, ଯାହାର ବିରୋଧ ହେବାରୁ ଏହାକୁ ବନ୍ଦ କରି ଦିଆଯାଇଛି। ସେହିପରି ଭ୍ରୂଣୀୟ ଷ୍ଟେମ୍ ସେଲ୍ ଗବେଷଣାକୁ ନେଇ ବିବାଦ ଦେଖାଦେଇଛି। ମନୁଷ୍ୟ ଭ୍ରୂଣରୁ କୋଷ ନେଇ ଅସାଧ୍ୟ ପାର୍କିନସନ ଓ ମଧୁମେହ ଭଳି ରୋଗର ନିରାକରଣ କରାଯାଇପାରିବ ବୋଲି ଗବେଷକମାନେ ମତ ଦେଉଛନ୍ତି। ମାତ୍ର ଏଥିରେ ଭ୍ରୂଣକୁ ମାରି ଦିଆଯାଉଛି। ସୁତରାଂ ଏଠାରେ ନୈତିକତାର ପ୍ରଶ୍ନ ଉଠୁଛି।

ବର୍ତ୍ତମାନ ବୈଜ୍ଞାନିକମାନେ ଜିନକୁ ଏଡିଟିଂ କରି ନିଜ ଇଚ୍ଛା ମୁତାବକ ଡିଜାଇନ ଶିଶୁ ପାଇବା ପାଇଁ ଗବେଷଣା କରୁଛନ୍ତି। ଏହାଦ୍ୱାରା ସନ୍ତାନ ହନୁମାନ ଭଳି ବଳବାନ, ରମ୍ଭା ଓ ମେନକା ଭଳି ଅପରୂପ ସୁନ୍ଦରୀ କିମ୍ବା ଗଣେଶଙ୍କ ଭଳି ଜ୍ଞାନୀ ହୋଇପାରିବ। ଏଥିରେ କିଛି ଅସୁବିଧା ଥିବା ଭଳି ଆପାତତଃ ଜଣାପଡୁନି। ମାତ୍ର ଏପରି କରୁ କରୁ କେହି ଯଦି ରାବଣ କିମ୍ବା ମହିଷାସୁର ଭଳି ଦାନବ ସୃଷ୍ଟି କଲା, ତା'ହେଲେ ସମାଜର ସ୍ଥିତି କ'ଣ ହେବ? ଚାଇନାର ଜଣେ ଗବେଷକ ହେ ଜିଆଙ୍କୁଇ ୨୦୧୮ ମସିହା ଅକ୍ଟୋବର ମାସରେ ଏହି ବିଦ୍ୟା ପ୍ରୟୋଗ କରି ଦୁଇଟି ଯମଜ କନ୍ୟା ଜନ୍ମଗ୍ରହଣ କରାଇଛନ୍ତି। ସମଗ୍ର ପୃଥିବୀରେ ନୈତିକତା ଦୃଷ୍ଟିରୁ ଏହାକୁ ସମାଲୋଚନା କରାଯାଇଛି ଏବଂ ଏହି ଗବେଷଣାକୁ ବନ୍ଦ କରିବାକୁ ଦାବି କରାଯାଇଛି। ଗତବର୍ଷ ଡିସେମ୍ବର ମାସରେ ଚାଇନାର ଏକ ନ୍ୟାୟାଳୟ ଜିଆଙ୍କୁଇ ଏବଂ ତାଙ୍କର ତିନିଜଣ ସହଯୋଗୀଙ୍କୁ ବିନା ଅନୁମତିରେ ଏହି କାର୍ଯ୍ୟ କରିଥିବାରୁ ଜେଲ ଦଣ୍ଡାଦେଶ ଦେଇଛନ୍ତି। କିନ୍ତୁ ମାନବିକତା ଦୃଷ୍ଟିରୁ ଏହି ଦଣ୍ଡାଦେଶକୁ କାର୍ଯ୍ୟକାରୀ କରାଯାଇନାହିଁ।

ବିଜ୍ଞାନର ବିକାଶ ପରଠାରୁ ବିଜ୍ଞାନ ଓ ନୈତିକତା ମଧ୍ୟରେ ସର୍ବଦା ବିବାଦ ଉପୁଜି ଆସିଛି। ପୃଥିବୀରେ ଖାଦ୍ୟାଭାବ ଦୂର ପାଇଁ ଜିନୀୟ ପରିବର୍ତ୍ତିତ ଶସ୍ୟର ବିକାଶ କରାଯାଇଛି। ମାତ୍ର ନୈତିକତାର ଦ୍ୱାହି ଦେଇ ଏହାର ଚାଷକୁ ଭାରତ ସମେତ ଅନେକ ଦେଶରେ ବିରୋଧ କରାଯାଉଛି। କୌଣସି ନୂତନ ଉଦ୍ଭାବନ ପରେ ଲୋକମାନେ ନିଜ ପୁରୁଣା ପରମ୍ପରା ଛାଡି ନୂଆ ନୂଆ ଏହାକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନ ଥାନ୍ତି। ଏପରି କି ଲୋକେ ଆରମ୍ଭରେ ଟେଷ୍ଟ ଟ୍ୟୁବ୍ ଶିଶୁ ପଦ୍ଧତିକୁ ବିରୋଧ କରୁଥିଲେ, ମାତ୍ର ଏହା ବର୍ତ୍ତମାନ ବିନା ବାଧାରେ ଚାଲିଛି ଏବଂ ନିଃସନ୍ତାନ ଦମ୍ପତିଙ୍କ ପାଇଁ ଏହା ବିଜ୍ଞାନର ଏକ ଆଶୀର୍ବାଦରେ ପରିଣତ ହୋଇଛି।

ନୈତିକତାର ଏକ ସ୍ପଷ୍ଟ ସଂଜ୍ଞା ଦେବା କଷ୍ଟକର। ଗୋଟିଏ ଜିନିଷ ଜଣେ ବ୍ୟକ୍ତି କିମ୍ବା ସମ୍ପ୍ରଦାୟ ପାଇଁ ହିତକର ମନେକରାଯାଉଥିଲେ ସୁଦ୍ଧା ସେହି ଜିନିଷ ଅନ୍ୟ ଜଣେ ବ୍ୟକ୍ତି କିମ୍ବା ସମ୍ପ୍ରଦାୟ ପାଇଁ ନୈତିକତା ବିରୋଧୀ ହୋଇପାରେ। ଆଣବିକ ଅସ୍ତ୍ରର ବିକାଶକୁ ବିଚାର କରିବା– ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆଇନଷ୍ଟାଇନଙ୍କ ସମେତ ପୃଥିବୀର ବିଶିଷ୍ଟ ଆଣବିକ ବିଜ୍ଞାନୀମାନେ ପରମାଣୁ ବୋମା ନିର୍ମାଣରେ ଭାଗ ନେଇଥିଲେ। ଲକ୍ଷ୍ୟ ଥିଲା ହିଟଲରଙ୍କ ଭଳି ଏକଛତ୍ରବାଦୀର ପତନ ଘଟାଇବା। ମାତ୍ର ଏଥିରେ ଜାପାନର ପ୍ରାୟ ଦୁଇ ଲକ୍ଷ ନିରୀହ ଲୋକ ପ୍ରାଣ ହରାଇଲେ ଏବଂ ନାଗାସାକି ଓ ହିରୋଶିମା ସହର ଦୁଇଟି ଧ୍ୱଂସ ହୋଇଗଲା। ଏବେ ମଧ୍ୟ ଅନେକ ଦେଶରେ ଆଣବିକ ବୋମା ମହଜୁଦ ଅଛି ଏବଂ ଏଥିପାଇଁ କେତେକ ଦେଶ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ଏଥି ଲାଗି ଆମେ କ'ଣ ବୈଜ୍ଞାନିକମାନଙ୍କୁ ଦୋଷ ଦେବା? ସେମାନେ ଏହାର ନିର୍ମାଣ କରି ନିଜ ଦେଶଭକ୍ତିର ପ୍ରମାଣ ଦେଉଛନ୍ତି ଏବଂ ଧ୍ୱଂସକାରୀ ଅସ୍ତ୍ରର ନିର୍ମାଣ ପାଇଁ ନିଜ ଦେଶ ଦ୍ୱାରା ସମ୍ମାନିତ ହେଉଛନ୍ତି। କିନ୍ତୁ ମାନବ ସମାଜର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହା ଜନ ଓ ଜୀବନ ବିରୋଧୀ।

ଏହି ବର୍ଷ ଆରମ୍ଭରେ ଚାଇନାର ଉହାନ ରାଜ୍ୟରେ ଆରମ୍ଭ ହୋଇ ସମଗ୍ର ପୃଥିବୀକୁ କରୋନା ଭାଇରସ ବ୍ୟାପିବାରେ ଲାଗିଛି। ଏହା ଗୋଟିଏ ନୂତନ ଭାଇରସ ହୋଇଥିବାରୁ ଏଥିପାଇଁ ଟିକା ଓ ଔଷଧ ବାହାରି ନାହିଁ। ଏହା ଯୋଗୁ ପ୍ରତିଦିନ ମୃତ୍ୟୁ ସଂଖ୍ୟା ଓ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏହା ଚାଇନାରେ ବର୍ତ୍ତମାନ ମହାମାରୀର ରୂପ ନେଲାଣି। ଜଣାଯାଇଛି ଯେ, ଚାଇନାରେ ଜୈବିକ ଯୁଦ୍ଧାସ୍ତ୍ର ଗବେଷଣା ସମୟରେ ଏହି ଭାଇରସ ପରୀକ୍ଷାଗାରରୁ ବାହାରକୁ ଚାଲିଯାଇଛି ଓ ଆତଙ୍କ ଖେଳାଇଛି। ଏହା କେଉଁ ପ୍ରକାରର ନୈତିକତା? ତେବେ ଏପରି ବୈଜ୍ଞାନିକମାନଙ୍କୁ ଆମେ ଦେଶପ୍ରେମୀ କହିବା ନା ସମାଜଦ୍ରୋହୀ କହିବା?

୭୦, ଲକ୍ଷ୍ମୀବିହାର, ଫେଜ-୧, ଭୁବନେଶ୍ୱର,
ମୋ-୯୪୩୮୬୯୩୭୨୪

# ମଝିମଝିଆ ବୁଢ଼ି ମରନ୍ତି

ରମେଶ ଚନ୍ଦ୍ର ସାମଲ

ଲୋକ କଥାଟିଏ ଅଛି– ବଡ଼ ପୁଅ ବାପର, ସାନ ପୁଅ ମା'ର, ମଝିଆ ପୁଅ ବାହାର, ଅର୍ଥାତ୍ ମଝିଆ ପୁଅକୁ କେହି ଆଦରି ନିଅନ୍ତିନି। ମା'ବାପା ଅକର୍ମଣ୍ୟ ହୋଇଗଲେ ବଡ଼ ପୁଅ ପରିବାରର ଭରଣପୋଷଣ ଦାୟିତ୍ୱ ନିଏ। ସେମାନଙ୍କ ମୃତ୍ୟୁ ପରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ଆଦି କରେ। ତାଙ୍କର ଉତ୍ତରାଧିକାରୀ ବିବେଚନା କରି ବାପା ତାକୁ ଅଧିକ ସ୍ନେହ ଆଦର କରନ୍ତି। ସାନପୁଅ ମା'ଙ୍କର କୋଳପୋଛା ହୋଇଥିବାରୁ ମା'ଙ୍କ ସ୍ନେହଆଦର ତା' ପ୍ରତି ଅତୁଟ ରହେ, କାରଣ ସାନ ପରେ ତାଙ୍କର ସ୍ନେହ ପାଇବାକୁ ଆଉ କୌଣସି ଛୋଟ ପିଲା ନ ଥାନ୍ତି। ମଝିଆ ପୁଅ ସାନ ତୁଳନାରେ ଟିକେ ବଡ଼ ଓ ଅଧିକ ପାରିବାର ହୋଇଥିବାରୁ ସେ ବଡ଼ଭାଇ ଓ ବାପାଙ୍କୁ ତାଙ୍କ କାମରେ ସାହାଯ୍ୟ କରେ। ମା'ର ସ୍ନେହ ତା' ପାଖରୁ ସାନ ପାଖକୁ ଚାଲିଗଲା ପରେ ତା' ଭାଗ୍ୟରେ କେବଳ କାମ ପଡିଯାଏ। ଏଥିପାଇଁ ଏହି ଲୋକକଥାଟି ଜନମୁଖରୁ ଶୁଣାଯାଏ। ପ୍ରକୃତ ପକ୍ଷରେ ମା'ବାପା ସନ୍ତାନଙ୍କ ମଧ୍ୟରେ କିଛି ବିଭେଦ ରଖନ୍ତିନି। ଏବର ସମାଜରେ ଏସବୁ ବିଭେଦ ଦେଖିବାର ଅବକାଶ ପ୍ରାୟତଃ ନାହିଁ। କାରଣ ଅଧିକାଂଶ ପରିବାରରେ ଗୋଟିଏ ବା ଦୁଇଟି ପିଲା।

ଆଜିକାଲି ପିଲାମାନେ ବଡ଼ ହୋଇ ଚାକିରି ବାକିରି କରି ଅଲଗା ରହୁଛନ୍ତି। ଚାଷବାସ କରି ମଧ୍ୟ ସେମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଭିନ୍ନ ହୋଇ ଚଳୁଛନ୍ତି। ଯେଝା ବୋଝ ଯେଝା ମୁଣ୍ଡରେ। ଏକାନ୍ନବର୍ତ୍ତୀ ପରିବାର ପ୍ରାୟତଃ ନାହିଁ। ବଡ଼, ମଝିଆ ଓ ସାନ ପୁଅ ମଧ୍ୟରେ କିଛି ଭେଦାଭେଦ ନାହିଁ। ପରିବାର ଉପରେ କୌଣସି ଭିଟୋ ଦେବାର ଅଧିକାର ବଡ଼ପୁଅର ନାହିଁ। ଦେଶର ନିୟମ ଅନୁସାରେ ପରିବାରର ଜମିବାଡି, ଆସବାବପତ୍ର ଉପରେ ସମସ୍ତଙ୍କର ସମାନ ଅଧିକାର। ଆଗର ନିୟମ ଅନୁଯାୟୀ ବଡ଼ପୁଅକୁ କିଛି ଜ୍ୟେଷ୍ଠା ଦେବା ପରମ୍ପରା ଆଉ ନାହିଁ। ବଡ଼ଭାଇକୁ ମାନିବା ନ ମାନିବା ନିଜର ବ୍ୟକ୍ତିଗତ ବ୍ୟାପାର। ବଡ଼ଭାଇ ପିତୃତୁଲ୍ୟ ବିଚାରଧାରା ଆଉ ନାହିଁ।

ଏବେ ସମାଜରେ ଥିବା ଅନ୍ୟ ଏକ ମଝିମଝିଆ ଶ୍ରେଣୀର ଲୋକଙ୍କ ବିଷୟ ବିଚାରକୁ ନେବା। ଏମାନେ ହେଲେ କିନ୍ନର। ଏବେ ସୁପ୍ରିମ୍‌କୋର୍ଟ ଏମାନଙ୍କୁ ତୃତୀୟ ଲିଙ୍ଗର ମାନ୍ୟତା ଦେଇଛନ୍ତି। ପାଠପଢ଼ା, ଚାକିରି, ରାଜନୀତି ଓ ସାମାଜିକ ଜୀବନରେ ପୁରୁଷ ଓ ମହିଳାଙ୍କ ଭଳି ଏମାନଙ୍କୁ ମାନ୍ୟତା ଦେବାକୁ ସମସ୍ତେ ବାଧ୍ୟ। କେତେକ ସରକାରୀ ସଂସ୍ଥାରେ ଏମାନେ କାମ କରିବାର ନଜିର ଏବେ ଦେଖିବାକୁ ମିଳିଲାଣି। ରାଜନୀତି କରିବାକୁ ବି ଏମାନେ ଆଗେଇ ଆସିଲେଣି। ତଥାପି ଆମେ ଅନୁଭବ କରୁଛୁ ନ୍ୟାୟିକ ମର୍ଯ୍ୟାଦା ମିଳିଲେ ମଧ୍ୟ ଏମାନଙ୍କୁ ଏଯାବତ୍ ସମାଜରେ ଉପଯୁକ୍ତ ସ୍ଥାନ ମିଳିପାରିନି।

ସମାଜରେ ଅନ୍ୟ ଏକ ମଧ୍ୟମ ବର୍ଗର ଲୋକ ହେଉଛନ୍ତି ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)। ସମାଜର ଉଚ୍ଚ ଶ୍ରେଣୀୟ ଲୋକ ପ୍ରାୟତଃ ସ୍ୱଚ୍ଛଳ। ସେମାନେ ନିଜ ସୁବିଧା ଅସୁବିଧା ନିଜେ ବୁଝିବାକୁ ସମର୍ଥ। ଅନୁସୂଚିତ ଜାତି, ଜନଜାତି ଓ ଉପଜାତି ଲୋକଙ୍କ ପାଇଁ ସରକାର ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେବା ସହିତ ସେମାନଙ୍କ ପାଇଁ ସରକାରୀ, ଅର୍ଦ୍ଧସରକାରୀ ସଂସ୍ଥାମାନଙ୍କରେ ଚାକିରି ଆଦି କ୍ଷେତ୍ରରେ ସୁବିଧା ଦେଇଛନ୍ତି। ଅନ୍ୟାନ୍ୟ ପଛୁଆ ବର୍ଗର ଲୋକଙ୍କ ପାଇଁ ଚାକିରି, ପଦୋନ୍ନତି କ୍ଷେତ୍ରରେ ଆଗରୁ କୌଣସି ସଂରକ୍ଷଣ ବ୍ୟବସ୍ଥା ନ ଥିଲା। ବହୁ ପଛରେ ସରକାର ଏମାନଙ୍କ ପାଇଁ ସରକାରୀ, ଅର୍ଦ୍ଧସରକାରୀ ସଂସ୍ଥାରେ କିଛି ସ୍ଥାନ ସଂରକ୍ଷଣ କରିଛନ୍ତି। ଏହାଦ୍ୱାରା ପୂର୍ଣ୍ଣମାତ୍ରାରେ ନ ହେଲେ ମଧ୍ୟ ସେମାନଙ୍କ ଦୁଃଖ, ଅସୁବିଧା କିଛି ମାତ୍ରାରେ ଲାଘବ ହୋଇପାରୁଛି।

ଦେଶ ଶାସନ ପାଇଁ ଆପଣାଯାଇଥିବା ମଝିମଝିଆ ବ୍ୟବସ୍ଥା ମଧ୍ୟ ଏଠାରେ ଆଲୋଚନା କରାଯାଇପାରେ। ଏହି ବ୍ୟବସ୍ଥା ଅନୁଯାୟୀ ଆମ ଦେଶରେ ଏକକ, ଦ୍ୱୈତ ବା ଯୌଥ ଶାସନ ପଦ୍ଧତି ପ୍ରଚଳିତ ହୋଇଛି। ଦେଶର ବିଭିନ୍ନ କାର୍ଯ୍ୟ ଓ ଶାସନ ପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କାର୍ଯ୍ୟ ବଣ୍ଟନ ହୋଇଛି। କେତେକ କାର୍ଯ୍ୟ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଦାୟିତ୍ୱ ରହିଛି। ବିଭିନ୍ନ ରାଜ୍ୟ ମଧ୍ୟରେ କୌଣସି ବିଷୟକୁ ନେଇ କିଛି ଜଟିଳ ପରିସ୍ଥିତି ଉପୁଜିଲେ କେନ୍ଦ୍ର ସରକାରଙ୍କର ଦାୟିତ୍ୱ ସାରାଦେଶ ଓ ବିଭିନ୍ନ ରାଜ୍ୟର ସ୍ୱାର୍ଥକୁ ନେଇ ସମସ୍ତଙ୍କୁ ସୁହାଇବା ଭଳି କାର୍ଯ୍ୟକ୍ରମ ଗ୍ରହଣ କରିବା। କିନ୍ତୁ ଯେତେବେଳେ ରାଜ୍ୟଙ୍କ ମଧ୍ୟରୁ କୌଣସି ଗୋଟିକ କେନ୍ଦ୍ର ସରକାରଙ୍କର ଦଳୀୟ ଶାସନରେ ଓ ଅନ୍ୟ ରାଜ୍ୟଟି ବିରୋଧୀ ଦଳ ଶାସନରେ ଥାଏ, ସେତେବେଳେ ସମସ୍ୟା ଉପୁଜେ। ଏଭଳି ପରିସ୍ଥିତିରେ କେତେକ ସ୍ଥଳରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଆପଣେଇବା କିମ୍ବା ନିଜ ଦଳୀୟ ଶାସନରେ ଥିବା ରାଜ୍ୟକୁ କିଛି ଅନୁକମ୍ପା ପ୍ରଦର୍ଶନ କରିବାର ନଜିର ଦେଖାଯାଏ।

ସାରା ବିଶ୍ୱରେ ତିନିପ୍ରକାର ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥା ଅଛି– (୧) କ୍ୟାପିଟାଲିଜମ୍ ବା ପୁଞ୍ଜିବାଦ। ଏହା ବ୍ୟକ୍ତିଗତ ମାଲିକାନାରେ ପରିଚାଳିତ ହୁଏ। (୨) କମ୍ୟୁନିଜମ୍ ବା ସାମ୍ୟବାଦ। ଏହି ବ୍ୟବସ୍ଥାରେ ଦେଶରେ କୌଣସି ବ୍ୟକ୍ତିର ମାଲିକାନା ନ ଥାଏ। ସରକାରଙ୍କ ଦ୍ୱାରା ସବୁ ସଂସ୍ଥା ପରିଚାଳିତ ହୁଏ। (୩) ସୋସିଆଲିଜମ୍ ବା ସମାଜବାଦ। ଏହି ବ୍ୟବସ୍ଥା ଅନୁଯାୟୀ ଉଭୟ ସରକାରୀ ଓ ବେସରକାରୀ ମାଲିକାନାରେ ଦେଶର କଳକାରଖାନା ଓ ଅନ୍ୟାନ୍ୟ ଅର୍ଥନୈତିକ ସଂସ୍ଥା ପରିଚାଳିତ ହୁଏ। ଏଭଳି ବ୍ୟବସ୍ଥାରେ ନା ସରକାର ନା ବେସରକାରୀ ସଂସ୍ଥାର କିଛି ଆନ୍ତରିକତା ଥାଏ। ଚାକିରି ଓ ପଦୋନ୍ନତି ଆଦି କ୍ଷେତ୍ରରେ ମଧ୍ୟ ଅବସ୍ଥା ତଦ୍ରୂପ। ସରକାରୀ ସଂସ୍ଥାରେ କାମ କରୁଥିବା ଲୋକ ସବୁ ସରକାରୀ ସୁବିଧା ସୁଯୋଗ ପାଆନ୍ତି। ଘରୋଇ ସଂସ୍ଥାରେ କାମ କରୁଥିବା ଲୋକଙ୍କ ଅବସ୍ଥା, ସୁବିଧା ସୁଯୋଗ ଘରୋଇ ସଂସ୍ଥାର ମାଲିକ ବୁଝନ୍ତି। ଅର୍ଦ୍ଧସରକାରୀ ସଂସ୍ଥାରେ କାମ କରୁଥିବା ଲୋକଙ୍କ ପାଇଁ ଚାକିରି, ଦରମା ଓ ପଦୋନ୍ନତିରେ ବିଭିନ୍ନ ସରକାରୀ କଟକଣା ଥିଲେ ମଧ୍ୟ ଏମାନେ ସରକାରୀ ସଂସ୍ଥାରେ କାମ କରୁଥିବା ଲୋକଙ୍କ ଭଳି ପେନସନ ଆଦି ସବୁ ସୁବିଧା ପାଆନ୍ତିନି। ସରକାରଙ୍କର ପୂର୍ଣ୍ଣ ନିୟନ୍ତ୍ରଣରେ ଥିବା ନିଗମଗୁଡିକରେ କାମ କରୁଥିବା ଲୋକଙ୍କୁ ମଧ୍ୟ ପେନସନ ଆଦି ବହୁ ସୁବିଧାସୁଯୋଗ ଦିଆଯାଏନି। ଭବିଷ୍ୟନିଧି ଯୋଜନାରୁ ଯାହା ପେନସନ୍ ମିଳେ ତାହା ନ କହିବା ଭଲ। ଏହା 'ସମୁଦ୍ରକୁ ଶଙ୍ଖେ'। ଏମାନଙ୍କର ଜୀବନ, ଏକ ତ୍ରିଶଙ୍କୁର ଜୀବନ– ନା ଏମାନେ ସରକାରୀ ନା ଘରୋଇ। ମଝିରେ ଝୁଲି ରହିଲେ ଯାହା ଅସୁବିଧା ଭୋଗ କରିବାକୁ ହୁଏ, ଏମାନେ ସେୟା ଭୋଗନ୍ତି।

ରାମିଆଗଞ୍ଜ, ମାର୍ଶାଘାଇ, କେନ୍ଦ୍ରାପଡା,
ମୋ-୯୪୩୯୮୭୯୦୨୨

## ଏଇ ଭାରତରେ

ସାମ୍ପ୍ରତିକ ସମୟରେ ଡିଜିଟାଲ ଶିକ୍ଷାର ଆବଶ୍ୟକତାକୁ ଉପଲବ୍ଧି କରି ଝାଡଖଣ୍ଡର ଜଣେ ଯୁବକ ଗ୍ରାମାଞ୍ଚଳ ପିଲାମାନଙ୍କୁ ସୌରଚାଳିତ ଭ୍ରାମ୍ୟମାଣ କମ୍ପ୍ୟୁଟର କ୍ଲାସ୍ ମାଧ୍ୟମରେ ଶିକ୍ଷା ଦେଉଛନ୍ତି। ସାନ୍‌ୱିଲ ଶ୍ରୀବାସ୍ତବ 'ଏଡିମ୍ପ୍ୟାକ୍ଟ' ସଂଗଠନ ମାଧ୍ୟମରେ ବିଭିନ୍ନ ରାଜ୍ୟରେ ଦୁର୍ଗମ ଗ୍ରାମାଞ୍ଚଳର ହଜାର ହଜାର ପିଲାଙ୍କୁ ଡିଜିଟାଲ ଶିକ୍ଷା ପ୍ରଦାନ କରୁଛନ୍ତି। ପିଲାମାନଙ୍କୁ ଡିଜିଟାଲ ଶିକ୍ଷା ଦେବା ଲାଗି ସେ ସେପ୍ଟେମ୍ବର ୨୦୧୮ରେ ପ୍ରଥମେ ରାଞ୍ଚିରେ 'ପ୍ରୋଜେକ୍ଟ ସୂର୍ଯ୍ୟକିରଣ' ଯୋଜନା ଆରମ୍ଭ କରିଥିଲେ। ପରେ ଏହା ଦିଲ୍ଲୀ, ମହାରାଷ୍ଟ୍ର, ବିହାର, ଝାଡ଼ଖଣ୍ଡ, ମେଘାଳୟ ଓ କର୍ଣ୍ଣାଟକରେ କାର୍ଯ୍ୟ ଆରମ୍ଭ କରିଛି। ସୌରଚାଳିତ ଭ୍ରାମ୍ୟମାଣ କମ୍ପ୍ୟୁଟର ଲାବ୍ ଦ୍ୱାରା ଏହି ଅଭିଯାନ ଚଳାଇଛନ୍ତି ଶ୍ରୀବାସ୍ତବ। ୱାଇଫାଇ ସଂଯୋଗ ସହ ଲାବ୍‌ରେ ୫ଟି କମ୍ପ୍ୟୁଟର ଓ ଗୋଟିଏ ଡେମୋ କମ୍ପ୍ୟୁଟର ରଖାଯାଇଛି। ଲାବ୍‌ରେ ୬ରୁ ୭ ଜଣ ପିଲା ବସିପାରୁଛନ୍ତି। ୧ କେଭିଏ ସୋଲାର୍ ଇନଭର୍ଟର ଲାବ୍‌କୁ ବିଦ୍ୟୁତ୍ ଯୋଗାଉଛି। ଏଥିରେ ୬ରୁ ୭ ଘଣ୍ଟା ଯାଏ ପାୱାର ବ୍ୟାକ୍‌ଅପ୍ ସିଷ୍ଟମ୍ ରହିଛି। ଏଡିମ୍ପ୍ୟାକ୍ଟକୁ ଚଳାଇବା ଲାଗି ଇଞ୍ଜିନିୟରିଂ ଡିଗ୍ରୀଧାରୀଙ୍କୁ ନିଯୁକ୍ତି ଦେଇଛନ୍ତି ଶ୍ରୀବାସ୍ତବ। ଏହି ସଂସ୍ଥା ଦ୍ୱାରା ଏବେ ସୁଦ୍ଧା ବିଭିନ୍ନ ଗାଁ ଓ ସ୍କୁଲରେ ୪ ହଜାରରୁ ଉର୍ଦ୍ଧ୍ୱ ପିଲା ଉପକୃତ ହୋଇସାରିଲେଣି। କମ୍ପ୍ୟୁଟର ଅପରେଟିଂ, ଫାଇଲ ଖୋଲିବା, ଇଣ୍ଟରନେଟ, ଇମେଲ ଓ କ୍ୟାସ୍‌ଲେସ ଟ୍ରାଞ୍ଜାକସନ ସମ୍ବନ୍ଧରେ ଶିକ୍ଷା ଦିଆଯାଉଛି। ଜିଲା ଶିକ୍ଷା ଅଧିକାରୀଙ୍କ ଅନୁମତି ନେଇ ସାମାଜିକ କର୍ମୀ, ଗାଁ ମୁଖିଆଙ୍କ ସହଯୋଗରେ ସମ୍ପୃକ୍ତ ଗାଁ ଓ ସ୍କୁଲଗୁଡିକରେ ଏହାକୁ ତ୍ୱରାନ୍ୱିତ କରାଯାଉଛି। ଭିତିଭୂମି ତଥା ବୃତ୍ତିଧାରୀ ଶିକ୍ଷକଙ୍କ ଅଭାବରୁ ଦୁର୍ଗମ ଗ୍ରାମଗୁଡିକରେ ଡିଜିଟାଲ ଶିକ୍ଷା ପାଇବାରୁ ବଞ୍ଚିତ ପିଲାମାନଙ୍କ ସମସ୍ୟା ଅନେକାଂଶରେ ଦୂର ହୋଇପାରିଛି ବୋଲି କହନ୍ତି ଶ୍ରୀବାସ୍ତବ।

## ୨୫ ବର୍ଷ ତଳର ଧରିତ୍ରୀ

୪ ମାର୍ଚ୍ଚ ୧୯୯୫

- ଜମ୍ମୁ-କଶ୍ମୀରକୁ ଇସ୍‌ଲାମୀୟ ରାଷ୍ଟ୍ର ସମ୍ମିଳନୀ ପକ୍ଷରୁ ୫୨ ଜଣିଆ ତଥ୍ୟ ଅନୁସନ୍ଧାନକାରୀ ଦଳ ପଠାଇବା ପ୍ରସ୍ତାବକୁ ଭାରତର ପ୍ରତ୍ୟାଖ୍ୟାନ।
- ରାଜୀବ ଗାନ୍ଧୀ ହତ୍ୟା ଷଡଯନ୍ତ୍ରର ତଦନ୍ତ କରୁଥିବା ଜୈନ କମିଶନ ନିକଟରେ ହାଜର ହେବା ପାଇଁ ମୁଖ୍ୟ ନିର୍ବାଚନ କମିଶନର ଟି.ଏନ୍. ଶେଷାନଙ୍କୁ ନୋଟିସ୍।

## ଚିରନ୍ତନୀ

ସକଳ ଧରା ଅଙ୍ଗେ ମହା କମ୍ପନ ହେ କମ୍ପନ
ପଉଷ-ଶେଷ ସନ୍ଧ୍ୟା ଘେନ ବନ୍ଦନ!
(ପଉଷ ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନୀତି କ୍ଷେତ୍ରରୁ ଅପରାଧୀଙ୍କୁ ହଟାଇବ କିଏ

ମହାଶୟ,

ଧରିତ୍ରୀ (୨୮।୧)ର ସମ୍ପାଦକୀୟ 'ଧୂଆ ଅଧୁଆ ସମାନ' ପାଠକରି ବିସ୍ମିତ ହେଲି। ପ୍ରଥମେ ଦେଶର ଭୋଟର ସମାଜକୁ ଦାୟୀ କରାଯିବା ଠିକ୍ ହେବ। ଅପରାଧୀ ବାରମ୍ବାର ନିର୍ବାଚନରେ ଜୟଯୁକ୍ତ ହେଉଛନ୍ତି। ଏମାନଙ୍କୁ ଭୋଟ ଦେଇ ବିଜୟୀ କରାଉଛି କିଏ? ଜେଲରେ ଥାଇ ଏମ୍‌ପି ଭୋଟ ଜିତିଛନ୍ତି। ସଂସଦରେ ୪୬ ଶତାଂଶ ସାଂସଦ କୌଣସି ନା କୌଣସି ଅପରାଧ ସହ ସଂଶ୍ଳିଷ୍ଟ। ସବୁ ରାଜନୈତିକ ଦଳ ଏମାନଙ୍କୁ ଟିକେଟ ପ୍ରଦାନ କରିବା କ'ଣ ଠିକ୍? ଏମାନଙ୍କଠୁ ଲୋକେ ପଇସା ନେଇ ଭୋଟ ଦେଲେ। ତେଣୁ ରାଜନୀତି କ୍ଷେତ୍ରରୁ ଅପରାଧୀଙ୍କୁ ହଟାଇବ କିଏ?

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ଗୀତାର ପ୍ରାସଙ୍ଗିକତା

ଧରିତ୍ରୀ(୧।୨)ରୁ ଶରତ ଚନ୍ଦ୍ର ମିଶ୍ରଙ୍କର ଲେଖା 'ଗୀତାର ପ୍ରାସଙ୍ଗିକତା' ପଢ଼ିଲି। ଲେଖାଟି ବହୁତ ଉପାଦେୟ ହୋଇଛି, ସେଥିରେ ଆମର ଦ୍ୱିରୁକ୍ତି ନାହିଁ। କିନ୍ତୁ ସେଥିରେ ଗୋଟିଏ ତ୍ରୁଟି ମୋ ନଜରକୁ ଆସିଲା। ଲେଖାର ୨ୟ ଧାଡିରେ ମହାଶୟ ଲେଖିଛନ୍ତି ଭୀଷ୍ମପର୍ବର ୩ୟ ଅଧ୍ୟାୟରୁ ୪୨ଶ ଅଧ୍ୟାୟକୁ ଭଗବତ୍ ଗୀତା କହନ୍ତି। ୩ୟରୁ ୪୨ ଯାଏ ହେଉଛି ୪୦ ଅଧ୍ୟାୟ। କିନ୍ତୁ ଆମେ ଜାଣୁ ଭଗବତ୍ ଗୀତା ହେଉଛି ୧୮ ଅଧ୍ୟାୟବିଶିଷ୍ଟ, ଯାହା ଭୀଷ୍ମପର୍ବର ୨୫ଶ ଅଧ୍ୟାୟରୁ ୪୨ଶ ଅଧ୍ୟାୟ ଯାଏ ବ୍ୟାପ୍ତ। ପୁଣି ସେ ୯ମ ଧାଡିରେ ଲେଖିଛନ୍ତି ଗୀତା ୭୦୧ ଶ୍ଳୋକବିଶିଷ୍ଟ। କିନ୍ତୁ ଆମେ ଜାଣୁ ଗୀତାରେ ସମୁଦାୟ ୭୦୦ ଶ୍ଳୋକ ଅଛି। ଏହା ହୁଏତ ମୁଦ୍ରାପ୍ରମାଦ ହୋଇପାରେ। ତେବେ ପାଠକମାନେ ଠିକ୍ ଜିନିଷ ଜାଣିବା ଉଚିତ ବୋଲି ମନେକରି ମୁଁ ଏ ମତ ଦେଲି, ଲେଖକଙ୍କର ଭୁଲ୍ ଦର୍ଶାଇ ସମାଲୋଚନା କରିବା ମୋର ଉଦ୍ଦେଶ୍ୟ ନୁହେଁ।

ଅଶୋକ ନାୟକ, ashok10031960@gmail.com

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



❝ କାମନାର ବିନାଶରେ ଦୁଃଖର ବିନାଶ।
- ଗୌତମ ବୁଦ୍ଧ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓପିଟିସିଏଲ ପକ୍ଷରୁ ୪୯ତମ ଜାତୀୟ ସୁରକ୍ଷା ଦିବସ ପାଳନ, କୃଷି ଭବନ ଅଡିଟୋରିୟମ, ପୂର୍ବାହ୍ନ ୧୦ଟା ୩୦।
- ଓଏସ୍‌ଏଏଫଏଆଇଆଇ ପକ୍ଷରୁ ୩ୟ ରାଜ୍ୟ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କନକ୍ଲେଭ, ହୋଟେଲ ସ୍ୱସ୍ତି ପ୍ରିମିୟମ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ୫ମ ଦ୍ୱିବାର୍ଷିକ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବ, ଭଞ୍ଜକଳା ମଣ୍ଡପ,ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍‌-୩, ଅପରାହ୍ନ ୨ଟା।
- ମସରୁମ ଟିମ ପକ୍ଷରୁ ବାର୍ଷିକ ଫଟୋ ପ୍ରଦର୍ଶନର ଉଦ୍‌ଯାପନ ଉତ୍ସବ, ଲଳିତ କଳା ଏକାଡେମୀ, ଅପରାହ୍ନ ୫ଟା ୩୦।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଜାତୀୟ ନାଟ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଓଡ଼ିଆ ସାହିତ୍ୟ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

**କଟକ**

- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆଦିବାସୀ ନୃତ୍ୟ ଓ ସଙ୍ଗୀତ ଉତ୍ସବ, ବାରବାଟୀ ଷ୍ଟାଡିୟମ, ଅପରାହ୍ନ ୫ଟା ୩୦।


**ପୂର୍ବ ମଧ୍ୟ ରେଳପଥ**

**ଇ-ଟେଣ୍ଡର ବିଜ୍ଞପ୍ତି**

**ଇ-ଟେଣ୍ଡର ନଂ. ୨୦୧୯/ଡବ୍ଲ୍ୟୁପି/ବିଜିପିଏଲ୍/ଇଏନ୍‌ଜିଜି/ଡବ୍ଲ୍ୟୁଟି-୧୬ (ଖୋଲା)** ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିମ୍ନଲିଖିତ ବିବରଣୀ ଅନୁଯାୟୀ ଇ-ଟେଣ୍ଡର (ଖୋଲା) ଆମନ୍ତ୍ରଣ କରାଯାଉଛି । **(୧) କାର୍ଯ୍ୟର ନାମ ଓ ଏହାର ଅବସ୍ଥିତି:** ବାଘୁପାଳ, ପୂର୍ବତଟ ରେଳପଥଠାରେ ଆର୍‌ଓଏଚ୍ ଶେଡ୍‌ର ନିର୍ମାଣ ସଂକ୍ରାନ୍ତରେ କମ୍ପୋଜିଟ୍ କାର୍ଯ୍ୟ (ସିଭିଲ, ଇଲେକ୍ଟ୍ରିକାଲ, ମେକାନିକାଲ ଓ ଟେଲିକମ୍) ଯାହା ମଧ୍ୟରେ ଆର୍‌ଓଏଚ୍ ଶେଡ୍, ହ୍ୱିଲ୍ ଲେଦ୍ ଶେଡ୍ ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ ବିଲ୍‌ଡିଂ (ସର୍ଭିସ୍ ବିଲ୍‌ଡିଂ ଇତ୍ୟାଦି)ର ନିର୍ମାଣ, ଜଳ ଯୋଗାଣ ପ୍ରଣାଳୀ, ଡ୍ରେନେଜ୍ ପ୍ରଣାଳୀ, ଟ୍ରାକ୍ କାର୍ଯ୍ୟ, ସଡ଼କ କାର୍ଯ୍ୟ, ତତ୍‌ସମ୍ପର୍କିତ ଟେଲିକମ୍ କାର୍ଯ୍ୟ ଅନ୍ତର୍ଭୁକ୍ତ । **(୨) କାର୍ଯ୍ୟର ଆନୁମାନିକ ମୂଲ୍ୟ:** ଟ.୩୨,୯୦,୨୪,୮୨୨.୨୪, **(୩) ଜମା କରାଯିବାକୁ ଥିବା ଅମାନତ ରାଶି:** ଟ.୧୭,୯୫,୧୦୦.୦୦ **(୪) ଇ-ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୨୩।୦୩।୨୦୨୦ରିଖ ୧୩.୦୦ ଘଟିକାରେ, **(୫) ୱେବ୍‌ସାଇଟ୍ ସୂଚନା ଏବଂ ନୋଟିସ୍ ବୋର୍ଡ ଅବସ୍ଥିତି ଯେଉଁଠାରେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଦେଖାଯାଇପାରିବ ଓ ଡାଉନ୍‌ଲୋଡ୍ କରାଯାଇପାରିବ:** ଟେଣ୍ଡର କେବଳ ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍ **www.ireps.gov.in**ରୁ ଡାଉନ୍‌ଲୋଡ୍ ଓ ବିଡ୍ କରାଯାଇପାରିବ। ଅନ୍ୟ କୌଣସି ସୂଚନା ପାଇଁ ଦୟାକରି ଚିଫ୍ ଇଞ୍ଜିନିୟର୍-I/ୱାର୍କଶପ୍ ପ୍ରୋଜେକ୍ଟସ୍, ଭାରତୀୟ ରେଳପଥ, ଚାମ୍ବର୍ ଭବନ, ୪ର୍ଥ ମହଲା (ଇଞ୍ଜିନିୟରିଂ ବିଭାଗ) ଜେ.ସି. ରୋଡ୍, ପାଟନା-୮୦୦୦୦୧ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

**ସିଏଓ/ଡବ୍ଲ୍ୟୁପି/ପାଟନା**
**PR/2352/WPO/Engg./T/19-20/40**


# ୧୯ ବର୍ଷରେ ବେଷ୍ଟ ସେଲିଂ ଲେଖକ



**ଇଞ୍ଜିନିୟର ଟର୍ନଡ୍ ରାଇଟର୍ 'ପୀୟୂଷ'**




**ଭୁବନେଶ୍ୱର,୩।୩(ବ୍ୟୁରୋ)**

ପ୍ୟାଶନ ଆଗରେ ହାର୍ ମାନିଛି ବୟସ। ଲେଖିବାର ମନିଶା ୧୯ ବର୍ଷୀୟ ପୀୟୂଷ ଗୁପ୍ତାଙ୍କୁ ଦେଇଛି ନୂଆ ପରିଚୟ। ବି.ଟେକ୍ ଦ୍ୱିତୀୟ ବର୍ଷରେ ପଢୁଥିବା ଏହି ଯୁବ ଲେଖକ ଆମାଜନ୍‌ରେ ବେଷ୍ଟ ସେଲିଂ ଲେଖକ ହେବାର ଗୌରବ ଅର୍ଜନ କରିଛନ୍ତି। ପୀୟୂଷଙ୍କ ଦ୍ୱାରା ଲିଖିତ ଇଂଲିଶ ଉପନ୍ୟାସ 'ଦି ଷ୍ଟୋରି ଦ୍ୟାଟ୍ ନେଭର୍ ଷ୍ଟାର୍ଟେଡ୍' ଗତ ଫେବୃୟାରୀ ମାସରେ ଇ-କମର୍ସ ୱେବ୍‌ସାଇଟ୍ ଆମାଜନ୍‌ରେ ସର୍ବାଧିକ ବିକ୍ରି ହୋଇଛି। ପ୍ରଥମଥର ପାଇଁ ଓଡ଼ିଶାର ଜଣେ ଯୁବ ଲେଖକଙ୍କୁ ଏଭଳି ସଫଳତା ମିଳିଛି।

ଇଞ୍ଜିନିୟର ଟର୍ନଡ୍ ରାଇଟର୍। ଭୁବନେଶ୍ୱରର କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି(ସିଇଟି)ରେ ଇଞ୍ଜିନିୟରିଂ ପଢୁଥିବା ପୀୟୂଷ ଏବେ ପାଲଟିଛନ୍ତି ଜଣେ ଜଣାଶୁଣା ଲେଖକ। ଗତବର୍ଷ ତାଙ୍କ ଦ୍ୱାରା ଲିଖିତ ପ୍ରଥମ ପୁସ୍ତକ 'ଟେକ୍ନିକାଲି, ଆଇ ଲଭ୍ ୟୁ' ଲୋକାର୍ପିତ ହେବା ପରେ ଏହା ପାଠକଙ୍କ ଦ୍ୱାରା ବିଶେଷ ଆଦୃତ ହୋଇଥିଲା। ପ୍ରେମ ଓ ରୋମାନ୍ସ ଉପରେ ଆଧାରିତ ଏହି ଉପନ୍ୟାସ ପୁସ୍ତକ ଅଥର୍ ପେଜ୍ ପକ୍ଷରୁ 'ବେଷ୍ଟ ଡେବ୍ୟୁ ନୋବେଲ୍' ଆୱାର୍ଡ ପାଇଥିଲା। ପ୍ରଥମ ପୁସ୍ତକର ଲୋକପ୍ରିୟତା ପରେ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ସେ ଦ୍ୱିତୀୟ ପୁସ୍ତକ 'ଦି ଷ୍ଟୋରି ଦ୍ୟାଟ୍ ନେଭର୍ ଷ୍ଟାର୍ଟେଡ୍' ଲେଖା ଆରମ୍ଭ କରିଥିଲେ। ନିକଟରେ ଏହା ଲୋକାର୍ପିତ ହୋଇଥିବାବେଳେ ଆମାଜନ୍‌ରେ ବିକ୍ରି ପାଇଁ ଉପଲବ୍ଧ ହୋଇଥିଲା। ମାତ୍ର କିଛିଦିନ ମଧ୍ୟରେ ଏହା କ୍ରାଇମ୍, ଥ୍ରିଲର୍ ଓ ମିଷ୍ଟ୍ରି ସେକ୍ସନରେ ଶ୍ରେଷ୍ଠ ପୁସ୍ତକଭାବେ ବିବେଚିତ ହୋଇଥିଲା। ବାସ୍ତବ ଘଟଣାରୁ ଅନୁପ୍ରାଣିତ ହୋଇ ଏହି ପୁସ୍ତକ ସେ ଲେଖିଥିବାବେଳେ ଏଥିରେ କ୍ରାଇମ୍, ସସ୍‌ପେନ୍ସ ଓ ରୋମାନ୍ସର ରୋମାଞ୍ଚକର କାହାଣୀ ରହିଛି। ବିଶେଷକରି ବର୍ତ୍ତମାନ ସମୟରେ ମହିଳାଙ୍କ ସପକ୍ଷରେ ଥିବା ଆଇନର ଫାଇଦା ଉଠାଇ କେତେକ ମହିଳା ମିଥ୍ୟା ବଳାତ୍କାର ମାମଲାରେ କିଭଳି ନିର୍ଦ୍ଦୋଷଙ୍କୁ ଦୋଷୀ ସାବ୍ୟସ୍ତ କରୁଛନ୍ତି ତାହାକୁ ନେଇ ଏହାର କାହାଣୀ ଗତିଶୀଳ ହୋଇଛି। ଆମ ଚାରିପାଖେ ଘଟୁଥିବା ବାସ୍ତବ ଘଟଣାର ନିଛକ ପ୍ରତିଛବି ଏଥିରେ ପ୍ରତିଫଳିତ ହୋଇଛି ବୋଲି ପୀୟୂଷ କହିଛନ୍ତି।

ନିଜର ଏହି ସଫଳତା ସମ୍ପର୍କରେ ପୀୟୁଷ କୁହନ୍ତି, କଲେଜ ଜୀବନର ପ୍ରଥମବର୍ଷରୁ ଲେଖାଲେଖି ଆରମ୍ଭ କରିଥିଲି। ପ୍ରଥମେ ରୋମାନ୍ସ ଉପରେ ଲେଖିବା ପରେ ଏଥର କିଛି ଭିନ୍ନ ଲେଖିବାକୁ ଚାହିଁଲି। ମୁଁ ବହୁତ ଖବରକାଗଜ ପଢ଼େ। ଅନେକ ସମୟରେ ନିର୍ଦ୍ଦୋଷଙ୍କୁ ମିଥ୍ୟା ବଳାତ୍କାର ମାମଲାରେ ଫସାଇ ଦିଆଯାଇଥିବା ମୋ ନଜରକୁ ଆସେ। ସେହିଠାରୁ ହିଁ ଏହି ଉପନ୍ୟାସର କାହାଣୀ ମୋ ଭାବନାକୁ ଆସିଥିଲା। ଗତବର୍ଷ ଜାନୁୟାରୀରୁ ଲେଖିବା ଆରମ୍ଭ କରିଥିଲି। ଆଗକୁ ଆହୁରି ବହି ଲେଖିବି ବୋଲି ଭାବୁଛି। ବହି ପଢୁ ପଢୁ ମୁଁ ଦିନେ ହଠାତ୍ ଲେଖିବା ପାଇଁ ଚିନ୍ତା କରିଥିଲି ଓ ତା' ପରଠାରୁ ଲେଖୁଛି। ଏହା ଏବେ ମୋର ଅଭ୍ୟାସ ହୋଇଗଲାଣି। ଜାତୀୟସ୍ତରରେ ଓଡ଼ିଆ ଲେଖକଙ୍କୁ କିଭଳି ସ୍ୱତନ୍ତ୍ର ପରିଚୟ ମିଳିବ ତାହା ମୋର ଲକ୍ଷ୍ୟ। ଯେଉଁମାନେ ଲେଖିବା ପାଇଁ ଭାବୁଛନ୍ତି, ହେଲେ କେଉଁଠାରୁ ଆରମ୍ଭ କରିବେ ଜାଣି ପାରୁନାହାନ୍ତି, ସେମାନଙ୍କୁ ମୁଁ ଏତିକି କହିବି ଯେ, ଯେତେ ପାରୁଛ ସେତେ ପଢ଼। ବଡ଼ ବଡ଼ ଲେଖକ କ'ଣ ଲେଖୁଛନ୍ତି ଓ କେମିତି ଲେଖୁଛନ୍ତି ତାହା ଜାଣ। ଯାହାର ଏଥିପ୍ରତି ଦୁର୍ବଳତା ଥିବ ସେ ନିଶ୍ଚୟ ଦିନେ ନା ଦିନେ ସଫଳ ହେବ।

## ନୃତ୍ୟରେ ଡି.ଲିଟ୍. ପାଇଲେ ଶ୍ରୀନିବାସ ଘଟୁଆରୀ

**ଭୁବନେଶ୍ୱର,୩।୩(ବ୍ୟୁରୋ)**

ଜଣାଶୁଣା ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ନୃତ୍ୟ ସଂଯୋଜକ ଡ. ଶ୍ରୀନିବାସ ଘଟୁଆରୀ ଆଉଏକ ସଫଳତା ହାସଲ କରିଛନ୍ତି। ସେ ୟୁନିଭର୍ସିଟି ଅଫ୍ ସେଣ୍ଟ୍ରାଲ ଆମେରିକାରୁ ନୃତ୍ୟରେ ଡି. ଲିଟ୍ ଉପାଧି ଲାଭ କରିଛନ୍ତି। 'ଶାସ୍ତ୍ରୀୟ ନୃତ୍ୟରେ ସଖୀଭାବର ମହତ୍ତ୍ୱପୂର୍ଣ୍ଣ ଭୂମିକା ଓ ତା'ର ପ୍ରଭାବ' ଶୀର୍ଷକ ବିଷୟ ଉପରେ ଗବେଷଣା କରି ସେ ଏହି ଉପାଧି ଲାଭ କରିଛନ୍ତି। ଏହି ଉପାଧି ପାଇବା ସହ ସେ ଓଡ଼ିଶାକୁ ଅନ୍ତର୍ଜାତୀୟସ୍ତରରେ ଗୌରବାନ୍ୱିତ କରିଛନ୍ତି।




**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ଲିଟୁ



ପଦ୍ମ



ସୁଶୀଲ



ଶୁଭସ୍ମିତା



ଭିନ୍‌ସନ୍

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/


ପାନୀୟ ଜଳ ଏବଂ ସ୍ୱଚ୍ଛତା ବିଭାଗ
ଜଳ ଶକ୍ତି ମନ୍ତ୍ରଣାଳୟ
ଭାରତ ସରକାର

10.3 କୋଟିରୁ ଊର୍ଦ୍ଧ୍ୱ ପରିବାରକୁ ଶୌଚାଳୟର ସୁବିଧା ଦେଇ
ଗ୍ରାମୀଣ ଭାରତ ହୋଇଛି ସ୍ୱଚ୍ଛ ଭାରତ ଏବଂ ଓଡିଏଫ୍ ଭାରତ

स्वच्छ भारत
एक कदम स्वच्छता की ओर

ଆସନ୍ତୁ, ଏବେ ମିଳିମିଶି ଗଢ଼ିବା ଓଡିଏଫ୍ ପ୍ଲସ୍ ଭାରତ

"ସ୍ୱଚ୍ଛ ଭାରତର ସଫଳତା ଏକ ସୋପାନ ମାତ୍ର ଏବଂ ଆମର ଉଦ୍ଦେଶ୍ୟ ହେଉଛି ସଫଳତାକୁ ନିରନ୍ତରତାରେ ବଦଳାଇବା।"
- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



ଆମେ ସମସ୍ତେ ସ୍ୱଚ୍ଛ ଭାରତ ମିଶନ୍ (ଗ୍ରାମୀଣ) ଫେଜ୍ 2ରେ ଯୋଗଦେବା ଏବଂ ନିମ୍ନଲିଖିତ ସଂକଳ୍ପ ନେବା:

- ଶୌଚାଳୟର ବ୍ୟବହାର ଓ ରକ୍ଷଣାବେକ୍ଷଣ: ସବୁ ଲୋକ, ସବୁ ଦିନ, ସର୍ବଦା
- କଠିନ ଓ ତରଳ ବର୍ଜ୍ୟବସ୍ତୁର ପ୍ରଭାବୀ ପ୍ରବନ୍ଧନ
- ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ

ସ୍ୱଚ୍ଛ ଭାରତ ମିଶନ୍ (ଗ୍ରାମୀଣ)ର ସଫଳତାର ପ୍ରଭାବ

- ଡାଇରିଆ ଏବଂ ଅପପୁଷ୍ଟିରୁ 3,00,000 ଜୀବନ ରକ୍ଷା (WHO 2018)
- ଖୋଲାରେ ଶୌଚମୁକ୍ତ ଗ୍ରାମଗୁଡ଼ିକରେ ରୋଗ ପିଛା ଖର୍ଚ୍ଚରେ ପ୍ରତି ପରିବାରର ପ୍ରତିବର୍ଷ 50,000 ଟଙ୍କା ସଞ୍ଚୟ (UNICEF 2017)
- 50 କୋଟିରୁ ଅଧିକ ଲୋକଙ୍କ ଶୌଚାଳୟ ପ୍ରୟୋଗ ଦ୍ୱାରା ବ୍ୟବହାର ପରିବର୍ତ୍ତନ

davp 35301/13/0013/1920

ପ୍ରତ୍ୟେକ କାମ ଦେଶର ନାମରେ



ପ୍ରେମ ହିଁ ଭଗବାନ ଏବଂ
ଭଗବାନ ହିଁ ପ୍ରେମ।
- ସାଇବାବା



# ବିଏମ୍‌ସିର ମଣ୍ଡପ ସିଲ୍ ଅଭିଯାନ ବାଟବଣା

**ଭୁବନେଶ୍ୱର, ୩।୩ (ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ବେଆଇନ କଲ୍ୟାଣ ମଣ୍ଡପ/ ବିବାହ ମଣ୍ଡପ ସିଲ୍ ପ୍ରକ୍ରିୟାକୁ ନେଇ ଏବେ ଉଠିଛି ପ୍ରଶ୍ନ। ବିଏମ୍‌ସିର ୩ ଜୋନରେ ୮୦ ମଣ୍ଡପ ସିଲ୍ ହେବ ବୋଲି ଘୋଷଣା କରାଯିବା ସହ ଧାର୍ଯ୍ୟ ମାନଦଣ୍ଡକୁ ପୂରଣ କରି ନ ଥିବା ସବୁ ମଣ୍ଡପକୁ ସିଲ୍ କରାଯିବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଥିଲେ। ଏହାପରେ ଫେବୃୟାରୀ ୩ରୁ ସିଲ୍ ଅଭିଯାନ ଆରମ୍ଭ ହୋଇଥିଲା। ହେଲେ ୪ ଦିନରେ ମାତ୍ର ୧୬ ମଣ୍ଡପକୁ ସିଲ୍ କରି ତା'ପରେ ଚୁପ୍ ବସିଲା। ପୁଣି ସକାଳେ ସିଲ୍ ହୋଇଥିବା କେତେକ ମଣ୍ଡପ ସନ୍ଧ୍ୟାରେ ଖୋଲିଥିବା ଦେଖିବାକୁ ମିଳିଥିଲା। ବେଆଇନ ଭାବେ ଚାଲିଥିବା ଅବଶିଷ୍ଟ ମଣ୍ଡପକୁ ସିଲ୍ ପାଇଁ ବିଏମ୍‌ସି ଅଧିକାରୀଙ୍କର କାହିଁକି ହାତ ଗଲାନି ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଚାପ, ପ୍ରିୟାପ୍ରୀତି ଓ ହାତଗୁଞ୍ଜା ପରେ ଅଧିକାରୀମାନେ ଅଭିଯାନକୁ ବାଣବଣା କରିଦେଇଥିବା ମଧ୍ୟ ଶୁଣିବାକୁ ମିଳୁଛି। ଏପରି କି ଉଦ୍ଦେଶ୍ୟମୂଳକ ଭାବେ ନିର୍ଦ୍ଦିଷ୍ଟ ମଣ୍ଡପ ଉପରେ ପଦକ୍ଷେପ ନେଇ ଅନ୍ୟମାନଙ୍କୁ ବେପାର କରିବାକୁ ପରୋକ୍ଷରେ ସୁଯୋଗ ଦେଉଥିବା ଅଭିଯୋଗ ଉଠୁଛି। ଏବେ ନୋଟିସ ପାଇଥିବା ବାକି ମଣ୍ଡପଗୁଡ଼ିକରେ ବିବାହ, ବ୍ରତ ଓ ଅନ୍ୟ ଉତ୍ସବ ଆୟୋଜନ ଚାଲିଛି। ସେଠାରେ ପାର୍କିଂ ବ୍ୟବସ୍ଥା ସହ ଆବଶ୍ୟକ ଭିତ୍ତିଭୂମି ନ ଥିଲେ ମଧ୍ୟ ବିଏମ୍‌ସି ଅଧିକାରୀମାନେ ସବୁଜାଣି କାହିଁକି ଆଖିବୁଜି ଦେଇଛନ୍ତି ବୋଲି ସିଲ୍ ହୋଇଥିବା ମଣ୍ଡପ ମାଲିକମାନେ ପ୍ରଶ୍ନ ଉଠାଇବାସହ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ବିଭିନ୍ନ ୱାର୍ଡରେ ବେଆଇନ୍ ଭାବେ ଚାଲିଥିବା ୯୪ ମଣ୍ଡପକୁ ନିୟମିତ କରାଇବା ପାଇଁ ବିଏମ୍‌ସି ନୋଟିସ୍ ଦେଇଥିଲା। ଗତ ଜାନୁଆରୀ ୩୧ ସୁଦ୍ଧା ସମସ୍ତ ପ୍ରକାର ଅନୁମୋଦନ ନେବା ସହିତ ଆବଶ୍ୟକ କାଗଜପତ୍ର ବିଏମ୍‌ସିରେ ଦାଖଲ କରିବାକୁ ନିର୍ଦ୍ଦେଶ ଥିଲା। ମାତ୍ର ବିଏମ୍‌ସିର ମନମାନୀ କାର୍ଯ୍ୟ ଓ ବେପରୁଆ କାର୍ଯ୍ୟକଳାପ ପାଇଁ ଏବେ ମଣ୍ଡପ ମାଲିକମାନେ ପୁଣିଥରେ ବେଫିକର ହୋଇ ବ୍ୟବସାୟ ଚଳାଇଛନ୍ତି। ଏବେ ବି ବହୁ ମଣ୍ଡପକୁ ରାସ୍ତା ନ ଥିବାବେଳେ ନିଜସ୍ୱ ପାର୍କିଂ ବ୍ୟବସ୍ଥା, ଅଗ୍ନି ନିରାପତ୍ତା ପ୍ରମାଣପତ୍ର, ବର୍ଜ୍ୟ ପରିଚାଳନା ବ୍ୟବସ୍ଥା ସହ ଆବଶ୍ୟକ କାଗଜପତ୍ର ନାହିଁ। ଏହାସତ୍ତ୍ୱେ ସେସବୁ ମଣ୍ଡପକୁ ସୁଯୋଗ ଦିଆଯିବା ବିଏମ୍‌ସିର କାର୍ଯ୍ୟଧାରାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି।

**୪ଦିନର ତତ୍ପରତା ପରେ...**



## କାଗଜପତ୍ର ଯାଞ୍ଚ ଚାଲିଛି, ପଦକ୍ଷେପ ନିଆଯିବ: କମିଶନର

ବିଏମ୍‌ସି କମିଶନର ଚୌଧାରୀ କହିଛନ୍ତି, ଅନ୍ୟକିଛି କାରଣ ଯୋଗୁ ସିଲ୍ ପ୍ରକ୍ରିୟା ଧିମେଇଛି। ପାଖାପାଖି ୬୩ ମଣ୍ଡପକୁ ସିଲ୍ କରାଯିବା ନେଇ ନୋଟିସ୍ ହୋଇଥିଲା। ସେମାନେ ନିଜ ନିଜର କାଗଜପତ୍ର ସ୍କ୍ରୁଟିନି କମିଟିରେ ଦାଖଲ କରିଛନ୍ତି। ସେଗୁଡ଼ିକୁ ଯାଞ୍ଚ କରାଯାଉଛି। ଯେଉଁ ମଣ୍ଡପଗୁଡ଼ିକ ବିଏମ୍‌ସି ନିୟମ ପାଳନ କରି ନ ଥିବା ଜଣାପଡିବ, ସେଗୁଡ଼ିକୁ ସିଲ୍ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନରେ ରଖି କହିଛନ୍ତି, ବିଏମ୍‌ସିର ଏଭଳି ତରବରିଆ ନିଷ୍ପତ୍ତି ଓ ପଦକ୍ଷେପ ପରେ କେତେକ କଲ୍ୟାଣମଣ୍ଡପ ମାଲିକ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମଣ୍ଡପର ଭିତ୍ତିଭୂମି ସଜାଡ଼ିବାକୁ ବିଏମ୍‌ସି ସମୟ ଦେଉ ବୋଲି ସେମାନେ ଦର୍ଶାଇଛନ୍ତି। ଏହାବ୍ୟତୀତ ଆଉ କେତେଜଣ ମଣ୍ଡପ ମାଲିକ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ଷ୍ଟେ ଅର୍ଡର ଆଣିଛନ୍ତି। ସେହିପରି କିଛି ମାଲିକ ସର୍ବକ୍ଷମାରେ ମଧ୍ୟ ଆବେଦନ କରିଛନ୍ତି। ଏହାର ଚୂଡ଼ାନ୍ତ ସମୀକ୍ଷା ପରେ ପୁଣି ସିଲ୍ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ କହିଛନ୍ତି।

## କ୍ଲବ ଘରେ ଉତ୍ସବ, କଲୋନୀରେ ଟ୍ରାଫିକ ଜାମ

ମଣ୍ଡପ ଉପରେ ବିଏମ୍‌ସି କଟକଣା ଲଗାଇବା ପରେ ସହରବାସୀ ବାହାଘର ଓ ଉତ୍ସବ ପାଳନ ପାଇଁ ହଇରାଣ ହେଉଛନ୍ତି। ଏ ପରିସ୍ଥିତିରେ ବିଭିନ୍ନ କଲୋନୀରେ ଥିବା କ୍ଲବ୍ ଓ କମ୍ୟୁନିଟି ସେଣ୍ଟରରେ ଉତ୍ସବ ଜମିବାରେ ଲାଗିଛି। କ୍ଲବ୍ ପିଲାମାନେ କଲ୍ୟାଣମଣ୍ଡପ ଭଳି ଟଙ୍କା ନେଇ ବିବାହ ବ୍ରତ ଓ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଲୋକଙ୍କୁ ସ୍ଥାନ ଦେଉଛନ୍ତି। ପ୍ରାୟ ସମସ୍ତ ୱାର୍ଡରେ ଏପରି ହେଉଥିବା ନଜରକୁ ଆସୁଛି। କିଛି ଅସାଧୁ ୱାର୍ଡ ଅଫିସର ଓ ୱାର୍ଡ ସୁପରଭାଇଜରଙ୍କ ସହାୟତାରେ କ୍ଲବ୍ ସଦସ୍ୟମାନେ ଏପରି କାର୍ଯ୍ୟ କରୁଥିବା ଜଣାପଡିଛି। କିଛି କିଛି ଅର୍ଥ ନେଇ ଅଧିକାରୀମାନେ ସୁଯୋଗ ଦେଉଥିବାବେଳେ ଏଥିଯୋଗୁ କଲୋନୀ ଭିତରେ ମଧ୍ୟ ଟ୍ରାଫିକ ଜାମ ପରିସ୍ଥିତି ସୃଷ୍ଟି ହେଉଛି। କ୍ଲବ୍ ପିଲାମାନେ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ଓ କେତେଜଣ ଅସାମାଜିକ ଥିବାରୁ କଲୋନୀବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ୍ୟ ଭୟରେ ମୁହଁ ଖୋଲିବାକୁ ସାହାସ କରୁନାହାନ୍ତି। ଇତିମଧ୍ୟରେ ବିଏମ୍‌ସି ଦକ୍ଷିଣ ପଶ୍ଚିମ ଜୋନର ବିଭିନ୍ନ ୱାର୍ଡରୁ ଏପରି ଅଭିଯୋଗ ସଂଖ୍ୟା ବଢ଼ିବାରେ ଲାଗିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମନ କହୁଛି ରଜା ହେବାକୁ**
**କରମ କହୁଛି ଘାସ କାଟିବାକୁ**

ମନ ଉପରେ କାହାର ଆୟତ୍ତ ନ ଥାଏ । ମନ ସବୁବେଳେ ଭଲ ଚାହିଁ ଥାଏ। ପରନ୍ତୁ ମନ ଯାହା ଚାହେଁ ସବୁବେଳେ ତାହା ପୂରଣ ହୋଇପାରି ନ ଥାଏ। ପରୋକ୍ଷରେ କର୍ମ ହିଁ ଜୀବନଯାତ୍ରାର ଅସଲ ସହଚର। କର୍ମ ଓ ଭାଗ୍ୟ ଏକାଠି ହେଲେ ଲୋକ ଐଶ୍ୱର୍ଯ୍ୟ ଭୋଗ କରେ। ଯେତେ ଇଚ୍ଛା କଲେ ଭାଗ୍ୟରେ ନ ଥିଲେ ଭଲ ଫଳ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମନ ଚୋରଙ୍କୁ ପଲଙ୍କ ସୁପାତି**
**ଧନ ଚୋରକୁ ଧକ୍କା**
**ଚମ ଚୋରକୁ ଦି ଗାଲରେ କଳା**
**ଅଜଣା ଚୋରକୁ ବକା ।**

ଯିଏ ମନକୁ ଚୋରି କରିଥାଏ ସେ ହିଁ ଆପଣାର ବା ପ୍ରିୟ ହୋଇଥାଏ। ଟଙ୍କା ପଇସା ଚୋରାଇ ନେଉଥିବା ଚୋରକୁ ମାଡ଼ ଦିଆଯାଇଥାଏ। ଲମ୍ପଟ ବ୍ୟକ୍ତିଙ୍କୁ ନିନ୍ଦା ଅପମାନ ମିଳିଥାଏ। ସେହିପରି ଅଜଣା ଚୋରକୁ ଗାଳିମନ୍ଦ କରାଯାଇଥାଏ। ଉପରବର୍ଣ୍ଣିତ ବ୍ୟକ୍ତିଙ୍କୁ ନିଜସ୍ୱ ବିଚାର ଏବଂ ଶୈଳୀରେ ଉପଯୁକ୍ତ ଶାସ୍ତି ଦିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ସୁଧୁରିବ ନୟାପଲ୍ଲୀ ଅଞ୍ଚଳର ଜଳବନ୍ଦୀ ସମସ୍ୟା



କର୍ମଶାଳାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଭୁବନେଶ୍ୱର, ୩।୩ (ବ୍ୟୁରୋ)**

ନୟାପଲ୍ଲୀ ଅଞ୍ଚଳରେ ବାରମ୍ବାର ଦେଖା ଦେଉଥିବା ଜଳବନ୍ଦୀ ସମସ୍ୟା ସୁଧୁରିବ। ଅଞ୍ଚଳ ଦେଇ ଯାଇଥିବା ୧୦ ନଂ. ଡ୍ରେନେଜ୍ ଚ୍ୟାନେଲରେ 'ସ୍ପଞ୍ଜ ସିଟି'ର ଏକ ମଡେଲର ବ୍ୟବହାର କରାଯିବ। ବର୍ଷା ସମୟରେ ନୟାପଲ୍ଲୀ ଅଞ୍ଚଳରେ ସୃଷ୍ଟି ହେଉଥିବା ଜଳବନ୍ଦୀ ସମସ୍ୟାରେ ସୁଧାର ଆସିବ। ଏଥିସହ ବର୍ଷା ଜଳ ପରିଚାଳନା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦ୍ୱାରା ମଙ୍ଗଳବାର କରାଯାଇଥିବା ଏକ କର୍ମଶାଳାରେ ମତ ପ୍ରକାଶ ପାଇଛି।

ମୌସୁମୀ ଆସିବା ପରେ ବର୍ଷା ଜଳକୁ କିପରି ଖୋଲା ସ୍ଥାନରେ ଛାଡ଼ିବା ଓ ନୟାପଲ୍ଲୀ ବାସିନ୍ଦା ଘରେ ଘରେ ରେନ୍ ୱାଟର ହାରଭେଷ୍ଟିଂ କରିବା ପରି ପନ୍ଥା ଆପଣାଇବାକୁ ଏଥିରେ କୁହାଯାଇଥିଲା। ବିଏମ୍‌ସି ଅତିରିକ୍ତ କମିଶନର ସୁରଥ ଚନ୍ଦ୍ର ମଲ୍ଲିକ, ଜଳବାୟୁ ସ୍ମାର୍ଟ ସିଟିର ପ୍ରୋଗ୍ରାମ ମ୍ୟାନେଜର ବୈଶାଳୀ ନନ୍ଦନ, ବିଏମ୍‌ସି ପରିମଳ ବିଭାଗ ଡେପୁଟି କମିଶନର ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଏହି ଅବସରରେ ଅତିଥି ଭାବେ ଯୋଗ ଦେଇଥିଲେ। ଜର୍ମାନସ୍ଥିତ ଏଜେନ୍ସି ଜିଆଇଜେଡ୍ ଏବଂ ଟେକ୍ନୋଲୋଜି ୟୁନିଭରସିଟି ବର୍ଲିନ୍ ମିଳିତ ଭାବେ ଆୟୋଜିତ ହୋଇଥିବା ଏହି କର୍ମଶାଳାରେ କିଟ୍ ସ୍କୁଲ୍ ଅଫ୍ ପ୍ଲାନିଂ ଆଣ୍ଡ ଆର୍କିଟେକଚର ଏବଂ ଜାଭିୟର୍ ସ୍କୁଲ୍ ଅଫ୍ ହ୍ୟୁମାନ୍ ସେଟେଲ୍‌ମେଣ୍ଟ ଭଳି ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଯୋଗ ଦେଇ ବିଭିନ୍ନ ମତାମତ ପ୍ରଦାନ କରିଥିଲେ।

# ଗୁରୁମା' ଗୁରୁଜୀଙ୍କୁ ବାବାଙ୍କ ଦୁର୍ବ୍ୟବହାର

**ନିଆଳି,୩।୩(ଡି.ଏନ୍.ଏ.)**

ନିଆଳି ଥାନା ଅନ୍ତର୍ଗତ କୃଷ୍ଣପ୍ରସାଦସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଗୁରୁମା' ଗୁରୁଜୀଙ୍କୁ ଜଣେ ବାବା ଦୁର୍ବ୍ୟବହାର କରିଥିବା ମଙ୍ଗଳବାର ନିଆଳି ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବିଦ୍ୟାଳୟ ନିକଟରେ ଥିବା ଗୋଚର ଜମିରେ ସ୍ଥାନୀୟ ଅଞ୍ଚଳର ଜଣେ ବାବା ଏକ ଆଶ୍ରମ କରି ରହୁଥିଲେ। ଆଶ୍ରମରେ କିଛିଦିନ ହେବ ମାଇକ୍ ବାଜିବାରୁ ପିଲାମାନେ ଅଧ୍ୟୟନ କରିବାରେ ବାଧା ସୃଷ୍ଟି ହେଉଥିଲା। ଏ ସମ୍ପର୍କରେ ବିଦ୍ୟାଳୟର ଗୁରୁମା' ଗୁରୁଜୀମାନେ ମଙ୍ଗଳବାର ସମ୍ପୃକ୍ତ ବାବାଙ୍କୁ ମାଇକ୍ ବଜାଇବା ପାଇଁ ବାରଣ କରିଥିଲେ। ମାତ୍ର ଏଥିରେ ବାବାଜଣଙ୍କ ଉତ୍କ୍ଷିପ୍ତ ହୋଇ ସେମାନଙ୍କୁ ଗାଳିଗୁଲଜ କରିବା ସହିତ କାଠ ଫାଳିଆରେ ଆକ୍ରମଣ କରିବାକୁ ଗୋଡାଇଥିଲେ। ଏ ନେଇ ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ସୁମନ୍ତ ମହାନ୍ତି ଓ ପ୍ରଧାନ ଆଚାର୍ଯ୍ୟ ସରିତା ମହାପାତ୍ର ନିଆଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ଯୁବତୀଙ୍କୁ ନିର୍ଯାତନା ସହ ୭ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୩।୩ (ବ୍ୟୁରୋ)**

ପ୍ରଥମେ ବନ୍ଧୁତା ଓ ପରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟ ମନ୍ଦିରରେ ପ୍ରେମ ବିବାହ କରିଥିଲେ। ଏପରି କି ଯୁବତୀଙ୍କଠାରୁ ଆବଶ୍ୟକ ବେଳେ ୭ ଲକ୍ଷ ଟଙ୍କା ନେଇଥିଲେ। ପରେ ନିର୍ଯାତନା ଦେଉଥିବା ଅଭିଯୁକ୍ତ ପ୍ରେମିକଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସତ୍ୟବିହାର ଅଞ୍ଚଳରେ ରହୁଥିବା ସୁଜିତ ରାଉତ(୩୨)। ପୋଲିସ ସୂଚନା ମୁତାବକ ସତ୍ୟନଗର ଅଞ୍ଚଳରେ ରହୁଥିବା ଯୁବତୀ ଓ ସୁଜିତ ପରସ୍ପର ମଧ୍ୟରେ ପ୍ରଥମେ ବନ୍ଧୁତା ହୋଇଥିଲା। ପରେ ପ୍ରେମ ସମ୍ପର୍କ ଗଢି ଉଠିବା ପରେ ଉଭୟ ଜୀବନସାଥୀ ହୋଇ ରହିବାକୁ ଚିନ୍ତା କରିଥିଲେ। ଏଥିପାଇଁ ଉଭୟେ ମନ୍ଦିରକୁ ଯାଇ ବିବାହ କରିଥିଲେ। ଉଭୟ ସତ୍ୟନଗର ଅଞ୍ଚଳରେ ଏକାଠି ମଧ୍ୟ ରହୁଥିଲେ। ଅଭିଯୁକ୍ତ ସୁଜିତଙ୍କୁ ମେଡିକାଲ ସମସ୍ୟା ଓ ଅନ୍ୟାନ୍ୟ ଜରୁରୀ ଆବଶ୍ୟକତା ପାଇଁ ଯୁବତୀ ଜଣଙ୍କ ତାଙ୍କ ପିତାଙ୍କଠାରୁ ୭ ଲକ୍ଷ ଟଙ୍କା ଆଣିଥିଲେ। ପରବର୍ତ୍ତୀ ସମୟରେ ଅଧିକ ଟଙ୍କା ଦରକାର ବୋଲି ଯୁବତୀଙ୍କୁ ସୁଜିତ ମାଗିଥିଲେ। ଯୁବତୀ ଜଣକ ନ ଦେବାରୁ ତାଙ୍କୁ ନିର୍ଯାତନା ଦେବା ଆରମ୍ଭ କରି ଦେଇଥିଲେ। ଏଥିସହ ତାଙ୍କ ପିତାଙ୍କଠାରୁ ନେଇଥିବା ଟଙ୍କାକୁ ମଧ୍ୟ ଫେରସ୍ତ କରି ନ ଥିଲେ। ଶେଷରେ ନିର୍ଯାତନାର ମାତ୍ରା ବଢିବାରୁ ଯୁବତୀ ଜଣଙ୍କ ତାଙ୍କ ପିତାଙ୍କ ସହ ସୋମବାର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୯୫/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତ ସୁଜିତଙ୍କୁ ଗିରଫ କରିଛି।


# CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହିଦ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା - ୯୦,୦୦୦/-, ଆଡଭାନ୍ସ - ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748
9667567752

INDUS TOWER LTD
କୌଣସୀ ଖର୍ଚ୍ଚ ନାହିଁ ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
8882906094

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ।
2% ସୁଧ | 40% ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ର: 75992-54565, 89012-71684, 94506-10896

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

REAL ESTATE SALE

SPACE FOR OFFICE RENT
2000 sqft each available on 2nd & 3rd floor in well furnished with lift arrangement at Mancheswar Ind. Estate, BBSR. Interested person may contact through
Box No- 387,
PRAVAT KU. PRADHAN,
C/o- Dharitri, B-15,
Industrial Estate, Rasulgarh,
Bhubaneswar-751010
Mob:- 7978361405

BUSINESS

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ । ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No.
07488344055

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

DHARITRI Career appointment Every Wednesday and Saturday

FINANCE

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କନ୍ଧମାଳ ପରିବା: ଚାଷୀ ଦୁଃଖୀ, ବ୍ୟବସାୟୀ ଖୁସି

ରାକେଶ କୁମାର ରାଉତ
ଫୁଲବାଣୀ ଅଫିସ, ୩ା୩




■ କାର୍ଯ୍ୟକ୍ଷମ ହେଉନି ଶୀତଳ ଭଣ୍ଡାର
■ ୩୦ ହଜାର ହେକ୍ଟର ଜମିରେ ହେଉଛି ପନିପରିବା
■ ରାଜ୍ୟ ବଜାରରେ ରହିଛି ରାଇକିଆ ବିନ୍ସର ଚାହିଦା

ପନିପରିବା ଉତ୍ପାଦନ ଏବଂ ଏହାର ଗୁଣବତ୍ତା ପାଇଁ କନ୍ଧମାଳ ଜିଲା ରାଜ୍ୟରେ ପ୍ରସିଦ୍ଧ। ଏଠାରେ ଉତ୍ପାଦିତ ପନିପରିବାର ବେଶ୍ ଚାହିଦା ରହିଛି। ଏଠାରୁ ଉତ୍ପାଦିତ କୋବି ଏବଂ ବିନ୍ସର ଚାହିଦା ସବୁଠୁ ଅଧିକ। ଉତ୍ପାଦନ ଓ ଚାହିଦା ଥାଇ ମଧ୍ୟ ଚାଷୀଙ୍କ ଦୁଃଖ ଦୂର ହେଉନି। ଭୁବନେଶ୍ୱର, ବ୍ରହ୍ମପୁର, ଦଶପଲ୍ଲା, ନୟାଗଡର ବ୍ୟବସାୟୀ କନ୍ଧମାଳ ଚାଷୀଙ୍କଠାରୁ କମ୍ ଦରରେ ପରିବା କିଣି ନେଇ ଚଢା ଦାମରେ ବିକି ମୁନାଫା ଉଠାଉଛନ୍ତି। ଚାଷୀମାନେ ଅଭାବୀ ବିକ୍ରିର ଶୀକାର ହେଉଛନ୍ତି। କାରଣ ଚାଷୀଙ୍କ ଉତ୍ପାଦିତ ପନିପରିବା ସଂରକ୍ଷଣ ପାଇଁ ଏଠାରେ ଶୀତଳ ଭଣ୍ଡାର ନାହିଁ।

କନ୍ଧମାଳ ଜିଲାର ପାହାଡିଆ ମୃତ୍ତିକା ତଥା ଜଳବାୟୁ ପରିବା ଚାଷ ପାଇଁ ଅନୁକୂଳ। ବିଶେଷ କରି ଜିଲାର ଟିକାବାଲି, କ.ନୂଆଗାଁ, ରାଇକିଆ, ଜି.ଉଦୟଗିରି, ଫିରିଙ୍ଗିଆ, ଫୁଲବାଣୀ ଅଞ୍ଚଳରେ ଚାଷୀମାନେ ପନିପରିବା ଚାଷ କରୁଛନ୍ତି। ଉଦ୍ୟାନ କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଜିଲାରେ ୩୦ ହଜାର ହେକ୍ଟର ଜମିରେ ପନିପରିବା ଚାଷ ହେଉଛି। ବାର୍ଷିକ ଏକ ହେକ୍ଟର ଜମିରୁ ପ୍ରାୟ ୫୦ ହଜାର ଟଙ୍କାର ପନିପରିବା ଉତ୍ପାଦନ ହେଉଛି। ପନିପରିବା ଚାଷ ପାଇଁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ମଧ୍ୟ ବିଭିନ୍ନ ପ୍ରୋତ୍ସାହନ ଦିଆଯାଉଛି। ଫୁଲ କୋବି, ବନ୍ଧା କୋବି, ବିନ୍ସ, ଭେଣ୍ଡି, କାଙ୍କଡ, ବାଇଗଣ ଆଦି ଅନେକ କିସମର ପରିବା ଚାଷ ହେଉଛି। ରାଜ୍ୟର ବିଭିନ୍ନ ବଜାରରେ ରାଇକିଆ ବିନ୍ସର ବେଶ୍ ଚାହିଦା ରହିଛି। ଏହାକୁ ଜିଆଇ ଟ୍ୟାଗ୍ ପାଇଁ ମଧ୍ୟ ଉଦ୍ୟାନ କୃଷି ବିଭାଗ ଉଦ୍ୟମ ଆରମ୍ଭ କରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜଳବାୟୁ ଅନୁକୂଳ ଥିବାରୁ ଏଠାରେ ଅଦିନରେ ମଧ୍ୟ ପ୍ରଚୁର ପରିମାଣର ଫୁଲକୋବି ଓ ବିନ୍ସ ଉତ୍ପାଦନ ହୋଇଥାଏ। ମାତ୍ର ଏହାକୁ ସଂରକ୍ଷଣ କରାଯାଇ ପାରୁନାହିଁ। ଜିଲାରେ ଥିବା ଶୀତଳ ଭଣ୍ଡାରକୁ କାର୍ଯ୍ୟକ୍ଷମ କରାଯାଇ ପାରୁନାହିଁ। ପନିପରିବା ଦୁଇ ତିନି ଦିନରେ ପଚି ଯାଉଥିବାରୁ ଚାଷୀ ବାଧ୍ୟ ହୋଇ ବାହାରର ବ୍ୟବସାୟୀଙ୍କୁ କମ୍ ଦାମରେ ବିକୁଛନ୍ତି। ଜିଲାରେ ପରିବା ଚାଷର ସମ୍ଭାବନା ଦେଖି ୧୯୮୧ରେ ଜି.ଉଦୟଗିରି ଠାରେ ଏକ ଶୀତଳ ଭଣ୍ଡାର ପ୍ରତିଷ୍ଠା ହୋଇଥିଲା। ଏହା ଦ୍ୱାରା ଟିକାବାଲି, ଜି.ଉଦୟଗିରି, ରାଇକିଆ, ଚକାପାଦ ବ୍ଲକ ଅଞ୍ଚଳର ଚାଷୀ ଉପକୃତ ହେଉଥିଲେ। ପରିଚାଳନାଗତ ତ୍ରୁଟି ତଥା ଅତ୍ୟଧିକ ବିଦ୍ୟୁତ ବିଲ୍ ଯୋଗୁ ୧୦ ବର୍ଷ ପରେ ଏହା ବନ୍ଦ ହୋଇଗଲା। ସେହିପରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) ପକ୍ଷରୁ ବିଭିନ୍ନ ବ୍ଲକରେ ମିନି ଶୀତଳ ଭଣ୍ଡାର (୨୫ ମେଟ୍ରିକ୍ ଟନ୍) ପ୍ରତିଷ୍ଠା ହୋଇଛି। ମାତ୍ର ଏହାର ପରିଚାଳନା ପାଇଁ ଫାର୍ମର ସୋସାଇଟି ଗଠନ ହୋଇ ପାରୁନାହିଁ। ଏଥିପାଇଁ କେହି ମିଳୁ ନ ଥିବାରୁ ତାହା କାର୍ଯ୍ୟକାରୀ ହୋଇ ପାରୁନାହିଁ ବୋଲି ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ କହିଛନ୍ତି।

ସେହିପରି ସରକାର ଏପିସିଟିଆର୍‌ଓ (ଏଗ୍ରିକଲଚର ପ୍ରଡକ୍ସନ କ୍ଲଷ୍ଟର ଇନ୍ ଟ୍ରାଇବାଲ ରିଜିଓନ ଅଫ ଓଡିଶା) ଯୋଜନା ଆରମ୍ଭ କରିଛନ୍ତି। ଏଥିରେ ରାଜ୍ୟର ୧୨ ଆଦିବାସୀ ପାହାଡିଆ ଜିଲାର ୪୦ ବ୍ଲକକୁ ସାମିଲ କରାଯାଇଛି। ଫୁଲବାଣୀ, ବାଲିଗୁଡା ଓ କ.ନୂଆଗାଁ ବ୍ଲକ ଏହି ଯୋଜନାରେ ସାମିଲ ହୋଇଛି। ୨୦୦ ମହିଳାଙ୍କୁ ନେଇ ଗୋଟିଏ ଲେଖାଏ ପ୍ରଡ୍ୟୁସର୍ସ ଗ୍ରୁପ୍ ଗଠନ କରାଯିବ। ଏହି ଗ୍ରୁପ୍‌କୁ ପରିବା ଚାଷ ପାଇଁ ସମସ୍ତ ପ୍ରକାର ସହାୟତା ପ୍ରଦାନ ସହ ଶୀତଳ ଭଣ୍ଡାର ପରିଚାଳନା ଭାର ପ୍ରଦାନ କରାଯିବ। ସମସ୍ତ ପ୍ରଡ୍ୟୁସର ଗ୍ରୁପ୍‌କୁ ନେଇ ପ୍ରଡ୍ୟୁସର୍ସ କମ୍ପାନୀ ଗଠନ ହେବ। ଯିଏ ଉତ୍ପାଦନର ଗ୍ରେଡିଙ୍ଗ ଓ ମାର୍କେଟିଂ କରିବ। ତାହା ମଧ୍ୟ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ।

### ସେମାନେ ଯାହା କୁହନ୍ତି

“ବହୁ ସମସ୍ୟା ମଧ୍ୟ ଦେଇ ଚାଷୀ ପରିବା ଚାଷ କରନ୍ତି। ପ୍ରଥମେ ଜଳ ସମସ୍ୟା, ଦ୍ୱିତୀୟରେ ରୋଗପୋକ ଓ ତୃତୀୟରେ ଗାଇଗୋରୁଙ୍କ ଠାରୁ ଫସଲ ରକ୍ଷା କରିବା। ଫସଲ ଉତ୍ପାଦନ ହେବାପରେ ପୁଣି ଏହାର ବଜାର ସୁବିଧା ନ ଥିବାରୁ ଆମକୁ ପରିଶ୍ରମର ମୂଲ୍ୟ ମିଳୁନାହିଁ। ସରକାର ବଜାର ବ୍ୟବସ୍ଥା କଲେ ଆମେ ପରିଶ୍ରମର ଉଚିତ୍ ମୂଲ୍ୟ ପାଇପାରନ୍ତୁ।

-ଅଜିତ ନାୟକ, ଚାଷୀ, ଗୁମାଗଡ

“ଫଳ ଓ ପରିବା ଚାଷ ପାଇଁ ସରକାର ସବୁ ପ୍ରକାର ପ୍ରୋତ୍ସାହନ ଦେଉଛନ୍ତି। ହେଲେ ଏହାକୁ ସଂରକ୍ଷଣ ରଖିବା କିମ୍ବା ଉଚିତ ମୂଲ୍ୟରେ ବିକ୍ରି କରିବାର କୌଣସି ବ୍ୟବସ୍ଥା ନାହିଁ। ଫଳରେ ବାହାର ବ୍ୟବସାୟୀମାନେ ଆସି ଆମ ଠାରୁ ବହୁ କମ୍ ଦାମ୍‌ରେ ପରିବା କିଣି ନିଅନ୍ତି। ଆମେ ମଧ ବାଧ ହେଉଛୁ ଦେବା ପାଇଁ। ଶୀତଳ ଭଣ୍ଡାର ବ୍ୟବସ୍ଥା କଲେ ଆମେ ଉତ୍ପାଦିତ ପନିପରିବାର ଉପଯୁକ୍ତ ମୂଲ୍ୟ ପାଆନ୍ତୁ।

-ଗାୟତ୍ରୀ ପ୍ରଧାନ, ଚାଷୀ, ଗୁଦାରୀ

## ସଂକ୍ଷେପରେ

### ୬ରେ ଲୋକାର୍ପିତ ହେବ ବିଜୁବାବୁ ଜୀବନ କାହାଣୀ ପୁସ୍ତକ

ଭୁବନେଶ୍ୱର,୩ା୩(ବ୍ୟୁରୋ): ବିଜୁବାବୁଙ୍କ ଦୁଃସାହସିକ ଜୀବନ କାହାଣୀ ଉପରେ ଆଧାରିତ ଏକ ପୁସ୍ତକ ‘ଆଡ୍‌ଭେଞ୍ଚର୍ସ ଅଫ୍ ଦି ଡେୟାରଡେଭିଲ ଡେମୋକ୍ରାଟ’ ଆସନ୍ତା ୬ ତାରିଖ ସକାଳ ୧୧ଟାରେ ସ୍ଥାନୀୟ ଏକ ହୋଟେଲରେ ଲୋକାର୍ପିତ ହେବ। ବିଜୁବାବୁଙ୍କ ୧୦୪ ତମ ଜନ୍ମତିଥି ପାଳନ ଅବସରରେ ଏହି କାର୍ଯ୍ୟକ୍ରମ କଳିଙ୍ଗ ଫାଉଣ୍ଡେଶନଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପୁସ୍ତକକୁ ଲୋକାର୍ପିତ କରିବେ। ସମ୍ମାନିତ ଅତିଥି ଭାବେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ପୁସ୍ତକ ବିଜୁ ବାବୁଙ୍କ ଅନନ୍ୟ ବ୍ୟକ୍ତିତ୍ୱ ସମ୍ପର୍କରେ ପ୍ରେରଣା ଦେବ। ନୂଆଦିଲ୍ଲୀର ଏକ ପ୍ରତିଷ୍ଠିତ ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ ଓ ଶ୍ରୀ ପ୍ରଭାଶଙ୍କରଙ୍କ ଦ୍ୱାରା ପ୍ରସ୍ତୁତ ପୁସ୍ତକରେ ପିଲାମାନଙ୍କୁ ଅନୁପ୍ରାଣିତ କରିବା ପାଇଁ ଚିତ୍ରକଥା ଶୈଳୀରେ ବିଜୁବାବୁଙ୍କ ଦୁଃସାହସୀ ଅଭିଯାନର କାହାଣୀମାନ ରହିଛି। ବର୍ଷିଆନ ସ୍ୱାଧୀନତା ସଂଗ୍ରାମୀ କଳିଙ୍ଗ ଫାଉଣ୍ଡେଶନ ଟ୍ରଷ୍ଟର ସଭାପତି ଭବାନୀ ଚରଣ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିବେ।

### ରାଜାଘର ସୁନାମାଳ କହି ୪ ଲକ୍ଷ ଠକେଇ

ଅନୁଗୋଳ ଅଫିସ୍, ୩ା୩: ରାଜାଘର ସୁନାମାଳ କହି ଏକ ପିତଳ ହାରକୁ ୪ ଲକ୍ଷ ଟଙ୍କାରେ ବିକ୍ରି କରିବା ପରେ ଖସି ପଳାଉଥିବା ନାଗପୁର ଶୀତଲୱାଡ଼ା ଅଞ୍ଚଳର ଶତ୍ରୁ ମୋହନ ପ୍ରଜାପତି(୩୩)ଙ୍କୁ ମଙ୍ଗଳବାର ଅନୁଗୋଳ ପୋଲିସ ଗିରଫ କରିଛି। ସମସ୍ତ ଟଙ୍କା ଜବତ କରିବା ସହ ପୋଲିସ ତାଙ୍କୁ କୋର୍ଟଚାଲାଣ କରିଛି। ଏହି ଘଟଣା ଅନୁଗୋଳ ସହରରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ଅନୁଗୋଳ ସହର ଉପକଣ୍ଠ ଜାମୁନାଳି ଅଞ୍ଚଳର ନିର୍ମଳ ପଟ୍ଟନାୟକଙ୍କୁ ରାଜାଘର ସୁନାମାଳ ବିକ୍ରି କରିବାକୁ ଶତ୍ରୁମୋହନ ନାଗପୁରରୁ ଅନୁଗୋଳ ଆସିଥିଲେ। ହାର ବିକ୍ରି କରିବା ପରେ ନଗଦ ୪ ଲକ୍ଷ ଟଙ୍କା ନେଇ ସେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଏକ ସୁନା ଦୋକାନରେ ହାର ପରୀକ୍ଷା କରି ତାହା ପିତଳ ବୋଲି ଜାଣିବା ପରେ ନିର୍ମଳଙ୍କ ପାଦତଳୁ ଯେପରି ମାଟି ଖସି ଯାଇଥିଲା। ସେ ତୁରନ୍ତ ଅନୁଗୋଳ ଥାନାକୁ ଆସି ଠକେଇ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଅନୁଗୋଳ ବସ୍‌ଷ୍ଟାଣ୍ଡରୁ ଅଭିଯୁକ୍ତ ଶତ୍ରୁମୋହନଙ୍କୁ ଠାବ କରିଥିଲା। ତାଙ୍କୁ ଥାନାକୁ ଆଣି ପଚରା ଉଚରା କରିବାରୁ ସେ ଠକେଇ କରିଥିବା ସ୍ୱୀକାର କରିଥିଲେ ବୋଲି ପୋଲିସ କହିଛି।

## ପ୍ରଥମ ପୃଷ୍ଠାରୁ...

### ପୁରୀରେ ନୀଳାଦ୍ରି ...

ବିଭାଗ ସହାୟତାରେ ପୁରୀକୁ ଭିକାରିମୁକ୍ତ କରିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ନୀଳାଦ୍ରି ନିଳୟ ପ୍ରକଳ୍ପ। ଏହା ମାଧ୍ୟମରେ ଦିବ୍ୟାଙ୍ଗ, କୁଷ୍ଠରୋଗୀ, ମାନସିକ ବିକାରଗ୍ରସ୍ତ ଏବଂ ବୟସ୍କ ଭିକାରିଙ୍କ ପାଇଁ ସ୍ୱତନ୍ତ୍ର ଆବାସସ୍ଥଳୀର ବ୍ୟବସ୍ଥା ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ୮ଟି ନୀଳାଦ୍ରି ନିଳୟ (ଭିକାରି ପୁନର୍ବାସ ଗୃହ)ରେ ୪୦୦ ଭିକ୍ଷୁକଙ୍କ ନିମନ୍ତେ ରହିବା, ଖାଇବା ସହିତ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଆଣିବା ଲାଗି ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଭିକ୍ଷୁକଙ୍କ ପାଇଁ ରାଜ୍ୟ ସରକାର ମାସିକ ୩,୪୦୦ ଟଙ୍କା ମଞ୍ଜୁର କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗମାନଙ୍କ ପାଇଁ ଆରମ୍ଭ କରାଯାଇଥିବା ପ୍ରଫୁଲ୍ଲ ଯୋଜନାର ପରାମର୍ଶଦାତା ସିଦ୍ଧାର୍ଥ ରାୟ, ଯଶସ୍ୱିନୀ ଦାସ, ସନ୍ତୋଷ କୁମାର ଏବଂ ଜ୍ୟୋତି ପ୍ରସନ୍ନ ପଟ୍ଟନାୟକ ଏହାର ତଦାରଖ କରୁଛନ୍ତି । ଜିଲା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ପାତ୍ର ଏହି ପ୍ରକଳ୍ପର ପରିଚାଳନା କରୁଛନ୍ତି।

### ମାନସିକତାରେ ପରିବର୍ତ୍ତନ ଲୋଡ଼ା: ଜିଲାପାଳ

ଆଧ୍ୟାତ୍ମିକ ସହର ପୁରୀ। ଏଠାକୁ ପ୍ରତ୍ୟହ ଦେଶ ବିଦେଶର ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଆସୁଛନ୍ତି। ମାତ୍ର ସିଂହଦ୍ୱାର ସମ୍ମୁଖ, ବେଳାଭୂମି ଏବଂ ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟକ ଭିକାରି ବୁଲୁଛନ୍ତି। ବେଳେ ବେଳେ ସେମାନେ ଭିକ୍ଷାବୃତ୍ତି ସମୟରେ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କୁ ଅତିଷ୍ଠ କରି ପକାଉଛନ୍ତି । ତେଣୁ ବାହାରୁ ଆସୁଥିବା ପର୍ଯ୍ୟଟକ ନକାରାତ୍ମକ ଭାବନା ନେଇ ଫେରୁଛନ୍ତି। ପୁରୀକୁ ବିଶ୍ୱ ଐତିହ୍ୟ ସହର କରିବା ଲାଗି ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଶ୍ରୀକ୍ଷେତ୍ରକୁ ନୂଆରୂପ ଦେବା ପାଇଁ ବିଭିନ୍ନ ପ୍ରକଳ୍ପ ଆରମ୍ଭ କରାଯାଉଛି। ତେଣୁ ସହରକୁ ଭିକାରିମୁକ୍ତ କରିବା ଲାଗି ନୀଳାଦ୍ରି ନିଳୟ ପ୍ରକଳ୍ପ ଆରମ୍ଭ କରିଛି ପ୍ରଶାସନ। ହେଲେ ଏହି ପ୍ରକଳ୍ପକୁ ଶତପ୍ରତିଶତ ସଫଳ କରିବା ପାଇଁ ହେଲେ ଭିକ୍ଷୁକ ଏବଂ ଭିକ୍ଷା ଦାନ କରୁଥିବା ବ୍ୟକ୍ତିଙ୍କ ମାନସିକତାରେ ପରିବର୍ତ୍ତନ ହେବା ଦରକାର ବୋଲି କହିଛନ୍ତି ଜିଲାପାଳ ବଳୱନ୍ତ ସିଂ। ସହରବାସୀ ନିଜ ଅଞ୍ଚଳରେ ଭିକ୍ଷୁକଙ୍କ ସମ୍ପର୍କରେ ସୂଚନା ଦେଇ ଜିଲା ପ୍ରଶାସନକୁ ସହଯୋଗ କରିବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି।

# ଟ୍ୟାଙ୍କର ଓଲଟି ଗ୍ୟାସ୍ ଲିକ୍, ଆତଙ୍କ

ବଇଣ୍ଡା,୩ା୩(ଡି.ଏନ.ଏ.)



ଓଲଟି ପଡ଼ିଥିବା ଟ୍ୟାଙ୍କରରୁ ଗ୍ୟାସ୍ ଲିକ୍ ହେଉଛି।

■ ୫୫ ନଂ. ଜାତୀୟ ରାଜପଥ ଅବରୋଧ
■ ପାଣି ସ୍ପ୍ରେ କରୁଛନ୍ତି ଅଗ୍ନିଶମ କର୍ମଚାରୀ
■ ଚୁଲି ନ ଲଗାଇବାକୁ ଗ୍ରାମବାସୀଙ୍କୁ ସତର୍କ କଲା ପୋଲିସ

ଅନୁଗୋଳ ଜିଲା କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ହଣ୍ଡପା ଥାନା କମରେଇ ନିକଟରେ ମଙ୍ଗଳବାର ଅପରାହ୍ନ ୪ଟା ୩୦ରେ ଏକ ପ୍ରୋପେନ ଗ୍ୟାସ୍ ବୋଝେଇ ଟ୍ୟାଙ୍କର (ନଂ. ଏନ୍ଏଲ୍‌୦୧ଡି-୨୭୫୮) ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଫଳରେ ଟ୍ୟାଙ୍କର ତଳଭାଗ କଣା ହୋଇ ଗ୍ୟାସ୍ ଲିକ୍ ହେବାରୁ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ପୋଲିସ ପହଞ୍ଚି ରାଜପଥ ସିଲ୍ କରିଥିବା ବେଳେ ଅଗ୍ନିଶମ କର୍ମଚାରୀ ଟ୍ୟାଙ୍କର ଉପରେ ପାଣି ସ୍ପ୍ରେ କରୁଛନ୍ତି। ଗ୍ୟାସ୍ ଲିକ୍ ଜାରି ରହିଥିବାରୁ ରାତିରେ ଚୁଲି ନ ଲଗାଇବାକୁ ନିକଟସ୍ଥ କମରେଇ, ପାଗବନ୍ଧ, ମାଣ୍ଡାମ୍ ଆଦି ଗ୍ରାମବାସୀଙ୍କୁ ପୋଲିସ ପକ୍ଷରୁ ସତର୍କ କରାଯାଇଛି।

ଏଲ୍‌ପିଜି ସହ ମିଶ୍ରଣ କରାଯାଉଥିବା ପ୍ରୋପେନ ଗ୍ୟାସ୍ ନେଇ ଏକ ଟ୍ୟାଙ୍କର କଟକରୁ ସମ୍ବଲପୁର ଅଭିମୁଖେ ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇ ରାସ୍ତା ଉପରେ ଓଲଡ଼ି ପଡ଼ିଥିଲା। ଆଠମଲ୍ଲିକ ଏସ୍‌ଡିପିଓ, ହଣ୍ଡପା, କିଶୋରନଗର ପୋଲିସ ସହ ବାମୁର, ଅନୁଗୋଳ, ରେଢାଖୋଲ ଓ ଆଠମଲ୍ଲିକ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି। ଲିକ୍ ହେଉଥିବା ଗ୍ୟାସ୍‌ରେ ଯେପରି ଅଗ୍ନିକାଣ୍ଡ ନ ଘଟେ ସେଥିପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ଟ୍ୟାଙ୍କର ଉପରେ ପାଣି ସ୍ପ୍ରେ କରାଯାଉଛି। ହଣ୍ଡପା ପୋଲିସ ପକ୍ଷରୁ ଝାରସୁଗୁଡାସ୍ଥିତ ଗ୍ୟାସ୍ କମ୍ପାନୀକୁ ଏ ନେଇ ସୂଚନା ଦିଆଯିବା ପରେ ସେଠାରୁ ଏକ ବିଶେଷଜ୍ଞ ଟିମ୍ ଆସି ରାତି ପ୍ରାୟ ୧୧ଟାରେ ପହଞ୍ଚି ଲିକ୍ ନିୟନ୍ତ୍ରଣ କରିବାକୁ ଉଦ୍ୟମ ଚଳାଇଥିବା ସୂଚନା ମିଳିଛି। ରାସ୍ତାର ଉଭୟପାର୍ଶ୍ୱକୁ ସିଲ୍ କରାଯାଇ ନାକିଚି, ଠାକୁରଗଡ଼ ଓ ବଇଣ୍ଡା ଦେଇ ରାଜପଥରେ ଆସୁଥିବା ଗାଡ଼ି ଗୁଡ଼ିକକୁ ଛଡ଼ାଯାଉଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଛି।

# ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା ଚିଠା ରୁଲ୍-୨୦୨୦ ପ୍ରସ୍ତୁତ

ଭୁବନେଶ୍ୱର,୩ା୩(ବ୍ୟୁରୋ

ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ଖାଦ୍ୟ ନିରାପତ୍ତା(ଟାର୍ଗେଟେଡ ପବ୍ଲିକ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ)ଚିଠା ରୁଲ୍-୨୦୨୦ ପ୍ରକାଶ କରିଛନ୍ତି। ଚୂଡ଼ାନ୍ତ ରୁଲ୍ ପ୍ରସ୍ତୁତ ହେବା ପୂର୍ବରୁ ଏ ନେଇ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଜନସାଧାରଣ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ମତାମତ ଲୋଡ଼ାଯାଇଛି। ଜାତୀୟ ଖାଦ୍ୟ ନିରାପତ୍ତା ଆଇନ-୨୦୧୩ ବ୍ୟବସ୍ଥା ଅନୁଯାୟୀ ଏହି ରୁଲ୍ ପ୍ରସ୍ତୁତ କରାଯାଇଛି। ଏଥିରେ ବିଭିନ୍ନ ବିଷୟ ବିସ୍ତୃତ ଭାବେ କରାଯାଇଛି। ପୂର୍ବରୁ ଉକ୍ତ ଆଇନ କାର୍ଯ୍ୟକାରୀ କରିବା ନେଇ କେବଳ ବିଜ୍ଞପ୍ତି ପ୍ରକାଶ କରାଯାଉଥିଲା। ଚିଠା ରୁଲ୍ ଆଇନ ବିଭାଗର ଅନୁମୋଦନ ପରେ ଚୂଡାନ୍ତ ରୁଲ୍‌ରେ ପରିଣତ ହେବ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି ଚିଠା ରୁଲ୍‌ରେ ହିତାଧିକାରୀ ଚିହ୍ନଟ ପାଇଁ ୧୧ଟି ଏବଂ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେବାକୁ ୯ଟି କ୍ରାଇଟେରିଆ ରହିଛି। ପୂର୍ବରୁ ମଧ୍ୟ ଏହି ଆଧାରରେ ହିତାଧିକାରୀ ଚୟନ କରାଯାଉଥିଲା। ରାଜ୍ୟ ସରକାର ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ପାଇଁ ଅଭିଯୋଗ ରିଡ୍ରେସାଲ ସେଲ, ନିଃଶୁଳ୍କ ନମ୍ବର ଏବଂ ୱେବସାଇଟ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଯଦି ରାଜ୍ୟ ସରକାର ମାସର ତୃତୀୟ ସପ୍ତାହ ସୁଦ୍ଧା ରାଶନ ଦେଇ ନ ପାରିବେ ତେବେ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଭତ୍ତା ଦେବାକୁ ପଡ଼ିବ।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ଦଶମ ସମାବର୍ତ୍ତନ ଉତ୍ସବ ଆଜି

ବାଲେଶ୍ୱର ଅଫିସ, ୩ା୩

ଉତ୍କର୍ଷ ଲାଗି ଜାରି ରହିଛି ପ୍ରଚେଷ୍ଟା



ବାଲେଶ୍ୱର ଜିଲା ରେମୁଣାସ୍ଥିତ ବ୍ୟାସବିହାରଠାରେ ୧୯୯୯ ଜୁଲାଇ ୧୧ରେ କଥାସମ୍ରାଟ ଫକୀରମୋହନ ସେନାପତିଙ୍କ ନାମାନୁସାରେ ପ୍ରତିଷ୍ଠା ହୋଇଥିଲା ଫକୀରମୋହନ ବିଶ୍ୱବିଦ୍ୟାଳୟ । ୨୧ ବର୍ଷରେ ପଦାର୍ପଣ କରିଥିବା ତଥା ନାକ୍ ମାନ୍ୟତା ପ୍ରାପ୍ତ ଏହି ବିଶ୍ୱବିଦ୍ୟାଳୟ ଏନ୍ଆଇଆର୍ଏଫ୍ ର୍‌ୟାଙ୍କିଙ୍ଗ୍‌ରେ ୧୫୧-୨୦୦ ଭିତରେ ସ୍ଥାନ ପାଇଛି। ଏହି ଶିକ୍ଷାନୁଷ୍ଠାନ ତା’ର ଦଶମ ସମାବର୍ତ୍ତନ ଉତ୍ସବ ବୁଧବାର ପାଳନ କରିବାକୁ ଯାଉଛି। ନୂଆପାଢ଼ୀ ସ୍ଥିତ ବିଶ୍ୱବିଦ୍ୟାଳୟର ନୂତନ ପରିସରରେ ଓଡ଼ିଶାର ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହେବାକୁ ଥିବା ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ବେଦ୍ ପ୍ରକାଶ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ବାଲେଶ୍ୱରର କେତେଜଣ ବୁଦ୍ଧିଜୀବୀ, ରାଜନେତା, ଖବରଦାତା ଓ ଲେଖକଙ୍କ ମିଳିତ ସହଯୋଗରେ ୧୯୭୮ ଅକ୍ଟୋବର ୨ରେ ଟାଉନହଲଠାରେ ଏହାର ଭିତ୍ତିଭୂମି ପାଇଁ ଉଦ୍ୟମ କରାଯାଇଥିଲା। ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ରବୀନ୍ଦ୍ର ମୋହନ ଦାସ, ବାଲେଶ୍ୱରର ବରପୁତ୍ର ମଇନୁଦ୍ଦିନ ଅହମ୍ମଦ ଓ ବରିଷ୍ଠ ଆଇନଜୀବୀ କୃଷ୍ଣ ଚରଣ ମହାନ୍ତିଙ୍କ ଅଦମ୍ୟ ପରିଶ୍ରମ ଫଳରେ ଓଡ଼ିଶାସରକାରଙ୍କ ସକାରାତ୍ମକ ଦୃଷ୍ଟି ପାଇ ୧୯୯୯ରେ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପ୍ରଥମେ ୫ଟି ବିଭାଗକୁ ନେଇ ଉକ୍ତ ବିଶ୍ୱବିଦ୍ୟାଳୟ ଆରମ୍ଭ ହୋଇଥିବାବେଳେ ୨୦୧୮ରୁ ନିୟମିତ ନୂତନ ୧୦ଟି ବିଭାଗରେ ଶିକ୍ଷାଦାନ ଚାଲିଛି। ଶିକ୍ଷା ତଥା ଆନୁଷଙ୍ଗିକ କ୍ଷେତ୍ରରେ ଉତ୍କର୍ଷ ଲାଗି ବିଶ୍ୱବିଦ୍ୟାଳୟ ପକ୍ଷରୁ ନିରନ୍ତର ପ୍ରଚେଷ୍ଟା ଜାରି ରହିଛି। ତେବେ ଏହି ଶିକ୍ଷାନୁଷ୍ଠାନ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁ, ଏହା କାମନା କରିଛନ୍ତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମଧୁମିତା ଦାସ।

# ଗୌରାଙ୍ଗପୁରରେ କଙ୍ଗାରୁ କୋର୍ଟ
# ଘର ଭାଙ୍ଗି ଲୁଟିନେଲେ

ରଣପୁର,୩ା୩(ସ୍ୱ.ପ୍ର.)



ନୟାଗଡ଼ ଜିଲା ରଣପୁର ବ୍ଲକର ଗୌରାଙ୍ଗପୁରରେ କଙ୍ଗାରୁ କୋର୍ଟ କରାଯାଇ ରବୀନ୍ଦ୍ର ବେହେରାଙ୍କ ପରିବାରକୁ ପ୍ରଥମେ ବାସନ୍ଦ କରାଗଲା। ଏହାର କିଛିବର୍ଷ ପରେ ମଙ୍ଗଳବାର ତାଙ୍କ ଘର ଭାଙ୍ଗି ସମସ୍ତ ଉପକରଣ ଲୁଟି ନେଲେ। ଏପରି କି ଏକ ବାକ୍ସରେ ରହିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ୩୫ ହଜାର ଟଙ୍କା ମଧ୍ୟ ଲୁଟି ନେଇଛନ୍ତି। ଏ ନେଇ ରବୀନ୍ଦ୍ରଙ୍କ ପତ୍ନୀ ଉର୍ମିଳା ରଣପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ରବୀନ୍ଦ୍ରଙ୍କର ଭଲ ରୋଜଗାର ନାହିଁ। ଗୌରାଙ୍ଗପୁର ପଞ୍ଚାୟତ ସମ୍ମୁଖରେ ରବୀନ୍ଦ୍ରଙ୍କ ନାଁରେ ୨ ଡେସିମିଲ ଜମିରେ ଘର ରହିଛି। ୪୦ରୁ ଊର୍ଦ୍ଧ୍ୱ ବର୍ଷ ହେଲା ରବୀନ୍ଦ୍ର ପରିବାର ସହ ରହିଆସୁଛନ୍ତି। ତେବେ ଘରୁ ଉଠାଇଦେବା ନେଇ କିଛିବର୍ଷ ତଳେ କେତେଜଣ ଲୋକ ଉଦ୍ୟମ କରିଥିଲେ। ସେ ସମୟରେ ପୋଲିସ ହସ୍ତକ୍ଷେପ କରିବାରୁ କିଛି ଅସୁବିଧା ହୋଇ ନ ଥିଲା। ହେଲେ ଗାଁରେ ବାସନ୍ଦ କରି ଦିଆଗଲା। ହେଲେ ମଙ୍ଗଳବାର ସକାଳେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଟାଙ୍ଗିଆ, କଟୁରି, ଦାଆ, ଶାବଳ ଆଦି ମାରଣାସ୍ତ୍ର ଧରି ଆକ୍ରମଣ କରିଥିଲେ। ପରେ ଘର ଭାଙ୍ଗିଥିଲେ।

### ମିଳିଲାନି ପୋଲିସ ସୁରକ୍ଷା

ଥାନାରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଅଭିଯୋଗ କରିଥିଲେ ଉର୍ମିଳା। ୩ ଘଣ୍ଟାର ଅପେକ୍ଷା ପରେ ପୋଲିସ ଅଭିଯୋଗ ଗ୍ରହଣ କଲା। ସନ୍ଧ୍ୟା ଗଡି ରାତି ହୋଇଗଲା। ପୋଲିସ ଗାଁରେ ପହଞ୍ଚିଲାନି। ମକଦ୍ଦମାର କପି ମଧ୍ୟ ଦେଲାନି। ଘର ଭାଙ୍ଗି ଉପକରଣ ଲୁଟିବା ପରେ ବି ପୋଲିସ ସହଯୋଗ କରୁ ନାହିଁ। କ’ଣ କରିବୁ, କିପରି ଚଳିବୁ ସେ ନେଇ ଚିନ୍ତାରେ ଥିବା କହିଛନ୍ତି ଉର୍ମିଳା। ‘ମୋ ସରକାର’ ଅଧୀନକୁ ପୋଲିସ ବିଭାଗ ଆସିବା ପରେ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉଥିବା କୁହାଯାଉଛି। କାହିଁ ମୋ ଅଭିଯୋଗର ତ’ ସମାଧାନ ହେଉନି ବୋଲି ଉର୍ମିଳା କହିଛନ୍ତି। ନୟାଗଡ଼ ଏସ୍‌ପି ଦାୟିତ୍ୱରେ ଥିବା ଦିଲୀପ କୁମାର ସାହାଣୀ କହନ୍ତି, ମୁଁ ଥାନା ଅଧିକାରୀଙ୍କୁ କହି ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ବ୍ୟବସ୍ଥା କରିବି।

# ହତ୍ୟାକାରୀ ମା’ଙ୍କୁ ଆଜୀବନ ଜେଲ

ଆଠମଲ୍ଲିକ,୩ା୩(ଡି.ଏନ.ଏ.)

■ କୂଅରେ ଫିଙ୍ଗି ୩ ଶିଶୁଙ୍କୁ କରିଥିଲେ ହତ୍ୟା
■ ପାରିବାରିକ କଳହ, ମାନସିକ ଅଶାନ୍ତି କାରଣ
■ ଗଞ୍ଜେଇ ମାମଲାରେ ସ୍ୱାମୀ ଯାଇଥିଲେ ଜେଲ୍

୨୦୧୬ରେ ୩ ଶିଶୁପୁତ୍ରଙ୍କୁ କୂଅରେ ଫିଙ୍ଗି ହତ୍ୟା ମାମଲାରେ ମଙ୍ଗଳବାର ଅନୁଗୋଳ ଜିଲା ଆଠମଲ୍ଲିକ ଆଡିଶନାଲ୍ ସେସନ୍ ଜଜ୍ ଏସ୍.ଆର୍. ସାମନ୍ତ ଅଭିଯୁକ୍ତା ମା’ ଶୋଭାଙ୍ଗିନୀ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରି ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫୦ ହଜାର ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ସ୍ଥଳେ କୋର୍ଟ ଅଧିକ ୨ ବର୍ଷ ଜେଲ୍ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଅତିରିକ୍ତ ପିପି ଅସିତ ରଞ୍ଜନ ଦେଓ ଏହି ମାମଲା ପରିଚାଳନା କରିଥିଲେ।

ବିବରଣୀରୁ ପ୍ରକାଶ ଯେ, କିଶୋରନଗର ଥାନା ଗୁରୁଜାଙ୍ଗ ଗ୍ରାମର ବିନୋଦ ବେହେରା ଏକ ଗଞ୍ଜେଇ ମାମଲାରେ ଜେଲ୍ ଯିବା ପରେ ତାଙ୍କ ପରିବାରରେ ଆର୍ଥିକ ସଙ୍କଟ ଦେଖାଦେଇଥିଲା। ଏହାକୁ ନେଇ ସର୍ବଦା କଳହ ହେଉଥିବାରୁ ସ୍ତ୍ରୀ ଶୋଭାଙ୍ଗିନୀଙ୍କ ମାନସିକ ଅଶାନ୍ତି ବଢ଼ିଯାଇଥିଲା। ଏହି କାରଣରୁ ଶୋଭାଙ୍ଗିନୀ ନିଜର ୩ ଶିଶୁପୁତ୍ର ବୃନ୍ଦାବନ ବେହେରା (୪ବର୍ଷ), ରୋହିତ ବେହେରା (ଅଢ଼େଇ ବର୍ଷ) ଓ ରୋହନ ବେହେରା (୮ ମାସ)ଙ୍କୁ ସେପ୍ଟମ୍ବର ୧୦, ୨୦୧୬ ପୂର୍ବାହ୍ନ ୧୦ଟାରେ କୂଅରେ ପକାଇ ମାରିଦେଇଥିଲେ। ଏ ନେଇ ତାଙ୍କ ଶ୍ୱଶୁର ବସନ୍ତ ବେହେରା କିଶୋରନଗର ଥାନାରେ ଅଭିଯୋଗ କରିଥିଲେ। କିଶୋରନଗର ପୋଲିସ ନଂ. ୮୧/୨୦୧୬ରେ ଏକ ମାମଲା ରୁଜୁ କରି ଶୋଭାଙ୍ଗିନୀଙ୍କୁ ଗିରଫ କରିଥିଲା। ତଦନ୍ତ ପରେ ପୋଲିସ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା।

# ଖେଳୁଥିବା ବେଳେ ବିସ୍ଫୋରଣ: ୩ ନାବାଳକ ଆହତ

ହିଞ୍ଜିଳିକାଟୁ,୩ା୩(ଡି.ଏନ୍.ଏ.)


ଆହତ ନାବାଳକଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଉଛି।

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ସୋମପୁର ଗ୍ରାମରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୯ରେ ବିସ୍ଫୋରଣ ଘଟି ୩ ନାବାଳକ ଆହତ ହୋଇଛନ୍ତି। ପାହାଡରୁ ପଥର ଫଟାଇବା ପାଇଁ ବ୍ୟବହୃତ ଡିଟୋନେଟରରେ ବ୍ୟାଟେରି ସଂଯୋଗବେଳେ ଏହି ବିସ୍ଫୋରଣ ଘଟିଛି। ଆହତମାନେ ହେଲେ ସୋମପୁରର ବାଦଲ ଗୌଡ(୧୦), ନାରାୟଣ ଗୌଡ(୧୨) ଓ ଶ୍ରୀଧର ଗୌଡ(୧୦)।

ସୋମପୁରଠାରେ ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ୍ (ଓପିଟିସିଏଲ୍) ପକ୍ଷରୁ ପାୱାର ଗ୍ରୀଡ୍ ନିର୍ମାଣ ହେଉଛି। ସେଠାରେ ଥିବା ଏକ ଛୋଟ ପାହାଡକୁ ସମତୁଲ କରିବାକୁ ପଥର ଫଟାଯାଉଛି। ଉକ୍ତ ସ୍ଥାନଟି ବାଦଲଙ୍କ ବାଡିପଟୁ ପ୍ରାୟ ୫୦ମିଟର ଦୂର। ବାଦଲ ସାଙ୍ଗ ନାରାୟଣ ଓ ଶ୍ରୀଧରଙ୍କ ସହ ପୂର୍ବାହ୍ନ ପ୍ରାୟ ୯ଟାରେ ନିର୍ମାଣସ୍ଥଳକୁ ଯାଇଥିଲେ। ସେଠାରେ ପଡିଥିବା ଏକ ଡିଟୋନେଟର ଆଣି ୩ ସାଙ୍ଗ ଖେଳୁଥିଲେ। ଡିଟୋନେଟରରୁ ବାହାରିଥିବା ତାରରେ କୌତୂହଳବଶତଃ ସେମାନେ ଏକ ବ୍ୟାଟେରି ସଂଯୋଗ କରିବାବେଳେ ତାହା ବିସ୍ଫୋରଣ ହୋଇଥିଲା। ଏଥିରେ ବାଦଲଙ୍କ ୨ ଆଙ୍ଗୁଠି ଛିଡିଯାଇଥିଲା। ଶବ୍ଦ ଶୁଣି ପରିବାର ଲୋକେ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ୩ ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତିକରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଖବର ପାଇ ପୋଲିସ ଗ୍ରାମରେ ପହଞ୍ଚି ତଦନ୍ତ ଚଳାଇଛି। ମାତ୍ର ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ଅଭିମନ୍ୟୁ ଦାଶ କହିଛନ୍ତି।

ସୂଚନାଯୋଗ୍ୟ ଯେ, ସୋମପୁର ନିକଟ ସିଙ୍ଗିପୁର, ଘୋଡେଇଶୁଣୀ ପାହାଡରେ ପଥର ଫଟାଇବା ପାଇଁ ବହୁଳ ପରିମାଣରେ ଡିଟୋନେଟର ବ୍ୟବହାର ହେଉଛି। ବିଭିନ୍ନ ସମୟରେ ଅଫୁଟା ଡିଟୋନେଟରଗୁଡିକ ସେଠାରେ ଏଣେତେଣେ ପଡି ରହୁଛି। ପାୱାର ଗ୍ରୀଡ୍ ନିର୍ମାଣ ପାଇଁ ମଧ୍ୟ ବଡ ବଡ ପଥରକୁ କମ୍ପ୍ରେସର ବଦଳରେ ଡିଟୋନିଟେର ବ୍ୟବହାର କରି ଫଟାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମାତ୍ର ଓପିଟିସିଏଲର ବ୍ରହ୍ମପୁର ଡିଜିଏମ୍ ଦିଲୀପ କୁମାର ମହାନ୍ତି ଏହାକୁ ଅସ୍ୱୀକାର କରିଛନ୍ତି। ବ୍ରେକର ଦ୍ୱାରା ପଥର ଭଙ୍ଗାଯାଉଥିବା ସେ କହିଛନ୍ତି। ସେହିପରି ସୋମପୁର ନିକଟ ପାହାଡ ସଇରାତକୁ ୩ ବର୍ଷ ହେଲା ଲିଜ୍ ଦିଆଯାଇନାହିଁ ବୋଲି ହିଞ୍ଜିଳିକାଟୁ ତହସିଲଦାର ଗୋପୀନାଥ କୁଅଁର କହିଛନ୍ତି।



“ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ମାୟା ପ୍ରଭାବରେ ଶରୀର ଧାରଣ କରନ୍ତି। ଅଧର୍ମ ପ୍ରବଳ ଓ ଧର୍ମ ହୀନବଳ ହୋଇ ଆସିଲେ ଧର୍ମର ରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।

- ବ୍ୟାସଦେବ



## ସଂକ୍ଷେପରେ

### ମୋ ସରକାରକୁ ଫୋନ କରି ଅର୍ଥ ଫେରିପାଇଲେ

ଭୁବନେଶ୍ୱର,୩।୩(ବ୍ୟୁରୋ): ନିଜ ହାତରୁ ୧୫ଶହ ଟଙ୍କା ବ୍ୟୟରେ ପାଣି ପାଇପ ମରାମତି କରିଥିବା ଖୋର୍ଦ୍ଧାର ଅକ୍ଷୟ କୁମାର ମହାପାତ୍ର ମୋ ସରକାର ଫୋନ ନମ୍ବରକୁ ଫୋନ କରି ତାଙ୍କ ମରାମତି ବାବଦ ଅର୍ଥ ଫେରି ପାଇଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ମୋ ସରକାର ଯୋଜନାରେ ଆସୁଥିବା ଟେଲିଫୋନ ନମ୍ବରକୁ ବିଭାଗର ପ୍ରମୁଖ ଶାସନ ସଚିବ ଜି. ମାଥିଭାଥିନନ୍ ଅନୁଧାନ କରିବା ସମୟରେ ଏଭଳି ଅଭିଯୋଗ ତାଙ୍କ ନଜରକୁ ଆସିଥିଲା। ପ୍ରକାଶ ଯେ, ଖୋର୍ଦ୍ଧା ସ୍ଥିତ ଅକ୍ଷୟ କୁମାରଙ୍କ ଘରେ କିଛିଦିନ ତଳେ ପାଣି ପାଇପ ସଂଯୋଗ କରାଯାଇଥିଲା। କିନ୍ତୁ ଠିକ୍‌ଭାବରେ କାମ ହୋଇ ନ ଥିବା ଯୋଗୁ ପାଇପ୍‌ରେ ଲିକ୍ ହୋଇଥିଲା। ଏହାକୁ ମରାମତି କରିବା ପାଇଁ ସେ ମୋ ସରକାର ଅଭିଯୋଗ ନମ୍ବରକୁ ବାରମ୍ବାର ଟେଲିଫୋନ କରିବା ସତ୍ତ୍ୱେ କାମ କରିଥିବା କଣ୍ଟ୍ରାକ୍ଟର କିମ୍ବା ୱାଟ୍‌କୋ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରି ନ ଥିଲେ। ଫଳରେ ଅକ୍ଷୟ ବାଧହୋଇ ଜଣେ ଘରୋଇ ମିସ୍ତ୍ରୀଙ୍କୁ ୧୫ଶହ ଟଙ୍କା ଦେଇ ପାଇପ୍‌ର ମରାମତି କରିଥିଲେ। ଏଭଳି ଅଭିଯୋଗ ଯେତେବେଳେ ସଚିବଙ୍କ ଦୃଷ୍ଟିକୁ ଆସିଲା ସଙ୍ଗେସଙ୍ଗେ ସେ ଏହାର ତଦନ୍ତ କରାଇଛନ୍ତି।

### ଜାତିସଂଘ ଅଧିବେଶନରେ ଯୋଗଦେବେ ଅଖଣ୍ଡ

#### ୭ରେ ଯିବେ ଜେନେଭା



ପିପିଲି,୩।୩(ସ୍ୱ.ପ୍ର.): ମାନବ ଅଧିକାର କର୍ମୀ ଶ୍ରୀ ଅଖଣ୍ଡ ଜାତିସଂଘ ମାନବିକ ଅଧିକାର ପରିଷଦର ୪୩ତମ ଅଧିବେଶନରେ ଆସନ୍ତା ୯ତାରିଖରେ ଯୋଗଦେବେ। ୭ ତାରିଖରେ ସେ ନୂଆଦିଲ୍ଲୀରୁ ସ୍ୱିଜରଲାଣ୍ଡର ଜେନେଭା ସହରକୁ ଯାତ୍ରା କରିବେ। ଗତ ଫେବୃୟାରୀ ୨୪ରୁ ଜେନେଭାର ଜାତିସଂଘ ମାନବିକ ଅଧିକାର ପରିଷଦର ମୁଖ୍ୟାଳୟରେ ଚାଲିଥିବା ଅଧିବେଶନ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଚାଲିବ। ଅଖଣ୍ଡ ଭାରତରେ ହେଉଥିବା ବିଭିନ୍ନ ମାନବିକ ଅଧିକାର ଉଲଂଘନ, ମାନବ ଅଧିକାର କର୍ମୀଙ୍କ ଉପରେ ହେଉଥିବା ଆକ୍ରମଣ ଉପରେ ପରିଷଦର ଦୃଷ୍ଟି ଆକର୍ଷଣ କରିବେ। ଜାତିସଂଘର ଏହି ଅଧିବେଶନରେ ଅଖଣ୍ଡ ପ୍ରଥମ ଥର ଯୋଗଦେଥିବାରୁ ତାଙ୍କୁ ବିଭିନ୍ନ ସଙ୍ଗଠନ ଓ ସାମାଜିକ କର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି।

### ନିର୍ଦ୍ଧାରିତ ସମୟ ପୂର୍ବରୁ ସ୍କୁଲରେ ପହଞ୍ଚିବ ପାଠ୍ୟପୁସ୍ତକ

ଭୁବନେଶ୍ୱର, ୩।୩ (ବ୍ୟୁରୋ): ରାଜ୍ୟ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ ସଂସ୍ଥା ପକ୍ଷରୁ ବିଭିନ୍ନ ବ୍ଲକ ଓ ପୌରାଞ୍ଚଳକୁ ୯୯% ଜାତୀୟକରଣ ପାଠ୍ୟପୁସ୍ତକ ବିତରଣ ହୋଇସାରିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ଆବଶ୍ୟକ ପାଠ୍ୟପୁସ୍ତକ ବିତରଣ କରାଯିବ। ଏହି ଲକ୍ଷ୍ୟକୁ ପୂରଣ କରିବାକୁ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ କାର୍ଯ୍ୟାଳୟ ପୁସ୍ତକ ବଣ୍ଟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। ରାଜ୍ୟର ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ୨ କୋଟି ୬୦ ଲକ୍ଷ ପୁସ୍ତକ ଆବଶ୍ୟକ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୨ କୋଟି ୫୩ ଲକ୍ଷ ପୁସ୍ତକ ସବୁ ଜିଲାକୁ ବିତରଣ କରାଯାଇ ସାରିଛି। ଏଥିସହ ୨୧ ଲକ୍ଷ ଉଜ୍ଜ୍ୱଳ ଓ ଉତ୍‌ଥାନ ପୁସ୍ତକ ମଧ୍ୟ ରାଜ୍ୟର ବିଭିନ୍ନ ବ୍ଲକରେ ପହଞ୍ଚିଛି। ରାଜ୍ୟ ବାହାରର ଓଡ଼ିଆ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ ସମୟରେ ପାଠ୍ୟପୁସ୍ତକ ପହଞ୍ଚାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପ୍ରଥମ କିସ୍ତିରେ ଗୁଜରାଟର ସୁରଟକୁ ୩୫ ହଜାର ପୁସ୍ତକ ଯୋଗାଣ ପାଇଁ ସ୍ଥିର ହୋଇଛି ବୋଲି ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ କାର୍ଯ୍ୟାଳୟ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର କହିଛନ୍ତି।

ସୂଚନାଯୋଗ୍ୟ ଆସନ୍ତା ଶିକ୍ଷାବର୍ଷ ୨୦୨୦-୨୧ ପାଇଁ ପୁସ୍ତକ ବିତରଣ କାର୍ଯ୍ୟ ଗଣଶିକ୍ଷାମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ପ୍ରତିବର୍ଷ ପୁସ୍ତକ ବିତରଣ କାର୍ଯ୍ୟ ଜୁନ, ଜୁଲାଇ ମାସରେ ଶେଷ ହୋଇଥାଏ। ଚଳିତ ବର୍ଷ ଫେବୃୟାରୀ ଶେଷ ସୁଦ୍ଧା ୯୯ % ପୁସ୍ତକ ବିତରଣ ଏକ ସଫଳତା। ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ବଳକା ପୁସ୍ତକ ଯୋଗାଇ ଦେବା ନିମନ୍ତେ ଅନୁଷ୍ଠାନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି ବୋଲି କୁହାଯାଇଛି।

# ବିନା ଫିଟ୍‌ନେସ୍‌ରେ ଚାଲୁଛି ଶତାଧିକ ଗାଡ଼ି

## ବିଏମ୍‌ସିର ଦୁଇ ଟ୍ରକ୍‌କୁ ୩୩ ହଜାର ଜରିମାନା

ଭୁବନେଶ୍ୱର,୩।୩(ବ୍ୟୁରୋ)

**ବେଫିକର ଗାଡ଼ି ଚାଳକ, ମାଲିକ**

ତୃତୀୟ ଦିନରେ ମଧ୍ୟ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପୋଲିସ ଓ ଆର୍‌ଟିଓ ପକ୍ଷରୁ ଯାଞ୍ଚ୍ କରାଯାଇ ବେପରୁଆ ଗାଡ଼ି ଚାଳକଙ୍କଠାରୁ ଜରିମାନା କରାଯାଇଛି। ବିନା ଫିଟ୍‌ନେସ୍, ପରମିଟ୍‌ରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଶହଶହ ଗାଡ଼ି ଚାଲୁଥିବା ସୂଚନା ମିଳିଛି। ଖୋଦ୍ ରାଜଧାନୀରେ ଏପରି ବେଆଇନ ଗାଡ଼ି ମଧ୍ୟ ଗଡୁଛି। ସୋମବାର ସିଆର୍‌ପିଏଫ୍ ଛକରେ ଯାଞ୍ଚ୍‌ବେଳେ ଘରୋଇ ଶିକ୍ଷାନୁଷ୍ଠାନର ଦୁଇ ବସ୍‌କୁ ଜବତ କରାଯିବା ସହ ୫୨ ହଜାର ୫ଶହ ଟଙ୍କା ଜରିମାନା କରିଥିଲା ଆର୍‌ଟିଓ। ମଙ୍ଗଳବାର ଆରଟିଓ-୨ ପକ୍ଷରୁ ପଟିଆ ରଘୁନାଥପୁର ଛକ ନିକଟରେ ଯାଞ୍ଚ ସମୟରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଦୁଇଟି ଅଳିଆ ବୋଝେଇ ଟ୍ରକ୍ ଉପରେ ୩୩ ହଜାର ଟଙ୍କା ଜରିମାନା କରାଯାଇଛି। ଗାଡି ନଂ.ଓଆର୧୯ଡି୩୧୬କୁ ୨୨ ହଜାର ୫ଶହ ଟଙ୍କା ଜରିମାନା ହୋଇଛି। ମୋଟରଯାନ ଆଇନ ଧାରା ୧୭୭ ଅନୁସାରେ ସାଧାରଣ ଉଲଂଘନ ପାଇଁ ୫ଶହ ଟଙ୍କା, ଧାରା ୧୯୦(୨)ଏୟାର ପଲ୍ୟୁଶନ ପାଇଁ ୧୦ ହଜାର ଟଙ୍କା, ଧାରା ୧୯୨(ଏ) ବିନା ପରମିଟ୍‌ରେ ଗାଡି ଗଡୁଥିବାରୁ ୧୦ ହଜାର ଟଙ୍କା, ଧାରା ୧୯୬ ଅନୁସାରେ ଇନ୍‌ସ୍ୟୁରାନ୍ସ ନ ଥିବାରୁ ୨ହଜାର ଟଙ୍କା ଜରିମାନା କରାଯାଇଛି। ସେହିପରି ଅନ୍ୟଏକ ଟ୍ରକ୍‌ର ପଲ୍ୟୁଶନ ନ ଥିବା ଓ ସାଧାରଣ ନିୟମ ଉଲ୍ଲଂଘନ ପାଇଁ ୧୦ ହଜାର ୫ଶହ ଟଙ୍କା ଜରିମାନା କରାଯାଇଛି।

### ଲୋକଙ୍କ ଆକ୍ରୋଶ ପରେ ପୋଲିସର ଯାଞ୍ଚ ଢିଲା

୬ ମାସର କଷ୍ଟ ସରିବା ପରେ ରବିବାରଠାରୁ ଟ୍ରାଫିକ ପୋଲିସ ପୂରା ଆକ୍ସନମୁଡ୍‌କୁ ଆସିଥିଲା। ରାଜଧାନୀର ୭ରୁ ଊର୍ଦ୍ଧ୍ୱ ଛକରେ କଡାକଡି ଯାଞ୍ଚ କରି ଉଲ୍ଲଂଘନକାରୀଙ୍କୁ ଜରିମାନା କରାଗଲା। ହେଲେ ରାଜମହଲ ଛକରେ ରଙ୍ଗ୍ ସାଇଡ୍‌ରେ ଯାଉଥିବା ଜଣେ ମହିଳାଙ୍କୁ ଧରିବାକୁ ଯାଇ ଟ୍ରାଫିକ ପୋଲିସ ଅପଦସ୍ଥ ହେଲା। ଉକ୍ତ ଛକରେ ସାଇନ୍ ବୋର୍ଡ ଲଗାଯାଇ ନ ଥିବାରୁ ମହିଳା ଜଣକ ଜରିମାନା ନ ଦେଇ ଓଲଟା ବାଙ୍ଗାଲୋର ଓ ଅନ୍ୟ ସହରର ପୋଲିସର ଉଦାହରଣ ଦେଇ ଭୁବନେଶ୍ୱର ପୋଲିସକୁ ତାଚ୍ଛଲ୍ୟ କଲେ। ସେହିଭଳି ଉକ୍ତ ଛକ ସମେତ ସହରର ବିଭିନ୍ନ ଛକରେ ମଧ୍ୟ ଯାଞ୍ଚବେଳେ ପୋଲିସକୁ ଲୋକଙ୍କ ଆକ୍ରୋଶର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ପୋଲିସ ଯାଞ୍ଚ ଧୀରେ ଧୀରେ କୋହଳ କରୁଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ତୃତୀୟ ଦିନରେ ମାତ୍ର ୩ ଛକରେ ଯାଞ୍ଚ କରାଯାଇଥିଲା।

### ତୃତୀୟ ଦିନରେ ୬ଲକ୍ଷ ଟଙ୍କା ଜରିମାନା ଆଦାୟ

ଆରଟିଓ-୧ ପକ୍ଷରୁ ୩ ସ୍ଥାନରେ ଯାଞ୍ଚ କରାଯାଇ ମୋଟ ୪୫ ଜଣଙ୍କୁ ଚାଲାଣ କଟାଯିବା ସହ ପ୍ରାୟ ୨ଲକ୍ଷ ଟଙ୍କା ଜରିମାନା କରିଛି। ଆର୍‌ଟିଓ-୨ ପକ୍ଷରୁ ଇନ୍‌ଫୋସିଟି ଓ ରଘୁନାଥ ନଗରରେ ଯାଞ୍ଚ କରାଯାଇ ୧ଲକ୍ଷ ୫୪ ହଜାର ୭୭୦ ଟଙ୍କାର ଜରିମାନା କରାଯାଇଛି। ସେହିଭଳି କମିଶନରେଟ ପୋଲିସ ୧୮୦ଜଣ ନିୟମ ଉଲ୍ଲଂଘନକାରୀଙ୍କୁ ଧରିବା ସହ ୨ଲକ୍ଷ ୪୦ ଟଙ୍କା ଆଦାୟ କରିଥିବା ସୂଚନା ଦିଆଯାଇଛି।

### ସରକାରୀ ଅଫିସରେ ଲାଗୁଥିବା ଅଧିକାଂଶ ଗାଡ଼ିର କାଗଜପତ୍ର ନାହିଁ

ରାଜଧାନୀରେ ବିଭିନ୍ନ ସରକାରୀ ଅଫିସ ଓ ସରକାରୀ କାର୍ଯ୍ୟରେ ନିୟୋଜିତ ଅଧିକାଂଶ ଗାଡ଼ିଗୁଡ଼ିକର କାଗଜପତ୍ର ନ ଥିବା ଜଣାପଡ଼ିଛି। ଗାଡ଼ି ମାଲିକମାନେ ସରକାରୀ ବାବୁଙ୍କ ସାହସରେ ଗାଡ଼ିର ଇନ୍‌ସ୍ୟୁରାନ୍ସ ମଧ୍ୟ କରୁନାହାନ୍ତି। ସରକାରୀ ବାବୁ ଯାଉଥିବାରୁ ଯାଞ୍ଚ ସମ୍ଭାବନା ମଧ୍ୟ ରହୁନି। ଯଦି ପୋଲିସ ଓ ଆର୍‌ଟିଓ ଅଳିଆ ଟ୍ରକ୍ ଭଳି ଯାଞ୍ଚ କରିବେ ଏକାଧିକ ସରକାରୀ ଗାଡ଼ି ଧରାପଡ଼ିବ।

# ବିନା ହେଲମେଟ୍‌ରେ ପୋଲିସ

## ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

କଟକ ଅଫିସ,୩।୩



ପୋଲିସ ପକ୍ଷରୁ ଟ୍ରାଫିକ ନିୟମ କଡାକଡି କରାଯାଇଛି। ନିୟମ ଭାଙ୍ଗୁଥିବା ଗାଡି ଚାଳକଙ୍କୁ ନିସ୍ତାର ନାହିଁ। ନିୟମ ଉଲ୍ଲଂଘନକାରୀଙ୍କୁ ପୋଲିସ ଗୋଡାଇ ଗୋଡାଇ ଧରୁଥିବାବେଳେ ଏଥିପାଇଁ ଚାଳକଙ୍କୁ ମୋଟା ଅଙ୍କର ଜରିମାନା ଦେବାକୁ ପଡୁଛି। ତେବେ ଏହି ନିୟମ କେବଳ ସାଧାରଣ ଲୋକଙ୍କ ପାଇଁ ହୋଇଥିବା ଭଳି ମନେହେଉଛି। କାରଣ ଗାଡି ଯାଞ୍ଚ କରୁଥିବା ଖୋଦ୍ ପୋଲିସ ହିଁ ଏହି ନିୟମ ମାନୁନାହାନ୍ତି। ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ କଟକ କ୍ୟାଣ୍ଟନମେଣ୍ଟ ରୋଡରେ ଜଣେ ପୋଲିସ କର୍ମଚାରୀ ବିନା ହେଲମେଟ୍‌ରେ ବାଇକ ଚଳାଇ ଯାଉଥିଲେ। ଯାହାର ଭିଡିଓ ସୋସିଆଲ ମିଡିଆରେ ଏବେ ଭାଇରାଲ ହେବାରେ ଲାଗିଛି। ଜଣେ ଯୁବକ ଏହି ଦୃଶ୍ୟକୁ ନିଜ ମୋବାଇଲ ଫୋନରେ ଭିଡିଓ ଉତ୍ତୋଳନ କରିଥିଲେ। ପରେ ଏହାକୁ ଟୁଇଟର୍‌ରେ ଅପଲୋଡ କରିବା ସହ ପୋଲିସ କମିଶନର ଓ କଟକ ଡିସିପିଙ୍କୁ ଟ୍ୟାଗ୍ କରିଥିଲେ। ସାଧାରଣ ଲୋକ ନିୟମ ଭାଙ୍ଗିଲେ ପୋଲିସ ତାଙ୍କୁ ଧରୁଛି ହେଲେ ପୋଲିସ ନିୟମ ଭାଙ୍ଗିଲେ କିଏ ତାଙ୍କୁ ଧରିବ ବୋଲି ସମ୍ପୃକ୍ତ ଯୁବକ ଟୁଇଟ୍‌ରରେ ପ୍ରଶ୍ନ କରିଛନ୍ତି। ଟ୍ରାଫିକ ନିୟମ ବାବଦକୁ ଲାଗୁଥିବା ମୋଟା ଅଙ୍କର ଜରିମାନାକୁ ନେଇ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଅନେକ ସମୟରେ ବଚସା ହୋଇଥିବା ନଜିର ରହିଛି। ମାତ୍ର ଏହି ସମୟରେ ଜଣେ ପୋଲିସ କର୍ମଚାରୀ ବିନା ହେଲମେଟ୍‌ରେ ବାଇକ ଚଳାଇବା ଭିଡିଓ ଏବେ ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି।

# ଆଜିଠୁ ଭୁବନେଶ୍ୱର ଓ ବୁର୍ଲା ପ୍ଲାନେଟାରିୟମ୍‌ରେ ନୂଆ ଶୋ’

ଭୁବନେଶ୍ୱର, ୩।୩(ବ୍ୟୁରୋ)

- ଆଉ ୫ ପ୍ଲାନେଟାରିୟମ, ୧୦ ବିଜ୍ଞାନ ଉଦ୍ୟାନ ପ୍ରତିଷ୍ଠା ହେବ
- ଆଗକୁ ସମ୍ବଲପୁରୀ ଭାଷାରେ ହେବ ଶୋ’ ପ୍ରଦର୍ଶନ

ଭୁବନେଶ୍ୱର ଓ ବୁର୍ଲା ପ୍ଲାନେଟାରିୟମ୍‌ରେ ବୁଧବାରଠାରୁ ଏକ ନୂତନ ଶୋ’ର ବ୍ୟବସ୍ଥା ହୋଇଛି। ‘ମହାଜାଗତିକ ଜୀବ’ ନାମକ ଏହି ଶୋ ଓଡ଼ିଆ ଭାଷାରେ ପ୍ରଦର୍ଶିତ ହେବ। ୩୦ ମିନିଟ୍ ଅବଧିର ଏହି ନୂତନ ଶୋରେ ବିଶ୍ୱର ସୃଷ୍ଟି, ତାରାମାନଙ୍କ ଜନ୍ମ ଓ ମୃତ୍ୟୁ ପ୍ରକ୍ରିୟା, ନିହାରିକାର ସୃଷ୍ଟି, ବିଶ୍ୱର ଆକାର ତଥା ଆମ ବିଶ୍ୱରେ ଅନ୍ୟତ୍ର ଜୀବ ଜଗତ ରହିଛି କି ନାହିଁ ଆଦି ଅନେକ ବିଷୟରେ ଅତି ସରଳ ଭାବେ ଉପସ୍ଥାପନା କରାଯାଇଛି ବୋଲି ଭୁବନେଶ୍ୱରର ପଠାଣି ସାମନ୍ତ ପ୍ଲାନେଟାରିୟମ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ଏହି ଶୋ’କୁ ମଙ୍ଗଳବାର ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଭୁବନେଶ୍ୱରରେ ପ୍ଲାନେଟାରିୟମ ପ୍ରତିଷ୍ଠା ହେବାର ୩୦ବର୍ଷ ପରେ ବୁର୍ଲାରେ ଦ୍ୱିତୀୟ ପ୍ଲାନେଟାରିୟମ ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ଆସନ୍ତା କିଛି ବର୍ଷରେ ଆମ ରାଜ୍ୟରେ ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ଆଉ ୫ ପ୍ଲାନେଟାରିୟମ ଓ ୧୦ଟି ବିଜ୍ଞାନ ଉଦ୍ୟାନ ପ୍ରତିଷ୍ଠା କରାଯିବାକୁ ସମସ୍ତ ପଦକ୍ଷେପ ରାଜ୍ୟ ସରକାରଙ୍କ ତରଫରୁ ନିଆଯାଇସାରିଛି। ସେହିପରି କିଛି ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ନାସା ପଠାଇବା ପାଇଁ ଯୋଜନା କରାଯାଉଛି। ସେହିପରି ଖୁବ୍‌ଶୀଘ୍ର ବୁର୍ଲା ପ୍ଲାନେଟାରିୟମ୍‌ରେ ଆଞ୍ଚଳିକ ସମ୍ବଲପୁରୀ ଭାଷାରେ ଏକ ଶୋ’ ପ୍ରଦର୍ଶିତ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ମେଗା ଫ୍ୟାଶନ ଶୋ’



ଭୁବନେଶ୍ୱର,୩।୩(ବ୍ୟୁରୋ)

ଓଡ଼ିଶାର ଲୋକମାନଙ୍କ ମଧ୍ୟରେ ଫ୍ୟାଶନକୁ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ କଳ୍ପନା ଛକସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ମଲ୍ ପକ୍ଷରୁ ଏକ ମେଗା ଫ୍ୟାଶନ ଶୋ’ ଆୟୋଜିତ ହୋଇଯାଇଛି। ୩ଟି ବିଭାଗ ଯଥା ମିଷ୍ଟର ଉତ୍କଳ, ମିସେଶ୍ ଉତ୍କଳ ଓ ଜୁନିୟର ଉତ୍କଳ ୨୦୨୦ ନାମରେ ନାମିତ ଏହି ଫ୍ୟାଶନ ଶୋ’ ପ୍ରତିଯୋଗିତାର ଗ୍ରାଣ୍ଡ୍ ଫିନାଲେ ଗତ ୨୯ ତାରିଖରେ ଉକ୍ତ ମଲ୍ ପରିସରରେ ଆୟୋଜିତ ହୋଇଥିଲା। ଓଡିଶାର ବିଭିନ୍ନ ପ୍ରାନ୍ତରୁ ୨୦୦ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ଏଥିଲାଗି କୌଣସି ପ୍ରବେଶ ଦେୟ କିମ୍ବା ବୟସ ସୀମାର କୌଣସି ସର୍ତ୍ତାବଳୀ ନ ଥିଲା। ଏମାନଙ୍କ ମଧ୍ୟରୁ ୧୪ଜଣ ପ୍ରତିଯୋଗୀ ଫାଇନାଲକୁ ମନୋନୀତ ହୋଇଥିବାବେଳେ ସେମାନେ ଅଭିଜ୍ଞ ଫ୍ୟାଶନ ଡିଜାଇନରଙ୍କ ଦ୍ୱାରା ପ୍ରସ୍ତୁତ ପୋଷାକ ପିନ୍ଧି ର୍‍ୟାମ୍ପରେ ଚାଲିଥିଲେ। ବିଚାରକଭାବେ ସିଦ୍ଧାର୍ଥ ମହାନ୍ତି, ସ୍ଥିତାପ୍ରଜ୍ଞ, ରମୁଲି ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶ୍ରେଷ୍ଠ ପ୍ରତିଯୋଗୀ ଚୟନ କରିଥିଲେ। ଅତିଥିଭାବେ ଉତ୍କଳ ବିଲ୍ଡର୍ସର ଚେୟାରମ୍ୟାନ ସୁବାସ ଭୋରା, ଏମ୍.ଡ଼ି. ସରଦ ବୈଦୀ, ଅମିତ ବୈଦୀ, ଉତ୍କଳ କନିକା ଗ୍ୟାଲେରିଆର ନିର୍ଦ୍ଦେଶକ ପୂର୍ଣ୍ଣିମା ବୈଦୀ ପ୍ରମୁଖ ଯୋଗଦେଇ ବିଜେତାଙ୍କୁ ପୁରସ୍କୃତ କରିଥିଲେ।

# ବଡ଼ଦାଣ୍ଡରେ ଗଞ୍ଜେଇ ଗଛ

ପୁରୀ ଅଫିସ, ୩।୩

ବଡ଼ଦାଣ୍ଡରେ ଗଞ୍ଜେଇ ଗଛ। ଗୋଟିଏ କି ଦୁଇଟି ନୁହେଁ, ଏକାଧିକ ଗଞ୍ଜେଇ ଗଛ ଦେଖିବାକୁ ମିଳିଛି ସିଂହଦ୍ୱାର ସମ୍ମୁଖରେ। ପ୍ରଶାସନ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ସୌନ୍ଦର୍ଯ୍ୟକରଣ କରାଯାଇଛି। ତିଆରି ହୋଇଛି ସବୁଜ ବଳୟ। ଏଥିପାଇଁ ବିଭିନ୍ନ ପ୍ରକାର ଫୁଲ ଏବଂ ଅନ୍ୟାନ୍ୟ ଆକର୍ଷଣୀୟ ଗଛ ଅଣାଯାଇ କୁଣ୍ଡରେ ରଖାଯାଇଛି। ନବନିର୍ମିତ ଶେଡ୍ କଡ଼େ କଡ଼େ କୁଣ୍ଡଗୁଡ଼ିକୁ ଧାଡ଼ି କରି ରଖାଯାଇଛି। ତେବେ କୁଣ୍ଡରେ ମଙ୍ଗଳବାର ଦେଖିବାକୁ ମିଳିଛି ବହୁସଂଖ୍ୟକ ଗଞ୍ଜେଇ ଗଛ। ସିଂହଦ୍ୱାର ସମ୍ମୁଖରେ ବସିଥିବା ଭିକାରିମାନଙ୍କୁ ପ୍ରଶାସନ ପକ୍ଷରୁ ଉଦ୍ଧାର ବେଳେ ଏହି ଗଞ୍ଜେଇ ଗଛ ଉପରେ ଗଣମାଧ୍ୟମ ପ୍ରତିନିଧିଙ୍କ ନଜର ପଡ଼ିଥିଲା। ଏହା ଜଣାପଡ଼ିବା ପରେ ଶ୍ରଦ୍ଧାଳୁମାନେ ମଧ୍ୟ ରୁଣ୍ଡ ହୋଇଯାଇଥିଲେ। ସିଂହଦ୍ୱାର ସମ୍ମୁଖରେ ଗଞ୍ଜେଇ ଗଛ ଦେଖି ସମସ୍ତେ ବିସ୍ମିତ ହୋଇଯାଇଥିଲେ। ଫୁଲକୁଣ୍ଡ ଦାୟିତ୍ୱରେ ଥିବା ୱାର୍ଡେନ ମଧ୍ୟ ଏହା ଗଞ୍ଜେଇ ଗଛ ବୋଲି ସ୍ୱୀକାର କରିବା ସହ ତରବରିଆ ଭାବେ କୁଣ୍ଡରୁ ଗଛଗୁଡ଼ିକ ଉପାଡ଼ି ଦେଇଥିଲେ।



ଫୁଲକୁଣ୍ଡରେ ଉଠିଥିବା ଗଞ୍ଜେଇ ଗଛ।

ତେବେ ତାଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ନ ଦେଇ ରାଗିଯାଇଥିଲେ। ଫଳରେ ଏହାକୁ ନେଇ ବେଶ୍ କିଛି ସମୟ ସେଠାରେ ଚର୍ଚ୍ଚା ହୋଇଥିଲା। ଏହି ଫୁଲକୁଣ୍ଡ ପାଖରେ ବସି ଅନେକ ସମୟରେ ଲୋକେ ଗଞ୍ଜେଇ ଟାଣୁଛନ୍ତି। ସେମାନେ ଗଞ୍ଜେଇ ମଞ୍ଜି କୁଣ୍ଡରେ ପକାଇ ଦେଇଥିବେ ଏବଂ ଫୁଲକୁଣ୍ଡରେ ଦିଆଯାଉଥିବା ପାଣି ପାଇ ଏହି ଗଛ ଉଠିଯାଇଥିବ ବୋଲି ନିକଟସ୍ଥ ବ୍ୟବସାୟୀ କହିଛନ୍ତି। ତେବେ ଯାହା ହେଉନା କାହିଁକି ସୌନ୍ଦର୍ଯ୍ୟ ପାଇଁ ପ୍ରଶାସନ ଶେଷରେ ଗଞ୍ଜେଇ ଗଛ ଲଗାଇଲା ବୋଲି କେହି କେହି କହୁଥିବା ଶୁଣିବାକୁ ମିଳିଥିଲା।

# ନିଲାମ ଖଣିକୁ ଏଲ୍‌ଓଆଇ ପ୍ରଦାନ

ଭୁବନେଶ୍ୱର,୩।୩(ବ୍ୟୁରୋ)

ରାଜ୍ୟର ୧୯ ଖଣିର ନିଲାମ ପ୍ରକ୍ରିୟା ଗତ ଫେବୃୟାରୀ ୧୮ରେ ସମାପ୍ତ ହୋଇଛି। ଏହି ପ୍ରକ୍ରିୟାରେ ଖଣି ହାତେଇଥିବା କମ୍ପାନୀମାନଙ୍କୁ ରାଜ୍ୟ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ଲେଟର୍ ଅଫ୍ ଇଣ୍ଟେଟ୍(ଏଲ୍‌ଓଆଇ) ପ୍ରଦାନ କରାଯାଇଛି। ଏନେଇ ସୋମବାର ବିଭାଗ ପକ୍ଷରୁ ବିଭିନ୍ନ କମ୍ପାନୀକୁ ଚିଠି କରାଯାଇଛି। ବିଭାଗୀୟ ଅଧିକାରୀ ତଥା ଯୁଗ୍ମ ସଚିବ ମଞ୍ଜୁଲତା ସ୍ୱାଇଁଙ୍କ ପକ୍ଷରୁ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଲିଃ, ସିରାଜୁଦ୍ଦିନ ଆଣ୍ଡ କୋ ଏବଂ ଆର୍ସେଲର ମିତ୍ତଲ ଇଣ୍ଡିଆ ପ୍ରାଃ ଲିଃ ପ୍ରମୁଖଙ୍କୁ ଚିଠି ଲେଖାଯାଇଛି। ଏହି ସବୁ ଚିଠିରେ ନିଲାମ ପ୍ରକ୍ରିୟା, ଏହାର ପରବର୍ତ୍ତୀ ନିୟମ, କମ୍ପାନୀମାନଙ୍କ ପାଇଁ ରଖାଯାଇଥିବା ସର୍ତ୍ତ ଇତ୍ୟାଦି ସମ୍ପର୍କରେ ଉଲ୍ଲେଖ କରାଯାଇଛି। କେନ୍ଦୁଝରର ଜିଲାର ଠାକୁରାଣୀ ଲୁହାପଥର ଖଣିକୁ ଆର୍ସେଲର ମିତ୍ତଲକୁ, ନାରାୟଣପୋଷୀ ଲୁହାପଥର ଖଣି ଜେଏସ୍‌ଡବ୍ଲ୍ୟୁ ଏବଂ ବଡ କାଳିମାଟି ଲୁହାପଥର ଖଣି ସିରାଜୁଦ୍ଦିନକୁ ମିଳିଛି। ଉପରୋକ୍ତ ୩ କମ୍ପାନୀକୁ ସଂପୃକ୍ତ ଖଣିଗୁଡିକ ପାଇଁ ଲେଟର ଅଫ୍ ଇଣ୍ଟେଟ୍ ପ୍ରଦାନ କରାଯାଇଛି।

# ଆଜି ଛତିଶା ନିଯୋଗ ବୈଠକ

ପୁରୀ ଅଫିସ, ୩।୩

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବୁଧବାର ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ମେଣ୍ଢାପୋଡ଼ି ଏବଂ ଦୋଳପୂର୍ଣ୍ଣିମା ନୀତି ନିର୍ଘଣ୍ଟ ଅନୁମୋଦନ କରାଯିବ। ଏଥିସହିତ ସଭାପତିଙ୍କ ଅନୁମୋଦନ କ୍ରମେ ଅନ୍ୟାନ୍ୟ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହେବ ବୋଲି ଜଣାପଡ଼ିଛି। ସୂଚନାଥାଉ କି, ଆସନ୍ତା ୮ ତାରିଖରେ ମେଣ୍ଢାପୋଡ଼ି ଏବଂ ୯ରେ ଦୋଳ ପୂର୍ଣ୍ଣିମା ରହିଛି। ଏହାକୁ କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ ସେଥିଲାଗି ଶ୍ରୀମନ୍ଦିର ପ୍ରଶାସନ ଛତିଶା ନିଯୋଗ ବୈଠକ ଡାକିଛି। ଏଥିରେ ଏହି ଦୁଇ ନୀତି ସମ୍ପର୍କରେ ଆଲୋଚନା କରାଯାଇ ନିର୍ଘଣ୍ଟ କରାଯିବ।

# ରହସ୍ୟରେ ରହିଗଲା ଅଭିନେତା ପପୁଙ୍କ ମୃତ୍ୟୁ

ଭୁବନେଶ୍ୱର,୩।୩(ବ୍ୟୁରୋ)

- ୧୦ ବର୍ଷ ପରେ ମାମଲା ବନ୍ଦ କରିଦେଲା କ୍ରାଇମ୍‌ବ୍ରାଞ୍ଚ
- ପରିବାରର ନ୍ୟାୟ ପାଇବା ଆଶା ମଉଳିଲା



ଆଲବମ୍ ଅଭିନେତା ପପୁ ଓରଫ ଶୁଭକାନ୍ତ ସାହୁ ମୃତ୍ୟୁ ଘଟଣା ରହସ୍ୟ ହୋଇ ରହିଯାଇଛି। ମାମଲାର ତଦନ୍ତ କରୁଥିବା ରାଜ୍ୟ କ୍ରାଇମ୍‌ବ୍ରାଞ୍ଚ ମୃତ୍ୟୁର ୧୦ବର୍ଷ ପରେ ବି ରହସ୍ୟ ଉନ୍ମୋଚନ କରିବାରେ ବିଫଳ ହେବା ପରେ ଫାଇଲ ବନ୍ଦ କରି ଦେଇଥିବା ଜଣାପଡିଛି। ଫଳରେ ନ୍ୟାୟ ପାଇବାକୁ ଅପେକ୍ଷା କରି ରହିଥିବା ପପୁଙ୍କ ପରିବାର ଲୋକେ ଭାଙ୍ଗିପଡିଛନ୍ତି। ପୋଲିସ ଓ କ୍ରାଇମବ୍ରାଞ୍ଚ ଉପରେ ସବୁ ଆଶା ଭରସା ତୁଟାଇଛନ୍ତି। ୨୦୦୮ ମାର୍ଚ୍ଚ ୨୨ ସକାଳେ ପୁରୁଣା ଭୁବନେଶ୍ୱରର ମାଉସୀ ମା’ ମନ୍ଦିର ନିକଟ ରାମେଶ୍ୱର ପାଟଣାସ୍ଥିତ ଏକ ଭଡ଼ା ଘରୁ ଆଲବମ୍ ଅଭିନେତା ପପୁ ଓରଫ ଶୁଭକାନ୍ତ ସାହୁଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ଶ୍ରୀଲିଙ୍ଗରାଜ ଥାନା ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। କବାଟ ଭିତରପଟୁ ବନ୍ଦ ଥିବାରୁ ଏହା ଏକ ଆତ୍ମହତ୍ୟା ବୋଲି ପୋଲିସ ସନ୍ଦେହ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ହେଲେ ମୃତକଙ୍କ ପରିବାର ଲୋକେ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ଭାଇ ସୂର୍ଯ୍ୟକାନ୍ତ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିଲେ। ସେ ଜଣେ ଭଲ ଆଲବମ୍ ଅଭିନେତା ଭାବେ ଲୋକପ୍ରିୟତା ହାସଲ କରିଥିବାରୁ କେତେଜଣ ତାଙ୍କ ଉପରେ ଈର୍ଷାନ୍ୱିତ ଥିଲେ। ତେଣୁ ତାଙ୍କୁ କେହି ହତ୍ୟା କରିଥିବା ସେ ସନ୍ଦେହ କରି ଉପଯୁକ୍ତ ତଦନ୍ତ ପାଇଁ ଦାବି କରିଥିଲେ। ଏପରି କି ତାଙ୍କ ମୃତ୍ୟୁର ରହସ୍ୟ ଉନ୍ମୋଚନ କରିବାକୁ ଚାରିଆଡୁ ତାଙ୍କ ଫ୍ୟାନମାନେ ଦାବି କରିଥିଲେ। ପୋଲିସ କିଛିଦିନ ଛାନ୍‌ଭିନ୍ କରିବା ପରେ ଚୁପ୍ ବସିଥିଲା। ବିଭିନ୍ନ ମହଲରୁ ଦାବି ଓ ଘଟଣାର ଗୁରୁତ୍ୱକୁ ଦେଖି କ୍ରାଇମ୍‌ବ୍ରାଞ୍ଚକୁ ତଦନ୍ତ ଭାର ଦିଆଗଲା। ପରିବାର ଲୋକେ ବନମାଳୀପୁରରେ ରହୁଥିବାବେଳେ ପପୁ ଘରଠାରୁ ମାତ୍ର ୧୫ କିଲୋମିଟର ଦୂରରେ ଭଡା ନେଇ ଏକା ରହୁଥିଲେ। ଏହା ପଛରେ ପ୍ରେମ କାହାଣୀ ରହିଥିବା ଶୁଣିବାକୁ ମିଳିଥିଲା। ଖୋଳତାଡ଼ ଠିକ ଭାବେ କରାଯାଇଥିଲେ ହୁଏତ ପପୁଙ୍କ ମୃତ୍ୟୁର ରହସ୍ୟ ପଦାକୁ ଆସିପାରିଥାନ୍ତା ବୋଲି ମତପ୍ରକାଶ ପାଇଥିଲା। ହେଲେ ପୋଲିସ ଭଳି ତଦନ୍ତରେ ଫେଲ୍ ମାରିଥିବା କ୍ରାଇମବ୍ରାଞ୍ଚର ପାରିବା ପଣିଆକୁ ନେଇ ପ୍ରଶ୍ନ ଉଠୁଛି। ଏନେଇ କ୍ରାଇମ୍‌ବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତିଯେ, ପପୁ ମାମଲା ବନ୍ଦ ହୋଇଯାଇଥିବା କହିହେବ ନାହିଁ। ମାମଲାର ସ୍ଥିତି କ’ଣ ରହିଛି, ଫାଇଲ୍ ଦେଖିଲେ ଜଣାପଡ଼ିବ। ତେବେ ସବୁ ମାମଲାକୁ କ୍ରାଇମ୍‌ବ୍ରାଞ୍ଚ ଗୁରୁତ୍ୱର ସହ ନେଇ ତଦନ୍ତ କରୁଥିବା ସେ କହିଛନ୍ତି।

### ଏକାଧିକ ହତ୍ୟା ମାମଲାର ତଦନ୍ତ ବିଫଳ

କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସିବିଆଇ ଭଳି ରାଜ୍ୟର କ୍ରାଇମ୍‌ବ୍ରାଞ୍ଚ ଉପରେ ଲୋକଙ୍କର ଯଥେଷ୍ଟ ଭରସା ରହୁଛି। ଅନେକ ସମୟରେ ରାଜ୍ୟରେ କୌଣସି ରହସ୍ୟମୟ ମାମଲା ହେଲେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରିବାକୁ ଲୋକେ ଦାବି କରୁଛନ୍ତି। ହେଲେ ଏବେ ଏହି ତଦନ୍ତକାରୀ ସଂସ୍ଥା ଯେପରି କାର୍ଯ୍ୟ କରୁଛି ତାହାକୁ ନେଇ ନାନା ପ୍ରଶ୍ନ ଉଠୁଛି। କାରଣ କ୍ରାଇମ୍‌ବ୍ରାଞ୍ଚ ଏକାଧିକ ହତ୍ୟା ଓ ସମ୍ବେଦନଶୀଳ ମାମଲାର ତଦନ୍ତ କରିଥିଲେ ମଧ୍ୟ ରହସ୍ୟ ଉନ୍ମୋଚନ କରିବାରେ ବିଫଳ ହୋଇଛି। ଶେଷରେ ପପୁ ମୃତ୍ୟୁ ଘଟଣା ଭଳି ବହୁ ମାମଲାକୁ ବନ୍ଦ କରି ଦେଉଥିବା ଅଭିଯୋଗ ହେଉଛି। କୁନ୍ଦୁଲି ମାମଲା ହେଉ ଅବା ୨୦୧୧ କୋରିୟର କମ୍ପାନୀ ମ୍ୟାନେଜର ଦେବାଶିଷ ମହାନ୍ତି ଓ କଳ୍ପନା ଫ୍ଲାଟ ଡବଲ ମର୍ଡର ଘଟଣା। ଏବେବି ଏସବୁ ମାମଲାରେ କ୍ରାଇମବ୍ରାଞ୍ଚ ଫେଲ୍ ମାରିବା ପରେ ତାହାର ଫାଇଲ୍ ବନ୍ଦ କରିଦେଇଛି। ଏନେଇ ଆଇନଜୀବୀ ଚିତ୍ତରଞ୍ଜନ ଦାଶ କୁହନ୍ତି, କ୍ରାଇମ୍‌ବ୍ରାଞ୍ଚ ସରକାରଙ୍କ ସାକ୍ଷୀ କଣ୍ଢେଇ ସାଜିଛି। ଜନମତ ଚାପରେ ସରକାର କ୍ରାଇମ୍‌ବ୍ରାଞ୍ଚକୁ ତଦନ୍ତ ଦାୟିତ୍ୱ ଦେଇ କାମ ସାରୁଛନ୍ତି। କିନ୍ତୁ ଲୋକଙ୍କ ଭରସା ଅନୁସାରେ କ୍ରାଇମ୍‌ବ୍ରାଞ୍ଚର ଅଧିକାରୀମାନେ କାର୍ଯ୍ୟ କରୁନାହାନ୍ତି। ଏବେ କେବଳ ସେକ୍ସ ଦଲାଲ ଓ ନିଶା ବେପାରିଙ୍କୁ ଧରି ବାହାବା ନେଉଛି।



ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘାତକ - ଏମାନେ ଚନ୍ଦ୍ର-ସୂର୍ଯ୍ୟ ଥିବାଯାଏ ନରକ ଭୋଗ କରନ୍ତି।
- ମହାକବି କାଳୀଦାସ



## ସଂକ୍ଷେପରେ

### ଥାନାରେ ଅଭିଯୋଗକାରୀଙ୍କୁ ଉତ୍ତମ ବ୍ୟବହାର କର: ସିପି

#### ପୋଲିସର ଅପରାଧ ସମୀକ୍ଷା ବୈଠକ

**ଭୁବନେଶ୍ୱର,୩।୩ (ବ୍ୟୁରୋ):** ଥାନାର ମୁଖ୍ୟ ସମସ୍ୟା ପାଲଟିଛି ପୋଲିସ ଭ୍ୟାନ। କାରଣ ଏହି ଭ୍ୟାନ୍‌ଗୁଡିକ ଆଉ ଅପରାଧୀଙ୍କୁ ଗୋଡାଇବାରେ ସକ୍ଷମ ହେଉନାହିଁ। ଏଭଳି ସମସ୍ୟା ନେଇ ଏକାଧିକ ଥାନା ଅଧିକାରୀ ଭୁବନେଶ୍ୱରସ୍ଥିତ କମିଶନରେଟ୍ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ତୃତୀୟ ଅପରାଧ ସମୀକ୍ଷା ବୈଠକରେ ପୋଲିସ କମିଶନର(ସିପି) ସୁଧାଂଶୁ ଷଡଙ୍ଗୀଙ୍କୁ ଅବଗତ କରାଇଛନ୍ତି। ମୋ ସରକାର ଲାଗୁ ହେବାପରେ ଥାନାଗୁଡିକରେ ମାମଲା ସଂଖ୍ୟା ବଢିଯାଇଛି। ଏପରି କି ମାମଲା ଥାନା ଅଧିକାରୀ ରୁଜୁ କରିଦେଲେ ମଧ ଏହାକୁ କମ୍ପ୍ୟୁଟରରେ ଟାଇପ୍ କରିବା ପାଇଁ ରାଇଟରଙ୍କ ଅଭାବ ରହୁଛି। ଅନ୍ୟପକ୍ଷରେ ବିଭିନ୍ନ ଥାନାରେ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ଅଧିକାରୀମାନେ ସିପିଙ୍କୁ ଜଣାଇଥିଲେ। ଏହି ସବୁ ସମସ୍ୟାର ସମାଧାନ ଉପରେ ଦୃଷ୍ଟି ଦେବେ ବୋଲି ଷଡଙ୍ଗୀ ପ୍ରତିଶ୍ରୁତି ଦେଇଛନ୍ତି। ବିଭିନ୍ନ ଥାନାରେ ପଡି ରହିଥିବା ମାମଲା ଉପରେ ଉକ୍ତ ବୈଠକରେ ଆଲୋଚନା ହୋଇଥିଲା। ତୁରନ୍ତ ଏହାର ସମାଧାନ କରାଯିବା, ବିଭିନ୍ନ ସ୍ଥାନରେ ହେଉଥିବା ଅପରାଧକୁ ରୋକିବା ଓ ଆପରାଧିକ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଷଡଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି। ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସହ ସେମାନଙ୍କ ସମସ୍ୟା ସମାଧାନ କରିବାକୁ ବୈଠକରେ ଷଡଙ୍ଗୀ ଗୁରୁତ୍ୱାରୋପ କରିଛନ୍ତି। ନିକଟରେ ଜେଲ୍‌ରୁ ଫେରିଥିବା ଅଭିଯୁକ୍ତଙ୍କ ଉପରେ ନଜର ରଖିବାକୁ ଷଡଙ୍ଗୀ ପରାମର୍ଶ ଦେଇଛନ୍ତି। କିଛିବର୍ଷ ହେବ ଦଣ୍ଡ ହାର କମିବାରେ ଲାଗିଛି। ତେଣୁ ଗିରଫ ଅଭିଯୁକ୍ତଙ୍କ ବିରୋଧରେ ବଳିଷ୍ଠ ପ୍ରମାଣ ଯୋଗାଡ କରିବା ସହ କିଭଳି କାଗଜପତ୍ର ପ୍ରସ୍ତୁତ କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ କଟକ ଡିସିପି ଅଖିଳେଶ୍ୱର ସିଂ, ଭୁବନେଶ୍ୱର ଡିସିପି ଅନୁପ ସାହୁଙ୍କ ସହ ଏସିପିମାନେ ଉପସ୍ଥିତ ରହିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଅତିଥି ବେଶରେ ଆସି ବିବାହ ଉତ୍ସବରୁ ଗହଣା ବ୍ୟାଗ୍ ଲୁଟିଲେ

**ଅଜଣା ବ୍ୟକ୍ତିଙ୍କୁ ସାବଧାନ...**
- ଫଟୋ ଉଠାଇବାରେ ବ୍ୟସ୍ତ ଥିଲେ ବର, କନ୍ୟା
- ସୁଯୋଗ ଦେଖି ଲୁଟିନେଲେ ୩ ଲକ୍ଷ ଟଙ୍କାର ସୁନା ଗହଣା
- ସିସି ଟିଭି ଫୁଟେଜରେ ଘଟଣା ସମୟର ଦୃଶ୍ୟ

ଭୁବନେଶ୍ୱର,୩।୩(ବ୍ୟୁରୋ)

ଆପଣ କୌଣସି ମଣ୍ଡପରେ ବିବାହ ପାର୍ଟି କରୁଛନ୍ତି କି। ସେଠାକୁ ଏକାଧିକ ଅତିଥିଙ୍କୁ ଆମନ୍ତ୍ରିତ କରୁଛନ୍ତି କି। ତେବେ ଅଜଣା ଅତିଥିଙ୍କୁ ସାବଧାନ ହୋଇଯାଆନ୍ତୁ। କାରଣ ଭିଆଇପି ଅତିଥି ବେଶରେ ବୁଲୁଛନ୍ତି ଲୁଟେରା ଓ ହାଇପ୍ରୋଫାଇଲ୍ ଚୋର। ସେମାନେ ଚକ୍‌ଚକ୍ କରୁଥିବା ଦାମୀ ଶାର୍ଟ, ଭଲ ବ୍ରାଣ୍ଡର ଜୋତା ପିନ୍ଧି ଉତ୍ସବକୁ ଆସି ଲୁଟ୍‌ପାଟ ଓ ଚୋରି କରୁଛନ୍ତି। ରାଜଧାନୀରେ ଏଭଳି ଏକ ଘଟଣାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା କ୍ରିଷ୍ଟାଲ କୋଟିଆ କଲ୍ୟାଣ ମଣ୍ଡପରେ ଚାଲିଥିବା ଏକ ବିବାହ ଉତ୍ସବକୁ ଭିଆଇପି ଅତିଥି ବେଶରେ ଆସି ଲୁଟେରାମାନେ ୩ଲକ୍ଷ ଟଙ୍କାର ଗହଣା ଓ ଗିଫ୍ଟ ଚୋରିକରି ନେଇଛନ୍ତି। ଏନେଇ ଝାରପଡାର ରାଜେନ୍ ମହାନ୍ତି ଚନ୍ଦ୍ରଶେଖରପୁର ଥାନାରେ ଏକ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ.୧୧୧/୨୦, ଦଫା ୩୭୯ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଉକ୍ତ ମଣ୍ଡପରେ ଲାଗିଥିବା ସିସିଟିଭିରେ ଚୋରି ବେଳର ଦୃଶ୍ୟ ରହିଛି। ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିଲେ ମଧ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ।

ସୂଚନା ଅନୁଯାୟୀ, ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡା ଅଞ୍ଚଳରେ ରହୁଥିବା ରାଜେନ୍ ମହାନ୍ତି ତାଙ୍କ ପୁଅ ବାହାଘର ପାଇଁ ଫେବୃୟାରୀ ୨୯ରେ କ୍ରିଷ୍ଟାଲ କୋଟିଆ କଲ୍ୟାଣମଣ୍ଡପରେ ପାର୍ଟିର ଆୟୋଜନ କରିଥିଲେ। ଏହି ବିବାହ ପାର୍ଟିକୁ ବହୁ ଅତିଥି ଆସିଥିଲେ। ରାତି ପ୍ରାୟ ୯ଟା ୧୯ରେ ଦୁଇଜଣ ଯୁବକ ଭିଆଇପି ଅତିଥି ବେଶରେ ମଣ୍ଡପ ଭିତରକୁ ପଶିଥିଲେ। ରାଜେନ ଓ ପରିବାର ଲୋକେ ଅତିଥି ଚର୍ଚ୍ଚାରେ ବ୍ୟସ୍ତ ଥିଲେ। ଅତିଥି ଭାବି ଉକ୍ତ ଦୁଇ ଲୁଟେରାଙ୍କ ଉପରେ କେହି ନଜର ରଖି ନ ଥିଲେ। ଜଣେ ଲୁଟେରା ମଣ୍ଡପଠାରୁ ଦୂରରେ ବସିଥିବାବେଳେ ଅନ୍ୟଜଣେ ବର ଓ କନ୍ୟାଙ୍କ ସମ୍ମୁଖ ଚେୟାରରେ ବସିଥିଲେ। କେଉଁ ଅତିଥି କ'ଣ ସବୁ ଗିଫ୍ଟ ଦେଉଛନ୍ତି, କେଉଁଠାରେ ରଖାଯାଉଛି, ତାହା ଉପରେ ନଜର ରଖୁଥିଲେ। ରାତି ୧୧ଟା ୧୯ରେ ଲୁଟେରା ଜଣକ ବର, କନ୍ୟା ବସୁଥିବା ସ୍ଥାନ ନିକଟକୁ ଉଠିଯାଇ କିଛି ସମୟ ଠିଆ ହୋଇ ସୁଯୋଗକୁ ଅପେକ୍ଷା କରିଥିଲେ। ଅନ୍ୟ ଅତିଥିମାନେ ଦଳଦଳ ହୋଇ ବର ଓ କନ୍ୟାଙ୍କ ସହ ଫଟୋ ଉଠାଉଥିବାବେଳେ ସମ୍ପୃକ୍ତ ଲୁଟେରା ସୁନା ଓ ଟଙ୍କା ରଖାଯାଇଥିବା ବ୍ୟାଗ୍‌କୁ ନେବାକୁ ବାରମ୍ବାର ଉଦ୍ୟମ କରି ବିଫଳ ହୋଇଥିଲେ। ଶେଷରେ ଲୁଟେରା ଜଣକ ବର, କନ୍ୟା ଫଟୋ ଉଠାଉଥିବା ଷ୍ଟେଜ୍ ଉପରକୁ ଚଢିଥିଲେ। ସେଠାରେ କିଛି ସମୟ ଛିଡା ହୋଇଥିଲେ। ରାତି ୧୧ଟା ୨୦ରେ ବର, କନ୍ୟାସହ ଫଟୋ ଉଠାଇବାକୁ ଅତିଥିଙ୍କ ଭିଡ଼ ବଢ଼ିବା ସମୟରେ ଲୁଟେରା ଜଣକ ସୋଫା ଉପରେ ଥିବା ସୁନା ବ୍ୟାଗ୍‌କୁ ଧରି ସାଧାରଣ ଲୋକପରି ଧୀରେ ଧୀରେ ଖସି ପଳାଇଥିଲେ। ହେଲେ ସେଠାରେ ଉପସ୍ଥିତ ଥିବା ପରିବାର ଲୋକେ କେହିହେଲେ ଜାଣିପାରି ନ ଥିଲେ। ପରେ ଉକ୍ତ ବ୍ୟାଗ୍ ନ ଥିବା ଦେଖି ବର, କନ୍ୟା ଓ ପରିବାର ଲୋକେ ଖୋଜାଖୋଜି କରି ନିରାଶ ହୋଇଥିଲେ। ଶେଷରେ ମଣ୍ଡପରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯିବାରୁ ଚୋରି ସମ୍ପର୍କରେ ଜଣାପଡିଥିଲା।



ଲୁଟେରା ଜଣକ ଚେୟର ଉପରେ ବସି ଗିଫ୍ଟ ଅଳଙ୍କାର ଉପରେ ନଜର ରଖୁଛନ୍ତି।





ବରକନ୍ୟା ବସୁଥିବା ମଞ୍ଚ ଉପରୁ ଅଳଙ୍କାର ବ୍ୟାଗ୍ ଧରି ଫେରାର ହେଉଛନ୍ତି।

# କରୋନା ଗୁଜବ ଯୋଗୁ କ୍ଷତିରେ କୁକୁଡା ଚାଷୀ

- ୧୦୦ କୋଟି ଟଙ୍କା କ୍ଷତି ହେବା ଆଶଙ୍କା
- ଗୁଜବରେ ବିଶ୍ୱାସ ନ କରିବାକୁ ସଂଘର ନିବେଦନ

ଭୁବନେଶ୍ୱର,୩।୩

ବ୍ରଏଲର କୁକୁଡ଼ା ମାଂସରେ କରୋନା ବ୍ୟାପିବାର ଗୁଜବ ଯୋଗୁ ଏବେ ଏହି ସାରା ଦେଶରେ ଶିଳ୍ପ ଉପରେ ଏହାର ପ୍ରଭାବ ପଡିଛି। ଓଡ଼ିଶାରେ କୁକୁଡ଼ା ଚାଷୀମାନେ ଏହା ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଥିବା ଶିଳ୍ପ ପକ୍ଷରୁ କୁହାଯାଇଛି। ମିଥ୍ୟା ଖବର ଭାଇରାଲ ଯୋଗୁ କୁକୁଡା ଚାଷୀଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଥିବାରୁ ସାଇବର ସେଲ୍‌ରେ ଏନେଇ ଏକ ମାମଲା ରୁଜୁ କରାଯାଇଛି। ଅଣ୍ଡା ଏବଂ ବ୍ରଏଲର ଉତ୍ପାଦନରେ ଠିକ୍ ମୂଲ୍ୟ ଏବେ ଚାଷୀ ପାଇବା କଷ୍ଟକର ହେଉଛି। ଏପଟେ ମିଥ୍ୟା ଖବର ପ୍ରଚାର ଯୋଗୁ ଲୋକମାନେ ବ୍ରଏଲର କୁକୁଡ଼ା ମାଂସ ଖାଇବାକୁ କ୍ଷାନ୍ତ ରହୁଥିବାରୁ ଚାଷୀଙ୍କୁ ଆହୁରି କ୍ଷତି ସହିବାକୁ ପଡୁଛି ବୋଲି ଅଲ୍ ଓଡିଶା ପଲଟ୍ରି ଫୋରମ ପକ୍ଷରୁ ଏଠାରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ କୁହାଯାଇଛି। ମକା ଏବଂ ସୋୟାକୁ ନେଇ କୁକୁଡାଙ୍କ ଲାଗି ସାଧାରଣତଃ ଖାଦ୍ୟ ପ୍ରସ୍ତୁତ ହୋଇଥାଏ। ଚିକେନ ଏବଂ ଅଣ୍ଡା ବ୍ୟବହାର କମିବା ଯୋଗୁ ସାରା ଦେଶରେ ମକା ଏବଂ ସୋୟା ଚାଷୀଙ୍କ ଉପରେ ଏହାର ପ୍ରଭାବ ପରିଲକ୍ଷିତ ହୋଇଥିବା କୁହାଯାଇଛି।

ଓଡ଼ିଶା ପଲଟ୍ରି ଫୋରମର ସଭାପତି ଏଚ୍.ଏମ୍ ଦାସ କହିଛନ୍ତି ଯେ, କରୋନାର ପ୍ରଭାବ ଚିକେନ ବ୍ୟବହାର ସହ କୌଣସି ସମ୍ପର୍କ ନାହିଁ। ଏ ନେଇ ଅପପ୍ରଚାର କରାଯାଇଛି। ଚିକେନ ଖାଇବାରେ କୌଣସି ଅସୁବିଧା ନାହିଁ । ଏ ପ୍ରକାରର ଅପପ୍ରଚାରରୁ ଏବେ ପରଦା ହଟିଛି। ଚିକେନ ଏବଂ ଅଣ୍ଡା ଦର କମିଥିବାରୁ ଏହାର ବ୍ୟବହାର ବଢିଲେ ଏହା ଚାଷୀ ଏବଂ ଅଂଶୀଦାରଙ୍କ ଲାଗି ଲାଭକାରୀ ହୋଇ ପାରିବ। ଭେଙ୍କଟେଶ୍ୱର ହ୍ୟାଚେରର ସାଧାରଣ ପ୍ରବନ୍ଧକ ଡ. ପୁଞ୍ଜା କହିଛନ୍ତି, କୁକୁଡା ପାଳନ ଯୋଗୁ ଓଡ଼ିଶାର ୪ ଲକ୍ଷ ଲୋକ ନିଯୁକ୍ତି ଲାଭ କରିଛନ୍ତି। ଅପପ୍ରଚାର ଯୋଗୁ କୃଷକଙ୍କ ଜୀବିକା ଉପରେ ଏହା ଗଭୀର ପ୍ରଭାବ ପକାଇଛି। ଏଭଳି ଗୁଜବ ଯୋଗୁ ଫେବୃୟାରୀରେ ଏହି ଶିଳ୍ପକୁ ୧୦୦ କୋଟି ଟଙ୍କାର କ୍ଷତି ହୋଇପାରେ ବୋଲି ସେ ମତ ରଖିଛନ୍ତି। ଗୁଜବକୁ ବିଶ୍ୱାସ ନ କରିବାକୁ ସଂଘ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି।

# ନାବାଳିକାଙ୍କୁ ଶ୍ମଶାନରେ ବଳିଦେବା ଉଦ୍ୟମ

- କୌଶଳକ୍ରମେ ଖସିଆସିଲେ
- ୩ ଭାଇ ଭିନ୍ନ ଆଚରଣ ପ୍ରଦର୍ଶନ କରୁଛନ୍ତି

ସାଲେପୁର,୩।୩(ଡି.ଏନ୍.ଏ.)

ସାଲେପୁର ଥାନା ଅଞ୍ଚଳର ଜଣେ ବ୍ୟକ୍ତି ନିଜର ତନ୍ତ୍ର ବିଦ୍ୟାକୁ ହାସଲ କରିବା ଉଦ୍ଦେଶ୍ୟରେ ଉକ୍ତ ଅଞ୍ଚଳର ଜଣେ ନାବାଳିକାଙ୍କୁ ଶଶ୍ମାନକୁ ନେଇ ବଳିଦେବାକୁ ଉଦ୍ୟମ କରିଥିଲେ। କୌଶଳକ୍ରମେ ସେ ସେଠାରୁ ଖସି ଆସିଥିଲେ। ଏହାପରେ ଅଭିଯୁକ୍ତ ଜଣକ ତନ୍ତ୍ର ବଳରେ ନାବାଳିକାଙ୍କ ୩ ଭାଇଙ୍କ ଅବସ୍ଥା ଖରାପ କରିଦେଇଛନ୍ତି ବୋଲି ସେମାନଙ୍କ ବାପା ସୋମବାର ରାତିରେ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ୧୩ ବର୍ଷର ଝିଅ ଗତ ୨୨ ତାରିଖରେ ସ୍ଥାନୀୟ ପଡ଼ିଆକୁ ଶୌଚ ହେବାକୁ ଯାଇଥିବା ବେଳେ ଉକ୍ତ ଅଞ୍ଚଳର ଜଣେ ବ୍ୟକ୍ତି ସହଯୋଗୀଙ୍କ ସହ ମିଶି ଝିଅକୁ ଅଚେତ କରି ଉଠାଇ ନେଇଥିଲେ। ସେମାନେ ନାବାଳିକାଙ୍କୁ ଏକ ଶ୍ମଶାନକୁ ନେଇ ଉଲଗ୍ନକରି ବଳିଦେବା ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରିଥିଲେ। ନବାଳିକାଙ୍କ ଚେତା ଫେରିବା ପରେ କୌଶଳକ୍ରମେ ସେଠାରୁ ଖସିଆସି ଏ ବିଷୟରେ ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ତାଙ୍କ ପିତା ଅଭିଯୁକ୍ତଙ୍କୁ ପଚାରିବାରୁ ସେ ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଏହି ଘଟଣା ଘଟିବାର କିଛିଦିନ ପରେ ଅଭିଯୁକ୍ତ ଜଣକ ଗ୍ରାମରେ ବିଭିନ୍ନ ସ୍ଥାନରେ ସିନ୍ଦୂର ଓ ଫୁଲ ରଖି ତନ୍ତ୍ର ସାଧନା କରିଥିଲେ। ଫଳରେ ନାବାଳିକାଙ୍କ ୩ ଭାଇ ଏବେ ଭିନ୍ନ ଆଚରଣ ପ୍ରଦର୍ଶନ କରିବା ସହ ବାରମ୍ବାର ଅଚେତ ହୋଇପଡୁଛନ୍ତି ବୋଲି ବାପା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ସାଲେପୁର ଆଇଆଇସି ଦେବେନ୍ଦ୍ର କୁମାର ମଲ୍ଲିକ କହିଛନ୍ତି, ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଛି। ତଦନ୍ତପରେ ଏହି ଘଟଣାର ପ୍ରକୃତ ସତ୍ୟାସତ୍ୟ ଜଣାପଡିବ। ରିପୋର୍ଟ ଲେଖା ହେବା ବେଳକୁ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

# ଦୁଇ ସପ୍ତାହରେ ସ୍ୱଦେଶ ଫେରିଯିବେ ବାଂଲାଦେଶୀ ରୂପଜୀବୀ

**ଏସ୍‌ଟିଏଫ୍ ନିକଟରେ ପହଞ୍ଚିଲା ବାଂଲାଦେଶ ଉଚ୍ଚାୟୁକ୍ତଙ୍କ ଚିଠି**

ଭୁବନେଶ୍ୱର,୩।୩ (ବ୍ୟୁରୋ)

ରାଜଧାନୀ ସମେତ ରାଜ୍ୟରେ ବାଂଲାଦେଶୀ ସେକ୍ସ ର୍‍ୟାକେଟ ଚଳାଇଥିବା କିଙ୍ଗ୍‌ପିନ୍ ଅଞ୍ଜଳି ଦିଦି ଓ ତାଙ୍କ ସ୍ୱାମୀ ଇବ୍ରାହିମ୍ ଗିରଫ ହେବା ପରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ୭ଜଣ ବାଂଲା ରୂପଜୀବୀଙ୍କ ଉଦ୍ଧାର କରିଥିଲା। ଏବେ ଶର୍ଟ ଷ୍ଟେ' ହୋମ୍‌ରେ ରହିଥିବା ଏହି ରୂପଜୀବୀମାନେ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ନିଜ ଦେଶକୁ ଫେରିଯିବେ। ସେମାନଙ୍କୁ ନିଜ ଦେଶକୁ ପଠାଇଦେବାକୁ ଏସ୍‌ଟିଏଫ୍ ପକ୍ଷରୁ ବାଂଲାଦେଶ ଉଚ୍ଚାୟୁକ୍ତଙ୍କ ସହ ଯୋଗାଯୋଗ କରାଯାଇଥିଲା। ଏହାସହ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଅବଗତ କରାଯାଇଥିଲା। ଗତ ଦୁଇଦିନ ତଳେ ବାଂଲାଦେଶ ଉଚ୍ଚାୟୁକ୍ତଙ୍କ ପକ୍ଷରୁ ଏସ୍‌ଟିଏଫ୍ ନିକଟକୁ ଏକ ଚିଠି ଆସିଛି। ସମ୍ପୃକ୍ତ ରୂପଜୀବୀଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିବା ସହ ଭୁବନେଶ୍ୱର ଆସି ସେମାନଙ୍କ ଝିଅକୁ ନେଇଯିବେ ବୋଲି ଉକ୍ତ ଚିଠିରେ ସୂଚନା ଦିଆଯାଇଛି। ଯୁବତୀଙ୍କ ଜାତି ଓ ଅନ୍ୟ କାଗଜପତ୍ର ଯାଞ୍ଚ ପାଇଁ କରାଯାଇ ଏସ୍‌ଟିଏଫ୍ ପଠାଇଥିବା ଚିଠି ଆଧାରରେ ବାଂଲାଦେଶ ଉଚ୍ଚାୟୁକ୍ତ ରିପୋର୍ଟ ଦେଇଛି। ସେହିଭଳି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମଧ ଗ୍ରୀନ୍ ସିଗ୍‌ନାଲ ମିଳିସାରିଛି। ଏସ୍‌ଟିଏଫ୍ ପକ୍ଷରୁ କାଗଜପତ୍ର କାର୍ଯ୍ୟ ଶେଷ ହେବାପରେ ଶୀଘ୍ର ବାଂଲାଦେଶୀ ରୂପଜୀବୀ ନିଜ ଦେଶକୁ ଫେରିଯିବେ ବୋଲି ସୂଚନା ଦିଆଯାଇଛି।



ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଜାତୀୟ ନାଟ୍ୟ ଉତ୍ସବରେ ମଙ୍ଗଳବାର ପରିବେଷିତ ବେଙ୍ଗଲି ନାଟକ 'ଟିଟାସ୍ ଏକ୍‌ଟି ନଦୀର୍ ନାମ୍'ର ଏକ ଦୃଶ୍ୟ।

# ବିରୋଧୀଙ୍କ ପ୍ରଶ୍ନ, ଯୋଗ୍ୟତା କାର୍ଡ ବାଣ୍ଟିବ କିଏ

**ଭୁବନେଶ୍ୱର,୩।୩(ବ୍ୟୁରୋ):** ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜନ୍ମ ଦିବସ ଆସନ୍ତା ୫ ତାରିଖରେ ବିଜେଡି ପକ୍ଷରୁ ଧୁମ୍‌ଧାମ୍‌ରେ ପାଳନ କରିବ। ଏହି ଅବସରରେ ୨ ସପ୍ତାହ ପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ପକ୍କାଘର ପାଇ ନ ଥିବା ଯୋଗ୍ୟ ହିତାଧିକାରୀଙ୍କୁ 'ପକ୍କାଘର ଯୋଗ୍ୟତା କାର୍ଡ' ପ୍ରଦାନ କରାଯିବ। ସେହିପରି ସହରାଞ୍ଚଳରେ ରହୁଥିବା ବସ୍ତି ବାସିନ୍ଦାଙ୍କୁ 'ଜାଗା ମିଶନ' ମାଧ୍ୟମରେ ଭୂମି ଅଧିକାର ଯୋଗ୍ୟତା ପ୍ରମାଣପତ୍ର ବଣ୍ଟାଯିବ ତେବେ ବିଜେଡିର ଏଭଳି ରଣନୀତିକୁ ସମାଲୋଚନା କରିଛନ୍ତି ବିରୋଧୀ। ଏହି ପ୍ରମାଣ ପତ୍ର କାହାଦ୍ୱାରା ବଣ୍ଟାଯିବ ବୋଲି ବିରୋଧୀ ପ୍ରଶ୍ନ ଉଠାଇଛନ୍ତି।

ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା ପ୍ରଶ୍ନ ଉଠାଇଛନ୍ତି ସେହି ଦୃଷ୍ଟିରୁ ଦେଖିଲେ ପକ୍କାଘର କିଏ ବାଣ୍ଟିବ ତାହା ହେଉଛି ବଡ ପ୍ରଶ୍ନ। ମୁଖ୍ୟମନ୍ତ୍ରୀ ଏନେଇ ଦଳୀୟ ବିଧାୟକ, ଏମ୍‌ପି, ଜିଲା ସଭାପତିମାନଙ୍କୁ ଚିଠି ଲେଖିଛନ୍ତି। ସେହି ଅନୁସାରେ ଯୋଗ୍ୟତା କାର୍ଡ ଏମ୍‌ପି, ଏମ୍‌ଏଲଏ ବାଣ୍ଟିବେ ନାଁ ସରକାର ତାହା ସ୍ପଷ୍ଟ କରନ୍ତୁ। ଯେଉଁମାନଙ୍କୁ ଯୋଗ୍ୟତା ପ୍ରମାଣ ପତ୍ର ବଣ୍ଟାଯିବ ସେମାନଙ୍କ ନାଁରେ ଅଧିକ ଦୁର୍ନୀତି ହେବ। ଲୋକଙ୍କୁ ଘର ଯୋଗାଇବା ହେଉଛି ସରକାର ମୂଳ ଲକ୍ଷ୍ୟ। ହେଲେ ଦୁର୍ନୀତିର ନୂଆ ରାସ୍ତା ତିଆରି କରିବାକୁ ଏହା ଏକ ନୂଆ ଯୋଜନା ବୋଲି ଗୋଲକ କହିଛନ୍ତି। କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି ଯେ, ଏହା ଏକ ଭଲ କଥା, ମାତ୍ର ହିତାଧିକାରୀ ଚୟନରେ ଅନିୟମିତତା ହୋଇଛି। କଂଗ୍ରେସ ରାସ୍ତାଘାଟରେ ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ବୋଲି ସୁର କହିଛନ୍ତି। ଏହାର ଜବାବ୍‌ରେ ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ, ବିରୋଧୀଙ୍କ କାମ ସରକାରଙ୍କୁ ସମାଲୋଚନା କରିବା। ସେମାନେ ତାଙ୍କ ପାଇଁ କାମ କରୁଛନ୍ତି। ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ଯୋଗ୍ୟତା କାର୍ଡ ବ୍ୟବସ୍ଥା କରାଯାଇଥିବା ସେ କହିଛନ୍ତି।

# ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି ଶୁଭାରମ୍ଭ

## ଫ୍ୟୁଚର ସ୍କିଲର ବିଭିନ୍ନ ବିଭାଗରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ସ୍ଥାପନ ଲକ୍ଷ୍ୟ: ସଭାପତି

ଭୁବନେଶ୍ୱର,୩।୩




ଓଡ଼ିଶା ସରକାରଙ୍କ ଆଦେଶକ୍ରମେ ସି.ଭି.ରମଣ ଇଞ୍ଜିନିୟରିଂ କଲେଜ ବିଶ୍ୱବିଦ୍ୟାଳୟ ମାନ୍ୟତା ଲାଭ କରିଛି। ଫେବୃୟାରୀ ୨୯ଠାରୁ ଏହାର ନୂତନ ନାମ ସି.ଭି.ରମଣ ଗ୍ଲୋବାଲ ୟୁନିଭର୍ସିଟି ହୋଇଛି। ଏଠାରେ ପ୍ରଥମ ୫ ବର୍ଷ ଷ୍ଟାର୍ଟ ଅପ, ଇନୋଭେଷନ ଏବଂ ଗବେଷଣାକୁ ପ୍ରାଥମିକତା ଦିଆଯିବ। ଫ୍ୟୁଚର ଅଫ୍ ସ୍କିଲର ସମସ୍ତ ବିଭାଗରେ ଅତ୍ୟାଧୁନିକ ସେଣ୍ଟର ଅଫ୍ ଏକ୍ସିଲେନ୍ସ ପ୍ରତିଷ୍ଠା, ବିଶ୍ୱସ୍ତରୀୟ ଶିଳ୍ପ ସଂସ୍ଥା ସହ ମିଳିତ ହୋଇ ପାଠ୍ୟକ୍ରମ ଡିଜାଇନ ଏବଂ ଇର୍ଣ୍ଟର୍ନଶିପ ଉପରେ ଗୁରୁତ୍ୱ ଦିଆଯିବ ବୋଲି ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସଭାପତି ସଞ୍ଜୀବ କୁମାର ରାଉତ କହିଛନ୍ତି।

ବିଶ୍ୱବିଦ୍ୟାଳୟ ଶୁଭାରମ୍ଭ ସମ୍ପର୍କରେ ଆନୁଷ୍ଠାନିକ ଭାବେ ସୂଚନା ଦେଇ ରାଉତ କହିଛନ୍ତି ଯେ, ଏମ୍‌ବିଏ ପାଠ୍ୟକ୍ରମରେ ଉଦ୍ୟୋଗ ବିକାଶ, ପରିଚାଳନା ଏବଂ ଉଡାଜାହାଜ ରାଜସ୍ୱ ପରିଚାଳନା ବିଭାଗ ରହିବ। ନୂତନ ପାଠ୍ୟକ୍ରମ ଆରମ୍ଭ ଏବଂ ପୁରାତନର ଗୁଣାତ୍ମକ ମାନ ବୃଦ୍ଧି କରାଯିବ। ବିଦେଶର ଶିକ୍ଷାବିତଙ୍କୁ ନିଯୁକ୍ତି କରି ଅନୁଷ୍ଠାନର ଶୈକ୍ଷିକ ପରିବେଶକୁ ଉନ୍ନତ କରାଯିବାର କାର୍ଯ୍ୟକ୍ରମ ରହିଥିବା ସେ ମତବ୍ୟକ୍ତ କରିଛନ୍ତି। ନୂଆ ପ୍ରତିଷ୍ଠାନରେ ଇଞ୍ଜିନିୟରିଂ, ବିଜ୍ଞାନ ଏବଂ କଳାବ୍ୟତୀତ ରୋବଟିକ୍ସ, ଡ୍ରୋନ ଟେକ୍ନୋଲୋଜି, ୱାଟର ଟେକ୍ନୋଲୋଜି, ସାଇବର ସିକ୍ୟୁରିଟି, କ୍ଲାଉଡ କମ୍ପ୍ୟୁଟିଂ, ପ୍ରିଣ୍ଟ ମିଡିଆ ଟେକ୍ନୋଲୋଜି, ଡିଜିଟାଲ ଫାକଟ୍ରି, ରୋବଟିକ୍ସ ୱେଲଡିଙ୍ଗ ଭଳି ପାଠ୍ୟକ୍ରମ ରହିବ। ଏହା ସହ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଭର୍ଚୁଆଲ ରିୟଲିଟି, ସ୍ପେଶ ଟେକ୍ନୋଲୋଜି, ମେକାଟ୍ରୋନିକ୍ସ, ଇଣ୍ଡଷ୍ଟ୍ରି ୫.୦, ମାନୁଫାକ୍ଚରିଂ ୪.୦, ଆଡିଟିଭ୍ ମାନୁଫାକଚରିଂ ଟେକ୍ନୋଲୋଜି, ଫୁଡ୍ ଟେକ୍ନୋଲୋଜି ଏବଂ ନାନୋ ଟେକ୍ନୋଲୋଜି ଭଳି ଅନ୍ୟ ସମସ୍ତ ବିଷୟରେ ଅଣ୍ଡର ଗ୍ରାଜୁଏଟ ଏବଂ ପୋଷ୍ଟ ଗ୍ରାଜୁଏଟ୍ ପାଠ୍ୟକ୍ରମ ପ୍ରଦାନ କରାଯିବ ବୋଲି ରାଉତ ସ୍ପଷ୍ଟ କରିଛନ୍ତି।

# କନ୍ଧମାଳରେ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ଦାବି

- ବ୍ୟାପକ ଜନମତ ସଂଗ୍ରହ କରାଯିବ
- ଗଠନ ହେବ ରାଜ୍ୟସ୍ତରୀୟ କ୍ରିୟାନୁଷ୍ଠାନ କମିଟି

ଭୁବନେଶ୍ୱର, ୩।୩(ବ୍ୟୁରୋ)

ଓଡ଼ିଶାର ୬୨ ଜନଜାତି ସମ୍ପ୍ରଦାୟଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ କନ୍ଧମାଳ ଜିଲାରେ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଉ। ମଙ୍ଗଳବାର ଭୁବନେଶ୍ୱରରେ ଆୟୋଜିତ କେନ୍ଦ୍ରୀୟ ଓଡ଼ିଶା ବିକାଶ ସଙ୍ଗଠନର ସାଧାରଣ ପରିଷଦ ବୈଠକରେ ଏହି ଦାବି କରାଯାଇଛି। ଏହାଦ୍ୱାର କନ୍ଧମାଳ ଜିଲାର ଚତୁପାର୍ଶ୍ୱରେ ଥିବା ଜିଲାଗୁଡ଼ିକ ସମେତ ରାଜ୍ୟର ସମସ୍ତ ଜନଜାତି ସମ୍ପ୍ରଦାୟଙ୍କ ଶିକ୍ଷା କ୍ଷେତ୍ରରେ ବ୍ୟାପକ ଅଗ୍ରଗତି ହୋଇପାରିବ। ଓଡ଼ିଶାର କେନ୍ଦ୍ରସ୍ଥଳରେ ଥିବା କନ୍ଧମାଳ ଜିଲା ଆଜି ମଧ ଅପହଞ୍ଚ ଇଲାକା ଭାବେ ପରିଗଣିତ। ଏଠାକୁ ଗମନାଗମନର ସମସ୍ୟା ରହିଛି। ଏଠାକାର ଶିକ୍ଷା ବ୍ୟବସ୍ଥା ସବୁଠାରୁ ପଛରେ ରହିଛି। ଏଠାରେ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଗଲେ ଜିଲାର ସର୍ବାଙ୍ଗୀନ ଉନ୍ନତି ସାଧନରେ ସହାୟକ ହୋଇପାରିବ ବୋଲି ବୈଠକରେ ମତପ୍ରକାଶ ପାଇଛି।

ବୈଠକରେ ହୋଇଥିବା ଆଲୋଚନାରୁ ଜଣାପଡିଛି, ୨୦୧୧ ଜନଗଣନା ଅନୁଯାୟୀ ଦେଶର ଜନଜାତିଙ୍କ ସଂଖ୍ୟା ମଧ୍ୟରେ ଓଡ଼ିଶା ଦ୍ୱିତୀୟ। ଏଠାରେ ବସବାସ କରୁଥିବା ୬୨ ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରୁ କନ୍ଧ ଜନଜାତିଙ୍କ ସଂଖ୍ୟା ସର୍ବାଧିକ। ତେଣୁ ୧୯୯୪ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶାରେ କନ୍ଧମାଳ ରାଜସ୍ୱ ଜିଲା ପ୍ରତିଷ୍ଠା କରାଯାଇଛି। କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଞ୍ଜାମ, ନୟାଗଡ଼ ଓ ବୌଦ୍ଧ ଆଦି ଜିଲା ସହିତ କୋରାପୁଟ, କେନ୍ଦୁଝର, ଖୋର୍ଦ୍ଧା, ଢେଙ୍କାନାଳ, ସୁବର୍ଣ୍ଣପୁର, ବଲାଙ୍ଗୀର, ସମ୍ବଲପୁର, ନବରଙ୍ଗପୁର, ବାରିପଦା, ମୟୂରଭଞ୍ଜ, ନୂଆପଡ଼ା ଆଦି ଜିଲାରେ ବସବାସ କରୁଥିବା ଆଦିବାସୀ ଜନଜାତିଙ୍କ ଶିକ୍ଷାର ବିକାଶ ଦିଗରେ ପ୍ରସ୍ତାବିତ କନ୍ଧମାଳ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ। ମଧ୍ୟପ୍ରଦେଶର ଅମରକଣ୍ଟକସ୍ଥିତ ଇନ୍ଦିରାଗାନ୍ଧୀ ଆଦିବାସୀ ବିଶ୍ୱବିଦ୍ୟାଳୟ ଢାଞ୍ଚାରେ ଏହି ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯିବାକୁ ଆଲୋଚନା ହୋଇଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ମଧ୍ୟପ୍ରଦେଶ ପରେ ଝାଡ଼ଖଣ୍ଡରେ ଦ୍ୱିତୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିବାବେଳେ ଇତିମଧ୍ୟରେ ଆନ୍ଧ୍ରପ୍ରଦେଶ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ କାର୍ଯ୍ୟକାରୀ ହୋଇସାରିଛି। ତେଣୁ ଦେଶର ଦ୍ୱିତୀୟ ସର୍ବବୃହତ ଆଦିବାସୀ ବହୁଳ ରାଜ୍ୟ ଓଡ଼ିଶାରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ଅପରିହାର୍ଯ୍ୟ ହୋଇପଡ଼ିଛି। ଆଦିବାସୀ ବହୁଳ ଜିଲା କନ୍ଧମାଳରେ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ଉଚିତ ବୋଲି କୁହାଯାଇଛି।

ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବା ପାଇଁ କନ୍ଧମାଳ ଜିଲାରେ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ବ୍ୟାପକ ଜନମତ ସଂଗ୍ରହ କରାଯିବ। ଏହାପରେ କନ୍ଧମାଳ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ। ଆସନ୍ତା ସପ୍ତାହରେ କନ୍ଧମାଳ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ଏକ ରାଜ୍ୟସ୍ତରୀୟ କ୍ରିୟାନୁଷ୍ଠାନ କମିଟି ଗଠନ ହେବ। ସେହି କ୍ରିୟାନୁଷ୍ଠାନ କମିଟି ପରିଷଦଙ୍କ ନିଷ୍ପତ୍ତି ଅନୁଯାୟୀ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ସାଧାରଣ ପରିଷଦ ବୈଠକରେ ସ୍ଥିର କରାଯାଇଛି।



ବଲିଉଡ୍ ଅଭିନେତା ରଣବୀରଙ୍କୁ ହ୍ରିତିକ୍ ରୋଶନ କପି କରିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ହ୍ରିତିକ୍ ଦୁବାଇରେ ଅଛନ୍ତି। ନିଜ ଇନ୍ଷ୍ଟାଗ୍ରାମ୍‌ରେ ହ୍ରିତିକ୍ ଏକ ଫଟୋ ଶେୟାର କରିଛନ୍ତି। ଏଥିରେ ଲାଲ ରଙ୍ଗର ଏକ ଶର୍ଟ ପିନ୍ଧିଥିବା ବେଳେ ଗାମୁଛାକୁ ଲୁଙ୍ଗି ପରି ପିନ୍ଧିଛନ୍ତି।





# ଚାପମୁକ୍ତ ଜୀବନ ପାଇଁ ପର୍ଯ୍ୟାପ୍ତ ନିଦ

**ୱାଶିଂଟନ:** ମଣିଷ ବହୁ ପଛରେ ଛାଡ଼ି ଆସିଲାଣି ସ୍ୱାଭାବିକ ଜୀବନଶୈଳୀ। ଧୀରେ ଧୀରେ ବଦଳୁଛି ସବୁକିଛି। ଯେମିତି କି ଶୋଇବା ସମୟରେ କାମ ଆଉ କାମ ସମୟରେ ଶୋଇବା। ଜଙ୍କ୍‌ଫୁଡ୍ ଫିଭର। ସୋସିଆଲ ମିଡିଆ ସାଇଟ୍‌ରେ ଘଣ୍ଟା ଘଣ୍ଟା ବିତାଇବା। ନାଇଟ୍ ଆଉଟ୍। ଏପରି ପରିବର୍ତ୍ତିତ ଜୀବନଶୈଳୀ ମୋଟାପଣ, ଡାଇବେଟିସ୍, ହୃଦରୋଗ ଭଳି ବ୍ୟାଧିକୁ ଡାକି ଆଣୁଛି। ଏବେ ଏଥିରେ ଯୋଡ଼ିହୋଇଛି ଆଉ ଏକ ଜଟିଳ ରୋଗ ନିଦ୍ରାହୀନତା। ଏଥିରେ ସବୁଠାରୁ ବେଶି ପ୍ରଭାବିତ ହେଉଛି ବାଲ୍ୟାବସ୍ଥା। ଜଟିଳ ପରିସ୍ଥିତିରେ ନିଜକୁ ଚାପମୁକ୍ତ ରଖିବା ଲାଗି ପର୍ଯ୍ୟାପ୍ତ ନିଦ ଏକ ପ୍ରମୁଖ ଆବଶ୍ୟକତା ବୋଲି ଦାବି କରିଛନ୍ତି ମିଚିଗାନ ୟୁନିଭର୍ସିଟି ଏବଂ ଫୋର୍ଡହେମ ୟୁନିଭର୍ସିଟିର ବିଶେଷଜ୍ଞ। ନିଦ୍ରାହୀନତାରୁ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ଜୀବନ କେତେ ପ୍ରଭାବିତ ହୁଏ ? ଏପରି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ସର୍ଭେ କରାଯାଇଥିଲା। ଯେଉଁଥିରୁ ଏହା ସ୍ପଷ୍ଟ ହୋଇଥିବା ପ୍ରଫେସର ୟିଜିହେ ବାଗ୍ ଏବଂ ତାଙ୍କ ସହଯୋଗୀ ଟିଫ୍‌ନୀ ପିୟ କହିଛନ୍ତି।

ହାଇସ୍କୁଲରେ ପଢୁଥିବା ସମୟରେ ସାଧାରଣତଃ ପିଲାମାନେ ସାମାଜିକ ଜୀବନଶୈଳୀ ସହିତ ଅ ଭ୍ୟସ୍ତ ହୁଅନ୍ତି। ଦୈନନ୍ଦିନ ରୁଟିନ, ପାଠପଢ଼ାର ଚାପ, ବଦଳୁଥିବା ଶାରୀରିକ ପରିବର୍ତ୍ତନ, ବିଭିନ୍ନ କ୍ଷେତ୍ରରେ ଭେଦଭାବର ଶିକାର ହେବା ଏବଂ ଏସବୁରେ ସନ୍ତୁଳନ ରକ୍ଷା କରି ଆଗେଇବା ସେମାନଙ୍କ ପକ୍ଷେ କାଠିକର ହୋଇପଡ଼େ। ଏଥିରେ ଜଣେ ମାନସିକସ୍ତରରେ ଚାପଗ୍ରସ୍ତ ହେବା ସ୍ୱାଭାବିକ। ଏହାର ସିଧାସଳଖ ପ୍ରଭାବ ସେମାନଙ୍କ ନିଦ ଉପରେ ପଡ଼ିଥାଏ। ଅନେକ ସମୟରେ ସେମାନେ ନିଦ୍ରାହୀନତାର ଶିକାର ହୋଇଥାନ୍ତି। ହେଲେ ଠିକ୍ ସମୟରେ ଉଚିତ ନିଦ ସେମାନଙ୍କୁ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ସାମର୍ଥ୍ୟ ଯୋଗାଇଥାଏ। ଏହାକୁ ପ୍ରମାଣିତ କରିବାକୁ ସର୍ଭେରେ ସାମିଲ ହୋଇଥିବା ପ୍ରତିଯୋଗୀଙ୍କୁ ଏକ୍ଟିଗ୍ରାଫି ଘଣ୍ଟା ପିନ୍ଧିବାକୁ ଦିଆଯାଇଥିଲା। ଗୋଟିଏ ମିନିଟ୍ ଅନ୍ତରାଳରେ ସେମାନଙ୍କ ଶାରୀରିକ ଗତିବିଧି ଉପରେ ନଜର ରଖାଯାଉଥିଲା। ଶୋଇବା ଆଗରୁ ସେମାନଙ୍କୁ ଏକ ଟାସ୍କ ଦିଆଯାଇଥିଲା। ସେମାନଙ୍କୁ ଦିନର ସବୁଠାରୁ ଚାପଗ୍ରସ୍ତ ସମୟ ଏବଂ ଏହି ସମୟରେ ସେମାନେ କାହାକୁ ବେଶି ଲୋଡ଼ିଥିଲେ ବୋଲି ଲେଖିବାକୁ କୁହାଯାଇଥିଲା। ଅଧିକାଂଶ ପିଲା ଚାପ ସମୟରେ ନିଜ ବନ୍ଧୁଙ୍କ ଆବଶ୍ୟକତା ବେଶି ଅନୁଭବ କରୁଥିବା ଉଲ୍ଲେଖ କରିଥିଲେ। ଏହାର ଅର୍ଥ ନୁହେଁ, ଅଭିଭାବକମାନେ ପିଲାଙ୍କ ଚାପ ଦୂର କରିବାକୁ ଉଦ୍ୟମ କରି ନ ଥାନ୍ତି। ସେମାନେ ହିଁ ସନ୍ତାନ ସହିତ ଅଧିକ ସମୟ ବିତାଇଥାନ୍ତି। ଛୁଆ ଚାପମୁକ୍ତ ପରିବେଶରେ ବଞ୍ଚନ୍ତୁ ବୋଲି ସେମାନେ ଚାହାନ୍ତି। ହେଲେ ଅନେକ ସମୟରେ ଅଭିଭାବକଙ୍କ ଆଗରେ ପିଲାମାନେ ମନର କଥା ଖୋଲି କହିପାରି ନ ଥାନ୍ତି। ତେଣୁ ସେମାନେ ସାଙ୍ଗସାଥୀଙ୍କୁ ଅଧିକ ଖୋଜିଥାନ୍ତି। ସୋସିଆଲ ମିଡିଆର ନିୟନ୍ତ୍ରିତ ବ୍ୟବହାର ଏବଂ ମନର କଥା ପରିପ୍ରକାଶ କରିପାରିଲେ ଛାତ୍ରଜୀବନ ଚାପମୁକ୍ତ ହୋଇପାରିବ ବୋଲି ଟିଫ୍‌ନୀ ପିୟ କହିଛନ୍ତି।

# ସ୍ତ୍ରୀଙ୍କୁ ପିଠିରେ ବୋହି ଦୌଡ଼ନ୍ତି ସ୍ୱାମୀ

## ୩୦୦ ବର୍ଷର ନିଆରା ପରମ୍ପରା

**ଡ୍ରୋର୍କିଙ୍ଗ୍:** ପୃଥିବୀର ବିଭିନ୍ନ ଅଞ୍ଚଳର ଭିନ୍ନ ଭିନ୍ନ ପରମ୍ପରା ରହିଛି। ବ୍ରିଟେନ୍‌ରେ ଏକ ପରମ୍ପରା ଅନୁସାରେ ସ୍ୱାମୀମାନେ ସ୍ତ୍ରୀଙ୍କୁ ପିଠିରେ ବୋହି ଏକ ଉତ୍ସବରେ ଦୌଡ଼ିଥାନ୍ତି। ପ୍ରତିବର୍ଷ ଏହି ଉତ୍ସବ ମାର୍ଚ୍ଚ ମାସରେ ଅନୁଷ୍ଠିତ ହୋଇଥାଏ। ଗତ ୩୦୦ ବର୍ଷ ଧରି ଏହି ପରମ୍ପରା ଏଠାରେ ପାଳିତ ହୋଇ ଆସୁଛି। ଚଳିତ ବର୍ଷ ଏହି ଉତ୍ସବ ଡ୍ରୋର୍କିଙ୍ଗ୍‌ଠାରେ ଆୟୋଜିତ ହୋଇଥିଲା। ଏହି ଅବସରରେ ୪୦୦ ମିଟର ଦୌଡ଼ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ୧୫୦ ଜଣ ସ୍ୱାମୀ ସେମାନଙ୍କ ସ୍ତ୍ରୀଙ୍କୁ ପିଠିରେ ବୋହି ଦୌଡ଼ିଥିଲେ। ବିଜେତାଙ୍କୁ ୧୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଦୌଡ଼ ପ୍ରତିଯୋଗିତାର ନିୟମ ଅନୁସାରେ ସ୍ତ୍ରୀଙ୍କ ଓଜନ ୫୦ କିଲୋ ହେବା ଆବଶ୍ୟକ। ତେଣୁ ଏହି ପ୍ରତିଯୋଗିତା ପାଇଁ ମହିଳାମାନେ ୩ ମାସ ପୂର୍ବରୁ ସେମାନଙ୍କ ଓଜନ କମାଇବାରେ ଲାଗିଥାନ୍ତି।



# ପୃଥିବୀ ଉପରେ ନଜର ରଖିବ ଜିସାଟ୍-୧

## ୫ରେ ହେବ ଉତ୍କ୍ଷେପଣ

**ଶ୍ରୀହରିକୋଟା:** ପୃଥିବୀ ଉପରେ କଡ଼ା ନଜର ରଖିବା ପାଇଁ ଇସ୍ରୋ ପକ୍ଷରୁ ମାର୍ଚ୍ଚ ୫ରେ ଶ୍ରୀହରିକୋଟାସ୍ଥିତି ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଜିସାଟ୍-୧ର ଉତ୍କ୍ଷେପଣ କରାଯିବ। ଅପରାହ୍ନ ୫ଟା ୪୩ରେ ଜିଏସ୍ଏଲ୍‌ଭି-ଏଫ୍-୧୦ ସହାୟତାରେ ଏହାକୁ ମହାକାଶକୁ ଉତ୍କ୍ଷେପଣ କରାଯିବ। ଏହାକୁ ପୃଥିବୀଠାରୁ ୩୬ ହଜାର କିମି ଦୂର କକ୍ଷପଥରେ ଅବସ୍ଥାପିତ କରାଯିବ। ଏହା ପାଣିପାଗ ସୂଚନା ଦେବା ସହିତ ଅନ୍ୟ ଆବଶ୍ୟକ ତଥ୍ୟ ଓ ଫଟୋ ଉପଲବ୍ଧ କରାଇବ। ୨,୨୬୮ କିଗ୍ରା ଓଜନ ବିଶିଷ୍ଟ ଏହି ଉପଗ୍ରହର ଉତ୍କ୍ଷେପଣ ପାଇଁ ୧୮ ମିନିଟ୍ ୩୯ ସେକେଣ୍ଡ ଲାଗିବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ୨୨୮୦ ୱାଟ୍ କ୍ଷମତା ଥିବା ଜିସାଟ୍-୧ ଆଗାମୀ ୭ ବର୍ଷ ପାଇଁ କାର୍ଯ୍ୟ କରିବାକୁ ସକ୍ଷମ ହେବ। ଅନୁକୂଳ ପାଗ ରହିଲେ ଏହାର ଉତ୍କ୍ଷେପଣ କରାଯିବ ନଚେତ କାର୍ଯ୍ୟକ୍ରମକୁ ବାତିଲ ମଧ୍ୟ କରାଯାଇ ପାରେ ବୋଲି ଇସ୍ରୋ ପକ୍ଷରୁ ସୂଚନା ଦିଆଯାଇଛି।



# ଶିବଲିଙ୍ଗ ପୂଜା କରୁଛନ୍ତି ମୁସଲମାନ ପରିବାର

ଗୁଆହାଟୀ: ଦେଶରେ ଧର୍ମ, ଜାତି, ସମ୍ପ୍ରଦାୟ ମଧ୍ୟରେ ବାଦବିବାଦ ଜାରି ରହିଥିବା ବେଳେ ଆସାମର ଏକ ମୁସଲମାନ୍ ପରିବାର ସାମ୍ପ୍ରଦାୟିକ ସଦ୍‌ଭାବର ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ଏହି ପରିବାର ଦୀର୍ଘ ୫୦୦ ବର୍ଷ ଧରି ଶିବଲିଙ୍ଗଙ୍କୁ ପୂଜା କରିଆସୁଛନ୍ତି। ପ୍ରାୟ ୮ ପିଢ଼ି ଧରି ସେମାନେ ଏହା କରିଆସୁଛନ୍ତି। ସ୍ଥାନୀୟ ରଙ୍ଗମହଲ ଗାଁରେ ଥିବା ଶିବ ମନ୍ଦିରର ରକ୍ଷାଣବେକ୍ଷଣ ଦାୟିତ୍ୱ ଏହି ମୁସଲମାନ୍ ପରିବାର ଉପରେ ରହିଛି। ମନ୍ଦିରର ଦାୟିତ୍ୱ ପିଢ଼ି ପରେ ପିଢ଼ି ବିଭିନ୍ନ ସଦସ୍ୟଙ୍କ ପାଖକୁ ଆସିଛି। ସମ୍ପ୍ରତି ମତିବୁର୍ ରହେମାନ୍ ଶିବ ମନ୍ଦିରର ରକ୍ଷାଣବେକ୍ଷଣ କରୁଛନ୍ତି।



ପ୍ରତିଦିନ ସକାଳୁ ଉଠି ସେ ନମାଜ୍ ପାଠ ପରେ ମନ୍ଦିରରେ ପୂଜା ଆରମ୍ଭ କରନ୍ତି। ମତିବୁର୍ ମହାଦେବଙ୍କୁ ସ୍ନେହରେ ଅଜା ବୋଲି ଡ଼ାକନ୍ତି। ମତିବୁର୍ କୁହନ୍ତି, ମହାଦେବ ହେଉଛନ୍ତି ତାଙ୍କ ମା'ଙ୍କର ପିତା ଭଳି। ପ୍ରତିଦିନ ମନ୍ଦିରରେ ହିନ୍ଦୁ ଓ ମୁସଲମାନ୍ ସମ୍ପ୍ରଦାୟର ଲୋକେ ପୂଜା କରିବାକୁ ଆସିଥାନ୍ତି। ମନ୍ଦିରଟି ସର୍ବଧର୍ମ ସମନ୍ୱୟର ଏକ ପୀଠ ଭାବେ ଖ୍ୟାତି ହାସଲ କରିଛି। ପ୍ରତିବର୍ଷ ଜାଗରରେ ସେଠାରେ ବଡ଼ ମେଳାର ଆୟୋଜନ ହୋଇଥାଏ। ତେବେ ମନ୍ଦିରର ସଫାସୁତୁରା ଓ ରକ୍ଷଣାବେକ୍ଷଣା ଦାୟିତ୍ୱ ନିଜେ ମତିବୁର ବୁଝିଥାନ୍ତି।

# ଗଙ୍ଗା ଆଳତିରେ ସାମିଲ ହେଲେ ସାରା

**ବାରାଣସୀ:** ବଲିଉଡ୍ ନାୟିକା ସାରା ଅଲି ଖାଁ ତାଙ୍କ ଅପ୍‌କମିଂ ଫିଲ୍ମର ଶୁଟିଂ ପାଇଁ ସୋମବାର ବାରାଣସୀ ପହଞ୍ଚିଛନ୍ତି। ସେଠାରେ ସେ ସୋମବାର ସନ୍ଧ୍ୟାର ଗଙ୍ଗା ଆଳତିରେ ଯୋଗ ଦେଇଥିବା ଦେଖାଯାଇଛି। ଏହାସହ ସେ ଗଙ୍ଗାରେ ନୌବିହାର ମଧ୍ୟ କରିଥିଲେ। ଏହାର କିଛି ଫଟୋ ସେ ସୋସିଆଲ ମିଡିଆରେ ଶେୟାର କରିବା ପରେ ଘଟଣା ସମ୍ପର୍କରେ ଜଣାପଡିଛି। ବାରାଣସୀ ପରେ ସେ କାଶୀ ଗସ୍ତ କରିଛନ୍ତି। ତାଙ୍କସହ ଅଛନ୍ତି ସାଉଥ୍ ଷ୍ଟାର ଧନୁଷ। ସେଠାରେ ମାର୍ଚ୍ଚ ୧ରୁ ଫିଲ୍ମର ଶୁଟିଂ ଆରମ୍ଭ ହୋଇସାରିଛି। କାଶୀ ଷ୍ଟେଶନରେ ଏହି ଫିଲ୍ମର ଶୁଟିଂ ୪-୬ ମାର୍ଚ୍ଚ ମଧ୍ୟରେ କରାଯିବାକୁ ଯୋଜନା ରହିଛି। ଉକ୍ତ ଫିଲ୍ମରେ ଏକ ବିହାରି ଝିଅର ଚରିତ୍ର ସହ ଡବଲ ରୋଲରେ ନଜର ଆସିବେ ସାରା। ଏହାସହ ଧନୁଷ ଜଣେ ଦକ୍ଷିଣ ଭାରତୀୟଙ୍କ ଭୂମିକାରେ ନଜର ଆସିବେ। ମାର୍ଚ୍ଚ ୫ରେ ଚନ୍ଦୋଲିର ଖୁରୁଝା ଗାଁରେ ସାରାଙ୍କର କିଛି ସିନ୍ ଶୁଟିଂ କରାଯିବାକୁ ଥିବା ବେଳେ ଏବେ ସେ ନଦେସରର ଏକ ହୋଟେଲରେ ରହିଥିବା କୁହାଯାଉଛି। ଏହି ଫିଲ୍ମରେ ବଲିଉଡ୍ ଖିଲାଡି ବୟ ଅକ୍ଷୟ କୁମାର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ନଜର ଆସିବେ ବୋଲି ଶୁଣିବାକୁ ମିଳିଛି।





ଶ୍ରଦ୍ଧା କପୁର

# ରୋମାନ୍ସ ପାଇଁ ସମୟ ନାହିଁ

## ୩୩ ବର୍ଷରେ ପାଦ ଥାପିଲେ ଶ୍ରଦ୍ଧା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ମଙ୍ଗଳବାର ୩୩ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୮୭ ମାର୍ଚ୍ଚ ୩ରେ ମୁମ୍ବାଇଠାରେ ଜନ୍ମଗ୍ରହଣ କରିଥିଲେ। ପିତା ଶକ୍ତି କପୁର ଫିଲ୍ମ ଇଣ୍ଡଷ୍ଟ୍ରିରେ ଥିବାରୁ ବଲିଉଡ୍‌ରେ ଅଭିନୟ କରିବା ପାଇଁ ପିଲାଟି ଦିନରୁ ତାଙ୍କର ଇଛାଥିଲା। ତାଙ୍କ ଅଭିନୀତ ଆଶିକ୍-୨ ବକ୍ସ ଅଫିସ୍‌ରେ ବେଶ୍ ସଫଳ ରହିଥିଲା। ବଲିଉଡ୍‌ର ଲଭର ବୟ ଆଦିତ୍ୟ ରାୟ କପୁର ଏବଂ ଫରହାନ୍ ଅଖତରଙ୍କ ସହିତ ତାଙ୍କର ରୋମାନ୍ସ ନେଇ କିଛିଦିନ ତଳେ ନାନା ଖବର ମିଳୁଥିଲେ ମଧ୍ୟ ଶ୍ରଦ୍ଧା ଏନେଇ ମୁହଁ ଖୋଲି ନ ଥିଲେ। ତେବେ ପ୍ରଥମେ କ୍ୟାରିୟର ଏହାପରେ ପ୍ରେମ ବୋଲି ଏକ ସାକ୍ଷାତ୍‌କାରରେ ଶ୍ରଦ୍ଧା କହିଥିଲେ। ଏବେ ସେ ଇଣ୍ଡଷ୍ଟ୍ରିରେ ନିଜର ସ୍ଥିତି ସୁଦୃଢ଼ କରୁଥିବା କହିଛନ୍ତି। ରୋମାନ୍ସ ପାଇଁ ତାଙ୍କ ପାଖରେ ସମୟ ନାହିଁ ବୋଲି ସେ ନିଜ ପ୍ରଶଂସକଙ୍କ ଉଦ୍ଦେଶ୍ୟରେ କହିଥାନ୍ତି। ଖୁବ୍ ଶୀଘ୍ର ତାଙ୍କର ଅପ୍ କମିଂ ଫିଲ୍ମ ବାଗି-୩ ରିଲିଜ୍ ହେବ।



ଯେଉଁମାନେ ବିନା ପ୍ରତିବାଦରେ ତୁମର ସବୁକଥା ମାନି ଯାଆନ୍ତି, ସେମାନଙ୍କୁ କେବେହେଲେ ବିଶ୍ୱାସ କର ନାହିଁ।

- ଚାଣକ୍ୟ

## ସଂକ୍ଷେପରେ

### ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ତାର



**ବାଲିଅନ୍ତା,୩।୩(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଅଧୀନ ବେଣ୍ଟପୁର ପଞ୍ଚାୟତ ଦିଓ୍ୱାନପାଟଣା ଗ୍ରାମ ସମ୍ମୁଖ କୁଶଭଦ୍ରା ନଦୀ ବନ୍ଧରେ ୧୧କେଭି ବିଦ୍ୟୁତ୍ ତାର ବିପଦସଙ୍କୁଳ ଅବସ୍ଥାରେ ରହିଛି। ନଦୀବନ୍ଧର ପ୍ରାୟ ୧୨ ଫୁଟ ଉଚ୍ଚରେ ବିଦ୍ୟୁତ୍ ତାର ଝୁଲି ରହିଥିବା ଦେଖିବାକୁ ମିଳିଛି। କମ୍ ଉଚ୍ଚତାରେ ତାର ଝୁଲି ରହିଥିବାରୁ ବିପଦର ଆଶଙ୍କା ରହିଛି। ନଦୀବନ୍ଧରେ ରାସ୍ତାରେ ମରାମତି କାର୍ଯ୍ୟ ଚାଲୁଥିବାରୁ ଭାରିଯାନ ଯାତାୟାତରେ ଅସୁବିଧା ହେଉଛି। ଫଳରେ ରାସ୍ତା କାର୍ଯ୍ୟ ବିଳମ୍ବ ହେଉଛି। ସେସୁ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

### ବିଜୁ ଜୟନ୍ତୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା, ରକ୍ତଦାନ ଶିବିର

**ଭୁବନେଶ୍ୱର,୩।୩(ବ୍ୟୁରୋ):** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କର ୧୦୪ତମ ଜୟନ୍ତୀ ଗୁରୁବାର ପାଳନ ହେବାକୁ ଯାଉଛି। ଏହି ଅବସରରେ ଭୁବନେଶ୍ୱରସ୍ଥିତ ଦଳୀୟ ରାଜ୍ୟ କାର୍ଯ୍ୟାଳୟରେ ପୂର୍ବାହ୍ନ ୮ଟା ୩୦ମିନିଟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବ। ଏଥିସହିତ ସେହିଦିନ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ମଧ ଆୟୋଜନ କରାଯିବ। ଏହି ଜୀବନ ବିନ୍ଦୁ କାର୍ଯ୍ୟକ୍ରମକୁ ବିଜୁ ଯୁବ ଜନତା ଦଳ ଏବଂ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏକ ସମୟରେ କରାଯିବ। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିବେ ବୋଲି ଜଣାପଡିଛି। ମଙ୍ଗଳବାର ବିଜେଡି ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ ଦାସବର୍ମା ଗଣମାଧମକୁ ଏହି ସୂଚନା ଦେଇଛନ୍ତି।

### ସ୍ତ୍ରୀ କଟୁରି ଚୋଟରେ ସ୍ୱାମୀ ଗୁରୁତର

**ବ୍ରହ୍ମଗିରି,୩।୩(ଡି.ଏନ୍.ଏ.):** ବ୍ରହ୍ମଗିରି ଥାନା ଅନ୍ତର୍ଗତ ଚାପମାଣିକ ଗ୍ରାମରେ ମଙ୍ଗଳବାର ସ୍ତ୍ରୀର କଟୁରି ଚୋଟରେ ସ୍ୱାମୀ ତୁଷାରକାନ୍ତ ଜେନା ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଏକ ଜମି ବିକ୍ରି ପାଇଁ ମଙ୍ଗଳବାର ତୁଷାର କାନ୍ତ ଓ ତାଙ୍କ ସ୍ତ୍ରୀ ଡଲିଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ବଚସା ଉଗ୍ରରୂପ ଧାରଣ କରିଥିଲା। ଏଥିରେ ଡଲି ଉତ୍କ୍ଷିପ୍ତ ହୋଇ ତୁଷାରଙ୍କୁ ଏକ କଟୁରିରେ ଆକ୍ରମଣ କରିଥିଲେ। ଫଳରେ କଟୁରି ଚୋଟ ତୁଷାରଙ୍କ କାନରେ ବାଜିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅନ୍ୟପକ୍ଷରେ ତୁଷାରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ଅନ୍‌ଲାଇନ୍‌ରେ ହେବ ଟ୍ରେଡ୍ ଲାଇସେନ୍ସ ଆବେଦନ

**ଭୁବନେଶ୍ୱର, ୩।୩ (ବ୍ୟୁରୋ)**



■ଭୁବନେଶ୍ୱର.ମି ୱେବସାଇଟରେ ମିଳିବ ଫର୍ମ

■ୱାର୍ଡ଼ ଅଫିସର ଓ ମିସ୍ ସରକାରଙ୍କୁ ପ୍ରଶିକ୍ଷଣ ଦେଲା ବିଏମ୍‌ସି

ଭୁବନେଶ୍ୱରର ବ୍ୟବସାୟୀମାନେ ପ୍ରଥମଥର ବିନା କିଛି ଝିଞ୍ଜଟରେ ଏବେ ଟ୍ରେଡ୍ ଲାଇସେନ୍ସ ପାଇଁ ଆବେଦନ କରିପାରିବେ। ଲାଇସେନ୍ସ ପାଇବାକୁ ସେମାନଙ୍କୁ ଆଉ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଫିସ୍‌କୁ ଦୌଡିବାକୁ ପଡିବନି। ଏବେଠାରୁ ସେମାନେ ଅନଲାଇନ୍‌ରେ ଟ୍ରେଡ୍ ଲାଇସେନ୍ସର ଆବେଦନ କରିପାରିବେ ବୋଲି ମଙ୍ଗଳବାର ବିଏମ୍‌ସି ପକ୍ଷରୁ କୁହାଯାଇଛି।

କିଛିଦିନ ତଳେ ଭୁବନେଶ୍ୱରବାସୀଙ୍କ ସୁବିଧା ପାଇଁ ବିଏମ୍‌ସି ଯେପରି ଭୁବନେଶ୍ୱରଡ଼ଟ୍‌ମି ୱେବ୍‌ସାଇଟ୍‌ରେ ହୋଲ୍ଡିଂ ଟ୍ୟାକ୍ସ ଦେବା ବ୍ୟବସ୍ଥା କରିଥିଲା। ଠିକ୍ ସେହିପରି ଏବେ ଉକ୍ତ ଭୁବନେଶ୍ୱରଡ଼ଟ୍‌ମି ୱେବ୍‌ସାଇଟ୍‌ରେ ଟ୍ରେଡ୍ ଲାଇସେନ୍ସ ଆବେଦନ କରିବାକୁ ଫର୍ମ ଉପଲବ୍ଧ କରାଯାଇଛି। ବ୍ୟବସାୟୀଙ୍କ ପାଇଁ ଏହା କିପରି ସୁଗମ ହୋଇପାରିବ ସେନେଇ ମଙ୍ଗଳବାର ବିଏମ୍‌ସି ଆଡିଶନାଲ କମିଶନର ସୁରଥ ଚନ୍ଦ୍ର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବିଏମ୍‌ସି ମୁଖ୍ୟାଳୟରେ ୬୭ ଜଣ ୱାର୍ଡ଼ ଅଫିସର ଏବଂ ୧୪ ଜଣ ମିସ୍ ସରକାରଙ୍କୁ ପ୍ରଶିକ୍ଷଣ ଦିଆଯାଇଛି।

୩ଟି ବ୍ୟାଚ୍‌ରେ ଦିଆଯାଇଥିବା ଏହି ପ୍ରଶିକ୍ଷଣରେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଦ୍ୱାରା ପ୍ରସ୍ତୁତ ଅନଲାଇନ୍ ମଡ୍ୟୁଲ୍ ଦେଖାଯାଇଛି। ଉକ୍ତ ପ୍ରଶିକ୍ଷଣରେ ଦକ୍ଷିଣ ପୂର୍ବ ଜୋନ ଜୋନାଲ୍ ଡେ଼ପୁଟି କମିଶନର ଅଂଶୁମାନ ରଥ, ଦକ୍ଷିଣ ପଶ୍ଚିମ ଜୋନ ଜୋନାଲ୍ ଡେ଼ପୁଟି କମିଶନର ରବିନାରାୟଣ ଜେଠୀ ଏବଂ ଉତ୍ତର ଜୋନ୍ ଜୋନାଲ୍ ଡେ଼ପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟି ନିଜ ନିଜ ଜୋନ୍‌ର କର୍ମଚାରୀମାନଙ୍କ ସହ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିବା ବିଏମ୍‌ସି ପକ୍ଷରୁ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ମ୍ୟୁନିସିପାଲ୍ କର୍ପୋରେଶନ୍ ଆଇନ୍ ୨୦୦୩ ଅନୁସାରେ ବିଏମ୍‌ସି ସୀମା ମଧ୍ୟରେ ବ୍ୟବସାୟ କରୁଥିବା ପ୍ରତ୍ୟେକ ବ୍ୟବସାୟୀ ନିଜ ନିଜର ଟ୍ରେଡ୍ ଲାଇସେନ୍ସ କରାଇ ନେବାକୁ କୁହାଯାଇଛି। ପୂର୍ବରୁ ଟ୍ରେଡ୍ ଲାଇସେନ୍ସ ବିଏମ୍‌ସି ଅଫ୍‌ଲାଇନ୍‌ରେ କରାଯାଉଥିଲା। ଯେଉଥିପାଇଁ ଅଧିକ ସମୟ ଲାଗୁଥିଲା। ବର୍ତ୍ତମାନ ଅନ୍‌ଲାଇନ୍ ସୁବିଧା ଦ୍ୱାରା କମ୍ ସମୟରେ ଅଧିକ ସଂଖ୍ୟକ ଟ୍ରେଡ୍ ଲାଇସେନ୍ସ କରାଯାଇପାରିବ। ଏହାର ବିବରଣୀ ଉଭୟ ଆବେଦନକାରୀ ଓ ବିଏମ୍‌ସି ପାଇଁ ଉନ୍ମୁକ୍ତ ରହିବ। କୌଣସି ପ୍ରକାର ତ୍ରୁଟି ବିଚ୍ୟୁତିର ସମାଧାନ ଶୀଘ୍ର ହୋଇପାରିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

**କିପରି କରିବେ ଆବେଦନ**

ପ୍ରଥମେ ବ୍ୟବସାୟୀମାନେ ଭୁବନେଶ୍ୱରଡ଼ଟ୍‌ମି ୱେବ୍‌ସାଇଟ୍‌କୁ ଯାଇ ସିଟିଜେନ୍ ସର୍ଭିସ୍ ବିକଳ୍ପକୁ ଚୟନ କରିବେ। ପରେ ଦିଆଯାଇଥିବା ଟ୍ରେଡ୍ ଲାଇସେନ୍ସ ବିକଳ୍ପକୁ ବାଛି ଲାଇସେନ୍ସ ପାଇଁ ଆବେଦନ କରିବେ। ଆବେଦନ ପରେ ଏକ ଫର୍ମ ଆସିବ ଆବଶ୍ୟକ କାଗଜପତ୍ର ସହ ସମସ୍ତ ତଥ୍ୟ ଦେଇ ବ୍ୟବସାୟୀମାନେ ଫର୍ମ ପୂରଣ କରିବେ। ବ୍ୟବସାୟୀ ଜଣକ ଉଭୟ ଫୋନ୍ ଓ କମ୍ପ୍ୟୁଟର ମାଧମରେ ଏହି ଆବେଦନ କରିପାରିବେ।

**୧୫ ଦିନରେ ମିଳିବ ଲାଇସେନ୍ସ**

ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଦ୍ୱାରା ପ୍ରସ୍ତୁତ ମଡ୍ୟୁଲ୍ ଅନୁସାରେ ଅନ୍‌ଲାଇନ୍ ପ୍ରକ୍ରିୟାରେ ଟ୍ରେଡ୍ ଲାଇସେନ୍ସ ପାଇବାକୁ ସମୁଦାୟ ୧୫ ଦିନର ଅବଧି ରଖାଯାଇଛି। ଜଣେ ବ୍ୟବସାୟୀ ଅନ୍‌ଲାଇନ୍‌ରେ ଆବେଦନ କରିବା ପରେ ଏହାର ବାର୍ତ୍ତା ଉକ୍ତ ବ୍ୟବସାୟୀଙ୍କ ଅଞ୍ଚଳରେ ଥିବା ୱାର୍ଡ଼ ଅଫିସରଙ୍କ ପାଖକୁ ଚାଲିଯିବ। ସମ୍ପୃକ୍ତ ୱାର୍ଡ଼ ଅଫିସର ଜଣକ ଦୁଇଦିନ ମଧ୍ୟରେ ନିଜ ମତାମତ ଦେଇ ଯାଞ୍ଚ ପାଇଁ ମିସ୍ ସରକାରଙ୍କୁ କହିବେ। ଯାଞ୍ଚ ପରେ ୩ ଦିନ ମଧ୍ୟରେ ୱାର୍ଡ଼ ସୁପରଭାଇଜର ଉକ୍ତ ଅନ୍‌ଲାଇନ୍ ଦରଖାସ୍ତକୁ ଅବଗତ କରାଇବେ। ଏଥିସହ ୩ ଦିନ ମଧ୍ୟରେ ସମ୍ପୃକ୍ତ ୱାର୍ଡ ଦାୟିତ୍ୱରେ ଥିବା ଜୋନାଲ୍ ଡେ଼ପୁଟି କମିଶନରଙ୍କୁ ଜଣାଇବେ। ଜୋନାଲ୍ ଡେ଼ପୁଟି କମିଶନର ଉକ୍ତ ଆବେଦନକୁ ବୈଧ ଦର୍ଶାଇବା ପରେ ଆବେଦନକାରୀଙ୍କୁ ଟ୍ରେଡ୍ ଲାଇସେନ୍ସ ମିଳିବ। ଯଦି ଆବେଦନକାରୀଙ୍କର ଆବେଦନରେ କିଛି ତ୍ରୁଟି ଥାଏ ତେବେ ଏହା ସଂଶୋଧନ କରି ଆବେଦନ କରିବାକୁ ୱାର୍ଡ଼ ଅଫିସର ଅନ୍‌ଲାଇନ୍‌ରେ ଜଣାଇବେ। ଯଦି ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଠିକ୍ ଥାଏ ତେବେ ଆବେଦନକାରୀଙ୍କ ପାଇଁ ଅନ୍‌ଲାଇନ୍ ସାର୍ଟିଫିକେଟ୍ ଆପେ ପ୍ରସ୍ତୁତ ହୋଇଯିବ।

### ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

## ମହାରଣା ସେବାୟତଙ୍କୁ ନେଇ ବୈଠକ

**ପୁରୁଣା ଭୁବନେଶ୍ୱର, ୩। ୩ (ଡି.ଏନ.ଏ.)**

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମଙ୍ଗଳବାର ସର୍ଦ୍ଦାର ମହାରଣା ସେବାୟତ ବଟକୃଷ୍ଣ ମହାରଣାଙ୍କ ସମେତ ଅନ୍ୟ ସେବାୟତଙ୍କୁ ଡକାଇ ଏକ ବୈଠକ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟି ବୋର୍ଡ ପକ୍ଷରୁ ନୂଆ ମାର୍କେଟ କମ୍ପ୍ଲେକ୍ସସ୍ଥିତ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ ଅଧକ୍ଷତା କରିଥିଲେ। ଗତବର୍ଷ ଭଳି ଚଳିତବର୍ଷ ୭୨ ଜଣ ମହାରଣା ସେବାୟତ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେବେ। ଠିକ୍ ସମୟରେ ଅର୍ଥାତ ନେତ୍ରୋତ୍ସବରେ ରଥ ପ୍ରଶାସନକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ନିଆଯାଇଥିଲା। ସେବାୟତଙ୍କ ପାଉଣା ସମ୍ବନ୍ଧରେ ମଧ ଏଥିରେ ଆଲୋଚନା କରାଯାଇଥିଲା।





ସ୍ଥାୟୀ ନିଯୁକ୍ତି ଓ ବାର ମାସ କାର୍ଯ୍ୟ ଦାବିରେ ଓଡ଼ିଶା ଗ୍ରାମ ପଞ୍ଚାୟତ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମଜିରେ ଦିଆଯାଇଥିବା ଧାରଣାସ୍ଥଳରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ୭ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ: ଶିକ୍ଷକ ଗିରଫ

**ପୁରୁଣା ଭୁବନେଶ୍ୱର, ୩। ୩ (ଡି.ଏନ.ଏ.)**

ଲିଙ୍ଗରାଜ ଥାନା ଅଧୀନ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଜଣେ ୭ମ ଶ୍ରେଣୀ ଛାତ୍ରୀଙ୍କୁ ସେହି ସ୍କୁଲର ଜଣେ ଶିକ୍ଷକ ଅସଦାଚରଣ କରିଥିବା ନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ସମ୍ପୃକ୍ତ ଶିକ୍ଷକ ୪ ମାସ ତଳେ ଛାତ୍ରୀ ଜଣକଙ୍କୁ ବିଦ୍ୟାଳୟରେ ଶିକ୍ଷାଦାନ ଆଳରେ ଅସଦାଚରଣ କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ଶିକ୍ଷକ ଜଣଙ୍କୁ ଗିରଫ କରି ପଚରାଉଚରା ଜାରି ରଖିଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୩୮/୨୦ରେ ମାମଲା ରୁଜୁ କରିଛି। ଅନୁସନ୍ଧାନ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର କହିଛନ୍ତି।

## ଘରୁ ଲୁଟିନେଲେ ୫ଭରି ସୁନା, ୪ଲକ୍ଷ ଟଙ୍କା

**ପୁରୀ ଅଫିସ,୩।୩**

କିଛି ଦିନର ନୀରବତା ପରେ ପୁଣି ପୁରୀ ସହରରେ ଆତଙ୍କ ଖେଳାଇଛନ୍ତି ଲୁଟେରା। ୫ଜଣ ମୁଖାଧାରୀ ଦୁର୍ବୃତ୍ତ ଟାଉନ ଥାନା ଅଧୀନ ରାଧାଗୋବିନ୍ଦ ଲେନସ୍ଥିତ ଏକ ଘରେ ପଶି ପରିବାର ଲୋକଙ୍କୁ ଭୟଭୀତ କରାଇ ସୁନାଗହଣା ଓ ୪ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଜାରି ରଖିଛି। ରାଧାଗୋବିନ୍ଦ ଲେନ୍‌ରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରିବା ସହ ୨ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ସୂଚନା ଅନୁଯାୟୀ, ସୋମବାର ରାତିରେ ୫ଜଣ ମୁଖାଧାରୀ ଦୁର୍ବୃତ୍ତ ରାଧାଗୋବିନ୍ଦ ଲେନ୍ ବାସିନ୍ଦା ମଧୁସୂଦନ ଜେନାଙ୍କ ଘର ଗ୍ରୀଲ୍ ତାଡ଼ି ଘରେ ପଶିଥିଲେ। ମଧୁସୂଦନଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ସେ ବିରୋଧ କରିବାରୁ ତାଙ୍କ ନାତି ଏବଂ ବୋହୂଙ୍କ ବେକରେ ଖଣ୍ଡା ଓ ବନ୍ଧୁକ ଲଗାଇ ୫ଭରି ଓଜନର ସୁନା ଅଳଙ୍କାର, ନଗଦ ପ୍ରାୟ ୪ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଯିବାବେଳେ ଘରର ସମସ୍ତ ଆସବାବପତ୍ର ଫିଙ୍ଗାଫିଙ୍ଗି କରିବା ସହ ୨ଟି ବାଇକକୁ ଭାଙ୍ଗିଦେଇଥିଲେ। ଏନେଇ ପୋଲିସ ଆଗରେ କିଛି କହିଲେ ଅଥବା ଥାନାରେ ଅଭିଯୋଗ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ମଧୁସୂଦନ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ରାଧାଗୋବିନ୍ଦ ଲେନ୍ ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳ। ଚାରିପଟେ ଘରଦ୍ୱାର ଖୁନ୍ଦି ହୋଇ ରହିଛି। ତେବେ ଏଭଳି ଏକ ଅଞ୍ଚଳରେ ଦୁର୍ବୃତ୍ତମାନେ ଜଣକ ଘରେ ପଶି ଲକ୍ଷାଧିକ ଟଙ୍କା ଲୁଟି ନେବା ଘଟଣାକୁ ନେଇ ପୋଲିସ ନିଷ୍କ୍ରିୟତାକୁ ସୂଚାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ରାତ୍ରିକାଳୀନ ପାଟ୍ରୋଲିଂ ହେଉ ନ ଥିବାରୁ ଏଭଳି ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ଗଣମାଧ୍ୟମକୁ କହିଛନ୍ତି। ଏନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ସେମାନେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷେ ଘଟଣାର ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।

# ବଡ଼ଖଣ୍ଡାଏତା ଷ୍ଟେଶନରେ ରେଳରୋକୋ

**କଟକ ସଦର,୩।୩(ଡି.ଏନ୍.ଏ.)**

ବିଳମ୍ବରେ ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବା ପ୍ରତିବାଦରେ କଟକ-ପାରାଦୀପ ରେଳପଥର ବଡ଼ଖଣ୍ଡାଏତା ଷ୍ଟେଶନରେ ମଙ୍ଗଳବାର ସକାଳେ ଯାତ୍ରୀମାନେ ୨ଘଣ୍ଟା ରେଳରୋକୋ କରିଥିଲେ। ସୂଚନା ଅନୁଯାୟୀ, ପାରାଦୀପ-ଭଦ୍ରକ ଟ୍ରେନ୍ ବିଳମ୍ବରେ ବଡ଼ଖଣ୍ଡଏତା ଷ୍ଟେଶନରେ ପହଞ୍ଚିଥିଲା। ଠିକ୍ ସେହି ସମୟରେ କଟକ ପଟୁ ପୁରୀ-ପାରଦୀପ ଟ୍ରେନ ମଧ ସେଠାରେ ପହଞ୍ଚିଥିଲା। ଏହା ପରେ କେତେଜଣ ଯାତ୍ରୀ ରେଳରୋକୋ କରିଥିଲେ। ପ୍ରତ୍ୟେକଦିନ ପାରାଦୀପ ପଟୁ ପାରାଦୀପ-ଭଦ୍ରକ ପାସେଞ୍ଜର ଟ୍ରେନ୍ ବିଳମ୍ବରେ ଛାଡୁଛି। ଫଳରେ କଟକ ଷ୍ଟେଶନରେ ଉକ୍ତ ଟ୍ରେନ୍ ବିଳମ୍ବରେ ପହଞ୍ଚିବା ଦ୍ୱାରା ଭୁବନେଶ୍ୱର ଯିବା ପାଇଁ ଯାତ୍ରୀମାନେ କୌଣସି ଟ୍ରେନ୍ ପାଇପାରନ୍ତି ନାହିଁ। ଏହି ସମସ୍ୟା ପ୍ରାୟ ୧ବର୍ଷ ଧରି ଲାଗିରହିଥିଲେ ମଧ ରେଲ୍‌ୱେ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ଅନେକ ଯାତ୍ରୀ କହିଛନ୍ତି। ମାଲଗାଡିକୁ ସକାଳ ଓ ସନ୍ଧ୍ୟାରେ ଅଗ୍ରାଧିକାର ଦିଆଯାଉଥିବାରୁ ଯାତ୍ରୀବାହୀ ଟ୍ରେନ ଠିକ୍ ସମୟରେ ପହଞ୍ଚି ପାରୁନାହାନ୍ତି। ଗତ ଫେବୃୟାରୀ ୧୮ରେ ମଧ ଏହି ଷ୍ଟେଶନରେ ଏକା ସମସ୍ୟାକୁ ନେଇ ରୋଳରୋକୋ କରାଯାଇଥିଲା। ପୂର୍ବାହ୍ନ ପ୍ରାୟ ୧୧ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହେବା ପରେ ଦୁଇ ଯାତ୍ରୀବାହୀ ଟ୍ରେନ୍ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲା।

## ଦେଢ଼ ଲକ୍ଷ ଟଙ୍କା ଜରିମାନା ଆଦାୟ

**ଖୋର୍ଦ୍ଧା ଅଫିସ୍, ୩। ୩**

ଖୋର୍ଦ୍ଧା ତହସିଲ ଅଧୀନରେ ଥିବା ବିଭିନ୍ନ ପାହାଡ ଓ ମାଙ୍କଡା ଖଣି ଖାଦାନରୁ ବେଆଇନ ଭାବେ ପଥର ଚୋରା ଚାଲାଣ ହେଉଛି। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଚଢାଉ କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଖୋର୍ଦ୍ଧାର ଧନିଆ ପାହାଡରେ ଚଢାଉ କରାଯାଇଥିଲା। ଗୋଟିଏ ପ୍ରୋକ୍ଲିନ ପୋଲିସ ହାବୁଡରେ ପଡିଥିଲା। ପ୍ରୋକ୍ଲିନ ମାଲିକଙ୍କଠାରୁ ୧ଲକ୍ଷ ପଚାଶ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଚଢାଉରେ ଶ୍ରୀମନ୍ଦିର ପ୍ରଶାସନର ଜଟଣୀସ୍ଥିତ ରାଜସ୍ୱ ସହାୟକ ଅଧିକାରୀ ଅନିଲ ପାଣିଗ୍ରାହୀଙ୍କ ନେତୃତ୍ୱରେ ଖୋର୍ଦ୍ଧା ସଦର ଥାନା ଅଧିକାରିଣୀ ଅନିତା ସାହୁଙ୍କ ସହ ପୋଲିସ୍ କର୍ମଚାରୀମାନେ ସାମିଲ ହୋଇଥିଲେ।

# ପିଲାଙ୍କ ଶାରୀରିକ, ମାନସିକ ସୁସ୍ଥତା ଉପରେ ଗୁରୁତ୍ୱ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର, ୩।୩(ବ୍ୟୁରୋ)**

ଲୟୋଲା ସ୍କୁଲ ଭୁବନେଶ୍ୱର ପରିସରରେ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ, କବ୍‌ସ ଆଣ୍ଡ୍ ବୁଲ୍‌ବୁଲ୍ ବାର୍ଷିକ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇଦିନିଆ ଶିବିରକୁ ବିଦ୍ୟାଳୟ ଅଧ୍ୟକ୍ଷ ଫାଦର ଭିକ୍ଟର ମିସ୍‌କୁଇଥ୍ ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିର କିପରି ଛାତ୍ରୀଛାତ୍ରଙ୍କ ଦକ୍ଷତାର ବିକାଶ କରିବା ସହିତ ଶାରୀରିକ ଓ ମାନସିକ ବିକାଶ ସାଧନରେ ସହାୟକ ହୋଇଛି ସେ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଶିବିରରେ ୨୫୨ ଜଣ ଛାତ୍ରୀଛାତ୍ର ଯୋଗଦେଇଥିବାବେଳେ ସେମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅତିଥି ଓ ଅନ୍ୟମାନଙ୍କୁ ମୁଗ୍ଧ କରିଥିଲା। ଦ୍ୱିତୀୟ ଦିବସରେ ଛାତ୍ରୀଛାତ୍ର ଦ୍ୱାରା ଆୟୋଜିତ ଗ୍ରାମ୍ୟମେଳା ଥିଲା ମୁଖ୍ୟ ଆକର୍ଷଣ। ଗ୍ରାମର ସୁନ୍ଦର ପରିବେଶ ଓ ମନଲୋଭା ଖାଦ୍ୟ ସମ୍ପର୍କରେ ମନେ ପକାଇ ଦେଇଥିଲେ ଛାତ୍ରୀଛାତ୍ର। ଏଥିସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ କୃଷି ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଓ ତାଙ୍କ ସ୍ତ୍ରୀ ପ୍ରଫେସର ଡ. ସୌଭାଗ୍ୟ ମଞ୍ଜରୀ ସାମନ୍ତରାଏ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ମନ୍ତ୍ରୀ ସାହୁ ଅଭିଭାବକମାନଙ୍କୁ ପରୀକ୍ଷାର ଫଳ ତଥା ନମ୍ବର ପଛରେ ନ ପଡ଼ି ପିଲାମାନେ କିପରି ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ଭାବରେ ଚାପମୁକ୍ତ ହୋଇ ବଢ଼ିବେ ତାହା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରଙ୍କ ମନଛୁଆଁ ନୃତ୍ୟରେ ଶିବିର ଶେଷ ହୋଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ଧନ୍ୟବାଦ ଅର୍ପଣ କରି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସମାଜ ତଥା ଦେଶର ଉନ୍ନତି ପାଇଁ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସରେ ଯୋଗଦେବାକୁ ଆହ୍ୱାନ ଦେଇଥିଲେ।

# ରୋଗ ଛଡ଼ାଇନେଲା ବିବାହ ସ୍ୱପ୍ନ

**ପୁରୀ ଅଫିସ, ୩।୩**



କେ. ଉମା ରାଓ

**ନିର୍ବନ୍ଧ ପରେ ଜଣାପଡ଼ିଲା କିଡ୍‌ନୀ ଫେଲ୍**

■ମୁହଁ ଫେରାଇନେଲେ ପୁଅଘର

■ଚିକିତ୍ସାରେ ଅର୍ଥ ବାଧକ, ଚିନ୍ତାରେ ମା' ବାପା

ତାଙ୍କର ବି ସ୍ୱପ୍ନ ଥିଲା। ଅନ୍ୟ ଝିଅଙ୍କ ଭଳି ସେ ବିବାହ ବେଦିରେ ବସିଥାନ୍ତେ। ବ୍ରାହ୍ମଣଙ୍କ ମନ୍ତ୍ରଧ୍ୱନି ସାଙ୍ଗକୁ ଅଗ୍ନିକୁ ସାକ୍ଷୀ ରଖି କେହି ଜଣେ ତାଙ୍କୁ ଜୀବନ ସାଥୀ ଭାବେ ଆଦରି ନେଇଥାନ୍ତେ। ଏହି ସ୍ୱପ୍ନ ବି ପୂରା ହେବାକୁ ଯାଉଥିଲା। ପୁଅଘର ଦେଖି ପସନ୍ଦ କରିଥିଲେ। ଆଉ ପୁଅକୁ ଦେଖି ଜ୍ୱାଇଁ କରିବାକୁ ମନ ସ୍ଥିର କରିଥିଲେ ଝିଅଘର ଲୋକେ। ଉଭୟ ପକ୍ଷର ସହମତି ପରେ ନିର୍ବନ୍ଧ ସରିଥିଲା। ଧାର୍ଯ୍ୟ ହୋଇଥିଲା ବିବାହ ତାରିଖ। ଝିଅ ବାହାଘର ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ ମା' ବାପା। ହେଲେ ଠିକ୍ ଏହି ସମୟରେ ଦଇବ ଦାଉ ସାଧିଲା। ଜଣାପଡ଼ିଲା ଝିଅର ଦୁଇଟିଯାକ କିଡ୍‌ନୀ ଫେଲ୍। ଏ କଥା ଶୁଣିବା ପରେ ପୁଅଘର ଲୋକେ ମୁହଁ ଫେରାଇନେଲେ। ଫଳରେ ଭାଙ୍ଗିଗଲା କେ.ଉମାଙ୍କ ବିବାହ ସ୍ୱପ୍ନ।

ପୁରୀ ମୋଚିସାହି ନୂଆତୋଟାରେ ରୁହନ୍ତି କେ. ଆପ୍ପା ରାଓ। ପରିବାର କହିଲେ ୫ ଝିଅ ଏବଂ ଗୋଟିଏ ପୁଅ। ଆପ୍ପା ରାଓ ରାସ୍ତାକଡ଼ରେ ବସି ଚପଲ ମରାମତି କରନ୍ତି। ଏଥିରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ଚଳାନ୍ତି। ଏମିତି ଅଭାବ ଭିତରେ ୪ ଝିଅଙ୍କୁ ହାତକୁ ଦି' ହାତ କରିଦେଇଛନ୍ତି। ସାନ ଝିଅ କେ. ଉମା ରାଓ। ଅଷ୍ଟମ ଶ୍ରେଣୀ ଯାଏ ପାଠ ପଢ଼ିଛନ୍ତି। ଗତବର୍ଷ ତାଙ୍କର ବିବାହ ଲାଗି ମା' ବାପା ଚିନ୍ତା କରିଥିଲେ। ଏଥିପାଇଁ ଜ୍ୱାଇଁ ଖୋଜିଥିଲେ। ଜଣେ ପୁଅକୁ ଦେଖି ସେମାନେ ପସନ୍ଦ କରିଥିଲେ। ପୁଅଘର କେ. ଉମାଙ୍କୁ ଦେଖି ବୋହୂ କରିବା ଲାଗି ସ୍ଥିର କରିଥିଲେ। ଉଭୟ ପରିବାର ସହମତି ପ୍ରକାଶ କରିବା ପରେ ନିର୍ବନ୍ଧ ହୋଇଥିଲା। ଦୁଇଜଣଙ୍କ ଭବିଷ୍ୟତକୁ ନେଇ ବେଶ୍ ଖୁସିଥିଲେ ଉଭୟ ପରିବାର। ପୁଅଘର ଉମାଙ୍କୁ ମୁଦି ପିନ୍ଧାଇବା ସହ ଶାଢି ଦେଇଥିଲେ। ବିବାହ ପାଇଁ ତାରିଖ ସ୍ଥିର କରାଯାଇଥିଲା। ତେବେ ଗତବର୍ଷ ଫନୀ ବାତ୍ୟା ପରେ ଉମା ଜ୍ୱରରେ ପୀଡ଼ିତ ହେଲେ। ଦୀର୍ଘଦିନ ଧରି ଔଷଧପତ୍ର ଖାଇବା ପରେ ବି ଜ୍ୱର କମି ନ ଥିଲା। ପରୀକ୍ଷା ନିରୀକ୍ଷା ପରେ ତାଙ୍କର ଦୁଇଟିଯାକ କିଡ୍‌ନୀ ଫେଲ୍ ହୋଇଯାଇଥିବା ଜଣାପଡ଼ି ଥିଲା। ଚିନ୍ତାରେ ପଡ଼ିଗଲେ ମା' ବାପା। ଅଭାବୀ ସଂସାର ଭିତରେ ଝିଅର ଏଭଳି ରୋଗକୁ ନେଇ ଭାଙ୍ଗିପଡ଼ିଲେ। କିଛିଦିନ କଟକ ଏସ୍‌ସିବିରେ ରହିବା ପରେ ଡାକ୍ତରଙ୍କ ପରାମର୍ଶ ମୁତାବକ ତାଙ୍କର ଡାଏଲିସିସ୍ ଆରମ୍ଭ ହେଲା। ଏହି ଖବର ପୁଅଘରେ ପହଞ୍ଚିଲା। ଆରମ୍ଭରୁ ପୁଅଘର ଲୋକେ ଫୋନ୍ କରି ବୁଝାଶୁଝା କରୁଥିଲେ। ହେଲେ ଏହାପରେ ଆଉ ଯୋଗାଯୋଗ କଲେ ନାହିଁ। ଫୋନ୍ କଲେ ବି କିଛି ଉତ୍ତର ମିଳିଲା ନାହିଁ। ତଥାପି ଆଶା ହରାଇ ନ ଥିଲେ ଉମା। ଏହାରି ଭିତରେ ଏସ୍‌ସିବିରୁ ତାଙ୍କୁ ଡାକ୍ତରମାନେ ଭୁବନେଶ୍ୱର ଏମ୍‌ସକୁ ପଠାଇଦେଲେ। ସେଠାରେ ଚିକିତ୍ସା ସମୟରେ ପରିବାର ପାଖରେ ଯାହା ଟଙ୍କା ଥିଲା ସବୁ ଶେଷ ହୋଇଗଲା। ସପ୍ତାହକୁ ଦୁଇଥର ଡାଏଲିସିସ୍ ଆବଶ୍ୟକ ପଡ଼ିଲା। ତେଣୁ କେଉଁଠୁ ଟଙ୍କା ଆଣିବେ, ଝିଅର ଚିକିତ୍ସା କିପରି କରିବେ ସେହି ଚିନ୍ତାରେ ଭାଙ୍ଗିପଡ଼ିଲେ ଆପା ରାଓ। ମାତ୍ର ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାଏଲିସିସ୍ ସୁବିଧା ଉପଲବ୍ଧ ହେବା ପରେ ଗତ ଜାନୁୟାରୀ ୧୫ତାରିଖରୁ ଉମାଙ୍କର ଏଠାରେ ସପ୍ତାହକୁ ଦୁଇଦିନ ଡାଏଲିସିସ୍ କରାଯାଉଛି। କିନ୍ତୁ ଡାକ୍ତର କିଡ୍‌ନୀ ପ୍ରତିରୋପଣ ପାଇଁ ପରାମର୍ଶ ଦେଇଛନ୍ତି। ଏଥିପାଇଁ ଅନେକ ଟଙ୍କା ଦରକାର। ଝିଅକୁ ଭଲ କରିବା ପାଇଁ ସବୁକିଛି କରିବାକୁ ପ୍ରସ୍ତୁତ ଥିବା ଆପ୍ପା ରାଓ ଏବେ ଅନ୍ୟମାନଙ୍କ ସହଯୋଗ ଚାହିଁଛନ୍ତି। ମଙ୍ଗଳବାର ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଏବଂ ରାଜ୍ୟ ଜରୁରିକାଳୀନ ପାଣ୍ଠିରୁ ସହାୟତା ପାଇଁ ଗୁହାରି କରିଛନ୍ତି। ଏଥିସହିତ ବଦାନ୍ୟ ବ୍ୟକ୍ତି ଏବଂ ସ୍ୱେଚ୍ଛାସେବୀ ସଂଗଠନର ମଧ ସହଯୋଗ କାମନା କରିଛନ୍ତି ଆପ୍ପା ରାଓ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ସୋସିଆଲ ମିଡିଆ ଆକାଉଣ୍ଟକୁ ମହିଳାଙ୍କ ପ୍ରତି ସମର୍ପଣ କରିଥିବା ବେଳେ ଏହାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ଦେଶକୁ ଭୟଙ୍କର କରୋନା ଭାଇରସ୍ ଆକ୍ରାନ୍ତ କରୁଥିବା ବେଳେ ଏହାକୁ କିପରି ରୋକାଯାଇ ପାରିବ ସେ ନେଇ ଚିନ୍ତା କରିବା ବଦଳରେ ମୋଦି ଅଯଥା ରାଜନୀତି କରୁଛନ୍ତି। ସମୟ ପୂର୍ବରୁ ଏନେଇ ଚିନ୍ତା କରିବା ଲାଗି ସେ ମୋଦିଙ୍କୁ ଟୁଇଟରରେ ପରାମର୍ଶ ଦେଇଛନ୍ତି।



## ସଂକ୍ଷେପରେ

### ଶତ ପ୍ରତିଶତ ଉପସ୍ଥାନ ପାଇଁ ସସ୍ମିତଙ୍କୁ ଭେଙ୍କାୟାଙ୍କ ପ୍ରଶଂସା

ଭୁବନେଶ୍ୱର,୩।୩(ବ୍ୟୁରୋ): ପାର୍ଲାମେଣ୍ଟର ଉଚ୍ଚସଦନଭାବେ ପରିଚିତ ରାଜ୍ୟ ସଭାର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ବିଭିନ୍ନ କାର୍ଯ୍ୟପରିଚାଳନା ପାଇଁ ପାର୍ଲାମେଣ୍ଟ ସ୍ଥାୟୀ କମିଟି ରହିଛି। ପାର୍ଲାମେଣ୍ଟରେ ପ୍ରତିନିଧିତ୍ୱ କରୁଥିବା ଦଳର ଏମ୍‌ପିମାନଙ୍କ ସଂଖ୍ୟାକୁ ଦେଖି ବିଭିନ୍ନ ଦଳର ସଦସ୍ୟଙ୍କୁ କମିଟିରେ ସ୍ଥାନ ମିଳିଥାଏ। ଏହି କମିଟିଗୁଡିକର ବୈଠକ ନିୟମିତ ବ୍ୟବଧାନରେ ବସିଥାଏ। ଗତମାସରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷ ନେଇ ସାଧାରଣ ବଜେଟ ଉପସ୍ଥାପନ କରାଯାଇଥିଲା। ଏହା ପରେ ପ୍ରଥମ ପର୍ଯ୍ୟାୟ ବଜେଟ ଅଧିବେଶନକୁ ସ୍ଥଗିତ ରଖାଯାଇଥିଲା। ଏହି ସମୟରେ ବିଭିନ୍ନ ସ୍ଥାୟୀ କମିଟି ବୈଠକରେ ରାଜ୍ୟ ସଭା ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ହେଲେ ସେମାନଙ୍କ ମଧ୍ୟରୁ ମାତ୍ର ୬ ଜଣ ଶତ ପ୍ରତିଶତ ଉପସ୍ଥାନ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରେ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଅନ୍ୟତମ। ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧ୍ୟକ୍ଷ ଭେଙ୍କାୟା ନାଇଡୁ ଗୃହ ଚାଲିଥିବା ସମୟରେ ଏହି ସୂଚନା ଦେଇଥିଲେ। ସସ୍ମିତଙ୍କ ସମେତ ଶତ ପ୍ରତିଶତ ଉପସ୍ଥାନ ରଖିଥିବା ଅନ୍ୟ ଏମ୍‌ପିମାନେ ହେଉଛନ୍ତି- ରାକେଶ ସିହ୍ନା, ରବି ପ୍ରକାଶ ବର୍ମା, ଅଖିଳେଶ୍ୱର ପ୍ରସାଦ ସିଂ, ଡ. ଏଲ୍ ହନୁମନ୍ତୟା ଏବଂ ପି ୱିଲସନ୍ ।

### ଏଫ୍ଏମ୍ ବିଶ୍ୱବିଦ୍ୟାଳୟର ଦଶମ ସମାବର୍ତ୍ତନ ଉତ୍ସବ ଆଜି

ବାଲେଶ୍ୱର ଅଫିସ, ୩।୩

ଫକୀରମୋହନ ବିଶ୍ୱବିଦ୍ୟାଳୟର ଦଶମ ସମାବର୍ତ୍ତନ ଉତ୍ସବ ବୁଧବାର ପାଳନ ହେବ । ନୂଆପାଢ଼ୀ ସ୍ଥିତ ବିଶ୍ୱବିଦ୍ୟାଳୟ ପରିସରରେ ଓଡ଼ିଶାର ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହେବାକୁ ଥିବା ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ବେଦ୍ ପ୍ରକାଶ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଝିଅର ମୃତ୍ୟୁ ଖବର ଶୁଣି ଡାକ୍ତରଙ୍କୁ ମାଡ଼

ସମ୍ବଲପୁର, ୩।୩ (ବ୍ୟୁରୋ)

- ଭିମ୍‌ସାରରେ ଚିକିତ୍ସା ଅବହେଳା ଅଭିଯୋଗ
- ୬ଘଣ୍ଟା ଆଇସିୟୁରେ ମୃତଦେହ ରହିଲା
- ଅନୁପସ୍ଥିତ ଥିଲେ ୨ ସିନିୟର ଡାକ୍ତର

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)ରେ ମଙ୍ଗଳବାର ଜଣେ ଡାକ୍ତରଙ୍କୁ ମାଡ ହୋଇଛି। ଚିକିତ୍ସାରେ ଅବହେଳା ଅଭିଯୋଗରେ ଜଣେ ରୋଗୀଙ୍କ ମା' ଡାକ୍ତରଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ପାଇବା ପରେ ବୁର୍ଲା ଫାଣ୍ଡି ପୋଲିସ ସମ୍ପୃକ୍ତ ମହିଳାଙ୍କୁ ଅଟକ ରଖିଥିଲା। ଏଥିଯୋଗୁ ଆଇସିୟୁରେ ପ୍ରାୟ ୬ଘଣ୍ଟା ଧରି ମୃତଦେହ ପଡି ରହିଥିଲା। ମଙ୍ଗଳବାର ଅପରାହ୍ନ ୩ଟାରେ ସମ୍ପୃକ୍ତ ମହିଳାଙ୍କୁ ପୋଲିସ ଛାଡିବା ପରେ ସେ ଝିଅର ମୃତଦେହ ନେଇ ଘରକୁ ଫେରିଛନ୍ତି।

ଅଭିଯୋଗ ଅନୁସାରେ ରାଉରକେଲାର ଫରିନ ଖାତୁନ(୧୫) ହୃଦ୍‌ରୋଗରେ ଶିକାର ହୋଇଥିଲେ। ପ୍ରଥମେ ସେ ରାଉରକେଲା ଆଇଜିଏଚ୍‌ରେ ଭର୍ତ୍ତି ହୋଇଥିଲେ। ହେଲେ ରବିବାର ତାଙ୍କୁ ଭିମ୍‌ସାରର ମେଡିସିନ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ଜଟିଳ ହେବାରୁ ସୋମବାରଠାରୁ ତାଙ୍କୁ ଆଇସିୟୁରେ ରଖାଯାଇଥିଲା। ହେଲେ ମଙ୍ଗଳବାର ଭୋର ୫ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଚିକିତ୍ସା କରୁଥିବା ପିଜି ଛାତ୍ର ଡା. ଅନ୍ତରାମ ପାତ୍ର ଫରିନଙ୍କ ମା' ପରବିନ ଖାତୁନଙ୍କୁ ଝିଅର ମୃତ୍ୟୁ ଘଟିଥିବା ଜଣାଇଥିଲେ। ହେଲେ ପରବିନ କିଛି ବୁଝିବା ଆଗରୁ ରାଗି ଯାଇ ଡାକ୍ତର ପାତ୍ରଙ୍କୁ ମାଡ଼ ମାରିଥିଲେ। ଚିକିତ୍ସାରେ ଅବହେଳା ଯୋଗୁ ଝିଅର ମୃତ୍ୟୁ ଘଟିଥିବା ସେ ଅଭିଯୋଗ ଆଣିଛନ୍ତି। ସୋମବାର ରାତିରେ ୨ଜଣ ସିନିୟର ଡାକ୍ତର ଅନୁପସ୍ଥିତ ଥିଲେ। ଜଣେ ପିଜି ଛାତ୍ରଙ୍କ ଉପରେ ୧୪ଜଣ ରୋଗୀଙ୍କ ଚିକିତ୍ସା ଦାୟିତ୍ୱ ଛାଡି ଦିଆଯାଇଥିଲା। ଏଣୁ ଡ୍ୟୁଟିରେ ଥିବା ଡାକ୍ତର କୁଆଡେ ଯାଇଥିଲେ ତା'ର ତଦନ୍ତ କରାଯାଉ ବୋଲି ପରବିନ ଦାବି କରିଛନ୍ତି। ଡାକ୍ତର ପାତ୍ର କହିଛନ୍ତି, ରୋଗୀର ଅବସ୍ଥା ଗୁରୁତର ଥିଲା। ଭୋରରୁ ତାଙ୍କର ହାର୍ଟ ବିଟ୍ ବନ୍ଦ ହୋଇଯାଇଥିଲା। ତେଣୁ ସିଆର ମାଧ୍ୟମରେ ଚିକିତ୍ସା କରାଯାଇଥିଲା। ହେଲେ ତାଙ୍କ ମା' ଭୁଲ୍ ବୁଝିଛନ୍ତି। ଅନ୍ୟପକ୍ଷେ ଭିମ୍‌ସାରରେ ବାରମ୍ବାର ରୋଗୀଙ୍କ ସମ୍ପର୍କୀୟ ଡାକ୍ତରଙ୍କୁ ଆକ୍ରମଣ କରୁଛନ୍ତି। ଏଣୁ ଜୁନିୟର ଡାକ୍ତର ସଂଘ କର୍ମକର୍ତ୍ତା ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କୁ ଭେଟି ସୁରକ୍ଷା ଦାବି କରିଛନ୍ତି।

# ୧୫ରେ ବକେୟା ପେନ୍‌ସନ ମାମଲାର ସମାଧାନ ନିଷ୍ପତ୍ତି

ଭୁବନେଶ୍ୱର,୩।୩(ବ୍ୟୁରୋ)

ରାଜ୍ୟରେ ଥିବା ଅବସର ପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କ ବକେୟା ପେନ୍‌ସନ ମାମଲାର ଆଶୁ ଫଇସଲା କରାଯିବ। ଏଥିପାଇଁ ପ୍ରତି ଜିଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପେନ୍‌ସନ ଅଦାଲତ ଆରମ୍ଭ କରାଯିବ। ଆସନ୍ତା ୧୫ରେ ଏହି ପେନ୍‌ସନ ଅଦାଲତ ବସାଇବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏହି ମର୍ମରେ ଏକ ଚିଠିରେ ଦର୍ଶାଯାଇଛି, ବକେୟା ପେନ୍‌ସନ ମାମଲାର ଶୁଣାଣି ଓ ଫଇସଲା କରିବା ପାଇଁ ଏହି ପେନ୍‌ସନ ଅଦାଲତ କରାଯାଉଛି। ଏହାଦ୍ୱାରା ବିଭାଗର ଅବସର ପ୍ରାପ୍ତ ଶିକ୍ଷକ, କର୍ମଚାରୀମାନଙ୍କ ବକେୟା ପେନ୍‌ସନ ମାମଲା ଶୀଘ୍ର ଫଇସଲା ହୋଇପାରିବ। ସମୀକ୍ଷାରୁ ଜଣାପଡିଛି ଯେ, ଶିକ୍ଷକ ଓ ଷ୍ଟାଫ୍‌ମାନଙ୍କର ଅବସରକାଳୀନ ତଥ୍ୟ ଠିକ୍‌ଭାବେ ପଞ୍ଜୀକୃତ ନ ହେବା ସହିତ ପେନ୍‌ସନ କାଗଜପତ୍ର ଠିକ୍ ସମୟରେ କାର୍ଯ୍ୟାଳୟରେ ଦାଖଲ କରାଯାଇ ନାହିଁ। କେତେକ କ୍ଷେତ୍ରରେ ଭିଜିଲାନ୍‌ସ ଏବଂ ଅନ୍ୟାନ୍ୟ ମାମଲା ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଚୂଡ଼ାନ୍ତ ହୋଇ ନ ଥିବା ଏବଂ କେତେକ କ୍ଷେତ୍ରରେ ସର୍ଭିସ୍ ବୁକ୍, ଉତ୍ତରାଧିକାରୀ ସାର୍ଟିଫିକେଟ ଆଦି ଦାଖଲ ହୋଇ ନ ଥିବାରୁ ପେନ୍‌ସନ ଦେବାରେ ବିଳମ୍ବ ଘଟୁଛି। ବିଭାଗୀୟ ପଦକ୍ଷେପ ଗ୍ରହଣ କରିବାକୁ ସମ୍ପୃକ୍ତ ଜିଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

# ପୋଲିସ ଏସ୍‌ଆଇଙ୍କୁ ହଜାରେ ଟଙ୍କା ଜରିମାନା

ବଲାଙ୍ଗୀର ଅଫିସ, ୩।୩

- ବିନା ହେଲମେଟ୍‌ରେ ବାଇକ୍ ଚାଳନା
- ସୋସିଆଲ ମିଡ଼ିଆରେ ଭିଡିଓ ଭାଇରାଲ
- କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ ଏସ୍‌ପି




ମଙ୍ଗଳବାର ବିନା ହେଲମେଟ୍‌ରେ ବାଇକ୍ ଚଳାଉଥିବା ଜଣେ ପୋଲିସ ସବ୍‌ଇନ୍‌ସପେକ୍ଟର ୧ହଜାର ଟଙ୍କା ଜରିମାନା ଗଣିଛନ୍ତି। ଏହି ଜରିମାନା ପୋଲିସ କି ଆରଟିଓ ବିଭାଗ କାଟି ନାହିଁ। ସମ୍ପୃକ୍ତ ପୋଲିସ ସବ୍‌ଇନ୍‌ସପେକ୍ଟର ବିନା ହେଲମେଟ୍‌ରେ ବାଇକ ଚଲାଇବାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ବଲାଙ୍ଗୀର ଏସ୍‌ପି ସନ୍ଦୀପ ମାଡକର ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସମ୍ପୃକ୍ତ ପୋଲିସ ସବ୍‌ଇନ୍‌ସପେକ୍ଟରଙ୍କଠାରୁ ଚାଲାଣ କାଟିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବଲାଙ୍ଗୀର ଟାଉନ୍ ଥାନା ସବ୍‌ଇନ୍‌ସପେକ୍ଟର ଅବିନାଶ ନାୟକ ବିନା ହେଲେମେଟ୍‌ରେ ବାଇକ୍ ଚଲାଇ ଯାଉଥିଲେ। କେତେକ ଲୋକ ମୋବାଇଲରେ ତାର ଭିଡିଓ ରେକର୍ଡିଂ କରିଥିଲେ। ପରେ ଏହି ଭିଡିଓକୁ ସୋସିଆଲ ମିଡ଼ିଆରେ ଭାଇରାଲ କରିବା ପରେ ଏସ୍‌ପି ମାଡକରଙ୍କ ପାଖକୁ ତାହା ପଠାଇ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଉକ୍ତ ଭିଡିଓକୁ ଦେଖିବା ପରେ ଏସ୍‌ପି ମାଡକର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସବ୍‌ଇନ୍‌ସପେକ୍ଟର ନାୟକଙ୍କଠାରୁ ୧ହଜାର ଟଙ୍କାର ଚାଲାଣ କଟାଯାଇ ଫାଇନ୍ ଆଦାୟ କରାଯାଇଛି। ଟାଉନ୍ ଥାନା ଆଇଆଇସି ସଂଗ୍ରାମ ପଟ୍ଟନାୟକଙ୍କୁ ପଚରାଯିବାରୁ ସେ ଏସ୍‌ପିଙ୍କ କାର୍ଯ୍ୟାନୁଷ୍ଠାନକୁ ସ୍ୱୀକାର କରିଛନ୍ତି। ସଂପୃକ୍ତ ପୋଲିସ ଅଧିକାରୀଙ୍କଠାରୁ ୧ହଜାର ଟଙ୍କାର ଚାଲାଣ କଟାଯାଇଛି ବୋଲି ସ୍ପଷ୍ଟ କରିଛନ୍ତି।

# ଓସା ନିର୍ବାଚନକୁ ସ୍ୱଚ୍ଛ, ଶୃଙ୍ଖଳିତ କରିବା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୩।୩(ବ୍ୟୁରୋ)

ଓଡ଼ିଶା ସଚିବାଳୟ ସେବା ସଂଘ(ଓସା)ର ପ୍ରତ୍ୟେକ ସଦସ୍ୟ ସଂଘର ହେବାକୁ ଥିବା ନିର୍ବାଚନରେ ସକ୍ରିୟ ସହଯୋଗ କରିବେ। ଓସା ହାଉସ ଇଲେକ୍ସନ କମିଶନଙ୍କ ଦ୍ୱାରା ଏ ନେଇ ମଙ୍ଗଳବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ଫେବୃୟାରୀ ୧୪ ସାଧାରଣ ପରିଷଦ ବୈଠକ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ସ୍ଥିର କରାଯାଇଛି। ଚଳିତ ମାସ ୧୭ ତାରିଖ ସୁଦ୍ଧା ସମସ୍ତ ଡେସ୍କ ଅଫିସର(ଡିଓ)/ଉପ ବିଭାଗ ଅଧିକାରୀ(ଏସ୍‌ଓ)ନିଜ ନିଜ ବିଭାଗୀୟ ସଦସ୍ୟଙ୍କ ତାଲିକା ଦାଖଲ କରିବେ। ପ୍ରତି ବିଭାଗର ସଭାପତି, ସାଂସ୍କୃତିକ ସମ୍ପାଦକ ଏହି ପ୍ରକ୍ରିୟାରେ ଡିଓ ଏବଂ ଏସ୍‌ଓଙ୍କୁ ସହଯୋଗ କରିବେ। କୌଣସି ସଦସ୍ୟ ଅନ୍ୟ କିଛି ପ୍ରସଙ୍ଗ ଉପରେ ପରାମର୍ଶ ଏବଂ ମତାମତ ଦେବାକୁ ଚାହିଁଲେ ସିଧାସଳଖ ଇଲେକ୍ସନ କମିଶନ, ଓସାଙ୍କୁ ଲିଖିତ ଆକାରରେ ଦାବି ଜଣାଇ ପାରିବେ। ଇ-ମେଲ୍ ଅଥବା ହ୍ୱାଟସ୍ ଅପ୍ ବାର୍ତ୍ତା ଗ୍ରହଣୀୟ ନୁହେଁ ବୋଲି ମଧ୍ୟ ବିଜ୍ଞପ୍ତିରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ଓସାର ନୂତନ କର୍ମକର୍ତ୍ତା ନିର୍ବାଚିତ ନ ହେଲା ଯାଏ, ଓସା ଭବନରେ କୌଣସି ପ୍ରକାର କାର୍ଯ୍ୟକ୍ରମ, ଉତ୍ସବ କରାଯିବାକୁ ଅନୁମତି ଦିଆଯାଇନାହିଁ। କୌଣସି କାର୍ଯ୍ୟକ୍ରମ ପାଇଁ କମିଶନଙ୍କଠାରୁ ଲିଖିତ ଅନୁମତି ନେବାକୁ ପଡିବ। ନିର୍ବାଚନକୁ ଯଥାସମ୍ଭବ ସ୍ୱଚ୍ଛ ଓ ଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ନିର୍ଦ୍ଦେଶ ରହିଛି। ଓସା ନିର୍ବାଚନ ସମ୍ପର୍କିତ ନିୟମ ଉଲ୍ଲଂଘନ ହେଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି।

### ୨ ଜିଲା ପରିଷଦ ଉପନିର୍ବାଚନ ଘୁଞ୍ଚିବା ପ୍ରସଙ୍ଗ

# ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ଭେଟିଲା ଭାଜପା

ଭୁବନେଶ୍ୱର,୩।୩(ବ୍ୟୁରୋ)

କଟକ ଏବଂ ବଲାଙ୍ଗୀରରେ ହେବାକୁ ଥିବା ୨ ଜିଲା ପରିଷଦର ଉପନିର୍ବାଚନ ତାରିଖ ରାଜ୍ୟ ନିର୍ବାଚନ ଆୟୋଗ ଶାସକ ଦଳ ଚାପରେ ପୁଣି ଥରେ ଘୁଞ୍ଚାଇଛି। ପୂର୍ବରୁ ଏହି ଉପନିର୍ବାଚନ ମାର୍ଚ୍ଚ ୫ ତାରିଖରେ କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ବିଜ୍ଞପ୍ତି ପ୍ରକାଶ କରିଥିଲେ। ପରେ ଏହି ତାରିଖକୁ ଘୁଞ୍ଚାଇ ମାର୍ଚ୍ଚ ୨୦ ତାରିଖରେ ନିର୍ବାଚନ କରାଯିବା ପାଇଁ ଘୋଷଣା କରାଯାଇଥିଲା। ଭାଜପା ଏହି ଉପନିର୍ବାଚନ ପାଇଁ ପ୍ରସ୍ତୁତ ଥିବା ସମୟରେ ନିର୍ବାଚନ ଆୟୋଗ ଏହି ତାରିଖକୁ ପୁଣିଥରେ ୨୪ ମାର୍ଚ୍ଚକୁ ଘୁଞ୍ଚାଇଛନ୍ତି। ବାରମ୍ବାର ତାରିଖ ପରିବର୍ତ୍ତନକୁ ବିରୋଧ କରିବା ସହ ପୂର୍ବ ଘୋଷିତ ମାର୍ଚ୍ଚ ୨୦ ତାରିଖରେ ଉପନିର୍ବାଚନ କରିବା ପାଇଁ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ଭେଟି ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ନିର୍ବାଚନ ଆୟୋଗ ଯେଉଁ ତାରିଖ ଘୋଷଣା କରିଥିଲେ ସେହି ତାରିଖରେ ନିର୍ବାଚନ କରନ୍ତୁ ବୋଲି ଭାଜପା ପକ୍ଷରୁ ଦାବି କରାଯାଇଛି। ଏହି ପ୍ରତିନିଧି ଦଳରେ କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ମହିଳାମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଠାକୁର ରଞ୍ଜିତ ଦାସ, ପବିତ୍ର ଦାସ, ସରୋଜ ସାମଲ, କସ୍ତୁରୀ ମିଶ୍ର ପ୍ରମୁଖ ସାମିଲ ଥିଲେ।

# ସିକ୍ୟୁରିଟି ସଂସ୍ଥାକୁ ନିୟନ୍ତ୍ରଣ କରିବେ କଣ୍ଟ୍ରୋଲିଂ ଅଥରିଟି

ଭୁବନେଶ୍ୱର,୩।୩(ବ୍ୟୁରୋ)

ରାଜ୍ୟର ବିଭିନ୍ନ ସ୍ଥାନରେ ଛତୁ ଫୁଟିଲାଭଳି ଘରୋଇ ସିକ୍ୟୁରିଟି ସଂସ୍ଥା ଖୋଲିସାରିଲାଣି। ବର୍ତ୍ତମାନ ସ୍ଥିତିରେ ଏହି ସିକ୍ୟୁରିଟି ସଂସ୍ଥାଗୁଡ଼ିକୁ ନିୟନ୍ତ୍ରଣ କରିବା ଲାଗି ରାଜ୍ୟ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ଯାଉଛନ୍ତି। ଏଥିଲାଗି ଗୃହ ବିଭାଗର ଜଣେ ଅଧିକାରୀ କଣ୍ଟ୍ରୋଲିଂ ଅଥରିଟି ଭାବେ କାର୍ଯ୍ୟ କରିବେ ବୋଲି ସୂଚନା ମିଳିଛି। ଯେଉଁ ଅଧିକାରୀ ଏହି ଦାୟିତ୍ୱରେ ରହିବେ ତାଙ୍କ ହାତରେ ଏହି ଘରୋଇ ସଂସ୍ଥାଗୁଡ଼ିକର ନିୟନ୍ତ୍ରଣ ରହିବ। କେବଳ ଏତିକି ନୁହେଁ, ଗଢି ଉଠୁଥିବା ଏହି ସିକ୍ୟୁରିଟି ସଂସ୍ଥାଗୁଡ଼ିକରେ କିପରି ସୁରକ୍ଷା ବ୍ୟବସ୍ଥା ଅଧିକ ଉନ୍ନତର ହୋଇପାରିବ ସେଦିଗରେ ସେହି ଅଧିକାରୀ ଜଣକ ଗୁରୁତ୍ୱ ଦେବେ।

ମିଳିଥିବା ସୂଚନା ମୁତାବକ, ପୂର୍ବରୁ ଜଣେ ପୋଲିସ ଅଧିକାରୀଙ୍କୁ ଘରୋଇ ସିକ୍ୟୁରିଟି ସଂସ୍ଥାଗୁଡ଼ିକ ପାଇଁ କଣ୍ଟ୍ରୋଲିଂ ଅଥରିଟି ଭାବେ ନିଯୁକ୍ତି ମିଳିଥିଲା। ଏବେ ତାଙ୍କୁ ଏହି ଦାୟିତ୍ୱ ମିଳିପାରେ ବୋଲି ଶୁଣିବାକୁ ମିଳୁଛି। ନିକଟରେ କେନ୍ଦ୍ର ସରକାର ଘରୋଇ ସୁରକ୍ଷା ସଂସ୍ଥା ନିୟନ୍ତ୍ରଣ ଆକ୍ଟର ଆଦର୍ଶ ସଂହିତା ଜାରି କରିଛନ୍ତି। ଏଥିରେ ଘରୋଇ ସଂସ୍ଥାଗୁଡ଼ିକର ଅର୍ଥ ପରିବହନ କାର୍ଯ୍ୟକଳାପ ଜଡିତ ଅଛି। ଏହି ଆଇନ ଅନୁଯାୟୀ ଟଙ୍କା ନେଇ ଯାଉଥିବା ଗାଡ଼ିର ଡିଜାଇନ, ଗୋଟିଏ ଗାଡ଼ିରେ କେତେ ସଂଖ୍ୟାରେ କର୍ମଚାରୀ ଓ ସୁରକ୍ଷା କର୍ମୀ ମୁତୟନ ହେବେ, ସେମାନଙ୍କ ନିଯୁକ୍ତି ଆଗରୁ ଆପରାଧିକ ପୃଷ୍ଠଭୂମିର ଯାଞ୍ଚ କରିବା, କର୍ମଚାରୀମାନଙ୍କୁ ତାଲିମ ଦେବା ସାଙ୍ଗକୁ ଗୋଟିଏ ଗାଡ଼ିରେ କେତେ ଅର୍ଥ ଯାଇପାରିବ ଏବଂ ଏହାର ପରିଚାଳନା କେମିତି କରାଯିବ ସେନେଇ ସମ୍ପୂର୍ଣ୍ଣ ବିବରଣୀ ରହିଛି। ଗାଡିଗୁଡ଼ିକ କେଉଁ ସମୟରେ ଟଙ୍କା ଧରି ଯାତାୟାତ କରିବ ସେନେଇ ମଧ୍ୟ ଉଲ୍ଲେଖ କରାଯାଇଛି। ବର୍ତ୍ତମାନ ଘରୋଇ ସୁରକ୍ଷା ସଂସ୍ଥା ନିୟନ୍ତ୍ରଣ ଆଇନର ଉପବିଧି ରାଜ୍ୟ ସରକାର ପ୍ରସ୍ତୁତ କରିବେ। ଏହା ସମ୍ପୂର୍ଣ୍ଣ ହେବାପରେ ଟଙ୍କା ପରିବହନ ପାଇଁ ଘରୋଇ ସଂସ୍ଥାଗୁଡ଼ିକୁ ୬ ମାସ ପର୍ଯ୍ୟନ୍ତ ସମୟ ମିଳିବ। ଏହା ଉପରେ ତୁରନ୍ତ ମଡେଲ ରୁଲ୍ ପ୍ରକାଶ କରିବା ପାଇଁ ବିଜ୍ଞପ୍ତି ଜାରି କରିବାକୁ କେନ୍ଦ୍ର ସରକାର ନିକଟରେ ରାଜ୍ୟ ସରକାରଙ୍କୁ କହିଛନ୍ତି। ପୂର୍ବାଞ୍ଚଳ ପରିଷଦ ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା ହୋଇଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି।

# ପଶ୍ଚିମ ଓଡ଼ିଶାରେ ଦ୍ୱିତୀୟ ରାଜଧାନୀ କର: ଭକ୍ତ ଦାସ

ବଲାଙ୍ଗୀର ଅଫିସ, ୩।୩



ଭକ୍ତ ଦାସ

ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ସହରରେ ରାଜ୍ୟର ଦ୍ୱିତୀୟ ରାଜଧାନୀ କରାଯାଉ ବୋଲି ବରିଷ୍ଠ କଂଗ୍ରେସ ନେତା ଭକ୍ତ ଦାସ ଦାବି କରିଛନ୍ତି। ବଲାଙ୍ଗୀର ସାମ୍ବାଦିକ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦାସ କହିଛନ୍ତି, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ବିକାଶ ଏ ପର୍ଯ୍ୟନ୍ତ ହୋଇନାହିଁ। ସରକାର ଯେତେ ବାହାବା ନେଲେ ମଧ୍ୟ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଦାରିଦ୍ର୍ୟ, ଦାଦନ ଶ୍ରମିକ, ବେକାରୀ, ବେରୋଜଗାରୀ, କୁପୋଷଣ, ପାନୀୟ ଜଳ ସମସ୍ୟା, ଅଶିକ୍ଷା ଭରି ରହିଛି। ସାଧାରଣ ଲୋକଙ୍କ କଥା ଛାଡ଼ନ୍ତୁ ଏହି ଅଞ୍ଚଳର ରାଜନେତାମାନଙ୍କୁ ମଧ୍ୟ ସମ୍ମାନ ମିଳୁନାହିଁ। ଏପରି କି ଭାଜପାର ସୁରେଶ ପୂଜାରୀ, ବିଜେଡିର ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସର ନରସିଂହ ମିଶ୍ରଙ୍କୁ ମଧ୍ୟ ଦକ୍ଷତା ଅନୁସାରେ ଉଚିତ୍ ସମ୍ମାନ ମିଳୁନାହିଁ। ପଶ୍ଚିମ ଓଡ଼ିଶାର ରାଜନେତାମାନଙ୍କୁ ରାଜନୈତିକ ଶ୍ରମିକ ଭଳି ବ୍ୟବହାର କରାଯାଉଛି। ଯାହା ବିକାଶ ହୋଇଛି କଟକ, ଭୁବନେଶ୍ୱରରେ ସୀମିତ ରହିଛି। ସରକାର ରାଜ୍ୟର ଅନ୍ୟ ଅଞ୍ଚଳରେ ସେଭଳି ବିକାଶ ଚିତ୍ର ଦେଖାଇ ପାରିବେ ନାହିଁ। ଏଣୁ ଅନୁନ୍ନତ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଅର୍ଥନୈତିକ ବିକାଶ ଓ ସାମଗ୍ରିକ ଉନ୍ନତି ସକାଶେ ସେହି ଅଞ୍ଚଳର ପ୍ରମୁଖ ସ୍ଥଳରେ ଦ୍ୱିତୀୟ ରାଜଧାନୀ କରାଯାଉ ବୋଲି ସେ ଦାବି କରିଛନ୍ତି।

ଏହି ଅବସରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ବର୍ଷରେ ତାଙ୍କୁ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଜଣାଇ ସମଗ୍ର ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ଏକ ବଡ଼ଧରଣର ସ୍ୱାଭିମାନ ସଚେତନତା ଅଭିଯାନ ଆରମ୍ଭ କରିବେ ବୋଲି ସେ ସୂଚନା ଦେଇଥିଲେ। ଭକ୍ତ ଆହୁରି କହିଥିଲେ, କେବିକେ-କନ୍ଧମାଳ ସ୍ୱୟଂଶାସିତ ପରିଷଦ ଗଠନ କରାଯାଉ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଭଳି ବ୍ୟାପକ ଅଞ୍ଚଳକୁ ସାମିଲ କରାଯାଇ ଏହି ଅଞ୍ଚଳର ବିକାଶ ପାଇଁ ସରକାର ଆଗାମୀ ୧୦ ବର୍ଷ ସକାଶେ ରାଜ୍ୟ ବଜେଟର ଏକ ତୃତୀୟାଂଶ ଟଙ୍କା ଯୋଗାଇ ଦିଅନ୍ତୁ। କ୍ଷମତାର ବିକେନ୍ଦ୍ରୀକରଣ କରିବାକୁ ହେଲେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଦ୍ୱିତୀୟ ରାଜଧାନୀ ପ୍ରତିଷ୍ଠା କରାଯାଉ। ସେଠାରେ ବିଧାନସଭା ଅଧିବେଶନ ବସାଯିବା ସହ କଟକ-ଭୁବନେଶ୍ୱରରେ ଥିବା ସମସ୍ତ ଅଫିସରଙ୍କ ଦ୍ୱିତୀୟ ଅଫିସ ଉକ୍ତ ଦ୍ୱିତୀୟ ରାଜଧାନୀରେ କରାଯାଉ ବୋଲି ଦାବି କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଗ୍ରୀନ୍ କଳାହାଣ୍ଡିର ସିଦ୍ଧାର୍ଥ ନାଏକ ଓ ଆଡଭୋକେଟ କିଶୋର ପଣ୍ଡା ଉପସ୍ଥିତ ଥିଲେ।


ଧରିତ୍ରୀ DHARITRI — CAREER APPOINTMENT — ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**REQUIRED**
We required a Surveyor for milching Animal Survey on Mobile Application for all District in Odisha.
Mail id : info@promote2ngo.in
Contact = 09556245507

**Shree Tirupati Courier Service**
50, Ashok Nagar, BBSR
ଡ୍ରାଇଭର, ଡେଲିଭରି Boy ଦରକାର । ରହିବା ସୁବିଧା ଅଛି ।
Mob.-9437142064

10th, +2, +3 Pass 18 ବର୍ଷରୁ ଅଧିକ ଇଚ୍ଛୁକ ପ୍ରାର୍ଥୀ Job କରିବା ପାଇଁ ଚାହୁଁଛନ୍ତି ଏହି ନଂ. -
7978834284, 8895329791
ସହିତ ଯୋଗାଯୋଗ କରନ୍ତୁ।

**କାର ଡ୍ରାଇଭର ଆବଶ୍ୟକ**
ଜଗତପୁର ଅଫିସ ପାଇଁ । ଯୋଗାଯୋଗ ପାଇଁ
Mob : 9437021279
7381075901
9437496020

**ଆବଶ୍ୟକ**
Receptionist, Office Assistant, Supervisor, Computer Operator, Accountant, Telecaller & other Office Staffs ଆବଶ୍ୟକ ।
ବୟସ: (18-35) Yrs. Salary (Rs.7500 to Rs.25000)
Contact : 9938676412

**REQUIRED**
2 nos. of Office Assistance Salary 8000/-, Branch Co-ordinator Salary 11000/- Visit : Urban Residency, Plot No-168, Krishna Vihar Apartment, Patrapada, Bhubaneswar
Contact - 9861214749

**PARADIP PORT TRUST** SAGARMALA
PARADIP-754142, ODISHA (INDIA)
(An autonomous body under Ministry of Shipping, Govt. of India)
No. : AD/RSC-I-21/66/2011/773 Dt.03rd March, 2020
**Walk-In-Interview**
Applications are invited from Indian Nationals for filling up **three General Duty Medical Officers** on **Contractual** basis in Paradip Port Trust. For further details, refer to our website www.paradipport.gov.in. Last date is **11.03.2020, 10.00 hours.**
PPT/PR/699/19-20 Dt-03/03/20 Sr. Dy. Secretary

**REQUIRED**
Young Dynamic sales person for Wooden Hardware and interior Materials. Freshers / Experience can apply through E-mail :- aurogroup.abhishek@hotmail.com
Contact : 9090098989

**OFFICIALLY JOB**
ଯୋଗ୍ୟତା : ଦଶମ ପାସ୍/ଫେଲ୍,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

**DIRECT JOIN**
JOB LOCATION : BBSR / CTC
•CUSTOMER CARE
•DATA ENTRY
•RECEPTION
•BACK OFFICE
•SECURITY GUARD
Salary : 8000 to 20,000/-
9090758077, 9114090108

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ୍, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

**WALK- IN INTERVIEW**
**GHANASHYAM HEMALATA VIDYAMANDIR, PURI**
Estd: 1995
(A CBSE Affiliated Co-educational Residential School)
**A walk- in interview** will be held at **Shramik Bhawan, Near Nishamani Cinema Hall, Link Road, Cuttack on 08.03.2020, 10.30 am.** for the following posts :
**PGT** - Physics, Chemistry & Biology
**TGT** - Science (PCM) **PRT** - Science (PCM)
**NTT** - (Female)
**Qualification:** As per CBSE norms. Minimum Salary is Rs. 26,000/- (PGT), Rs. 16,000/- (TGT), Rs. 12,000/- (PRT). Higher package for experienced candidates. **Free Accommodation, Fooding & Laundry for all the above posts**
**Kindly attend the interview with original certificates and mark sheets .**
Contact Nos. : 9437943924 / 7377148406 / 7873480470 / 7735629062
email id : ghvm.puri@gmail.com

**WANTED**
ଧରିତ୍ରୀ DHARITRI Oriya daily is looking for
**HR / ADMIN EXECUTIVE**
- MBA Graduates having 2-3 years+ experience in HR & Administration.
- Responsibilities will include:
  - Recruitment, screening, compiling & conducting joining formalities.
  - Well versed with sourcing & job posting on popular job portals & social networking sites.
  - Coordinating/ scheduling interviews & following upon the process status.
  - Administrative duties such as updating employee records and other official registers / documents.
  - Should have excellent verbal / written communication & interpersonal skills.
  - Should be flexible for working hours based on the need.
  - Good analytical skills with grasp on MS Office (Word, Excel, PPT) is a must.

Apply immediately to : recruitment@dharitri.com
Attractive salary commensurate with experience

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ।
Salary : 27,000/-
Qul : 7th to 10th & above
Contact = 7606804341

**ଆବଶ୍ୟକ**
ଲାଇଟ ଟ୍ରାନ୍ସପୋର୍ଟ ଲାଇସେନ୍ସ ଥିବା ଡ୍ରାଇଭର-୨ଜଣ, ଇଲେକ୍ଟ୍ରି ଓଲ୍ଡର-୧, କଟା ମେସିନ୍ ଚାଳକ-୨ଜଣ ଆବଶ୍ୟକ। ଦରମା ୧୦,୦୦୦/୧୨,୦୦୦, ରହିବା ସୁବିଧା ଅଛି। ଶୀଘ୍ର ଯୋଗାଯୋଗ :-
9040150146, 9238579309

**Urgently Required**
**Diploma Civil** (Fresh/Exp.) -20 Nos., **Matric to Graduate** - 40 Nos., **Auto Cadd** - 02 Nos.
*(Sal - 5,000 to 50,000)*
Contact : 9556880775
7873563668

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସଂକ୍ଷେପରେ

### ରାଜ୍ୟ ସଭା ଲାଗି ଘୋଡ଼ା ବେପାର ଆରମ୍ଭ
### କଂଗ୍ରେସ ବିଧାୟକଙ୍କୁ ୨୫ କୋଟି ଅଫର୍

**ଭୋପାଳ,୩।୩:** ରାଜ୍ୟ ସଭା ନିର୍ବାଚନ ୨୬ରେ ହେବାକୁ ଥିବାବେଳେ ଏନେଇ ଘୋଡ଼ା ବେପାର ଆରମ୍ଭ ହୋଇଥିବା ଜଣାପଡ଼ିଛି। ମଧ୍ୟପ୍ରଦେଶର କଂଗ୍ରେସ ବିଧାୟକ ବୈଜନାଥ କୁଶୱାହ ଭାଜପା ବିରୋଧରେ ଏନେଇ ସିଧାସଳଖ ଅଭିଯୋଗ ଆଣିଛନ୍ତି। ମୋତେ ଟଙ୍କା ଯଚାଯାଇଥିବା ବେଳେ ଏହାକୁ ଗ୍ରହଣ କରି ନଥିବା ସେ କହିଛନ୍ତି। ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟ ସଭା ଏମ୍‌ପି ଦିଗ୍‌ବିଜୟ ସିଂ ଭାଜପା ବିରୋଧରେ ଅଭିଯୋଗ ଆଣିବା ପରେ କୁଶୱାହ ପୁଣି ଅନୁରୂପ ଅଭିଯୋଗ ଆଣିଛନ୍ତି। ସିଂ ଭାଜପା ୫ କୋଟି ଆଗୁଆ ଲାଞ୍ଚ ଯାଚୁଥିବା ଅଭିଯୋଗ ଆଣିଥିବା ବେଳେ କୁଶୱାହ ୨୫ କୋଟି ଲାଞ୍ଚ ଯଚାଯାଇଥିବା ଅଭିଯୋଗ କରିଛନ୍ତି। ପ୍ରକାଶଥାଉ କି, କମଳନାଥ ସରକାରକୁ ଭାଙ୍ଗିବା ଲାଗି ଭାଜପା ସିଂଙ୍କୁ ୨୫ କୋଟି ଯାଚୁଥିବା ଅଭିଯୋଗ କରିଥିଲେ।

### ତାହିର ହୁସେନଙ୍କ ଆଗୁଆ ଜାମିନ ଆବେଦନ

**ନୂଆଦିଲ୍ଲୀ,୩।୩(ଆଇଏଏନ୍‌ଏସ୍):** ଆମ୍ ଆଦ୍‌ମୀ ପାର୍ଟି (ଏଏପି)ରୁ ନିଲମ୍ବିତ କାଉନସିଲର ତାହିର ହୁସେନ ଆଗୁଆ ଜାମିନ ପାଇଁ କୋର୍ଟରେ ଆବେଦନ କରିଛନ୍ତି। ଜିଲା ତଥା ଦୌରା ଜଜ୍ ସୁଧୀର କୁମାର ଜୈନ ବୁଧବାର ଏହାର ଶୁଣାଣି କରିବେ। ଦିଲ୍ଲୀ ଦଙ୍ଗା ବେଳେ ଗୋଇନ୍ଦା ବ୍ୟୁରୋ (ଆଇବି) କର୍ମଚାରୀ ଅଙ୍କିତ ଶର୍ମା ହତ୍ୟା ମାମଲାରେ ତାହିରଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ହତ୍ୟା ମାମଲା ରୁଜୁ ହେବା ପରେ ଏଏପି ତାଙ୍କୁ ଦଳରୁ ନିଲମ୍ବନ କରିଥିଲା।

### ଦିଲ୍ଲୀ ହିଂସା ବିରୋଧରେ ଆମେରିକାରେ ବିକ୍ଷୋଭ

**ୱାଶିଂଟନ,୩।୩(ଆଇଏଏନ୍‌ଏସ୍):** ଦିଲ୍ଲୀ ହିଂସାକୁ ବିରୋଧ କରି ଆମେରିକାର ୨୧ଟି ବିଶ୍ୱବିଦ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୟାଲେ ବିଶ୍ୱବିଦ୍ୟାଳୟର ଏକ ଛାତ୍ର ସଂଗଠନ ପକ୍ଷରୁ ଏହି ବିକ୍ଷୋଭ ଡାକରା ଦିଆଯାଇଥିଲା। ଉତ୍ତରପୂର୍ବ ଦିଲ୍ଲୀରେ ଗତ ସପ୍ତାହରେ ସାମ୍ପ୍ରଦାୟିକ ଦଙ୍ଗା ଘଟି ୪୭ ଜଣଙ୍କ ମୃତ୍ୟୁ ହେବା ସହ ୩୦୦ ଲୋକ ଆହତ ହୋଇଥିଲେ। ହିନ୍ଦୁତ୍ୱ ବିରୋଧୀ ଛାତ୍ର ସଂଗଠନ ଦ୍ୱାରା ଏହି ବିକ୍ଷୋଭର ଆୟୋଜନ କରାଯାଇଥିଲା ବୋଲି ଆମେରିକାନ ବଜାର ଖବରକାଗଜରେ ପ୍ରକାଶ ପାଇଛି।

# ଆଫଗାନ ସେନା ଘାଟିକୁ ତାଲିବାନର ଟାର୍ଗେଟ

**କାବୁଲ,୩।୩(ଏଏଫ୍‌ପି)**



### ୭ ସୈନ୍ୟ ନିହତ
### ଶାନ୍ତି ଆଲୋଚନାକୁ ନେଇ ସନ୍ଦେହ

ଆଫଗାନିସ୍ତାନର ସେନା ଘାଟି ଉପରେ ତାଲିବାନ ପକ୍ଷରୁ ଏକାଧିକ ଆକ୍ରମଣ କରାଯାଇଛି। ଫଳରେ ଆମେରିକା-ଆଫଗାନିସ୍ତାନ ଶାନ୍ତି ଆଲୋଚନାର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୋମବାର ରାତିରେ ଆଫଗାନିସ୍ତାନର ୧୩ଟି ସ୍ଥାନରେ ଥିବା ସେନା ଘାଟି ଉପରେ ତାଲିବାନ ପକ୍ଷରୁ ଆକ୍ରମଣ ହୋଇଛି। କାନ୍ଦାହାର ପ୍ରଦେଶରେ ହୋଇଥିବା ଆକ୍ରମଣରେ ୨ ଜଣ ସୈନ୍ୟ ନିହତ ହୋଇଛନ୍ତି। ସେହିପରି କାବୁଲ ନିକଟବର୍ତ୍ତୀ ଲୋଗାର ପ୍ରଦେଶରେ ହୋଇଥିବା ଆକ୍ରମଣରେ ୫ ସୁରକ୍ଷା କର୍ମୀ ପ୍ରାଣ ହରାଇଛନ୍ତି। କାତାର ରାଜଧାନୀ ଦୋହାରେ ଆମେରିକା ଓ ତାଲିବାନ ମଧ୍ୟରେ ଗତ ଶନିବାର ହୋଇଥିବା ଶାନ୍ତି ଚୁକ୍ତିନାମା ଅନୁଯାୟୀ ଉଗ୍ରପନ୍ଥୀ ଓ ଆଫଗାନ ସରକାରଙ୍କ ମଧ୍ୟରେ ମାର୍ଚ୍ଚ ୧୦ରୁ ବୁଝାମଣା ଆରମ୍ଭ ହୋଇଥାନ୍ତା। ତାହା ପୂର୍ବରୁ ତାଲିବାନ ପକ୍ଷରୁ ସେନା ଘାଟି ଉପରେ ଆକ୍ରମଣ ଫଳରେ ଆଲୋଚନାର ସଫଳତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସେହିପରି ଆଲୋଚନା ପୂର୍ବରୁ ବନ୍ଦୀ ହସ୍ତାନ୍ତରକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜିନାମା ଅନୁଯାୟୀ ତାଲିବାନମାନେ ୧୦୦୦ ବନ୍ଦୀଙ୍କୁ ମୁକ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ବଦଳରେ ଆଫଗାନ ସରକାର ପାଖାପାଖି ୫୦୦୦ ଆତଙ୍କବାଦୀଙ୍କୁ ମୁକ୍ତ କରିଥାନ୍ତେ। ଆଲୋଚନା ପୂର୍ବରୁ ଏହାକୁ ପ୍ରାକ୍‌ସର୍ତ୍ତ ରଖାଯାଇଥିଲା। ତେବେ ରାଷ୍ଟ୍ରପତି ଅଶ୍ରଫ ଗନି ବୁଝାମଣା ଆରମ୍ଭ ପୂର୍ବରୁ ବନ୍ଦୀ ହସ୍ତାନ୍ତର ଲାଗି ମନା କରିଦେଇଛନ୍ତି।

# ମହିଳାଙ୍କୁ ସୋସିଆଲ୍ ମିଡିଆ ଆକାଉଣ୍ଟ୍ ସମର୍ପିବେ ମୋଦି

**ନୂଆଦିଲ୍ଲୀ,୩।୩**

### ଦୂରହେଲା ସସ୍‌ପେନ୍ସ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ୍ ମିଡିଆ ଛାଡୁଥିବା ନେଇ ସୋମବାର ରାତିରେ ଟୁଇଟ୍ କରି ସୂଚନା ଦେଇଥିଲେ। ଏହାକୁ ନେଇ ସୋସିଆଲ୍ ମିଡିଆ ୟୁଜରଙ୍କ ମଧ୍ୟରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇବା ସହିତ ମୋଦିଙ୍କୁ ମନାଇବା ପାଇଁ କେତେକ ୟୁଜର ଉଦ୍ୟମ କରିଥିଲେ। ଜୋର୍ ସୋର୍ ଚର୍ଚ୍ଚା ମଧ୍ୟ ଜାରି ରହିଥିଲା। ଦୀର୍ଘ ୧୬ ଘଣ୍ଟାର ସସ୍‌ପେନ୍ସ ପରେ ମୋଦି ଏହାର ସତ୍ୟତା ସମ୍ପର୍କରେ ମଙ୍ଗଳବାର ଅପରାହ୍ନ ୧ଟା ୧୬ରେ ପ୍ରକାଶ କରିଛନ୍ତି। ମୋଦି ଟୁଇଟ୍ କରି କହିଛନ୍ତି ଯେ, ସେ ସୋସିଆଲ୍ ମିଡ଼ିଆ ଛାଡୁନାହାନ୍ତି। ତେବେ ଆସନ୍ତା ମାର୍ଚ୍ଚ ୮ ମହିଳା ଦିବସରେ ନିଜର ସୋସିଆଲ୍ ମିଡିଆ ଆକାଉଣ୍ଟକୁ ସେ ମହିଳାଙ୍କୁ ସମର୍ପିତ କରିବେ। ଏହାପରେ ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟିଛି।



ଜୟପୁରରେ ହୋଲି ପର୍ବ ପୂର୍ବରୁ ହର୍ବାଲ୍ ଲାଲ ରଙ୍ଗର ଫଗୁ ପ୍ରସ୍ତୁତ କରୁଛନ୍ତି ଜଣେ ଶ୍ରମିକ।

# କରୋନା ଭୟ: ବିଲେଇକୁ ଦେଶାନ୍ତର କରାଗଲା



**ଚେନ୍ନାଇ,୩।୩**

ବିଶ୍ୱବ୍ୟାପୀ ଏବେ କରୋନା ଭାଇରସ୍ ଆତଙ୍କ। ଚାଇନାରୁ ମାଡ଼ି ଏବେ ୬୬ ଦେଶକୁ ଏହା ବ୍ୟାପିଲାଣି। ଭାରତ ବି ଏଥିରୁ ବାଦ୍ ପଡ଼ିନି। ଚାରିଆଡ଼େ ଏହାକୁ ଦେଇ ଭୟ ଲାଗିରହିଥିବା ବେଳେ ୨୦ ଦିନ ତଳେ ଚାଇନାରୁ ଏକ କଣ୍ଟେନର୍‌ରେ ଭୁଲବଶତଃ ଚେନ୍ନାଇ ଚାଲି ଆସିଥିବା ବିଲେଇକୁ ପୁଣି ଚେନ୍ନାଇ ବନ୍ଦରରୁ ସେଠାକୁ ପଠାଇ ଦିଆଯାଇଛି। କାରଣ ହେଉଛି, ବିଲେଇଟି କାଳେ କରୋନା ସଂକ୍ରମଣ ହୋଇଥିବ। ପେଟା ଇଣ୍ଡିଆର ଅନୁରୋଧ କ୍ରମେ ଏଭଳି କରାଯାଇଛି। ତେବେ ଗୃହପାଳିତ ଜୀବଙ୍କୁ କରୋନା କବଳିତ କରିପାରେ ନାହିଁ ବୋଲି ଆମେରିକା ପକ୍ଷରୁ ସଫେଇ ଦିଆଯାଇଛି। ତେବେ ସେ ଯାହାହେଉ, ଦୀର୍ଘ ୨୦ ଦିନର ଯାତ୍ରାରେ କିଛି ନ ଖାଇ ବିଲେଇଟି କିପରି ବଞ୍ଚିଲା, ତାକୁନେଇ ପ୍ରଶ୍ନ ଉଠିଛି। ସିଙ୍ଗାପୁର, କଲମ୍ବୋ ଆଦି ସ୍ଥାନରେ ଜାହାଜରେ ଚାଲିଆସିଥିବା ଏହି ବିଲେଇ ମାଲ୍ ଲୋଡ୍, ଅନ୍‌ଲୋଡ୍ ବେଳେ ଆଉ କେଉଁଠାରୁ ଚାଲିଆସିନି ତ? ତାକୁନେଇ ମଧ୍ୟ ପ୍ରଶ୍ନ ଉଠିଛି। ଚାଇନାରେ ବିଲେଇକୁ ମାଂସ ଓ ଚମଡ଼ା ପାଇବା ଲାଗି ହତ୍ୟା କରାଯାଇଥାଏ। ତେଣୁ ବିଲେଇର ଦେଶାନ୍ତର କରା ନ ଯାଇ ତା'ର ଚିକିତ୍ସା କରାଯିବା ଉଚିତ୍ ହୋଇଥାନ୍ତା ବୋଲି କେତେକ ସଫେଇ ଦେଇଛନ୍ତି।

# ପଶ୍ଚିମବଙ୍ଗରେ ରହୁଥିବା ସବୁ ବାଂଲାଦେଶୀ ଭାରତୀୟ: ମମତା

**କାଳିଆଗଞ୍ଜ, ୩।୩ (ପି.ଟି.)**



ବାଂଲାଦେଶରୁ ଆସି ପଶ୍ଚିମବଙ୍ଗରେ ରହୁଥିବା ଓ ଏଠାରେ ଭୋଟ ଦେଇଆସୁଥିବା ଲୋକମାନେ ଭାରତୀୟ ନାଗରିକ। ସେମାନଙ୍କୁ ନାଗରିକତା ପାଇଁ ପୁଣିଥରେ ଆବେଦନ କରିବାର ଆବଶ୍ୟକତା ନାହିଁ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର କହିଛନ୍ତି। ଦିଲ୍ଲୀ ଦଙ୍ଗା ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ସେ ସମାଲୋଚନା କରିଛନ୍ତି। ପଶ୍ଚିମବଙ୍ଗକୁ ଆଉ ଏକ ଦିଲ୍ଲୀ ହେବାକୁ ଦିଆଯିବ ନାହିଁ ବୋଲି ସେ ଏକ ସାଧାରଣ ସଭାରେ କହିଛନ୍ତି। ପଶ୍ଚିମବଙ୍ଗରୁ ଜଣେ ହେଲେ ଲୋକଙ୍କୁ ବାହାରିଯିବାକୁ ଦିଆଯିବ ନାହିଁ ବୋଲି ମମତା ଦୃଢ଼ୋକ୍ତି କରିଛନ୍ତି।

# ଅଧୀରଙ୍କ ଅଫିସ ଭଙ୍ଗାରୁଜା

**ନୂଆଦିଲ୍ଲୀ,୩।୩**

ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କ ଦିଲ୍ଲୀ କାର୍ଯ୍ୟାଳୟରେ ମଙ୍ଗଳବାର ସନ୍ଧ୍ୟାରେ ୪ ଜଣ ଅଜଣା ବ୍ୟକ୍ତି ପ୍ରବେଶ କରି ଭଙ୍ଗାରୁଜା କରିବା ସହ ତାଙ୍କ କର୍ମଚାରୀଙ୍କୁ ଗାଳିଗୁଲଜ କରିଛନ୍ତି। ଅଧୀରଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ୍ତୋ ରାଜପଣ୍ଡିତ ଥାନାରେ ଦେଇଥିବା ଏତଲା ଅନୁଯାୟୀ, ୪ ଜଣ ଦୁର୍ବୃତ୍ତ କାର୍ଯ୍ୟାଳୟରେ ପ୍ରବେଶ କରି କଂଗ୍ରେସ ନେତାଙ୍କୁ ଖୋଜିଥିଲେ। ସେଠାରେ ଥିବା କର୍ମଚାରୀମାନଙ୍କୁ ସେମାନେ ଅଧୀରଙ୍କ ଫୋନ ନମ୍ବର ମାଗିଥିଲେ। କର୍ମଚାରୀ ଫୋନ୍ ନମ୍ବର ଦେବାକୁ ମନା କରିବାରୁ ସେମାନେ ଗାଳିଗୁଲଜ କରିବା ସହ ଅଫିସରେ ଭଙ୍ଗାରୁଜା କରିଥିଲେ। ପୋଲିସ ଘଟଣାର ତଦନ୍ତ କରୁଥିବା କହିଛି।

# କରୋନା ଭୟ: ବନ୍ଦ ହେଲା ନୌସମରାଭ୍ୟାସ

**ନୂଆଦିଲ୍ଲୀ,୩।୩**



କରୋନା ସଂକ୍ରମଣ ଭୟରେ ନୌସେନା ଏହାର ସର୍ବବୃହତ ସମରାଭ୍ୟାସ 'ମିଲନ'କୁ ସ୍ଥଗିତ ରଖିଛି। ମାର୍ଚ୍ଚ ୧୮ରୁ ୨୮ ପର୍ଯ୍ୟନ୍ତ ବିଶାଖାପାଟଣାରେ ଏହି ସମରାଭ୍ୟାସ ଅନୁଷ୍ଠିତ ହେବାର ଥିଲା। ଆମେରିକା, ରୁଷିଆ, ଫ୍ରାନ୍ସ ସମେତ ବିଭିନ୍ନ ଦେଶର ନୌସେନା ଏଥିରେ ସାମିଲ ହେବାକୁ ଆଗ୍ରହ ପ୍ରକାଶ କରିଥିଲେ। ତେବେ କରୋନା ସଂକ୍ରମଣକୁ ନେଇ ଭ୍ରମଣ କଟକଣା ଜାରି ହୋଇଥିବାରୁ ଅଂଶଗ୍ରହଣକାରୀଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ଏହାକୁ ସ୍ଥଗିତ ରଖାଯାଇଛି। ପରେ ଏଥିପାଇଁ ନୂଆ କାର୍ଯ୍ୟସୂଚୀ ସ୍ଥିର ହେବ ବୋଲି ନୌସେନା ମୁଖପାତ୍ର କମାଣ୍ଡର ବିବେକ ମାଧ୍ୱାଲ କହିଛନ୍ତି। ଅନ୍ୟପକ୍ଷରେ କରୋନା ସଂକ୍ରମଣ ସନ୍ଦିଗ୍ଧଙ୍କ ସଂଖ୍ୟା ବଢୁଥିବାରୁ କ୍ୱାରାଣ୍ଟାଇନ ଶିବିର ଖୋଲିବାକୁ ସଶସ୍ତ୍ର ବଳକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି।

The Odisha State Co-operative Milk Producers' Federation Limited
omfed www.omfed.com
D-2, Sahidnagar, Bhubaneswar-751007, Ph. No.- 0674-2546030, 2540273, 2540417, Fax No.: 0674-2540974, Email ID: omfed@yahoo.com

Ref. : MM/113/AT **TENDER NOTICE** Dated: 03.03.2020

**No. CAD-1061:-** OMFED invites sealed tenders in Two Bid System from reputed Manufacturer or Valid Authorized importer & Valid Authorized Channel Partner for supply of **01) GLUCON DELTA LACTON (GDL) & DIRECT VAT-SET CULTURE (DVS), 02) PACKING & CONSUMABLES, 03) COLOR, ESSENCE & INGREDIENTS FOR ICE CREAM, 04) DETERGENT & CHEMICALS** to different Dairies of OMFED.
For details please visit our website: **www.omfed.com**. Any further addendum, corrigendum etc. will appear only in the website. The Management reserves the right to accept or reject any or all the Tenders at any stage without assigning any reason thereof.

***Managing Director***
OIPR-06063/11/0013/1920

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ଅନୁଭୂତ ହେବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୦ | ୧୮.୩ |
| ଚାନ୍ଦବାଲି | ୩୪.୨ | ୨୦.୪ |
| କଟକ | ୩୩.୬ | ୧୮.୦ |
| ପାରାଦ୍ୱୀପ | ୨୯.୦ | ୨୧.୭ |
| ଭୁବନେଶ୍ୱର | ୩୩.୯ | ୧୯.୪ |
| ଗୋପାଳପୁର | ୩୦.୫ | ୨୦.୭ |
| ପୁରୀ | ୩୦.୬ | ୨୧.୬ |
| ଅନୁଗୋଳ | ୩୪.୭ | ୧୫.୦ |
| ବାରିପଦା | ୩୪.୦ | ୧୯.୫ |
| ଝାରସୁଗୁଡ଼ା | ୩୨.୨ | ୧୭.୨ |
| କେନ୍ଦୁଝର | ୩୧.୬ | ୧୭.୪ |
| ସମ୍ବଲପୁର | ୩୨.୯ | ୧୭.୩ |
| ସୁନ୍ଦରଗଡ଼ | ୩୦.୦ | ୧୩.୫ |
| ହୀରାକୁଦ | ୩୨.୩ | ୧୯.୧ |
| ତାଳଚେର | ୩୩.୦ | ୧୭.୩ |
| ଭବାନୀପାଟଣା | ୩୫.୫ | ୧୯.୫ |
| ବଲାଙ୍ଗୀର | ୩୪.୭ | ୧୯.୦ |
| କୋରାପୁଟ | ୩୨.୦ | ୧୫.୬ |
| ଫୁଲବାଣୀ | ୨୯.୮ | ୧୬.୪ |
| ଟିଟିଲାଗଡ଼ | ୩୫.୦ | ୧୪.୬ |
| ମାଲକାନଗିରି | ୩୫.୪ | ୧୫.୬ |
| ସୋନପୁର | ୩୪.୪ | ୧୪.୮ |
| ଦାରିଙ୍ଗିବାଡ଼ି | ୨୯.୦ | ୧୩.୦ |

ଡିଗ୍ରୀ ସେଲ୍‌ସିୟସ୍



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## 'ଦିଲ୍ଲୀରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଜଣାଅ'

**ନୂଆଦିଲ୍ଲୀ,୩।୩**

ଦିଲ୍ଲୀରେ କେତେ ସଂଖ୍ୟକ ଅନୁପ୍ରବେଶକାରୀ ଅଛନ୍ତି। ତାହାର ରିପୋର୍ଟ ଭାଜପା ଏମ୍‌ପି ପ୍ରବେଶ ବର୍ମା ଲୋକସଭାରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ମାଗିଛନ୍ତି। ସେମାନେ କିଭଳି ଦିଲ୍ଲୀରେ ପ୍ରବେଶ କରିଛନ୍ତି ଏବଂ ଏହାର ରିପୋର୍ଟ ସରକାରଙ୍କ ପାଖରେ ଅଛି କି ନାହିଁ ସେ ପ୍ରଶ୍ନ ପଚାରିଛନ୍ତି। ଏହାର ଉତ୍ତରରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଅନୁପ୍ରବେଶକାରୀ ବିନା ବୈଧ କାଗଜପତ୍ରରେ ଭାରତରେ ପ୍ରବେଶ କରିଥାନ୍ତି। ତେବେ ଏହାର ତାଲିକା ପ୍ରସ୍ତୁତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କରି ନ ଥାନ୍ତି। ତେବେ ଅନୁପ୍ରବେଶକାରୀଙ୍କ ପାଇଁ କଡ଼ା ଆଇନ କରାଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଉତ୍ତରରେ କୁହାଯାଇଛି।

[ଇତିହାସର ଆଇନାରେ]

## ମାର୍ଚ୍ଚ ୪ର ପ୍ରମୁଖ ଘଟଣା

୨୦୧୫ ମାର୍ଚ୍ଚ ୪ରେ ୟୁକ୍ରେନ୍‌ର ଏକ କୋଇଲା ଖଣିରେ ଗ୍ୟାସ୍ ନିର୍ଗତ ହେବାରୁ ସେଥିରେ କାର୍ଯ୍ୟରତ ୩୪ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ବିସ୍ଫୋରଣ ବେଳେ ଖଣିରେ ୨୩୦ ଶ୍ରମିକ ଥିଲେ। ୧୪ ଶ୍ରମିକ ଗୁରୁତର ହୋଇପଡ଼ିଥିଲେ।

୨୦୧୨ ମାର୍ଚ୍ଚ ୪ରେ କଙ୍ଗୋର ରାଜଧାନୀ ବ୍ରାଜାଭିଲେ ସହରସ୍ଥିତ ଏକ ଅସ୍ତ୍ରାଗାରରେ ସିରିଜ୍ ବିସ୍ଫୋରଣ ହେବା ଫଳରେ ୨୧୫ ଜଣଙ୍କ ପ୍ରାଣହାନି ଘଟିଥିଲା। ଶତାଧିକ ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ୬ ଚାଇନା ଶ୍ରମିକ ଥିଲେ। ମୃତକଙ୍କୁ ଚିହ୍ନଟ କରିବା କଷ୍ଟସାଧ ଥିଲା।

ODISHA LIFT IRRIGTION CORPORATION LIMITED No. CAD-1062
(A Government of Odisha Undertaking)
OFFICE OF THE EXECUTIVE ENGINEER, L.I. DIVISION, BHUBANESWAR
e-Mail: eeolicdivn.bbsr@ymail.com Tel. 0674-2391847
*e-Procurement Notice*
Bid Identification No. 519 / 2019-20 Dt. 26.02.2020

The **Executive Engineer, Lift Irrigation Division, Bhubaneswar** on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites Percentage Rate bids in online mode for installation of Medium Deep Tube Wells including supply of materials in complete shape from reputed Contractors/Firms with valid license within the State issued by P.W.D./R.W.S.S./P.H.E.D./Irrigation/M.I. Dept. having their Mud Rotary/ Combination Rig and in the profession of Ground Water Exploration, Drilling and Installation of Medium Deep Tube Wells ( Approximate up to 100 Mtr Depth) . The proof of registration & experience from the appropriate authority shall be enclosed along with the Bid.

**Details of Works :-**

| Pkg No. | Name of the Dist. | Name of work | Estimated cost (In Rs ) | EMD to be deposited ( in Rs.) | Cost of tender paper (in Rs.) | Class of Contractor | Completion period |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Khordha | Drilling and installation of 12 Nos of 200 mm dia Medium Deep Tube Well at different locations | 3994451 | 39945 | 6000/- + 5% GST on reverse charge basis | Civil C & B licence | 90 days |

1. Date & time of publishing:- 07.03.2020 at 10.00 A.M.
2. Date of seeking clarification;- Up to 16.03.2020 (10 AM to 5 PM)
3. Closing date and time :- 20.03.2020 at 5.00 P.M.
4. Opening date & time:- 21.03.2020 at 04.00P.M.

The details of tender are available in the Government tender web site i.e. www.tendersorissa.gov.in. and other related documents are available in the DTCN for bidding. Any Addendum/ corrigendum/ Cancellation of tender will be available in the said website

**Executive Engineer L.I. Division, Bhubaneswar**
OIPR-32155/11/0009/1920

ODISHA HYDRO POWER CORPORATION LTD
CIN: U40101OR1995SGC003963
(*GOVERNMENT OF ODISHA UNDERTAKING*)
OHPC
OFFICE OF THE SR. GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/P.O – CHIPLIMA– 768026, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505
No. CAD-1055

**No.-CHEP/TW-238 (Vol.-II)/679** **Date: 03.03.2020**

**TENDER CALL NOTICE NO.-CHEP-27/2019-20**

Sealed tenders are invited in two parts from the **Registered Manufacturers only** having GST Registration Certificate & IT PAN, for supply of the following materials;

| Description of Material | Cost of Tender Paper | EMD in Rs. |
|---|---|---|
| Design, Manufacturing, Supply including Supervision of Erection, Testing & Commissioning at Site of 1 No. 30MVA, 11/132KV Generator Transformer for CHEP, Chiplima | Rs.11,800/- (Rs.10,000/- + GST @18%) | 2,34,000/- |

The sale of tender papers will start from **dtd.07.03.2020** & close on **dtd.20.04.2020 at 12:30 PM**
The last date & time of receipt of tender **is Up to 01:30 PM of dtd.20.04.2020**
The date & time of opening of tender **at 03:30 PM of dtd.20.04.2020**
For details and further correspondence / corrigendum please visit our website www.ohpcltd.com. **Sd/- Unit Head, CHEP, Chiplima**
OIPR-04006/11/0016/1920

ତା୦୫।୦୩।୨୦୨୦ରିଖରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ
ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା

**ପ୍ରବନ୍ଧ ପ୍ରତିଯୋଗିତା** ସମୟ: ପୂର୍ବାହ୍ନ ଘ.୧୦.୩୦ ମିନିଟ୍ ସ୍ଥାନ: ଜୟଦେବ ଭବନ
ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ବକ୍ତୃତା ପ୍ରତିଯୋଗିତା** ସମୟ: ମଧ୍ୟାହ୍ନ ୧୨ ଘଟିକା ସ୍ଥାନ: ଗୀତଗୋବିନ୍ଦ ସଦନ
ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

DADLS-110

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ, ସେମାନେ ନିର୍ଦ୍ଧାରିତ ସମୟର ୧ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ୧ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ଶୀର୍ଷକ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତରଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ / ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ସନ୍ଧ୍ୟା ଘ.୬.୨୦ମିନିଟ୍ ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ପ୍ରଦାନ କରାଯିବ।

ନିର୍ଦ୍ଦେଶକ
ସୂଚନା ଲୋକସମ୍ପର୍କ ବିଭାଗ
OIPR-15001/13/0152/1920

OFFICE OF THE EXECUTIVE ENGINEER
BALASORE (ROADS & BUILDINGS) DIVISION-II
At/PO- Bhaskarganj, Balasore
Contact No:- 06782-263149,
No.B-790:- E Mail ID:- eepwdbls2@gmail.com

**SHORT TENDER CALL NOTICE**
**BID INVITATION NO. EE (R and B) BLS-II- 48/ 2019-20**
**No. :- 1806 Date :- 29.02.2020**

| | | | |
|---|---|---|---|
| 1 | The Executive Engineer , Balasore (R & B) Division-II , Balasore on behalf of the Governor of Odisha invites Percentage rate bids to be received in ONLINE MODE only for Roads & Buildings works . | | |
| 2 | No. of Work | : | 1 No. |
| 3 | Nature of work | : | Road work of Balasore (R&B) Division-II |
| 4 | Class of Contractor | : | C & B Class of Contractor |
| 5 | Approx. value of work | : | Rs. 25.07 Lakhs |
| 6 | Tender Cost | : | 6000.00 as per work |
| 7 | Availability of Bid Documents in the website | : | From 10.00 hours of dt. 04.03.2020 to 16:00 hours of dt. 11.03..2020. |
| 8 | Date of Opening of Bid | : | Dt. 12.03.2020 at 11:00 hours. |
| 9 | Other details can be seen in the Bidding documents from the website : **https://tendersorissa.gov.in**. | | |

**Sd./- A.K. Mohanty**
**Executive Engineer,**
**Balasore (R&B) Division-II**
**OIPR- 34078/11/0031/1920**

# ବୁଣାନ୍ତୁ ନଳିତା

**ଯେ**ଉଁ ଅଞ୍ଚଳରେ କେନାଲ କିମ୍ବା ଉଠା ଜଳସେଚନର ସୁବିଧା ଅଛି ସେଠାରେ ମାର୍ଚ୍ଚ ୧୫ ତାରିଖଠାରୁ ପିତା ନଳିତା ବୁଣାବୁଣି କାର୍ଯ୍ୟ ଆରମ୍ଭ କରାଯାଇପାରିବ । ଏଥିପାଇଁ ଜମି ପ୍ରସ୍ତୁତ କରନ୍ତୁ । ମାଟିକୁ ଭଲଭାବରେ ଗୁଣ୍ଡ କରି ହେକ୍ଟର ପ୍ରତି ୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ହେକ୍ଟର ପ୍ରତି ପିତା ନଳିତା ଲାଗି ୮୦ କି.ଗ୍ରା.



ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର, ମଧୁର ନଳିତାରେ ୬୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଶେଷ ଓଡ଼ ଚାଷ ସମୟରେ ସମୁଦାୟ ଫସ୍‌ଫରସ୍ ଓ ପଟାସ୍ ସାରକୁ ମାଟିରେ ମିଶାଇ ଦିଅନ୍ତୁ । ଯବକ୍ଷାରଜାନ ସାରର ଅର୍ଦ୍ଧେକ ବୁଣିବାର ୨୦-୨୫ ଦିନ ପରେ ଘାସ ବଛା ଓ କୋଡ଼ାଖୁସା ସମୟରେ ପ୍ରୟୋଗ କରନ୍ତୁ । ଅବଶିଷ୍ଟ ଅର୍ଦ୍ଧେକ ଏହାର ୧୫ ଦିନ ପରେ ପ୍ରୟୋଗ କରନ୍ତୁ । ଧାଡ଼ିବୁଣା ଲାଗି ହେକ୍ଟର ପ୍ରତି ୫ କିଲୋଗ୍ରାମ୍ ଓ ଛଟାବୁଣା ପାଇଁ ୭.୫ କିଲୋଗ୍ରାମ୍ ବିହନ ଆବଶ୍ୟକ । ଏକ କି.ଗ୍ରା. ବିହନ ବିଶୋଧନ ସକାଶେ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଆବଶ୍ୟକ । ପିତା ନଳିତା କିସମ : ବଳଦେବ, ଜୟଦେବ, ଶ୍ରେଷ୍ଠା, ସବୁଜସୁନା, ଶ୍ୟାମଳି, ଶ୍ରାବନ୍ତୀ ଏବଂ ମଧୁର ନଳିତା କିସମଗୁଡ଼ିକ ହେଲା ରେବତୀ, ମହାଦେବ, ବୈଶାଖୀ ତୋଷା, ଚୈତାଳି ତୋଷା, ନବୀନ ଶକ୍ତି, ସୂର୍ଯ୍ୟ, ସୁରେନ୍ ଇତ୍ୟାଦି।

# ଗୋରୁଙ୍କ ଯତ୍ନ..



**ଗୋ**ରୁଙ୍କୁ ଛାଇରେ ରଖନ୍ତୁ ଏବଂ ପରିଷ୍କାର ପାଣି ପିଇବାକୁ ଦିଅନ୍ତୁ । ଦୁଧିଆଳୀ ଓ ଗର୍ଭବତୀ ଗାଈଙ୍କୁ ପ୍ରତ୍ୟେକ ଦିନ ଅନ୍ୟାନ୍ୟ ଖାଦ୍ୟ ସହିତ ୩୦ ଗ୍ରାମ୍ ରୁ ୫୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ନିଶ୍ଚୟ ଦିଅନ୍ତୁ । ଛେଳିର ଓଜନ ଓ ପ୍ରଜନନ ବୃଦ୍ଧିପାଇଁ ପ୍ରତ୍ୟେକ ଦିନ ୫ ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଦିଅନ୍ତୁ ।

– ଗାଈମାନଙ୍କୁ ଚରିବାକୁ ଛାଡୁଥିଲେ, ସକାଳୁ ଓ ଉପରଓଳି ଚରାନ୍ତୁ । ଜର୍ସୀ, ହଲଷ୍ଟିନ୍ ବା ସଙ୍କର ଜାତୀୟ ଗାଈକୁ ଦିନବେଳେ ଗାଧୋଇ ଦିଅନ୍ତୁ ।

# ଫଳଚାଷ

**ଅ**ଧିକ ଅମଳ ପାଇବା ପାଇଁ ଗଛର ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ । ଆମ୍ବ ଡାହାଣୀ ଦମନ ଲାଗି ଆମ୍ବ କଷି ଧରିବା ଅବସ୍ଥାରେ ଥରେ ୩ ମି.ଲି. ଇମିଡ଼ାକୁ ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିମ୍ପି ତଥା ପାଉଁଶିଆ ରୋଗର ପ୍ରତିକାର ନିମନ୍ତେ ବଉଳ ହେବାର ୧୫ ଦିନପରେ ଥରେ ସଲ୍‌ଫର (ସେଚିତ ଗୁଣ୍ଡ) ୦.୪% କିମ୍ବା ୦.୧୫% ବାଭିଷ୍ଟିନ୍ ବା ପେନ୍‌କୋନାଜୋଲ୍ ୦.୫ ମି.ଲି./ଲିଟର ସିଞ୍ଚନ କରନ୍ତୁ । ଅଧିକ ଅମଳ ପାଇବା ସକାଶେ ଚଣା ଅବସ୍ଥାରେ ଗଛରେ ପ୍ଲାନୋଫିକ୍ସ କିମ୍ବା ପ୍ଲାନୋଭିଟା ୭ ମି.ଲି.କୁ ୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କଷି ଧରି ସାରିଥିଲେ ଜଳସେଚନର ବ୍ୟବସ୍ଥା କରନ୍ତୁ। ଫଳ ବଗିଚାକୁ ଉଇ ଦାଉରୁ ରକ୍ଷା କରିବା ପାଇଁ ଜଳସେଚନ ପୂର୍ବରୁ କ୍ଲୋରୋପାଇରିଫସ୍ ଗୁଣ୍ଡ ଗଛ ପ୍ରତି ୧୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ ।



ଦହିଆ ପୋକକୁ ନିୟନ୍ତ୍ରଣ କରିବାକୁ ହେଲେ ଗଛର ଗଣ୍ଡି ଚାରିପଟେ ଗ୍ରୀଜ୍‌ର ଲେପ ଭୂମି ପତ୍ତନଠାରୁ ଦେଢ଼ ଫୁଟ ଉଚ୍ଚରେ ଦିଅନ୍ତୁ ।

## ଏମାସର କୃଷି ସୂଚନା

**ଡାଲୁଅ ଧାନ :** ଧାନଜମିରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବାର ଆଶଙ୍କା ଅଛି। ଏହି ପୋକ ଲାଗିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ଏକ ଦୁଇ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନପ୍ରକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମହିଷା ରୋଗ ଦମନ ଲାଗି ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଗହମ:** ଗହମ ଗଛ ସମ୍ପୂର୍ଣ୍ଣ ହଳଦିଆ ପଡ଼ି ଶୁଖିଗଲେ ବା କେଣ୍ଡାରେ ଗହମ ଦାନା ଝଣ ଝଣ ଶବ୍ଦ କଲେ ସେଗୁଡ଼ିକ କାଟିଆଣି ଅମଳ କରି ୩/୪ ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

**ଡାଲି ଜାତୀୟ ଫସଲ :** ଜଳସେଚନର ସୁବିଧା ଥିଲେ ମୁଗ ଓ ବିରି ଫସଲରେ ୨୦-୨୫ ଦିନ ବେଳକୁ ଥରେ ଜଳସେଚନ କରନ୍ତୁ । ଜଳସେଚନ ପୂର୍ବରୁ ଟାର୍ଗା ସୁପର ଦୁଇ ମି.ଲି.କୁ ଏକ ଲିଟର ପାଣିରେ ମିଶାଇ ଫସଲକୁ ୧୫-୨୦ ଦିନ ବେଳକୁ ସିଞ୍ଚନ କଲେ ଏକ ବୀଜପତ୍ରୀ ଅନାବନା ଘାସ ଦାଉରୁ ସଂପୂର୍ଣ୍ଣ ରକ୍ଷା ମିଳିଥାଏ ।

**ତୈଳବୀଜ ଜାତୀୟ ଫସଲ :**

**ଚିନାବାଦାମ:** ଚିନାବାଦାମ ଅମଳଯୋଗ୍ୟ ହେଲେ ଅର୍ଥାତ୍ ଗଛ ହଳଦିଆ ପଡ଼ି ଶୁଖି ଆସିଲେ, ଚିନାବାଦାମ ଖୋସା ଭିତର ପଟେ କଳାଦାଗ ପଡ଼ିଲେ ଓ ଚିନାବାଦାମ ମଞ୍ଜି ଚୋପା ଗୋଲାପୀ ପଡ଼ିଆସିଲେ ଚିନାବାଦାମ ଅମଳ କରନ୍ତୁ। ଅମଳ ଚିନାବାଦାମକୁ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

# ଆଳୁ ଅମଳ ସମ୍ପର୍କରେ..

-ବର୍ତ୍ତମାନ ଆଳୁ ଅମଳ ସମୟ। ଏ ସମୟରେ ଚାଷୀଭାଇ କେତୋଟି ଦିଗ ପ୍ରତି ଯତ୍ନଶୀଳ ହେଲେ ଉତ୍କୃଷ୍ଟମାନର ଆଳୁ ଅମଳ କରିବା ସହ ପରବର୍ତ୍ତୀ ସମୟରେ ଆଳୁ ପଚିଯିବା ସମସ୍ୟାକୁ ରୋକାଯାଇପାରିବ।

-ଆଳୁ ଅମଳ କରିବାର ୮-୧୦ ଦିନ ପୂର୍ବରୁ ଜମିରେ ଜଳସେଚନ ବନ୍ଦ କର ଦିଅନ୍ତୁ। ଏହାଦ୍ୱାରା ଆଳୁର ଉପର ଚୋପା ଟାଣ ହୁଏ ଏବଂ ଅମଳ ସମୟରେ ଓ ଅମଳ ପରେ ଶଢ଼ିବାର ଆଶଙ୍କା କମ୍ ରହେ।

-ଆଳୁ ଅମଳ ସମୟରେ ଚାଷୀଭାଇ ଯତ୍ନର ସହ ହୁଡ଼ା ଭାଙ୍ଗି ଆଳୁ ଖୋଳିବା ଆବଶ୍ୟକ ଯେପରିକି ଆଳୁ କଟି ନ ଯାଏ। ଯଦି କା ଭାଁ କିଛି ଆଳୁ କଟିଯାଏ କିମ୍ବା ଆଘାତ ପାଏ, ସେଗୁଡ଼ିକୁ ଅଲଗା କରି ଶୀଘ୍ର ଖାଇବା ପାଇଁ ବ୍ୟବହାର କରିଦେବା ଆବଶ୍ୟକ।

-ଆଳୁ ଖୋଳିବା ପରେ ତାହାକୁ ପବନ ଚଳାଚଳ କରୁଥିବା ଛାଇ ଜାଗାରେ (ଖୋଲା ଘର, ଛାତ ଥିବା ଖଳା ପ୍ରଭୃତି) ପତଳା ସ୍ତରରେ ୬-୮ ଦିନ ରଖି ୩-୪ ଦିନ ଅନ୍ତରରେ ପୋଚା ଆଳୁକୁ ଅଲଗା କରିବା ଆବଶ୍ୟକ । ସୁବିଧା ନଥିଲେ ଗଦେଇ କରି ମଝିରେ ଏକ ଛିଦ୍ରଯୁକ୍ତ ପ୍ଲାଷ୍ଟିକ୍ ପାଇପ୍ ପୋତି ମଧ୍ୟ ରଖାଯାଇପାରେ ।





**ରାଶି:** ଖରାଦିନିଆ ରାଶି ଫସଲ ୩ ସପ୍ତାହର ହୋଇଗଲେ ପ୍ରଥମେ ଜଳସେଚନ କରି କୋଡ଼ାଖୁସା କରନ୍ତୁ ଓ ଘାସ ବାଛି ଦିଅନ୍ତୁ ।

**ସୂର୍ଯ୍ୟମୁଖୀ :** ଫସଲରେ ଧଳାମାଛି ବା ପତ୍ର ଉକୁଣୀ ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଆସିଟାମିପ୍ରିଡ୍ ବା ୧୨୫ ଗ୍ରାମ୍ ଥାଇଓମେଥୋକ୍‌ଜାମ୍ ଔଷଧକୁ ୫୦୦ ଲିଟର ପାଣି ସହ ମିଶାଇ ସିଞ୍ଚନ କରିବା ଆବଶ୍ୟକ ।

**ଆଖୁ :** ଆଖୁ ଲଗାଇବା କାର୍ଯ୍ୟ ଶେଷ କରନ୍ତୁ । ପୂର୍ବରୁ ଲଗାଯାଇଥିବା ଆଖୁ ଫସଲରେ ସଅଳ କିସମରେ ୪୫ ଓ ୯୦ ଦିନରେ ଏବଂ ମଧ୍ୟମ ଓ ବିଳମ୍ବ କିସମରେ ୪୫, ୯୦ ଓ ୧୨୦ ଦିନରେ ହେକ୍ଟର ପ୍ରତି ୩୦୦ କି.ଗ୍ରା. ଯବକ୍ଷାରଜାନ ସାର ସମାନ କିସ୍ତିରେ ପ୍ରୟୋଗ କରନ୍ତୁ। ୧୨୦ ଦିନ ପରେ ଆଖୁ ଫସଲରେ ଯବକ୍ଷାରଜାନ ସାର ପ୍ରୟୋଗ କରିବା ଉଚିତ ନୁହେଁ। କଳାଛଟା ରୋଗ ଆଖୁ ଗଛରେ ଦେଖାଦେଲେ ଆକ୍ରାନ୍ତ ଗଛକୁ ମୂଳରୁ ଓପାଡ଼ି କିଆରି ବାହାରେ ପୋଡ଼ି ଦିଅନ୍ତୁ। ଆକ୍ରାନ୍ତ କିଆରିରେ ପ୍ରୋପିକୋନାଜୋଲ୍ ୧.୦ ମି.ଲି., ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଛେଳି ଓ ମେଣ୍ଢା ପାଳନ :** ମାର୍ଚ୍ଚ ମାସ ବେଳକୁ ବିନା ବର୍ଷାରେ ଚରିବା ପାଇଁ ଘାସ ଯଥେଷ୍ଟ ମିଳେ ନାହିଁ । ତେଣୁ ଛେଳି ଓ ମେଣ୍ଢାମାନଙ୍କୁ ଚରି ଆସିଲା ପରେ ଯଥେଷ୍ଟ ଡାଳପତ୍ର କାଟି ଖାଇବାକୁ ଦିଅନ୍ତୁ। ଛେଳି ବା ମେଣ୍ଢା ପିଛା ଦୈନିକ ୧୦୦ ରୁ ୨୦୦ ଗ୍ରାମ୍ ସନ୍ତୁଳିତ ଦାନା ଖାଇବାକୁ ଦେଲେ ଏମାନେ ଅଧିକ ଓଜନର ହୁଅନ୍ତି । ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ କରି ଏଣ୍ଟେରୋଟକ୍ସିମିଆ ଓ ପି.ପି.ଆର୍. ରୋଗ ଟିକା ଦିଅନ୍ତୁ ।



**କୁକୁଡ଼ା ପାଳନ :** ରାଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ ଦିନରୁ ୭ ଦିନର କୁକୁଡ଼ା ଚିଆଁଙ୍କୁ ଲାସୋଟା ଟିକା ଦିଅନ୍ତୁ । ୩୦ ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟିକା ଦିଅନ୍ତୁ । ୫୬ ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ଟିକା ଦିଅନ୍ତୁ । ୧୧୨ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ବୁଷ୍ଟର ଟିକା ଦିଅନ୍ତୁ । ବର୍ତ୍ତମାନ କୁକୁଡ଼ା ଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ ରୁ ୪୦୦ ସେଲ୍‌ସିୟସ୍ ରହୁଥିଲେ କୁକୁଡ଼ା ଚିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଓହଳାଇବା ବ୍ୟବସ୍ଥା କରନ୍ତୁ। ଟିଣ, ଆଜବେଷ୍ଟସ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ । ଘର ଅଗଣାରେ ପାଳନ କରୁଥିବା ସବୁ କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା ପରେ ୬ ମାସ ଅନ୍ତରରେ ଆର୍.ଟୁ.ବି. ଟିକା ଦିଅନ୍ତୁ, ଯାହା ଫଳରେ ରାଣୀକ୍ଷେତ ରୋଗ ହେବ ନାହିଁ ।

ମାଛଚାଷ : ଏକ ହେକ୍ଟର ବିଶିଷ୍ଟ ପୋଖରୀ ଲାଗି ଦୈନିକ ୭.୫ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୭.୫ କି.ଗ୍ରା. ଚିନାବାଦାମ ପିଡ଼ିଆର ମିଶ୍ରଣ ପ୍ରସ୍ତୁତ କରି ମାଛମାନଙ୍କୁ ଖାଇବାକୁ ଦିଅନ୍ତୁ ।

ଛତୁଚାଷ : ଛତୁଚାଷ କରୁଥିଲେ ଛତୁଘର ବିଶୋଧନ କରି ପାଳଛତୁ ଚାଷ ଆରମ୍ଭ କରିଦିଅନ୍ତୁ ।

*–କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର*

## ଖରାଦିନିଆ ପନିପରିବା

**ଖ**ରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କଲରା, କାକୁଡ଼ି, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ । ଅଦିନିଆ ପନିପରିବା ଯଥା :– କୋବି, ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ। ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ । ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୧୦୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ ।



# ଫୁଲଚାଷ

**ବ୍ୟ**ବବସାୟିକ ଭିତ୍ତିରେ ଗେଣ୍ଡୁ, ରଜନୀଗନ୍ଧା, ଜିନିଆ ଆଦି ଫୁଲଚାଷ କରନ୍ତୁ ।

**ଗେଣ୍ଡୁଫୁଲ:** ଅରେଞ୍ଜୟେଲୋ(ଲଗାଇବା ଦୂରତା- ୪୦ X ୩୦ ସେ.ମି.)ଓ ସନ୍‌ସାଇନ୍(ଲଗାଇବା ଦୂରତା-୨୦ X ୧୦-୨୦ ସେ.ମି. )।

**ଜିନିଆ:** ଲିଲିପୁଟ, ଡ୍ରିମ୍, ହ୍ୱାଇଟ୍‌ବଲ୍, ସାଲ୍‌ମାନ୍ ବିଉଟି କିସମ ଅନୁସାରେ(ଲଗାଇବା ଦୂରତା-୧୫ ସେ.ମି.ରୁ ୪୦ ସେ.ମି.) ।

**ରଜନୀଗନ୍ଧା:** ସ୍ୱର୍ଣ୍ଣରେଖା, ରଜତରେଖା, ସୁଭାସିନ୍, ମୁକ୍ତା ପ୍ରଜ୍ୱଳ, ଭୈରବ, ବାଙ୍ଗାଲୋର ସିଙ୍ଗଲ୍, କ ଲ କ ତି ସିଙ୍ଗଲ୍, ମେକ୍ସିକୋ ସିଙ୍ଗଲ୍ । (ଲଗାଇବା ଦୂରତା-ଧାଡ଼ିକୁ ଧାଡ଼ି ୩୦ ସେ.ମି.ରୁ ୪୫ ସେ.ମି. ଓ ଗଛକୁ ଗଛ ୧୦ ସେ.ମି.ରୁ ୩୦ ସେ.ମି.)।

-ବାଡ଼ି ବଗିଚାର ଅଭାବରେ ଟେବୁଲ୍ ଗୋଲାପ, ଲିଲିୟମ୍ ଓ ସୂର୍ଯ୍ୟମୁଖୀ ଇତ୍ୟାଦି ଫୁଲକୁ କୁଣ୍ଡରେ ମଧ୍ୟ ଲଗାଯାଇପାରିବ । ବିହନ ମଞ୍ଜି, କୋଲା ଓ ଖଣ୍ଡରୁ ଚାରା ଉତ୍ପନ୍ନ କରାଯାଇପାରିବ।



# ଜୈବିକ କୃଷିରେ ରୋଗପୋକ ପରିଚାଳନା

**(ଦ୍ୱିତୀୟ ଅଧ୍ୟାୟ)**

– ଟ୍ରାଇକୋଡର୍ମାର ପ୍ରୟୋଗ ବିହନ ବିଶୋଧନ, ଚାରା ବିଶୋଧନ (୫ ଗ୍ରାମ ଟ୍ରାଇକୋଡର୍ମା ସହ ୨୦ ମିଲି ପାଣି ଦ୍ରବଣରେ ୧ କି.ଗ୍ରା. ବିହନ ବା ଚାରାକୁ ବୁଣିବା ବା ଲଗାଇବା ପୂର୍ବରୁ), ନର୍ସରୀ ବିଶୋଧନ (୨୫୦ ଗ୍ରାମ ଟ୍ରାଇକୋଡର୍ମା + ୨ କିଗ୍ରା ଖତକୁ ୪୦୦ ବର୍ଗମିଟର ତଳିଘରା ମାଟିରେ ମିଶାଇ ଜଳସେଚନ), ମୃତ୍ତିକାରେ ପ୍ରୟୋଗ (୧ କିଗ୍ରା ଟ୍ରାଇକୋଡର୍ମା + ୨୫ କିଗ୍ରା କମ୍ପୋଷ୍ଟ ଖତକୁ ୧ ଏକର ଜମିରେ ବିଞ୍ଚି ଜଳସେଚନ), ପତ୍ର ସିଞ୍ଚନ (୧.୩ କିଗ୍ରା ଟ୍ରାଇକୋଡର୍ମା + ୨୦୦ ଲିଟର ପାଣିର ଦ୍ରବଣକୁ ଫସଲରେ ସିଞ୍ଚନ) ଆକାରରେ କରାଯାଏ।

-ସେହିପରି ସୁଡୋମୋନାସ୍ ବୀଜାଣୁର ୫ ଗ୍ରାମ୍ + ୨୦ ମିଲି ପାଣିରେ ମିଶାଇ ୧ କିଗ୍ରା ପ୍ରତି ବିହନର ବିଶୋଧନ ଓ ୧.୫ କିଗ୍ରା + ୨୫ କିଗ୍ରା କମ୍ପୋଷ୍ଟକୁ ୧ ଏକର ଜମିରେ ପ୍ରୟୋଗ କରି ରୋଗ ନିୟନ୍ତ୍ରଣ କରାଯାଇଥାଏ।

**ଦେଶୀୟ ପଦ୍ଧତି ଦ୍ୱାରା ରୋଗପୋକ ନିୟନ୍ତ୍ରଣ: ନାଳିମାଟି:** ଝୁଡ଼ଙ୍ଗ, ବରଗୁଡ଼ି, ଲଙ୍କା, ହରଡ଼ ପ୍ରଭୃତିକୁ ନାଳିମାଟି (ଉଇ ହୁଙ୍କା ମାଟି ହେଲେ ଭଲ) ଲେପ ଦେଇ ଲଗାଇଲେ ରୋଗ, ପୋକ ନିରୋଧ ହେବା ସଙ୍ଗେ ସଙ୍ଗେ ଭଲ ଅମଳ ମିଳିଥାଏ।

**ଲେମ୍ବୁ ରସ:**୧୫୦ ମିଲି ଲେମ୍ବୁ ରସ ସହ ୧୫୦ ମିଲି ତେନ୍ତୁଳି ରସରେ ୧୫ ଲିଟର ପାଣି ମିଶାଇ ପନିପରିବା ଫସଲରେ ସିଞ୍ଚନ କଲେ ଶଂବାଲୁଆ ଦୂରେଇ ଯାଆନ୍ତି। **ନିମ୍ବପତ୍ର:** ୧୦୦ ଗ୍ରାମ୍ ନିମ୍ବପତ୍ରରୁ ରସ ବାହାର କରି ୧ ଲିଟରର ପାଣି ମିଶାଇ ସିଞ୍ଚନ କଲେ ପନିପରିବାର ପତ୍ରମୋଡ଼ା ରୋଗ ଭଲ ହୁଏ।

**ତୁଳସୀପତ୍ର:**୧୦୦ ଗ୍ରାମ ତୁଳସୀପତ୍ର, ୧ ଲିଟର ପାଣି, ୧୦ ମିଲି ସାବୁନ ପାଣି ମିଶା ପନିପରିବାର ପତ୍ରମୋଡ଼ା ରୋଗ ଓ ବିଭିନ୍ନ ଫସଲର ପତ୍ରକଟା, ଫଳ ମାଛି ଓ ନାଲିକତି ପୋକ, ସୂତ୍ରକୀଟ ଆଦି ନିୟନ୍ତ୍ରିତ ହୋଇଥାଏ।

**ଘୋଳ ଦହି:** ୧ ଲିଟର ଘୋଳ ଦହିକୁ ୧୫-୨୦ ଦିନ ପଚନ କରି ତାହାପରେ ୨୦ ଲିଟର ପାଣିରେ ମିଶାଇ ବାଇଗଣ, ଲଙ୍କା, ଆଳୁ ଫସଲରେ ସିଞ୍ଚନ କରିବା ଦ୍ୱାରା ପତ୍ରମୋଡା ରୋଗ ଦୂରେଇଯାଏ।



**ଆତପତ୍ର:** ୧ କିଗ୍ରା ଆତ ପତ୍ରକୁ ରାତିରେ ୯ ଲିଟର ପାଣିରେ ମିଶାଇ ସକାଳୁ ଭଲ ଭାବେ ହାତରେ ଚକଟି ଉକ୍ତ ମିଶ୍ରଣକୁ ଉଇ ଆକ୍ରମଣ ଫସଲ ଓ ଉଇ ସ୍ଥାନରେ ସିଞ୍ଚନ କଲେ ଉଇ ସେ ସ୍ଥାନ ଛାଡ଼ି ଚାଲିଯାଆନ୍ତି।

**ଅରଖପତ୍ର:** ୫ କିଗ୍ରା ଅରଖ ପତ୍ରକୁ ୧୫ ଲିଟର ପାଣିରେ ୨୪ ଘଣ୍ଟା ଭିଜାଇ ତାହାକୁ ଛାଣିବା ପରେ ଉଇ ଲାଗିଥିବା ସ୍ଥାନରେ ପ୍ରୟୋଗ କଲେ ଉଇମାନେ ସେ ସ୍ଥାନ ଛାଡ଼ି ଯାଆନ୍ତି।

**ଫଳ ଓ କାଣ୍ଡବିନ୍ଧା ପୋକର ନିୟନ୍ତ୍ରଣ ନିମନ୍ତେ:** ଶୁଖିଲା ଲଙ୍କା ୪୦୦ ଗ୍ରାମ + ରସୁଣ ୪୦୦ ଗ୍ରାମକୁ ଭଲ ଭାବେ ବାଟି ୨୦୦ ଲି. ପାଣିରେ ମିଶାଇ ଛାଣି ଫସଲରେ ସିଞ୍ଚନ କରନ୍ତୁ।

-ବାଇଗଣ ଓ ଝୁଡ଼ଙ୍ଗ ଫସଲରେ ଅଧିକ ଫୁଲ ଓ ଫଳ ଆସିବା ନିମନ୍ତେ ୧୦୦ ଗ୍ରାମ ଜୁଆଣୀକୁ ବାଟି ପାଣିରେ ଗୋଳାଇ ଛାଣି ୧୫ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତ କରି ସିଞ୍ଚନ କରନ୍ତୁ।

– ଗନ୍ଧି ପୋକ ଧାନ କେଣ୍ଡାରୁ କ୍ଷୀର ଶୋଷି ନେଇଥାନ୍ତି। ତାହାର ନିୟନ୍ତ୍ରଣ ପାଇଁ ଗେଣ୍ଡାକୁ ଛେଚି ୨ ଦିନ ପଚିଲା ପରେ କପଡ଼ାରେ ବାନ୍ଧି କେଣ୍ଡା ଉପରେ କ୍ଷେତ୍ରର ବିଭିନ୍ନ ସ୍ଥାନରେ ଏକର ପ୍ରତି ୪-୫ଟି ସ୍ଥାନରେ ବାଡ଼ିରେ ଟଙ୍ଗାଇ ଦିଅନ୍ତୁ। ଗନ୍ଧି ପୋକ ଆକୃଷ୍ଟ ହୋଇ ରସ ଶୋଷି ଖାଇଲେ ତାହାର ଶୁଣ୍ଢ ଅକାମୀ ହୋଇଯାଏ।

– ୫୦୦ ଗ୍ରାମ ବଚ ଗୁଣ୍ଡକୁ ୧୦ ଲିଟର ଗୋମୂତ୍ରରେ ମିଶାଇ ୩ ଦିନ ରଖି ତା'ପରେ ୯୦ ଲିଟର ପାଣିର ଦ୍ରବଣକୁ ଫସଲରେ ସିଞ୍ଚନ କରିବା ଦ୍ୱାରା ସମସ୍ତ ଫସଲର ଜଉପୋକ ନିୟନ୍ତ୍ରିତ ହୋଇଥାଏ।

– ଜଉ, ଉକୁଣିଆ ଓ ଧଳା ମାଛି କୀଟର ନିୟନ୍ତ୍ରଣ ନିମନ୍ତେ ବେଗୁନିଆ ପତ୍ର ୨ କିଗ୍ରା + ଶୁଖିଲା ଲଙ୍କା ୧୦ ଗ୍ରାମକୁ ୨୫୦ ମିଲି ପାଣି ସହ ବାଟି ୧୦ ଲିଟର ପାଣିରେ ମିଶାଇ କିଛି ସମୟ ରଖି ଛାଣି ଦେଇ ସନ୍ଧ୍ୟା ସମୟରେ ଫସଲରେ ସିଞ୍ଚନ କରନ୍ତୁ।

*–ପରେଶ କୁମାର ପଣ୍ଡା,*
*ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର,*
*ମୋ: ୭୨୦୫୦୯୬୦୮୦*

## ସଂକ୍ଷେପରେ

### ଅଜୟ୍ ଭୂଷଣ ପାଣ୍ଡେଙ୍କୁ ଅର୍ଥ ସଚିବ ଦାୟିତ୍ୱ

ନୂଆଦିଲ୍ଲୀ,୩-୩
କେନ୍ଦ୍ର ରାଜସ୍ୱ ସଚିବ ଭାବେ କାର୍ଯ୍ୟ କରୁଥିବା ଅଜୟ୍ ଭୂଷଣ ପାଣ୍ଡେଙ୍କୁ ଅର୍ଥ ସଚିବ ଭାବେ ନିଯୁକ୍ତ କରାଯାଇଛି। କେନ୍ଦ୍ର କ୍ୟାବିନେଟର ନିଯୁକ୍ତି କମିଟି ୧୯୮୪ ବ୍ୟାଚ୍ ମହାରାଷ୍ଟ୍ର କ୍ୟାଡରର ଏହି ଆଇଏଏସ୍ ଅଧିକାରୀଙ୍କୁ ଅର୍ଥ ସଚିବ ଭାବେ ମନୋନୀତ କରିଥିବା କାର୍ମିକ ମନ୍ତ୍ରଣାଳୟ ଅର୍ଡରରେ କୁହାଯାଇଛି। ପୂର୍ବରୁ ଏହି ପଦବୀରେ କାର୍ଯ୍ୟ କରୁଥିବା ରାଜୀବ କୁମାର ଗତ ମାସରେ ଅବସର ନେବା ପରେ ଉକ୍ତ ପଦବୀଟି ଖାଲି ପଡିଥିଲା। ୧୯୮୪ ବ୍ୟାଚ୍ ଝାଡଖଣ୍ଡ କ୍ୟାଡର କୁମାରଙ୍କୁ ଗତ ବର୍ଷ ଜୁଲାଇ ମାସରେ ଅର୍ଥ ସଚିବ ଭାବେ ନିଯୁକ୍ତ କରାଯାଇଥିଲା। ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ସଚିବଙ୍କୁ ଅର୍ଥ ସଚିବ ଭାବେ ନିଯୁକ୍ତି ମିଳିଥାଏ। ବର୍ତ୍ତମାନ ୧୯୮୫ ବ୍ୟାଚ୍ ଗୁଜରାଟ କ୍ୟାଡର ଆଇଏଏସ୍ ଅଧିକାରୀ ଅତନୁ ଚକ୍ରବର୍ତ୍ତୀ ଅର୍ଥନୈତିକ ବ୍ୟାପାର ବିଭାଗ ସଚିବ ଭାବେ କାର୍ଯ୍ୟ କରୁଥିବା ବେଳେ ୧୯୮୭ ବ୍ୟାଚ୍ ଓଡିଶା କ୍ୟାଡର ଅଧିକାରୀ ତୁହିନ କାନ୍ତ ପାଣ୍ଡେ ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ବିଭାଗ ସଚିବ, ତାମିଲନାଡୁ କ୍ୟାଡର ଟି.ଭି.ସୋମନାଥନ ବ୍ୟୟ ସଚିବ ଏବଂ ସମାନ ବ୍ୟାଚ୍‌ର ଦେବାଶିଷ ପଣ୍ଡା ଆର୍ଥିକ ସେବା ସଚିବ ଭାବେ କାର୍ଯ୍ୟ କରୁଛନ୍ତି।

### ସାମ୍‌ସଙ୍ଗ ଗାଲାକ୍ସି ଏସ୍୧୦ ଲାଇଟର ନୂଆ ଏଡିଶନ

ଭୁବନେଶ୍ୱର,୩-୩
ସାମସଙ୍ଗ ପକ୍ଷରୁ ଏହାର ସାମ୍‌ସଙ୍ଗ ଗାଲାକ୍ସି ଏସ୧୦ ଲାଇଟର ୫୧୨ ଜିବି ସଂସ୍କରଣର ଶୁଭାରମ୍ଭ ଘୋଷଣା କରିଛି । ଯୁବବର୍ଗଙ୍କ ଆବଶ୍ୟକତାକୁ ବିଚାରକରି ଏହି ନୂଆ ମଡେଲଟିକୁ କମ୍ପାନୀ ପ୍ରସ୍ତୁତ କରିଛି। ସୁଲଭ ମୂଲ୍ୟରେ ଗ୍ରାହକଙ୍କ ପାଇଁ ପ୍ରିମିୟମ ବୈଶିଷ୍ଟ୍ୟ ପ୍ରଦାନ କରିବା ପାଇଁ ମଡେଲଟିକୁ ଡିଜାଇନ କରାଯାଇଛି । ଏଥିରେ ସ୍ନାପଡ୍ରାଗନ ୮୫୫ ପ୍ରୋସେସର ଏବଂ ୫୧୨ ଜିବିର ନୂତନ ଷ୍ଟୋରେଜ ସହିତ ୮ଜିବି ରାମ୍ ରହିଛି। ଏହା ଆକର୍ଷଣୀୟ ମଲ୍ଟି-ଟାସ୍କିଙ୍ଗ ଅନୁଭୂତି ଏବଂ ବିଶାଳ ଷ୍ଟୋରେଜ ପ୍ରଦାନ କରିଛି। ଦୀର୍ଘସ୍ଥାୟୀ ୪୫୦୦ ମେଗାହର୍ଜ ବ୍ୟାଟେରୀ ଏବଂ ୨୫ୱାଟ ସୁପର-ଫାଷ୍ଟ ଚାର୍ଜିଙ୍ଗ ସହ ଲାଇଟ ଗେମ୍ ବୁଷ୍ଟର, ସାମ୍‌ସଙ୍ଗ ପେ ଏବଂ ସାମ୍‌ସଙ୍ଗ ହେଲ୍‌ଥ ଆଦି ପ୍ରମୁଖ ଫିଚର ଏଥିରେ ରହିଛି। ପ୍ରିଜମ ହ୍ୱାଇଟ, ପ୍ରିଜମ ବ୍ଲାକ ଏବଂ ପ୍ରିଜମ ବ୍ଲୁ ସହିତ ଏହା ଆସିଛି। ମଡେଲଟିର ବଜାର ଦର ୪୪,୯୯୯ ଟଙ୍କା ରହିଛି।

### ଆକାଶ ପକ୍ଷରୁ ସ୍କଲାରଶିପ ପରୀକ୍ଷା ଘୋଷଣା

ନୂଆଦିଲ୍ଲୀ,୩-୩
ଆକାଶ ଏଡୁକେଶନାଲ୍ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍ଏଲ୍) ପକ୍ଷରୁ ନ୍ୟାଶନାଲ ଏଲିଜିବିଲିଟି ଏଣ୍ଡ ସ୍କଲାରଶିପ୍ ଟେଷ୍ଟ (ନେଷ୍ଟ) ସ୍କଲାରଶିପ୍ ପରୀକ୍ଷାର ଦ୍ୱିତୀୟ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଦଶମରୁ ଦ୍ୱାଦଶ ଶ୍ରେଣୀର ଛାତ୍ର ଏଥିରେ ଭାଗ ନେଇ ପାରିବେ। ଯେଉଁ ଛାତ୍ରମାନେ ଦଶମରୁ ଦ୍ୱାଦଶକୁ ଯାଉଛନ୍ତି, ଏକାଦଶରୁ ଦ୍ୱାଦଶକୁ ଯାଉଛନ୍ତି ଓ ଦ୍ୱାଦଶ ପରୀକ୍ଷା ଦେଇଛନ୍ତି ବା ପାସ୍ କରିଛନ୍ତି ସେମାନେ ନେଷ୍ଟ ଦେଇପାରିବେ। ଏହି ସ୍କଲାରଶିପ ପରୀକ୍ଷା ଦେଶର ୨୪ ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ୫ ଏପ୍ରିଲରେ ଅନୁଷ୍ଠିତ ହେବ। ନେଷ୍ଟ ମାଧମରେ ଛାତ୍ରୀଛାତ୍ରମାନେ ଜାତୀୟ ସ୍ତରରେ ପ୍ରତିଯୋଗିତା କରିବାର ସୁଯୋଗ ପାଇପାରିବେ। ଏଥିରେ ଟ୍ୟୁଶନ ଫିସର ୯୦% ପର୍ଯ୍ୟନ୍ତ ସ୍କଲାରଶିପ୍ ଆକାରରେ ପାଇବାର ସୁଯୋଗ ରହିଛି। ଏହି ଅବସରରେ ଆକାଶ ଏଡୁକେଶନାଲ୍ ସର୍ଭିସେସ୍ ଲିମିଟେଡ୍‌ର ଡାଇରେକ୍ଟର ଓ ସିଇଓ,ଆକାଶ ଚୌଧୁରୀ, କହିଛନ୍ତି ଆକାଶ ନେଷ୍ଟର ଦ୍ୱିତୀୟ ସଂସ୍କରଣକୁ ଆରମ୍ଭ କରିଥିବାରୁଅତ୍ୟନ୍ତ ଖୁସୀ। ଏହା ଦ୍ୱାରା ଛାତ୍ରୀଛାତ୍ର ଜାତୀୟ ସ୍ତରରେ ପ୍ରତିଯୋଗିତା କରିପାରିବେ ଓ ସେମାନେ ୯୦% ପର୍ଯ୍ୟନ୍ତ ସ୍କଲାରଶିପ୍ ପାଇବା ପାଇଁ ସୁଯୋଗ ପାଇପାରିବେ।

“ଏପ୍ରିଲ-ଜାନୁୟାରୀ ସମୟରେ ସରକାର ୭.୫୨ ଲକ୍ଷ କୋଟି ଟଙ୍କାର ପ୍ରତ୍ୟକ୍ଷ ଟିକସ ସଂଗ୍ରହ କରିବାକୁ ସକ୍ଷମ ହୋଇଛନ୍ତି।
-ଅନୁରାଗ ଠାକୁର, କେନ୍ଦ୍ର ଅର୍ଥ ରାଷ୍ଟ୍ର ମନ୍ତ୍ରୀ



“ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହିତ କରିବା ଲାଗି ସରକାର ନୂଆ ଯୋଜନା କାର୍ଯ୍ୟକାରୀ କରାଇବେ।
- ନୀତିନ ଗଡକରୀ, କେନ୍ଦ୍ର ଏମ୍ଏସ୍ଏମ୍ଇ ମନ୍ତ୍ରୀ



# ବଜାର ଉପରେ ଆରବିଆଇର ନଜର

ନୂଆଦିଲ୍ଲୀ,୩-୩

**କରୋନା ପ୍ରଭାବ**
- ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରସ୍ତୁତ
- ଶେୟାର ବଜାର କାରବାରରେ ଉନ୍ନତି




କରୋନା ଯୋଗୁ ବିଶ୍ୱ ବଜାରର ସ୍ଥିତି ବିଗୁଡୁଛି। ଏଭଳି ସମୟରେ ବିଶ୍ୱ ବଜାର ଏବଂ ଘରୋଇ ବଜାରର ସ୍ଥିତି ଉପରେ ବର୍ତ୍ତମାନ ନଜର ରଖାଯାଇଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ ମଙ୍ଗଳବାର ସୂଚନା ଦେଇଛି। ବିତ୍ତୀୟ ବଜାର ବ୍ୟବସ୍ଥିତ ଢଙ୍ଗରେ କିଭଳି କାର୍ଯ୍ୟ କରିବ ସେ ଦିଗରେ ଆବଶ୍ୟକ ଜରୁରୀ ପଦକ୍ଷେପ ଉଠାଇବାକୁ ପ୍ରସ୍ତୁତ ଥିବା କେନ୍ଦ୍ରୀୟ ବ୍ୟାଙ୍କ କହିଛି। କରୋନା ଭାଇରସ ଯୋଗୁ ବିଶ୍ୱ ବଜାର ବର୍ତ୍ତମାନ ପ୍ରଭାବିତ ସ୍ଥିତିରେ ରହିଛି। ଏହି ଭାଇରସ ବିଶ୍ୱର ବିଭିନ୍ନ ବଜାରକୁ ବ୍ୟାପିବା ଫଳରେ ବଜାରରେ ଉତ୍ଥାନ ପତନ ଲାଗି ରହିଛି। ଏହି ଧାରଣାରୁ ନିବେଶକଙ୍କ ମନୋଭାବ ପ୍ରଭାବିତ ହୋଇଛି। ସୁରକ୍ଷିତ ସ୍ଥାନରେ ନିଜ ଅର୍ଥକୁ ନିବେଶ କରିବା ନେଇ ନିବେଶକମାନେ ବଜାରରୁ ଅର୍ଥ କାଢି ନେଉଛନ୍ତି।

ଏଭଳି ସ୍ଥିତିରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ବିଶ୍ୱ ବଜାରର ସ୍ଥିତି ଉପରେ ଲଗାତାର ନଜର ରଖାଯାଇଛି। ବିତ୍ତୀୟ ସ୍ଥିରତା ଏବଂ ନିବେଶକଙ୍କ ମନୋଭାବ ସୁରକ୍ଷିତ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରସ୍ତୁତ। କରୋନା ଯୋଗୁ ସାରା ବିଶ୍ୱର ଶେୟାର ବଜାର କ୍ଷତିଗ୍ରସ୍ତ ହୋଇଛି। ଏହାବାଦ ଭାରତ ସରକାର ଇଟାଲି, ଇରାନ, ଦକ୍ଷିଣ କୋରିଆ ଏବଂ ଜାପାନ ନାଗରିକଙ୍କୁ ମାର୍ଚ୍ଚ ମାସ ଏବଂ ଏହା ପୂର୍ବରୁ ଜାରି କରିଥିବା ସମସ୍ତ ଭିଜା-ଇଭିଜା ରଦ୍ଦ କରି ଦେଇଛନ୍ତି। ଭାରତରେ କରୋନାର ୨ ନୂଆ ମାମଲା ସାମ୍ନାକୁ ଆସିବା ପରେ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି।

### ଔଷଧ ରପ୍ତାନି ଉପରେ କଟକଣା

କରୋନାର ପ୍ରଭାବ ଦେଶର ଫାର୍ମାସିଟିକାଲ ଶିଳ୍ପ ଦେଖାଯାଇଥିବା ଜଣାପଡିଛି। ସରକାର ପ୍ରାୟ ୨୬ ଔଷଧୀୟ ସାମଗ୍ରୀ ରପ୍ତାନି ଉପରେ କଟକଣା ଜାରି କରିଛନ୍ତି। ପାରାସିଟାମଲ, ଭିଟାମିନବି୧ ଏବଂ ବି୨ ଭଳି ଅନ୍ୟ କିଛି ଔଷଧ ଏହା ମଧ୍ୟରେ ସାମିଲ ରହିଛି। ପୂର୍ବରୁ ଏହି ଔଷଧଗୁଡିକ ଉପରେ ଏଭଳି କୌଣସି ପ୍ରତିବନ୍ଧକ ଲାଗି ନ ଥିଲା। ଆଗାମୀ ନିର୍ଦ୍ଦେଶ ଆସିବା ଯାଏ ଏଭଳି କଟକଣା ରହିବ ବୋଲି ବିଦେଶୀ ବାଣିଜ୍ୟ ମହାନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ସୂଚନା ଯୋଗ୍ୟ ଭାରତୀୟ ଫାର୍ମା କମ୍ପାନୀଗୁଡିକ ଔଷଧ ପ୍ରସ୍ତୁତି ଲାଗି କଞ୍ଚାମାଲ ଚାଇନା ଉପରେ ନିର୍ଭର କରିଥାନ୍ତି। ଆକ୍ଟିଭ ଫାର୍ମା ଇନଗ୍ରେଡିଏଣ୍ଟ(ଏପିଆଇ)ର ୭୦% ଚାଇନାରୁ କମ୍ପାନୀଗୁଡିକ ଆଣିଥାନ୍ତି। କରୋନା ଯୋଗୁ ଏବେ ବଜାର କ୍ଷତିଗ୍ରସ୍ତ ହୋଇଛି। ଏଭଳି ସ୍ଥିତି ଯୋଗୁ ଭାରତକୁ ଏପିଆଇ ଯୋଗାଣ ବାଧାପ୍ରାପ୍ତ ହେଉଥିବା ଶିଳ୍ପ ପକ୍ଷରୁ କୁହାଯାଇଛି।

### ଶେୟାର ବଜାର ହ୍ରାସରେ ବିରତି

କରୋନା ଭାଇରସ ପ୍ରଭାବରେ ଗତ ୭ ଦିନ ଧରି ଶେୟାର ବଜାରରେ ହ୍ରାସ ଧାରା ଜାରି ରହିଥିଲା। ଏହି ହ୍ରାସ ଧାରାରେ ମଙ୍ଗଳବାର ବିରତି ଲାଗିଛି। ବଜାର ଉପରେ ନିବେଶକଙ୍କ ମନୋଭାବ ଉନ୍ନତ ଆସିବା ଯୋଗୁ ୩୦ ଶେୟାର ବିଶିଷ୍ଟ ସେନ୍‌ସେକ୍ସ ୪୮୦ ପଏଣ୍ଟ ବଢିଥିବା ଦେଖାଯାଇଛି। ଏହା ବାଦ ନିଫ୍ଟି କାରବାର ମଧ୍ୟ ଉନ୍ନତ ସ୍ଥିତିରେ ରହି ୧୭୦.୫୫ ପଏଣ୍ଟ ବଢିଥିବା ସୂଚନା ରହିଛି।

## ଓ୍ୱିଫିଙ୍କୁ ବେଷ୍ଟ ଇଣ୍ଟରନେଟ ସର୍ଭିସ ପ୍ରୋଭାଇଡର ଆଓ୍ୱାର୍ଡ




ଭୁବନେଶ୍ୱର, ୩-୩
ଟାଇମ୍ସ ଗ୍ରୁପ ପକ୍ଷରୁ ଓ୍ୱିଫିଙ୍କୁ ଓଡ଼ିଶାର ବେଷ୍ଟ ଇଣ୍ଟରନେଟ ସର୍ଭିସ ପ୍ରୋଭାଇଡର ଆଓ୍ୱାର୍ଡ-୨୦୨୦ ପ୍ରଦାନ କରାଯାଇଛି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲିଉଡ ଅଭିନେତା ଅନିଲ କପୁରଙ୍କଠାରୁ ଓ୍ୱିଫିର ପକ୍ଷରୁ ନିର୍ଦ୍ଦେଶକ ପ୍ରଶାନ୍ତ ଅଗ୍ରୱାଲ ଏହି ଆଓ୍ୱାର୍ଡ ଗ୍ରହଣ କରିଥିଲେ। ଲଗାତର ଭାବେ ଦ୍ୱିତୀୟ ଥର ଲାଗି ଓ୍ୱିଫି ଏହି ପୁରସ୍କାର ହାସଲ କରିବାକୁ ସକ୍ଷମ ହୋଇଛି। ପ୍ରମୁଖ ସେବା ଯୋଗାଣକାରୀ ଭାବେ ଏହା ୧୦୦୦ ଏମ୍‌ବିପିଏସ୍ ସ୍ପିଡରେ ଏହା ସେବା ଯୋଗାଉଛି। ମାସିକ ୯୯୯ ଟଙ୍କାରେ ଏହା ଡାଟା ସେବା ଯୋଗାଉଛି। ସର୍ବୋତ୍ତମ ଗୁଣବତ୍ତା ବିଶିଷ୍ଟ ସେବା ଯୋଗାଣ ଲାଗି ଏଭଳି ଆଓ୍ୱାର୍ଡ ଲାଭ କରିଥିବା ପ୍ରଶାନ୍ତ ଅଗ୍ରୱାଲ କହିଛନ୍ତି।

## ୟୁବିଆଇକୁ ଡାଇନାମିକ ସିସୋ ଆଓ୍ୱାର୍ଡ



କଲିକତା, ୩-୩
ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)କୁ ଡାଇନାମିକ ସିସୋ ଏକ୍ସଲେନ୍ସ ଆଓ୍ୱାର୍ଡ ପ୍ରଦାନ କରାଯାଇଛି। ସାଇବର ନିରାପତ୍ତା ଦିଗରେ ବ୍ୟାଙ୍କର ଉଦ୍ୟମ ଆଧାରରେ ଏଭଳି ସମ୍ମାନ ମିଳିଛି। ମୁମ୍ବାଇଠାରେ ଅନୁଷ୍ଠିତ ସିସୋର ବାର୍ଷିକ ସମିଟ ଅବସରରେ ୟୁବିଆଇର ଚିଫ୍ ଇନଫରମେଶନ ସିକ୍ୟୁରିଟି ଅଫିସର ବୋଲ୍ଡ ସିସୋ ଆଓ୍ୱାର୍ଡ ଗ୍ରହଣ କରିଥିଲେ। ବ୍ୟାଙ୍କିଙ୍ଗ ଇକୋ ସିଷ୍ଟମରେ ସାଇବର ନିରାପତ୍ତାକୁ ଦୃଢ କରିବା ଦିଗରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ରହିଛି। ଗ୍ରାହକଙ୍କ ନିରାପତ୍ତା ବ୍ୟାଙ୍କିଙ୍ଗ ସେବା ଯୋଗାଣ ଦିଗରେ ସର୍ବଦା ଯୋଗଦାନ ଜାରି ରହିଥିବା ୟୁବିଆଇ ପକ୍ଷରୁ କୁହାଯାଇଛି।

## ଏସ୍‌ଆର୍‌ଏମ୍ ଛାତ୍ରୀଛାତ୍ରଙ୍କୁ ନ୍ୟାଶନାଲ ଆଓ୍ୱାର୍ଡ

କଟାନକୁଲାଥୁର, ୩-୩




ଏସ୍‌ଆର୍‌ଏମ୍ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଛାତ୍ରୀଛାତ୍ରଙ୍କ ଟିମ୍ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଅଧିନ ଏଆଇସିଇଟିର ଛାତ୍ର ବିଶ୍ୱକର୍ମା ଆଓ୍ୱାର୍ଡ ଲାଭ କରିଛନ୍ତି। ଏସ୍‌ଆର୍‌ଏମ୍ ସିଭିଲ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ଟିମ୍ ପ୍ରସ୍ତୁତ କରିଥିବା ଗ୍ରୀନ ଷ୍ଟାବିଲାଇଜର ଯୋଗୁ ଉକ୍ତ ପୁରସ୍କାର ମିଳିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିଆଲ, ଏଆଇସିଟିଇ ଅଧ୍ୟକ୍ଷ ଅନିଲ ଡି.ସହସ୍ରବୁଦ୍ଧେଙ୍କଠାରୁ ଛାତ୍ରୀଛାତ୍ର ଏହି ପୁରସ୍କାର ଗ୍ରହଣ କରିଥିଲେ। ଗ୍ରାମାଞ୍ଚଳର ରୋଜଗାର ବୃଦ୍ଧି ଦିଗରେ ପ୍ରୋଟୋଟାଇପ ପ୍ରସ୍ତୁତ କରି ଛାତ୍ରୀଛାତ୍ର ଏଭଳି ସଫଳତା ହାସଲ କରିଛନ୍ତି। ଲ୍ୟାଣ୍ଡ ସବ୍-କାଟୋଗୋରିରେ ଏହା ପ୍ରଥମ ସ୍ଥାନରେ ରହିଛି। ଛାତ୍ରୀଛାତ୍ରଙ୍କ ଟିମ୍‌ରେ ଏମ୍.ଅରବିନ୍ଦ, ଶଙ୍କର କାଣ୍ଡାସାମି, ଦିବ୍ୟ ଏସ୍., କାବ୍ୟା ଏମ୍ ରହିଥିବା ଏସ୍‌ଆର୍‌ଏମ୍ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ସୂଚନା ରହିଛି।

### ୟୁନିୟନ ଆସେଟ ମ୍ୟାନେଜମେଣ୍ଟର ନୂଆ ଫଣ୍ଡ

ଭୁବନେଶ୍ୱର, ୩-୩
ୟୁନିୟନ୍ ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ୟୁନିଅନ୍ ମିଡ୍‌କ୍ୟାପ ଫଣ୍ଡର ଶୁଭାରମ୍ଭ ହୋଇଛି। ଏହା ହେଉଛି ଏକ ଓପନ୍ ଏଣ୍ଡେଡ୍ ଇକ୍ୱିଟି ସ୍କିମ୍ ଯେଉଁଥିରେ ପାଣ୍ଠିକୁ ମୁଖ୍ୟତଃ ମିଡ୍ କ୍ୟାପ ଷ୍ଟକଗୁଡ଼ିକରେ ନିବେଶ କରାଯାଏ। ଏହାର ନୂଆ ଫଣ୍ଡ ଅଫର (ଏନ୍ଏଫଓ) ୨୦୨୦ ମାର୍ଚ୍ଚ ୨ ରେ ଖୋଲିବ। ୨୦୨୦ ମାର୍ଚ୍ଚ ୧୬ରେରେ ଏହା ବନ୍ଦ ହେବ। ୨୦୨୦ ମାର୍ଚ୍ଚ ୨୩ରେ ଆବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି। ୨୦୨୦ ମାର୍ଚ୍ଚ ୩୦ରୁ ଏହା ବିକ୍ରି ପାଇଁ ପୁନଃ-ଉନ୍ମୁକ୍ତ ଏବଂ ପୁନଃ ଖରିଦ ଲାଗି ଉପଲବ୍ଧ ହେବ।

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o The Superintending Engineer (Civil), Civil Works Circle, Bhoi Nagar, Bhubaneswar-751022, CIN: U40102OR2004SGC007553

**QUOTATION CALL NOTICE NO. 02 OF 19-20**

Sealed quotations are invited in plain papers from agencies for the following works. The agencies are requested to quote their amount against the work. "Dismantling former office building (G+1), clearing of the site and realization of scrap in the premises of CESU, BCDD-II, Nayapalli, Bhubaneswar", Cost of Tender Paper is **400.00 + 12% GST**. The quotation paper will be received from date- **04.03.2020 at 11.00 am to date-13.03.2020 upto 3.00 pm**. The date of opening of quotations is **13.03.2020 at 03.30 PM**.

Sd/- Superintending Engineer (C)

Please connect us: optcl.odisha optcl_odisha energyodisha

**OFFICE OF THE NOTIFIED AREA COUNCIL, JUNAGARH**

No.370 /NAC (J) Date.03.03.2020

**"e" Procurement Notice**

**Bid Identification No- JNG / NAC / 05 / 19-20**

Bid document consisting of the scheduled of quantities and the set of the terms and conditions of contract and other necessary documents can be seen in the Odisha Government website i.e. www.tendersorissa.gov.in.

1. Name of the work : Civil works under NAC Junagarh.
2. Eligibility : "C" OR "D" Class Contractor
3. No. of works : 11 (Eleven)
4. Value of works : Rs.2.04Lakhs to Rs.8.15 Lakhs
5. Completion Period : 60 days
6. Date and Time of availability bid documents in the portal : 04.03.20 from 10 A.M. onwards
7. Last Date and time for Submission : 15.03.20 up to 5 P.M.
8. Bid opening date/time : 16.03.20 at 11 A.M.
9. Bid opening Place : NAC Office NAC, Junagarh

Further details can be seen from the procurement portal i.e. www.tendersorissa.gov.in.

Sd./- Executive Officer
NAC, Junagarh

**Government of Odisha** No.O-1205
**Office of the Executive Engineer, Rural Works Division-II, Dhenkanal Kamakhyanagar**
E-mail : rw.kamakhyanagar@yahoo.co.in

**e-procurement Notice No.17 / Road work / 2019-20**

1. Name of the work : Road & Building work
2. Total No. of works : 05 (Five) Nos.
3. Tender Cost : Rs.4.42 to 25.00 (Approx.)
4. Class of Contractor : "C" & "D" Class
5. Period of Completion : 1 to 3 calendar months.
6. Availability of tender online for bidding : 06.03.2020 at 11.00 A.M. to 12.03.2020 up to 5.00 P.M.
7. Last date & time of seeking tender clarification : 11.03.2020 up to 4.00 P.M.
8. Date & Time of opening of tender : 13.03.2020 at 11.00 A.M.

Other details can be seen from the website http://tendersorissa.gov.in.

Sd./- Executive Engineer
R.W. Division-II, Dhenkanal, Kamakhyanagar
OIPR-25094/11/0014/1920

**OFFICE OF THE EXECUTIVE ENGINEER
RURAL WORKS DIVISION
BARGARH** No.O-1198

Email: rd_bgh@yahoo.co.in // Fax : 06646-230676, Gmail: adityabhoi@gmail.com

**TENDER CALL NOTICE NO. 13 OF 2019-20**

| | | | |
|---|---|---|---|
| 1 | Name of the Work | : | Construction of road and building works during 2019-20 in the district of Bargarh. |
| 2 | EMD | : | 1 (One) % of Estimated Cost |
| 3 | Number of works | : | ( 13 ) thirteen Nos. |
| 4 | Other details | : | As per DTCN |

| Procurement Officer | Bid Identification No. | Sale & Receipt of Tender Paper | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | T.C.N. NO.13 OF 2019-20 | 06.03.20 at 11.00 A.M. | 11.03.2020 upto 5.00 P.M. | 11.03.2020 up to 1.00 PM | 12.03.2020 at 11.00 A.M. |

Executive Engineer, R.W. Division, Bargarh
OIPR-25062/11/0014/1920

**GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION: GUNUPUR** No. : O-1211

Lr.No 802, Dated. 29.02.2020 e-mail id: eerwgunupur@gmail.com

**"e" Procurement Notice for building works in Odisha**
**(Tender eerwgnp-Online-13/2019-20 (Lr. NO. 782 , dtd 29.02.2020)**

1. Name of the work : Road & building works.
2. Total No. of Works : 15 (fifteen) nos.
3. Estimated cost : Varies from Rs. 1.77 lakhs to Rs.4.42 lakh
4. Class of contractor : "D" & "C" class as applicable
5. Period of Completion : as mentioned in col.4 of TCN Annexure.
6. Other Details :

| Procurement Officer | Bid Identification | No. of Road works | Availability of tender online for bidding | | Date & Time of tender opening |
|---|---|---|---|---|---|
| | | | From | To | |
| Executive Engineer, Rural Works Division, Gunupur | EERWGNP On line-13/2019-20 | 15 (fifteen) nos. | 06.03.2020 At 10.00 A.M. | 12.03.2020 up to 5.00 P.M. | 13.03.2020 at 12.00 Hrs |

7. The amount put to tender is exclusive of 12% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Other details can be seen in the bidding documents, which is available in website www.tendersorissa.gov.in
Any subsequent addendum or corrigendum will be made available in the above website.

Executive Engineer,Rural Works Division, Gunupur
OIPR-25170/11/0011/1920

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES No. CAD-1060

**OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR-751022**

Tender Call Notice IDCO/H.O./P&C/EST/E-1347/01/2018/ 4619 , Dt:- 29.02.2020

**NOTICE INVITING TENDER UNDER NATIONAL COMPETITIVE BDDING THROUGH e-Procurement**

1. **Name of the Work** :- Construction of approach road and hume pipe culvert at Chhotaraipur Industrial Estate, Jajpur.
2. **Estimated cost** :- Rs.29.05 Lakhs (Approx.)
3. **Period of completion** :- 03 (Three) Calendar Months.
4. **Other details** :-

| Procurement Officer | Bid/ Tender reference No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Tender/ Bid reference No. PC/ EST/ E-65/ 2019-20 | 07.03.2020 at 16.00 Hrs. | 19.03.2020 up to 17.00 Hrs. |

Further details can be seen from the e-Procurement Portal. www.tendersodisha.gov.in and Corrigendum if any will not be published in newspapers and can only be seen in the e-procurement portal www.tenderodisha.gov.in and www.idco.in

**Sd/- Chief General Manager (P&C) I/C, IDCO, Bhubaneswar.**
OIPR-14003/11/0080/1920

**FAKIR MOHAN UNIVERSITY**
Vyasa Vihar, New Campus, Balasore,
Ph.: 06782-275787, Website: www.fmuniversity.nic.in,
E-mail: registrarfmuniversity@gmail.com

L. No. FMU-RG-66/2018/ 2522 Date: 02.03.2020

**NOTIFICATION**

In continuation of Notification No. FMU-RG-66/2018/176, dtd. 07.01.2020, it is for the information of all concerned that every graduate of this University and any graduate of any other University residing within the jurisdiction of Fakir Mohan University shall be entitled to have his/her name registered as graduate of this University and for the said purpose shall apply in the prescribed form before 31.03.2020 on payment of prescribed fee of Rs. 325/- in the shape of Challan deposit in UCO Bank, F.M. University, Balasore. The application form may be downloaded from the University Website **www.fmuniversity.nic.in** and the filled-in form along with the Challan for Rs. 325/- **(Rupees three hundred** towards Registration fees and Rupees Twenty five towards cost of application form) may be submitted in the University or by post so as to reach the undersigned latest by **31.03.2020**.

**Sd./- REGISTRAR**

**କ୍ଷମତାପନ୍ନ ଅଧିକାରୀ ତଥା ତହସିଲଦାରଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର ଜମି ଅଧିଗ୍ରହଣ ଜାତୀୟ ରାଜପଥ-26 ଓ 57 ବାଏପାସ, ବଲାଙ୍ଗୀର**
**ଧାରା 3 (ଘ) ଅନ୍ତର୍ଗତ ଘୋଷଣା**

No.F-103 :- ଜାତୀୟ ରାଜପଥ ଆଇନ 1956 (Act.48 of 1956) ର ଧାରା-3 (ଘ) ଉପଧାରା (3) ମୁତାବକ ଯେହେତୁ ଜାତୀୟ ରାଜପଥ ଆଇନ 1956 ଅନୁଯାୟୀ କେନ୍ଦ୍ର ସରକାରଙ୍କ ଅଧିସୂଚନା ଭାରତ ସରକାରଙ୍କ ରାଜପତ୍ର ସଂଖ୍ୟା.1544, ତା.23.07.2015 ପ୍ରୋକ୍ତ ଆଇନର ଧାରା ୩ (A)ରେ ଉଲ୍ଲେଖିତ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟର ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ରାଜପଥ ସଂଖ୍ୟା.26 ତଥା 57ର ବାଏପାସ ରାସ୍ତାର (0/0 କି.ମି. ଠାରୁ 11/642 କି.ମି.) ନିର୍ମାଣ ପାଇଁ ଏବଂ ଧାରା 3 (D)ର ଉପଧାରା-1 ମୁତାବକ ରାଜପତ୍ର ସଂଖ୍ୟା.1113, ତା.09.05.2016 ଅନୁଯାୟୀ ନିମ୍ନ ତଫସିଲଭୁକ୍ତ ପ୍ଲଟ ଅଧିସୂଚୀମାନ ଅଧିଗ୍ରହଣ କରିବାକୁ ସ୍ଥିରୀକୃତ କରି ଅଧିସୂଚନା ଜାରି ହୋଇଅଛି, ଯେହେତୁ ପ୍ରୋକ୍ତ ଆଇନର ଧାରା 3 (ଘ) ଉପଧାରା 1,2,3,4 ଅନୁସାରେ ଅଧୀଗ୍ରହଣ ନିମନ୍ତେ ସ୍ଥିରୀକୃତ ହୋଇଥିବା ତଫସିଲଭୁକ୍ତ ପ୍ଲଟ ଅନୁସୂଚୀ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଭୂମିମାଲିକ, ସ୍ୱାର୍ଥଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲ ବର୍ଣ୍ଣିତ ଭୂମି, ରକବା, ମୂଲ୍ୟ ତଥା ମାଲିକାନା ଇତ୍ୟାଦିରେ ତ୍ରୁଟିଥିଲେ ତେବେ ତହିଁର ପ୍ରାମାଣିକ କାଗଜାତ ସହ ପ୍ରକାଶିତ ଘୋଷଣାର 15ଦିନ ମଧ୍ୟରେ ନିଜେ କିମ୍ବା କ୍ଷମତାପ୍ରାପ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ଉପରୋକ୍ତ ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ଦାବି ଉପସ୍ଥାପନ କରିପାରିବେ। ନଚେତ୍ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆମ୍ଭର ସ୍ୱାକ୍ଷର ସହ ମୋହର ଦ୍ୱାରା ପ୍ରମାଣିତ।

**କ୍ଷମତାପନ୍ନ ଅଧିକାରୀ**
**ତଥା ତହସିଲଦାର, ବଲାଙ୍ଗୀର**
OIPR-24186/11/0001/1920

See Career Appointment on every Wednesday & Saturday

“ଭାରତୀୟ ମହିଳା କ୍ରିକେଟ ଦଳ ଏବେ ଶକ୍ତିଶାଳୀ ମନେ ହେଉଛି। ଏହାକୁ ପରାସ୍ତ କରିବାକୁ ହେଲେ ସ୍ୱତନ୍ତ୍ର ରଣକୌଶଳର ଆବଶ୍ୟକତା ରହିଛି ।
–ବ୍ରେଟ୍ ଲି, ପୂର୍ବତନ ଅଷ୍ଟ୍ରେଲିଆ ପେସ୍ ବୋଲର



“ଭାରତୀୟ ଦଳର ପେସ୍ ବୋଲରମାନେ ଆଉ ଯୁବ ଖେଳାଳି ହୋଇ ରହି ନାହାନ୍ତି, ନିକଟ ଭବିଷ୍ୟତରେ ପରିବର୍ତ୍ତନ ଲୋଡ଼ା ।
–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ



**ସଂକ୍ଷେପରେ**

## ପ୍ରି-କ୍ୱାର୍ଟରରେ ଆଶିଷ, ଗୌରବ

**ଅମ୍ମନ (ଜୋର୍ଡାନ), ୩।୩ (ପି.ଟି.):** ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ଭାରତୀୟ ବକ୍ସର ଗୌରବ ସୋଲାଙ୍କୀ (୫୭ କି.ଗ୍ରା.) ଓ ଆଶିଷ କୁମାର (୭୫ କିଗ୍ରା) ଏଠାରେ ଚାଲିଥିବା ଏସିଆନ ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ ବକ୍ସିଂ ପ୍ରତିଯୋଗିତାର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡ ମୁକାବିଲାରେ ଗୌରବ ୫-୦ରେ କିର୍ଗିଜସ୍ତାନର ଅକିଲବେକ ଏସେନବେକଙ୍କୁ ପରାସ୍ତ କରିଛନ୍ତି। ପ୍ରି-କ୍ୱାର୍ଟରରେ ସୋଲାଙ୍କୀଙ୍କ ମୁକାବିଲା ଟପ୍ ସିଡ୍ ଉଜବେକିସ୍ତାନ ବକ୍ସର ମିରାଜିଜବେକ ମିର୍ଜାଖିଲିଲଭ୍‌ଙ୍କ ସହ ହେବ। ଏହି ଓଜନ ବର୍ଗରେ ମିର୍ଜାଖିଲିଲଭ୍ ପୂର୍ବତନ ବିଶ୍ୱ ଚାମ୍ପିୟନ। ସେହିଭଳି ୨୦୧୮ ଏସିଆନ ଗେମ୍ସ ଓ ଏସିଆନ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅନ୍ୟ ଏକ ମୁକାବିଲାରେ ଆଶିଷ କିର୍ଗିଜସ୍ତାନର ଓମୁରବେକ ବେକଝିଗିଟ୍‌ଙ୍କୁ ପରାସ୍ତ କରି ରାଉଣ୍ଡ-୧୬ରେ ପ୍ରବେଶ କରିଛନ୍ତି। ଏହି ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶକାରୀ ବକ୍ସରଙ୍କୁ ଚଳିତ ବର୍ଷ ହେବାକୁ ଥିବା ଟୋକିଓ ଅଲିମ୍ପିକକୁ ଟିକେଟ୍ ମିଳିବ। ଅମିତ୍ ପଙ୍ଘଲ (୫୨ କିଗ୍ରା) ଓ ଆଇକନ୍ ମହିଳା ବକ୍ସର ଏମ୍.ସି. ମେରିକମ୍, ଲୋଭଲିନା ବୋର୍ଗୋହେନ (୬୯ କିଗ୍ରା) ପ୍ରମୁଖ ସିଧାସଳଖ କ୍ୱାର୍ଟର ଫାଇନାଲରୁ ସେମାନଙ୍କ ଅଭିଯାନ ଆରମ୍ଭ କରିବେ।

## ଲାଙ୍କାଶାୟର ସହ ପୁଣି ମ୍ୟାକ୍ସୱେଲଙ୍କ ଚୁକ୍ତି



**ଲଣ୍ଡନ, ୩।୩ (ପି.ଟି.):** ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ ଇଂଲଣ୍ଡ କାଉଣ୍ଟି କ୍ରିକେଟ୍ କ୍ଲବ ଲାଙ୍କାଶାୟର ସହ ପୁନଃ ଚୁକ୍ତି କରିଛନ୍ତି। ଫଳରେ ମେ ୨୮ରୁ ଆରମ୍ଭ ହେବାକୁ ଥିବା ଟି୨୦ ବ୍ଲାଷ୍ଟ ପ୍ରତିଯୋଗିତାରେ ମ୍ୟାକ୍ସୱେଲ ଲାଙ୍କାଶାୟର ପକ୍ଷରୁ ଖେଳିବା ସ୍ପଷ୍ଟ ହୋଇଛି। ୩୧ ବର୍ଷୀୟ ମ୍ୟାକ୍ସୱେଲ ଗ୍ରୁପ୍ ପର୍ଯ୍ୟାୟରେ ଅତିକମ୍‌ରେ ୮ଟି ମ୍ୟାଚ୍ ଖେଳିବେ। ଏହାପରେ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି ଜାତୀୟ ଦଳ ପାଇଁ ଉପଲବ୍ଧ ହେବେ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। ‘ଗତ ସିଜନ ମୋ ପାଇଁ ବହୁତ ଭଲ ରହିଥିଲା। ଓଲ୍ଡ ଟ୍ରାଫୋର୍ଡ ପ୍ରତ୍ୟାବର୍ତ୍ତନ କରି ଖେଳିବାକୁ ବ୍ୟଗ୍ର ରହିଛି। ଏହି ସିଜନରେ ଆହୁରି ଭଲ ପ୍ରଦର୍ଶନ କରିବା ନେଇ ଆଶାବାଦୀ’ ବୋଲି ମ୍ୟାକ୍ସୱେଲ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ମ୍ୟାକ୍ସୱେଲ ଗତ ସିଜନରେ ଲାଙ୍କାଶାୟର ପାଇଁ ସମସ୍ତ ଫର୍ମାଟରେ ପ୍ରତିନିଧିତ୍ୱ କରିଥିଲେ।

**ହକି ଇଣ୍ଡିଆ ପୁରସ୍କାର**

# ଦୌଡ଼ରେ ଦୀପ୍ ଗ୍ରେସ୍



### ବିଭିନ୍ନ କାଟେଗୋରି ପାଇଁ ମନୋନୟନପତ୍ର

- ମେଜର ଧ୍ୟାନଚାନ୍ଦ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ (୩୦,୦୦,୦୦୦+ଟ୍ରଫି), ପୁରସ୍କାର ଉତ୍ସବରେ ନାମ ଘୋଷଣା ହେବ।
- ଧ୍ରୁବ ବାତ୍ରା ପ୍ଲେୟର ଅଫ ଦି ଇୟର, ପୁରୁଷ (୨୫,୦୦,୦୦୦ + ଟ୍ରଫି), ହରମନପ୍ରୀତ ସିଂ, ମନଦୀପ ସିଂ, ମନପ୍ରୀତ ସିଂ ଓ ସୁରେନ୍ଦର କୁମାର।
- ଧ୍ରୁବ ବାତ୍ରା ପ୍ଲେୟର ଅଫ ଦି ଇୟର, ମହିଳା(୨୫,୦୦,୦୦୦ + ଟ୍ରଫି), ଦୀପ୍‌ଗ୍ରେସ୍ ଏକ୍କା, ଗୁରଜିତ କୌର, ରାଣୀ ରାମପାଲ, ସବିତା।
- ଯୁଗରାଜ ସିଂ ଶ୍ରେଷ୍ଠ ଉଦୀୟମାନ ଖେଳାଳି, ପୁରୁଷ(୧୦,୦୦,୦୦୦ + ଟ୍ରଫି), ଦିଲପ୍ରୀତ ସିଂ, ଗୁରସାହିବଜିତ ସିଂ, ମନଦୀପ ମୋର ଓ ବିବେକ ସାଗର ପ୍ରସାଦ।
- ଅସୁନ୍ତା ଲାକ୍ରା ଶ୍ରେଷ୍ଠ ଉଦୀୟମାନ ଖେଳାଳି, ମହିଳା, (୧୦,୦୦,୦୦୦ + ଟ୍ରଫି), ଲାଲରେମସିଆମି, ସାଲିମା ଟେଟେ, ଶର୍ମିଳା ଦେବୀ।
- ଧନରାଜ ପିଲେ ଫରୱାର୍ଡ ଅଫ ଦି ଇୟର (୫,୦୦,୦୦୦ + ଟ୍ରଫି), ଲଳିତ କୁମାର ଉପାଧ୍ୟାୟ, ମନଦୀପ ସିଂ, ନଭନୀତ କୌର, ରାଣୀ।
- ଅଜିତ ପାଲ୍ ସିଂ ମିଡ୍‌ଫିଲ୍ଡର ଅଫ ଦି ଇୟର (୫,୦୦,୦୦୦ + ଟ୍ରଫି), ମନପ୍ରୀତ ସିଂ, ମୋନିକା, ନେହା ଗୋୟଲ ଓ ବିବେକ ସାଗର ପ୍ରସାଦ।
- ପର୍ଗତ ସିଂ ଡିଫେଣ୍ଡର ଅଫ ଦି ଇୟର (୫,୦୦,୦୦୦ + ଟ୍ରଫି), ଦୀପଗ୍ରେସ ଏକ୍କା, ହରମନପ୍ରୀତ ସିଂ, ସୁରେନ୍ଦର କୁମାର, ବରୁଣ କୁମାର।
- ବଲଜିତ ସିଂ ଗୋଲକିପର ଅଫ ଦି ଇୟର (୫,୦୦,୦୦୦ + ଟ୍ରଫି), ପି.ଆର. ଶ୍ରୀଜେଶ, କ୍ରିଷ୍ଣନ ବାହାଦୁର ପାଠକ, ସବିତା, ରଜନୀ ଇଟିମାରପୁ।
- ହକିକୁ ମୂଲ୍ୟବାନ ଅବଦାନ ପାଇଁ ଯମୁନାଲାଲ ଶର୍ମା ପୁରସ୍କାର (୫,୦୦,୦୦୦ + ଟ୍ରଫି), ପୁରସ୍କାର ଉତ୍ସବରେ ନାମ ଘୋଷଣା ହେବ।
- ଅବିସ୍ମରଣୀୟ ପ୍ରଦର୍ଶନ ପାଇଁ ହକି ଇଣ୍ଡିଆ ପ୍ରେସିଡେଣ୍ଟ୍ସ ପୁରସ୍କାର (୫,୦୦,୦୦୦ + ଟ୍ରଫି), ପୁରସ୍କାର ଉତ୍ସବରେ ନାମ ଘୋଷଣା ହେବ।

**ନୂଆଦିଲ୍ଲୀ, ୩।୩:** ହକି ଇଣ୍ଡିଆ ବାର୍ଷିକ ପୁରସ୍କାରର ତୃତୀୟ ସଂସ୍କରଣ ପାଇଁ ମନୋନୟନପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ହକି ତାରକାମାନଙ୍କୁ ପୁରସ୍କାର ଆକାରରେ ୧.୩୦ କୋଟି ଟଙ୍କା ସହିତ ହକି ଇଣ୍ଡିଆ ଟ୍ରଫି ପ୍ରଦାନ କରାଯିବ। ଓଡ଼ିଶାର ମହିଳା ହକି ତାରକା ଦୀପ୍ ଗ୍ରେସ୍ ଏକ୍କା ୨ଟି କାଟେଗୋରି ପାଇଁ ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି। ସେ ହକି ଇଣ୍ଡିଆ ଧ୍ରୁବ ବାତ୍ରା ପ୍ଲେୟର ଅଫ ଦି ଇୟର ୨୦୧୯(ମହିଳା) ଦୌଡ଼ରେ ଅନ୍ୟ ୩ ଜଣଙ୍କ ସହ ସାମିଲ ହୋଇଛନ୍ତି। ଅନ୍ୟ ୩ ଖେଳାଳି ହେଲେ ଗୁରଜିତ କୌର, ଅଧିନାୟିକା ରାଣୀ ରାମପାଲ ଓ ସବିତା। ଏହି କାଟେଗୋରି ପାଇଁ ପୁରସ୍କାର ଆକାରରେ ୨୫,୦୦,୦୦୦ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥାଏ। ସେହିପରି ଦୀପ୍ ଗ୍ରେସ୍ ହକି ଇଣ୍ଡିଆ ପର୍ଗତ ସିଂ ଡିଫେଣ୍ଡର ଅଫ ଦି ଇୟର ୨୦୧୯ ପୁରସ୍କାର ଦୌଡ଼ରେ ଅନ୍ୟ ୪ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଏହି ପୁରସ୍କାର ଦୌଡ଼ରେ ଥିବା ଅନ୍ୟ ୩ ଜଣ ଯାକ ପୁରୁଷ ଖେଳାଳି। ସେମାନେ ହେଲେ ହରମନପ୍ରୀତ ସିଂ, ସୁରେନ୍ଦର କୁମାର ଓ ବରୁଣ କୁମାର। ଏହି କାଟେଗୋରି ପାଇଁ ୫,୦୦,୦୦୦ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥାଏ। ଚଳିତ ମାସ ୮ ତାରିଖରେ ନୂଆଦିଲ୍ଲୀଠାରେ ପୁରସ୍କାର ସମାରୋହ ଅନୁଷ୍ଠିତ ହେବ। ହକି ଇଣ୍ଡିଆ ମେଜର ଧ୍ୟାନଚାନ୍ଦ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ବିଜେତାଙ୍କ ନାମ ପୁରସ୍କାର ପ୍ରଦାନ ଉତ୍ସବରେ ଘୋଷଣା କରାଯିବ ବୋଲି ହକି ଇଣ୍ଡିଆ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ପୁରସ୍କାର ପାଇଁ ୩୦,୦୦,୦୦୦ଟଙ୍କା ଓ ଟ୍ରଫି ଦିଆଯାଇଥାଏ। ଧ୍ରୁବ ବାତ୍ରା ପ୍ଲେୟର ଅଫ ଦି ଇୟର(ପୁରୁଷ) ପୁରସ୍କାର (୨୫,୦୦,୦୦୦ଟଙ୍କା ଓ ଟ୍ରଫି) ଦୌଡ଼ରେ ଥିବା ଖେଳାଳିମାନେ ହେଲେ ହରମନପ୍ରୀତ ସିଂ, ମନଦୀପ ସିଂ, ଅଧିନାୟକ ମନପ୍ରୀତ ସିଂ ଓ ସୁରେନ୍ଦର କୁମାର। ଯୁଗରାଜ ସିଂ ଶ୍ରେଷ୍ଠ ଉଦୀୟମାନ ଖେଳାଳି(ପୁରୁଷ) ପୁରସ୍କାର ପାଇଁ ଦିଲପ୍ରୀତ ସିଂ, ଗୁରସାହିବଜିତ ସିଂ, ମନଦୀପ ମୋର ଓ ବିବେକ ସାଗର ପ୍ରସାଦ ଥିବାବେଳେ ଅସୁନ୍ତା ଲାକ୍ରା ଶ୍ରେଷ୍ଠ ଉଦୀୟମାନ ଖେଳାଳି(ମହିଳା) ପୁରସ୍କାର ଦୌଡ଼ରେ ଲାଲରେମସିଆମି, ସାଲିମା ଟେଟେ, ଶର୍ମିଳା ଦେବୀ ସ୍ଥାନ ପାଇଛନ୍ତି। ଏହି ୨ କାଟେଗୋରି ପାଇଁ ୧୦,୦୦,୦୦୦ ଲେଖାଏ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ। ସେହିପରି ଧନରାଜ ପିଲେ ଫରୱାର୍ଡ ଅଫ ଦି ଇୟର ପୁରସ୍କାର ପାଇଁ ଲଳିତ କୁମାର ଉପାଧ୍ୟାୟ, ମନଦୀପ ସିଂ, ନଭନୀତ କୌର ଓ ରାଣୀ ଥିବାବେଳେ ଅଜିତ ପାଲ୍ ସିଂ ମିଡ୍‌ଫିଲ୍ଡର ଅଫ ଦି ଇୟର ପୁରସ୍କାର ଦୌଡ଼ରେ ମନପ୍ରୀତ ସିଂ, ମୋନିକା, ନେହା ଗୋୟଲ ଓ ବିବେକ ସାଗର ପ୍ରସାଦ ରହିଛନ୍ତି। ବଲଜିତ ସିଂ ଗୋଲକିପର ଅଫ ଦି ଇୟର ପୁରସ୍କାର ପାଇଁ ପୁରୁଷ ଦଳର ପି.ଆର. ଶ୍ରୀଜେଶ ଓ କ୍ରିଷ୍ଣନ ବାହାଦୁର ପାଠକ ଏବଂ ମହିଳା ଦଳର ସବିତା ଓ ରଜନୀ ଇଟିମାରପୁ ସାମିଲ ହୋଇଛନ୍ତି। ଏହା ବ୍ୟତୀତ ହକିକୁ ମୂଲ୍ୟବାନ ଅବଦାନ ପାଇଁ ଯମୁନାଲାଲ ଶର୍ମା ପୁରସ୍କାର ଏବଂ ଅବିସ୍ମରଣୀୟ ପ୍ରଦର୍ଶନ ପାଇଁ ହକି ଇଣ୍ଡିଆ ପ୍ରେସିଡେଣ୍ଟ୍ସ ପୁରସ୍କାର ବିଜେତାଙ୍କ ନାମ ଉକ୍ତ ଉତ୍ସବରେ ଘୋଷଣା କରାଯିବ ବୋଲି ପ୍ରକାଶ କରାଯାଇଛି। ଏହି ୫ କାଟେଗୋରି ପାଇଁ ୫,୦୦,୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ।

## ରୋହିତ ଶର୍ମାଙ୍କୁ ରିଅଲ ମାଡ୍ରିଡ୍ ଜର୍ସି

**ନୂଆଦିଲ୍ଲୀ, ୩।୩ (ପି.ଟି.):** ଭାରତୀୟ କ୍ରିକେଟ ଦଳର ଷ୍ଟାର ଓପନର ରୋହିତ ଶର୍ମାଙ୍କ ସମ୍ମାନାର୍ଥେ ମଙ୍ଗଳବାର ସ୍ପେନ୍‌ର ମାଡ୍ରିଡ୍ ଅନ୍ତର୍ଗତ ସାଣ୍ଟିଆଗୋଠାରେ ତାଙ୍କୁ ସ୍ପାନିଶ ଫୁଟ୍‌ବଲ ଟିମ୍ ରିୟଲ ମାଡ୍ରିଡ୍ ଜର୍ସି ପ୍ରଦାନ କରାଯାଇଛି। ଫୁଟ୍‌ବଲ କ୍ଲବର ଇନଷ୍ଟିଚ୍ୟୁଶନାଲ ରିଲେଶନ ଡାଇରେକ୍ଟର ତଥା ଭାରତରେ ଲା ଲିଗା ଆମ୍ବାସାଡର ଏମିଲିଓ ବୁଟ୍ରାଜିନୋ ସାଣ୍ଟୋସ୍ ଶର୍ମାଙ୍କୁ ଏହି ଜର୍ସି ପ୍ରଦାନ କରିଥିଲେ। ଜର୍ସି ସହ ଭାରତୀୟ ଷ୍ଟାର ଓପନରଙ୍କ ଏକ ଫଟୋ ରିୟଲ ମାଡ୍ରିଡ୍ ଏହାର ସୋସିଆଲ ମିଡିଆରେ ପୋଷ୍ଟ ହୋଇଛି। ରୋହିତ ଏହି ଅବସରରେ ରବିବାର ସାଣ୍ଟିଆଗୋର ବର୍ନାବେଉ ଷ୍ଟାଡିୟମରେ ବାର୍ସିଲୋନା ବିପକ୍ଷରେ ରିୟଲ ମାଡ୍ରିଡ୍‌ର ୨-୦ଗୋଲରେ ବିଜୟ ମ୍ୟାଚ ଦେଖିବାର ସୁଯୋଗ ପାଇଛନ୍ତି। ଏଥିପାଇଁ ସେ କ୍ଲବ କର୍ତ୍ତୃପକ୍ଷଙ୍କ ଧନ୍ୟବାଦ ଦେଇଛନ୍ତି। ସୂଚନାଯୋଗ୍ୟ, ପେଣ୍ଡାରେ ଇଞ୍ଜୁରି ପାଇଁ ଭାରତୀୟ ଦିନିକିଆ ଓ ଟି୨୦ ଦଳର ଉପ ଅଧିନାୟକ ରୋହିତ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ଓ ଟେଷ୍ଟ ସିରିଜରୁ ବାଦ୍ ପଡ଼ିଥିଲେ। ବର୍ତ୍ତମାନ ସେ ତାଙ୍କ ପରିବାର ସହ ସ୍ପେନରେ ଛୁଟି କଟାଉଛନ୍ତି।



## ଏସ୍‌ବିଆଇ ଲାଇଫ୍ ସହ ଯୋଡ଼ିହେଲେ ଦୂତୀ

**ଭୁବନେଶ୍ୱର, ୩।୩(ସ୍ପୋର୍ଟ୍ସ ବ୍ୟୁରୋ):** ନିଜ ଅନ୍ତର୍ନିହିତ ପ୍ରତିଭାକୁ ଜାଗ୍ରତ କରାଇବା ସହ ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିବାକୁ ହେଲେ ପରିବାରର ସମର୍ଥନ ଓ ସହଯୋଗ କେତେ ଯେ ଗୁରୁତ୍ୱପୂର୍ଣ୍ଣ ତାହା ପରିପ୍ରକାଶ ଲାଗି ଏସ୍‌ବିଆଇ ଲାଇଫ୍ ପକ୍ଷରୁ ନିକଟରେ ଏକ ବ୍ରାଣ୍ଡ ପ୍ରଚାର ଅଭିଯାନ ଆରମ୍ଭ କରାଯାଇଛି। ଏସବିଆଇ ଭାରତର ମହିଳା ୧୦୦ ମିଟର ଦୌଡ଼ ଜାତୀୟ ଚାମ୍ପିୟନ ଦୂତୀ ଚାନ୍ଦଙ୍କ ସହ ହାତ ମିଳାଇଛି। ଏହି ପରିପ୍ରେକ୍ଷୀରେ ପ୍ରସ୍ତୁତ କରାଯାଇଥିବା ଭିଡିଓରେ ଦୂତୀଙ୍କ ସଂଘର୍ଷମୟ ଜୀବନ ଏବଂ ତାଙ୍କ ପ୍ରିୟଜନମାନେ ଗ୍ରହଣକରିଥିବା ଭୂମିକାକୁ ପ୍ରଦର୍ଶନ କରାଯାଇଛି। ଏଥିରେ ଦୂତୀଙ୍କ ପିଲାଦିନ ଏବଂ ତାଙ୍କ ଜୀବନର ବିଭିନ୍ନ ଘଟଣାବଳୀକୁ ସ୍ଥାନିତ କରାଯାଇଛି। ବହୁ ବାଧାବିଘ୍ନ ସତ୍ତ୍ୱେ କ୍ରୀଡ଼ାକୁ କ୍ୟାରିୟର ଭାବେ ଗଢ଼ିତୋଳିବା କ୍ଷେତ୍ରରେ ତାଙ୍କ ପରିବାର କିପରି ଅନୁପ୍ରାଣିତ କରିଥିଲେ ତାହା ମଧ୍ୟ ଏଥିରେ ଚିତ୍ରଣ କରାଯାଇଛି। ଦୂତୀ କେବଳ ଜାତୀୟ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିପାରିଛନ୍ତି। ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସର ବ୍ରାଣ୍ଡ ଓ କର୍ପୋରେଟ୍ ଯୋଗାଯୋଗ ମୁଖ୍ୟ ରବୀନ୍ଦ୍ର ଶର୍ମା କହିଛନ୍ତି ଯେ, ଏସ୍‌ବିଆଇ ଲାଇଫ୍ ସର୍ବଦା ପରିବାର ସୁରକ୍ଷାକୁ ଗୁରୁତ୍ୱ ଦେଇଥାଏ। ଜୀବନରେ ନିଜ ଲକ୍ଷ୍ୟ ହାସଲ କରିବାକୁ ହେଲେ ପରିବାରର ଭୂମିକା କେତେ ଯେ ଗୁରୁତ୍ୱପୂର୍ଣ୍ଣ ତାହା ଦୂତୀ ଚାନ୍ଦଙ୍କ ପ୍ରେରଣାଦାୟକ କାହାଣୀ ଜରିଆରେ ଆମେ ଉପସ୍ଥାପନ କରିଛୁ। ଆଶାକରୁଛୁ ଏହା ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବ।

ଦୂତୀ କହିଛନ୍ତି, ଏକ ସୁଦୃଢ଼ ପରିବାର ଜଣକୁ ବଳିଷ୍ଠ କରି ଗଢିତୋଳିବାରେ ସହାୟକ ହୋଇଥାଏ। ଜୀବନର ଝଡ଼ ଝଞ୍ଜାକୁ ସହଜରେ ଅତିକ୍ରମ କରିହୋଇଥାଏ। ମୋ ଜୀବନର ପ୍ରମୁଖ ମୁହୂର୍ତ୍ତକୁ ପୁନଃଜୀବନ୍ତ କରିଥିବାରୁ ମୁଁ ଏସ୍‌ବିଆଇ ଲାଇଫ୍‌କୁ ଧନ୍ୟବାଦ ଦେଉଛି। ମୋ ଉପରେ ବିଶ୍ୱାସ ପ୍ରକଟ କରିବା ଏବଂ ମୋ ସ୍ୱପ୍ନକୁ ସାକାର କରିବା ଦିଗରେ ଆବଶ୍ୟକ ପ୍ରେରଣା ଓ ସହଯୋଗ ପାଇଁ ମୁଁ ପରିବାରକୁ ମଧ୍ୟ ଧନ୍ୟବାଦ ଦେଉଛି।

## ଧୋନୀଙ୍କୁ ସ୍ୱାଗତ କଲେ ରାଇନା

**ବେଙ୍ଗାଲୁରୁ, ୩।୩:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ତ୍ରୟୋଦଶ ସଂସ୍କରଣ ମାର୍ଚ୍ଚ ୨୯ରୁ ଆରମ୍ଭ ହେବ। ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପର୍ କିଙ୍ଗ୍ସ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ଖେଳାଯିବ। ବିଶ୍ୱର ଏହି ବ୍ୟୟବହୁଳ ଟି୨୦ କ୍ରିକେଟ୍ ଲାଗି ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ପୂର୍ବପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଚାଲିଥିବା ଚେନ୍ନାଇ କ୍ୟାମ୍ପ୍‌ରେ ଧୋନୀ ସୋମବାର ଯୋଗଦେଇ ଅଭ୍ୟାସ ଆରମ୍ଭ କରିଛନ୍ତି। ଏହି ଅବସରରେ ସାଥୀ ଖେଳାଳି ସୁରେଶ ରାଇନା ଧୋନୀଙ୍କୁ ସ୍ୱାଗତ କରିଥିବା ଦେଖିବାକୁ ମିଳିଥିଲା। ଧୋନୀଙ୍କ ବେକକୁ ଧରି ରାଇନା କୁଣ୍ଢାଇବା ସହ କିଛି ସମୟ କଥାବାର୍ତ୍ତା ହୋଇଥିଲେ। ଏହି ଭିଡିଓକୁ ଚେନ୍ନାଇ ସୁପର୍ କିଙ୍ଗ୍ସ ଫ୍ରାଞ୍ଚାଇଜ ଏହାର ଟୁଇଟର୍ ପୃଷ୍ଠାରେ ଶେୟାର କରିଛି। ଏହାକୁ ବହୁ ସଂଖ୍ୟାରେ କ୍ରିକେଟ୍‌ପ୍ରେମୀ ଲାଇକ୍ କରିଥିବାବେଳେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସୋମବାର ଟ୍ରେନିଂ ସେସନରେ ଅନ୍ୟ ଚେନ୍ନାଇ ଖେଳାଳିଙ୍କ ମଧ୍ୟରେ ଅମ୍ବାତି ରାୟୁଡ୍, ମୁରଲୀ ବିଜୟ, ପୀୟୁଷ ଚାୱଲା, କର୍ଣ୍ଣ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ।



# ୧୩ ବର୍ଷ ପରେ ଫାଇନାଲରେ ବେଙ୍ଗଲ

**ରଣଜୀ ଟ୍ରଫି**

**କୋଲକାତା, ୩।୩ (ପି.ଟି.)**

ସ୍ଥାନୀୟ ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ରଣଜୀ ଟ୍ରଫି ଦ୍ୱିତୀୟ ସେମିଫାଇନାଲ ମୁକାବିଲାରେ ତାରକା ଖଚିତ କର୍ନାଟକକୁ ୧୭୪ ରନରେ ପରାସ୍ତ କରି ବେଙ୍ଗଲ ଫାଇନାଲରେ ସ୍ଥାନ ପକ୍କା କରିଛି। ଏଥିସହ ଘରୋଇ ବେଙ୍ଗଲ ଦୀର୍ଘ ୧୩ ବର୍ଷର ବ୍ୟବଧାନ ପରେ ଫାଇନାଲରେ ପ୍ରବେଶ କରିବାରେ ସଫଳ ହୋଇଛି। ସୌରାଷ୍ଟ୍ର ଓ ଗୁଜରାଟ ମଧ୍ୟରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲର ବିଜେତା ସହ ବେଙ୍ଗଲ ଫାଇନାଲରେ ଖେଳିବ। ଶେଷଥର ପାଇଁ ବେଙ୍ଗଲ ୨୦୦୭ ସିଜନରେ ଫାଇନାଲରେ ପ୍ରବେଶ କରିଥିଲା। କିନ୍ତୁ ମୁମ୍ବାଇ ନିକଟରୁ ୧୩୨ ରନରେ ହାରି ରନର୍ସଅପ୍ ରହିଥିଲା। ସେହିଭଳି ଶେଷଥର ପାଇଁ ବେଙ୍ଗଲ ୧୯୮୯ ସିଜନରେ ଦିଲ୍ଲୀକୁ ହରାଇ ରଣ୍‌ଜୀ ଟ୍ରଫି ଟାଇଟଲ୍ ଜିତିଥିଲା। ସୌରଭ ଗାଙ୍ଗୁଲି ସେହି ସିଜନରେ ନିଜର ପ୍ରଥମ ଶ୍ରେଣୀ କ୍ୟାରିୟର ଆରମ୍ଭ କରିଥିଲେ।

ବେଙ୍ଗଲ ପକ୍ଷରୁ ଧାର୍ଯ୍ୟ ୩୫୨ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍‌କୁ ପିଛା କରି ଭ୍ରମଣକାରୀ କର୍ନାଟକ ସୋମବାର ୩ୟ ଦିବସ ଶେଷ ସୁଦ୍ଧା ୩ ଉଇକେଟ୍ ହରାଇ ୯୮ ରନ କରିଥିଲା। ମଙ୍ଗଳବାର ୪ର୍ଥ ଦିବସରେ କର୍ନାଟକ ଲଢ଼େଇ କରିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଦଳ ୧୬.୩ ଓଭରରେ ଆଉ ୭୯ ରନ ସଂଗ୍ରହ କରି ବଳକା ୭ ଉଇକେଟ୍ ହରାଇ ମୋଟ୍ ୧୬୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ବେଙ୍ଗଲ ପକ୍ଷରୁ ଦ୍ରୁତ ବୋଲର ମୁକେଶ କୁମାର ସବୁଠାରୁ ସଫଳ ରହିଥିଲେ। ସେ ୬୧ ରନରେ ୬ ଉଇକେଟ୍ ଅକ୍ତିଆର କରିଥିଲେ। ଏହା ତାଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ ରହିଥିଲା। କର୍ନାଟକ ପକ୍ଷରୁ ପୂର୍ବଦିନର ଅପରାଜିତ ବ୍ୟାଟ୍ସମ୍ୟାନ ମନୀଷ ପାଣ୍ଡେ ଆଉ ଏକ ରନ୍ ଯୋଗ କରି ୧୨ରେ ଆଉଟ୍ ହୋଇଥିଲେ। ସେହିଭଳି ଦେବଦତ୍ତ ପାଡିକଲ ୬୨, କ୍ରିଷ୍ଣାପ୍ପା ଗୋଥାମ ୨୨, ଅଭିମନ୍ୟୁ ମିଥୁନ ୩୮ ରନ କରିଥିଲେ। ଦୁଇ ପ୍ରମୁଖ ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲ (୦) ଓ ଅଧିନାୟକ କରୁନ ନାୟାର (୬) ବିଫଳ ହୋଇଥିଲେ। ବେଙ୍ଗଲର ପ୍ରଥମ ଇନିଂସରେ ଅପରାଜିତ ୧୪୯ ରନର ଇନିଂସ ଖେଳିଥିବା ଅନୁଷ୍ଟୁପ୍ ମଜୁମଦାର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ।



କର୍ନାଟକକୁ ହରାଇବା ପରେ ଉଲ୍ଲସିତ ବେଙ୍ଗଲ ଖେଳାଳି।

**ସଂକ୍ଷିପ୍ତ ସ୍କୋର**

ବେଙ୍ଗଲ ପ୍ରଥମ ଇନିଂସ– ୩୧୨/୧୦
କର୍ନାଟକ ପ୍ରଥମ ଇନିଂସ– ୧୨୨/୧୦
ବେଙ୍ଗଲ ୨ୟ ଇନିଂସ– ୧୬୧/୧୦
କର୍ନାଟକ ୨ୟ ଇନିଂସ– ୧୭୭/୧୦।

## ଟାର୍ଗେଟ୍ ୩୨୭: ଗୁଜରାଟ ୭/୧

**ରାଜକୋଟ, ୩।୩ (ପି.ଟି.):** ଅର୍ପିତ ଭାସଭଦାଙ୍କ ଶତକ ବଳରେ ସୌରାଷ୍ଟ୍ର ଏଠାରେ ଅନୁଷ୍ଠିତ ରଣଜୀ ଟ୍ରଫି ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଗୁଜରାଟ ସମ୍ମୁଖରେ ୩୨୭ ରନର ଏକ ଚ୍ୟାଲେଞ୍ଜିଂ ଟାର୍ଗେଟ୍ ରଖିଛି। ଜବାବରେ ୨ୟ ଇନିଂସ ଆରମ୍ଭ କରି ଘରୋଇ ଗୁଜରାଟ ମଙ୍ଗଳବାର ୪ର୍ଥ ଦିବସ ଶେଷ ସୁଦ୍ଧା ଗୋଟିଏ ଉଇକେଟ୍ ହରାଇ ୭ ରନ୍ ସଂଗ୍ରହ କରିଛି। ସମିତ ଗୋହେଲ ୫ ଓ ଭାର୍ଗବ ମେରାଇ ୧ ରନରେ ଅପରାଜିତ ରହିଛନ୍ତି। ବୁଧବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାବେଳେ ଉଭୟ ଦଳ ନିକଟରେ ଜିତିବାର ସମ୍ଭାବନା ରଖିଛନ୍ତି। ପୂର୍ବରୁ ଶେଲଡନ ଜ୍ୟାକସନ (୧୦୩)ଙ୍କ ଶତକ ବଳରେ ସୌରାଷ୍ଟ୍ର ପ୍ରଥମ ଇନିଂସରେ ୩୦୪ ରନରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଗୁଜରାଟ ପ୍ରଥମ ଇନିଂସରେ ୨୫୨ ରନ କରିବାକୁ ସକ୍ଷମ ହୋଇଥିଲା। ୫୨ ରନରେ ଅଗ୍ରଣୀ ରହିଥିବା ସୌରାଷ୍ଟ୍ର ସୋମବାର ଖେଳ ଶେଷ ସୁଦ୍ଧା ୨ୟ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୫ ଉଇକେଟ୍ ହରାଇ ୬୬ ରନ କରିଥିଲା। ମଙ୍ଗଳବାର ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଅର୍ପିତଙ୍କ ୧୩୯ ରନର ଇନିଂସ ବଳରେ ସୌରାଷ୍ଟ୍ର ୨୭୪ ରନ କରିବାକୁ ସମର୍ଥ ହୋଇଥିଲା। ଗୁଜରାଟ ପକ୍ଷରୁ ଚିନ୍ତନ ଗାଜା ସର୍ବାଧିକ ୭ ଉଇକେଟ୍ ନେଇଥିଲେ। ଫଳରେ ସୌରାଷ୍ଟ୍ର ମୋଟ୍ ଉପରେ ୩୨୬ ରନ ଅଗ୍ରଣୀ ହାସଲ କରିଥିଲା।

## ସଂକ୍ଷେପରେ

### ଚୟନକର୍ତ୍ତା ପଦବୀ ପାଇଁ ୫ ଜଣିଆ ସଂକ୍ଷିପ୍ତ ତାଲିକା

**ମୁମ୍ବାଇ, ୩।୩ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ଦୁଇଟି ଚୟନକର୍ତ୍ତା ପଦବୀ ସକାଶେ ସାକ୍ଷାତ୍କାର ପାଇଁ ଆବେଦନକାରୀଙ୍କ ମଧ୍ୟରୁ ୫ ଜଣଙ୍କୁ ମନୋନୀତ କରିଛନ୍ତି। ସେମାନଙ୍କ ମଧ୍ୟରେ ଭାରତର ପୂର୍ବତନ ପେସ୍ ବୋଲର ଭେଙ୍କଟେଶ ପ୍ରସାଦ ଅନ୍ୟତମ। ପୂର୍ବତନ କ୍ରିକେଟର ମଦନ ଲାଲ, ଆର.ପି. ସିଂ ଏବଂ ସୁଲକ୍ଷଣା ନାଏକଙ୍କୁ ନେଇ ଗଠିତ କମିଟିର ପ୍ରଥମ ବୈଠକ ଏଠାରେ ମଙ୍ଗଳବାର ବସିଥିଲା। ସେମାନେ ୪୪ଜଣ ଆବେଦନକାରୀଙ୍କ ମଧ୍ୟରୁ ୫ ଜଣଙ୍କୁ ସାକ୍ଷାତ୍କାର ପାଇଁ ମନୋନୀତ କରିଥିଲେ। ବିଦାୟୀ ସିଲେକ୍ସନ କମିଟି ମୁଖ୍ୟ ଏମ୍.ଏସ୍.କେ. ପ୍ରସାଦ ଏବଂ ଅନ୍ୟତମ ସଦସ୍ୟ ଗଗନ ଖୋଦାଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ ଏହି ପଦବୀ ଦୁଇଟି ଖାଲି ପଡ଼ିଥିଲା। ଭାରତର ପୂର୍ବତନ ପେସ୍ ବୋଲର ଅଜିତ ଅଗରକର ଜଣେ ହାଇପ୍ରୋଫାଇଲ ଆବେଦନକାରୀ ଥିଲେ। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ସେ ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇ ନାହାନ୍ତି।

# ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ା ଉଦ୍‌ଘାଟିତ

**ଭୁବନେଶ୍ୱର, ୩।୩(କ୍ରୀଡ଼ା ପ୍ରତିନିଧି)**



ମଙ୍ଗଳବାର କଳିଙ୍ଗ ଷ୍ଟାଡ଼ିୟମ୍‌ରେ ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ା ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାସ୍କଟ ଓଲି ସହ।

ସର୍ବଭାରତୀୟ ବନବିଭାଗ କ୍ରୀଡ଼ା (ଏଆଇଏଫଏସଏମ)ର ୨୫ତମ ସଂସ୍କରଣ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ''ଓଡ଼ିଶାର ରାଜଧାନୀ ସହରକୁ ସମସ୍ତଙ୍କୁ ଆନନ୍ଦର ସହ ସ୍ୱାଗତ କରୁଛି। ଆପଣମାନେ ହେଉଛନ୍ତି ଜଙ୍ଗଲ ଓ ଜୀବଜନ୍ତୁଙ୍କର ପ୍ରକୃତ ରକ୍ଷକ'' ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଭାରତର କ୍ରୀଡ଼ା ରାଜଧାନୀଭାବେ କ୍ରମେ ଆଗକୁ ବଢ଼ୁଥିବା ଭୁବନେଶ୍ୱରରେ ନିକଟ ଅତୀତରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ ହୋଇଛି। ଓଡ଼ିଶା ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଏହି ସର୍ବଭାରତୀୟ ପ୍ରତିଯୋଗିତା ୭ ତାରିଖ ପର୍ଯ୍ୟନ୍ତ ଚାଲିବ।

''ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନରେ ଓଡ଼ିଶା ଭାରତର ସ୍ପୋର୍ଟ୍ସ ସୁପର ପାୱାରଭାବେ ଉଭା ହୋଇଛି। କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ ଯେପରି ଆଗକୁ ବଢ଼ୁଛି ଏଠାରୁ ଦେଶର ଭବିଷ୍ୟତ ଅଲିମ୍ପିଆନ ବାହାରିବା ଆଉ ବେଶି ଦିନ ନୁହେଁ। ଆଗାମୀ ଟୋକିଓ ଅଲିମ୍ପିକ୍ସରେ ଭାରତ ଭଲ ପ୍ରଦର୍ଶନ କରିବା ନେଇ ମୁଁ ଦୃଢ଼ ଆଶାବାଦୀ'' ବୋଲି ଅନ୍ୟତମ ଅତିଥି ଅଲିମ୍ପିଆନ ଶୁଟର ଗଗନ ନାରଙ୍ଗ ପ୍ରକାଶ କରିଛନ୍ତି। ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଓ ଅନୁଷ୍ଠାନରୁ ୩୭ଟି ଦଳ ଏଥିରେ ଭାଗନେବ। ଆୟୋଜକ ଓଡ଼ିଶାର ୯୨ ଜଣକୁ ମିଶାଇ ମୋଟ ୨୫୦୦ ଆଥଲେଟ୍ ୨୩ଟି ବିଭିନ୍ନ ଇଭେଣ୍ଟ ପାଇଁ ମୁକାବିଲା କରିବେ। ପ୍ରତିଯୋଗୀମାନେ ମହିଳା, ପୁରୁଷ, ଭେଟେରାନ ଓ ସିନିୟର ଭେଟେରାନ କାଟେଗୋରିରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟ ଅତିଥିଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**Anniversary Wish**



Wish both of u
Happy 2nd Marriage Anniversary
-:With Best Compliments:-
Sahoo Family, Friends and Relatives
Chandpur, Nayagarh
D-17009

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



ସିଦ୍ଧି ସମ୍ପୂର୍ଣ୍ଣା ମିଶ୍ର
ଗ୍ରାମ: ନୂଆଁପାଲି, ଆଗଲପୁର
ତୁମ ପ୍ରଥମ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା। ଯୋଗେଶ୍ୱର ବାବାଙ୍କ କୃପାରୁ ତୁମର ଚଲାପଥ ଦୀର୍ଘାୟୁ ଏବଂ କୁସୁମିତ ହେଉ।
-:ଶୁଭେଚ୍ଛା ସହ:-
ମାମୁ ରାନ୍ଟୁ, ରାଜା, ମାମା, ଦାଦା, ମାଆ, ବାପା, ବନ୍ଧୁ ଓ ପରିଜନ।
ଧ-୧୭୦୦୬

**୧୦ମ ଜନ୍ମଦିନ ଶୁଭେଚ୍ଛା**



ସତ୍ୟବ୍ରତ ମହାପାତ୍ର (କ୍ରିଷ୍ଣା)
ବିଦ୍ୟାନଗର, ଦେରନାଗଲୁ
ଆଜି ତୋର ୧୦ମ ଜନ୍ମଦିନ ୦୪।୦୩।୨୦୨୦ (ବୁଧବାର)। ଜନ୍ମଦିନ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନତି ତୋର ଚଲାପଥ କୁସୁମିତ ହେଉ। ଏତିକି ଆମର କାମନା। ତୋର- ବାପା, ମାମା, ଅଜା,ଆଈ, ମାମୁ, ମାଉସୀ, ପିଉସା, ପିଉସୀମାନେ।
ଧ-୧୭୦୦୭

# ଚାଇନାଠାରୁ ହାରିଲା ଭାରତ

**ଫେଡ୍ କପ୍**

**ଦୁବାଇ, ୩।୩ (ପି.ଟି.):** ଫେଡ୍ କପ୍ ଟେନିସ ପ୍ରତିଯୋଗିତାରେ ଭାରତ ଚାଇନା ନିକଟରୁ ହାରିଯାଇଛି। ଭାରତ ପ୍ରଥମ ଦୁଇଟି ସିଙ୍ଗଲ୍ସ ମ୍ୟାଚ ହାରିଯିବା ଫଳରେ ପରେ ଖେଳାଯିବାକୁଥିବା ଡବଲ୍ସ ମ୍ୟାଚ ଗୁରୁତ୍ୱହୀନ ହୋଇପଡ଼ିଛି। ଏଠାରେ ମଙ୍ଗଳବାର ଆରମ୍ଭ ହୋଇଥିବା ଫେଡ୍ କପ୍ ପ୍ରତିଯୋଗିତାର ପ୍ରଥମ ସିଙ୍ଗଲ୍ସରେ ଭାରତର ଋତୁଜା ଭୋସ୍‌ଲେ ଲଢ଼ୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ବିଶ୍ୱର ୩୫ ନମ୍ବର ମାନ୍ୟତାପ୍ରାପ୍ତ ଚାଇନାର ଶୁଆଇ ଝାଙ୍ଗ୍ ତାଙ୍କୁ ୬-୪, ୬-୨ ସେଟ୍‌ରେ ହରାଇ ଦେଇଥିଲେ। ଏହି ମ୍ୟାଚ ୧ଘଣ୍ଟା ଓ ୧୬ ମିନିଟ ଧରି ଚାଲିଥିଲା। ସୂଚନାଯୋଗ୍ୟ, ଶୁଆଇ ଅଷ୍ଟ୍ରେଲିଆନ ଓପନ ଟେନିସ ପ୍ରତିଯୋଗିତାର ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ଏହି ପର୍ଯ୍ୟାୟରେ ସେ ଚାମ୍ପିୟନ ସୋଫିଆ କେନିନ୍‌ଙ୍କଠାରୁ ହାରିଯାଇଥିଲେ। ପରବର୍ତ୍ତୀ ସିଙ୍ଗଲ୍ସରେ ଅଙ୍କିତା ରାଇନା ବିଶ୍ୱର ୨୯ ନମ୍ବର ମାନ୍ୟତାପ୍ରାପ୍ତ କ୍ୱିଆଙ୍ଗ୍ ୱାଙ୍ଗ୍‌ଙ୍କଠାରୁ ୬-୧, ୨-୬, ୪-୬ରେ ହାରିଯାଇଥିଲେ। ଜାନୁୟାରୀରେ ଅନୁଷ୍ଠିତ ଅଷ୍ଟ୍ରେଲିଆନ ଓପନରେ କେନିନ୍ ସେରେନା ୱିଲିୟମ୍ସଙ୍କୁ ପରାସ୍ତ କରିଥିଲେ। ଭାରତ ବୁଧବାର ଏହାର ପରବର୍ତ୍ତୀ ମ୍ୟାଚ ଉଜବେକିସ୍ତାନ ବିପକ୍ଷରେ ଖେଳିବ। ୬ଟି ଦେଶକୁ ନେଇ ଏସିଆ/ଓସେନିଆ ଗ୍ରୁପ୍-୧ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏଥିରୁ ଶ୍ରେଷ୍ଠ ଦୁଇ ଦଳ ଆସନ୍ତାମାସରେ ହେବାକୁଥିବା ପ୍ଲେ-ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ।

# ବାଂଲାଦେଶର ରୋମାଞ୍ଚକ ବିଜୟ

**ସିଲ୍‌ହେଟ୍, ୩।୩**

ଏଠାରେ ଖେଳାଯାଇଥିବା ୨ୟ ଦିନିକିଆ ମ୍ୟାଚ୍‌ରେ ଘରୋଇ ବାଂଲାଦେଶ ୪ ରନରେ ରୋମାଞ୍ଚକ ଭାବେ ଜିମ୍ବାୱେକୁ ପରାସ୍ତ କରିଛି। ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ୍‌ରେ ୩୨୨ ରନ କରିଥିବାବେଳେ ଜିମ୍ବାୱେ (୩୧୮/୮) ୪ ରନ ଦୂରରେ ରହିଯାଇଥିଲା। ବିଜୟ ସହ ଘରୋଇ ଦଳ ୩ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୨-୦ରେ ଆଗୁଆ କବ୍‌ଜା କରିନେଇଛି। ପୂର୍ବରୁ ପ୍ରଥମ ମ୍ୟାଚ୍‌କୁ ବାଂଲାଦେଶ ୧୬୯ ରନରେ ଜିତିଥିଲା। ସିରିଜର ଅନ୍ତିମ ମ୍ୟାଚ୍ ଶୁକ୍ରବାର ଖେଳାଯିବ।

ଏହି ହାଇସ୍କୋରିଂ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ଭେଟେରାନ ଓପନର୍ ତମିମ୍ ଇକବାଲଙ୍କ ୧୫୮ ରନ (୨୦ ଚୌକା, ୩ ଛକା) ବଳରେ ୫୦ ଓଭରରେ ୮ ଉଇକେଟ୍ ହରାଇ ୩୨୨ ରନ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ମୁସଫିକର ରହିମ ୫୫, ମହମ୍ମଦୁଲା ୪୧ ରନ କରିଥିଲେ। ଜଣେ ବାଂଲାଦେଶ ବ୍ୟାଟ୍ସମ୍ୟାନ ଭାବେ ତମିମ ଦିନିକିଆରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିବାର ରେକର୍ଡ କରିଛନ୍ତି। ତମିମ ନିଜ ନାମରେ ରହିଥିବା ରେକର୍ଡକୁ ନିଜେ ଭଙ୍ଗ କରିଛନ୍ତି। ୨୦୦୯ରେ ସେ ଜିମ୍ବାୱେ ବିପକ୍ଷରେ ୧୫୪ ରନ କରିଥିଲେ, ଯାହା ଆଜି ପର୍ଯ୍ୟନ୍ତ ରେକର୍ଡ ହୋଇ ରହିଥିଲା। ଜିମ୍ବାୱେ ପକ୍ଷରୁ କାର୍ଲ ମୁମ୍ବା ଓ ଡୋନାଲ୍ଡୋ ତିରିପାନୋ ୨ଟି ଲେଖାଏ ଉଇକେଟ୍ ନେଇଛନ୍ତି। ଜବାବରେ ଜିମ୍ବାୱେ ମଧ୍ୟ ଓ ନିମ୍ନକ୍ରମ ବ୍ୟାଟ୍ସମ୍ୟାନଙ୍କ ଉପଯୋଗୀ ଇନିଂସ ବଳରେ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ୍‌ରେ ୩୧୮ ରନ କରିଥିଲା। ଅନ୍ତିମ ଓଭରରେ ୨୦ ରନ ଆବଶ୍ୟକ ହେଉଥିବାବେଳେ ଜିମ୍ବାୱେ ୧୫ ରନ କରିପାରିଥିଲା। ଦଳ ପକ୍ଷରୁ ତିନାସି କାମୁନ୍‌ହୁକାମୱି ୫୧, ୱେସଲୀ ମାଧଭେରେ ୫୨, ସିକନ୍ଦର ରାଜା ୬୬, ତିରିପାନୋ ୫୫* ଓ ତିନୋତେନ୍ଦା ମୁଟୁମ୍ବୋଜି ୩୪ ରନ କରିଥିଲେ। ବିଜୟୀ ଦଳର ତାଇଜୁଲ ଇସଲାମ ୩ଟି ଉଇକେଟ୍ ନେଇଥିଲେ।

## ଟାଉନ୍ କ୍ଲବ-ପ୍ରଗତି ଫାଇନାଲ

**ସିନିୟର ଆନ୍ତଃକ୍ଲବ କ୍ରିକେଟ୍ ଲିଗ୍**

**ଭୁବନେଶ୍ୱର, ୩।୩ (ସ୍ପୋର୍ଟ୍ସ ବ୍ୟୁରୋ):** ଏଠାରେ ଚାଲିଥିବା ସିନିୟର ଇଣ୍ଟର କ୍ଲବ କ୍ରିକେଟ୍ ଲିଗ୍‌ର ଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଟାଉନ୍ କ୍ଲବ ଓ ପ୍ରଗତି ସ୍ପୋର୍ଟିଂ ପରସ୍ପରକୁ ଫାଇନାଲରେ ଭେଟିବେ। ମଙ୍ଗଳବାର ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଟାଉନ କ୍ଲବ ୨ ରନରେ ସହିଦ୍ ସ୍ପୋର୍ଟିଂକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଟାଉନ୍ କ୍ଲବ ୩୧.୨ ଓଭରରେ ୧୨୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ସହିଦ୍ ସ୍ପୋର୍ଟିଂ ୩୭.୪ ଓଭରରେ ୧୨୭ ରନରେ ସୀମିତ ରହିଥିଲା। ସେହିଭଳି ହାଇଟେକ୍ ମେଡିକାଲ କଲେଜ ଗ୍ରାଉଣ୍ଡରେ ଖେଳାଯାଇଥିବା ୨ୟ ସେମିଫାଇନାଲରେ ପ୍ରଗତି ସ୍ପୋର୍ଟିଂ ୧୨୮ ରନରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ପ୍ରଗତି ରଘୁନାଥ ମଲ୍ଲଙ୍କ (୧୨୪ ରନ)ଶତକ ବଳରେ ୪୫ ଓଭରରେ ୫ ଉଇକେଟ୍ ହରାଇ ୨୭୧ ରନ କରିଥିଲା। ଜବାବରେ ପାରାମାଉଣ୍ଟ ସ୍ପୋର୍ଟିଂ ୩୬.୪ ଓଭରରେ ୧୪୩ ରନର ଅଲ୍‌ଆଉଟ୍ ହୋଇଥିଲା।

# ସେମିରେ ଇଂଲଣ୍ଡକୁ ଭେଟିବ ଭାରତ

**ଆଇସିସି ମହିଳା ଟି୨୦ ବିଶ୍ୱକପ୍**

**ସିଡ୍‌ନୀ, ୩।୩ (ପି.ଟି.)**

ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ମଙ୍ଗଳବାର ଖେଳାଯାଇଥିବା ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଯିବା ଫଳରେ ସେମିଫାଇନାଲ ଲାଇନ୍‌ଅପ୍ ସ୍ପଷ୍ଟ ହୋଇଥିଲା। ଭାରତ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ସେହିଭଳି ୪ଥରର ଚାମ୍ପିୟନ ଅଷ୍ଟ୍ରେଲିଆ ୨ୟ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ଉଭୟ ସେମିଫାଇନାଲ ଗୋଟିଏ ଦିନରେ (ମାର୍ଚ୍ଚ ୫, ଗୁରୁବାର) ଅନୁଷ୍ଠିତ ହେବ। ଭାରତ ଗ୍ରୁପ୍ ପର୍ଯ୍ୟାୟରେ ୪ ମ୍ୟାଚ୍ ଖେଳି ୪ ବିଜୟ ସହ ୮ ପଏଣ୍ଟ ପାଇ ଗ୍ରୁପ୍-ଏ'ରେ ଶୀର୍ଷ ସ୍ଥାନରେ ରହିଛି।

ବର୍ଷା ଯୋଗୁ ମ୍ୟାଚ୍ ବାତିଲ୍ ହେବା ଫଳରେ ଉଭୟ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ଗୋଟିଏ ଲେଖାଏ ପଏଣ୍ଟ ବାଣ୍ଟି ନେଇଥିଲେ। ଫଳରେ ୪ ମ୍ୟାଚ୍‌ରୁ ମୋଟ୍ ୭ ପଏଣ୍ଟ ସହ ଦକ୍ଷିଣ ଆଫ୍ରିକା ଗ୍ରୁପ୍-ବି'ରେ ଶୀର୍ଷ ସ୍ଥାନରେ ହାସଲ କରିଛି। ସେହିଭଳି ଇଂଲଣ୍ଡ ମୋଟ ୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହି ସେମିଫାଇନାଲରେ ଭାରତକୁ ଭେଟିବ। ଏଥିସହ ୨୦୧୮ ସେମିଫାଇନାଲର ରିପିଟ୍ ଏହି ବିଶ୍ୱକପ୍‌ରେ ଦେଖିବାକୁ ମିଳିଛି। ୨୦୧୮ ସଂସ୍କରଣରେ ମଧ୍ୟ ଭାରତ ଓ ଇଂଲଣ୍ଡ ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତକୁ ପରାସ୍ତ କରି ଇଂଲଣ୍ଡ ଫାଇନାଲକୁ ଉଠିଥିଲା। କିନ୍ତୁ ଫାଇନାଲରେ ଅଷ୍ଟ୍ରେଲିଆ ନିକଟରୁ ହାରି ଇଂଲଣ୍ଡ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲା।

## ବିଶ୍ୱକପ୍‌ରୁ ବାଦ୍ ପଡ଼ିଲେ ପେରୀ




**ସିଡ୍‌ନୀ, ୩।୩ (ଏଏଫ୍‌ପି):** ଚଳିତ ଆଇସିସି ମହିଳା ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ମଙ୍ଗଳବାର ଶେଷ ହୋଇଛି। ଗୁରୁବାରଠାରୁ ସେମିଫାଇନାଲ ଆରମ୍ଭ ହେବ। ତେବେ ଏଥିପୂର୍ବରୁ ଡିଫେଣ୍ଡିଂ ଚାମ୍ପିୟନ ତଥା ଆୟୋଜକ ଅଷ୍ଟ୍ରେଲିଆ ଦଳକୁ ଶକ୍ତ ଧକ୍କା ଲାଗିଛି। ଦଳର ଷ୍ଟାର୍ ଖେଳାଳି ଏଲିସି ପେରୀ ଆଘାତଜନିତ ସମସ୍ୟା ଲାଗି ବିଶ୍ୱକପ୍‌ର ବଳକା ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ସୋମବାର ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଫିଲ୍ଡିଂ କରୁଥିବାବେଳେ ୨୯ ବର୍ଷୀୟା ପେରୀଙ୍କ ମାଂସପେଶୀ ଟାଣି ହୋଇଯାଇଥିଲା। ଅଷ୍ଟ୍ରେଲିଆ ସେମିଫାଇନାଲରେ ପ୍ରବେଶ କରିସାରିଛି। ତେଣୁ ଗୁରୁବାର ଅଷ୍ଟ୍ରେଲିଆ ଖେଳିବାକୁ ଥିବା ସେମିଫାଇନାଲ ମ୍ୟାଚ୍‌ରେ ବିଶ୍ୱର ଏହି ଶ୍ରେଷ୍ଠ ଅଲ୍‌ରାଉଣ୍ଡର ପ୍ରତିନିଧିତ୍ୱ କରିପାରିବେ ନାହିଁ। ସେହିଭଳି ଯଦି ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରେ ତେବେ ମଧ୍ୟ ଦଳ ପେରୀଙ୍କୁ ମିସ୍ କରିବ ବୋଲି କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ କୁହାଯାଇଛି। ଏଥିସହ ଚଳିତ ମାସରେ ଅଷ୍ଟ୍ରେଲିଆ ଦଳ ଦକ୍ଷିଣ ଆଫ୍ରିକା ଗସ୍ତରେ ଯିବା କାର୍ଯ୍ୟକ୍ରମ ରହିଛି। ସେଥିରେ ମଧ୍ୟ ପେରୀ ଦଳ ପାଇଁ ଉପଲବ୍ଧ ହୋଇପାରିବେ ନାହିଁ ବୋଲି ଜଣାପଡ଼ିଛି।

# ଉତ୍କଳ କରାଟେ ସ୍କୁଲର ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ କରାଟେକାମାନେ।

**ଭୁବନେଶ୍ୱର, ୩।୩(କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲର ମୁଖ୍ୟ ଡୋଜୋରେ ୨ ଦିନିଆ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଜିଲା ଶାଖାରୁ ମୋଟ ୬୦ ପ୍ରଶିକ୍ଷକ ଏଥିରେ ଅଂଶଗ୍ରହଣ କରିଥିଲେ। ଡ. ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ୧୪ କରାଟେକା ବ୍ଲାକ୍‌ବେଲ୍ଟ ଗ୍ରେଡିଂ ଦେଇ ସଫଳ ହୋଇଥିଲେ। ପ୍ରଥମ ଡାନ୍‌ରେ ରିତେଶ ରାୟ, ହର୍ଷଦା କୁମାର, ଆୟୁଷୀ ଅର୍ପିତା, ଦେବପ୍ରସାଦ ମାର୍ଥା, ଓମ୍ ଶୁଭମ୍ ମହାନ୍ତି, ସ୍ୱସ୍ତିକ ସମ୍ଭବ, ଅକ୍ଷିତା ଅରୂପ, ଶୁଭାଶିଷ ମହାପାତ୍ର, ସୃଷ୍ଟି ମିଶ୍ର, ନିଖିଲ କୁମାର ଦାସ, ପ୍ରିୟଦର୍ଶନ ଦାସ, ଦନାଲି ମିଶ୍ର ପ୍ରମୁଖ ୧୨ ଜଣ, ଦ୍ୱିତୀୟ ଡାନ୍‌ରେ ଯୋଗେଶ ଚନ୍ଦ୍ର ବରିହା ଓ ୩ୟ ଡାନ୍‌ରେ କ୍ରିଷ୍ଣା ଶିକାରୀ କୃତକାର୍ଯ୍ୟ ହୋଇଛନ୍ତି। ଆଗାମୀ ପ୍ରଶିକ୍ଷଣ ଶିବିର ଓ ବ୍ଲାକ୍‌ବେଲ୍ଟ ପରୀକ୍ଷା ଅଗଷ୍ଟ ୨୮ରେ ଅନୁଷ୍ଠିତ ହେବ।

# ଶୀର୍ଷ ସ୍ଥାନ ବଜାୟ ରଖିଲା ଭାରତ

**ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍**

**ଦୁବାଇ, ୩।୩ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟ ପ୍ରକାଶିତ ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଦଳ ଶୀର୍ଷ ସ୍ଥାନ ବଜାୟ ରଖିଛି। ମୋଟ୍ ୧୧୬ ରେଟିଂ ପଏଣ୍ଟ ସହ ଭାରତ ପୂର୍ବଭଳି ପ୍ରଥମ ସ୍ଥାନରେ ସୁରକ୍ଷିତ ରହିଛି। ସେହିଭଳି ଭାରତ ବିପକ୍ଷରେ ଟେଷ୍ଟ ସିରିଜ କ୍ଲିନ ସୁଇପ୍ କରିଥିବା ନ୍ୟୁଜିଲାଣ୍ଡ ୧୧୦ ପଏଣ୍ଟ ସହ ୨ୟ ସ୍ଥାନ ହାସଲ କରିଛି। ଅଷ୍ଟ୍ରେଲିଆ (୧୦୮ ପଏଣ୍ଟ) ତାଲିକାର ୩ୟ ସ୍ଥାନରେ ରହିଛି। ଚଳିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଭାରତ ପ୍ରଥମଥର ଲାଗି ଟେଷ୍ଟ ସିରିଜ ହାରିଛି।

ଅପରପକ୍ଷରେ ବ୍ୟାଟିଂ ତାଲିକାରେ ଭାରତୀୟ ଅଧିନାୟକ ବିରାଟ କୋହଲି ପୂର୍ବବତ୍ ମାନ୍ୟତାର ୨ୟ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ୍ ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ କୋହଲିଙ୍କ ପାଇଁ ଅତ୍ୟନ୍ତ ନୈରାଶ୍ୟଜନକ ରହିଥିଲା। ଦୁଇ ଟେଷ୍ଟ ମ୍ୟାଚ୍‌ର ୪ ଇନିଂସରେ ସେ ମୋଟ୍ ୩୮ ରନ୍ ସଂଗ୍ରହ କରିଥିଲେ। ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ପୃଥ୍ୱୀ ଶ' ୧୭ଟି ପାହାଚ ଉପରକୁ ଉଠି ୭୬ତମ ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡର ଓପନର୍ ଟମ୍ ବ୍ଲଣ୍ଡେଲ ୭୩ରୁ ୪୬ତମ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି। ବୋଲିଂରେ ନ୍ୟୁଜିଲାଣ୍ଡର ଟିମ୍ ସୌଦୀ ୨ଟି ପାହାଚ ଉପରକୁ ଉଠି ୪ର୍ଥ ସ୍ଥାନ ପାଇଛନ୍ତି। ଶ୍ରେଷ୍ଠ ଭାରତୀୟ ବୋଲର ଭାବେ ଯଶପ୍ରୀତ୍ ବୁମ୍‌ରା ୭ମ ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡର ସବୁଠାରୁ ଡେଙ୍ଗା କ୍ରିକେଟର୍ ବିବେଚିତ ହୋଇଥିବା କାଏଲ୍ ଜେମିସନ ୮୦ରୁ ୪୩ତମ ସ୍ଥାନକୁ ଉଠିଛନ୍ତି।

# କୁଚିଣ୍ଡାରେ ଫେଡେରେଶନ କପ୍ ଟେନିସ କ୍ରିକେଟ

**ଭୁବନେଶ୍ୱର, ୩।୩ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ଫେଡେରେଶନ କପ୍ ଟେନିସ କ୍ରିକେଟର ୪ର୍ଥ ସଂସ୍କରଣ ସମ୍ବଲପୁର କୁଚିଣ୍ଡାର ମୁକୁନ୍ଦ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହା ଚଳିତ ମାସ ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୪ ଜୋନ(ନର୍ଥ, ସାଉଥ, ଇଷ୍ଟ, ୱେଷ୍ଟ)ର ଶ୍ରେଷ୍ଠ ୩ଟି ଲେଖାଏ ଦଳ ଭାଗନେବେ। ପ୍ରତି ଦଳରେ ୧୬ ଖେଳାଳି ଏବଂ ଜଣେ ଲେଖାଏ କୋଚ୍ ଓ ମ୍ୟାନେଜରଙ୍କୁ ମିଶାଇ ୧୮ ଜଣ ଲେଖାଏ ରହିବେ। ଭାଗ ନେବାକୁଥିବା ଦଳ ଗୁଡ଼ିକ ୧୮ ତାରିଖରେ ମୁକୁନ୍ଦ ଷ୍ଟାଡିୟମରେ ରିପୋର୍ଟ କରିବେ ବୋଲି ଓଡ଼ିଶା ଟେନିସ କ୍ରିକେଟ ଆସୋସିଏଶନ ସମ୍ପାଦକ ତଥା ଆୟୋଜକ କମିଟି ସମ୍ପାଦକ ରିଣ୍ଟୁ ମିତ୍ର ପ୍ରକାଶ କରିଛନ୍ତି। ମଙ୍ଗଳବାରସୁଦ୍ଧା ଚଣ୍ଡିଗଡ଼, ପଞ୍ଜାବ, ଜମ୍ମୁ-କଶ୍ମୀର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ବିଦର୍ଭ, ଝାଡ଼ଖଣ୍ଡ, ଛତିଶଗଡ଼, ତାମିଲନାଡୁ, ଗୋଆ, କେରଳ ଓ ମୁମ୍ବାଇ ଆଦି ସମସ୍ତ ୧୨ଟି ଜୋନ୍ ଦଳ ଅଂଶଗ୍ରହଣ ପାଇଁ ସମ୍ମତି ଦେଇ ସାରିଛନ୍ତି। ଆୟୋଜକ ଭାବେ ଓଡ଼ିଶାକୁ ମିଶାଇ ମୋଟ ୧୩ଟି ଦଳ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ''ଭାରତର ୪ଟି ଜୋନ୍‌ରେ ଜୋନାଲ ଟେନିସ କ୍ରିକେଟ ଟୁର୍ନାମେଣ୍ଟ ହୋଇଥାଏ। ସେଥିରୁ ଶ୍ରେଷ୍ଠ ବିବେଚିତ ୩ଟି ଲେଖାଏ ଦଳ ଫେଡେରେଶନ କପ୍ ପାଇଁ ଯୋଗ୍ୟ ବିବେଚିତ ହୋଇଥାନ୍ତି। ସେହି ଭିତ୍ତିରେ ଏଥର ମଧ୍ୟ ବିଭିନ୍ନ ଦଳ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଛନ୍ତି। ଟେନିସ କ୍ରିକେଟ ଆସୋସିଏଶନ ଅଫ ଇଣ୍ଡିଆ(ଟିସିଏ) ଏହି ପ୍ରତିଯୋଗିତାକୁ ଗ୍ରାମାଞ୍ଚଳରେ ଆୟୋଜନ କରିବାକୁ ଫୋକସ କରୁଛି। ତେଣୁ ଆମେ ଏହାକୁ ଏଥର ସମ୍ବଲପୁର ଜିଲା କୁଚିଣ୍ଡାରେ କରାଇବାକୁ ନିଷ୍ପତ୍ତି ନେଇଛୁ। ଏହା ବ୍ୟତୀତ ମୁଁ କୁଚିଣ୍ଡା ଗ୍ରାଉଣ୍ଡରେ କ୍ରିକେଟ ଖେଳିବା ଆରମ୍ଭ କରିଥିଲି। ତେଣୁ ଏହାପ୍ରତି ମୋର ଦୁର୍ବଳତା ରହିଛି। ସମ୍ବଲପୁର ଜିଲା ଟେନିସ କ୍ରିକେଟ ସଭାପତି କୁମାରେଶ ଦାସ ଭାୟାଙ୍କ ଆଗ୍ରହକୁ ଦେଖି ମୁଁ ପ୍ରତିଯୋଗିତାକୁ ସେଠାରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଲି। ଗ୍ରାମାଞ୍ଚଳରେ ଏହି ଖେଳକୁ ଅଧିକରୁ ଅଧିକ ଲୋକପ୍ରିୟ କରାଇବା ଆମର ମୁଖ୍ୟ ଲକ୍ଷ୍ୟ। ଖେଳାଳି ଓ ଅଫିସିଆଲଙ୍କୁ ମିଶାଇ ୨୫୦ ବ୍ୟକ୍ତିଙ୍କର ରହିବା ଓ ଖାଇବା ବ୍ୟବସ୍ଥା ଆମେ କରୁଛୁ। କ୍ରିକ୍ ଦୋସ୍ତରେ ପ୍ରତିଯୋଗିତାର ସିଧା ପ୍ରସାରଣ ହେବ'' ବୋଲି ରିଣ୍ଟୁ ପ୍ରକାଶ କରିଛନ୍ତି।

## ମନେ ପଡ଼ନ୍ତି

**୧ମ ସାମ୍ବତ୍ସରିକ ଶ୍ରାଦ୍ଧୋତ୍ସବ**



ସ୍ୱର୍ଗତ ମୁରଲୀଧର ବାରିକ
ସାହାଣୀ କାଶିପୁର, ଟମାଣ୍ଡୋ, ଖୋର୍ଦ୍ଧା
ଆବିର୍ଭାବ: ୧୯୩୬
ତିରୋଧାନ: ୧୫।୦୩।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
-:ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ:-
ପୁତ୍ର: ତ୍ରିଲୋଚନ, ତ୍ରିନାଥ, ରୋହିତ, ବନ୍ଧୁ ଓ ବାରିକ ପରିବାରବର୍ଗ।
ଧ-୬୦୯୫୮

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ମନୋରମା ନାୟକ
(ଶିକ୍ଷୟିତ୍ରୀ)
ରେମୁଁଆ, ତାଳଚେର
ଆବିର୍ଭାବ: ୧୧।୧୧।୧୯୬୬
ତିରୋଧାନ: ୨୭।୦୨।୨୦୧୫
(ଫାଲ୍‌ଗୁନ ମାସ ଶୁକ୍ଳ ନବମୀ
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ସ୍ୱାମୀ: ମୋହନ, ପୁତ୍ର: ମନୋରଞ୍ଜନ, ଝିଅ: ମୋନାଲିସା, ମାଆ, ବାପା, ଶୋକସନ୍ତପ୍ତ ପରିବାରବର୍ଗ।
ଧ-୧୭୦୦୨

**୩୨ତମ ଶ୍ରାଦ୍ଧବାର୍ଷିକୀ**



ଓସୁହାସିନୀ ତ୍ରିପାଠୀ
ଆବିର୍ଭାବ: ୧୯୪୧(ରାମ ନବମୀ)
ତିରୋଧାନ: ୧୯୮୮(ଫଗୁ ନବମୀ)
ମା, ତମର ସ୍ନେହ, ଶ୍ରଦ୍ଧା ଓ ଅନାବିଳ ବ୍ୟକ୍ତିତ୍ୱ ଆମ ପାଇଁ ପ୍ରେରଣାର ଏକ ମହାନ ଉତ୍ସ। ତମର ଆଦର୍ଶରେ ଆମେମାନେ ସବୁବେଳେ ଅନୁପ୍ରାଣୀତ। ଆଜିର ଏହି ୩୨ତମ ପୁଣ୍ୟତିଥିରେ ତମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ତମକୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଝିଅଜ୍ୱାଇଁ-କୁକୁ ଓ ଟୁଟୁ, ନିତୁ ଓ ରାମ
ପୁଅବୋହୂ-ବାବୁନା ଓ ମାମୁନି
ନାତି-କୁଟୁ, ତୁକି ଓ ଫୁକି
ନାତୁଣୀ-ପ୍ରାଚି, ଶୈବି ଓ ନୈଶା
ଏବଂ ବନ୍ଧୁ ଓ ପରିବାରବର୍ଗ
ଧ-୬୮୬୭୫

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଗୋପୀନାଥ ନନ୍ଦ
ଅବସରପ୍ରାପ୍ତ ଯୁଗ୍ମ ଶାସନ ସଚିବ
ଜନ୍ମସ୍ଥାନ- ଖଣ୍ଡସାହୀ, ବାସସ୍ଥାନ-୮୩, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୧୩।୧୨।୧୯୨୮
ତିରୋଧାନ: ୨୪।୦୨।୨୦୧୮
ତୁମେ ଥିଲ ଆମ ପ୍ରେରଣାର ଉତ୍ସ, ତ୍ୟାଗ ଓ ଆଦର୍ଶର ପ୍ରତୀକ। ସଦାସର୍ବଦା ତୁମର ଉପସ୍ଥିତି ଓ ଆର୍ଶୀବାଦ ଆମେ ଅହର୍ନିଶୀ ଅନୁଭବ କରୁଛୁ। ଶ୍ରୀଜଗନ୍ନାଥ ଓ ମା' କୁଣ୍ଡେଶ୍ୱରୀଙ୍କୁ ପ୍ରାର୍ଥନା ତୁମେ ସ୍ୱର୍ଗରେ ଥାଇ କରୁଣା ପ୍ରଦାନ କରୁଥାଅ।
-:ଶୋକସନ୍ତପ୍ତ:-
ପୁତ୍ର: ଦାମୋଦର, ପଦ୍ମନାଭ, ପୁତ୍ରବଧୂ: ମାମୀ ଓ ପିଙ୍କି, କନ୍ୟା: ଡାଃ ରୁକ୍ମଣୀ, ଇନ୍ଦ୍ରାଣୀ, କଲ୍ୟାଣୀ, ନାତିନାତୁଣୀ,ବନ୍ଧୁ ଓ ପରିବାରବର୍ଗ।
ଧ-୧୭୦୧୦

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୪/୨୦୨୦ Bhubaneswar, Wednesday, March 4/2020

# ଏପ୍ରିଲ ୩ରୁ ନୂତନ ଶିକ୍ଷାବର୍ଷ ଆରମ୍ଭ

**ଭୁବନେଶ୍ୱର, ୩।୩(ବ୍ୟୁରୋ)**

ଏପ୍ରିଲ ୩ରୁ ନୂତନ ଶିକ୍ଷାବର୍ଷ ୨୦୨୦-୨୧ ଆରମ୍ଭ ହେବ। ସେହିଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ 'ପ୍ରବେଶ ଉତ୍ସବ' ପାଳନ କରାଯିବ। ଏ ନେଇ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ ସମସ୍ତ ଜିଲାପାଳ ତଥା ସମଗ୍ର ଶିକ୍ଷା ଅଧକ୍ଷଙ୍କୁ ଚିଠି ଲେଖିଛନ୍ତି। ସୂଚନାନୁସାରେ, ନୂତନ ଶିକ୍ଷାବର୍ଷ ପରିପ୍ରେକ୍ଷୀରେ ଶିକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ, ଷ୍ଟାଣ୍ଡିଂ କମିଟି ସଦସ୍ୟ, ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ରାଜ୍ୟ ସଭ୍ୟ, ମାତାପିତା ସଂଘ, ମାତୃମଞ୍ଚ,

### ୮ ପର୍ଯ୍ୟନ୍ତ ପ୍ରବେଶ ଉତ୍ସବ, ସଚେତନତା କାର୍ଯ୍ୟକ୍ରମ

ସ୍ଥାନୀୟ ସାମାଜିକ ଅନୁଷ୍ଠାନ, ଅବସରପ୍ରାପ୍ତ ଶିକ୍ଷକ, ବେସରକାରୀ ଅନୁଷ୍ଠାନ, ଅଙ୍ଗନଓ୍ୱାଡ଼ି କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରତିନିଧି, ଶିକ୍ଷାବିତ୍ ଓ ଛାତ୍ରୀଛାତ୍ର ସାମିଲ ହେବେ। ଏଥିରେ ଶିକ୍ଷା ଅଧିକାର ନିୟମ ସମ୍ପର୍କରେ ପ୍ଲାକାର୍ଡ ଓ ସ୍ଲୋଗାନ ମାଧ୍ୟମରେ ବାର୍ତ୍ତା ଦିଆଯିବ। ଏହାପରେ ବିଦ୍ୟାଳୟ ପରିଚାଳନା ସମିତି ଅଧକ୍ଷଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ ହେବ। ଏହି ଅବସରରେ ବିଦ୍ୟାଳୟର ଆଖପାଖ ଗ୍ରାମ ବା ପଡ଼ାରେ ଥିବା ୬ରୁ ୧୪ବର୍ଷ ବୟସର ପିଲାଙ୍କର ଏକ ତାଲିକା ପ୍ରସ୍ତୁତ କରାଯିବ। ନୂଆ ନାମ ଲେଖାଇବାକୁ ଥିବା, ଅଧାରୁ ପାଠପଢ଼ା ଛାଡ଼ିଥିବା, ଆଦୌ ନାମ ଲେଖି ନ ଥିବା ପିଲାଙ୍କ ନାମ ତାଲିକାରେ ଉଲ୍ଲେଖ ରହିବ। ଯେଉଁମାନେ ପିଲାଙ୍କ ତାଲିକା ପ୍ରସ୍ତୁତ କରିବେ ସେମାନେ ପିଲାଙ୍କ ଅଭିଭାବକଙ୍କୁ ନିକଟ ବିଦ୍ୟାଳୟରେ ନାମ ଲେଖାଇବାକୁ ବୁଝାଇବେ ବୋଲି ଚିଠିରେ ଉଲ୍ଲେଖ ରହିଛି। ୮ ତାରିଖ ପର୍ଯ୍ୟନ୍ତ ଏହି ପ୍ରବେଶ ଉତ୍ସବ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିବ। ୯ରେ 'ପୂର୍ଣ୍ଣ ଉପସ୍ଥାନ ଦିବସ' ଭାବେ ପାଳନ କରାଯିବ। ସେଦିନ ପିଲାଙ୍କୁ ଫୁଲ ଓ ଚନ୍ଦନ ଦେଇ ସ୍ୱାଗତ କରାଯିବା ସହିତ ପାଠ୍ୟପୁସ୍ତକ ବଣ୍ଟନ କରାଯିବ। ଜିଲା ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟ ପକ୍ଷରୁ ବ୍ୟୟ କରାଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।




### ବାଇକ୍ ଡିକି ଭାଙ୍ଗି ୩ ଲକ୍ଷ ଲୁଟ୍

#### ଅଭିଯୁକ୍ତଙ୍କ ସୁରାକ ପାଇପାରିନି ପୋଲିସ

**ଗୋପ, ୩।୩(ଡି.ଏନ୍.ଏ):** ଗୋପ ଥାନା ଅଧୀନ ଲକ୍ଷ୍ମୀବଜାରରେ ମଙ୍ଗଳବାର ଏକ ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୩ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ କେସ୍ (ନଂ. ୫୦/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଅଭିଯୁକ୍ତଙ୍କ ସୁରାକ ମିଳିପାରି ନାହିଁ। ଗତ ୨ମାସ ମଧ୍ୟରେ ୫ଟି ଅଧିକ ଲୁଟ୍ ଘଟଣା ଘଟିଲାଣି। ମାତ୍ର ସବୁଥିରେ ପୋଲିସ ହାତ ଖାଲି। ଫଳରେ ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନ ଉଠିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଜଣେ ଠିକାଦାରଙ୍କ ସୁପରଭାଇଜର କାଳନ୍ଦି ଚରଣ ସାହୁ ଗୋପ ଷ୍ଟେଟ ବ୍ୟାଙ୍କ ଜମାଖାତାରୁ ୩ଲକ୍ଷ ଟଙ୍କା (ଚେକ୍ ନଂ. ୨୭୯୯୬୬) ଉଠାଇ ନିଜ ବାଇକ୍ ଡିକିରେ ରଖି ଘରକୁ ଫେରୁଥିଲେ। ବାଟରେ ଗାଡ଼ି ରଖି ଏକ ମେଡିସିନ୍ ଦୋକାନକୁ ଯାଇ ଫେରିବା ବେଳକୁ ଡିକି ଭଙ୍ଗା ହୋଇଥିବା ଓ ଟଙ୍କା ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଗୋପ ଥାନାରେ ଏତଲା ଦେଇଛନ୍ତି। ଥାନା ଅଧିକାରୀ ସୁଧୀର କୁମାର ସାହୁ କହିଛନ୍ତି, ଏକ କେସ୍ ରୁଜୁ ସହ ତଦନ୍ତ ଚାଲିଛି।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

DHARITRI
ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୪/୨୦୨୦ (୧୬ ପୃଷ୍ଠା+ସାହିତ୍ୟାୟନ) Bhubaneswar, Wednesday, March 4/2020 ★★★★★★
୪୬ଶ ଭାଗ ୧୦୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



## ରୋମାନ୍ସ ପାଇଁ ସମୟ ନାହିଁ

ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ୩୩ ବର୍ଷରେ ପଦାର୍ପଣ କରିଛନ୍ତି। ରୋମାନ୍ସ ପାଇଁ ତାଙ୍କ ପାଖରେ ସମୟ ନାହିଁ ବୋଲି ସେ ପ୍ରଶଂସକଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ୦୯

୧୪

## ଦୁଇଟି ପୁରସ୍କାର ଦୌଡ଼ରେ ଦୀପ୍ ଗ୍ରେସ୍

ହକି ଇଣ୍ଡିଆ 'ପ୍ଲେୟର ଅଫ ଦି ଇୟର' ଓ 'ଡିଫେଣ୍ଡର ଅଫ ଦି ଇୟର' ୨୦୧୯ ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି ଓଡ଼ିଶା ମହିଳା ହକି ତାରକା ଦୀପ୍ ଗ୍ରେସ ଏକ୍କା।



# ସିଏଏ ବିରୋଧରେ ସୁପ୍ରିମକୋର୍ଟରେ ପହଞ୍ଚିଲା ଜାତିସଂଘ

- ସୁପ୍ରିମକୋର୍ଟରେ ହସ୍ତକ୍ଷେପ ପିଟିଶନ ଦାଏର କଲା ୟୁଏନ୍ଏଚ୍ଆର୍ସି
- ନ୍ୟାୟସଙ୍ଗତ ଓ ନିରପେକ୍ଷ ନୁହେଁ ସିଏଏ
- ଆପତ୍ତି ଉଠାଇଲେ କେନ୍ଦ୍ର ସରକାର
- ଆଇନ ପ୍ରଣୟନ ପାର୍ଲାମେଣ୍ଟର ସାର୍ବଭୌମ ଅଧିକାର

**ନୂଆଦିଲ୍ଲୀ,୩।୩(ପି.ଟି./ଆଇଏଏନ୍ଏସ୍)**

କେନ୍ଦ୍ର ସରକାରଙ୍କ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଜୋର୍ ଧରିଛି। ଭାରତରେ ବିରୋଧୀ ଦଳଗୁଡ଼ିକ ଏହାକୁ ନେଇ ଆପତ୍ତି ଉଠାଉଥିବାବେଳେ ଆମେରିକା, ଚାଇନା ଓ ପାକିସ୍ତାନ ସମେତ କେତେକ ରାଷ୍ଟ୍ରରେ ମଧ୍ୟ ନୂଆ ନାଗରିକତ୍ୱ ଆଇନକୁ ସମାଲୋଚନା କରାଯାଉଛି। ଏହି ଧାରାରେ ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି ଜାତିସଂଘ। ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍ଏଚ୍ଆର୍ସି) ସିଏଏକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଛି। ଏହି ଆଇନ ମୁସ୍ଲିମ ଶରଣାର୍ଥୀମାନଙ୍କ ପ୍ରତି ବିପଦ ସୃଷ୍ଟି କରିଛି। ସିଏଏ ନ୍ୟାୟସଙ୍ଗତ ଓ ନିରପେକ୍ଷ ହୋଇ ନ ଥିବାରୁ ଅନ୍ତର୍ଜାତୀୟ ବୁଝାମଣା କ୍ଷେତ୍ରରେ ଭାରତର ପ୍ରତିଶ୍ରୁତିବଦ୍ଧତାର ବିରୁଦ୍ଧାଚରଣ କରୁଥିବା ଦର୍ଶାଇ ୟୁଏନ୍ଏଚ୍ଆର୍ସି ପକ୍ଷରୁ ସୁପ୍ରିମକୋର୍ଟରେ ଏକ ହସ୍ତକ୍ଷେପ ଆବେଦନ ଦାଏର କରାଯାଇଛି। ଅନ୍ୟପକ୍ଷରେ ଜାତିସଂଘର ଏହି ପଦକ୍ଷେପକୁ କେନ୍ଦ୍ର ସରକାର ସମାଲୋଚନା କରିଛନ୍ତି। ଆଇନ ପ୍ରଣୟନ କରିବା ପାର୍ଲାମେଣ୍ଟର ସାର୍ବଭୌମ ଅଧିକାର। ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ତୃତୀୟ ପକ୍ଷଙ୍କ ହସ୍ତକ୍ଷେପକୁ ବରଦାସ୍ତ କରାଯିବ ନାହିଁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ (ଏମ୍ଇଏ) ମୁଖପାତ୍ର ରବୀଶ କୁମାର ଏକ ପ୍ରେସ ବିବୃତିରେ ସ୍ପଷ୍ଟ କରିଛନ୍ତି।

ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ ମିଶେଲ ବାଚେଲ୍ ଜେରିଆ ସୁପ୍ରିମକୋର୍ଟରେ ସିଏଏ ବିରୋଧରେ ହସ୍ତକ୍ଷେପ ପିଟିଶନ ଦାଏର କରିଛନ୍ତି। ସମସ୍ତ ମାନବାଧିକାରର ସୁରକ୍ଷା ଓ ପୃଷ୍ଠପୋଷକତା ନେଇ ନିଜ ଅଧିକାରର ଅବତାରଣା କରି ହାଇକମିଶନର୍ ମାମଲାର ଆମିକସ୍ କ୍ୟୁରି (ତୃତୀୟ ପକ୍ଷ) ଭାବେ ଏଥିରେ ହସ୍ତକ୍ଷେପ ପାଇଁ ଆବେଦନ କରିଛନ୍ତି। ଏହାସହ ଜାତିସଂଘ ସାଧାରଣ ସଭା ସଂକଳ୍ପନାମା ଅନୁସାରେ ଏହି ପ୍ରସଙ୍ଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି। ସିଏଏରେ କେତେକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଶରଣାର୍ଥୀଙ୍କ ପାଇଁ ବ୍ୟବସ୍ଥା ଥିବାବେଳେ ଏକ ଅନ୍ୟ ସମୁଦାୟକୁ ଏଥିରେ ଅଣଦେଖା କରାଯାଇଛି। ଫଳରେ ସିଏଏର ସଂକୀର୍ଣ୍ଣ ପରିଧି ମଧ୍ୟରେ ଅନ୍ୟ ସମୁଦାୟର ସ୍ୱାର୍ଥହାନି ଘଟିବ। ଧର୍ମ ଆଧାରରେ ପ୍ରଣୟନ କରାଯାଇଥିବା ଏହି ଆଇନ ନ୍ୟାୟସଙ୍ଗତ ଓ ନିରପେକ୍ଷ ନୁହେଁ ବୋଲି ଉକ୍ତ ପିଟିଶନରେ ଦର୍ଶାଯାଇଛି। ଏଥିରେ ଆହୁରି କୁହାଯାଇଛି ଯେ, ସର୍ତ୍ତ ପୂରଣ କରୁଥିବା ଆଫଗାନ, ବାଂଲାଦେଶୀ ଓ ପାକିସ୍ତାନୀ ବୌଦ୍ଧ, ଖ୍ରୀଷ୍ଟିୟାନ, ହିନ୍ଦୁ, ପାର୍ସୀ ଓ ଶିଖ୍ ଶରଣାର୍ଥୀ(ଧର୍ମୀୟ ଅତ୍ୟାଚାରର ଶିକାର ହୋଇଥିବା)ଙ୍କୁ ଭାରତରେ ନାଗରିକତ୍ୱ ପ୍ରଦାନ ପାଇଁ ସିଏଏରେ ବ୍ୟବସ୍ଥା କରାଯାଇଛି। ଏହା ଏକ ଯୋଗ୍ୟ ଓ ପ୍ରଶଂସନୀୟ ଉଦ୍ଦେଶ୍ୟ ହୋଇଥିଲେ ମଧ୍ୟ ଏଥିଯୋଗୁ ମାନବାଧିକାର ନେଇ ଭାରତର ଉତ୍ତରଦାୟିତ୍ୱ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଛି।

ସୂଚନାଥାଉ କି, ଗତବର୍ଷ ଡିସେମ୍ବରରେ ପାର୍ଲାମେଣ୍ଟରେ ନାଗରିକତ୍ୱ ସଂଶୋଧନ ବିଲ୍ (ସିଏବି) ଗୃହୀତ ହେବା ପରେ ଜାତିସଂଘ ମାନବାଧିକାର କମିଶନର ଉଚ୍ଚାୟୁକ୍ତଙ୍କ ପକ୍ଷରୁ ଏହା ବିରୋଧରେ ଏକ ବିବୃତି ଜାରି କରାଯାଇଥିଲା। ନାଗରିକତ୍ୱ ସଂଶୋଧନ ଆଇନ, ୨୦୧୯ ମୌଳିକ ଭାବେ ଭେଦଭାବପୂର୍ଣ୍ଣ ବୋଲି ଏହାର ମୁଖପାତ୍ର ଜେରେମି ଲରେନ୍ସ କହିଥିଲେ। ଜାତୀୟ ରାଜଧାନୀ ଦିଲ୍ଲୀରେ ଗତ ସପ୍ତାହରେ ସିଏଏ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହା ସାମ୍ପ୍ରଦାୟିକ ଦଙ୍ଗାର ରୂପ ନେବା ପରେ ୪୮ ଜଣଙ୍କ ପ୍ରାଣହାନି ଘଟିଲାଣି। ଏହାସହ ୨୫୦ରୁ ଊର୍ଦ୍ଧ୍ୱ ଲୋକ ଏଥିରେ ଆହତ ହେଲେଣି।



କୋଲକାତାରେ ସିଏଏ, ଏନ୍ଆର୍ସି ଏବଂ ଏନ୍ପିଆର୍ ବିରୋଧରେ ମଙ୍ଗଳବାର ବିକ୍ଷୋଭ ଶୋଭାଯାତ୍ରା କରୁଛନ୍ତି ଆଇନଜୀବୀ।

## ସଙ୍ଗୀତା ସିଂଦେଓଙ୍କୁ ପାର୍ଲାମେଣ୍ଟରେ ଆକ୍ରମଣ



**ନୂଆଦିଲ୍ଲୀ,୩।୩(ଆଇଏଏନ୍ଏସ୍)**

ବଲାଙ୍ଗୀରର ଭାଜପା ଏମ୍ପି ସଙ୍ଗୀତା କୁମାରୀ ସିଂଦେଓଙ୍କୁ ଲୋକ ସଭାରେ ଆକ୍ରମଣ ହୋଇଥିବା ସେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ଗୃହକାର୍ଯ୍ୟ ଚାଲିଥିବାବେଳେ ଦୁଇଜଣ କଂଗ୍ରେସ ଏମ୍ପି ତାଙ୍କୁ ଆକ୍ରମଣ କରିଥିଲେ। ଏହା ପରେ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଥିଲା। ଏନେଇ ସେ ବାଚସ୍ପତି ଓମ୍ ବିର୍ଲାଙ୍କ ପାଖରେ ଅଭିଯୋଗ କରିଛନ୍ତି। ଆକ୍ରମଣ ପରେ ସେ ପାର୍ଲାମେଣ୍ଟ ପରିସରରେ ଥିବା ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ହସ୍ପିଟାଲ ପ୍ରେସ୍କ୍ରିପ୍ସନକୁ ସେ ତାଙ୍କ ଅଭିଯୋଗପତ୍ରରେ ସଂଯୋଗ କରିଛନ୍ତି। ସେ ପୂର୍ବରୁ ପାର୍ଲାମେଣ୍ଟ ସଦସ୍ୟ ରହିଥିଲେ। ତେବେ ଏଭଳି ଉଚ୍ଛୃଙ୍ଖଳିତ ବ୍ୟବହାର ସେ ☞ପୃଷ୍ଠା-୪

## ୮ ଯାଏ ଘଡ଼ଘଡ଼ି ସହ ବର୍ଷା

- ଏପ୍ରିଲ ୧୫ ଯାଏ ବଢ଼ିବନି ତାତି
- ୪୦ ଡିଗ୍ରୀ ତଳେ ରହିବ ପାରଦ

**ଭୁବନେଶ୍ୱର,୩।୩(ବ୍ୟୁରୋ)**

ରାଜ୍ୟରେ ପଶ୍ଚିମା ବାୟୁ ପ୍ରବାହ ଜାରି ରହିଛି। ଏଥିସହିତ ବାୟୁମଣ୍ଡଳରେ ଜଳୀୟ ବାଷ୍ପ ଭରି ରହିଥିବାରୁ ଆସନ୍ତା ୮ ତାରିଖ ଯାଏ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୫ରୁ ୮ ତାରିଖ ଯାଏ ଉତ୍ତର ଓଡ଼ିଶା ସମେତ ପଶ୍ଚିମ ଓଡ଼ିଶା ଏବଂ ଉପକୂଳ ଓଡ଼ିଶାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ୫ ତାରିଖରେ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଅନୁଗୋଳ, ଢେଙ୍କାନାଳ, କଟକ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କଳାହାଣ୍ଡି ଆଦି ଜିଲାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୬ ତାରିଖରେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ସମେତ ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, ସୋନପୁର, କନ୍ଧମାଳ, ବୌଦ୍ଧ, କଟକ ଜିଲାର ଅଧିକାଂଶ ସ୍ଥାନରେ ଏବଂ ବାଲେଶ୍ୱର, ଭଦ୍ରକ, ନୟାଗଡ଼, ଖୋର୍ଦ୍ଧା, ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

**କରୋନାର ନାଗରିକତ୍ୱ**

### ଆଜିର ମନ୍ତବ୍ୟ

" ମହାରାଷ୍ଟ୍ରରେ ମୁସଲମାନଙ୍କ ଲାଗି କୌଣସି ସଂରକ୍ଷଣ ପ୍ରସ୍ତାବ ନାହିଁ। 
–ଉଦ୍ଧବ ଠାକ୍ରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ

### କିଛି ତଥ୍ୟ

ଚଳିତ ବର୍ଷ ଫେବୃୟାରୀ ମାସରେ ଦେଶରେ ବିଦ୍ୟୁତ ଯୋଗାଣ ୭.୧% ବୃଦ୍ଧି ଘଟିଛି। – ସରକାରଙ୍କ ପ୍ରଦତ୍ତ ତଥ୍ୟ

**ଓଡ଼ିଶାରେ ବଢ଼ିଲା ଜିଏସ୍ଟି ଆଦାୟ**

........୫........

Vencobb FRESH CHICKEN
Taste the difference
03.03.2020

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 37 | 76 | 86 |
| CTC | 37 | 76 | 86 |
| DKL | 37 | 76 | 86 |
| BDK | 38 | 77 | 87 |
| BLS | 40 | 80 | 90 |
| ANG | 37 | 76 | 86 |
| BMP | 37 | 76 | 86 |

*Conditions Apply
Issued in the Interest of Consumers

# ୫ ଦେଶର ନାଗରିକଙ୍କ ଭିଜା ରଦ୍ଦ

**ଜଟିଳ ହେଉଛି କରୋନା ସ୍ଥିତି**

- ଭୟ ନ କରିବାକୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ
- ମୋଦିଙ୍କ ସହ କେଜ୍ରିୱାଲଙ୍କ ଆଲୋଚନା
- ୩ ଦିନ ଲାଗି ନୋଏଡାରେ ସ୍କୁଲ ବନ୍ଦ

**ନୂଆଦିଲ୍ଲୀ,୩।୩**

ଚାଇନା ପରେ ସର୍ବାଧିକ କରୋନା ଆକ୍ରାନ୍ତ ଦକ୍ଷିଣ କୋରିଆ, ଇରାନ, ଇଟାଲି ଓ ଜାପାନର ନାଗରିକଙ୍କୁ ମିଳିଥିବା ନିୟମିତ ଭିଜାଗୁଡ଼ିକୁ ସରକାର ମଙ୍ଗଳବାର ରଦ୍ଦ କରିଛନ୍ତି। ମାର୍ଚ୍ଚ ୩ ପୂର୍ବରୁ ସେମାନଙ୍କୁ ଦିଆଯାଇଥିବା ନିୟମିତ ଭିଜା ଓ ଇ- ଭିଜା ପ୍ରତ୍ୟାହାର କରାଯାଇଛି। ନିହାତି ଆବଶ୍ୟକ ସ୍ଥଳେ ସେମାନଙ୍କୁ ନିକଟସ୍ଥ ଭାରତୀୟ ଦୂତାବାସରେ ପୁନଃ ଭିଜା ଆବେଦନ କରିବାକୁ ପଡ଼ିବ ବୋଲି ଦର୍ଶାଯାଇଛି। ପୂର୍ବରୁ ଫେବୃୟାରୀ ୫ରେ ଚାଇନା ନାଗରିକଙ୍କ ଲାଗି ଭିଜା ରଦ୍ଦ କରାଯାଇଥିଲା। ସେହିଭଳି ଭାରତକୁ ଆସିବା ଲାଗି ଗତ ଫେବୃୟାରୀ ପହିଲାରୁ ଭିଜା ହାସଲ କରିଥିବା ଏହି ୫ ଦେଶର ନାଗରିକ ଭାରତରେ ପ୍ରବେଶ କରି ନ ଥିଲେ, ନିହାତି ଜରୁରି କ୍ଷେତ୍ରରେ ସେମାନଙ୍କୁ ପୁଣି ଏଥିଲାଗି ଆବେଦନ କରିବାକୁ ପଡ଼ିବ। ତେବେ ବିଦେଶୀ କୂଟନୀତିଜ୍ଞ, ଜାତିସଂଘ ଅଧିକାରୀଙ୍କ କ୍ଷେତ୍ରରେ ଏହି କଟକଣା ଲାଗୁ କରାଯାଇ ନ ଥିଲେ ହେଁ ସେମାନଙ୍କ ଡାକ୍ତରୀ ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି। ବିଦେଶରୁ ଭାରତ ଆସୁଥିବା ବିମାନଯାତ୍ରୀ ବ୍ୟକ୍ତିଗତ ତଥ୍ୟ, ଫୋନ ନମ୍ବର, ଠିକଣା, ଗସ୍ତ ଇତିହାସ ଦେବା ସହ ମେଡିକାଲ ପରୀକ୍ଷା କରାଯିବା ବାଧ୍ୟତାମୂଳକ କରାଯାଇଛି। ବିଭିନ୍ନ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ସହ ଏନେଇ କେନ୍ଦ୍ର ସରକାର ସମୀକ୍ଷା କରୁଥିବା ପ୍ରଧାନମନ୍ତ୍ରୀ ମୋଦି ପ୍ରକାଶ କରିଛନ୍ତି। ସମ୍ପ୍ରତି ବିଶ୍ୱବ୍ୟାପୀ ୩ ହଜାରରୁ



ଊର୍ଦ୍ଧ୍ୱ ଲୋକ କରୋନାରେ ପ୍ରାଣ ହରାଇଥିବା ବେଳେ ୯୦ ହଜାର ସଂକ୍ରମିତ ଥିବା ଜଣାପଡ଼ିଛି। ଚାଇନା ପରେ ଇରାନ, ଇଟାଲୀ, ଦକ୍ଷିଣ କୋରିଆ ଓ ଅନ୍ୟ ଦେଶଗୁଡ଼ିକୁ ଏହା ବ୍ୟାପିବାରେ ଲାଗିଛି। କରୋନା ସଂକ୍ରମିତ ଦେଶଗୁଡ଼ିକୁ ଯାତ୍ରା ନ କରିବା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟ ନାଗରିକଙ୍କୁ ପରାମର୍ଶ ଦିଆଯାଇଛି। ବିଦେଶରୁ ଆସୁଥିବା ଲୋକଙ୍କୁ ବିମାନବନ୍ଦରରେ କଡ଼ାକଡ଼ି ଯାଞ୍ଚ ☞ପୃଷ୍ଠା-୪

## ବିମାନବନ୍ଦରରେ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ବାଧ୍ୟତାମୂଳକ

**ଭୁବନେଶ୍ୱର, ୩।୩(ବ୍ୟୁରୋ)**

କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଏନେଇ ଡିଏମ୍ଇଟିଙ୍କୁ ତଦାରଖ ପାଇଁ ଦାୟିତ୍ୱ ଦିଆଯାଇଛି। ବିମାନବନ୍ଦର ଓ ହସ୍ପିଟାଲଗୁଡ଼ିକୁ ଆଲର୍ଟ କରାଯାଇଛି। ବିମାନ ଯାତ୍ରୀଙ୍କୁ ସ୍କ୍ରିନିଂ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ସବୁ ହସ୍ପିଟାଲକୁ କରୋନା ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ପ୍ରସ୍ତୁତ ରଖାଯାଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ସୂଚନା ଦେଇଛନ୍ତି। ସ୍କ୍ରିନିଂରେ ସନ୍ଦେହ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରିବାକୁ କୁହାଯାଇଥିବା ମନ୍ତ୍ରୀ କହିଛନ୍ତି। ସେପଟେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ହାଇ ଆଲର୍ଟ ଜାରି କରାଯାଇଛି ଓ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବିମାନବନ୍ଦରରେ ବିଦେଶରୁ ଆସୁଥିବା ସମସ୍ତ ଯାତ୍ରୀଙ୍କୁ ଯାଞ୍ଚ କରାଯାଉଛି। ସମସ୍ତ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକୁ ବାଧ୍ୟତାମୂଳକ କରାଯାଇଛି ବୋଲି ନିର୍ଦ୍ଦେଶକ ଭି.ଭି. ରାଓ କହିଛନ୍ତି।

# ଏସ୍ସିବି ମେଡିକାଲରେ କରୋନା ସନ୍ଦିଗ୍ଧ ଦମ୍ପତି


ପାରାଦୀପ ବନ୍ଦରରୁ ଆମ୍ବୁଲାନ୍ସ ଯୋଗେ ସନ୍ଦିଗ୍ଧ ଦମ୍ପତିଙ୍କୁ କଟକ ଏସ୍ସିବିକୁ ନିଆଯାଉଛି।

- ପାରାଦୀପ ବନ୍ଦରରେ ହେଲା ପ୍ରାଥମିକ ପରୀକ୍ଷା
- ଚାଇନାରୁ ଭାୟା ସିଙ୍ଗାପୁର ହୋଇ ଜାହାଜରେ ଆସିଥିଲେ

**କଟକ ଅଫିସ/ପାରାଦୀପ(ସ୍ୱ.ପ୍ର.),୩।୩**

ଚାଇନାରୁ ଭାୟା ସିଙ୍ଗାପୁର ଦେଇ ଜାହାଜରେ ପାରାଦୀପ ଆସିଥିବା ଏକ ଭାରତୀୟ ଦମ୍ପତି କରୋନା ଭୂତାଣୁରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଉଛି। ମଙ୍ଗଳବାର ପାରାଦୀପ ବନ୍ଦରରେ ଜାହାଜ ଲାଗିବା ପରେ ପ୍ରାଥମିକ ଚିକିତ୍ସା କରାଯାଇ ଉଭୟଙ୍କୁ କଟକ ଏସ୍ସିବି ମେଡିକାଲର ସ୍ୱତନ୍ତ୍ର କରୋନା ଭୂତାଣୁ ୱାର୍ଡରେ ଭର୍ତ୍ତି କରାଯାଇଛି। ସେମାନଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପୁଣେ ପଠାଯିବ। ପରୀକ୍ଷା ରିପୋର୍ଟ ଆସିବା ପରେ ସେମାନେ କରୋନା ଭୂତାଣୁରେ ଆକ୍ରାନ୍ତ ହୋଇଛନ୍ତି ନା ନାହିଁ, ତାହା ସ୍ପଷ୍ଟ ହେବ ବୋଲି ଏସ୍ସିବି ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ବନ୍ଦର ଅଧକ୍ଷ ରିଙ୍କେଶ ରାୟଙ୍କ ଠାରୁ ମିଳିଥିବା ସୂଚନା ☞ପୃଷ୍ଠା-୪

# ଟ୍ୟାଙ୍କର ଓଲଟି ଗ୍ୟାସ୍ ଲିକ୍, ଆତଙ୍କ

- ୫୫ ନଂ. ଜାତୀୟ ରାଜପଥ ଅବରୋଧ
- ପାଣି ସ୍ପ୍ରେ କରୁଛନ୍ତି ଅଗ୍ନିଶମ କର୍ମଚାରୀ
- ଚୁଲି ନ ଲଗାଇବାକୁ ଗ୍ରାମବାସୀଙ୍କୁ ସତର୍କ କଲା ପୋଲିସ


ଓଲଟି ପଡ଼ିଥିବା ଟ୍ୟାଙ୍କରରୁ ଗ୍ୟାସ୍ ଲିକ୍ ହେଉଛି।

**ବଇଣ୍ଡା,୩।୩(ଡି.ଏନ.ଏ.)**

ଅନୁଗୋଳ ଜିଲା କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ହଣ୍ଡପା ଥାନା କମରେଇ ନିକଟରେ ମଙ୍ଗଳବାର ଅପରାହ୍ନ ୪ଟା ୩୦ରେ ଏକ ପ୍ରୋପେନ ଗ୍ୟାସ୍ ବୋଝେଇ ଟ୍ୟାଙ୍କର (ନଂ. ଏନ୍ଏଲ୍୦୧ଡି-୨୭୫୮) ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଫଳରେ ଟ୍ୟାଙ୍କର ତଳଭାଗ କଣା ହୋଇ ଗ୍ୟାସ୍ ଲିକ୍ ହେବାରୁ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ପୋଲିସ ରାଜପଥ ସିଲ୍ କରିଥିବା ବେଳେ ଅଗ୍ନିଶମ କର୍ମଚାରୀ ଟ୍ୟାଙ୍କର ଉପରେ ପାଣି ସ୍ପ୍ରେ କରୁଛନ୍ତି। ଗ୍ୟାସ୍ ଲିକ୍ ଜାରି ରହିଥିବାରୁ ରାତିରେ ଚୁଲି ନ ଲଗାଇବାକୁ ନିକଟସ୍ଥ କମରେଇ, ପାଗବନ୍ଧ, ମାଣ୍ଡାମ୍ ଆଦି ଗ୍ରାମବାସୀଙ୍କୁ ପୋଲିସ ପକ୍ଷରୁ ସତର୍କ କରାଯାଇଛି।

ଏଲ୍ପିଜି ସହ ମିଶ୍ରଣ କରାଯାଉଥିବା ପ୍ରୋପେନ ଗ୍ୟାସ୍ ନେଇ ଏକ ଟ୍ୟାଙ୍କର କଟକରୁ ସମ୍ବଲପୁର ଅଭିମୁଖେ ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇ ରାସ୍ତା ଉପରେ ଓଲଡ଼ି ପଡ଼ିଥିଲା। ଆଠମଲ୍ଲିକ ଏସ୍ଡିପିଓ, ହଣ୍ଡପା, କିଶୋରନଗର ପୋଲିସ ସହ ବାମୁର, ଅନୁଗୋଳ, ରେଢାଖୋଲ ଓ ଆଠମଲ୍ଲିକ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି। ଲିକ୍ ହେଉଥିବା ଗ୍ୟାସ୍ରେ ଯେପରି ଅଗ୍ନିକାଣ୍ଡ ନ ଘଟେ ସେଥିପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ଟ୍ୟାଙ୍କର ଉପରେ ପାଣି ସ୍ପ୍ରେ କରାଯାଉଛି। ହଣ୍ଡପା ପୋଲିସ ପକ୍ଷରୁ ଝାରସୁଗୁଡାସ୍ଥିତ ଗ୍ୟାସ୍ କମ୍ପାନୀକୁ ଏ ନେଇ ସୂଚନା ଦିଆଯିବା ପରେ ସେଠାରୁ ଏକ ବିଶେଷଜ୍ଞ ଟିମ୍ ଦୁର୍ଘଟଣାସ୍ଥଳ ଅଭିମୁଖେ ଆସୁଥିବା ସୂଚନା ମିଳିଛି। ରାସ୍ତାର ଉଭୟପାର୍ଶ୍ୱକୁ ସିଲ୍ କରାଯାଇ ନାକିଚି, ଠାକୁରଗଡ଼ ଓ ବଇଣ୍ଡା ଦେଇ ରାଜପଥରେ ଆସୁଥିବା ଗାଡ଼ି ଗୁଡ଼ିକକୁ ଛଡ଼ାଯାଉଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଛି।

# ବିଳମ୍ବ ହୋଇପାରେ ଟୋକିଓ ଅଲିମ୍ପିକ୍ସ

- କରୋନା ଭାଇରସ୍ର ପ୍ରଭାବ
- ପାର୍ଲାମେଣ୍ଟର ଜାପାନ ଅଲିମ୍ପିକ ମନ୍ତ୍ରୀ ସିକୋ ହାସିମୋତେଙ୍କ ସୂଚନା
- ବର୍ଷର ଶେଷ ଭାଗରେ ଆୟୋଜନ ସମ୍ଭାବନା
- ଆବଶ୍ୟକସ୍ଥଳେ ସମ୍ପୂର୍ଣ୍ଣ ବାତିଲ କରାଯିବ
- ବିଶ୍ୱଯୁଦ୍ଧ ଯୋଗୁ ପୂର୍ବରୁ ୩ ଥର ବାତିଲ ହୋଇଛି ଅଲିମ୍ପିକ୍ସ

**ଟୋକିଓ, ୩।୩ (ଏପି)**

କରୋନା ଭାଇରସ୍ ପ୍ରଭାବ ଯୋଗୁ ୨୦୨୦ ଟୋକିଓ ଅଲିମ୍ପିକ୍ସର ବିଳମ୍ବ ଘଟିପାରେ। ଜାପାନ ଅଲିମ୍ପିକ ମନ୍ତ୍ରୀ ସିକୋ ହାସିମୋତେ ପାର୍ଲାମେଣ୍ଟର ଉଚ୍ଚ ସଦନରେ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି। କାର୍ଯ୍ୟସୂଚୀ ଅନୁସାରେ ୨୦୨୦ ଅଲିମ୍ପିକ୍ସ ଜୁଲାଇ ୨୪ରୁ ଆରମ୍ଭ ହେବା କଥା। ମାତ୍ର କରୋନା ଭାଇରସ ଆତଙ୍କ ଯୋଗୁ ଏହି ମେଗା ଇଭେଣ୍ଟ ବର୍ଷର ଶେଷ ଭାଗରେ ଯେକୌଣସି ସମୟରେ ଆୟୋଜନ କରାଯାଇ ପାରେ ବୋଲି ସେ କହିଛନ୍ତି। ପାରାଅଲିମ୍ପିକ୍ସ ଅଗଷ୍ଟ ୨୫ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି।

କରୋନା ଭାଇରସ ବ୍ୟାପିବାରେ ଲାଗିଛି। ଏଥିରେ ସଂକ୍ରମିତ ହୋଇ ଜାପାନରେ ଇତିମଧ୍ୟରେ ୧୨ଜଣଙ୍କର ମୃତ୍ୟୁ ଘଟିଲାଣି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଅଧିକାଂଶ ସ୍କୁଲକୁ ବନ୍ଦ ରଖାଯାଇଛି। ଦେଶରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ସମେତ ଅଲିମ୍ପିକ ସମ୍ପର୍କିତ ଇଭେଣ୍ଟଗୁଡ଼ିକ ସ୍ଥଗିତ ରଖାଯାଇଛି। ଚାଇନାରୁ ସୃଷ୍ଟି ହୋଇଥିବା ଏହି ଭାଇରସ ଇତିମଧ୍ୟରେ ଅତିକମ୍ରେ ୭୦ଟି ଦେଶକୁ ବ୍ୟାପିଛି। ଏଥିରେ ୯୦,୦୦୦ ସଂକ୍ରମିତ ହୋଇ ସାରିଥିବାବେଳେ, ୩,୧୦୦ଜଣଙ୍କର ପ୍ରାଣହାନି ଘଟି ସାରିଲାଣି। ୨୦୨୦ରେ ଯଦି ଅଲିମ୍ପିକ୍ସ ଆୟୋଜନ ନ ହୋଇ ପାରେ ତେବେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ଏହାକୁ ବାତିଲ କରିଦେଇପାରିବ ବୋଲି ହାସିମୋତୋ ପାର୍ଲାମେଣ୍ଟରେ ପ୍ରକାଶ କରିଛନ୍ତି। ଏଥିରୁ ଯାହା ବୁଝା ପଡୁଛି ଆବଶ୍ୟକ ସ୍ଥଳେ ଗେମ୍ସକୁ ଯଥା ସମୟରେ ନ କରି କ୍ୟାଲେଣ୍ଡର ବର୍ଷରେ ଯେକୌଣସି ସମୟରେ ଆୟୋଜନ କରାଯାଇ ପାରେ ନଚେତ ସମ୍ପୂର୍ଣ୍ଣ ବାତିଲ କରାଯାଇ ପାରେ। ଅନ୍ୟପକ୍ଷରେ ଆଇଓସି ସଭାପତି ଥୋମାସ ବ୍ୟାକ୍ ଏବଂ ଟୋକିଓର ଆୟୋଜକଗଣ ☞ପୃଷ୍ଠା-୪

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୪/୨୦୨୦ (୧୬ ପୃଷ୍ଠା+ସାହିତ୍ୟାୟନ) Bhubaneswar, Wednesday, March 4/2020 ★★★★★★

୪୬ଶ ଭାଗ ୧୦୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada

ମୂଲ୍ୟ ₹ ୪/-




**ରୋମାନ୍ସ ପାଇଁ ସମୟ ନାହିଁ**

ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ୩୩ ବର୍ଷରେ ପଦାର୍ପଣ କରିଛନ୍ତି। ରୋମାନ୍ସ ପାଇଁ ତାଙ୍କ ପାଖରେ ସମୟ ନାହିଁ ବୋଲି ସେ ପ୍ରଶଂସକଙ୍କ ଉଦ୍ଦେଶ୍ୟରେ କହିଛନ୍ତି।

୦୯

୧୪ **ଦୁଇଟି ପୁରସ୍କାର ଦୌଡ଼ରେ ଦୀପ୍ ଗ୍ରେସ୍**








# ସିଏଏ ବିରୋଧରେ ସୁପ୍ରିମକୋର୍ଟରେ ପହଞ୍ଚିଲା ଜାତିସଂଘ

- ସୁପ୍ରିମକୋର୍ଟରେ ହସ୍ତକ୍ଷେପ ପିଟିଶନ ଦାଏର କଲା ୟୁଏନ୍ଏଚ୍ଆର୍ସି
- ନ୍ୟାୟସଙ୍ଗତ ଓ ନିରପେକ୍ଷ ନୁହେଁ ସିଏଏ
- ଆପତ୍ତି ଉଠାଇଲେ କେନ୍ଦ୍ର ସରକାର
- ଆଇନ ପ୍ରଣୟନ ପାର୍ଲାମେଣ୍ଟର ସାର୍ବଭୌମ ଅଧିକାର

**ନୂଆଦିଲ୍ଲୀ,୩।୩(ପି.ଟି./ଆଇଏଏନ୍ଏସ୍)**

କେନ୍ଦ୍ର ସରକାରଙ୍କ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଜୋର୍ ଧରିଛି। ଭାରତରେ ବିରୋଧୀ ଦଳଗୁଡ଼ିକ ଏହାକୁ ନେଇ ଆପତ୍ତି ଉଠାଉଥିବାବେଳେ ଆମେରିକା, ଚାଇନା ଓ ପାକିସ୍ତାନ ସମେତ କେତେକ ରାଷ୍ଟ୍ରରେ ମଧ୍ୟ ନୂଆ ନାଗରିକତ୍ୱ ଆଇନକୁ ସମାଲୋଚନା କରାଯାଉଛି। ଏହି ଧାରାରେ ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି ଜାତିସଂଘ। ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍ଏଚ୍ଆର୍ସି) ସିଏଏକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଛି। ଏହି ଆଇନ ମୁସ୍ଲିମ ଶରଣାର୍ଥୀମାନଙ୍କ ପ୍ରତି ବିପଦ ସୃଷ୍ଟି କରିଛି। ସିଏଏ ନ୍ୟାୟସଙ୍ଗତ ଓ ନିରପେକ୍ଷ ହୋଇ ନ ଥିବାରୁ ଅନ୍ତର୍ଜାତୀୟ ବୁଝାମଣା କ୍ଷେତ୍ରରେ ଭାରତର ପ୍ରତିଶ୍ରୁତିବଦ୍ଧତାର ବିରୁଦ୍ଧାଚରଣ କରୁଥିବା ଦର୍ଶାଇ ୟୁଏନ୍ଏଚ୍ଆର୍ସି ପକ୍ଷରୁ ସୁପ୍ରିମକୋର୍ଟରେ ଏକ ହସ୍ତକ୍ଷେପ ଆବେଦନ ଦାଏର କରାଯାଇଛି। ଅନ୍ୟପକ୍ଷରେ ଜାତିସଂଘର ଏହି ପଦକ୍ଷେପକୁ କେନ୍ଦ୍ର ସରକାର ସମାଲୋଚନା କରିଛନ୍ତି। ଆଇନ ପ୍ରଣୟନ କରିବା ପାର୍ଲାମେଣ୍ଟର ସାର୍ବଭୌମ ଅଧିକାର। ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ତୃତୀୟ ପକ୍ଷଙ୍କ ହସ୍ତକ୍ଷେପକୁ ବରଦାସ୍ତ କରାଯିବ ନାହିଁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ (ଏମ୍ଇଏ) ମୁଖପାତ୍ର ରବୀଶ କୁମାର ଏକ ପ୍ରେସ ବିବୃତିରେ ସ୍ପଷ୍ଟ କରିଛନ୍ତି।

ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ ମିଶେଲ ବାଚେଲ୍ ଜେରିଆ ସୁପ୍ରିମକୋର୍ଟରେ ସିଏଏ ବିରୋଧରେ ହସ୍ତକ୍ଷେପ ପିଟିଶନ ଦାଏର କରିଛନ୍ତି। ସମସ୍ତ ମାନବାଧିକାରର ସୁରକ୍ଷା ଓ ପୃଷ୍ଠପୋଷକତା ନେଇ ନିଜ ଅଧିକାରର ଅବତାରଣା କରି ହାଇକମିଶନର୍ ମାମଲାର ଆମିକସ୍ କ୍ୟୁରି (ତୃତୀୟ ପକ୍ଷ) ଭାବେ ଏଥିରେ ହସ୍ତକ୍ଷେପ ପାଇଁ ଆବେଦନ କରିଛନ୍ତି। ଏହାସହ ଜାତିସଂଘ ସାଧାରଣ ସଭା ସଂକଳ୍ପନାମା ଅନୁସାରେ ଏହି ପ୍ରସଙ୍ଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି। ସିଏଏରେ କେତେକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଶରଣାର୍ଥୀଙ୍କ ପାଇଁ ବ୍ୟବସ୍ଥା ଥିବାବେଳେ ଏକ ଅନ୍ୟ ସମୁଦାୟକୁ ଏଥିରେ ଅଣଦେଖା କରାଯାଇଛି। ଫଳରେ ସିଏଏର ସଂକୀର୍ଣ୍ଣ ପରିଧି ମଧ୍ୟରେ ଅନ୍ୟ ସମୁଦାୟର ସ୍ୱାର୍ଥହାନି ଘଟିବ। ଧର୍ମ ଆଧାରରେ ପ୍ରଣୟନ କରାଯାଇଥିବା ଏହି ଆଇନ ନ୍ୟାୟସଙ୍ଗତ ଓ ନିରପେକ୍ଷ ନୁହେଁ ବୋଲି ଉକ୍ତ ପିଟିଶନରେ ଦର୍ଶାଯାଇଛି। ଏଥିରେ ଆହୁରି କୁହାଯାଇଛି ଯେ, ସର୍ତ୍ତ ପୂରଣ କରୁଥିବା ଆଫଗାନ, ବାଂଲାଦେଶୀ ଓ ପାକିସ୍ତାନୀ ବୌଦ୍ଧ, ଖ୍ରୀଷ୍ଟିୟାନ, ହିନ୍ଦୁ, ପାର୍ସୀ ଓ ଶିଖ୍ ଶରଣାର୍ଥୀ(ଧର୍ମୀୟ ଅତ୍ୟାଚାରର ଶିକାର ହୋଇଥିବା)ଙ୍କୁ ଭାରତରେ ନାଗରିକତ୍ୱ ପ୍ରଦାନ ପାଇଁ ସିଏଏରେ ବ୍ୟବସ୍ଥା କରାଯାଇଛି। ଏହା ଏକ ଯୋଗ୍ୟ ଓ ପ୍ରଶଂସନୀୟ ଉଦ୍ଦେଶ୍ୟ ହୋଇଥିଲେ ମଧ୍ୟ ଏଥିଯୋଗୁ ମାନବାଧିକାର ନେଇ ଭାରତର ଉତ୍ତରଦାୟିତ୍ୱ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଛି।

ସୂଚନାଥାଉ କି, ଗତବର୍ଷ ଡିସେମ୍ବରରେ ପାର୍ଲାମେଣ୍ଟରେ ନାଗରିକତ୍ୱ ସଂଶୋଧନ ବିଲ୍ (ସିଏବି) ଗୃହୀତ ହେବା ପରେ ଜାତିସଂଘ ମାନବାଧିକାର କମିଶନର ଉଚ୍ଚାୟୁକ୍ତଙ୍କ ପକ୍ଷରୁ ଏହା ବିରୋଧରେ ଏକ ବିବୃତି ଜାରି କରାଯାଇଥିଲା। ନାଗରିକତ୍ୱ ସଂଶୋଧନ ଆଇନ, ୨୦୧୯ ମୌଳିକ ଭାବେ ଭେଦଭାବପୂର୍ଣ୍ଣ ବୋଲି ଏହାର ମୁଖପାତ୍ର ଜେରେମି ଲରେନ୍ସ କହିଥିଲେ। ଜାତୀୟ ରାଜଧାନୀ ଦିଲ୍ଲୀରେ ଗତ ସପ୍ତାହରେ ସିଏଏ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହା ସାମ୍ପ୍ରଦାୟିକ ଦଙ୍ଗାର ରୂପ ନେବା ପରେ ୪୮ ଜଣଙ୍କ ପ୍ରାଣହାନି ଘଟିଲାଣି। ଏହାସହ ୨୫୦ରୁ ଊର୍ଦ୍ଧ୍ୱ ଲୋକ ଏଥିରେ ଆହତ ହେଲେଣି।



କୋଲକାତାରେ ସିଏଏ, ଏନ୍ଆର୍ସି ଏବଂ ଏନ୍ପିଆର୍ ବିରୋଧରେ ମଙ୍ଗଳବାର ବିକ୍ଷୋଭ ଶୋଭାଯାତ୍ରା କରୁଛନ୍ତି ଆଇନଜୀବୀ।

## ସଙ୍ଗୀତା ସିଂଦେଓଙ୍କୁ ପାର୍ଲାମେଣ୍ଟରେ ଆକ୍ରମଣ



**ନୂଆଦିଲ୍ଲୀ,୩।୩(ଆଇଏଏନ୍ଏସ୍)**

ବଲାଙ୍ଗୀରର ଭାଜପା ଏମ୍ପି ସଙ୍ଗୀତା କୁମାରୀ ସିଂଦେଓଙ୍କୁ ଲୋକ ସଭାରେ ଆକ୍ରମଣ ହୋଇଥିବା ସେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ଗୃହକାର୍ଯ୍ୟ ଚାଲିଥିବାବେଳେ ଦୁଇଜଣ କଂଗ୍ରେସ ଏମ୍ପି ତାଙ୍କୁ ଆକ୍ରମଣ କରିଥିଲେ। ଏହା ପରେ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଥିଲା। ଏନେଇ ସେ ବାଚସ୍ପତି ଓମ୍ ବିର୍ଲାଙ୍କ ପାଖରେ ଅଭିଯୋଗ କରିଛନ୍ତି। ଆକ୍ରମଣ ପରେ ସେ ପାର୍ଲାମେଣ୍ଟ ପରିସରରେ ଥିବା ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ହସ୍ପିଟାଲ ପ୍ରେସ୍କ୍ରିପ୍ସନକୁ ସେ ତାଙ୍କ ଅଭିଯୋଗପତ୍ରରେ ସଂଯୋଗ କରିଛନ୍ତି। ସେ ପୂର୍ବରୁ ପାର୍ଲାମେଣ୍ଟ ସଦସ୍ୟ ରହିଥିଲେ। ତେବେ ଏଭଳି ଉଚ୍ଛୃଙ୍ଖଳିତ ବ୍ୟବହାର ସେ ☞ପୃଷ୍ଠା–୪

## ୮ ଯାଏ ଘଡ଼ଘଡ଼ି ସହ ବର୍ଷା

- ଏପ୍ରିଲ ୧୫ ଯାଏ ବଢ଼ିବନି ତାତି
- ୪୦ ଡିଗ୍ରୀ ତଳେ ରହିବ ପାରଦ

**ଭୁବନେଶ୍ୱର,୩।୩(ବ୍ୟୁରୋ)**

ରାଜ୍ୟରେ ପଶ୍ଚିମା ବାୟୁ ପ୍ରବାହ ଜାରି ରହିଛି। ଏଥିସହିତ ବାୟୁମଣ୍ଡଳରେ ଜଳୀୟ ବାଷ୍ପ ଭରି ରହିଥିବାରୁ ଆସନ୍ତା ୮ ତାରିଖ ଯାଏ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୫ରୁ ୮ ତାରିଖ ଯାଏ ଉତ୍ତର ଓଡ଼ିଶା ସମେତ ପଶ୍ଚିମ ଓଡ଼ିଶା ଏବଂ ଉପକୂଳ ଓଡ଼ିଶାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ୫ ତାରିଖରେ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଅନୁଗୋଳ, ଢେଙ୍କାନାଳ, କଟକ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କଳାହାଣ୍ଡି ଆଦି ଜିଲାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୬ ତାରିଖରେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ସମେତ ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, ସୋନପୁର, କନ୍ଧମାଳ, ବୌଦ୍ଧ, କଟକ ଜିଲାର ଅଧିକାଂଶ ସ୍ଥାନରେ ଏବଂ ବାଲେଶ୍ୱର, ଭଦ୍ରକ, ନୟାଗଡ଼, ଖୋର୍ଦ୍ଧା, ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**କରୋନାର ନାଗରିକତ୍ୱ**

**ଆଜିର ମନ୍ତବ୍ୟ**

“ମହାରାଷ୍ଟ୍ରରେ ମୁସଲମାନଙ୍କ ଲାଗି କୌଣସି ସଂରକ୍ଷଣ ପ୍ରସ୍ତାବ ନାହିଁ।

–ଉଦ୍ଧବ ଠାକ୍ରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ଫେବୃୟାରୀ ମାସରେ ଦେଶରେ ବିଦ୍ୟୁତ ଯୋଗାଣ ୭.୧% ବୃଦ୍ଧି ଘଟିଛି। – **ସରକାରଙ୍କ ପ୍ରଦତ୍ତ ତଥ୍ୟ**

**ଓଡ଼ିଶାରେ ବଢ଼ିଲା ଜିଏସ୍ଟି ଆଦାୟ**

........୫........


Vencobb FRESH CHICKEN

03.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 37 | 76 | 86 |
| CTC | 37 | 76 | 86 |
| DKL | 37 | 76 | 86 |
| BDK | 38 | 77 | 87 |
| BLS | 40 | 80 | 90 |
| ANG | 37 | 76 | 86 |
| BMP | 37 | 76 | 86 |

*Conditions Apply

Issued in the Interest of Consumers


# ୫ ଦେଶର ନାଗରିକଙ୍କ ଭିଜା ରଦ୍ଦ

**ଜଟିଳ ହେଉଛି କରୋନା ସ୍ଥିତି**

- ଭୟ ନ କରିବାକୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ
- ମୋଦିଙ୍କ ସହ କେଜ୍ରିୱାଲଙ୍କ ଆଲୋଚନା
- ୩ ଦିନ ଲାଗି ନୋଏଡାରେ ସ୍କୁଲ ବନ୍ଦ

**ନୂଆଦିଲ୍ଲୀ,୩।୩**

ଚାଇନା ପରେ ସର୍ବାଧିକ କରୋନା ଆକ୍ରାନ୍ତ ଦକ୍ଷିଣ କୋରିଆ, ଇରାନ, ଇଟାଲି ଓ ଜାପାନର ନାଗରିକଙ୍କୁ ମିଳିଥିବା ନିୟମିତ ଭିଜାଗୁଡ଼ିକୁ ସରକାର ମଙ୍ଗଳବାର ରଦ୍ଦ କରିଛନ୍ତି। ମାର୍ଚ୍ଚ ୩ ପୂର୍ବରୁ ସେମାନଙ୍କୁ ଦିଆଯାଇଥିବା ନିୟମିତ ଭିଜା ଓ ଇ– ଭିଜା ପ୍ରତ୍ୟାହାର କରାଯାଇଛି। ନିହାତି ଆବଶ୍ୟକ ସ୍ଥଳେ ସେମାନଙ୍କୁ ନିକଟସ୍ଥ ଭାରତୀୟ ଦୂତାବାସରେ ପୁନଃ ଭିଜା ଆବେଦନ କରିବାକୁ ପଡ଼ିବ ବୋଲି ଦର୍ଶାଯାଇଛି। ପୂର୍ବରୁ ଫେବୃୟାରୀ ୫ରେ ଚାଇନା ନାଗରିକଙ୍କ ଲାଗି ଭିଜା ରଦ୍ଦ କରାଯାଇଥିଲା। ସେହିଭଳି ଭାରତକୁ ଆସିବା ଲାଗି ଗତ ଫେବୃୟାରୀ ପହିଲାରୁ ଭିଜା ହାସଲ କରିଥିବା ଏହି ୫ ଦେଶର ନାଗରିକ ଭାରତରେ ପ୍ରବେଶ କରି ନ ଥିଲେ, ନିହାତି ଜରୁରି କ୍ଷେତ୍ରରେ ସେମାନଙ୍କୁ ପୁଣି ଏଥିଲାଗି ଆବେଦନ କରିବାକୁ ପଡ଼ିବ। ତେବେ ବିଦେଶୀ କୂଟନୀତିଜ୍ଞ, ଜାତିସଂଘ ଅଧିକାରୀଙ୍କ କ୍ଷେତ୍ରରେ ଏହି କଟକଣା ଲାଗୁ କରାଯାଇ ନ ଥିଲେ ହେଁ ସେମାନଙ୍କ ଡାକ୍ତରୀ ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି। ବିଦେଶରୁ ଭାରତ ଆସୁଥିବା ବିମାନଯାତ୍ରୀ ବ୍ୟକ୍ତିଗତ ତଥ୍ୟ, ଫୋନ ନମ୍ବର, ଠିକଣା, ଗସ୍ତ ଇତିହାସ ଦେବା ସହ ମେଡିକାଲ ପରୀକ୍ଷା କରାଯିବା ବାଧ୍ୟତାମୂଳକ କରାଯାଇଛି। ବିଭିନ୍ନ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ସହ ଏନେଇ କେନ୍ଦ୍ର ସରକାର ସମୀକ୍ଷା କରୁଥିବା ପ୍ରଧାନମନ୍ତ୍ରୀ ମୋଦି ପ୍ରକାଶ କରିଛନ୍ତି। ସମ୍ପ୍ରତି ବିଶ୍ୱବ୍ୟାପୀ ୩ ହଜାରରୁ



ଊର୍ଦ୍ଧ୍ୱ ଲୋକ କରୋନାରେ ପ୍ରାଣ ହରାଇଥିବା ବେଳେ ୯୦ ହଜାର ସଂକ୍ରମିତ ଥିବା ଜଣାପଡ଼ିଛି। ଚାଇନା ପରେ ଇରାନ, ଇଟାଲୀ, ଦକ୍ଷିଣ କୋରିଆ ଓ ଅନ୍ୟ ଦେଶଗୁଡ଼ିକୁ ଏହା ବ୍ୟାପିବାରେ ଲାଗିଛି। କରୋନା ସଂକ୍ରମିତ ଦେଶଗୁଡ଼ିକୁ ଯାତ୍ରା ନ କରିବା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟ ନାଗରିକଙ୍କୁ ପରାମର୍ଶ ଦିଆଯାଇଛି। ବିଦେଶରୁ ଆସୁଥିବା ଲୋକଙ୍କୁ ବିମାନବନ୍ଦରରେ କଡ଼ାକଡ଼ି ଯାଞ୍ଚ ☞ପୃଷ୍ଠା–୪

### ବିମାନବନ୍ଦରରେ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ବାଧ୍ୟତାମୂଳକ

**ଭୁବନେଶ୍ୱର, ୩।୩(ବ୍ୟୁରୋ)**

କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଏନେଇ ଡିଏମ୍ଇଟିଙ୍କୁ ତଦାରଖ ପାଇଁ ଦାୟିତ୍ୱ ଦିଆଯାଇଛି। ବିମାନବନ୍ଦର ଓ ହସ୍ପିଟାଲଗୁଡ଼ିକୁ ଆଲର୍ଟ କରାଯାଇଛି। ବିମାନ ଯାତ୍ରୀଙ୍କୁ ସ୍କ୍ରିନିଂ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ସବୁ ହସ୍ପିଟାଲକୁ କରୋନା ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ପ୍ରସ୍ତୁତ ରଖାଯାଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ସୂଚନା ଦେଇଛନ୍ତି। ସ୍କ୍ରିନିଂରେ ସନ୍ଦେହ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରିବାକୁ କୁହାଯାଇଥିବା ମନ୍ତ୍ରୀ କହିଛନ୍ତି। ସେପଟେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ହାଇ ଆଲର୍ଟ ଜାରି କରାଯାଇଛି ଓ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବିମାନବନ୍ଦରରେ ବିଦେଶରୁ ଆସୁଥିବା ସମସ୍ତ ଯାତ୍ରୀଙ୍କୁ ଯାଞ୍ଚ କରାଯାଉଛି। ସମସ୍ତ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକୁ ବାଧ୍ୟତାମୂଳକ କରାଯାଇଛି ବୋଲି ନିର୍ଦ୍ଦେଶକ ଭି.ଭି. ରାଓ କହିଛନ୍ତି।

# ଏସ୍ସିବି ମେଡିକାଲରେ କରୋନା ସନ୍ଦିଗ୍ଧ ଦମ୍ପତି


ପାରାଦୀପ ବନ୍ଦରରୁ ଆମ୍ବୁଲାନ୍ସ ଯୋଗେ ସନ୍ଦିଗ୍ଧ ଦମ୍ପତିଙ୍କୁ କଟକ ଏସ୍ସିବିକୁ ନିଆଯାଉଛି।

- ପାରାଦୀପ ବନ୍ଦରରେ ହେଲା ପ୍ରାଥମିକ ପରୀକ୍ଷା
- ଚାଇନାରୁ ଭାୟା ସିଙ୍ଗାପୁର ହୋଇ ଜାହାଜରେ ଆସିଥିଲେ

**କଟକ ଅଫିସ/ପାରାଦୀପ(ସ୍ୱ.ପ୍ର.),୩।୩**

ଚାଇନାରୁ ଭାୟା ସିଙ୍ଗାପୁର ଦେଇ ଜାହାଜରେ ପାରାଦୀପ ଆସିଥିବା ଏକ ଭାରତୀୟ ଦମ୍ପତି କରୋନା ଭୂତାଣୁରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଉଛି। ମଙ୍ଗଳବାର ପାରାଦୀପ ବନ୍ଦରରେ ଜାହାଜ ଲାଗିବା ପରେ ପ୍ରାଥମିକ ଚିକିତ୍ସା କରାଯାଇ ଉଭୟଙ୍କୁ କଟକ ଏସ୍ସିବି ମେଡିକାଲର ସ୍ୱତନ୍ତ୍ର କରୋନା ଭୂତାଣୁ ୱାର୍ଡରେ ଭର୍ତ୍ତି କରାଯାଇଛି। ସେମାନଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପୁଣେ ପଠାଯିବ। ପରୀକ୍ଷା ରିପୋର୍ଟ ଆସିବା ପରେ ସେମାନେ କରୋନା ଭୂତାଣୁରେ ଆକ୍ରାନ୍ତ ହୋଇଛନ୍ତି ନା ନାହିଁ, ତାହା ସ୍ପଷ୍ଟ ହେବ ବୋଲି ଏସ୍ସିବି ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ବନ୍ଦର ଅଧକ୍ଷ ରିଙ୍କେଶ ରାୟଙ୍କ ଠାରୁ ମିଳିଥିବା ସୂଚନା ☞ପୃଷ୍ଠା–୪

# ଟ୍ୟାଙ୍କର ଓଲଟି ଗ୍ୟାସ୍ ଲିକ୍, ଆତଙ୍କ

- ୫୫ ନଂ. ଜାତୀୟ ରାଜପଥ ଅବରୋଧ
- ପାଣି ସ୍ପ୍ରେ କରୁଛନ୍ତି ଅଗ୍ନିଶମ କର୍ମଚାରୀ
- ଚୁଲି ନ ଲଗାଇବାକୁ ଗ୍ରାମବାସୀଙ୍କୁ ସତର୍କ କଲା ପୋଲିସ

**ବଇଣ୍ଡା,୩।୩(ଡି.ଏନ.ଏ.)**

ଅନୁଗୋଳ ଜିଲା କଟକ–ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ହଣ୍ଡପା ଥାନା କମରେଇ ନିକଟରେ ମଙ୍ଗଳବାର ଅପରାହ୍ନ ୪ଟା ୩୦ରେ ଏକ ପ୍ରୋପେନ ଗ୍ୟାସ୍ ବୋଝେଇ ଟ୍ୟାଙ୍କର (ନଂ. ଏନ୍ଏଲ୍୦୧ଡି–୨୭୫୮) ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଫଳରେ ଟ୍ୟାଙ୍କର ତଳଭାଗ କଣା ହୋଇ ଗ୍ୟାସ୍ ଲିକ୍ ହେବାରୁ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ପୋଲିସ ରାଜପଥ ସିଲ୍ କରିଥିବା ବେଳେ ଅଗ୍ନିଶମ କର୍ମଚାରୀ ଟ୍ୟାଙ୍କର ଉପରେ ପାଣି ସ୍ପ୍ରେ କରୁଛନ୍ତି। ଗ୍ୟାସ୍ ଲିକ୍ ଜାରି ରହିଥିବାରୁ ରାତିରେ ଚୁଲି ନ ଲଗାଇବାକୁ ନିକଟସ୍ଥ କମରେଇ, ପାଗବନ୍ଧ, ମାଣ୍ଡାମ୍ ଆଦି ଗ୍ରାମବାସୀଙ୍କୁ ପୋଲିସ ପକ୍ଷରୁ ସତର୍କ କରାଯାଇଛି।

ଏଲ୍ପିଜି ସହ ମିଶ୍ରଣ କରାଯାଉଥିବା ପ୍ରୋପେନ ଗ୍ୟାସ୍ ନେଇ ଏକ ଟ୍ୟାଙ୍କର କଟକରୁ ସମ୍ବଲପୁର ଅଭିମୁଖେ ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଆଠମଲ୍ଲିକ ଏସ୍ଡିପିଓ, ହଣ୍ଡପା, କିଶୋରନଗର ପୋଲିସ ସହ ବାମୁର, ଅନୁଗୋଳ, ରେଢାଖୋଲ ଓ ଆଠମଲ୍ଲିକ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି। ଲିକ୍ ହେଉଥିବା ଗ୍ୟାସ୍ରେ ଯେପରି ଅଗ୍ନିକାଣ୍ଡ ନ ଘଟେ ସେଥିପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ଟ୍ୟାଙ୍କର ଉପରେ ପାଣି ସ୍ପ୍ରେ କରାଯାଉଛି। ହଣ୍ଡପା ପୋଲିସ ପକ୍ଷରୁ ଝାରସୁଗୁଡାସ୍ଥିତ ଗ୍ୟାସ୍ କମ୍ପାନୀକୁ ଏ ନେଇ ସୂଚନା ଦିଆଯିବା ପରେ ସେଠାରୁ ଏକ ବିଶେଷଜ୍ଞ ଟିମ୍ ଦୁର୍ଘଟଣାସ୍ଥଳ ଅଭିମୁଖେ ଆସୁଥିବା ସୂଚନା ମିଳିଛି। ରାସ୍ତାର ଉଭୟପାର୍ଶ୍ୱକୁ ସିଲ୍ କରାଯାଇ ନାକିଚି, ଠାକୁରଗଡ଼ ଓ ବଇଣ୍ଡା ଦେଇ ରାଜପଥରେ ଆସୁଥିବା ଗାଡ଼ିଗୁଡ଼ିକୁ ଛଡ଼ାଯାଉଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଛି।


ଓଲଟି ପଡ଼ିଥିବା ଟ୍ୟାଙ୍କରରୁ ଗ୍ୟାସ୍ ଲିକ୍ ହେଉଛି।

# ବିଳମ୍ବ ହୋଇପାରେ ଟୋକିଓ ଅଲିମ୍ପିକ୍ସ

- କରୋନା ଭାଇରସ୍ର ପ୍ରଭାବ
- ପାର୍ଲାମେଣ୍ଟର ଜାପାନ ଅଲିମ୍ପିକ ମନ୍ତ୍ରୀ ସିକୋ ହାସିମୋତେଙ୍କ ସୂଚନା
- ବର୍ଷର ଶେଷ ଭାଗରେ ଆୟୋଜନ ସମ୍ଭାବନା
- ଆବଶ୍ୟକସ୍ଥଳେ ସମ୍ପୂର୍ଣ୍ଣ ବାତିଲ କରାଯିବ
- ବିଶ୍ୱଯୁଦ୍ଧ ଯୋଗୁ ପୂର୍ବରୁ ୩ ଥର ବାତିଲ ହୋଇଛି ଅଲିମ୍ପିକ୍ସ

TOKYO 2020

**ଟୋକିଓ, ୩।୩ (ଏପି)**

କରୋନା ଭାଇରସ୍ ପ୍ରଭାବ ଯୋଗୁ ୨୦୨୦ ଟୋକିଓ ଅଲିମ୍ପିକ୍ସର ବିଳମ୍ବ ଘଟିପାରେ। ଜାପାନ ଅଲିମ୍ପିକ ମନ୍ତ୍ରୀ ସିକୋ ହାସିମୋତେ ପାର୍ଲାମେଣ୍ଟର ଉଚ୍ଚ ସଦନରେ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି। କାର୍ଯ୍ୟସୂଚୀ ଅନୁସାରେ ୨୦୨୦ ଅଲିମ୍ପିକ୍ସ ଜୁଲାଇ ୨୪ରୁ ଆରମ୍ଭ ହେବା କଥା। ମାତ୍ର କରୋନା ଭାଇରସ ଆତଙ୍କ ଯୋଗୁ ଏହି ମେଗା ଇଭେଣ୍ଟ ବର୍ଷର ଶେଷ ଭାଗରେ ଯେକୌଣସି ସମୟରେ ଆୟୋଜନ କରାଯାଇ ପାରେ ବୋଲି ସେ କହିଛନ୍ତି। ପାରାଅଲିମ୍ପିକ୍ସ ଅଗଷ୍ଟ ୨୫ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି।

କରୋନା ଭାଇରସ ବ୍ୟାପିବାରେ ଲାଗିଛି। ଏଥିରେ ସଂକ୍ରମିତ ହୋଇ ଜାପାନରେ ଇତିମଧ୍ୟରେ ୧୨ଜଣଙ୍କର ମୃତ୍ୟୁ ଘଟିଲାଣି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଅଧିକାଂଶ ସ୍କୁଲକୁ ବନ୍ଦ ରଖାଯାଇଛି। ଦେଶରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ସମେତ ଅଲିମ୍ପିକ ସମ୍ପର୍କିତ ଇଭେଣ୍ଟଗୁଡ଼ିକ ସ୍ଥଗିତ ରଖାଯାଇଛି। ଚାଇନାରୁ ସୃଷ୍ଟି ହୋଇଥିବା ଏହି ଭାଇରସ ଇତିମଧ୍ୟରେ ଅତିକମ୍‌ରେ ୭୦ଟି ଦେଶକୁ ବ୍ୟାପିଛି। ଏଥିରେ ୯୦,୦୦୦ ସଂକ୍ରମିତ ହୋଇ ସାରିଥିବାବେଳେ, ୩,୧୦୦ଜଣଙ୍କର ପ୍ରାଣହାନି ଘଟି ସାରିଲାଣି। ୨୦୨୦ରେ ଯଦି ଅଲିମ୍ପିକ୍ସ ଆୟୋଜନ ନ ହୋଇ ପାରେ ତେବେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ଏହାକୁ ବାତିଲ କରିଦେଇପାରିବ ବୋଲି ହାସିମୋତୋ ପାର୍ଲାମେଣ୍ଟରେ ପ୍ରକାଶ କରିଛନ୍ତି। ଏଥିରୁ ଯାହା ବୁଝା ପଡୁଛି ଆବଶ୍ୟକ ସ୍ଥଳେ ଗେମ୍ସକୁ ଯଥା ସମୟରେ ନ କରି କ୍ୟାଲେଣ୍ଡର ବର୍ଷରେ ଯେକୌଣସି ସମୟରେ ଆୟୋଜନ କରାଯାଇ ପାରେ ନଚେତ ସମ୍ପୂର୍ଣ୍ଣ ବାତିଲ କରାଯାଇ ପାରେ। ଅନ୍ୟପକ୍ଷରେ ଆଇଓସି ସଭାପତି ଥୋମାସ ବ୍ୟାକ୍ ଏବଂ ଟୋକିଓର ଆୟୋଜକଗଣ ☞ପୃଷ୍ଠା–୪

ଧରିତ୍ରୀ
DHARITRI
ବୁଧବାର, ୪ ମାର୍ଚ୍ଚ,୨୦୨୦



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ୍ ମିଡିଆ ଛାଡୁଥିବା ନେଇ ସୋମବାର ରାତିରେ ଟୁଇଟ୍ କରି ସୂଚନା ଦେଇଥିଲେ। ଏହାକୁ ନେଇ ୟୁଜରଙ୍କ ମଧ୍ୟରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ମୋଦି ଏହାର ସତ୍ୟତା ସମ୍ପର୍କରେ ମଙ୍ଗଳବାର ଅପରାହ୍ନରେ ଟୁଇଟ୍ କରି କହିଛନ୍ତି ଯେ, ସେ ସୋସିଆଲ୍ ମିଡ଼ିଆ ଛାଡୁନାହାନ୍ତି। ମାର୍ଚ୍ଚ ୮ ମହିଳା ଦିବସରେ ନିଜର ସୋସିଆଲ୍ ମିଡିଆ ଆକାଉଣ୍ଟ୍‌କୁ ସେ ମହିଳାଙ୍କୁ ସମର୍ପିତ କରିବେ।





ସାମ୍ପ୍ରଦାୟିକ ଦଙ୍ଗା ଯୋଗୁ ବିସ୍ଥାପିତ ହୋଇଥିବା ପରିବାର ଉତ୍ତର-ପୂର୍ବ ଦିଲ୍ଲୀର ମୁସ୍ତାଫାବାଦ ଅଞ୍ଚଳସ୍ଥିତ ଇଦ୍‌ଗା ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି।




ଦିଲ୍ଲୀ ହିଂସାକୁ ବିରୋଧ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଇସ୍ତଫା ସହ ସିଏଏ ଏବଂ ଏନ୍ଆର୍‌ସି ପ୍ରତ୍ୟାହାର ଦାବିରେ ବିକ୍ଷୋଭ କରୁଛନ୍ତି ଛାତ୍ରୀଛାତ୍ର।

# ହୋଲି ପରେ ଦିଲ୍ଲୀ ହିଂସା ଆଲୋଚନା

ନୂଆଦିଲ୍ଲୀ,୩।୩(ପି.ଟି.)

ଦିଲ୍ଲୀ ଦଙ୍ଗା ପ୍ରସଙ୍ଗ ଉପରେ ଆଲୋଚନା ଦାବିକରି ବିରୋଧୀ ଦୁଇଦିନ ହେଲା ଗୃହକୁ ଅଚଳ କରି ରଖିଛନ୍ତି। ହୋଲି ପରେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ମଙ୍ଗଳବାର କହିଛନ୍ତି। ଲୋକ ସଭାରେ ତୁରନ୍ତ ଆଲୋଚନା ଦାବି କରି ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଇଚଗୋଳ କରିଥିଲେ। ଦ୍ୱିତୀୟ ଦିନ ପାଇଁ ଭାଜପା ଓ ବିରୋଧୀ ସଦସ୍ୟଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ହୋହଲ୍ଲା ଲାଗି ରହିବାରୁ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଟ୍ରେଜେରି ବେଞ୍ଚ୍ ଆଡକୁ ମାଡ଼ିଆସିବାରୁ ଉତ୍ତେଜନା ବୃଦ୍ଧି ପାଇଥିଲା। ଯେଉଁମାନେ ଅନ୍ୟ ପାର୍ଶ୍ୱକୁ ଯିବେ ସେମାନଙ୍କୁ ନିଲମ୍ବନ କରାଯିବ ବୋଲି ବାଚସ୍ପତି ଉଭୟ ସରକାରୀ ଓ

## ବିରୋଧୀଙ୍କ ହଇଚଗୋଳ, ଲୋକ ସଭା ମୁଲତବୀ



ବିରୋଧୀ ସଦସ୍ୟମାନଙ୍କୁ କହିଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ ଠେଲାପେଲା ହେବାରୁ ବାଚସ୍ପତି ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।

ସୋମବାର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ଲୋକସଭାରେ ଶାସକ-ବିରୋଧୀ ସଦସ୍ୟ ଧସ୍ତାଧସ୍ତି ହୋଇଥିଲେ। ସରକାର ଆଲୋଚନାକୁ ଏଡାଇ ଯିବାକୁ ଉଦ୍ୟମ କରୁଛନ୍ତି ବୋଲି ଡିଏମ୍‌କେ ନେତା ଟି.ଆର୍. ବାଲୁ କହିଥିଲେ। କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ତୁରନ୍ତ ଆଲୋଚନା ଦାବି କରିଥିଲେ। ଦିଲ୍ଲୀରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ଉପରେ ସରକାର ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ଏହା ସତ୍ତ୍ୱେ ଶୂନ୍ୟକାଳରେ ସରକାର ଦିଲ୍ଲୀ ହିଂସା ସମ୍ପର୍କରେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିବା ସତ୍ତ୍ୱେ ବିରୋଧୀମାନେ ତୁରନ୍ତ ଆଲୋଚନା ଦାବିରେ ଅଡିବସିବାରୁ ଗୃହକାର୍ଯ୍ୟ ଚାଲିପାରି ନ ଥିଲା। ଜୋଷୀଙ୍କ ଉତ୍ତରରେ ବିରୋଧୀ ସନ୍ତୁଷ୍ଟ ନ ହେବାରୁ ସେ ବାଚସ୍ପତିଙ୍କ ଉପରେ ନିଷ୍ପତ୍ତି ଛାଡ଼ିଦେଇଥିଲେ। ବିରୋଧୀ ସଦସ୍ୟମାନେ ପ୍ଲାକାର୍ଡ ଦେଖାଇ ସ୍ଲୋଗାନ ଦେଇଥିଲେ। ପ୍ଲାକାର୍ଡକୁ ଅନୁମତି ଦିଆଯିବ ନାହିଁ ବୋଲି ବାଚସ୍ପତି ବିର୍ଲା କହିବାରୁ ବିରୋଧୀ ଏମ୍‌ପିମାନେ ଏହାର ପ୍ରତିବାଦ କରିଥିଲେ।

ରାଜ୍ୟ ସଭାରେ ମଧ୍ୟ ମଙ୍ଗଳବାର ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦିଲ୍ଲୀ ହିଂସା ପ୍ରସଙ୍ଗରେ ବିରୋଧୀମାନେ ତୁରନ୍ତ ଆଲୋଚନା ଦାବି କରିଥିଲେ। ଯଦି ଦିଲ୍ଲୀରେ ସ୍ୱାଭାବିକ ସ୍ଥିତି ଫେରିଲାଣି ବୋଲି ସରକାର କହୁଛନ୍ତି ତେବେ ସରକାର ଏହା ଉପରେ ଆଲୋଚନା କରନ୍ତୁ ନଚେତ୍ ସ୍ଥିତି ସ୍ୱାଭାବିକ ହୋଇନାହିଁ କୁହନ୍ତୁ ବୋଲି ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ କହିଥିଲେ। ବିରୋଧୀ ହଇଚଗୋଳ କରିବାରୁ ଉପାଧ୍ୟକ୍ଷ ହରିବଂଶ ଗୃହକୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।



> ଗୃହରେ ଅପର ପକ୍ଷକୁ ଯାଇ ବିଭ୍ରାଟ କଲେ ନିଲମ୍ବିତ ହେବେ ସଦସ୍ୟ। ପ୍ଲାକାର୍ଡକୁ ଅନୁମତି ଦିଆଯିବ ନାହିଁ।
>
> **- ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି**

# 'ଆଭ୍ୟନ୍ତରୀଣ ବ୍ୟାପାରରେ ବରଦାସ୍ତ କରାଯିବନି ହସ୍ତକ୍ଷେପ'

ନୂଆଦିଲ୍ଲୀ,୩।୩(ପି.ଟି.)

## ସୁପ୍ରିମକୋର୍ଟରେ ୟୁଏନ୍‌ଏଚ୍‌ଆର୍‌ସି



ରବୀଶ କୁମାର

ସିଏଏକୁ ନେଇ ୟୁଏନ୍‌ଏଚ୍‌ଆର୍‌ସି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ମଙ୍ଗଳବାର ଏମ୍‌ଇଏ ମୁଖପାତ୍ର ରବୀଶ କୁମାର ଭାରତର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଜେନେଭାସ୍ଥିତ ଭାରତର ସ୍ଥାୟୀ କମିଶନକୁ ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ ସୋମବାର ସନ୍ଧ୍ୟାରେ ଅବଗତ କରିଥିଲେ ଯେ, ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ହସ୍ତକ୍ଷେପ ପିଟିଶନ ଦାଏର କରାଯାଇଛି। ତେବେ ନାଗରିକତ୍ୱ ସଂଶୋଧନ ଆଇନ, ୨୦୧୯ ହେଉଛି ଭାରତର ଆଭ୍ୟନ୍ତରୀଣ ବ୍ୟାପାର। ଏହି ଆଇନ ପ୍ରଣୟନ କରିବା 'ଭାରତୀୟ ପାର୍ଲାମେଣ୍ଟର ସାର୍ବଭୌମ ଅଧିକାର'। ଆମେ ଦୃଢ଼ତାର ସହ ମାନୁଛୁ ଯେ କୌଣସି ବିଦେଶୀ ପକ୍ଷ ଏହି ପ୍ରସଙ୍ଗ ଉପରେ ଆପତ୍ତି ଉଠାଇପାରିବେ ନାହିଁ। ସିଏଏ ସାମ୍ବିଧାନିକ ଭାବେ ବୈଧ ଓ ସମ୍ବିଧାନର ମୂଲ୍ୟବୋଧ ଅନୁସାରେ ସବୁ ଆବଶ୍ୟକତାକୁ ପୂରଣ କରୁଛି। ଭାରତ ବିଭାଜନ ବେଳେ ସୃଷ୍ଟି ହୋଇଥିବା ମାନବାଧିକାର ସମସ୍ୟା ସମାଧାନ ଦିଗରେ ଆମର ଜାତୀୟ ପ୍ରତିଶ୍ରୁତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି। ଭାରତ ଏକ ଗଣତାନ୍ତ୍ରିକ ଦେଶ ଓ ଆଇନକୁ ନେଇ ଚାଲିଥାଏ। ଆମ ନ୍ୟାୟପାଳିକାର ସ୍ୱାଧୀନତା ଉପରେ ପୂର୍ଣ୍ଣ ଆସ୍ଥା ଓ ସମ୍ମାନ ରହିଛି। ତେଣୁ ଦେଶର ସୁସ୍ଥ ଓ ଆଇନତଃ ଦୃଢ଼ ଆଭିମୁଖ୍ୟ ସୁପ୍ରିମକୋର୍ଟରେ ବଳବତ୍ତର ରହିବ ବୋଲି ଆମେ ଦୃଢ଼ ଆଶାବାଦୀ ବୋଲି ରବୀଶ କୁମାର କହିଛନ୍ତି।

# ଗିରଫ ହେଲେ ଶାହରୁଖ

ନୂଆଦିଲ୍ଲୀ,୩।୩(ପି.ଟି.)

ଉତ୍ତରପୂର୍ବ ଦିଲ୍ଲୀର ମୌଜପୁରରେ ଗତ ସପ୍ତାହରେ ହିଂସାକାଣ୍ଡ ବେଳେ ସାଦା ପୋଷାକଧାରୀ ପୋଲିସ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇଥିବା ଶୁଟର ମହମ୍ମଦ ଶାହରୁଖଙ୍କୁ ଉତ୍ତରପ୍ରଦେଶର ଶାମଲି ଜିଲାରୁ ଗିରଫ କରାଯାଇଛି। ସେଠାରୁ ଖସି ପଳାଇଯିବାକୁ ଯୋଜନା କରୁଥିବା ଶାହରୁଖଙ୍କୁ ପୋଲିସ ଗିରଫ କରିବା ପରେ ଦିଲ୍ଲୀ ଆଣିଛି। ସେ ହିଂସାକାଣ୍ଡ ବେଳେ ପିସ୍ତଲରୁ ୩ଟି ଗୁଳି ଚଳାଇଥିଲେ ବୋଲି ଅତିରିକ୍ତ ପୋଲିସ କମିଶନର (କ୍ରାଇମ୍ ବ୍ରାଞ୍ଚ) ଏ.କେ. ସିଙ୍ଗଲା କହିଛନ୍ତି। କୋର୍ଟରେ ହାଜର କରାଯିବା ପରେ ତାଙ୍କୁ ପୋଲିସ ରିମାଣ୍ଡରେ ନେଇ ଜେରା କରିବ ବୋଲି ସିଙ୍ଗଲା ସୂଚନା ଦେଇଛନ୍ତି।



## ଦିଲ୍ଲୀ ଦଙ୍ଗାବେଳେ ପୋଲିସକୁ ଦେଖାଇଥିଲେ ବନ୍ଧୁକ

ଫେବୃୟାରୀ ୨୪ରେ ହିଂସାବେଳେ ଜାଫରାବାଦ-ମୌଜପୁର ରାସ୍ତାରେ ଶାହରୁଖ ପୋଲିସ ଉପରକୁ ବନ୍ଧୁକ ଦେଖାଇଥିବାର ଭିଡିଓ ଭାଇରାଲ ହୋଇଥିଲା।

# ୫ ବିଦେଶୀଙ୍କୁ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୩।୩

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ବିକ୍ଷୋଭରେ ସାମିଲ ହୋଇଥିବା ୫ ଜଣ ବିଦେଶୀ ଭିଜା ନିୟମର ଉଲ୍ଲଂଘନ କରିଥିବାରୁ ସେମାନଙ୍କୁ ଦେଶ ଛାଡ଼ି ଚାଲିଯିବା ଲାଗି କୁହାଯାଇଛି। ମଙ୍ଗଳବାର ଲୋକ ସଭାରେ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି।

## ସିଏଏ ବିରୋଧୀ ବିକ୍ଷୋଭରେ ସାମିଲ ଥିଲେ

ଇମିଗ୍ରେଶନ ବ୍ୟୁରୋ ରିପୋର୍ଟ ଅନୁଯାୟୀ, ୫ ବିଦେଶୀ ଭିଜା ନିୟମ ଉଲ୍ଲଂଘନ କରି ବିକ୍ଷୋଭରେ ସାମିଲ ହୋଇଥିଲେ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି।




ବିଭିନ୍ନ ଛାତ୍ର ସଙ୍ଗଠନର ସଦସ୍ୟମାନେ ପାର୍ଲାମେଣ୍ଟ ନିକଟରେ ସିଏଏ-ଏନ୍‌ଆର୍‌ସି-ଏନ୍‌ପିଆର୍ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ପୁଲ୍‌ୱାମା ଆକ୍ରମଣ: ବାପ-ଝିଅ ଗିରଫ

ଶ୍ରୀନଗର,୩।୩(ପି.ଟି.)





ଗତବର୍ଷ ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୪୦ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ଏହି ମାମଲାର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ମଙ୍ଗଳବାର ଜଣେ ବ୍ୟକ୍ତି ଓ ତାଙ୍କ ଝିଅଙ୍କୁ ଗିରଫ କରିଛି। ଏହି ଆକ୍ରମଣ ଷଡ଼ଯନ୍ତ୍ର ସହ ସେମାନେ ଜଡ଼ିତ ଥିଲେ ବୋଲି ଏନ୍‌ଆଇଏ ଜାଣିବାକୁ ପାଇଛି। ପୁଲ୍‌ୱାମା ଜିଲାର ହକ୍‌ରିପୋରା ବାସିନ୍ଦା ତାରିକ୍ ଅହମଦ ଶାହ ଓ ତାଙ୍କ ଝିଅ ଇନ୍‌ଶା ଜାନ୍‌ଙ୍କ ଘରେ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ଆଦିଲ ଅହମଦ ଦର ଏକ ଭିଡିଓ ଶୁଟିଂ କରିଥିଲା। ଆକ୍ରମଣ ପରେ ପାକିସ୍ତାନରେ ଉକ୍ତ ଭିଡିଓ ପ୍ରସାରଣ କରାଯାଇଥିଲା। ଟ୍ରକ୍ ଡ୍ରାଇଭର ଥିବା ଶାହଙ୍କ ଘରେ ଆଦିଲଙ୍କ ସମେତ ପାକିସ୍ତାନୀ ଆତଙ୍କବାଦୀ ତଥା ଆଇଇଡି ପ୍ରସ୍ତୁତକାରୀ ମହମ୍ମଦ ଉମର ଫାରୁକ୍, କାମରନ, ପୁଲ୍‌ୱାମାର ଜେଇଏମ୍ ଆତଙ୍କବାଦୀ ସମୀର ଅହମଦ ଦର୍ ଏବଂ ଇସ୍‌ମାଇଲ ଓରଫ ଇବ୍ରାହିମ ଓରଫ ଆଦନାନ ରହୁଥିଲେ। ସେମାନେ ସେଠାରେ ଆତ୍ମଘାତୀ ଆକ୍ରମଣର ଯୋଜନା ପ୍ରସ୍ତୁତ କରିବା ସହ ଏହାର ଭିଡିଓ ପ୍ରସ୍ତୁତ କରିଥିଲେ ବୋଲି ଏନ୍‌ଆଇଏ ମୁଖପାତ୍ର କହିଛନ୍ତି। ଆତଙ୍କବାଦୀମାନେ ଶାହଙ୍କ ଘରେ ୨୦୧୮-୧୯ ମଧ୍ୟରେ ଏକାଧିକ ଥର ରହିଥିଲେ। ଶାହଙ୍କ ଝିଅ ଇନ୍‌ଶା ସେମାନଙ୍କୁ ଖାଦ୍ୟ ଓ ଅନ୍ୟାନ୍ୟ ସୁବିଧା ଯୋଗାଇଦେଉଥିଲେ। ଇନ୍‌ଶା ଆତଙ୍କବାଦୀ ମହମ୍ମଦ ଉମର ଫାରୁକଙ୍କ ସହ ନିୟମିତ ଯୋଗାଯୋଗରେ ଥିଲେ ବୋଲି ଏନ୍‌ଆଇଏ ପକ୍ଷରୁ କୁହାଯାଇଛି।

## [ଇତିହାସର ଆଇନାରେ]

### ମାର୍ଚ୍ଚ ୪ର ପ୍ରମୁଖ ଘଟଣା

୨୦୧୫ ମାର୍ଚ୍ଚ ୪ରେ ୟୁକ୍ରେନ୍‌ର ଏକ କୋଇଲା ଖଣିରେ ଗ୍ୟାସ୍ ନିର୍ଗତ ହେବାରୁ ସେଥିରେ କାର୍ଯ୍ୟରତ ୩୪ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ବିସ୍ଫୋରଣ ବେଳେ ଖଣିରେ ୨୩୦ ଶ୍ରମିକ ଥିଲେ।

୨୦୧୨ ମାର୍ଚ୍ଚ ୪ରେ କଙ୍ଗୋର ରାଜଧାନୀ ବ୍ରାଜାଭିଲେ ସହରସ୍ଥିତ ଏକ ଅସ୍ତ୍ରାଗାରରେ ସିରିଜ୍ ବିସ୍ଫୋରଣ ହେବା ଫଳରେ ୨୧୫ ଜଣଙ୍କ ପ୍ରାଣହାନି ଘଟିଥିଲା।

# ବିକ୍ଷୋଭ ବେଳେ ୧୮୫ ଛାତ୍ରୀଛାତ୍ର ଅଟକ

ନୂଆଦିଲ୍ଲୀ,୩।୩(ପି.ଟି.)

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ଓ ଜାତୀୟ ରାଜଧାନୀରେ ସଦ୍ୟ ଘଟିଥିବା ସାମ୍ପ୍ରଦାୟିକ ହିଂସା ପ୍ରତିବାଦରେ ମଙ୍ଗଳବାର ଦିଲ୍ଲୀର ରାମଲୀଳା ମଇଦାନକୁ ବିକ୍ଷୋଭ ଶୋଭାଯାତ୍ରାରେ ଯାଉଥିବା ବେଳେ ୧୮୫ ଛାତ୍ରୀଛାତ୍ରଙ୍କୁ ଅଟକ ରଖାଯାଇଥିଲା। କମଲା ମାର୍କେଟ, ହରି ନଗର ଓ ବାୱାନା ସମେତ ବିଭିନ୍ନ ଥାନାରେ ସେମାନଙ୍କୁ ଅଟକ ରଖାଯିବା ପରେ ଛାଡ଼ିଦିଆଯାଇଥିଲା। ଏବେ ସମସ୍ତ ବିକ୍ଷୋଭକାରୀ ମୁକ୍ତ ବୋଲି କେନ୍ଦ୍ରୀୟ ଦିଲ୍ଲୀ ଡେପୁଟି ପୋଲିସ କମିଶନର ସଞ୍ଜୟ ଭାଟିଆ ସୂଚନା ଦେଇଛନ୍ତି। ସିଏଏ ଏବଂ ଦିଲ୍ଲୀ ଦଙ୍ଗା ପ୍ରତିବାଦରେ ମଙ୍ଗଳବାର ସକାଳେ ଯନ୍ତରମନ୍ତରରେ ପ୍ରାୟ ୨୦୦ ଛାତ୍ରୀଛାତ୍ର ଏକତ୍ରିତ ହୋଇଥିଲେ। ୟଙ୍ଗ୍ ଇଣ୍ଡିଆ କୋଅର୍ଡିନେଶନ କମିଟିର ଆହ୍ୱାନ କ୍ରମେ ସେମାନେ ରାମଲୀଳା ମଇଦାନ ଅଭିମୁଖେ ଶୋଭାଯାତ୍ରାରେ ଯାଉଥିଲେ। ବିକ୍ଷୋଭକାରୀଙ୍କ ମଧ୍ୟରେ ପୂର୍ବତନ ଆଇଏଏସ୍ ଅଧିକାରୀ କନ୍ନାନ ଗୋପିନାଥନ୍ ସାମିଲ ଥିଲେ। ସେମାନଙ୍କ ହାତରେ ଥିବା ବ୍ୟାନର ଓ ପୋଷ୍ଟରରେ ଲେଖାଥିଲା, 'ଦଙ୍ଗା ନୁହେଁ, ଶାନ୍ତି', 'ଦେଶଦ୍ରୋହ ଆଇନ ଉଚ୍ଛେଦ କର', 'ଗରିବ ଓ ମୁସ୍‌ଲିମ ବିରୋଧୀ ଆଇନକୁ ହଟାଅ' ଏବଂ 'ସିଏଏ ବିରୋଧୀ ବିକ୍ଷୋଭକାରୀଙ୍କ ଉପରେ ପୋଲିସ ବର୍ବରତା ବନ୍ଦ ହେଉ'।

# କରୋନା ନିୟନ୍ତ୍ରଣରେ ଇରାନ ସେନା

ଦୁବାଇ,୩।୩

କରୋନା ଭୂତାଣୁ ସଂକ୍ରମଣ ରୋକିବା ଦିଗରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ସହାୟତା କରିବା ଲାଗି ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନୀ ଦେଶର ସୈନ୍ୟବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଚାଇନା ବାହାରେ ଇରାନରେ କରୋନା ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ସର୍ବାଧିକ ୭୭ରେ ପହଞ୍ଚିଥିବାରୁ ଆୟାତୋଲ୍ଲା ଏଭଳି ନିଷ୍ପତ୍ତି ନେଇଛନ୍ତି।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ଅନୁଭୂତ ହେବ।

**ସ୍ଥାନୀୟ ଅଞ୍ଚଳ-**ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୦ | ୧୮.୩ |
| ଚାନ୍ଦବାଲି | ୩୪.୨ | ୨୦.୪ |
| କଟକ | ୩୩.୬ | ୧୮.୦ |
| ପାରାଦ୍ୱୀପ | ୨୯.୦ | ୨୧.୭ |
| ଭୁବନେଶ୍ୱର | ୩୩.୯ | ୧୯.୪ |
| ଗୋପାଳପୁର | ୩୦.୫ | ୨୦.୭ |
| ପୁରୀ | ୩୦.୬ | ୨୧.୬ |
| ଅନୁଗୋଳ | ୩୪.୭ | ୧୫.୦ |
| ବାରିପଦା | ୩୪.୦ | ୧୯.୫ |
| ଝାରସୁଗୁଡ଼ା | ୩୨.୨ | ୧୭.୨ |
| କେନ୍ଦୁଝର | ୩୧.୬ | ୧୭.୪ |
| ସମ୍ବଲପୁର | ୩୨.୯ | ୧୭.୩ |
| ସୁନ୍ଦରଗଡ଼ | ୩୦.୦ | ୧୩.୫ |
| ହୀରାକୁଦ | ୩୨.୩ | ୧୯.୧ |
| ତାଳଚେର | ୩୩.୦ | ୧୭.୩ |
| ଭବାନୀପାଟଣା | ୩୫.୫ | ୧୯.୫ |
| ବଲାଙ୍ଗୀର | ୩୪.୭ | ୧୯.୦ |
| କୋରାପୁଟ | ୩୨.୦ | ୧୫.୬ |
| ଫୁଲବାଣୀ | ୨୯.୮ | ୧୬.୪ |
| ଟିଟିଲାଗଡ଼ | ୩୫.୦ | ୧୪.୬ |
| ମାଲକାନଗିରି | ୩୫.୪ | ୧୫.୬ |
| ସୋନପୁର | ୩୪.୪ | ୧୪.୮ |
| ଦାରିଙ୍ଗିବାଡ଼ି | ୨୯.୦ | ୧୩.୦ |

ଡିଗ୍ରୀ ସେଲ୍‌ସିୟସ୍



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

# ଫଡ଼୍‌ନବିସ୍‌ଙ୍କ ଆବେଦନ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ,୩।୩(ପି.ଟି.)

ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନବିସ୍ ୨୦୧୪ ନିର୍ବାଚନୀ ସତ୍ୟପାଠରେ ତାଙ୍କ ନାଁରେ ଥିବା ଦୁଇଟି ଫୌଜଦାରି ମାମଲାର ବିବରଣୀ ଉଲ୍ଲେଖ କରି ନ ଥିଲେ। ସେଥିପାଇଁ ତାଙ୍କୁ ବିଚାରର ସମ୍ମୁଖୀନ ହେବା ଲାଗି ୨୦୧୯ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ରାୟର ପୁନର୍ବିଚାର ଲାଗି ଫଡ଼୍‌ନବିସ୍ କରିଥିବା ଆବେଦନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ଫଳରେ ତାଙ୍କୁ ଶକ୍ତ ଝଟ୍‌କା ଲାଗିଛି। ଗତବର୍ଷ ରାୟର ସମୀକ୍ଷା କରିବାର କୌଣସି କାରଣ ନାହିଁ ବୋଲି ଜଷ୍ଟିସ୍ ଅରୁଣ ସିଂଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଦୀପକ ଗୁପ୍ତା ଓ ଅନିରୁଦ୍ଧ ବୋଷ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଅଦାଲତ ଫେବୃୟାରୀ ୧୮ରେ ଏହି ରାୟ ଦେଇଥିଲେ ହେଁ ତାହା ମଙ୍ଗଳବାର ସୁପ୍ରିମକୋର୍ଟ ୱେବସାଇଟରେ ଅପ୍‌ଲୋଡ ହୋଇଛି।

# ଆଫଗାନ ସେନା ଘାଟିକୁ ତାଲିବାନର ଟାର୍ଗେଟ

କାବୁଲ,୩।୩(ଏଏଫ୍‌ପି)

ଆଫଗାନିସ୍ତାନର ସେନା ଘାଟି ଉପରେ ତାଲିବାନ ପକ୍ଷରୁ ଏକାଧିକ ଆକ୍ରମଣ କରାଯାଇଛି। ଫଳରେ ଆମେରିକା-ଆଫଗାନିସ୍ତାନ ଶାନ୍ତି ଆଲୋଚନାର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୋମବାର ରାତିରେ ଆଫଗାନିସ୍ତାନର ୧୩ଟି ସ୍ଥାନରେ ଥିବା ସେନା ଘାଟି ଉପରେ ତାଲିବାନ ପକ୍ଷରୁ ଆକ୍ରମଣ ହୋଇଛି। କାନ୍ଦାହାର ପ୍ରଦେଶରେ ହୋଇଥିବା ଆକ୍ରମଣରେ ୨ ଜଣ ସୈନ୍ୟ ନିହତ ହୋଇଛନ୍ତି। ସେହିପରି କାବୁଲ ନିକଟବର୍ତ୍ତୀ ଲୋଗାର ପ୍ରଦେଶରେ ହୋଇଥିବା ଆକ୍ରମଣରେ ୫ ସୁରକ୍ଷା କର୍ମୀ ପ୍ରାଣ ହରାଇଛନ୍ତି।

କାତାର ରାଜଧାନୀ ଦୋହାରେ ଆମେରିକା ଓ ତାଲିବାନ ମଧ୍ୟରେ ଗତ ଶନିବାର ହୋଇଥିବା ଶାନ୍ତି ଚୁକ୍ତିନାମା ଅନୁଯାୟୀ ଉଗ୍ରପନ୍ଥୀ ଓ ଆଫଗାନ ସରକାରଙ୍କ ମଧ୍ୟରେ ମାର୍ଚ୍ଚ ୧୦ରୁ



## ଶାନ୍ତି ଆଲୋଚନାକୁ ନେଇ ସନ୍ଦେହ

ବୁଝାମଣା ଆରମ୍ଭ ହୋଇଥାନ୍ତା। ତାହା ପୂର୍ବରୁ ତାଲିବାନ ପକ୍ଷରୁ ସେନା ଘାଟି ଉପରେ ଆକ୍ରମଣ ଫଳରେ ଆଲୋଚନାର ସଫଳତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସେହିପରି ଆଲୋଚନା ପୂର୍ବରୁ ବନ୍ଦୀ ହସ୍ତାନ୍ତରକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜିନାମା ଅନୁଯାୟୀ ତାଲିବାନମାନେ ୧୦୦୦ ବନ୍ଦୀଙ୍କୁ ମୁକ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ବଦଳରେ ଆଫଗାନ ସରକାର ପାଖାପାଖି ୫୦୦୦ ଆତଙ୍କବାଦୀଙ୍କୁ ମୁକ୍ତ କରିଥାନ୍ତେ। ଆଲୋଚନା ପୂର୍ବରୁ ଏହାକୁ ପ୍ରାକ୍‌ସର୍ତ୍ତ ରଖାଯାଇଥିଲା। ତେବେ ରାଷ୍ଟ୍ରପତି ଅଶ୍ରଫ ଗନି ବୁଝାମଣା ଆରମ୍ଭ ପୂର୍ବରୁ ବନ୍ଦୀ ହସ୍ତାନ୍ତର ଲାଗି ମନା କରିଦେଇଛନ୍ତି।




## ଆଜି 'ମୋ ସରକାର'ରେ ସାମିଲ ହେବ ଆଉ ୨ ବିଭାଗ

**ଭୁବନେଶ୍ୱର,୩।୩(ବ୍ୟୁରୋ)**

ବୁଧବାର ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗ 'ମୋ ସରକାର'ରେ ସାମିଲ ହେବାର ଅଛି। ସେଦିନ ସନ୍ଧ୍ୟା ସାଢ଼େ ୬ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୨ ବିଭାଗୀୟ ମନ୍ତ୍ରୀଙ୍କ ଉପସ୍ଥିତିରେ ଉପରୋକ୍ତ ୨ ବିଭାଗ 'ମୋ ସରକାର'ରେ ସାମିଲ ହେବ। ଗତ ସୋମବାର ରାଜ୍ୟ ସରକାରଙ୍କ ୫ଟି ବିଭାଗକୁ 'ମୋ ସରକାର'ରେ ସାମିଲ କରାଯାଇଥିବା ବେଳେ ଏ ପର୍ଯ୍ୟନ୍ତ ମୋଟ ୨୨ଟି ବିଭାଗ ସାମିଲ ହୋଇସାରିଛି। ସୂଚନାଯୋଗ୍ୟ, ରାଜ୍ୟର ବିଭିନ୍ନ ସରକାରୀ କାର୍ଯ୍ୟକୁ ସଫଳ ରୂପାୟନ କରିବା ଏବଂ ସମସ୍ତ ଜନକଲ୍ୟାଣକାରୀ ଯୋଜନାକୁ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ପାଇଁ 'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

# ୫୦ ସରକାରୀ ଡିଗ୍ରୀ କଲେଜରେ ନାହାନ୍ତି ନିୟମିତ ଅଧ୍ୟକ୍ଷ

**ଭୁବନେଶ୍ୱର, ୩।୩(ବ୍ୟୁରୋ)**

- ସ୍ୱୟଂଶାସିତ କଲେଜରେ ଖାଲି ରହିଛି ଶିକ୍ଷକ ପଦ
- ଭାରପ୍ରାପ୍ତ ଅଧ୍ୟକ୍ଷରେ ଚାଲିଛି ବହୁ ଯୁକ୍ତ୨ କଲେଜ

ଓଡ଼ିଶାରେ ଉଚ୍ଚଶିକ୍ଷାକୁ ବିଶ୍ୱସ୍ତରୀୟ କରିବା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଆପଣାଯାଉଛି। କିନ୍ତୁ ବାସ୍ତବଚିତ୍ର କିଛି ଅଲଗା ରହୁଛି। ରାଜ୍ୟ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ଅଧିକାଂଶ କଲେଜରେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ଏହା କଲେଜଗୁଡ଼ିକର ପ୍ରଶାସନିକ ପରିଚାଳନା ଓ ଶିକ୍ଷାଦାନ କ୍ଷେତ୍ରରେ ପ୍ରମୁଖ ସମସ୍ୟା ସୃଷ୍ଟି କରୁଛି। ସରକାରୀ ତଥ୍ୟ ଅନୁସାରେ, ଉଚ୍ଚଶିକ୍ଷା ବିଭାଗ ଅଧୀନରେ ୫୨ଟି ସରକାରୀ ଡିଗ୍ରୀ କଲେଜ ରହିଛି। ଏଥିମଧ୍ୟରୁ ୫୦ କଲେଜରେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ଫଳରେ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ଦ୍ୱାରା ଏହି କଲେଜଗୁଡ଼ିକ ପରିଚାଳିତ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ରାଜ୍ୟରେ ଥିବା କୌଣସି ବି ପୂର୍ଣ୍ଣ ଅନୁଦାନପ୍ରାପ୍ତ ବେସରକାରୀ କଲେଜ ପାଇଁ ସ୍ଥାୟୀ ଅଧ୍ୟକ୍ଷ ପଦବୀ ଏଯାବତ୍ ମଞ୍ଜୁର କରାଯାଇନାହିଁ। ରାଜ୍ୟରେ ୩୫ଟି ସ୍ୱୟଂଶାସିତ କଲେଜ ରହିଛି। ସେଥିରୁ ୧୮ଟି ସରକାରୀ କଲେଜ ରହିଛି। ଏହି ସରକାରୀ ସ୍ୱୟଂଶାସିତ କଲେଜଗୁଡ଼ିକ ମଧ୍ୟରୁ କେତେକକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦିଆଯାଇଥିଲେ ମଧ୍ୟ ତାହା ସାଧାରଣ କଲେଜ ଭଳି ପରିଚାଳିତ ହେଉଛି। ନିୟମିତ ଅଧ୍ୟକ୍ଷ ନ ଥିବା, ପର୍ଯ୍ୟାପ୍ତ ସଂଖ୍ୟକ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ବର୍ଷ ବର୍ଷ ଧରି ଖାଲି ପଡ଼ିବା ଏବଂ ବହୁ କ୍ଷେତ୍ରରେ ଭିତ୍ତିଭୂମିର ଅଭାବ ଯୋଗୁ କେତେକ କଲେଜର ସ୍ୱୟଂଶାସିତ ମର୍ଯ୍ୟାଦା ମଧ୍ୟ କ୍ଷୁଣ୍ଣ ହୋଇଛି। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଯୁକ୍ତ୨ କଲେଜଗୁଡ଼ିକ ପାଇଁ ମଧ୍ୟ ସରକାର ନିୟମିତ ଅଧ୍ୟକ୍ଷ ପଦବୀ ସୃଷ୍ଟି କରିନାହାନ୍ତି। ରାଜ୍ୟର ଉଭୟ ସରକାରୀ ଓ ଅନୁଦାନପ୍ରାପ୍ତ ଯୁକ୍ତ୨ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ଦ୍ୱାରା ଚାଲିଛି।

ଅନ୍ୟପକ୍ଷରେ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧ୍ୟକ୍ଷ, ଶିକ୍ଷକ ଓ ଅଣଶିକ୍ଷକ ପଦବୀ ବହୁ ସଂଖ୍ୟାରେ ଖାଲିପଡିଥିବା ନେଇ ସ୍ୱୀକାର କରିଛନ୍ତି। ପ୍ରଚଳିତ ସରକାରୀ ନିୟମ ଅନୁଯାୟୀ ଯୋଗ୍ୟ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ଲାଗି ସରକାରଙ୍କ ପକ୍ଷରୁ ଲୋକସେବା ଆୟୋଗ ଓ ସିଲେକ୍ସନ୍ ବୋର୍ଡକୁ ଅନୁରୋଧ କରାଯାଇଛି। ସେଠାରୁ ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ମିଳିବା ପରେ ଏହି ପଦବୀ ପୂରଣ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଉଛି।

# ଭିଜିଲାନ୍ସ ଜାଲରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ

**ବ୍ରହ୍ମପୁର ଅଫିସ/ଗଞ୍ଜାମ, (ଡି.ଏନ୍.ଏ.), ୩।୩**

- ଆୟ ବହିର୍ଭୂତ ସମ୍ପତ୍ତି ଠୁଳ
- ୩ କୋଟିର ସମ୍ପତ୍ତି ଠାବ, ତଦନ୍ତ ଜାରି


ବିନୋଦ ଚନ୍ଦ୍ର ପାଢ଼ୀ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବ୍ରହ୍ମପୁର ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବିନୋଦ ଚନ୍ଦ୍ର ପାଢ଼ୀଙ୍କ ଘରେ ମଙ୍ଗଳବାର ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଗଞ୍ଜାମ ଏବଂ ଭୁବନେଶ୍ୱର ସମେତ ୧୨ଟି ସ୍ଥାନରେ ଏକକାଳୀନ ଚଢାଉ କରାଯାଇଛି। ପ୍ରଥମ ଦିନ ଯାଞ୍ଚରେ ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୩ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡିଛି ବୋଲି ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି। ଅନ୍ୟପଟେ ଯନ୍ତ୍ରୀ ପାଢ଼ୀ ବ୍ୟାଙ୍କ ଓ ବିଭିନ୍ନ ଲୋକଙ୍କଠାରୁ ଋଣ ଆଣିଥିବା ନେଇ ଭିଜିଲାନ୍ସକୁ କହିଥିବା ଏକ ବିଶେଷ ସୂତ୍ରରୁ ସୂଚନା ମିଳିଛି। ପାଢୀଙ୍କ ଗଞ୍ଜାମସ୍ଥିତ ୨ଟି ବାସଗୃହ ଓ ଗୋଟିଏ ମାର୍କେଟ କମ୍ପ୍ଲେକ୍ସ, ଗଞ୍ଜାମରେ ଥିବା ପୈତୃକ ଘର, ବ୍ରହ୍ମପୁର ଅଫିସ, ହିଲ୍‌ପାଟଣା ହରଭିନ୍ ସ୍କୁଲ କୋଠା ଓ ମାର୍କେଟ କମ୍ପ୍ଲେକ୍ସ, ଖଲ୍ଲିକୋଟ ଡିମିରିଆରେ ଥିବା ଫାର୍ମ ହାଉସ୍, ଆମ୍ବପୁଆରେ ଥିବା ଫାର୍ମ ହାଉସ୍, ପଙ୍କାଳପଲିରେ ଥିବା ଅର୍ଦ୍ଧନିର୍ମିତ ଗୃହ, ଜୟପ୍ରକାଶ ନଗରରେ ରହୁଥିବା ଠିକାଦାର ସଚିନ ପାଢ଼ୀ, ଗୋଷାଣୀନୂଆଗାଁରେ ରହୁଥିବା ଠିକାଦାର ସୀମାଞ୍ଚଳ ପାତ୍ର, ଗୋଦାବରୀଶ ନଗରରେ ରହୁଥିବା ପାଢ଼ୀଙ୍କ ଭଣଜା ଅଶୋକ ପଣ୍ଡା, ଭୁବନେଶ୍ୱର ଭିଆଇପି କଲୋନୀରେ ଥିବା ବାସଗୃହ ଓ ନୟାପଲ୍ଲୀରେ ଥିବା ମେଟ୍ରୋ ରେସିଡେନ୍ସି ଫ୍ଲାଟ ନଂ.୧୦୨/ଏ ରେ ଚଢାଉ କରାଯାଇଥିଲା। ଚଢ଼ାଉ ବେଳେ ତାଙ୍କ ଘରୁ ମିଳିଥିବା ୪୦୦ ଗ୍ରାମ ସୁନାର ମୂଲ୍ୟ ୧୨ ଲକ୍ଷ ଆକଳନ କରାଯାଇଥିବା ବେଳେ ବିଭିନ୍ନ ବ୍ୟାଙ୍କରେ ଜମା ଥିବା ୫୨ ଲକ୍ଷ ଟଙ୍କା ଠାବ କରାଯାଇଛି। ସେହିପରି ତାଙ୍କ ନାମରେ ଥିବା ୨୩ଟି ପ୍ଲଟର ମୂଲ୍ୟ ୭୬ ଲକ୍ଷ, ଗଞ୍ଜାମରେ ଥିବା ଦୁଇଟି ଅର୍ଦ୍ଧନିର୍ମିତ କୋଠାର ମୂଲ୍ୟ ୬୫ ଲକ୍ଷ, ବ୍ରହ୍ମପୁରରେ ଥିବା ଦୁଇଟି ଅର୍ଦ୍ଧନିର୍ମିତ କୋଠାର ମୂଲ୍ୟ ୩୫ ଲକ୍ଷ, ଭୁବନେଶ୍ୱରରେ ଥିବା ଏକ ଫ୍ଲାଟର ମୂଲ୍ୟ ୮ ଲକ୍ଷ ଓ ଅନ୍ୟ ଏକ ଫ୍ଲାଟର ମୂଲ୍ୟ ୫୨ ଲକ୍ଷ ବୋଲି ଆକଳନ ହୋଇଛି। ସେହିପରି ତାଙ୍କ ଘରେ ଥିବା ଏକ ସ୍କର୍ପିଓର ମୂଲ୍ୟ ୧୪ ଲକ୍ଷ ହୋଇଥିବା ବେଳେ ଅନ୍ୟ ଏକ କାର, ଏଲଆଇସି ବୀମା, ବ୍ୟାଙ୍କ ଲକର ଆଦି ବୁଧବାର ଯାଞ୍ଚ କରାଯିବ ବୋଲି ଏସ୍‌ପି ସ୍ୱାଇଁ ସୂଚନା ଦେଇଛନ୍ତି। ଚଢାଉ ଜାରି ରହିଥିବାରୁ ଯନ୍ତ୍ରୀ ପାଢ଼ୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମୂଲ୍ୟର ଠିକ୍ ତଥ୍ୟ ବୁଧବାର ଦିଆଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଅନୁଗୋଳରେ ପାଢ଼ୀ ସହକାରୀ ଯନ୍ତ୍ରୀ ଥିବା ବେଳେ ଭିଜିଲାନ୍ସ ବିଭାଗ ୧୯୯୬ ସେପ୍ଟେମ୍ବର ୩୦ରେ ତାଙ୍କ ନାଁରେ ନଂ.୫୫/୯୬ରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମାମଲା ରୁଜୁ କରିଥିଲା। ସେହିପରି ୨୦୧୧ରେ ଏହି ମାମଲାର ବିଚାର ବେଳେ ସେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିଲେ ବୋଲି ଭିଜିଲାନ୍ସ ଏସ୍‌ପି ସ୍ୱାଇଁ କହିଛନ୍ତି।

# ଯୁକ୍ତ୨ ପରୀକ୍ଷା ଆରମ୍ଭ

- କପି କରି ଧରାପଡ଼ିଲେ ୧୧ ବିଜ୍ଞାନ ଛାତ୍ରୀଛାତ୍ର
- ଆଜି କଳା, ବାଣିଜ୍ୟ ମାତୃଭାଷା ପରୀକ୍ଷା

**ଭୁବନେଶ୍ୱର, ୩।୩(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବିଜ୍ଞାନ ଛାତ୍ରୀଛାତ୍ର ମାତୃଭାଷା ଓଡ଼ିଆ ପରୀକ୍ଷା ଦେଇଛନ୍ତି। ସକାଳ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟାରେ ସରିଥିଲା। ୯୭ ହଜାର ୫୪୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧୧ଜଣ କପି କରି ଧରାପଡ଼ିଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ରାଜ୍ୟର ୨୦୨ଟି ହବ୍‌ରେ ପ୍ରଶ୍ନପତ୍ର ରଖାଯାଇଥିଲା। ମଙ୍ଗଳବାର ସାଢ଼େ ୯ଟା ସୁଦ୍ଧା ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲା। ୧୦ଟାରେ ପ୍ରଶ୍ନପତ୍ର ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିଲା। ଏବର୍ଷ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିଥିବାବେଳେ କପି ଓ ନକଲି ପରୀକ୍ଷାର୍ଥୀଙ୍କୁ ରୋକିବାକୁ ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କୁ ଦୁଇ ଥର ଯାଞ୍ଚ କରାଯାଇଛି। ପ୍ରଥମେ ଛାତ୍ରୀଛାତ୍ରଙ୍କ ପରିଚୟପତ୍ର ଓ ପରେ କପି ଯାଞ୍ଚ କରାଯାଇଛି। ବୁଧବାରଠାରୁ ଯୁକ୍ତ୨ କଳା ଓ ବାଣିଜ୍ୟ ବିଭାଗର ପରୀକ୍ଷା ଆରମ୍ଭ ହେବ। ଛାତ୍ରୀଛାତ୍ରମାନେ ପ୍ରଥମ ଦିନରେ ମାତୃଭାଷା ଓଡ଼ିଆ ପରୀକ୍ଷା ଦେବେ। କଳାରେ ମୋଟ ୨ଲକ୍ଷ ୨୦ହଜାର ୪୩୭ ଜଣ ଏବଂ ବାଣିଜ୍ୟରେ ୨୫ ହଜାର ୭୮୫ ଜଣ ପରୀକ୍ଷାର୍ଥୀ ରହିଛନ୍ତି।


ଭୁବନେଶ୍ୱର ରମାଦେବୀ ବିଶ୍ୱବିଦ୍ୟାଳୟରେ ଯୁକ୍ତ ୨ ପରୀକ୍ଷାର୍ଥୀଙ୍କୁ ଯାଞ୍ଚ କରାଯାଉଛି।



Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com

Honda Exclusive Authorized Dealerships: ATTAGHAR: Sidhivinayak Honda - 9124260000, 9658080060; BALUGOAN: Khimji Honda - 7735734881, 7735737648; BANKI: Shree Honda - 06723-240099, 9658201234; Bidharpur: Vinayak Honda - 9937060477, 7894446899; BHUBANESWAR: Shivam Honda - 0674-2546296, 7873024320; Gugnani Honda - 0674-2313716, 06742313812, 7852930865, 9778611111; PGL Honda - 0674-2354418, 9090912345; Khimji Honda - 7735734884, 7077726314; CUTTACK: Durga Honda - 9114800102\17\18\19\2; SGBL Honda - 0671-2364000, 9040433000; Utkal Honda - 0671-2304628, 9437029811; JAJPUR ROAD: TEZ Honda - 7504991301 7504994444; JAJPUR TOWN: Agasti Honda - 9437518600; KUAKHIA: Sai Honda - 9938906077; SINGHPUR: Ramachandi Honda - 7377688445; CHANDIKHOL: Basanti Honda - 06725-227011, 9853066000; JAGATSINGHPUR: Kanchan Murali Honda - 06724-222122, 223112, 7809568988, 9090876483; JAGATPUR: Durga Honda - 9114800118, 0671-2490462; JATNI: PGL Honda - 0674-2492419, 7788001027; KEONJHAR: Pritam Honda - 06766-254138, 8908881717; Barbil: Royal Motors- 7008712784; KHURDA: Sai Honda - 07852930002, 06755-223555; NAYAGRAH: Pattnaik Honda - 7205028044, 9937083142; Narsisgh Pur: Baba Honda - 9438057701; NIALI: Hindustan Honda - 9937075187, 0671-2803355; PURI: Shivam Honda - 06752-225555, 9040088747; Kujang:- Kanchan Murali Honda: 0672236122, 9040650040; PARADIP: Anil Honda - 06722-220909, 9438523425; RAHAMA: Navjyoti Honda - 9938339189; UTTARA: Gugnani Honda - 0674-3272244, 7852930844; PATTAMUNDAI: Satya Honda - 9937711139; SALEPUR: S.N.Honda - 9437439076; GAREJ CHACK: Gugnani Honda - 7008342169, 8144286965.

For Bulk/Institutional enquiries, please write us at: institutionalsales@honda2wheelersindia.com

## ରାଜ୍ୟ ସଭା ନିର୍ବାଚନ: ଦାଶରଥି ରିଟର୍ନିଂ ଅଫିସର

ଭୁବନେଶ୍ୱର,୩।୩(ବ୍ୟୁରୋ): ରାଜ୍ୟରେ ୪ ରାଜ୍ୟ ସଭା ଆସନ ଖାଲି ହୋଇଛି। ଏହାର ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ଏହି ନିର୍ବାଚନ ସୁପରିଚାଳନା ପାଇଁ ନିର୍ବାଚନ କମିଶନ(ଇସି)ଙ୍କ ପକ୍ଷରୁ ରିଟର୍ନିଂ ଅଫିସର ଏବଂ ପର୍ଯ୍ୟବେକ୍ଷକ ଅଧିକାରୀ ନିଯୁକ୍ତ କରାଯାଇଛି। ସେହିକ୍ରମରେ ଓଡ଼ିଶା ବିଧାନସଭା ସଚିବ ଦାଶରଥି ଶତପଥୀଙ୍କୁ ରିଟର୍ନିଂ ଅଫିସର ଭାବେ ନିଯୁକ୍ତି କରାଯାଇଛି। ଅନୁରୂପ ଭାବେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁଶୀଲ କୁମାର ଲୋହାନୀଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି କରାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: .............................


ସତ୍ୟବ୍ରତ
ପରିବାରବର୍ଗ


ସିଦ୍ଧି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ୫ ଦେଶର ନାଗରିକଙ୍କ ...

ସହ ଜେରା କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଆଲୋଚନା କରିଛନ୍ତି। ଯାଞ୍ଚ କଡ଼ାକଡ଼ି କରିବା ଓ ବିଭିନ୍ନ ପ୍ରତିଷେଧକ ପଦକ୍ଷେପ ନେବା ଉପରେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା କରାଯାଇଛି। ତେବେ କରୋନା ଭାଇରସ୍ ସଂକ୍ରମଣକୁ ନେଇ ଭୟ କରିବାର କିଛି ନାହିଁ। ଏନେଇ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମୋଦି କହିଛନ୍ତି।

ଗତ ସୋମବାର ଦିଲ୍ଲୀର ନୋଏଡାରେ ଜଣେ ଯୁବକ ଓ ହାଇଦ୍ରାବାଦ ଫେରନ୍ତା କର୍ନାଟକର ଜଣେ ଯନ୍ତ୍ରୀ(୨୪)ଙ୍କୁ କରୋନା ସଂକ୍ରମଣ କରିଥିବା ଜଣାପଡ଼ିଥିଲା। ତେବେ ଏହାକୁ ନେଇ ଆତଙ୍କିତ ହେବାର କିଛି ନାହିଁ ବୋଲି ମୋଦି କହିଛନ୍ତି। କରୋନା ସଂକ୍ରମଣ ଭୟରେ ଦିଲ୍ଲୀର ନୋଏଡାରେ ଥିବା ୨ ଘରୋଇ ସ୍କୁଲକୁ ବୁଧବାରଠାରୁ ୩ ଦିନ ବନ୍ଦ କରାଯାଇଛି। ଏହି ସ୍କୁଲରେ ପଢୁଥିବା ୨ ଛାତ୍ରଙ୍କ ବାପା (ଇଟାଲି ଫେରନ୍ତା) କରୋନା ଆକ୍ରାନ୍ତ ଥିବା ଚିହ୍ନଟ ହେବା ପରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଆଗ୍ରାରେ ତାଙ୍କ ପୁଅର ବାର୍ଥ ଡେ ପାର୍ଟିରେ ଯୋଗ ଦେଇଥିବା ୬ ଲୋକଙ୍କୁ ମଧ୍ୟ ପରୀକ୍ଷା କରାଯାଇଛି। ସେମାନେ କରୋନା ସଂକ୍ରମିତ ଥିବା ସନ୍ଦେହ କରାଯାଉଛି। ସ୍କୁଲ ପ୍ରଶାସନ ପକ୍ଷରୁ ମଧ୍ୟ ବିଭିନ୍ନ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ସେହିପରି ଜଣେ ଇଟାଲି ପର୍ଯ୍ୟଟକ ଜୟପୁରରେ କରୋନା ଆକ୍ରାନ୍ତ ଥିବା ସନ୍ଦେହ କରାଯାଉଛି। ଗତ ମାସରେ ଇଟାଲରୁ ଦିଲ୍ଲୀ ଆସି ରାଜସ୍ଥାନ ଯାଇଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ସେ ଜଣେ। ପ୍ରକାଶଥାଉ କି, ପୂର୍ବରୁ କେରଳରେ ୩ ଏଭଳି ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ଭାରତରେ ଏପର୍ଯ୍ୟନ୍ତ ମୋଟ ୬ କରୋନା ଆକ୍ରାନ୍ତ ରୋଗୀ ଚିହ୍ନଟ ହୋଇସାରିଲେଣି। ତେବେ ଏଥିପ୍ରତି ସରକାର ବିଭିନ୍ନ ସତର୍କତା ଅବଲମ୍ବନ କରୁଥିବା ପ୍ରଧାନମନ୍ତ୍ରୀ ମୋଦି ପ୍ରକାଶ କରିଛନ୍ତି।

## ଏସ୍‌ସିବି ମେଡିକାଲରେ ...

ଅନୁସାରେ ସିଙ୍ଗାପୁରରୁ ଏମ୍.ଟି. କେମଷ୍ଟାର୍ ଷ୍ଟେଲାର୍ ନାମକ ଏକ ସଲ୍‌ଫ୍ୟୁରିକ ଏସିଡ୍ ବୋଝେଇ ଜାହାଜ ଗତ ଫେବୃୟାରୀ ୧୦ତାରିଖରେ ଚାଇନା ଛାଡ଼ିଥିଲା। ୨୫ତାରିଖରେ ତାହା ସିଙ୍ଗାପୁର ଦେଇ ପାରାଦୀପ ଅଭିମୁଖେ ବାହାରିଥିଲା। ମାର୍ଚ୍ଚ ୧ ରବିବାର ଉକ୍ତ ଜାହାଜ ପାରାଦୀପ ବନ୍ଦରଠାରୁ ୬କି.ମି. ଦୂର ସମୁଦ୍ର ଭିତରେ ଥିବା ଆଙ୍କରେଜ ଅଞ୍ଚଳରେ ଲାଗିଥିଲା। ସେଥିରେ ଥିବା ୨୪ଜଣ ନାବିକଙ୍କ ମଧ୍ୟରୁ ଏକ ଦମ୍ପତିଙ୍କ ଜ୍ୱର ଓ କାଶ ହେଉଥିବା ନେଇ ଜାହାଜର କ୍ୟାପ୍ଟେନ ସୋମବାର ବନ୍ଦର କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଏହା ଜଣାପଡ଼ିବା ପରେ ମଙ୍ଗଳବାର ପୋର୍ଟ ହେଲ୍‌ଥ ୟୁନିଟର ଏକ ଟିମ୍ ଆଙ୍କରେଜ ଅଞ୍ଚଳକୁ ଯାଇ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଉକ୍ତ ଦମ୍ପତି ଜ୍ୱର ଓ କାଶରେ ପୀଡ଼ିତ ଥିବାରୁ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଥାଇପାରନ୍ତି ବୋଲି ସନ୍ଦେହ କରାଯାଇଥିଲା। ପରେ ବନ୍ଦର କର୍ତ୍ତୃପକ୍ଷ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ଉକ୍ତ ଜାହାଜକୁ ମାତ୍ର ୧୫ମିନିଟ ପାଇଁ ଇଫ୍‌କୋ ବର୍ଥରେ ବର୍ଥିଂ କରାଯାଇଥିଲା। ସେଠାରୁ ଅତି ସତର୍କତାର ସହ ସନ୍ଦିଗ୍ଧ ଦମ୍ପତିଙ୍କୁ ଜାହାଜରୁ ଓହ୍ଲାଇ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। ସନ୍ଦିଗ୍ଧ ଦମ୍ପତିଙ୍କ ଘର ଉତ୍ତରପ୍ରଦେଶର କାନପୁରରେ ବୋଲି ଜଣାପଡିଛି। ଜାହାଜରେ ସ୍ୱାମୀ ଜଣକ ଇଞ୍ଜିନିୟର ଭାବେ କାମ କରୁଥିବାବେଳେ ସ୍ତ୍ରୀ ତାଙ୍କ ସହ ଯାତ୍ରା କରିଥିଲେ। ଜାହାଜରେ ଥିବା ଅନ୍ୟ ୨୩ଜଣ ନାବିକଙ୍କୁ ଓହ୍ଲାଇବାକୁ ଅନୁମତି ମିଳିନାହିଁ। ଯେହେତୁ ଚାଇନା, ଦକ୍ଷିଣ କୋରିଆ, ସିଙ୍ଗାପୁର ଦେଇ ଜାହାଜଟି ଆସିଛି, ସେଥିପାଇଁ ପୋର୍ଟ ହେଲ୍‌ଥ ୟୁନିଟର ଟିମ୍ ଅନ୍ୟ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ବୋଲି ବନ୍ଦର ଅଧକ୍ଷ ରାୟ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

## ବିଳମ୍ବ ହୋଇପାରେ ...

ବାରମ୍ବାର କହି ଆସୁଛନ୍ତି ଯେ, ଅଲିମ୍ପିକ୍ସ ନିର୍ଦ୍ଧାରିତ ସମୟରେ ଆୟୋଜିତ ହେବ। ଭାଇରସର ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଥିବାରୁ ଆୟୋଜକମାନେ ଅଲିମ୍ପିକ୍ସକୁ ବାତିଲ କରିବାକୁ ବାଧ୍ୟ ହେବେ ବୋଲି କେତେକ କହୁଥିବା ବେଳେ ଏହାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଉ କିମ୍ବା ଅନ୍ୟତ୍ର ସ୍ଥାନାନ୍ତର କରାଯିବା ଉଚିତ ବୋଲି ଅନ୍ୟ କେତେକ ପ୍ରସ୍ତାବ ଦେଉଛନ୍ତି। ଗତ ସପ୍ତାହରେ ଜାପାନିଜ୍ ମିଡିଆକୁ ଏକ ସାକ୍ଷାତ୍‌କାର ବେଳେ ଟୋକିଓରେ ସଫଳତାର ସହିତ ଅଲିମ୍ପିକ୍ସ ଆୟୋଜନ ଲାଗି ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଛି ବୋଲି ବ୍ୟାକ୍ କହିଥିଲେ। କରୋନା ଭାଇରସଜନିତ କାରଣରୁ ଅଲିମ୍ପିକ୍ସକୁ ସ୍ଥଗିତ କିମ୍ବା ବାତିଲ କରାଯାଇପାରେ ବୋଲି ଯାହା ଶୁଣିବାକୁ ମିଳୁଛି ସେ ସମ୍ପର୍କିତ ପ୍ରଶ୍ନକୁ ସେ ଏଡାଇ ଦେଇଥିଲେ। କରୋନା ଭାଇରସ ସ୍ଥିତିରେ ଯଦି ସୁଧାର ନ ଆସେ ତଥାପି ଅଲିମ୍ପିକ୍ସ ଆୟୋଜନର ସମ୍ଭାବନା ଅଛି କି ନା ବୋଲି ହାସିମୋତୋଙ୍କୁ ପ୍ରଶ୍ନ ହେବାରୁ ଏଭଳି ପରିସ୍ଥିତି ଯେପରି ନ ଉପୁଜେ ସେ ନେଇ ଯଥାସମ୍ଭବ ଉଦ୍ୟମ ଚାଲିଛି ବୋଲି ସେ କହିଥିଲେ। ଚାରି ବର୍ଷ ଅଲିମ୍ପିକ ସାଇକେଲରେ ବ୍ରଡକାଷ୍ଟିଂ ଅଧିକାର ବିକ୍ରି ଦ୍ୱାରା ୫.୭ ବିଲିୟନ ଡଲାର ଆୟ ହୋଇଥାଏ। ଏଥିରୁ ୭୩% ରାଶି ଆଇଓସିକୁ ମିଳିଥାଏ। ୧୯୬୪ ଟୋକିଓ ଅଲିମ୍ପିକ୍ସ ଅକ୍ଟୋବରରେ ହୋଇଥିଲା। ମାତ୍ର ଗେମ୍ସକୁ ବର୍ତ୍ତମାନ ଗ୍ରୀଷ୍ମ ଋତୁକୁ ସ୍ଥାନାନ୍ତର କରାଯାଇଛି। ଏହାର ମୁଖ୍ୟ କାରଣ ହେଲା ସ୍ପୋର୍ଟ୍ସ ବ୍ରଡକାଷ୍ଟରମାନଙ୍କ ଲାଗି ବର୍ଷର ଏହି ସମୟଟି ଖାଲି ରହିଥାଏ। ଅବଶିଷ୍ଟ ସମୟରେ ଉତ୍ତର ଆମେରିକାର ଲୋକପ୍ରିୟ ଏନଏଫ୍‌ଏଲ କଲେଜ ଫୁଟ୍‌ବଲ, ବେସ୍‌ବଲ୍, ବାସ୍କେଟବଲ୍ ଓ ହକି ପ୍ରତିଯୋଗିତା ରହିଥାଏ। ସେହିପରି ୟୁରୋପ ଅନ୍ତର୍ଗତ ଇଂଲଣ୍ଡ, ସ୍ପେନ, ଜର୍ମାନୀ, ଫ୍ରାନ୍ସ ଏବଂ ଇଟାଲୀରେ ବିଭିନ୍ନ ଫୁଟବଲ ପ୍ରତିଯୋଗିତ ରହିଛି। ଏହାଛଡ଼ା ଅନ୍ୟ ଲୋକପ୍ରିୟ ଖେଳ ରଗ୍‌ବୀଏବଂ କ୍ରିକେଟ ଖେଳ ମଧ୍ୟ ରହିଛି। ଆଇଓସିର ପୂର୍ବତନ ଉପସଭାପତି ଡିକ୍ ପାଉଣ୍ଡ ଏକ ସାକ୍ଷାତ୍‌କାରରେ କହିଛନ୍ତି ସମ୍ଭବତଃ ଆସନ୍ତା କେଇ ମାସ ମଧ୍ୟରେ ଅଲିମ୍ପିକ୍ସ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଆଇଓସିର ଅନ୍ୟ ଜଣେ ପୂର୍ବତନ ଉପସଭାପତି ତଥା ବର୍ତ୍ତମାନ ଆଇଓସିର ଅବୈତନିକ ସଦସ୍ୟ କିଭାନ ଗସ୍ପର କହିଛନ୍ତି, ଟୋକିଓ ଗେମ୍ସ ବାତିଲ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ପୂର୍ବରୁ ବିଶ୍ୱଯୁଦ୍ଧ ଯୋଗୁ ଅଲିମ୍ପିକ୍ସ ୩ ଥର ବାତିଲ ହୋଇଛି। ୧୯୧୬ରେ ଏହା ବର୍ଲିନରେ ହେବାର ଥିଲା। ମାତ୍ର ପ୍ରଥମ ବିଶ୍ୱଯୁଦ୍ଧ ଯୋଗୁ ଏହାକୁ ବାତିଲ କରାଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପାଇଁ ୧୯୪୦ ଓ ୧୯୪୪ ଅଲିମ୍ପିକ୍ସ ବାତିଲ ହୋଇଛି।

## ୮ ଯାଏ ଘଡ଼ଘଡ଼ି ...

ଯାଜପୁର, ଗଞ୍ଜାମ ଜିଲାର ଅଳ୍ପ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏପରି କି ଏହି ସବୁ ଜିଲାରେ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ସହ ଗଛ ଓ ଚାଳଘର ଉଡ଼ିଯିବା ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

ବର୍ଷା ଏବଂ ମେଘୁଆ ପାଗ ଯୋଗୁ ଆସନ୍ତା ମାର୍ଚ୍ଚ ୧୫ ତାରିଖ ଯାଏ ତାତି ବଢ଼ିବ ନାହିଁ। ଏହି ସମୟରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ ଭିତରେ ରହିବ। ଏହା ପରେ ତାପମାତ୍ରା ଧୀରେ ଧୀରେ ବୃଦ୍ଧି ପାଇବ। ଏପ୍ରିଲ ୧୫ ସୁଦ୍ଧା ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସକୁ ଛୁଇଁବ। ଏହା ପରେ ଅନେକ ସ୍ଥାନରେ ତାତି ୪୫ ଡିଗ୍ରୀ ଉପରକୁ ଟପିବ। ଏପ୍ରିଲ ଓ ମେ ମାସରେ ତାତି ଆଉଟପାଉଟ କରିବ। ପାଣିପାଗ ବିଭାଗର ଏକ ମଡେଲ ଏଭଳି ପୂର୍ବାନୁମାନ କରିଛି। ତେବେ ନିକଟରେ ତାତି ଅସ୍ତବ୍ୟସ୍ତ କରିବ ନାହିଁ। ସମୁଦ୍ର ଆଡୁ ଆସୁଥିବା ଥଣ୍ଡା ପବନ ସାଙ୍ଗକୁ କାଳବୈଶାଖୀଜନିତ ବର୍ଷା ରାଜ୍ୟକୁ ଥଣ୍ଡା ରଖିବ ବୋଲି ଅନୁମାନ କରାଯାଇଛି। ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରେ ତାତି ବଢ଼ିଲେ ମଧ୍ୟ ସେପରି ଅସ୍ତବ୍ୟସ୍ତ କରିବ ନାହିଁ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ଭବାନୀପାଟଣାରେ ୩୫.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୩୪.୭, ନୟାଗଡ ୩୪, ବାରିପଦା ୩୪, ପାରାଦୀପ ୩୪.୧, ବଲାଙ୍ଗୀର ୩୪.୭ ଏବଂ ଚାନ୍ଦବାଲିରେ ସର୍ବୋଚ୍ଚ ତାପମାତ୍ରା ୩୪.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ସଙ୍ଗୀତା ସିଂଦେଓଙ୍କୁ ...

କେବେ ଦେଖି ନ ଥିଲେ ବୋଲି କହିଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା ହୋଇଥିବାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସଙ୍ଗୀତା ଦାବି କରିଛନ୍ତି। ସଙ୍ଗୀତାଙ୍କ ଅଭିଯୋଗ ଅନୁଯାୟୀ, ବିରୋଧୀ ସଦସ୍ୟମାନେ ତାଙ୍କ ମୁହଁ ସାମନାରେ ବ୍ୟାନର ଟାଣି କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ବିରୋଧୀ ଦଳର ଦୁଇ ମହିଳା ଏମ୍‌ପି ରାମ୍ୟା ହରିଦାସ ଓ ଜ୍ୟୋତିମଣି ତାଙ୍କ ହାତକୁ ଆଞ୍ଚୁଡି ଦେବା ସହ କହୁଣିରେ ଛାତିକୁ ମାରିଥିଲେ। କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ତାଙ୍କୁ ଧରି ନ ଥିଲେ ସେ ପଡ଼ିଯାଇଥାନ୍ତେ ବୋଲି ସଙ୍ଗୀତା କହିଛନ୍ତି। ସୋମବାର କେତେଜଣ ମହିଳା ଏମ୍‌ପି ବାଚସ୍ପତିଙ୍କୁ ଭେଟି ଜଶକୌର ମୀନା ଓ ଶୋଭା କରଣ୍ଡଲାଜେଙ୍କ ଉପରେ କଂଗ୍ରେସ ଏମ୍‌ପି ଆକ୍ରମଣ କରିଥିବା ଅଭିଯୋଗ କରିଥିଲେ। ଉକ୍ତ କଂଗ୍ରେସ ଏମ୍‌ପିଙ୍କୁ ବହିଷ୍କାର କରାଯାଉ ବୋଲି କରଣ୍ଡଲାଜେ ଦାବି କରିଥିଲେ। ଅନ୍ୟ ପକ୍ଷରେ ଭାଜପା ମହିଳା ଏମ୍‌ପି ତାଙ୍କୁ ଆକ୍ରମଣ କରିଥିବା କଂଗ୍ରେସ ଏମ୍‌ପି ରାମ୍ୟା ପାଲଟା ଅଭିଯୋଗ ଆଣିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସ୍ୱଗୃହାଭିମୁଖୀ ଧନାଧିପ ଯୋଗୁ ଅର୍ଥଲାଭ ସାଙ୍ଗକୁ ବନ୍ଧୁ ସମ୍ପର୍କରୁ ଖୁସି ରହିବେ। ଦୀର୍ଘ ସମୟ ଧରି ଅପେକ୍ଷା କରିଥିବା କାମ ଆଶାନୁଯାୟୀ ସମ୍ପନ୍ନ ହେବ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଭ୍ରାତୃବିବାଦ ଦେଖାଦେଇ ପାରେ। ଅନିଦ୍ରାଜନିତ କ୍ଲେଶ ଭୋଗିବାକୁ ପଡ଼ିପାରେ । ଆକସ୍ମିକ ଦୂରଯାତ୍ରା ମଧ୍ୟ କରିବାକୁ ପଡିପାରେ।

**ବୃଷ** ବ୍ୟୟସ୍ଥ ଶୁକ୍ରଜନିତ ଭାଙ୍ଗିପଡ଼ିଥିବା ସ୍ୱାସ୍ଥ୍ୟରେ ଆଂଶିକ ଉନ୍ନତି ପରିଲକ୍ଷିତ ହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ। କଳା, ସାହିତ୍ୟ ତଥା ରଚନାତ୍ମକ କାର୍ଯ୍ୟରେ ସଫଳତା ପାଇବେ। ପ୍ରତୀକ୍ଷା କରିଥିବା ଖବରଟି ଆଜି ଅପରାହ୍ନେ ପାଇବା ସହ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ମିଥୁନ** ରାହୁ ଓ ଚନ୍ଦ୍ରଙ୍କ ସଂଯୋଗ କାରଣରୁ ବିଭିନ୍ନ ବିଷୟକୁ ଚିନ୍ତାକରି ଅନ୍ୟମନସ୍କ ରହିପାରନ୍ତି। ତଥାପି କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ବନ୍ଧୁମାନଙ୍କ ଶୁଭକାର୍ଯ୍ୟରେ ଯୋଗଦେଇପାରନ୍ତି। ମନରେ ଦୁଃଖ ଭରି ରହିଥିଲେ ମଧ୍ୟ ମନକଥା ନ କହିବାରୁ ପରିବାରରେ ମତାନ୍ତରରୁ ବିତର୍କ ସୃଷ୍ଟି ହୋଇପାରେ।

**କର୍କଟ** କେତେକ ପ୍ରତିବନ୍ଧକ କାରଣରୁ ସାମୟିକ ଅସୁବିଧା ଭୋଗିଲେ ମଧ୍ୟ କାମ ଅଟକିବ ନାହିଁ। ଅଶ୍ଲେଷା ନକ୍ଷତ୍ର କର୍ମକ୍ଷେତ୍ରରେ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇପାରନ୍ତି। ପାରିବାରିକ ଶୃଙ୍ଖଳା ରକ୍ଷା କରିବା କ୍ଷେତ୍ରରେ ସମ୍ପର୍କୀୟମାନଙ୍କ ସାହାଯ୍ୟ ଆଶା କରିପାରନ୍ତି। ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପାରେ।

**ସିଂହ** ବନ୍ଧୁମାନଙ୍କ ସହ ଆଲୋଚନା କାଳରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଆନମନା ହୋଇପାରନ୍ତି। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**କନ୍ୟା** ମାନସିକ ଅସ୍ଥିରତା କାରଣରୁ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ମରୀଚିକା ପଛରେ ଦୌଡ଼ିପାରନ୍ତି। ପୂର୍ବ ବିବାଦକୁ କେନ୍ଦ୍ରକରି ଆତ୍ମୀୟମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ମଧ୍ୟାହ୍ନରେ ଟେନସନ୍ ଦୂର ହେବା ସାଙ୍ଗକୁ ସୁଖଭ୍ରମଣ ଯୋଗ ରହିଛି। ଜମିଜମା, ମାଲିମକଦ୍ଦମା, ଯାତ୍ରା ଓ ଆନୁଷ୍ଠାନିକ କାମ ଯଥାରୀତି ଚାଲୁରହିବ।

**ତୁଳା** ବନ୍ଧୁମାନଙ୍କ ସହାୟତାରେ ଚେଷ୍ଟା କରୁଥିବା କାର୍ଯ୍ୟରେ ସଫଳତା ହାସଲ କରିବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। କ୍ରୟ ବିକ୍ରୟ କ୍ଷେତ୍ରରେ ଲାଭବାନ୍ ହେବେ କିନ୍ତୁ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହେବାର ସୂଚନା ରହିଛି।

**ବିଛା** ଦୀର୍ଘଦିନରୁ ସ୍ଥଗିତ କାମକୁ ପୂରା ଦମ୍‌ରେ କରି ଚାଲିବେ। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଆକସ୍ମିକ ଭାବରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ। ମୂଲ୍ୟବାନ ଦ୍ରବ୍ୟ ଲାଭ ହେବା ସହ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଚେଷ୍ଟାକରୁଥିବା କାର୍ଯ୍ୟହାସଲ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ଧନୁ** ଆଜି ଆପଣଙ୍କର କାମ ହାସଲ କରିବା ସକାଶେ ବିଶେଷ ଅସୁବିଧା ହେବ ନାହିଁ। କିନ୍ତୁ ବାରମ୍ବାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିବେ। ପରିବାରରେ ସହମତି ଭିତିରେ କାମ କଲେ ଉପକୃତ ହେବେ।

**ମକର** ମାନସିକ ସ୍ତରରେ ବିଚଳିତ ରହିବାଜନିତ ପରିବାର, ଭ୍ରମଣ, ଆଲୋଚନାରେ ଅଂଶଗ୍ରହଣ କରିପାରିବେ ନାହିଁ। ଭଲ ସମ୍ପର୍କ ନ ଥିବା କାରଣରୁ ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରିପାରନ୍ତି। ପଡ଼ୋଶୀଙ୍କ ସହାୟତାରେ ବାକି ପଡ଼ିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**କୁମ୍ଭ** ହିତାକାଂକ୍ଷୀଙ୍କ ପରାମର୍ଶରେ ସମସ୍ୟାକୁ ସୁଧାରି ନେବା ସକାଶେ ପ୍ରଯତ୍ନ କରିବେ। ସମୟର ବିଷମତା କାରଣରୁ ଦିନ ମଧ୍ୟରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ, କିନ୍ତୁ କିଛି କରିବେ ନାହିଁ। ଆର୍ଥିକ, ବ୍ୟବସାୟିକ କ୍ଷେତ୍ର ଭଲ ରହିବ। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

**ମୀନ** ସାମାଜିକ ସ୍ତରରେ ବହୁ ଲୋକଙ୍କ ଗହଣରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ମନ ଭଲ ରହିଥିବା କାରଣରୁ ପାରିବାରିକ ସ୍ଥିତିରେ ମିଷ୍ଟଭାଷୀ ହେବେ। ଅପରାହ୍ନେ କୌଣସି ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ।

ଆଜି ଫାଲ୍‌ଗୁନ ଶୁକ୍ଳ ନବମୀ ବୁଧବାର, ମାର୍ଚ୍ଚ ୪ ତାରିଖ, ରାଶି ନକ୍ଷତ୍ର- ମୃଗଶିରା/ମିଥୁନ, ଦିବା ଘ୧୨।୦୧ମି. ପରେ କର୍କଟ ଚନ୍ଦ୍ର, କନ୍ୟା ରାଶିର ଘାତଚନ୍ଦ୍ର ଓ କର୍କଟ ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦।୦୧ମି. ଗତେ ଘ୧୧।୩୪ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୨୬ମି. ଗତେ ଘ୧୧।୫୨ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୧।୨୬ମି. ଗତେ ଘ୨।୫୩ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

Bride wanted for Brahmin Groom 32, 5'11", Software Engineer in Bhubaneswar, 9178634018, 7809483982. D-16897

Handsome brahmin boy 1987, M.Phil, M.ED, 25/11, Highschool Teacher, Jharsuguda/ 1990, B.Tech, BPUT, 11/5 Service Parsistant Network, Bhubaneswar, Contact- "SWAYAMVER", 9861501286. D-60875

Khandayat boy OAS 31+B.Tech, NALCO Engineer 'SUHAG', 7978399083, 9090486408. D-67297

Goldsmith boy 5'6" 1990 Job & businessman. Contact: 8249431114. D-68793

Son age 33, B.Tech, NIT Rourkela, MBA XIMB, working MNC Bangalore 35lakhs. 8144589551 (caste-no-bar). D-16966

Son age 29, B.Tech, NIT MBA XIMB working in RBI (Govt.) 18-20lakh, Brahmin. 6372748613. D-16967

**Established, Good health, Educated, Divorcee, Businessman of Bhubaneswar, 60 years, OBC, requires Female life partner, 45-50 years, Contact- 8260388706.** D-27640

**GROOM WANTED**

31ବୟସ୍କା Government Staff Nurse ବିଧବା ସୁନ୍ଦର ଗୋପାଳ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7381460017. D-67936

Girl age 28 MCA Revenshaw, working in Govt. gazetted officer 8lakhs, Brahmin. 7008986005. D-16968

Brahmin girl Master in Economics , serving at Pune. Required IIT/ BE. 9861950024. D-16969

ବୟସ 45 ବର୍ଷ, 5'.4", M.A, B.Ed, Govt. Techer ମାସିକ ଆୟ 50,000/- ପାଇଁ ଅବିବାହିତ, ଛାଡପତ୍ରପ୍ରାପ୍ତ, ବିପତ୍ନୀକ ବର ଗ୍ରହଣୀୟ ହେବେ। ଯୋଗାଯୋଗ: 9009491423. D-16970

Beautiful Karan girl 1981/5'2", B.Com, MBA require service/ business (early marriage) BARSHA 8144274615, 9338229705. D-68600

Now Matrimonial ads. only on Wednesday & Sunday Book 1 Get 1 FREE




**SALE**

Plots gharabari demarcated low cast ready registration and boundary wall at Balianta, Bhingarpur, Bhubaneswar, Mob: 9938466916. D-16918

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ boundarywall, 30ft road ଏବଂ ବାସଉପଯୋଗୀ plot ଦିଆଯାଉଅଛି Sqft. 650/-. 7008045582, 9692003948. D-16940

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

Flat sales 2bhk/ 3bhk, Patia Big Bazar, front (RERA) Approved. 7978867139. D-16925

ଭୁବନେଶ୍ୱର **Tamando**ରେ **30'**ରାସ୍ତା ଥାଇ/ **C.V Raman NH**କୁ ଲାଗି ପ୍ଲଟ୍ କିଣନ୍ତୁ। **9348767829.** D-68499

Flat for sale near Om Shanti Ashram just 3kms away from Phulnakhara Chhak, 9853916309, 9338401309. D-67542

ଭୁବନେଶ୍ୱର ପିତାପଲ୍ଲୀ ଛକ ପାଖରେ **NH side** ପ୍ଲଟ ମିଳୁଅଛି। **Owner- 9090963952.** D-68497

Bhubaneswar, Patia, Bigbazar ରୁ 3.5k.m ଘର କରିବା ପାଇଁ plot 50 x 30= 1500sqft. କୁ 8,25,000/- ରେ ମିଳୁଛି। 9937065503, 8249005131, 9337061817. D-68500

**Book 3BHK flat at AIIMS Hospital and near Sum Hospital 2/3 BHK at Dhauli Square. Contact: 8114860043.** D-67749

**Schedule caste gharabari boundary corner plot sale IIT Argul Station Bazar 5000sqft. 10,50,000/, 9439006524.** D-69102

Ready resale 2BHK- 45lakhs, Nandan Vihar, Patia and 3BHK-65 lakhs flats, Damana, 7008346486. D-69238

**340 decimal gharabari plot near Check Gate, Pipili, Bhubaneswar- Puri road for sale, 9937162220.** D-16994

Booking open for duplex near ITER College, Jagamara, Bhubaneswar. Contact- 7978751719. D-67545

**Sale of land 2600sqft. with house builtup area 1485sqft. carpet area 1167sqft. at plot 843/844 Talasahi, Laxmisagar, Bhubaneswar. Cost is Rs.1.45 Crore. Contact: 9437506708.** D-17004

Plot for sale at Mahadev Nagar, Jharpada, Bhubaneswar. Contact- 7978751719. D-67544

**Holi Offer:- Book ready to move 2BHK/ 3BHK flats with all amenities @ "The Landmark" apartment from Bhubaneswar. It is the best right side Sundarpada location project. Basic price per sqft. is 2800/- for top floor & other floor is 3,000/-. Holi discount 50,000/- for 3BHK & 30,000/- for 2BHK. 9938569014, 9861433014.** D-17003




2000sqft. Luxurious Office, Accommodation near Ravi Talkies, Bhubaneswar, 8249204856. D-67298

2BHK flat with parking at Lingipur rent family. Contact: 7894381416. D-59945

3BHK with garage at Krishna Enclave, BJB Nagar Bank, PSU Family preferes, 9437019509, 9437049394. D-17008

Independent bungalow, six rooms and 800sqft. centre room. Parking area 1500sqft. Suitable for bank, office, officer's quarter, office cum godown. Very near to Mahanadi- Zobra barrage at Nimpur Canal road. Contact: 9937547222, 9338112817. D-16893

**Furnished office space 2000sqft. 1st floor at Samantvihar near Nalco Square, C.S Pur, Bhubaneswar. Contact: 9776021815.** D-69105

1200sqft. fully furnished Office Space having with furniture available at 2nd floor, Bapuji Nagar, Bhubaneswar @ 12000/-, & 1800sqft. @ 12000/-, on Sharing Basis, Contact- 7008485542. D-67543




Shivam logistic packers movers. Household/ car relocation countrywide. 9777044177, 9338461133. D-16741




Ayurvedic refreshment massage therapy refresh mind and body. Appointment: 7894855541. D-68598

Full body herbal massage with refreshment expert therapist. 7381239385, 06742540855. D-69232

Experience full body massage with us (expert). Call: 7377048581, 06742597822. D-69233

Herbal full body massage by smart / expert therapist. Contact: 8338067247. D-69234

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69235

Body massage @ 1099 at mystic Unisex Salon and Spa. 9556978408. D-69237

Rejuvenate and Ayurvedic full body massage by smart therapist. 9114402304. D-69236

Ayurvedic full body massage ladies and gents. Contact- 9861064981. D-68794

Newly open full body massage by ladies, gents therapist. 8018656899 D-60878

Monalisa Massage Club: All types body massage with hiprofile smart lady rooms service available- 9708545108. D-17005

Ayurvedic full body massage ladies/gents smart experts therapist:- 8480939300. D-68795


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଓଡ଼ିଶାରେ ବଢ଼ିଲା ଜିଏସ୍‌ଟି ଆଦାୟ

■ ଫେବୃୟାରୀରେ ବୃଦ୍ଧି ହାର ୨୮ ପ୍ରତିଶତ
■ ଆଦାୟ ହେଲା ୮୦୪.୮୫କୋଟି ଟଙ୍କା
■ ଯୋଡ଼ିହେଲେ ୪୫୬୩୯ ନୂଆ ଟିକସଦାତା
■ ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

କଟକ ଅଫିସ,୩।୩

ଦ୍ରବ୍ୟ ଏବଂ ସେବା କର(ଜିଏସ୍‌ଟି) ଆଦାୟରେ ଓଡ଼ିଶାର ଅଭିବୃଦ୍ଧି ଦେଖିବାକୁ ମିଳିଛି। ୨୦୧୯ ଫେବୃୟାରୀରେ ରାଜ୍ୟରେ ଜିଏସ୍‌ଟି ଆଦାୟ ୬୨୨.୯୯ କୋଟି ଟଙ୍କା ଥିବାବେଳେ ୨୦୨୦ ଫେବୃୟାରୀରେ ଜିଏସ୍‌ଟି ଆଦାୟ ୮୦୪.୮୫ କୋଟି ଟଙ୍କା ରହିଛି। ଏଣୁ ଗୋଟିଏ ବର୍ଷ ଭିତରେ ଫେବୃୟାରୀରେ ବୃଦ୍ଧି ହାର ୨୮ପ୍ରତିଶତ ରହିଛି ବୋଲି ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ସେହିପରି ଚଳିତ ଆର୍ଥିକ ବର୍ଷରେ ୪୫,୬୩୯ ନୂତନ ଟିକସଦାତା ଯୋଡି ହେବା ସହ ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

୨୦୧୯ ଏପ୍ରିଲରୁ ୨୦୨୦ ଫେବୃୟାରୀ ମଧ୍ୟରେ ମୋଟ୍ ଜିଏସ୍‌ଟି (କେନ୍ଦ୍ରୀୟ ଜିଏସ୍‌ଟି, ସମନ୍ୱିତ ଜିଏସ୍‌ଟି, ରାଜ୍ୟ ଜିଏସ୍‌ଟି ଓ ଅତିରିକ୍ତ କର) ୨୭୦୪୪.୩୭ କୋଟି ଟଙ୍କା ଆଦାୟ ହୋଇଛି। ପୂର୍ବ ଆର୍ଥିକ ବର୍ଷ ୨୦୧୮-୧୯ରେ ଏହା ଥିଲା ୨୪୩୨୫.୭୯ କୋଟି ଟଙ୍କା। ଅର୍ଥାତ୍ ଗୋଟିଏ ବର୍ଷ ଭିତରେ ୧୧.୧୮ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୦ ଫେବୃୟାରୀରେ ଆଦାୟ କରାଯାଇଥିବା ୨୭୨୦ କୋଟି ଟଙ୍କାର ମୋଟ୍ ଜିଏସ୍‌ଟି ପରିମାଣ ମଧ୍ୟ ଚଳିତ ଆର୍ଥିକ ବର୍ଷରେ ଦ୍ୱିତୀୟ ସର୍ବାଧିକ ମାସିକ ଆଦାୟ। କୋଇଲା ଓ ଇସ୍ପାତ ବିକ୍ରି କ୍ଷେତ୍ରରେ ମାନ୍ଦାବସ୍ଥା ଯୋଗୁ ସମନ୍ୱିତ ଜିଏସ୍‌ଟି ଓ ଅତିରିକ୍ତ ଟିକସ ବୃଦ୍ଧି କ୍ଷେତ୍ରରେ ପୂର୍ବ ମାସଗୁଡ଼ିକରେ ବିଯୁକ୍ତାତ୍ମକ ଧାରା ଦେଖାଦେଇଥିଲା। କିନ୍ତୁ ଫେବୃୟାରୀରେ ଏ କ୍ଷେତ୍ରରେ ଯଥାକ୍ରମେ ୯.୨୯ ପ୍ରତିଶତ ଓ ୨୭.୬୫ ପ୍ରତିଶତ ଅଭିବୃଦ୍ଧି ଦେଖାଯାଇଛି। ଫେବୃୟାରୀ ସୁଦ୍ଧା ଅତିରିକ୍ତ ଟିକସ କ୍ଷେତ୍ରରେ କ୍ରମ ବୃଦ୍ଧି ହାର ୨୦୧୯ ଫେବୃୟାରୀ ତୁଳନାରେ ୦.୨୦ପ୍ରତିଶତ ଯୁକ୍ତାତ୍ମକ ଥିବାବେଳେ ଆଇଜିଏସ୍‌ଟି କ୍ଷେତ୍ରରେ ଏହା ବିଯୁକ୍ତାତ୍ମକ ୩.୨୦ପ୍ରତିଶତ ରହିଛି।

ସେହିଭଳି ଫେବୃୟାରୀରେ ପେଟ୍ରୋଲିୟମ ଓ ମଦରୁ ଭାଟ୍ ସଂଗ୍ରହ ୬୯୫.୮୧ କୋଟି ଟଙ୍କା ରହିଛି। ଚଳିତ ଆର୍ଥିକ ବର୍ଷର ଏହା ସର୍ବାଧିକ ମାସିକ ଆଦାୟ। ପୁନଶ୍ଚ ରିଟର୍ଣ୍ଣ (ଜିଏସ୍‌ଟି ଆର୍-୩'ବି) ଦାଖଲ କ୍ଷେତ୍ରରେ ମଧ୍ୟ ଅଗ୍ରଗତି ଦେଖାଦେଇଛି। ଜାନୁୟାରୀରେ ୯୧ ପ୍ରତିଶତ ଟିକସଦାତା ଧାର୍ଯ୍ୟ ସମୟ ମଧ୍ୟରେ ଦାଖଲ କରିଛନ୍ତି। ୨୦୧୯ରେ ଏହା ମାତ୍ର ୬୭ ପ୍ରତିଶତ ଥିଲା। ଟିକସ ପରିସର ବୃଦ୍ଧି ନିମନ୍ତେ ଜିଏସ୍‌ଟି ଅଧୀନରେ ପଞ୍ଜୀକୃତ ହୋଇ ନ ଥିବା ଯୋଗ୍ୟ ବ୍ୟବସାୟୀଙ୍କ ସର୍ଭେକୁ ଗୁରୁତ୍ୱ ଦିଆଯାଇଥିଲା। ଫଳରେ ଚଳିତ ଆର୍ଥିକ ବର୍ଷରେ ୪୫,୬୩୯ ସଂଖ୍ୟକ ନୂଆ ଟିକସଦାତା ଟିକସ ପରିସରଭୁକ୍ତ ହୋଇଛନ୍ତି। ରିଟର୍ଣ୍ଣ ଦାଖଲ ଖିଲାପକାରୀ ଓ ଭୁଲ୍ ରିଟର୍ଣ୍ଣ ଦାଖଲକାରୀଙ୍କ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଯୋଗୁ ରିଟର୍ଣ୍ଣ ଦାଖଲ କରୁ ନ ଥିବା ବ୍ୟବସାୟୀଙ୍କ ବିରୋଧରେ ୪୯୦୮୧ଟି ନୋଟିସ ଓ ଭୁଲ ରିଟର୍ଣ୍ଣ ଦାଖଲ ପାଇଁ ୧୧୧୨୧ଟି ନୋଟିସ ଜାରି କରାଯାଇଛି। ଗତ ଦୁଇଟି ଟିକସ ଅବଧି ମଧ୍ୟରେ ରିଟର୍ଣ୍ଣ ଦାଖଲ କରି ନ ଥିବା କାରଣରୁ ୨୧୭୬ ଜଣ ବ୍ୟବହାରକାରୀଙ୍କ ଇ-ୱେବିଲ୍ ବାହାର କରିବା ବ୍ୟବସ୍ଥାକୁ ବନ୍ଦ କରାଯାଇଛି। ସେହିପରି ରାଜ୍ୟ ଅଧୀନସ୍ଥ ୩୦୨ ଜଣ ଟିକସଦାତାଙ୍କ ୬୧.୯୬ କୋଟି ଟଙ୍କାର ପ୍ରାପ୍ୟ (କ୍ରେଡିଟ୍) ଉପଲବ୍ଧ କ୍ରେଡିଟ ପରିମାଣଠାରୁ ଅଧିକ ଦାବି କରାଯିବା କାରଣରୁ ବନ୍ଦ କରାଯାଇଥିବା ସୂଚନା ଦିଆଯାଇଛି।

ଜିଏସ୍‌ଟି ଆଇନ ଅଧୀନସ୍ଥ ଟିକସ ବ୍ୟବସ୍ଥାକୁ ଅଧିକ ସୁସଂଗଠିତ କରିବା ଉଦ୍ଦେଶ୍ୟରେ ସମସ୍ତ ଜାଲ୍ ଓ ଖାମଖିଆଲି ବ୍ୟବସାୟୀଙ୍କ ପଞ୍ଜୀକରଣକୁ କ୍ଷେତ୍ରୀୟ ଅନୁସନ୍ଧାନ କରାଯାଇ ରଦ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ଆର୍ଥିକବର୍ଷରେ ରାଜ୍ୟ ଅଧୀନରେ ଥିବା ଏହିପରି ୧୨,୩୦୦ ଟିକସଦାତାଙ୍କ ପଞ୍ଜୀକରଣକୁ ଘୋଷିତ ବ୍ୟବସାୟ ସ୍ଥଳରେ ବ୍ୟବସାୟ କରୁ ନ ଥିବା ଯୋଗୁ ଏବଂ ୬ ମାସରୁ ଉର୍ଦ୍ଧ୍ୱ କାଳ ରିଟର୍ଣ୍ଣ ଦାଖଲ କରୁ ନ ଥିବା କିମ୍ବା ଜାଲ୍ କାରବାରରେ ଲିପ୍ତ ରହିଥିବା କାରଣରୁ ରଦ୍ଦ କରାଯାଇଛି। ତଥ୍ୟ ବିଶ୍ଳେଷଣ ବ୍ୟବସ୍ଥା ମାଧ୍ୟମରେ ଜାଲ୍ ବିଲ୍ ପ୍ରଦାନକାରୀଙ୍କୁ ଚିହ୍ନଟ କରାଯାଉଛି। ଜାଲ୍ ବ୍ୟବସାୟୀ ନେଟ୍‌ୱର୍କ ଚଳାଇଥିବା ଓ ଜାଲିଆତି କରି ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ(ଆଇଟିସି) ହସ୍ତାନ୍ତର କରିଥିବା ଅଭିଯୋଗରେ ଏପର୍ଯ୍ୟନ୍ତ ୭ ଜଣ ମାଷ୍ଟରମାଇଣ୍ଡଙ୍କୁ ଗିରଫ କରାଯାଇଛି। ଜାଲ୍ ଆଇଟିସି ହାସଲ କରିଥିବା ଅନ୍ୟ ରାଜ୍ୟର ବ୍ୟବସାୟୀଙ୍କ କ୍ଷେତ୍ରରେ ସମ୍ପୃକ୍ତ ୧୫ଟି ରାଜ୍ୟର କମିଶନରମାନଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯାଇଛି। ଓଡ଼ିଶାର ଯେଉଁମାନେ ଜାଲ୍ ଆଇଟିସି ଗ୍ରହଣ କରିଛନ୍ତି, ସେମାନଙ୍କଠାରୁ ଏହି ଆଇଟିସି ପରିମାଣ ସୁଧ ଓ ଜରିମାନା ସହ ଆଦାୟ କରିବା ପାଇଁ ଜିଏସ୍‌ଟି କମିଶନରେଟ ତରଫରୁ ପଦକ୍ଷେପ ନିଆଯାଉଛି। ୭୭.୬୦ କୋଟି ଟଙ୍କାର ଜାଲ୍ ଆଇଟିସି ହାସଲ କରିଥିବା ୧୮୧ ଜଣ ପଞ୍ଜୀକୃତ ଟିକସଦାତାଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି। ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତ ଏସ୍.କେ. ଲୋହାନି ସମସ୍ତ କ୍ଷେତ୍ରୀୟ କାର୍ଯ୍ୟାଳୟଗୁଡ଼ିକୁ ଟିକସଦାତାମାନଙ୍କୁ ସେମାନଙ୍କର ଟିକସ ସମ୍ପର୍କିତ ପ୍ରତିବଦ୍ଧତାକୁ ପୂରଣ କରିବା ଦିଗରେ ଏବଂ ନିୟମିତ ଓ ଉପଯୁକ୍ତ ରିଟର୍ଣ୍ଣ ଦାଖଲ ଦିଗରେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରାଯାଇଛି।


## ସ୍ତନ କର୍କଟ ସମ୍ପର୍କରେ ସବୁକିଛି...

Brought to you by: Apollo HOSPITALS BHUBANESWAR

**ସ୍ତନ କର୍କଟ ଚିକିତ୍ସାରେ ସେଣ୍ଟିନେଲ ଲିମ୍ଫ୍ ନୋଡ୍ ବାୟୋପ୍ସି କ'ଣ?**
ସ୍ତନ କର୍କଟ ଅସ୍ତ୍ରୋପଚାରରେ ସ୍ତନ କର୍କଟର ଡ୍ରେନିଂ ଏରିଆ ଭାବେ ପରିଚିତ କାଖତଳ ଅଞ୍ଚଳରୁ ସମସ୍ତ ଲିମ୍ଫ୍ ନୋଡ୍‌କୁ ହଟାଇଦିଆଯାଏ। ସେଣ୍ଟିନେଲ ଲିମ୍ଫ୍ ନୋଡ୍ ବାୟୋପ୍ସିରେ, ବଛା ବଛା ମାମଲାରେ, ପ୍ରଥମ ଲିମ୍ଫ୍ ନୋଡ୍‌କୁ ଚିହ୍ନଟ କରିବା ଏବଂ ତାକୁ କାଢ଼ି ସେଥିରେ ଟ୍ୟୁମର୍ କୋଷିକା ଅଛି କି ନାହିଁ ତାହା ପରୀକ୍ଷା କରିବା ପ୍ରକ୍ରିୟା ଅନ୍ତର୍ଭୁକ୍ତ। ଅବଶିଷ୍ଟ ଲିମ୍ଫ୍ ନୋଡ୍‌ଗୁଡ଼ିକୁ କଢ଼ାଯିବ କି ନାହିଁ ତାହାର ସୂଚକ ଭାବେ ଏହା କାର୍ଯ୍ୟ କରିଥାଏ।

**ସ୍ତନ କର୍କଟ ଚିକିତ୍ସା ପରେ କ'ଣ ଥଇଥାନ କରାଯାଇଥାଏ?**
ଅସ୍ତ୍ରୋପଚାର ପୂର୍ବରୁ ସମସ୍ତ ରୋଗୀଙ୍କର ମନସ୍ତାତ୍ତ୍ୱିକ କାଉନସେଲିଂ କରାଯାଇଥାଏ, ଯାହା ଅସ୍ତ୍ରୋପଚାର ପରେ ମଧ୍ୟ ଜାରି ରହିଥାଏ। ଅସ୍ତ୍ରୋପଚାର ପରେ ପ୍ରତ୍ୟେକ ରୋଗୀଙ୍କୁ ବାହୁ ବ୍ୟାୟାମ ଶିଖାଯାଇଥାଏ, ଯାହାଦ୍ୱାରା ବାହୁ ଫୁଲିବା ଓ କାନ୍ଧର କଠିନତାକୁ ପ୍ରତିରୋଧ କରାଯାଇପାରିଥାଏ। ଏହି ବ୍ୟାୟାମଗୁଡ଼ିକ ଅସ୍ତ୍ରୋପଚାର ପରେ ଯେତେ ଶୀଘ୍ର ସମ୍ଭବ ସେତେ ଶୀଘ୍ର ଆରମ୍ଭ କରାଯିବା ଉଚିତ।

**ଚିକିତ୍ସା ସମ୍ପୂର୍ଣ୍ଣ ହେବା ପରେ ସ୍ତନ କର୍କଟ ଚିକିତ୍ସାର ଫଲୋ ଅପ୍ କିପରି କରାଯିବ?**
ଚିକିତ୍ସା ସମ୍ପୂର୍ଣ୍ଣ ହେବା ପରେ ସମସ୍ତ ସ୍ତନ କର୍କଟ ରୋଗୀଙ୍କର ଫଲୋ ଅପ୍ (ଚିକିତ୍ସା ପରବର୍ତ୍ତୀ ଯାଞ୍ଚ) କରାଯାଇଥାଏ। ଚିକିତ୍ସାର ତୁରନ୍ତ ପରବର୍ତ୍ତୀ ପର୍ଯ୍ୟାୟରେ ଫଲୋ ଅପ୍ ପ୍ରକ୍ରିୟାର ବାରମ୍ବାରତା ଅଧିକ ହୋଇଥାଏ ଏବଂ ସମୟ ସହିତ ବାରମ୍ବାରତାକୁ କ୍ରମଶଃ ହ୍ରାସ କରାଯାଇଥାଏ। ଆମେ ସାଧାରଣତଃ ଚିକିତ୍ସା ପରବର୍ତ୍ତୀ ପ୍ରଥମ ୨-୩ ବର୍ଷରେ ୩-୪ ମାସିକ ଫଲୋ ଅପ୍ କରିଥାଉ ଏବଂ ୫ ବର୍ଷ ସମ୍ପୂର୍ଣ୍ଣ ହେବା ପରେ ଏହାକୁ ହ୍ରାସ କରି ବାର୍ଷିକ ଥରେ କରିଥାଉ।



**ସ୍ତନ କର୍କଟରେ ସ୍କ୍ରିନିଂ କ'ଣ ହୋଇଥାଏ?**
ରୋଗ ସମ୍ପର୍କରେ ସଚେତନ ନ ଥିବା ଲୋକଙ୍କଠାରେ ପ୍ରାଥମିକ ସ୍ତରରେ କର୍କଟକୁ ଚିହ୍ନଟ କରିବା ପ୍ରକ୍ରିୟାକୁ ସ୍କ୍ରିନିଂ କୁହାଯାଏ। ୩୫-୪୦ରୁ ଅଧିକ ବୟସର ମହିଳାମାନଙ୍କ କ୍ଷେତ୍ରରେ ଗୋଟିଏ ବାର୍ଷିକ ମାମୋଗ୍ରାମ୍ ସମ୍ପାଦନ କରାଯାଇ ସ୍ତନ କର୍କଟର ସ୍କ୍ରିନିଂ କରାଯାଇପାରିବ। ମାମୋଗ୍ରାମ୍ ପ୍ରାଥମିକ ସ୍ତରର କର୍କଟଗୁଡ଼ିକୁ ଚିହ୍ନଟ କରିବାରେ ସହାୟତା କରିଥାଏ। ମାମୋଗ୍ରାମ୍ ପ୍ରକ୍ରିୟାରୁ ଚିହ୍ନଟ ହୋଇଥିବା ଗୋଟାଳି କ୍ଷେତ୍ରରେ, ତାହାର ପ୍ରବନ୍ଧନ ପାଇଁ ରୋଗୀଙ୍କୁ ଜଣେ ଅଙ୍କୋଲୋଜିଷ୍ଟ ବା କର୍କଟ ଚିକିତ୍ସକଙ୍କ ନିକଟକୁ ରେଫର୍ କରାଯାଏ।

**ପାରିବାରିକ ଇତିହାସରେ ସ୍ତନ କର୍କଟ ଗୁରୁତ୍ୱପୂର୍ଣ୍ଣ କି?**
ସମସ୍ତ ସ୍ତନ କର୍କଟ ମଧ୍ୟରୁ ୧୦-୧୫%ର ପାରିବାରିକ କାରଣ ରହିଥିବାର ବିଶ୍ୱାସ କରାଯାଏ। ବିଆର୍‌ସିଏ ଜିନ୍ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜିନ୍, ଯାହା ଏ ଦିଗରେ ଭୂମିକା ତୁଲାଉଥିବାର ବିଶ୍ୱାସ କରାଯାଏ। ପାରିବାରିକ ସ୍ତନ କର୍କଟର ସନ୍ଦେହ କରାଯାଉଥିବା ସମସ୍ତ ମାମଲା ଅର୍ଥାତ୍ ଯୁବ ସ୍ତନ କର୍କଟ ରୋଗୀ କିମ୍ବା ମାତୃପକ୍ଷରେ ଦୃଢ଼ ପାରିବାରିକ ଇତିହାସ ଥିବା ରୋଗୀଙ୍କ କ୍ଷେତ୍ରରେ ବିଆର୍‌ସିଏ ଜିନ୍ ପରୀକ୍ଷା କରାଯିବା ଆବଶ୍ୟକ। ଏହି ପରୀକ୍ଷାର ସମ୍ମୁଖୀନ ହେଉଥିବା ରୋଗୀଙ୍କୁ ସାହାଯ୍ୟ ଯୋଗାଇବାରେ ଜେନେଟିକ୍ କାଉନ୍‌ସେଲର୍‌ମାନେ ଅତିବ ସହାୟକ ହୋଇଥାନ୍ତି।

ତେଣୁ, ଏଇସବୁ ହେଉଛି ସ୍ତନ କର୍କଟ ଉପରେ ପ୍ରାୟତଃ ପଚରାଯାଉଥିବା ପ୍ରଶ୍ନଗୁଡ଼ିକର ଉତ୍ତର। ସଚେତନତା ଓ ସଅଳ ଚିହ୍ନଟ ହିଁ ସ୍ତନ କର୍କଟକୁ ପରାଜିତ କରିବାର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ।

ଡା. ନୀତିଶ ରଞ୍ଜନ ଆଚାର୍ଯ୍ୟ,
(ଏମ୍.ଏସ୍., ଏମ୍‌ସିଏଚ୍.)
କନ୍‌ସଲଟାଣ୍ଟ କ୍ୟାନ୍‌ସର ସର୍ଜନ୍
ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର
ଆପଏଣ୍ଟମେଣ୍ଟ : ୦୬୭୪ ୬୬୬୧୦୧୬ । ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬


## ସ୍କୁଲରେ ଶୋଇ ନିଲମ୍ବିତ ହେଲେ ଶିକ୍ଷୟିତ୍ରୀ

**କୁକୁଡ଼ାଖଣ୍ଡି,୩।୩(ଡି.ଏନ.ଏ.):** ବିଦ୍ୟାଳୟରେ ଶୋଇବା ଜଣେ ଶିକ୍ଷୟିତ୍ରୀଙ୍କୁ ମହଙ୍ଗା ପଡ଼ିଛି। ଶୋଇଥିବା ବେଳର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ଏଭଳି ଘଟଣା ଘଟିଛି ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ଗୁରୁଣ୍ଡି ପଞ୍ଚାୟତ ରଙ୍ଗରାଜପୁର ପ୍ରାଥମିକ ବିଦ୍ୟାଳୟରେ। ଶିକ୍ଷୟିତ୍ରୀ ଜଣକ ହେଲେ ସୁମିତା ନାୟକ। ସୋମବାର ମଧ୍ୟାହ୍ନରେ ପିଲାମାନଙ୍କୁ ପାଠ ନ ପଢ଼ାଇ ସୁମିତା ସ୍କୁଲର ଏକ ଗୋଦାମଗୃହରେ ଶୋଇ ରହିଥିଲେ। ଏ ନେଇ ଏକ ଭିଡିଓ ଭାଇରାଲ ହେବା ପରେ ବିଇଓ ଏସ୍. ଗିରିଧର ଚିଠି ନଂ. ୩୭୬ ଅନୁଯାୟୀ ମଙ୍ଗଳବାର ଶିକ୍ଷୟିତ୍ରୀ ସୁମିତାଙ୍କୁ ନିଲମ୍ବିତ କରିଛନ୍ତି। ଏଥିସହ ଚିଠିର ଏକ ନକଲ ସିଆର୍‌ସିସି, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଡିଇଓଙ୍କୁ ପଠାଇଥିବା କହିଛନ୍ତି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ୨୦ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। କିନ୍ତୁ ଦୈନିକ ମାତ୍ର ୭ଜଣ ପିଲା ଉପସ୍ଥିତ ରହୁଛନ୍ତି। ଏଥିପାଇଁ ଶିକ୍ଷୟିତ୍ରୀମାନେ କେତେବେଳେ ସ୍କୁଲକୁ ଆସୁଥିବା ବେଳେ କେତେବେଳେ ଆସୁ ନାହାନ୍ତି।

## ରାଜପଥ ଉପରେ ହାତୀ, ୨ଘଣ୍ଟା ଆତଙ୍କ

ଭବାନୀପାଟଣା,୩।୩(ଡି.ଏନ୍.ଏ.)



ମଙ୍ଗଳବାର କଳାହାଣ୍ଡି ଜିଲା ଭବାନୀପାଟଣା-ଥୁଆମୂଳ ରାଜପଥରେ ଏକ ହାତୀ ଉପଦ୍ରପ ଯୋଗୁ ଆତଙ୍କ ପ୍ରକାଶ ପାଇଥିଲା। ୨ ଘଣ୍ଟା ଧରି ସେହି ରାସ୍ତାରେ ଯାତାୟାତ ବନ୍ଦ ରହିଥିଲା। ଏପରି ଏକ ଯାତ୍ରୀବାହୀ ବସ୍ ଦୀର୍ଘ ସମୟ ଧରି ଅଟକି ରହିଥିଲା।

ମିଳିଥିବା ସୂଚନା ଅନୁଯାୟୀ, ରାମପୁର ବ୍ଲକ କର୍ଲାପାଟ ଅଭୟାରଣ୍ୟ କିଆପଦର ଜଙ୍ଗଲରୁ ଭବାନୀପାଟଣା-ଥୁଆମୂଳ ରାମପୁର ରାଜପଥକୁ ମଙ୍ଗଳବାର ପୂର୍ବାହ୍ନରେ ଏକ ଦନ୍ତା ହାତୀ ଚାଲି ଆସିଥିଲା। ଏହି ସମୟରେ ଉକ୍ତ ରାଜପଥରେ ଭବାନୀପାଟଣାରୁ ଥୁଆମୂଳ ରାମପୁର ଯାଉଥିବା ଏକ ସରକାରୀ ଯାତ୍ରୀବାହୀ ବସ୍ ହାତୀ ହାବୁଡରେ ପଡିଯାଇଥିଲା। ହାତୀଟି ବସ୍ ଆଡକୁ ମାଡି ଆସିବାରୁ ଯାତ୍ରୀ ଏବଂ ଗାଡି ଚାଳକ ଆତଙ୍କିତ ହୋଇପଡିଥିଲେ। ହେଲେ ହାତୀଟି କିଛିଦୂର ଆସିବା ପରେ ଅଟକି ରହିଥିଲା। ଏପରି କି ହାତୀଟି ପ୍ରାୟ ୨ଘଣ୍ଟା ଧରି ରାସ୍ତାରେ ରହିବା ପରେ ଜଙ୍ଗଲ ଭିତରକୁ ଚାଲିଯିବାରୁ ଏକ ବିପଦ ଟଳିଯାଇଥିଲା। ଏହି କଥା ପ୍ରଚାରିତ ହେବା ପରେ ଉକ୍ତ ରାସ୍ତାଦେଇ ଯିବାକୁ ଲୋକେ ଭୟ କରିଥିଲେ। ଉଲ୍ଲେଖଯୋଗ୍ୟ, କର୍ଲାପାଟ ଅଭୟାରଣ୍ୟରେ ହାତୀ ଥିବାରୁ ସମ୍ପୃକ୍ତ ଅଞ୍ଚଳକୁ ବନ ବିଭାଗ ପକ୍ଷରୁ ହାତୀ କରିଡର ଘୋଷଣା କରାଯାଇଛି। ଅନ୍ୟପକ୍ଷେ ବନ ବିଭାଗ ହାତୀର ଗତିବିଧିକୁ ଲକ୍ଷ୍ୟ କରି ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ବାଟବଣା ଭାଲୁକୁ ଜଗିଛି ବନ ବିଭାଗ

**ସଜନାଗଡ଼, ୩।୩(ଡି.ଏନ.ଏ.):** ଖାଦ୍ୟ ଅନ୍ୱେଷଣରେ ବନ୍ୟଜନ୍ତୁ ଏବେ ଜନବସତି ଆଡକୁ ପଶିଆସୁଛନ୍ତି। ସୋମବାର ରାତିରେ ଏକ ମା' ଭାଲୁ ସହିତ ଶାବକ ନୀଳଗିରି ଉପଖଣ୍ଡ ଅଧୀନ ମହିଷାପଟା ପଞ୍ଚାୟତ ନିକଟ ପାଟଣା ଗ୍ରାମକୁ ପଶି ଆସିଥିଲା। ମଙ୍ଗଳବାର ପୂର୍ବାହ୍ନରେ ମା' ଭାଲୁଟି ଜଙ୍ଗଲକୁ ଚାଲି ଯାଇଥିବାବେଳେ ଶାବକ ବାଟବଣା ହୋଇ ଘୁରି ବୁଲୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ନୀଳଗିରି ବନବିଭାଗକୁ ଅବଗତ କରାଇଥିଲେ। ବନବିଭାଗ କର୍ମଚାରୀମାନେ ପହଞ୍ଚି ଭାଲୁକୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରଖିଥିଲେ। ଗ୍ରାମବାସୀ ଯେପରି ଭାଲୁ ଶାବକକୁ ହଇରାଣ ନ କରିବେ ଓ ସେ କିପରି ସୁରକ୍ଷିତ ଭାବେ ଜଙ୍ଗଲ ଭିତରକୁ ଯାଇ ତା'ର ମା' ପାଖରେ ପହଞ୍ଚିବ ତାହା ଉପରେ ବନବିଭାଗ କର୍ମଚାରୀ ନଜର ରଖିଛନ୍ତି। କର୍ମଚାରୀମାନେ ଭାଲୁକୁ ଚତୁଃପାର୍ଶ୍ୱରୁ ଜଗି ରହିବା ସହ ସନ୍ଧ୍ୟାକୁ ଅପେକ୍ଷା କରିଥିଲେ। ସନ୍ଧ୍ୟା ହେଲେ ମା' ଭାଲୁ ଜଙ୍ଗଲରୁ ବାହାରକୁ ଆସି ଶାବକକୁ ନେଇଯିବ ବୋଲି ବନବିଭାଗ ଅନୁମାନ କରିଛି।



## ପୂର୍ବତନ ବିଧାୟକ ବୀର ସିପ୍‌କାଙ୍କ ପରଲୋକ



ବୀର୍ ସିପ୍‌କା (ଫାଇଲ ଫଟୋ)

**ଧର୍ମଗଡ଼,୩।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ଼ର ପୂର୍ବତନ ବିଧାୟକ ବୀର ସିପ୍‌କାଙ୍କ ମଙ୍ଗଳବାର ଗୋଲାମୁଣ୍ଡାସ୍ଥିତ ବାସଭବନରେ ୬୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ବୀର ସିପ୍‌କା ୧୯୫୬ ମସିହ ଫେବୃୟାରୀ ୧ ତାରିଖରେ ଗୋଲାମୁଣ୍ଡାରେ ଜନ୍ମ ଗ୍ରହଣ କରିଥିଲେ। ପାଠ ପଢା ସରିବା ପରେ ସେ ଅଡିଟର ଭାବେ ସରକାରୀ ଚାକିରି ଜୀବନ ଆରମ୍ଭ କରିଥିଲେ। ପରେ ସେ ରାଜନୀତିରେ ଯୋଗଦେଇ ୧୯୯୫ରେ ଜନତା ଦଳରୁ ଧର୍ମଗଡ଼ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ୨୦୦୦ ଏବଂ ୨୦୦୪ରେ ସେ ବିଜେଡିରୁ ଲଗାତର ଧର୍ମଗଡ଼ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।

## ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା

**ରାଇଘର,୩।୩(ଡି.ଏନ.ଏ):** ନବରଙ୍ଗପୁର ଜିଲା ରାଇଘର ବ୍ଲକ ନାକଟିସିମୋଡ଼ା ପଞ୍ଚାୟତରେ ପ୍ରେମୀଯୁଗଳ ବେକରେ ଓଢ଼ଣୀ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଜଣେ ନାବାଳିକାଙ୍କ ସହ ନାକଟିସିମୋଡା ପଞ୍ଚାୟତର ଚଢ଼ିଆପାରା ଗ୍ରାମର ଅମଲ ସିଂ ଗଣ୍ଡ (୨୧)ଙ୍କ ଦୀର୍ଘ ଦିନ ଧରି ପ୍ରେମ ସମ୍ପର୍କ ରହିଥିଲା। ସୋମବାର ରାତିରେ ସେମାନେ ଘରୁ ବାହାରି ଗ୍ରାମ ନିକଟସ୍ଥ ଏକ ଜଙ୍ଗଲକୁ ଯାଇଥିଲେ। ସେଠାରେ ଗୋଟିଏ ଓଢ଼ଣୀକୁ ସେମାନେ ବେକରେ ବାନ୍ଧି ଏକ ଶାଳ ଗଛରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ସକାଳେ ଅମଲସିଂ ଓ ନାବାଳିକାଙ୍କ ମୃତଦେହ ଝୁଲୁଥିବା ଗ୍ରାମବାସୀ ଦେଖି ସେମାନଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ରାଇଘର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ପରିବାର ଭୟରେ ସେମାନେ ଆତ୍ମହତ୍ୟା କରିଥିବା ଲୋକମାନେ ଆଲୋଚନା କରୁଛନ୍ତି। ଥାନାରେ ନଂ .୪୫/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ସବଇନ୍ସପେକ୍ଟର ରାମଚନ୍ଦ୍ର ଅଗସ୍ତି ଘଟଣାର ତଦନ୍ତ କରୁଛନ୍ତି।



## ଜିଲା ଚିଠି
## କେନ୍ଦ୍ରାପଡ଼ା

### ବିଷ ବଳୟ

ରାତି ପାହିଲେ ପତ୍ର ଉପରେ ଶିଶିର ବିନ୍ଦୁ ଦେଖିବାକୁ ମିଳୁନାହିଁ। ପ୍ରତି ପତ୍ର ଉପରେ ହଳଦୀ ରଙ୍ଗର ଟୋପା ଚିହ୍ନ। ପାରାଦୀପଠାରୁ ଅନତୀ ଦୂରରେ ଥିବା କେନ୍ଦ୍ରାପଡା ଜିଲାର ବଟିଘର ପଞ୍ଚାୟତରେ ଏହା ଏବେ ସୀମିତ ନାହିଁ। ଏଠାରୁ ୫୦ କିଲୋମିଟର ଦୂର କେନ୍ଦ୍ରାପଡା ସହରରେ ଏହି ଦୃଶ୍ୟ ଦେଖିବାକୁ ମିଳୁଛି। ଜଗତ୍‌ସିଂହପୁର ଜିଲାର ଶିଳ୍ପାଞ୍ଚଳରୁ ନିର୍ଗତ ରାସାୟନିକ ବର୍ଜ୍ୟବସ୍ତୁ କେନ୍ଦ୍ରାପଡ଼ା ଜିଲାକୁ ବିଷ ବଳୟରେ ଢାଙ୍କି ଦେଇଛି। ଶିଳ୍ପାଞ୍ଚଳରୁ ନିର୍ଗତ ରାସାୟନିକ ଗ୍ୟାସ ବାୟୁ ପ୍ରଦୂଷଣ କରିବା ସହ ବର୍ଜ୍ୟବସ୍ତୁ ମହାନଦୀ ମାଧ୍ୟମରେ ଆସି ନଦୀ ଓ ସାମୁଦ୍ରିକ ଜୀବଙ୍କ ସତ୍ତା ଲୋପ କରୁଥିବା ବହୁ ଅଭିଯୋଗ ହେଉଛି। ସେହିପରି ଶିଳ୍ପାଞ୍ଚଳର ବିଷ ପ୍ରଭାବରେ ଚର୍ମ କର୍କଟ ରୋଗୀଙ୍କ ସଂଖ୍ୟା କେନ୍ଦ୍ରାପଡା ଜିଲାରେ ବଢ଼ିବାରେ ଲାଗିଛି। ଏଥିରେ ବେଆଇନ ଚିଙ୍ଗୁଡି ଘେରି ନିର୍ମାଣ ସାଥି ହୋଇଛି। ସରକାରୀ ତଥ୍ୟ ମୁତାବକ ୬୪୨୬ ହେକ୍ଟର ଜମିରେ ବେଆଇନ ଚିଙ୍ଗୁଡି ଘେରି ରହିଛି। ତେବେ ବାସ୍ତବ ତଥ୍ୟ ଭିନ୍ନ। ନିଜସ୍ୱ ଜମିକୁ ଛାଡି ଏବେ ଭିତରକନିକାର ତାର ଜାଲି ଘେରା ନିଷିଦ୍ଧାଞ୍ଚଳର ଶହଶହ ଏକର ଜାଗାରେ କରାଯାଇଛି ବେଆଇନ ଚିଙ୍ଗୁଡ଼ିଘେରି। ଏଠାରୁ ନିର୍ଗତ ବିଭିନ୍ନ ବିଷାକ୍ତ ପଦାର୍ଥ ଜାତୀୟ ଉଦ୍ୟାନ ଭିତରକନିକାର କ୍ଷତି କରୁଛି। ସେହିପରି ପରିବେଶକୁ ନଷ୍ଟ କରୁଛି ବେଆଇନ ଜବରଦଖଲ। ନଦୀ, ନାଳ ଉପରେ ଜବରଦଖଲ କରି ଘର ସଂଖ୍ୟା ବଢ଼ିବାରୁ ଏହି ଜଳ ନିଷ୍କାସନ ପଥ ସଙ୍କୁଚିତ ହେଉଛି। ସଙ୍କୁଚିତ ଜଳପଥରେ ସ୍ଥାନୀୟ ବାସିନ୍ଦାଙ୍କ ଆବର୍ଜନା ଫିଙ୍ଗା ଏବେ ପରିବେଶକୁ ବିଷମୟ କରିଛି। ପ୍ରାକୃତିକ ସମ୍ପଦ ଏହି ବିଷ ବଳୟରେ ସନ୍ତୁଳି ହେଉଥିବା ବେଳେ ଖାଦ୍ୟରେ ମିଶୁଥିବା ବିଷ ଏବେ ଭୟଙ୍କର ସ୍ଥିତି ଉପୁଯାଇଛି। ସହରଠାରୁ ଗ୍ରାମାଞ୍ଚଳରେ ବିକ୍ରି ଖାଦ୍ୟ ପଦାର୍ଥରେ ବିଷର ପ୍ରଭାବ ଦେଖାଦେଇଛି। ସାଧାରଣ ଦହିବରା ଆଳୁଦମ୍‌ରେ ଦହି ବଦଳରେ ଜଳଖିଆ ଦୋକାନରୁ ସଂଗୃହୀତ ଛେନା ପାଣି ଦିଆଯାଉଛି। ଗୁପ୍‌ଚୁପ୍‌ର ଖଟାପାଣି ଏବେ ତେନ୍ତୁଳି ବଦଳରେ ଭିନେଗାରରେ ତିଆରି ହେଉଛି। ପନିପରିବାରେ ମିଶୁଥିବା ରାସାୟନିକ ସାର ଶରୀରରେ ରୋଗ ସୃଷ୍ଟି କରୁଛି। ବଜାରରେ ମିଳୁଥିବା ବିଭିନ୍ନ ବାସି ଖାଦ୍ୟ ଗ୍ରାହକଙ୍କୁ ଜଣାପଡୁଥିଲେ ମଧ୍ୟ ଏହାର ଯାଞ୍ଚ ପାଇଁ କୌଣସି ସୁବିଧା ନାହିଁ କିମ୍ବା ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ ଧରପଗଡ଼ କରାଯାଉନାହିଁ। ଏଥିପାଇଁ କେନ୍ଦ୍ରାପଡ଼ା ଜିଲାରେ ଆଞ୍ଚଳିକ ପରୀକ୍ଷାଗାର ନିର୍ମାଣ ଦାବି ହେଉଛି। ବିଷ ବଳୟ ମଧ୍ୟରେ ରହିଥିବା ଜିଲାବାସୀଙ୍କ ପାଇଁ ସ୍ୱାସ୍ଥ୍ୟସେବା ଏବେ ପ୍ରହସନ ପାଲଟିଛି। ଡାକ୍ତର ଅଭାବ ସହ ଅନ୍ୟ ଭିତ୍ତିଭୂମି ସୁଦୃଢ଼ ପାଇଁ ବୁଦ୍ଧିଜୀବୀମାନେ ସ୍ୱର ଉଠାଉଛନ୍ତି। ଶିଳ୍ପାଞ୍ଚଳ ଓ ଚିଙ୍ଗୁଡିଘେରିର ବିଷ ବଳୟରୁ ଜାତୀୟ ଉଦ୍ୟାନ ଭିତରକନିକାକୁ ମୁକ୍ତ କରିବା ଜିଲାବାସୀଙ୍କ ପାଇଁ ଆହ୍ୱାନ ପାଲଟିଛି।

- ଜଗନ୍ନାଥ ଧଳ

## ହକି ବିଶ୍ୱକପ୍ ପାଇଁ ପ୍ରସ୍ତୁତ ରୁହ

ସୁନ୍ଦରଗଡ଼,୩।୩(ଡି.ଏନ.ଏ.)



ସମ୍ବର୍ଦ୍ଧନା ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଜେଡି କର୍ମୀମାନେ ପୁଷ୍ପମାଲ୍ୟ ପ୍ରଦାନ କରୁଛନ୍ତି।

■ ସୁନ୍ଦରଗଡ଼ ସମ୍ବର୍ଦ୍ଧନା ସଭାରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ
■ ୧୫ଶହ କୋଟି ଟଙ୍କାର ପ୍ରକଳ୍ପ ଲୋକାର୍ପିତ,ଶିଳାନ୍ୟାସ
■ ବିଜେଡି ରାଜନୀତିରେ ନୁହେଁ, ଲୋକଙ୍କ ସେବାରେ ବିଶ୍ୱାସ କରେ

ସୁନ୍ଦରଗଡ଼ର ଶିଳ୍ପ ଓ କ୍ରୀଡାକୁ ନେଇ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଓଡ଼ିଶାର ବେଶ୍ ସୁନାମ ବଢିଛି। ହକିର ପ୍ରଚାର ପ୍ରସାର ଓ ଖେଳାଳିମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି। ସେଥିପାଇଁ ୨୦୨୩ରେ ଓଡ଼ିଶାରେ ହେବାକୁ ଥିବା ହକି ବିଶ୍ୱକପ୍ ସୁନ୍ଦରଗଡ ଜିଲାରେ ଆୟୋଜନ ପାଇଁ ତାଙ୍କ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ଼ ଗସ୍ତ ଅବସରରେ ଜିଲାବାସୀଙ୍କୁ ଆହ୍ୱାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୫ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି।

ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଝାରସୁଗୁଡ଼ା ଏୟାରପୋର୍ଟରେ ଅବତରଣ କରିଥିଲେ। ସେଠାରୁ ଏକ ସ୍ୱତନ୍ତ୍ର ହେଲିକପ୍ଟରରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀର ପ୍ରାୟ ୪୫ମିନିଟ ବିଳମ୍ବରେ ଅପରାହ୍ନ ୧ଟା ୧୫ରେ ସୁନ୍ଦରଗଡ଼ ଷ୍ଟାଡିୟମରେ ପହଞ୍ଚିଥିଲେ। ପ୍ରଥମେ ସେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ପରେ ଭବାନୀଭବନ ପଡ଼ିଆରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପହଞ୍ଚିଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ତଥା ସୁନ୍ଦରଗଡ ଜିଲା ବିଜୁ ଜନତା ଦଳ ସଭାପତି ବିନୟ ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟର ବିକାଶରେ ସୁନ୍ଦରଗଡ ଜିଲାର ଅନେକ ଅବଦାନ ରହିଛି। ପ୍ରବାଦପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁବାବୁ ସୁନ୍ଦରଗଡ଼ ଜିଲାକୁ ଭଲ ପାଉଥିଲେ। ରାଉରକେଲାରେ ଷ୍ଟିଲ୍‌ପ୍ଲାଣ୍ଟ ପ୍ରତିଷ୍ଠା କରିବାରେ ବିଜୁବାବୁଙ୍କ ଅବଦାନ ରହିଛି। ଏହି ଜିଲାରୁ ହିଁ ସେ ରାଜ୍ୟର ଶିଳ୍ପାୟନର ଯୁଗ ଆରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଲେ, ଆଦିବାସୀମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ସହ ପାରମ୍ପରିକ, ସାଂସ୍କୃତିକ ପରମ୍ପରାକୁ ବଜାୟ ରଖିବା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରାଯାଇଛି। ରାଜ୍ୟ ସରକାର 'ମୋ ସରକାର' କାର୍ଯ୍ୟକ୍ରମ ମାଧ୍ୟମରେ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ବିକାଶ ପାଇଁ ପଦକ୍ଷେପ ନେଇଛନ୍ତି। ବିଜେଡି ନେତୃତ୍ୱାଧୀନ ସରକାର ରାଜନୀତିରେ ନୁହେଁ, ଲୋକଙ୍କ ସେବାରେ ବିଶ୍ୱାସ ରଖେ। ଆଜି ୧୫ଶହ କୋଟିର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ ହୋଇଛି। ଆଗାମୀ ଦିନରେ ଜିଲାର ଆହୁରି ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଜିଲାବାସୀଙ୍କୁ ଉତ୍ତମ ଓ ଉଚ୍ଚମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଖୁବ୍‌ଶୀଘ୍ର ମେଡିକାଲ କଲେଜ ଓ ହସ୍ପିଟାଲ ଲୋକାର୍ପଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ସଭାରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ରାଜଗାଙ୍ଗପୁରର ପୂର୍ବତନ ବିଧାୟକ ମଙ୍ଗଳା କିଷାନ, ସୁନ୍ଦରଗଡ଼ର ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଦିଲୀପ ତିର୍କୀ, ବିଜେଡି ନେତ୍ରୀ ସୁନୀତା ବିଶ୍ୱାଳ, ସୁନ୍ଦରଗଡ଼ ଜିଲା ବିଜେଡି ପର୍ଯ୍ୟବେକ୍ଷକ ତଥା ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡାଇ ଉଦ୍‌ବୋଧନ ଦେଇଥିଲେ। ପଶ୍ଚିମ ଓଡିଶା ବିକାଶ ପରିଷଦର ପୂର୍ବତନ ଅଧ୍ୟକ୍ଷା ତଥା ସୁନ୍ଦରଗଡ ରାଜମାତା ପଦ୍ମିନୀ ଶେଖର ଦେଓ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲାପାଳ ନିଖିଲ ପୱାନ କଲ୍ୟାଣ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଧର୍ମଗୁରୁ ଓ ବିଜୁ ଯୁବ ଛାତ୍ର ସଙ୍ଗଠନ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।


## ଫର୍ମ ଜି
## ଆଗ୍ରହର ଅଭିବ୍ୟକ୍ତି ଆମନ୍ତ୍ରଣ

ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି (ଇନ୍‌ସଲ୍‌ଭେନ୍ସି ରିଜୋଲ୍ୟୁଶନ୍ ପ୍ରୋସେସ୍ ଫର୍ କର୍ପୋରେଟ୍ ପର୍ସନ୍ସ) ରେଗୁଲେସନ୍ସ, ୨୦୧୬ର ରେଗୁଲେଶନ୍ ୩୬ଏ (୧) ଅଧୀନରେ

| ସମ୍ପର୍କିତ ବିବରଣୀ | | |
|---|---|---|
| ୧. | କର୍ପୋରେଟ୍ ଋଣୀଙ୍କ ନାମ | କସ୍ ବୋର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ |
| ୨. | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ୩୦।୧୨।୧୯୮୦ |
| ୩. | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଛନ୍ତି | କମ୍ପାନୀ ନିବନ୍ଧକ - କଟକ |
| ୪. | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ଏଲ୍୨୧୦୧୫ଓଆର୍୧୯୮୦ପିଏଲ୍‌ସି୦୦୦୯୧୬ |
| ୫. | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | ଜଗତପୁର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଫେଜ୍ ॥ ଜଗତପୁର, କଟକ, ଓଡ଼ିଶା-୭୫୪୦୨୧ |
| ୬. | ଇନ୍‌ସଲ୍‌ଭେନ୍ସି ଆରମ୍ଭ ତାରିଖ | ୧୬।୧୨।୨୦୧୯ |
| ୭. | ଆଗ୍ରହର ଅଭିବ୍ୟକ୍ତି ଆମନ୍ତ୍ରଣ ତାରିଖ | ୦୪।୦୩।୨୦୨୦ |
| ୮. | ସଂହିତାର ଧାରା ୨୫(୨)(ଏଚ୍) ଅଧୀନରେ ଆବେଦନକାରୀଙ୍କ ମୀମାଂସା ନିମନ୍ତେ ଯୋଗ୍ୟତା ଉପଲବ୍ଧ ହେବା ସ୍ଥାନ: | ବିସ୍ତୃତ ଆଗ୍ରହ ଆମନ୍ତ୍ରଣ ଦେଖନ୍ତୁ ଯାହାକୁ ନିମ୍ନଲିଖିତ ଇମେଲ୍‌ରେ ଅନୁରୋଧ କରାଯାଇପାରିବ: cosboard@nayadarshan.com |
| ୯. | ଧାରା ୨୯ଏ ଅଧୀନରେ ପ୍ରଯୁଜ୍ୟ ଅଯୋଗ୍ୟତା ମାନଦଣ୍ଡ ଉପଲବ୍ଧ ହେବା ସ୍ଥାନ: | ବିସ୍ତୃତ ଆଗ୍ରହ ଆମନ୍ତ୍ରଣ ଦେଖନ୍ତୁ ଯାହାକୁ ନିମ୍ନଲିଖିତ ଇମେଲ୍‌ରେ ଅନୁରୋଧ କରାଯାଇପାରିବ: cosboard@nayadarshan.com |
| ୧୦. | ଆଗ୍ରହର ଅଭିବ୍ୟକ୍ତି ପ୍ରାପ୍ତିର ଶେଷ ତାରିଖ | ୧୯।୦୩।୨୦୨୦ |
| ୧୧. | ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କ ଅସ୍ଥାୟୀ ତାଲିକା ଜାରି ତାରିଖ | ୨୯।୦୩।୨୦୨୦ |
| ୧୨. | ଅସ୍ଥାୟୀ ତାଲିକା ପ୍ରତି ଆପତ୍ତି ଦାଖଲର ଶେଷ ତାରିଖ | ୦୩।୦୪।୨୦୨୦ |
| ୧୩. | ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କ ଚୂଡ଼ାନ୍ତ ତାଲିକା ଜାରି ତାରିଖ | ୧୩।୦୪।୨୦୨୦ |
| ୧୪. | ସୂଚନା ଜ୍ଞାପକପତ୍ର, ମୂଲ୍ୟାୟନ ମାଟ୍ରିକ୍ସ ଏବଂ ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ଅନୁରୋଧ ଜାରି ତାରିଖ | ୦୩।୦୪।୨୦୨୦ |
| ୧୫. | ମୀମାଂସା ଯୋଜନା, ମୂଲ୍ୟାୟନ ମାଟ୍ରିକ୍ସ, ସୂଚନା ସ୍ମାରକ ଏବଂ ତତ୍‌ପରବର୍ତ୍ତୀ ସୂଚନା ନିମନ୍ତେ ଅନୁରୋଧ ହାସଲର ପଦ୍ଧତି | ଯୋଗ୍ୟ ମୀମାଂସା ଆବେଦନକାରୀ ଆର୍‌ପିଙ୍କ ନିକଟରେ ଇମେଲ୍ cosboard@nayadarshan.com ମାଧ୍ୟମରେ ଅନୁରୋଧ ଦାଖଲ କରିପାରିବେ |
| ୧୬. | ମୀମାଂସା ଯୋଜନା ଦାଖଲର ଶେଷ ତାରିଖ | ୦୩।୦୫।୨୦୨୦ |
| ୧୭. | ମୀମାଂସା ବୃତ୍ତିଧାରୀଙ୍କୁ ମୀମାଂସା ଯୋଜନା ଦାଖଲର ପଦ୍ଧତି | cosboard@nayadarshan.comରେ ଇମେଲ୍ ଏବଂ ଫ୍ଲଟ୍ ନଂ.-୪, ୨ୟ ମହଲା, ସ୍ନୋଡ୍ରପ୍ ଆପାର୍ଟମେଣ୍ଟ, କଟକ ରୋଡ୍, ଭୁବନେଶ୍ୱର-୭୫୧୦୦୬, ଓଡ଼ିଶାରେ ସ୍ପିଡ୍ ପୋଷ୍ଟ ଦ୍ୱାରା |
| ୧୮. | ଅନୁମୋଦନ ପାଇଁ ନିର୍ଣ୍ଣାୟକ କର୍ତ୍ତୃପକ୍ଷଙ୍କ ନିକଟରେ ମୀମାଂସା ଯୋଜନା ଦାଖଲର ଆକଳିତ ତାରିଖ | ସିଓସି ଅନୁମୋଦନ ସଙ୍ଗେ ସଙ୍ଗେ |
| ୧୯. | ମୀମାଂସା ବୃତ୍ତିଧାରୀଙ୍କ ନାମ ଓ ପଞ୍ଜୀକରଣ ସଂଖ୍ୟା | ଉମେଶ ଚନ୍ଦ୍ର ସାହୁ ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୍୦୦୬୨୧/୨୦୧୮-୧୯/୧୧୮୫୫ |
| ୨୦. | ବୋର୍ଡ ସହ ପଞ୍ଜୀକୃତ ହୋଇଥିବା ଅନୁଯାୟୀ ମୀମାଂସା ବୃତ୍ତିଧାରୀଙ୍କ ନାମ, ଠିକଣା ଏବଂ ଇମେଲ୍ | ଉମେଶ ଚନ୍ଦ୍ର ସାହୁ ଫ୍ଲଟ୍ ନଂ.୦୪, ୨ୟ ମହଲା, ସ୍ନୋଡ୍ରପ୍ ଆପାର୍ଟମେଣ୍ଟ, କଟକ ରୋଡ୍, ଝାରପଡ଼ା, ଭୁବନେଶ୍ୱର-୭୫୧୦୦୬, ଓଡ଼ିଶା ଇମେଲ୍: info@nayadarshan.com |
| ୨୧. | ମୀମାଂସା ବୃତ୍ତିଧାରୀଙ୍କ ସହ ପତ୍ରାଳାପ ଲାଗି ବ୍ୟବହୃତ ହେବାକୁ ଥିବା ଠିକଣା ଓ ଇମେଲ୍ | ଫ୍ଲଟ୍ ନଂ.୦୪, ୨ୟ ମହଲା, ସ୍ନୋଡ୍ରପ୍ ଆପାର୍ଟମେଣ୍ଟ, କଟକ ରୋଡ୍, ଝାରପଡ଼ା, ଭୁବନେଶ୍ୱର-୭୫୧୦୦୬, ଓଡ଼ିଶା ଇମେଲ୍: cosboard@nayadarshan.com |
| ୨୨. | ଅଧିକ ବିବରଣୀ ଉପଲବ୍ଧ ହେବା ସ୍ଥାନ | ଉପରେ କ୍ରମିକ ସଂ. ୨୧ରେ ଦର୍ଶାଯାଇଥିବା ଅନୁଯାୟୀ |
| ୨୩. | ଫର୍ମ ଜି ପ୍ରକାଶନର ତାରିଖ | ୦୪।୦୩।୨୦୨୦ |

ସ୍ୱା./-
ଉମେଶ ଚନ୍ଦ୍ର ସାହୁ
କସ୍‌ବୋର୍ଡ ଇଣ୍ଡଷ୍ଟ୍ରିଜ୍ ଲିଃ ନିମନ୍ତେ ମୀମାଂସା ବୃତ୍ତିଧାରୀ
ଆଇପି ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୍୦୦୬୨୧/୨୦୧୮-୧୯/୧୧୮୫୫
ତାରିଖ: ୦୪।୦୩।୨୦୨୦
ସ୍ଥାନ: ଭୁବନେଶ୍ୱର
ଠିକଣା: ଫ୍ଲଟ୍ ନଂ.୦୪, ୨ୟ ମହଲା, ସ୍ନୋଡ୍ରପ୍ ଆପାର୍ଟମେଣ୍ଟ, କଟକ ରୋଡ୍, ଝାରପଡ଼ା, ଭୁବନେଶ୍ୱର-୭୫୧୦୦୬, ଓଡ଼ିଶା

ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। -ଶ୍ରୀଅରବିନ୍ଦ

# କରୋନାର ନାଗରିକତ୍ୱ

କରୋନା ଭୂତାଣୁ ଅଦ୍ୟାବଧି ୩,୦୦୦ ଲୋକଙ୍କ ପ୍ରାଣ ନେଇ ସାରିଥିବା ବେଳେ ବିଶ୍ୱବ୍ୟାପୀ ୯୦,୦୦୦ ଏହା ଦ୍ୱାରା ସଂକ୍ରମିତ ହୋଇଛନ୍ତି। ଇତିମଧ୍ୟରେ ଭୂତାଣୁ ୭୨ ଦେଶକୁ ବ୍ୟାପୀ ଗଲାଣି। ଭାରତର ଦିଲ୍ଲୀ ଓ ତେଲଙ୍ଗାନାରେ ୨ଟି ସଦ୍ୟ କରୋନା ସଂକ୍ରମିତ ରୋଗୀଙ୍କୁ ଚିହ୍ନଟ କରାଯାଇ ଚିକିତ୍ସା ଆରମ୍ଭ କରାଯାଇଛି। ନୋଏଡାରେ ଜଣେ ଛାତ୍ରଙ୍କ ପିତାଙ୍କଠାରେ କରୋନା ଭୂତାଣୁ ପଜିଟିଭ୍ ଥିବା ଜଣାପଡ଼ିଥିଲା। ସେ ନିକଟରେ ଇଟାଲିରୁ ଫେରିଥିଲେ। ଘରେ ପିଲାର ଜନ୍ମଦିନ ଉତ୍ସବ ପାଳନ କରୁଥିବା ବେଳେ ସେଠାକୁ ଅନ୍ୟ ପିଲାମାନେ ଆସିଥିଲେ। ଉତ୍ସବରେ ଯୋଗ ଦେଇଥିବା ପିଲାଙ୍କୁ ଭୂତାଣୁ ସଂକ୍ରମିତ ହୋଇଥିବା ଆଶଙ୍କା କରି ସେଠାକାର ଏକ ଘରୋଇ ସ୍କୁଲକୁ କର୍ତ୍ତୃପକ୍ଷ ବନ୍ଦ କରି ଦେଇଛନ୍ତି। ଓଡ଼ିଶା କଥା ଦେଖିଲେ ୩ ମାର୍ଚ୍ଚରେ ସିଙ୍ଗାପୁରରୁ ଆସି ପାରାଦୀପ ବନ୍ଦରରେ ପହଞ୍ଚିଥିବା ଭାରତୀୟ ଦମ୍ପତିଙ୍କଠାରେ ଏହି ଭୂତାଣୁ ଥିବା ସନ୍ଦେହ କରାଯିବା ପରେ ଦୁହିଁଙ୍କୁ କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସମ୍ପୃକ୍ତ ଦମ୍ପତିଙ୍କ ଘର ଉତ୍ତରପ୍ରଦେଶର କାନପୁରରେ ବୋଲି ଜଣାପଡ଼ିଛି। ଏହିଭଳି ଭାବେ ଭାରତରେ କରୋନା ସଂକ୍ରମିତଙ୍କ କଥା ପଦାକୁ ଆସିବା ଆରମ୍ଭ କରିଥିବାରୁ ଦେଶବାସୀ ଭୟଭୀତ ହୋଇପଡ଼ିଛନ୍ତି। ନିଶ୍ଚିତ ଭାବେ ଏହା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ।

ଚାଇନାର ଉହାନରୁ ସୃଷ୍ଟ କରୋନା ଭୂତାଣୁ ଅନ୍ୟ ଦେଶଗୁଡ଼ିକୁ ବ୍ୟାପୁଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଏହା ଉପରେ ତୀକ୍ଷ୍ଣ ନଜର ରଖିବାକୁ ପରାମର୍ଶ ଦେଇଛି। ଚାଇନାରେ ଏହା ୨,୯୪୩ ଜୀବନ ନେଇ ସାରିଲାଣି। ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର ଚାଇନାରେ ଏଭଳି ରୋଗ ବ୍ୟାପିବା କ୍ଷଣି ଅଧିକ ଲୋକ ପ୍ରଭାବିତ ହେବା ସ୍ୱାଭାବିକ। ତେବେ ସେଠାକାର ସରକାର ତୁରନ୍ତ ପଦକ୍ଷେପ ନେଇପାରିଥିବାରୁ ଏହାକୁ ନିୟନ୍ତ୍ରଣକୁ ଅଣାଯାଇପାରିଛି ବୋଲି କୁହାଯାଉଛି। ଭାରତ ତୁଳନାରେ ଚାଇନାରେ ସ୍ୱାସ୍ଥ୍ୟସେବା ଉନ୍ନତ ମାନର ହୋଇଥିବାରୁ ଏବଂ ଖୁବ୍ କମ୍ ଦିନରେ ଅସ୍ଥାୟୀ ଡାକ୍ତରଖାନା ନିର୍ମାଣ କରାଯାଇ ପାରୁଥିବାରୁ ଏହି ରୋଗରେ ଆକ୍ରାନ୍ତଙ୍କ ପାଇଁ ଅଲଗା ୱାର୍ଡ ସଙ୍ଗେ ସଙ୍ଗେ ତିଆରି ହୋଇଯାଉଛି। ହେଲେ ଭାରତୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଦେଖିଲେ କରୋନା କରାଳ ରୂପ ନେଲେ ତାହାକୁ ରୋକିବା କଷ୍ଟକର ବ୍ୟାପାର। କେତେ ଜଣଙ୍କଠାରେ କରୋନା ଭୂତାଣୁ ଥିବା ସନ୍ଦେହ କରାଯିବା ପରେ ସଙ୍ଗେ ସଙ୍ଗେ ସେମାନଙ୍କୁ ଡାକ୍ତରଖାନାକୁ ନିଆଯାଉଛି। ବିମାନବନ୍ଦର ଓ ବନ୍ଦର ଦେଇ ଆସୁଥିବା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଏତିକି ବ୍ୟବସ୍ଥା କରୋନାକୁ ରୋକିପାରିବ ବୋଲି ମନେହେଉ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, କରୋନା ଲାଗି ଭୟଭୀତ ହେବାର ନାହିଁ। ଅବଶ୍ୟ ବର୍ତ୍ତମାନ ସ୍ଥିତିରେ ଏଥିଲାଗି ଜନସାଧାରଣ ଆତଙ୍କିତ ନ ହେବା ଦରକାର। କିନ୍ତୁ ସରକାର ଏହାକୁ ରୋକିବା ଲାଗି ସବୁ ଦିଗରୁ ପ୍ରସ୍ତୁତ ଅଛନ୍ତି କି ନାହିଁ, ତାହା ହେଉଛି ବଡ଼ କଥା। ଯେହେତୁ କରୋନାକୁ ରୋକିବା ଲାଗି ନିର୍ଦ୍ଦିଷ୍ଟ ଔଷଧ ପ୍ରସ୍ତୁତ କରାଯାଇପାରି ନାହିଁ ଏବଂ ଭାରତରେ ସରକାରୀ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି, ସେହେତୁ ଏହାକୁ ନିୟନ୍ତ୍ରଣ କରିବା କଠିନ କାର୍ଯ୍ୟ। ସାଧାରଣ ଭାରତୀୟଙ୍କ ପାଇଁ ବ୍ୟୟବହୁଳ ଘରୋଇ ଚିକିତ୍ସା ସେବା ପାଇବା ସହଜ ନୁହେଁ। ଭାରତରେ ସରକାରୀ ବ୍ୟବସ୍ଥା ଦ୍ୱାରା ସେହିଭଳି ସଂକ୍ରାମକ ରୋଗର ମୁକାବିଲା ଲାଗି ଠିକ୍ ପ୍ରସ୍ତୁତି କରାଯାଇପାରିବ ବୋଲି ବିଶ୍ୱାସ ହେଉନାହିଁ।

ଗୋଟିଏପଟେ ଭାରତରେ ଲୋକଙ୍କୁ କରୋନା ଆକ୍ରାନ୍ତ କରୁଥିବା ବେଳେ ଅନ୍ୟପଟେ ମୋଦି ସରକାରଙ୍କ ବିଭିନ୍ନ ଆଇନ ଜନସାଧାରଣଙ୍କୁ ହନ୍ତସନ୍ତ କରିବା ସହିତ ଅନ୍ତର୍ଜାତୀୟ ସ୍ତରରେ ଦେଶର ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଉଛି। ସମ୍ଭବତଃ ସ୍ୱାଧୀନ ଭାରତ ଇତିହାସରେ ପୂର୍ବରୁ ଯାହା ଘଟି ନ ଥିଲା, ତାହା ଏବେ ଦେଖିବାକୁ ମିଳୁଛି। ପ୍ରାପ୍ତ ଖବରରୁ ଜଣାପଡ଼ିଛି ଯେ, ଜାତିସଂଘ ମାନବ ଅଧିକାର ପରିଷଦ (ୟୁଏନ୍‌ଏଚ୍‌ଆର୍‌ସି) ପକ୍ଷରୁ ଉଚ୍ଚାୟୁକ୍ତ ମିଶେଲ୍ ବାଚେଲ୍ ଭାରତର ସୁପ୍ରିମ୍‌କୋର୍ଟରେ ଏକ ପିଟିଶନ୍ ଦାଏର କରିଛନ୍ତି। ସେହି ଆବେଦନରେ କୁହାଯାଇଛି ଯେ, ଭାରତର ନୂତନ ନାଗରିକତ୍ୱ ସଂଶୋଧିତ ଆଇନ ଅନ୍ତର୍ଜାତୀୟ ମାନବାଧିକାର ବ୍ୟବସ୍ଥାକୁ ଉଲ୍ଲଂଘନ କରୁଛି। ଏହା ବିରୋଧରେ ପ୍ରତିକ୍ରିୟା ପ୍ରକାଶ କରି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି, ଏହି ଆବେଦନ ମାଧ୍ୟମରେ ଜାତିସଂଘ ଆମ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିଛି। କିନ୍ତୁ ଯଦି ଜାତିସଂଘର ଇତିହାସକୁ ଦେଖାଯାଏ, ତେବେ ଏହିଭଳି ହସ୍ତକ୍ଷେପ ଅନ୍ୟ ଦେଶଗୁଡ଼ିକରେ ମଧ୍ୟ ବିଭିନ୍ନ ସମୟରେ ହୋଇଛି। ଜାତିସଂଘ ମାନବ ଅଧିକାର ପରିଷଦର ଦାୟିତ୍ୱ ତୁଲାଇବାକୁ ହେଲେ ଏହିଭଳି ପଦକ୍ଷେପ ନେବା ଆବଶ୍ୟକ ପଡ଼ିଥାଏ। ଏହାକୁ ଆଭ୍ୟନ୍ତରୀଣ ବ୍ୟାପାର କହି ଭାରତ ଏଡ଼ାଇ ଦେଇପାରିବ ନାହିଁ। କାରଣ ମାନବାଧିକାର ଭଙ୍ଗ କରୁଥିବା ସବୁ ଦେଶ ନିଜର କୁକର୍ମ ଘୋଡ଼ାଇବା ପାଇଁ ତ୍ରୁଟିପୂର୍ଣ୍ଣ ନୀତିକୁ ଆଭ୍ୟନ୍ତରୀଣ ବିଷୟର ଆଖ୍ୟା ଦେଇଥାଆନ୍ତି। ସେଥିପାଇଁ ଜାତିସଂଘର ଏହି ପରିଷଦ ଦ୍ୱାରା କରାଯାଇଥିବା ଆବେଦନ ନିଶ୍ଚିତ ଭାବେ ଆଇନସମ୍ମତ। କିନ୍ତୁ ଯାହା ୟୁଏନ୍‌ଏଚ୍‌ଆର୍‌ସିର ଆବେଦନରେ ଉଲ୍ଲେଖ କରାଯାଇଛି, ଭାରତର ମୁସଲମାନ ସମ୍ପ୍ରଦାୟ ଏହି ନାଗରିକତ୍ୱ ଆଇନ ଦ୍ୱାରା ଶିକାର ହେବେ, ତା' ସମ୍ପୂର୍ଣ୍ଣ ସତ୍ୟ ନୁହେଁ। କାରଣ କେବଳ ମୁସଲମାନ ସମ୍ପ୍ରଦାୟ ନୁହେଁ, ଆଦିବାସୀ ଓ ଅଶିକ୍ଷିତ ଗରିବ ହିନ୍ଦୁ ଏବଂ ଅନ୍ୟ ଧର୍ମର ଲୋକମାନେ ମଧ୍ୟ କ୍ଷତିଗ୍ରସ୍ତ ହେବେ। ଏହି ଆଇନକୁ ବ୍ୟବହାର କରି ଆଦିବାସୀମାନଙ୍କ ନାଗରିକତ୍ୱ ଅଧିକାର ଛଡ଼ାଇ ନେବା ସହଜ ହେବ। ସେମାନଙ୍କୁ ନିର୍ମିତ ହେଉଥିବା ଅନେକ ଅଟକ ଶିବିରରେ ରଖି ସେମାନଙ୍କ ଜମି ବଡ଼ ଶିଳ୍ପପତିମାନେ ହାତେଇ ନେଇପାରିବେ। ପେଡ଼ିରୁ ମୁକ୍ତି ଦିଆଯାଇଥିବା ଏହି ମାନବ ଅଧିକାର ବିରୋଧୀ ଆଇନ ଆଜି ମୁସଲମାନ ବିରୋଧୀ ଲାଗିଲେ ମଧ୍ୟ ଭବିଷ୍ୟତରେ ସମସ୍ତଙ୍କ ବିରୋଧରେ ବ୍ୟବହାର କରାଯାଇପାରିବ। ଏହା ଦ୍ୱାରା ଧନୀ ପ୍ରଭାବିତ ହେବେ ନାହିଁ। ମରିବେ ଗରିବ।

# ଜନହିତ ଓ ବିଜ୍ଞାନ



ଇଂ. ମାୟାଧର ସ୍ୱାଇଁ

ଗତବର୍ଷ ସେପ୍ଟେମ୍ବର ମାସରେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ସହରରେ ୭୪ ବର୍ଷର ଜଣେ ମହିଳା ଟେଷ୍ଟ ଟ୍ୟୁବ୍ ପଦ୍ଧତିରେ ଦୁଇଟି ଯମଜ ଶିଶୁ ଜନ୍ମ ଦେଲେ। ବୃଦ୍ଧ ଦମ୍ପତିଙ୍କ ବିବାହ ୫୦ ବର୍ଷରୁ ଅଧିକ ବର୍ଷ ତଳେ ହୋଇଥିଲେ ସୁଦ୍ଧା ସେମାନେ ନିଃସନ୍ତାନ ଥିଲେ। ଏତେ ଅଧିକ ବୟସରେ ଏହି ପଦ୍ଧତିରେ ସନ୍ତାନ ଜନ୍ମ କରାଇବାକୁ ବିଜ୍ଞାନର ଏକ ବଡ ସଫଳତା କୁହାଯାଉଛି। ମାତ୍ର ଏହାକୁ ନେଇ ନୈତିକତାର ପ୍ରଶ୍ନ ଉଠିଛି। ପ୍ରଥମରେ ଏହି ବୟସରେ ଏହି ପଦ୍ଧତିର ସଫଳତା ହାର ୧୦ରୁ ୨୦ ପ୍ରତିଶତ କୁହାଯାଉଥିବା ବେଳେ ଏଥିରେ ମହିଳାଙ୍କ ପ୍ରତି କେତେକ ବିପତ୍ତି ମଧ୍ୟ ଅଛି। ଏହି ପଦ୍ଧତିରେ ମହିଳାଙ୍କୁ ଅଧିକ ପରିମାଣର ହରମୋନ ଦିଆଯାଇଥାଏ, ଯାହା ସ୍ତନ ଓ ଜରାୟୁ କର୍କଟ ସୃଷ୍ଟି କରିବାର ଆଶଙ୍କା ଅଛି। ଏହା ବ୍ୟତୀତ ସମାଜଶାସ୍ତ୍ରୀମାନଙ୍କର ଏହାକୁ ବିରୋଧ କରିବାର କାରଣ ହେଉଛି ଯେ ୭୪ ବର୍ଷରେ ସନ୍ତାନ ଜନ୍ମ ହେଲେ ସନ୍ତାନର ଭବିଷ୍ୟତ ଅନ୍ଧକାରମୟ ହେବ। ଭାରତରେ ମଣିଷର ହାରାହାରି ଆୟୁଷ ୭୦ ବର୍ଷ ହୋଇଥିବା ବେଳେ ପିଲା ଦୁଇଟିର ଯତ୍ନ ଓ ଲାଳନପାଳନ କିଏ କରିବ ବୋଲି ପ୍ରଶ୍ନ ଉଠୁଛି। ସେମାନେ ଏଥିପାଇଁ ସଂଶ୍ଳିଷ୍ଟ ଡାକ୍ତରଙ୍କୁ ଦୋଷାରୋପ କରିଛନ୍ତି। ସେମାନଙ୍କ ମତରେ ଡାକ୍ତର ନିଜ କର୍ତ୍ତବ୍ୟ ସହିତ ନୈତିକତା ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

ନୈତିକତା କ'ଣ? ଏହାର ଅର୍ଥ ହେଉଛି କଲ୍ୟାଣକାରୀ ବିଧିବ୍ୟବସ୍ଥାର ଅନୁସରଣ ଓ ଉତ୍ତମ ଆଚରଣ। ବୃଦ୍ଧ ମାତାପିତାଙ୍କୁ ସେବା କରିବା ହେଉଛି ସନ୍ତାନମାନଙ୍କର ନୈତିକ କର୍ତ୍ତବ୍ୟ। ଆମ ଦେଶରେ ମୁନିଋଷିମାନେ ନୈତିକତାକୁ ଧର୍ମ ସହ ଯୋଡି ଦେଇଥିଲେ। ଫଳରେ ଲୋକମାନେ ଏହାକୁ ପାଳନ କରିବାକୁ ବାଧ୍ୟ ହେଉଥିଲେ। କାରଣ ଧର୍ମରେ ଯାହା ଅଛି ତାକୁ ବିନା ପ୍ରଶ୍ନରେ ପାଳନ କରିବା ଆମର କର୍ତ୍ତବ୍ୟ ଭାବେ ବିବେଚିତ ହେଉଥିଲା। ଏଣୁ ଆମ ପରମ୍ପରାରେ ଧର୍ମ ଓ ନୈତିକତା ଥିଲା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। କିନ୍ତୁ ଆଧୁନିକ ବିଜ୍ଞାନର ବିକାଶ ପରେ ଧର୍ମ ଓ ବିଜ୍ଞାନ ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଦେଲା। ବିଶେଷ ଭାବେ ୟୁରୋପରେ ଏହା ବିକଟ ରୂପ ଧାରଣ କଲା। ପୂର୍ବରୁ ଲୋକେ ବିଶ୍ୱାସ କରୁଥିଲେ ଯେ ପୃଥିବୀ ହେଉଛି ବିଶ୍ୱ ବ୍ରହ୍ମାଣ୍ଡର କେନ୍ଦ୍ର। ସୂର୍ଯ୍ୟ ଓ ଅନ୍ୟ ଗ୍ରହରାଜି ଏହା ଚାରିପଟେ ପରିକ୍ରମଣ କରୁଛନ୍ତି। ଏହି ଭୂକେନ୍ଦ୍ରିକ ମତ ମଧ୍ୟ ବାଇବେଲରେ ଅଛି। ମାତ୍ର ଷୋଡଶ ଶତାବ୍ଦୀରେ ପୋଲାଣ୍ଡର ଜ୍ୟୋତିର୍ବିଦ୍ ନିକୋଲାସ କୋପରନିକସ ସୌରକେନ୍ଦ୍ରିକ ମତବାଦ ଆବିଷ୍କାର କରିବା ପରେ ବିଜ୍ଞାନ ଓ ବିଶ୍ୱାସ ମଧ୍ୟରେ ବିବାଦ ଦେଖାଦେଲା। ଏହା ବାଇବେଲର ଲେଖା ବିରୋଧରେ ଥିବାରୁ ଚର୍ଚ୍ଚ କ୍ରୋଧିତ ହୋଇ କୋପରନିକସଙ୍କ ପୁସ୍ତକକୁ ନିଷିଦ୍ଧ କଲା ଏବଂ ଏହି ମତବାଦର ପ୍ରଚାର ଉପରେ ରୋକ ଲଗାଇଲା। ଏହି ମତବାଦକୁ ସମର୍ଥନ ଓ ପ୍ରସାର କରିବାରୁ ଧର୍ମ ଅଦାଲତ ବ୍ରୁନୋଙ୍କୁ ଜୀବନ୍ତ ଦଗ୍ଧ ଏବଂ ଗାଲିଲିଓଙ୍କୁ ଆଜୀବନ କାରାବାସ ପାଇଁ ଆଦେଶ ଦେଇଥିଲା।

ବିଜ୍ଞାନ ଓ ନୈତିକତା ମଧ୍ୟରେ ଏହିପରି ଦ୍ୱନ୍ଦ୍ୱର ଅନେକ ଉଦାହରଣ ଅଛି। ପରିବାର ନିୟନ୍ତ୍ରଣ ହେଉଛି ଏହାର ଏକ ପ୍ରକୃଷ୍ଟ ଉଦାହରଣ। ପୃଥିବୀର ବର୍ଦ୍ଧିତ ଲୋକସଂଖ୍ୟା ହେଉଛି ପୃଥିବୀରେ ଖାଦ୍ୟାଭାବ, ଶକ୍ତି ସଙ୍କଟ ଓ ବେକାରିର ମୂଳ କାରଣ। କିନ୍ତୁ କେତେକ ବ୍ୟକ୍ତି, ସମ୍ପ୍ରଦାୟ ଓ ଦେଶ ଧର୍ମ ଓ ନୈତିକତାର ଦ୍ୱାହି ଦେଇ ଏହାକୁ ବିରୋଧ କରୁଛନ୍ତି। ପୂର୍ବରୁ ଡାକ୍ତରୀ ଶିକ୍ଷା ପାଇଁ ମୃତ ବ୍ୟକ୍ତିର ଶବକୁ ବ୍ୟବଚ୍ଛେଦ କରିବା ଲାଗି ମଧ୍ୟ ବିରୋଧ କରାଯାଉଥିଲା।

ଅନ୍ୟ ଏକ ଉଦାହରଣ ହେଉଛି କ୍ଲୋନିଂ। ବ୍ରିଟିଶ ବୈଜ୍ଞାନିକ ଆୟାନ ଉଇଲମଟ ୧୯୯୬ ମସିହାରେ ପ୍ରଥମେ କ୍ଲୋନିଂ କରି ଡଲି ନାମକ ମେଣ୍ଢା ଛୁଆ ଜନ୍ମ କରାଇଥିଲେ। ଏଥିପାଇଁ ପୁରୁଷ ମେଣ୍ଢା ଦରକାର ପଡି ନ ଥିଲା। ତିନୋଟି ମାଈ ମେଣ୍ଢା ଏଥିରେ ସଂଶ୍ଳିଷ୍ଟ ଥିଲେ। ଏହାପରେ କେତେଜଣ ବୈଜ୍ଞାନିକ ମନୁଷ୍ୟ ଶିଶୁର କ୍ଲୋନିଂ ପାଇଁ ଗବେଷଣା କଲେ, ଯାହାର ବିରୋଧ ହେବାରୁ ଏହାକୁ ବନ୍ଦ କରି ଦିଆଯାଇଛି। ସେହିପରି ଭ୍ରୂଣୀୟ ଷ୍ଟେମ୍ ସେଲ୍ ଗବେଷଣାକୁ ନେଇ ବିବାଦ ଦେଖାଦେଇଛି। ମନୁଷ୍ୟ ଭ୍ରୂଣରୁ କୋଷ ନେଇ ଅସାଧ୍ୟ ପାର୍କିନସନ ଓ ମଧୁମେହ ଭଳି ରୋଗର ନିରାକରଣ କରାଯାଇପାରିବ ବୋଲି ଗବେଷକମାନେ ମତ ଦେଉଛନ୍ତି। ମାତ୍ର ଏଥିରେ ଭ୍ରୂଣକୁ ମାରି ଦିଆଯାଉଛି। ସୁତରାଂ ଏଠାରେ ନୈତିକତାର ପ୍ରଶ୍ନ ଉଠୁଛି।

ବର୍ତ୍ତମାନ ବୈଜ୍ଞାନିକମାନେ ଜିନକୁ ଏଡିଟିଂ କରି ନିଜ ଇଚ୍ଛା ମୁତାବକ ଡିଜାଇନ ଶିଶୁ ପାଇବା ପାଇଁ ଗବେଷଣା କରୁଛନ୍ତି। ଏହାଦ୍ୱାରା ସନ୍ତାନ ହନୁମାନ ଭଳି ବଳବାନ, ରମ୍ଭା ଓ ମେନକା ଭଳି ଅପରୂପ ସୁନ୍ଦରୀ କିମ୍ବା ଗଣେଶଙ୍କ ଭଳି ଜ୍ଞାନୀ ହୋଇପାରିବ। ଏଥିରେ କିଛି ଅସୁବିଧା ଥିବା ଭଳି ଆପାତତଃ ଜଣାପଡୁନି। ମାତ୍ର ଏପରି କରୁ କରୁ କେହି ଯଦି ରାବଣ କିମ୍ବା ମହିଷାସୁର ଭଳି ଦାନବ ସୃଷ୍ଟି କଲା, ତା'ହେଲେ ସମାଜର ସ୍ଥିତି କ'ଣ ହେବ? ଚାଇନାର ଜଣେ ଗବେଷକ ହେ ଜିଆଙ୍କୁଇ ୨୦୧୮ ମସିହା ଅକ୍ଟୋବର ମାସରେ ଏହି ବିଦ୍ୟା ପ୍ରୟୋଗ କରି ଦୁଇଟି ଯମଜ କନ୍ୟା ଜନ୍ମଗ୍ରହଣ କରାଇଛନ୍ତି। ସମଗ୍ର ପୃଥିବୀରେ ନୈତିକତା ଦୃଷ୍ଟିରୁ ଏହାକୁ ସମାଲୋଚନା କରାଯାଇଛି ଏବଂ ଏହି ଗବେଷଣାକୁ ବନ୍ଦ କରିବାକୁ ଦାବି କରାଯାଇଛି। ଗତବର୍ଷ ଡିସେମ୍ବର ମାସରେ ଚାଇନାର ଏକ ନ୍ୟାୟାଳୟ ଜିଆଙ୍କୁଇ ଏବଂ ତାଙ୍କର ତିନିଜଣ ସହଯୋଗୀଙ୍କୁ ବିନା ଅନୁମତିରେ ଏହି କାର୍ଯ୍ୟ କରିଥିବାରୁ ଜେଲ ଦଣ୍ଡାଦେଶ ଦେଇଛନ୍ତି। କିନ୍ତୁ ମାନବିକତା ଦୃଷ୍ଟିରୁ ଏହି ଦଣ୍ଡାଦେଶକୁ କାର୍ଯ୍ୟକାରୀ କରାଯାଇନାହିଁ।

ବିଜ୍ଞାନର ବିକାଶ ପରଠାରୁ ବିଜ୍ଞାନ ଓ ନୈତିକତା ମଧ୍ୟରେ ସର୍ବଦା ବିବାଦ ଉପୁଜି ଆସିଛି। ପୃଥିବୀରେ ଖାଦ୍ୟାଭାବ ଦୂର ପାଇଁ ଜିନୀୟ ପରିବର୍ତ୍ତିତ ଶସ୍ୟର ବିକାଶ କରାଯାଇଛି। ମାତ୍ର ନୈତିକତାର ଦ୍ୱାହି ଦେଇ ଏହାର ଚାଷକୁ ଭାରତ ସମେତ ଅନେକ ଦେଶରେ ବିରୋଧ କରାଯାଉଛି। କୌଣସି ନୂତନ ଉଦ୍ଭାବନ ପରେ ଲୋକମାନେ ନିଜ ପୁରୁଣା ପରମ୍ପରା ଛାଡି ନୂଆ ନୂଆ ଏହାକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନ ଥାନ୍ତି। ଏପରି କି ଲୋକେ ଆରମ୍ଭରେ ଟେଷ୍ଟ ଟ୍ୟୁବ୍ ଶିଶୁ ପଦ୍ଧତିକୁ ବିରୋଧ କରୁଥିଲେ, ମାତ୍ର ଏହା ବର୍ତ୍ତମାନ ବିନା ବାଧାରେ ଚାଲିଛି ଏବଂ ନିଃସନ୍ତାନ ଦମ୍ପତିଙ୍କ ପାଇଁ ଏହା ବିଜ୍ଞାନର ଏକ ଆଶୀର୍ବାଦରେ ପରିଣତ ହୋଇଛି।

ନୈତିକତାର ଏକ ସ୍ପଷ୍ଟ ସଂଜ୍ଞା ଦେବା କଷ୍ଟକର। ଗୋଟିଏ ଜିନିଷ ଜଣେ ବ୍ୟକ୍ତି କିମ୍ବା ସମ୍ପ୍ରଦାୟ ପାଇଁ ହିତକର ମନେକରାଯାଉଥିଲେ ସୁଦ୍ଧା ସେହି ଜିନିଷ ଅନ୍ୟ ଜଣେ ବ୍ୟକ୍ତି କିମ୍ବା ସମ୍ପ୍ରଦାୟ ପାଇଁ ନୈତିକତା ବିରୋଧୀ ହୋଇପାରେ। ଆଣବିକ ଅସ୍ତ୍ରର ବିକାଶକୁ ବିଚାର କରିବା- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆଇନଷ୍ଟାଇନଙ୍କ ସମେତ ପୃଥିବୀର ବିଶିଷ୍ଟ ଆଣବିକ ବିଜ୍ଞାନୀମାନେ ପରମାଣୁ ବୋମା ନିର୍ମାଣରେ ଭାଗ ନେଇଥିଲେ। ଲକ୍ଷ୍ୟ ଥିଲା ହିଟଲରଙ୍କ ଭଳି ଏକଛତ୍ରବାଦୀର ପତନ ଘଟାଇବା। ମାତ୍ର ଏଥିରେ ଜାପାନର ପ୍ରାୟ ଦୁଇ ଲକ୍ଷ ନିରୀହ ଲୋକ ପ୍ରାଣ ହରାଇଲେ ଏବଂ ନାଗାସାକି ଓ ହିରୋଶିମା ସହର ଦୁଇଟି ଧ୍ୱଂସ ହୋଇଗଲା। ଏବେ ମଧ୍ୟ ଅନେକ ଦେଶରେ ଆଣବିକ ବୋମା ମହଜୁଦ ଅଛି ଏବଂ ଏଥିପାଇଁ କେତେକ ଦେଶ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ଏଥି ଲାଗି ଆମେ କ'ଣ ବୈଜ୍ଞାନିକମାନଙ୍କୁ ଦୋଷ ଦେବା? ସେମାନେ ଏହାର ନିର୍ମାଣ କରି ନିଜ ଦେଶଭକ୍ତିର ପ୍ରମାଣ ଦେଉଛନ୍ତି ଏବଂ ଧ୍ୱଂସକାରୀ ଅସ୍ତ୍ରର ନିର୍ମାଣ ପାଇଁ ନିଜ ଦେଶ ଦ୍ୱାରା ସମ୍ମାନିତ ହେଉଛନ୍ତି। କିନ୍ତୁ ମାନବ ସମାଜର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହା ଜନ ଓ ଜୀବନ ବିରୋଧୀ।

ଏହି ବର୍ଷ ଆରମ୍ଭରେ ଚାଇନାର ଉହାନ ରାଜ୍ୟରେ ଆରମ୍ଭ ହୋଇ ସମଗ୍ର ପୃଥିବୀକୁ କରୋନା ଭାଇରସ ବ୍ୟାପିବାରେ ଲାଗିଛି। ଏହା ଗୋଟିଏ ନୂତନ ଭାଇରସ ହୋଇଥିବାରୁ ଏଥିପାଇଁ ଟିକା ଓ ଔଷଧ ବାହାରି ନାହିଁ। ଏହା ଯୋଗୁ ପ୍ରତିଦିନ ମୃତ୍ୟୁ ସଂଖ୍ୟା ଓ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହା ଚାଇନାରେ ବର୍ତ୍ତମାନ ମହାମାରୀର ରୂପ ନେଲାଣି। ଜଣାଯାଇଛି ଯେ, ଚାଇନାରେ ଜୈବିକ ଯୁଦ୍ଧାସ୍ତ୍ର ଗବେଷଣା ସମୟରେ ଏହି ଭାଇରସ ପରୀକ୍ଷାଗାରରୁ ବାହାରକୁ ଚାଲିଯାଇଛି ଓ ଆତଙ୍କ ଖେଳାଇଛି। ଏହା କେଉଁ ପ୍ରକାରର ନୈତିକତା? ତେବେ ଏପରି ବୈଜ୍ଞାନିକମାନଙ୍କୁ ଆମେ ଦେଶପ୍ରେମୀ କହିବା ନା ସମାଜଦ୍ରୋହୀ କହିବା?

୭୦, ଲକ୍ଷ୍ମୀବିହାର, ଫେଜ-୧, ଭୁବନେଶ୍ୱର,
ମୋ-୯୪୩୮୬୯୩୭୨୪

# ମଝିମଝିଆ ବୁଢ଼ି ମରନ୍ତି

ରମେଶ ଚନ୍ଦ୍ର ସାମଲ

ଲୋକ କଥାଟିଏ ଅଛି- ବଡ଼ ପୁଅ ବାପର, ସାନ ପୁଅ ମା'ର, ମଝିଆ ପୁଅ ବାହାର, ଅର୍ଥାତ୍ ମଝିଆ ପୁଅକୁ କେହି ଆଦରି ନିଅନ୍ତିନି। ମା'ବାପା ଅକର୍ମଣ୍ୟ ହୋଇଗଲେ ବଡ଼ ପୁଅ ପରିବାରର ଭରଣପୋଷଣ ଦାୟିତ୍ୱ ନିଏ। ସେମାନଙ୍କ ମୃତ୍ୟୁ ପରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ଆଦି କରେ। ତାଙ୍କର ଉତ୍ତରାଧିକାରୀ ବିବେଚନା କରି ବାପା ତାକୁ ଅଧିକ ସ୍ନେହ ଆଦର କରନ୍ତି। ସାନପୁଅ ମା'ଙ୍କର କୋଳପୋଛା ହୋଇଥିବାରୁ ମା'ଙ୍କ ସ୍ନେହଆଦର ତା' ପ୍ରତି ଅତୁଟ ରହେ, କାରଣ ସାନ ପରେ ତାଙ୍କର ସ୍ନେହ ପାଇବାକୁ ଆଉ କୌଣସି ଛୋଟ ପିଲା ନ ଥାନ୍ତି। ମଝିଆ ପୁଅ ସାନ ତୁଳନାରେ ଟିକେ ବଡ଼ ଓ ଅଧିକ ପାରିବାର ହୋଇଥିବାରୁ ସେ ବଡ଼ଭାଇ ଓ ବାପାଙ୍କୁ ତାଙ୍କ କାମରେ ସାହାଯ୍ୟ କରେ। ମା'ର ସ୍ନେହ ତା' ପାଖରୁ ସାନ ପାଖକୁ ଚାଲିଗଲା ପରେ ତା' ଭାଗ୍ୟରେ କେବଳ କାମ ପଡିଯାଏ। ଏଥିପାଇଁ ଏହି ଲୋକକଥାଟି ଜନମୁଖରୁ ଶୁଣାଯାଏ। ପ୍ରକୃତ ପକ୍ଷରେ ମା'ବାପା ସନ୍ତାନଙ୍କ ମଧ୍ୟରେ କିଛି ବିଭେଦ ରଖନ୍ତିନି। ଏବର ସମାଜରେ ଏସବୁ ବିଭେଦ ଦେଖିବାର ଅବକାଶ ପ୍ରାୟତଃ ନାହିଁ। କାରଣ ଅଧିକାଂଶ ପରିବାରରେ ଗୋଟିଏ ବା ଦୁଇଟି ପିଲା।

ଆଜିକାଲି ପିଲାମାନେ ବଡ଼ ହୋଇ ଚାକିରି ବାକିରି କରି ଅଲଗା ରହୁଛନ୍ତି। ଚାଷବାସ କରି ମଧ୍ୟ ସେମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଭିନ୍ନ ହୋଇ ଚଳୁଛନ୍ତି। ଯେଝା ବୋଝ ଯେଝା ମୁଣ୍ଡରେ। ଏକାନ୍ନବର୍ତ୍ତୀ ପରିବାର ପ୍ରାୟତଃ ନାହିଁ। ବଡ଼, ମଝିଆ ଓ ସାନ ପୁଅ ମଧ୍ୟରେ କିଛି ଭେଦାଭେଦ ନାହିଁ। ପରିବାର ଉପରେ କୌଣସି ଭିଟୋ ଦେବାର ଅଧିକାର ବଡ଼ପୁଅର ନାହିଁ। ଦେଶର ନିୟମ ଅନୁସାରେ ପରିବାରର ଜମିବାଡି, ଆସବାବପତ୍ର ଉପରେ ସମସ୍ତଙ୍କର ସମାନ ଅଧିକାର। ଆଗର ନିୟମ ଅନୁଯାୟୀ ବଡ଼ପୁଅକୁ କିଛି ଜ୍ୟେଷ୍ଠା ଦେବା ପରମ୍ପରା ଆଉ ନାହିଁ। ବଡ଼ଭାଇକୁ ମାନିବା ନ ମାନିବା ନିଜର ବ୍ୟକ୍ତିଗତ ବ୍ୟାପାର। ବଡ଼ଭାଇ ପିତୃତୁଲ୍ୟ ବିଚାରଧାରା ଆଉ ନାହିଁ।

ଏବେ ସମାଜରେ ଥିବା ଅନ୍ୟ ଏକ ମଝିମଝିଆ ଶ୍ରେଣୀର ଲୋକଙ୍କ ବିଷୟ ବିଚାରକୁ ନେବା। ଏମାନେ ହେଲେ କିନ୍ନର। ଏବେ ସୁପ୍ରିମ୍‌କୋର୍ଟ ଏମାନଙ୍କୁ ତୃତୀୟ ଲିଙ୍ଗର ମାନ୍ୟତା ଦେଇଛନ୍ତି। ପାଠପଢ଼ା, ଚାକିରି, ରାଜନୀତି ଓ ସାମାଜିକ ଜୀବନରେ ପୁରୁଷ ଓ ମହିଳାଙ୍କ ଭଳି ଏମାନଙ୍କୁ ମାନ୍ୟତା ଦେବାକୁ ସମସ୍ତେ ବାଧ୍ୟ। କେତେକ ସରକାରୀ ସଂସ୍ଥାରେ ଏମାନେ କାମ କରିବାର ନଜିର ଏବେ ଦେଖିବାକୁ ମିଳିଲାଣି। ରାଜନୀତି କରିବାକୁ ବି ଏମାନେ ଆଗେଇ ଆସିଲେଣି। ତଥାପି ଆମେ ଅନୁଭବ କରୁଛୁ ନ୍ୟାୟିକ ମର୍ଯ୍ୟାଦା ମିଳିଲେ ମଧ୍ୟ ଏମାନଙ୍କୁ ଏଯାବତ୍ ସମାଜରେ ଉପଯୁକ୍ତ ସ୍ଥାନ ମିଳିପାରିନି।

ସମାଜରେ ଅନ୍ୟ ଏକ ମଧ୍ୟମ ବର୍ଗର ଲୋକ ହେଉଛନ୍ତି ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)। ସମାଜର ଉଚ୍ଚ ଶ୍ରେଣୀୟ ଲୋକ ପ୍ରାୟତଃ ସ୍ୱଚ୍ଛଳ। ସେମାନେ ନିଜ ସୁବିଧା ଅସୁବିଧା ନିଜେ ବୁଝିବାକୁ ସମର୍ଥ। ଅନୁସୂଚିତ ଜାତି, ଜନଜାତି ଓ ଉପଜାତି ଲୋକଙ୍କ ପାଇଁ ସରକାର ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେବା ସହିତ ସେମାନଙ୍କ ପାଇଁ ସରକାରୀ, ଅର୍ଦ୍ଧସରକାରୀ ସଂସ୍ଥାମାନଙ୍କରେ ଚାକିରି ଆଦି କ୍ଷେତ୍ରରେ ସୁବିଧା ଦେଇଛନ୍ତି। ଅନ୍ୟାନ୍ୟ ପଛୁଆ ବର୍ଗର ଲୋକଙ୍କ ପାଇଁ ଚାକିରି, ପଦୋନ୍ନତି କ୍ଷେତ୍ରରେ ଆଗରୁ କୌଣସି ସଂରକ୍ଷଣ ବ୍ୟବସ୍ଥା ନ ଥିଲା। ବହୁ ପଛରେ ସରକାର ଏମାନଙ୍କ ପାଇଁ ସରକାରୀ, ଅର୍ଦ୍ଧସରକାରୀ ସଂସ୍ଥାରେ କିଛି ସ୍ଥାନ ସଂରକ୍ଷଣ କରିଛନ୍ତି। ଏହାଦ୍ୱାରା ପୂର୍ଣ୍ଣମାତ୍ରାରେ ନ ହେଲେ ମଧ୍ୟ ସେମାନଙ୍କ ଦୁଃଖ, ଅସୁବିଧା କିଛି ମାତ୍ରାରେ ଲାଘବ ହୋଇପାରୁଛି।

ଦେଶ ଶାସନ ପାଇଁ ଆପଣାଯାଇଥିବା ମଝିମଝିଆ ବ୍ୟବସ୍ଥା ମଧ୍ୟ ଏଠାରେ ଆଲୋଚନା କରାଯାଇପାରେ। ଏହି ବ୍ୟବସ୍ଥା ଅନୁଯାୟୀ ଆମ ଦେଶରେ ଏକକ, ଦ୍ୱୈତ ବା ଯୌଥ ଶାସନ ପଦ୍ଧତି ପ୍ରଚଳିତ ହୋଇଛି। ଦେଶର ବିଭିନ୍ନ କାର୍ଯ୍ୟ ଓ ଶାସନ ପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କାର୍ଯ୍ୟ ବଣ୍ଟନ ହୋଇଛି। କେତେକ କାର୍ଯ୍ୟ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଦାୟିତ୍ୱ ରହିଛି। ବିଭିନ୍ନ ରାଜ୍ୟ ମଧ୍ୟରେ କୌଣସି ବିଷୟକୁ ନେଇ କିଛି ଜଟିଳ ପରିସ୍ଥିତି ଉପୁଜିଲେ କେନ୍ଦ୍ର ସରକାରଙ୍କର ଦାୟିତ୍ୱ ସାରାଦେଶ ଓ ବିଭିନ୍ନ ରାଜ୍ୟର ସ୍ୱାର୍ଥକୁ ନେଇ ସମସ୍ତଙ୍କୁ ସୁହାଇବା ଭଳି କାର୍ଯ୍ୟକ୍ରମ ଗ୍ରହଣ କରିବା। କିନ୍ତୁ ଯେତେବେଳେ ରାଜ୍ୟଙ୍କ ମଧ୍ୟରୁ କୌଣସି ଗୋଟିକ କେନ୍ଦ୍ର ସରକାରଙ୍କର ଦଳୀୟ ଶାସନରେ ଓ ଅନ୍ୟ ରାଜ୍ୟଟି ବିରୋଧୀ ଦଳ ଶାସନରେ ଥାଏ, ସେତେବେଳେ ସମସ୍ୟା ଉପୁଜେ। ଏଭଳି ପରିସ୍ଥିତିରେ କେତେକ ସ୍ଥଳରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଆପଣେଇବା କିମ୍ବା ନିଜ ଦଳୀୟ ଶାସନରେ ଥିବା ରାଜ୍ୟକୁ କିଛି ଅନୁକମ୍ପା ପ୍ରଦର୍ଶନ କରିବାର ନଜିର ଦେଖାଯାଏ।

ସାରା ବିଶ୍ୱରେ ତିନିପ୍ରକାର ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥା ଅଛି- (୧) କ୍ୟାପିଟାଲିଜମ୍ ବା ପୁଞ୍ଜିବାଦ। ଏହା ବ୍ୟକ୍ତିଗତ ମାଲିକାନାରେ ପରିଚାଳିତ ହୁଏ। (୨) କମ୍ୟୁନିଜମ୍ ବା ସାମ୍ୟବାଦ। ଏହି ବ୍ୟବସ୍ଥାରେ ଦେଶରେ କୌଣସି ବ୍ୟକ୍ତିର ମାଲିକାନା ନ ଥାଏ। ସରକାରଙ୍କ ଦ୍ୱାରା ସବୁ ସଂସ୍ଥା ପରିଚାଳିତ ହୁଏ। (୩) ସୋସିଆଲିଜମ୍ ବା ସମାଜବାଦ। ଏହି ବ୍ୟବସ୍ଥା ଅନୁଯାୟୀ ଉଭୟ ସରକାରୀ ଓ ବେସରକାରୀ ମାଲିକାନାରେ ଦେଶର କଳକାରଖାନା ଓ ଅନ୍ୟାନ୍ୟ ଅର୍ଥନୈତିକ ସଂସ୍ଥା ପରିଚାଳିତ ହୁଏ। ଏଭଳି ବ୍ୟବସ୍ଥାରେ ନା ସରକାର ନା ବେସରକାରୀ ସଂସ୍ଥାର କିଛି ଆନ୍ତରିକତା ଥାଏ। ଚାକିରି ଓ ପଦୋନ୍ନତି ଆଦି କ୍ଷେତ୍ରରେ ମଧ୍ୟ ଅବସ୍ଥା ତଦ୍ରୂପ। ସରକାରୀ ସଂସ୍ଥାରେ କାମ କରୁଥିବା ଲୋକ ସବୁ ସରକାରୀ ସୁବିଧା ସୁଯୋଗ ପାଆନ୍ତି। ଘରୋଇ ସଂସ୍ଥାରେ କାମ କରୁଥିବା ଲୋକଙ୍କ ଅବସ୍ଥା, ସୁବିଧା ସୁଯୋଗ ଘରୋଇ ସଂସ୍ଥାର ମାଲିକ ବୁଝନ୍ତି। ଅର୍ଦ୍ଧସରକାରୀ ସଂସ୍ଥାରେ କାମ କରୁଥିବା ଲୋକଙ୍କ ପାଇଁ ଚାକିରି, ଦରମା ଓ ପଦୋନ୍ନତିରେ ବିଭିନ୍ନ ସରକାରୀ କଟକଣା ଥିଲେ ମଧ୍ୟ ଏମାନେ ସରକାରୀ ସଂସ୍ଥାରେ କାମ କରୁଥିବା ଲୋକଙ୍କ ଭଳି ପେନସନ ଆଦି ସବୁ ସୁବିଧା ପାଆନ୍ତିନି। ସରକାରଙ୍କର ପୂର୍ଣ୍ଣ ନିୟନ୍ତ୍ରଣରେ ଥିବା ନିଗମଗୁଡ଼ିକରେ କାମ କରୁଥିବା ଲୋକଙ୍କୁ ମଧ୍ୟ ପେନସନ ଆଦି ବହୁ ସୁବିଧାସୁଯୋଗ ଦିଆଯାଏନି। ଭବିଷ୍ୟନିଧି ଯୋଜନାରୁ ଯାହା ପେନସନ୍ ମିଳେ ତାହା ନ କହିବା ଭଲ। ଏହା 'ସମୁଦ୍ରକୁ ଶଙ୍ଖେ'। ଏମାନଙ୍କର ଜୀବନ, ଏକ ତ୍ରିଶଙ୍କୁର ଜୀବନ- ନା ଏମାନେ ସରକାରୀ ନା ଘରୋଇ। ମଝିରେ ଝୁଲି ରହିଲେ ଯାହା ଅସୁବିଧା ଭୋଗ କରିବାକୁ ହୁଏ, ଏମାନେ ସେୟା ଭୋଗନ୍ତି।

ରାମିଆଗଞ୍ଜ, ମାର୍ଶାଘାଇ, କେନ୍ଦ୍ରାପଡା,
ମୋ-୯୪୩୯୮୭୯୦୨୨

## ଏଇ ଭାରତରେ

ସାମ୍ପ୍ରତିକ ସମୟରେ ଡିଜିଟାଲ ଶିକ୍ଷାର ଆବଶ୍ୟକତାକୁ ଉପଲବ୍ଧି କରି ଝାଡଖଣ୍ଡର ଜଣେ ଯୁବକ ଗ୍ରାମାଞ୍ଚଳ ପିଲାମାନଙ୍କୁ ସୌରଚାଳିତ ଭ୍ରାମ୍ୟମାଣ କମ୍ପ୍ୟୁଟର କ୍ଲାସ୍ ମାଧ୍ୟମରେ ଶିକ୍ଷା ଦେଉଛନ୍ତି। ସାନ୍ଦିଲ ଶ୍ରୀବାସ୍ତବ 'ଏଡିମ୍ପ୍ୟାକ୍ଟ' ସଂଗଠନ ମାଧ୍ୟମରେ ବିଭିନ୍ନ ରାଜ୍ୟରେ ଦୁର୍ଗମ ଗ୍ରାମାଞ୍ଚଳର ହଜାର ହଜାର ପିଲାଙ୍କୁ ଡିଜିଟାଲ ଶିକ୍ଷା ପ୍ରଦାନ କରୁଛନ୍ତି। ପିଲାମାନଙ୍କୁ ଡିଜିଟାଲ ଶିକ୍ଷା ଦେବା ଲାଗି ସେ ସେପ୍ଟେମ୍ବର ୨୦୧୮ରେ ପ୍ରଥମେ ରାଞ୍ଚିରେ 'ପ୍ରୋଜେକ୍ଟ ସୂର୍ଯ୍ୟକିରଣ' ଯୋଜନା ଆରମ୍ଭ କରିଥିଲେ। ପରେ ଏହା ଦିଲ୍ଲୀ, ମହାରାଷ୍ଟ୍ର, ବିହାର, ଝାଡ଼ଖଣ୍ଡ, ମେଘାଳୟ ଓ କର୍ନାଟକରେ କାର୍ଯ୍ୟ ଆରମ୍ଭ କରିଛି। ସୌରଚାଳିତ ଭ୍ରାମ୍ୟମାଣ କମ୍ପ୍ୟୁଟର ଲାବ୍ ଦ୍ୱାରା ଏହି ଅଭିଯାନ ଚଳାଇଛନ୍ତି ଶ୍ରୀବାସ୍ତବ। ୱାଇଫାଇ ସଂଯୋଗ ସହ ଲାବ୍‌ରେ ୫ଟି କମ୍ପ୍ୟୁଟର ଓ ଗୋଟିଏ ଡେମୋ କମ୍ପ୍ୟୁଟର ରଖାଯାଇଛି। ଲାବ୍‌ରେ ୬ରୁ ୭ ଜଣ ପିଲା ବସିପାରୁଛନ୍ତି। ୧ କେଭିଏ ସୋଲାର୍ ଇନଭର୍ଟର ଲାବ୍‌କୁ ବିଦ୍ୟୁତ୍ ଯୋଗାଉଛି। ଏଥିରେ ୬ରୁ ୭ ଘଣ୍ଟା ଯାଏ ପାୱାର ବ୍ୟାକ୍‌ଅପ୍ ସିଷ୍ଟମ୍ ରହିଛି। ଏଡିମ୍ପ୍ୟାକ୍ଟକୁ ଚଳାଇବା ଲାଗି ଇଞ୍ଜିନିୟରିଂ ଡିଗ୍ରୀଧାରୀଙ୍କୁ ନିଯୁକ୍ତି ଦେଇଛନ୍ତି ଶ୍ରୀବାସ୍ତବ। ଏହି ସଂସ୍ଥା ଦ୍ୱାରା ଏବେ ସୁଦ୍ଧା ବିଭିନ୍ନ ଗାଁ ଓ ସ୍କୁଲରେ ୪ ହଜାରରୁ ଊର୍ଦ୍ଧ୍ୱ ପିଲା ଉପକୃତ ହୋଇସାରିଲେଣି। କମ୍ପ୍ୟୁଟର ଅପରେଟିଂ, ଫାଇଲ ଖୋଲିବା, ଇଣ୍ଟର୍‌ନେଟ, ଇମେଲ ଓ କ୍ୟାସ୍‌ଲେସ ଟ୍ରାଞ୍ଜାକସନ ସମ୍ବନ୍ଧରେ ଶିକ୍ଷା ଦିଆଯାଉଛି। ଜିଲା ଶିକ୍ଷା ଅଧିକାରୀଙ୍କ ଅନୁମତି ନେଇ ସାମାଜିକ କର୍ମୀ, ଗାଁ ମୁଖିଆଙ୍କ ସହଯୋଗରେ ସମ୍ପୃକ୍ତ ଗାଁ ଓ ସ୍କୁଲଗୁଡିକରେ ଏହାକୁ ତ୍ୱରାନ୍ୱିତ କରାଯାଉଛି। ଭିତ୍ତିଭୂମି ତଥା ବୃତ୍ତିଧାରୀ ଶିକ୍ଷକଙ୍କ ଅଭାବରୁ ଦୁର୍ଗମ ଗ୍ରାମଗୁଡିକରେ ଡିଜିଟାଲ ଶିକ୍ଷା ପାଇବାରୁ ବଞ୍ଚିତ ପିଲାମାନଙ୍କ ସମସ୍ୟା ଅନେକାଂଶରେ ଦୂର ହୋଇପାରିଛି ବୋଲି କହନ୍ତି ଶ୍ରୀବାସ୍ତବ।

## ୨୫ ବର୍ଷ ତଳର ଧରିତ୍ରୀ

୪ ମାର୍ଚ୍ଚ ୧୯୯୫

- ଜମ୍ମୁ-କଶ୍ମୀରକୁ ଇସ୍‌ଲାମୀୟ ରାଷ୍ଟ୍ର ସମ୍ମିଳନୀ ପକ୍ଷରୁ ୫୨ ଜଣିଆ ତଥ୍ୟ ଅନୁସନ୍ଧାନକାରୀ ଦଳ ପଠାଇବା ପ୍ରସ୍ତାବକୁ ଭାରତର ପ୍ରତ୍ୟାଖ୍ୟାନ।
- ରାଜୀବ ଗାନ୍ଧୀ ହତ୍ୟା ଷଡଯନ୍ତ୍ରର ତଦନ୍ତ କରୁଥିବା ଜୈନ କମିଶନ ନିକଟରେ ହାଜର ହେବା ପାଇଁ ମୁଖ୍ୟ ନିର୍ବାଚନ କମିଶନର ଟି.ଏନ୍. ଶେଷାନଙ୍କୁ ନୋଟିସ୍।

## ଚିରନ୍ତନୀ

ସକଳ ଧରା ଅଙ୍ଗେ ମହା କମ୍ପନ ହେ କମ୍ପନ
ପଉଷ-ଶେଷ ସନ୍ଧ୍ୟା ଘେନ ବନ୍ଦନ!
(ପଉଷ ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | | | | | | | 6 | | 2 | E | C | | 7 | 3 |
| 5 | | 2 | | 4 | | | 0 | | | A | | 6 | B | |
| | | | C | 3 | | B | 7 | | 8 | | | | | |
| B | | | 8 | | | | | 9 | | | | | | 4 |
| D | 9 | | | | | | | A | | | | | | C |
| | 0 | | | | 6 | | | | | 2 | B | | | |
| | | | | | 4 | | 5 | | | | 3 | A | E | |
| | 6 | | 1 | | | 3 | | | | | | 9 | | |
| | E | | D | | | 0 | | 7 | | | 1 | | | |
| | 4 | | 2 | | A | | | | | | | 7 | 5 | D |
| 7 | | | 0 | | | A | | 3 | | D | | 5 | | 1 |
| | | | | 9 | | | | 1 | | C | 0 | | 6 | |
| | | | 4 | | 1 | | | | | 5 | 2 | D | | E |
| | | | | 6 | | 7 | 4 | 5 | | | | | | A |
| | | | | | | D | | B | 9 | | | 3 | 4 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 2 | 7 | 1 | E | 9 | 4 | 0 | 6 | D | A | 8 | B | 5 | C |
| 6 | D | A | 8 | 7 | C | 5 | 1 | 9 | 0 | B | 2 | 3 | E | 4 |
| E | 9 | C | 2 | 6 | B | D | A | 3 | 4 | 7 | 5 | 1 | 8 | 0 |
| 4 | B | 1 | 0 | 5 | A | 7 | 8 | 2 | 3 | E | C | 6 | D | 9 |
| 0 | 8 | 5 | 3 | D | 4 | E | C | B | 6 | 9 | 1 | 7 | A | 2 |
| 1 | 5 | 4 | C | 8 | 7 | B | 3 | D | 9 | 2 | A | 0 | 6 | E |
| D | 6 | 2 | A | 0 | 5 | 9 | 4 | 7 | B | 8 | E | C | 1 | 3 |
| 8 | 0 | 3 | B | 9 | 6 | 2 | E | C | 5 | 1 | 4 | A | 7 | D |
| A | C | 9 | E | 2 | D | 1 | 6 | 8 | 7 | 0 | 3 | 4 | B | 5 |
| B | 7 | E | 4 | 3 | 1 | A | 5 | 0 | C | D | 6 | 9 | 2 | 8 |
| 2 | 1 | 6 | 9 | A | 0 | 8 | D | 4 | E | 3 | 7 | 5 | C | B |
| 9 | 4 | D | 6 | 1 | E | 3 | 7 | 5 | 2 | C | B | 8 | 0 | A |
| C | A | 0 | 7 | B | 3 | 6 | 9 | E | 8 | 5 | D | 2 | 4 | 1 |
| 5 | 3 | 8 | D | 4 | 2 | C | B | 1 | A | 6 | 0 | E | 9 | 7 |
| 7 | E | B | 5 | C | 8 | 0 | 2 | A | 1 | 4 | 9 | D | 3 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନୀତି କ୍ଷେତ୍ରରୁ ଅପରାଧୀଙ୍କୁ ହଟାଇବ କିଏ

ମହାଶୟ,

ଧରିତ୍ରୀ (୨୮।୧)ର ସମ୍ପାଦକୀୟ 'ଧୁଆ ଅଧୁଆ ସମାନ' ପାଠକରି ବିସ୍ମିତ ହେଲି। ପ୍ରଥମେ ଦେଶର ଭୋଟର ସମାଜକୁ ଦାୟୀ କରାଯିବା ଠିକ୍ ହେବ। ଅପରାଧୀ ବାରମ୍ବାର ନିର୍ବାଚନରେ ଜୟଯୁକ୍ତ ହେଉଛନ୍ତି। ଏମାନଙ୍କୁ ଭୋଟ ଦେଇ ବିଜୟୀ କରାଉଛି କିଏ? ଜେଲରେ ଥାଇ ଏମ୍‌ପି ଭୋଟ ଜିତିଛନ୍ତି। ସଂସଦରେ ୪୬ ଶତାଂଶ ସାଂସଦ କୌଣସି ନା କୌଣସି ଅପରାଧ ସହ ସଂଶ୍ଳିଷ୍ଟ। ସବୁ ରାଜନୈତିକ ଦଳ ଏମାନଙ୍କୁ ଟିକେଟ ପ୍ରଦାନ କରିବା କ'ଣ ଠିକ୍? ଏମାନଙ୍କଠୁ ଲୋକେ ପଇସା ନେଇ ଭୋଟ ଦେଲେ। ତେଣୁ ରାଜନୀତି କ୍ଷେତ୍ରରୁ ଅପରାଧୀଙ୍କୁ ହଟାଇବ କିଏ?

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ଗୀତାର ପ୍ରାସଙ୍ଗିକତା

ଧରିତ୍ରୀ(୧।୨)ରୁ ଶରତ ଚନ୍ଦ୍ର ମିଶ୍ରଙ୍କର ଲେଖା 'ଗୀତାର ପ୍ରାସଙ୍ଗିକତା' ପଢ଼ିଲି। ଲେଖାଟି ବହୁତ ଉପାଦେୟ ହୋଇଛି, ସେଥିରେ ଆମର ଦ୍ୱିରୁକ୍ତି ନାହିଁ। କିନ୍ତୁ ସେଥିରେ ଗୋଟିଏ ତ୍ରୁଟି ମୋ ନଜରକୁ ଆସିଲା। ଲେଖାର ୨ୟ ଧାଡିରେ ମହାଶୟ ଲେଖିଛନ୍ତି ଭୀଷ୍ମପର୍ବର ୩ୟ ଅଧ୍ୟାୟରୁ ୪୨ଶ ଅଧ୍ୟାୟକୁ ଭଗବତ୍ ଗୀତା କହନ୍ତି। ୩ୟରୁ ୪୨ ଯାଏ ହେଉଛି ୪୦ ଅଧ୍ୟାୟ। କିନ୍ତୁ ଆମେ ଜାଣୁ ଭଗବତ୍ ଗୀତା ହେଉଛି ୧୮ ଅଧ୍ୟାୟବିଶିଷ୍ଟ, ଯାହା ଭୀଷ୍ମପର୍ବର ୨୫ଶ ଅଧ୍ୟାୟରୁ ୪୨ଶ ଅଧ୍ୟାୟ ଯାଏ ବ୍ୟାପ୍ତ। ପୁଣି ସେ ୯ମ ଧାଡିରେ ଲେଖିଛନ୍ତି ଗୀତା ୭୦୧ ଶ୍ଳୋକବିଶିଷ୍ଟ। କିନ୍ତୁ ଆମେ ଜାଣୁ ଗୀତାରେ ସମୁଦାୟ ୭୦୦ ଶ୍ଳୋକ ଅଛି। ଏହା ହୁଏତ ମୁଦ୍ରାପ୍ରମାଦ ହୋଇପାରେ। ତେବେ ପାଠକମାନେ ଠିକ୍ ଜିନିଷ ଜାଣିବା ଉଚିତ ବୋଲି ମନେକରି ମୁଁ ଏ ମତ ଦେଲି, ଲେଖକଙ୍କର ଭୁଲ୍ ଦର୍ଶାଇ ସମାଲୋଚନା କରିବା ମୋର ଉଦ୍ଦେଶ୍ୟ ନୁହେଁ।

ଅଶୋକ ନାୟକ, ashok10031960@gmail.com

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓପିଟିସିଏଲ ପକ୍ଷରୁ ୪୯ତମ ଜାତୀୟ ସୁରକ୍ଷା ଦିବସ ପାଳନ, କୃଷି ଭବନ ଅଡିଟୋରିୟମ, ପୂର୍ବାହ୍ନ ୧୦ଟା ୩୦।
- ଓଏସ୍ଏଏଫଏଆଇଆଇ ପକ୍ଷରୁ ୩ୟ ରାଜ୍ୟ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କନକ୍ଲେଭ, ହୋଟେଲ ସ୍ୱସ୍ତି ପ୍ରିମିୟମ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ୫ମ ଦ୍ୱିବାର୍ଷିକ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବ, ଭଞ୍ଜକଳା ମଣ୍ଡପ,ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୨ଟା।
- ମସରୁମ ଟିମ ପକ୍ଷରୁ ବାର୍ଷିକ ଫଟୋ ପ୍ରଦର୍ଶନର ଉଦ୍‌ଯାପନ ଉତ୍ସବ, ଲଳିତ କଳା ଏକାଡେମୀ, ଅପରାହ୍ନ ୫ଟା ୩୦।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଜାତୀୟ ନାଟ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଓଡ଼ିଆ ସାହିତ୍ୟ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

**କଟକ**

- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆଦିବାସୀ ନୃତ୍ୟ ଓ ସଙ୍ଗୀତ ଉତ୍ସବ, ବାରବାଟୀ ଷ୍ଟାଡିୟମ, ଅପରାହ୍ନ ୫ଟା ୩୦।

# ୧୯ ବର୍ଷରେ ବେଷ୍ଟ ସେଲିଂ ଲେଖକ

**ଭୁବନେଶ୍ୱର,୩।୩(ବ୍ୟୁରୋ)**



**ଇଞ୍ଜିନିୟର ଟର୍ନଡ୍ ରାଇଟର୍ 'ପୀୟୂଷ'**

ପ୍ୟାଶନ ଆଗରେ ହାର୍ ମାନିଛି ବୟସ। ଲେଖିବାର ମନିଶା ୧୯ ବର୍ଷୀୟ ପୀୟୂଷ ଗୁପ୍ତାଙ୍କୁ ଦେଇଛି ନୂଆ ପରିଚୟ। ବି.ଟେକ୍ ଦ୍ୱିତୀୟ ବର୍ଷରେ ପଢୁଥିବା ଏହି ଯୁବ ଲେଖକ ଆମାଜନ୍‌ରେ ବେଷ୍ଟ ସେଲିଂ ଲେଖକ ହେବାର ଗୌରବ ଅର୍ଜନ କରିଛନ୍ତି। ପୀୟୂଷଙ୍କ ଦ୍ୱାରା ଲିଖିତ ଇଂଲିଶ ଉପନ୍ୟାସ 'ଦି ଷ୍ଟୋରି ଦ୍ୟାଟ୍ ନେଭର୍ ଷ୍ଟାର୍ଟେଡ୍' ଗତ ଫେବୃୟାରୀ ମାସରେ ଇ-କମର୍ସ ୱେବ୍‌ସାଇଟ୍ ଆମାଜନ୍‌ରେ ସର୍ବାଧିକ ବିକ୍ରି ହୋଇଛି। ପ୍ରଥମଥର ପାଇଁ ଓଡ଼ିଶାର ଜଣେ ଯୁବ ଲେଖକଙ୍କୁ ଏଭଳି ସଫଳତା ମିଳିଛି।

ଇଞ୍ଜିନିୟର ଟର୍ନଡ୍ ରାଇଟର୍। ଭୁବନେଶ୍ୱରର କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି(ସିଇଟି)ରେ ଇଞ୍ଜିନିୟରିଂ ପଢୁଥିବା ପୀୟୂଷ ଏବେ ପାଲଟିଛନ୍ତି ଜଣେ ଜଣାଶୁଣା ଲେଖକ। ଗତବର୍ଷ ତାଙ୍କ ଦ୍ୱାରା ଲିଖିତ ପ୍ରଥମ ପୁସ୍ତକ 'ଟେକ୍ନିକାଲି, ଆଇ ଲଭ୍ ୟୁ' ଲୋକାର୍ପିତ ହେବା ପରେ ଏହା ପାଠକଙ୍କ ଦ୍ୱାରା ବିଶେଷ ଆଦୃତ ହୋଇଥିଲା। ପ୍ରେମ ଓ ରୋମାନ୍ସ ଉପରେ ଆଧାରିତ ଏହି ଉପନ୍ୟାସ ପୁସ୍ତକ ଅଥର୍ ପେଜ୍ ପକ୍ଷରୁ 'ବେଷ୍ଟ ଡେବ୍ୟୁ ନୋବେଲ୍' ଆୱାର୍ଡ ପାଇଥିଲା। ପ୍ରଥମ ପୁସ୍ତକର ଲୋକପ୍ରିୟତା ପରେ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ସେ ଦ୍ୱିତୀୟ ପୁସ୍ତକ 'ଦି ଷ୍ଟୋରି ଦ୍ୟାଟ୍ ନେଭର୍ ଷ୍ଟାର୍ଟେଡ୍' ଲେଖା ଆରମ୍ଭ କରିଥିଲେ। ନିକଟରେ ଏହା ଲୋକାର୍ପିତ ହୋଇଥିବାବେଳେ ଆମାଜନ୍‌ରେ ବିକ୍ରି ପାଇଁ ଉପଲବ୍ଧ ହୋଇଥିଲା। ମାତ୍ର କିଛିଦିନ ମଧ୍ୟରେ ଏହା କ୍ରାଇମ୍, ଥ୍ରିଲର୍ ଓ ମିଷ୍ଟ୍ରି ସେକ୍ସନରେ ଶ୍ରେଷ୍ଠ ପୁସ୍ତକଭାବେ ବିବେଚିତ ହୋଇଥିଲା। ବାସ୍ତବ ଘଟଣାରୁ ଅନୁପ୍ରାଣିତ ହୋଇ ଏହି ପୁସ୍ତକ ସେ ଲେଖିଥିବାବେଳେ ଏଥିରେ କ୍ରାଇମ୍, ସସ୍‌ପେନ୍ସ ଓ ରୋମାନ୍ସର ରୋମାଞ୍ଚକର କାହାଣୀ ରହିଛି। ବିଶେଷକରି ବର୍ତ୍ତମାନ ସମୟରେ ମହିଳାଙ୍କ ସପକ୍ଷରେ ଥିବା ଆଇନର ଫାଇଦା ଉଠାଇ କେତେକ ମହିଳା ମିଥ୍ୟା ବଳାତ୍କାର ମାମଲାରେ କିଭଳି ନିର୍ଦ୍ଦୋଷଙ୍କୁ ଦୋଷୀ ସାବ୍ୟସ୍ତ କରୁଛନ୍ତି ତାହାକୁ ନେଇ ଏହାର କାହାଣୀ ଗତିଶୀଳ ହୋଇଛି। ଆମ ଚାରିପାଖେ ଘଟୁଥିବା ବାସ୍ତବ ଘଟଣାର ନିଚ୍ଛକ ପ୍ରତିଛବି ଏଥିରେ ପ୍ରତିଫଳିତ ହୋଇଛି ବୋଲି ପୀୟୂଷ କହିଛନ୍ତି।




ନିଜର ଏହି ସଫଳତା ସମ୍ପର୍କରେ ପୀୟୂଷ କୁହନ୍ତି, କଲେଜ ଜୀବନର ପ୍ରଥମବର୍ଷରୁ ଲେଖାଲେଖି ଆରମ୍ଭ କରିଥିଲି। ପ୍ରଥମେ ରୋମାନ୍ସ ଉପରେ ଲେଖିବା ପରେ ଏଥର କିଛି ଭିନ୍ନ ଲେଖିବାକୁ ଚାହିଁଲି। ମୁଁ ବହୁତ ଖବରକାଗଜ ପଢ଼େ। ଅନେକ ସମୟରେ ନିର୍ଦ୍ଦୋଷଙ୍କୁ ମିଥ୍ୟା ବଳାତ୍କାର ମାମଲାରେ ଫସାଇ ଦିଆଯାଇଥିବା ମୋ ନଜରକୁ ଆସେ। ସେହିଠାରୁ ହିଁ ଏହି ଉପନ୍ୟାସର କାହାଣୀ ମୋ ଭାବନାକୁ ଆସିଥିଲା। ଗତବର୍ଷ ଜାନୁୟାରୀରୁ ଲେଖିବା ଆରମ୍ଭ କରିଥିଲି। ଆଗକୁ ଆହୁରି ବହି ଲେଖିବି ବୋଲି ଭାବୁଛି। ବହି ପଢୁ ପଢୁ ମୁଁ ଦିନେ ହଠାତ୍ ଲେଖିବା ପାଇଁ ଚିନ୍ତା କରିଥିଲି ଓ ତା' ପରଠାରୁ ଲେଖୁଛି। ଏହା ଏବେ ମୋର ଅଭ୍ୟାସ ହୋଇଗଲାଣି। ଜାତୀୟସ୍ତରରେ ଓଡ଼ିଆ ଲେଖକଙ୍କୁ କିଭଳି ସ୍ୱତନ୍ତ୍ର ପରିଚୟ ମିଳିବ ତାହା ମୋର ଲକ୍ଷ୍ୟ। ଯେଉଁମାନେ ଲେଖିବା ପାଇଁ ଭାବୁଛନ୍ତି, ହେଲେ କେଉଁଠାରୁ ଆରମ୍ଭ କରିବେ ଜାଣି ପାରୁନାହାନ୍ତି, ସେମାନଙ୍କୁ ମୁଁ ଏତିକି କହିବି ଯେ, ଯେତେ ପାରୁଛ ସେତେ ପଢ। ବଡ଼ ବଡ଼ ଲେଖକ କ'ଣ ଲେଖୁଛନ୍ତି ଓ କେମିତି ଲେଖୁଛନ୍ତି ତାହା ଜାଣ। ଯାହାର ଏଥିପ୍ରତି ଦୁର୍ବଳତା ଥିବ ସେ ନିଶ୍ଚୟ ଦିନେ ନା ଦିନେ ସଫଳ ହେବ।


**ପୂର୍ବ ମଧ୍ୟ ରେଳପଥ**

**ଇ-ଟେଣ୍ଡର ବିଜ୍ଞପ୍ତି**

ଇ-ଟେଣ୍ଡର ନଂ. ୨୦୧୯/ଡବ୍ଲ୍ୟୁପି/ବିଜିପିଏଲ୍/ଇଏନ୍‌ଜିଜି/ଡବ୍ଲ୍ୟୁଟି-୧୬ (ଖୋଲା) ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିମ୍ନଲିଖିତ ବିବରଣୀ ଅନୁଯାୟୀ ଇ-ଟେଣ୍ଡର (ଖୋଲା) ଆମନ୍ତ୍ରଣ କରାଯାଉଛି । (୧) କାର୍ଯ୍ୟର ନାମ ଓ ଏହାର ଅବସ୍ଥିତି: ବାଘୁପାଳ, ପୂର୍ବତଟ ରେଳପଥଠାରେ ଆର୍‌ଓଏଚ୍ ଶେଡ୍‌ର ନିର୍ମାଣ ସଂକ୍ରାନ୍ତରେ କମ୍ପୋଜିଟ୍ କାର୍ଯ୍ୟ (ସିଭିଲ, ଇଲେକ୍ଟ୍ରିକାଲ, ମେକାନିକାଲ ଓ ଟେଲିକମ୍) ଯାହା ମଧ୍ୟରେ ଆର୍‌ଓଏଚ୍ ଶେଡ୍, ହ୍ୱିଲ୍ ଲେଦ୍ ଶେଡ୍ ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ ବିଲ୍ଡିଂ (ସର୍ଭିସ୍ ବିଲ୍ଡିଂ ଇତ୍ୟାଦି)ର ନିର୍ମାଣ, ଜଳ ଯୋଗାଣ ପ୍ରଣାଳୀ, ଡ୍ରେନେଜ୍ ପ୍ରଣାଳୀ, ଟ୍ରାକ୍ କାର୍ଯ୍ୟ, ସଡ଼କ କାର୍ଯ୍ୟ, ତତ୍‌ସମ୍ପର୍କିତ ଟେଲିକମ୍ କାର୍ଯ୍ୟ ଅନ୍ତର୍ଭୁକ୍ତ । (୨) କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ.୩୨,୯୦,୨୪,୮୨୨.୨୪, (୩) ଜମା କରାଯିବାକୁ ଥିବା ଅମାନତ ରାଶି: ଟ.୧୭,୯୫,୧୦୦.୦୦ (୪) ଇ-ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୨୩।୦୩।୨୦୨୦ରିଖ ୧୩.୦୦ ଘଟିକାରେ, (୫) ୱେବ୍‌ସାଇଟ୍ ସୂଚନା ଏବଂ ନୋଟିସ୍ ବୋର୍ଡ ଅବସ୍ଥିତି ଯେଉଁଠାରେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଦେଖାଯାଇପାରିବ ଓ ଡାଉନ୍‌ଲୋଡ୍ କରାଯାଇପାରିବ: ଟେଣ୍ଡରର କେବଳ ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍ www.ireps.gov.inରୁ ଡାଉନ୍‌ଲୋଡ୍ ଓ ବିଡ୍ କରାଯାଇପାରିବ। ଅନ୍ୟ କୌଣସି ସୂଚନା ପାଇଁ ଦୟାକରି ଚିଫ୍ ଇଞ୍ଜିନିୟର୍-I/ୱାର୍କଶପ୍ ପ୍ରୋଜେକ୍ଟସ୍, ଭାରତୀୟ ରେଳପଥ, ଚାମ୍ବର୍ ଭବନ, ୪ର୍ଥ ମହଲା (ଇଞ୍ଜିନିୟରିଂ ବିଭାଗ) ଜେ.ସି. ରୋଡ୍, ପାଟନା-୮୦୦୦୦୧ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

ସିଏଓ/ଡବ୍ଲ୍ୟୁପି/ପାଟନା
PR/2352/WPO/Engg./T/19-20/40


# ନୃତ୍ୟରେ ଡି.ଲିଟ୍. ପାଇଲେ ଶ୍ରୀନିବାସ ଘଟୁଆରୀ

**ଭୁବନେଶ୍ୱର,୩।୩(ବ୍ୟୁରୋ)**

ଜଣାଶୁଣା ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ନୃତ୍ୟ ସଂଯୋଜକ ଡ. ଶ୍ରୀନିବାସ ଘଟୁଆରୀ ଆଉଏକ ସଫଳତା ହାସଲ କରିଛନ୍ତି। ସେ ୟୁନିଭର୍ସିଟି ଅଫ୍ ସେଣ୍ଟ୍ରାଲ ଆମେରିକାରୁ ନୃତ୍ୟରେ ଡି. ଲିଟ୍ ଉପାଧି ଲାଭ କରିଛନ୍ତି। 'ଶାସ୍ତ୍ରୀୟ ନୃତ୍ୟରେ ସଖୀଭାବର ମହତ୍ତ୍ୱପୂର୍ଣ୍ଣ ଭୂମିକା ଓ ତା'ର ପ୍ରଭାବ' ଶୀର୍ଷକ ବିଷୟ ଉପରେ ଗବେଷଣା କରି ସେ ଏହି ଉପାଧି ଲାଭ କରିଛନ୍ତି। ଏହି ଉପାଧି ପାଇବା ସହ ସେ ଓଡ଼ିଶାକୁ ଅନ୍ତର୍ଜାତୀୟସ୍ତରରେ ଗୌରବାନ୍ୱିତ କରିଛନ୍ତି।




## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



ଲିଟୁ



ପଦ୍ମ



ସୁଶୀଲ



ଶୁଭସ୍ମିତା



ଭିନ୍ସନ୍

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/


ପାନୀୟ ଜଳ ଏବଂ ସ୍ୱଚ୍ଛତା ବିଭାଗ
ଜଳ ଶକ୍ତି ମନ୍ତ୍ରଣାଳୟ
ଭାରତ ସରକାର
सत्यमेव जयते

10.3 କୋଟିରୁ ଊର୍ଦ୍ଧ୍ୱ ପରିବାରକୁ ଶୌଚାଳୟର ସୁବିଧା ଦେଇ
ଗ୍ରାମୀଣ ଭାରତ ହୋଇଛି ସ୍ୱଚ୍ଛ ଭାରତ ଏବଂ ଓଡିଏଫ୍ ଭାରତ

स्वच्छ भारत
एक कदम स्वच्छता की ओर

ଆସନ୍ତୁ, ଏବେ ମିଳିମିଶି ଗଢ଼ିବା ଓଡିଏଫ୍ ପ୍ଲସ୍ ଭାରତ

"ସ୍ୱଚ୍ଛ ଭାରତର ସଫଳତା ଏକ ସୋପାନ ମାତ୍ର ଏବଂ
ଆମର ଉଦ୍ଦେଶ୍ୟ ହେଉଛି ସଫଳତାକୁ ନିରନ୍ତରତାରେ ବଦଳାଇବା।"
- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



ଆମେ ସମସ୍ତେ ସ୍ୱଚ୍ଛ ଭାରତ ମିଶନ୍ (ଗ୍ରାମୀଣ) ଫେଜ୍ 2ରେ
ଯୋଗଦେବା ଏବଂ ନିମ୍ନଲିଖିତ ସଂକଳ୍ପ ନେବା:

- ଶୌଚାଳୟର ବ୍ୟବହାର ଓ ରକ୍ଷଣାବେକ୍ଷଣ: ସବୁ ଲୋକ, ସବୁ ଦିନ, ସର୍ବଦା
- କଠିନ ଓ ତରଳ ବର୍ଜ୍ୟବସ୍ତୁର ପ୍ରଭାବୀ ପ୍ରବନ୍ଧନ
- ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ

ସ୍ୱଚ୍ଛ ଭାରତ ମିଶନ୍ (ଗ୍ରାମୀଣ)ର ସଫଳତାର ପ୍ରଭାବ

davp 35301/13/0013/1920

- ଡାଇରିଆ ଏବଂ ଅପପୁଷ୍ଟିରୁ 3,00,000 ଜୀବନ ରକ୍ଷା (WHO 2018)
- ଖୋଲାରେ ଶୌଚମୁକ୍ତ ଗ୍ରାମଗୁଡ଼ିକରେ ରୋଗ ପିଛା ଖର୍ଚ୍ଚରେ ପ୍ରତି ପରିବାରର ପ୍ରତିବର୍ଷ 50,000 ଟଙ୍କା ସଞ୍ଚୟ (UNICEF 2017)
- 50 କୋଟିରୁ ଅଧିକ ଲୋକଙ୍କ ଶୌଚାଳୟ ପ୍ରୟୋଗ ଦ୍ୱାରା ବ୍ୟବହାର ପରିବର୍ତ୍ତନ

ପ୍ରତ୍ୟେକ କାମ ଦେଶର ନାମରେ

## ସଂକ୍ଷେପରେ

### ନିଲାମ ଖଣିକୁ ଏଲ୍‌ଓଆଇ ପ୍ରଦାନ

ଭୁବନେଶ୍ୱର,୩।୩(ବ୍ୟୁରୋ): ରାଜ୍ୟର ୧୯ ଖଣିର ନିଲାମ ପ୍ରକ୍ରିୟା ଗତ ଫେବୃୟାରୀ ୧୮ରେ ସମାପ୍ତ ହୋଇଛି। ଏହି ପ୍ରକ୍ରିୟାରେ ଖଣି ହାତେଇଥିବା କମ୍ପାନୀମାନଙ୍କୁ ରାଜ୍ୟ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ଲେଟର୍ ଅଫ୍ ଇଣ୍ଟେଟ୍(ଏଲ୍‌ଓଆଇ) ପ୍ରଦାନ କରାଯାଇଛି। ଏନେଇ ସୋମବାର ବିଭାଗ ପକ୍ଷରୁ ବିଭିନ୍ନ କମ୍ପାନୀକୁ ଚିଠି କରାଯାଇଛି। ବିଭାଗୀୟ ଅଧିକାରୀ ତଥା ଯୁଗ୍ମ ସଚିବ ମଞ୍ଜୁଲତା ସ୍ୱାଇଁଙ୍କ ପକ୍ଷରୁ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଲିଃ, ସିରାଜୁଦ୍ଦିନ ଆଣ୍ଡ କୋ ଏବଂ ଆର୍ସେଲର ମିତ୍ତଲ ଇଣ୍ଡିଆ ପ୍ରାଃ ଲିଃ ପ୍ରମୁଖଙ୍କୁ ଚିଠି ଲେଖାଯାଇଛି। ଏହି ସବୁ ଚିଠିରେ ନିଲାମ ପ୍ରକ୍ରିୟା, ଏହାର ପରବର୍ତ୍ତୀ ନିୟମ, କମ୍ପାନୀମାନଙ୍କ ପାଇଁ ରଖାଯାଇଥିବା ସର୍ତ୍ତ ଇତ୍ୟାଦି ସମ୍ପର୍କରେ ଉଲ୍ଲେଖ କରାଯାଇଛି। କେନ୍ଦୁଝର ଜିଲାର ଠାକୁରାଣୀ ଲୁହାପଥର ଖଣିକୁ ଆର୍ସେଲର ମିତ୍ତଲକୁ, ନାରାୟଣପୋଷୀ ଲୁହାପଥର ଖଣି ଜେଏସ୍‌ଡବ୍ଲ୍ୟୁ ଏବଂ ବଡ କାଳିମାଟି ଲୁହାପଥର ଖଣି ସିରାଜୁଦ୍ଦିନକୁ ମିଳିଛି। ଉପରୋକ୍ତ ୩ କମ୍ପାନୀକୁ ସଂପୃକ୍ତ ଖଣିଗୁଡିକ ପାଇଁ ଲେଟର ଅଫ୍ ଇଣ୍ଟେଟ୍ ପ୍ରଦାନ କରାଯାଇଛି।

### ପ୍ରସ୍ତୁତ ହେଲା ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା ଚିଠା ରୁଲ୍-୨୦୨୦

ଭୁବନେଶ୍ୱର,୩।୩(ବ୍ୟୁରୋ): ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ଖାଦ୍ୟ ନିରାପତ୍ତା(ଟାର୍ଗେଟେଡ ପବ୍ଲିକ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ)ଚିଠା ରୁଲ୍-୨୦୨୦ ପ୍ରକାଶ କରିଛନ୍ତି। ଚୂଡ଼ାନ୍ତ ରୁଲ୍ ପ୍ରସ୍ତୁତ ହେବା ପୂର୍ବରୁ ଏ ନେଇ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଜନସାଧାରଣ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ମତାମତ ଲୋଡ଼ାଯାଇଛି। ଜାତୀୟ ଖାଦ୍ୟ ନିରାପତ୍ତା ଆଇନ-୨୦୧୩ ବ୍ୟବସ୍ଥା ଅନୁଯାୟୀ ଏହି ରୁଲ୍ ପ୍ରସ୍ତୁତ କରାଯାଇଛି। ଏଥିରେ ବିଭିନ୍ନ ବିଷୟ ବିସ୍ତୃତ ଭାବେ କରାଯାଇଛି। ପୂର୍ବରୁ ଉକ୍ତ ଆଇନ କାର୍ଯ୍ୟକାରୀ କରିବା ନେଇ କେବଳ ବିଜ୍ଞପ୍ତି ପ୍ରକାଶ କରାଯାଉଥିଲା। ଚିଠା ରୁଲ୍ ଆଇନ ବିଭାଗର ଅନୁମୋଦନ ପରେ ଚୂଡ଼ାନ୍ତ ରୁଲ୍‌ରେ ପରିଣତ ହେବ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି ଚିଠା ରୁଲ୍‌ରେ ହିତାଧିକାରୀ ଚିହ୍ନଟ ପାଇଁ ୧୧ଟି ଏବଂ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେବାକୁ ୯ଟି କ୍ରାଇଟେରିଆ ରହିଛି। ପୂର୍ବରୁ ମଧ ଏହି ଆଧାରରେ ହିତାଧିକାରୀ ଚୟନ କରାଯାଉଥିଲା। ରାଜ୍ୟ ସରକାର ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ପାଇଁ ଅଭିଯୋଗ ରିଡ୍ରେସାଲ ସେଲ, ନିଃଶୁଳ୍କ ନମ୍ବର ଏବଂ ୱେବସାଇଟ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଯଦି ରାଜ୍ୟ ସରକାର ମାସର ତୃତୀୟ ସପ୍ତାହ ସୁଦ୍ଧା ରାଶନ ଦେଇ ନ ପାରିବେ ତେବେ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଭତ୍ତା ଦେବାକୁ ପଡ଼ିବ।

# ଖେଳୁଥିବା ବେଳେ ବିସ୍ଫୋରଣ: ୩ ନାବାଳକ ଆହତ

ହିଞ୍ଜିଳିକାଟୁ,୩।୩(ଡି.ଏନ୍.ଏ.)

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ସୋମପୁର ଗ୍ରାମରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୯ରେ ବିସ୍ଫୋରଣ ଘଟି ୩ ନାବାଳକ ଆହତ ହୋଇଛନ୍ତି। ପାହାଡରୁ ପଥର ଫଟାଇବା ପାଇଁ ବ୍ୟବହୃତ ଡିଟୋନେଟରରେ ବ୍ୟାଟେରି ସଂଯୋଗବେଳେ ଏହି ବିସ୍ଫୋରଣ ଘଟିଛି। ଆହତମାନେ ହେଲେ ସୋମପୁରର ବାଦଲ ଗୌଡ(୧୦), ନାରାୟଣ ଗୌଡ(୧୨) ଓ ଶ୍ରୀଧର ଗୌଡ(୧୦)।

ସୋମପୁରଠାରେ ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ୍ (ଓପିଟିସିଏଲ୍) ପକ୍ଷରୁ ପାୱାର ଗ୍ରୀଡ୍ ନିର୍ମାଣ ହେଉଛି। ସେଠାରେ ଥିବା ଏକ ଛୋଟ ପାହାଡକୁ ସମତୁଲ କରିବାକୁ ପଥର ଫଟାଯାଉଛି। ଉକ୍ତ ସ୍ଥାନଟି ବାଦଲଙ୍କ ବାଡିପଟୁ ପ୍ରାୟ ୫୦ମିଟର ଦୂର। ବାଦଲ ସାଙ୍ଗ ନାରାୟଣ ଓ ଶ୍ରୀଧରଙ୍କ ସହ ପୂର୍ବାହ୍ନ ପ୍ରାୟ ୯ଟାରେ ନିର୍ମାଣସ୍ଥଳକୁ ଯାଇଥିଲେ। ସେଠାରେ ପଡିଥିବା ଏକ ଡିଟୋନେଟର ଆଣି ୩ ସାଙ୍ଗ ଖେଳୁଥିଲେ। ଡିଟୋନେଟରରୁ ବାହାରିଥିବା ତାରରେ କୌତୂହଳବଶତଃ ସେମାନେ ଏକ ବ୍ୟାଟେରି ସଂଯୋଗ କରିବାବେଳେ ତାହା ବିସ୍ଫୋରଣ ହୋଇଥିଲା। ଏଥିରେ ବାଦଲଙ୍କ ୨ ଆଙ୍ଗୁଠି ଛିଡିଯାଇଥିଲା। ଶବ୍ଦ ଶୁଣି ପରିବାର ଲୋକେ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ୩ ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଖବର ପାଇ ପୋଲିସ ଗ୍ରାମରେ ପହଞ୍ଚି ତଦନ୍ତ ଚଳାଇଛି। ମାତ୍ର ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ଅଭିମନ୍ୟୁ ଦାଶ କହିଛନ୍ତି।

ସୂଚନାଯୋଗ୍ୟ ଯେ, ସୋମପୁର ନିକଟ ସିଙ୍ଗିପୁର, ଘୋଡେଇଶୁଣୀ ପାହାଡରେ ପଥର ଫଟାଇବା ପାଇଁ ବହୁଳ ପରିମାଣରେ ଡିଟୋନେଟର ବ୍ୟବହାର ହେଉଛି। ବିଭିନ୍ନ ସମୟରେ ଅଫୁଟା ଡିଟୋନେଟରଗୁଡିକ ସେଠାରେ ଏଣେତେଣେ ପଡି ରହୁଛି। ପାୱାର ଗ୍ରୀଡ୍ ନିର୍ମାଣ ପାଇଁ ମଧ ବଡ ବଡ ପଥରକୁ କମ୍ପ୍ରେସର ବଦଳରେ ଡିଟୋନିଟେର ବ୍ୟବହାର କରି ଫଟା ଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମାତ୍ର ଓପିଟିସିଏଲର ବ୍ରହ୍ମପୁର ଡିଜିଏମ୍ ଦିଲୀପ କୁମାର ମହାନ୍ତି ଏହାକୁ ଅସ୍ୱୀକାର କରିଛନ୍ତି। ବ୍ରେକର ଦ୍ୱାରା ପଥର ଭଙ୍ଗାଯାଉଥିବା ସେ କହିଛନ୍ତି। ସେହିପରି ସୋମପୁର ନିକଟ ପାହାଡ ସଇରାତକୁ ୩ ବର୍ଷ ହେଲା ଲିଜ୍ ଦିଆଯାଇନାହିଁ ବୋଲି ହିଞ୍ଜିଳିକାଟୁ ତହସିଲଦାର ଗୋପୀନାଥ କୁଅଁର କହିଛନ୍ତି।



ଆହତ ନାବାଳକଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଉଛି।

## ୬ରେ ଲୋକାର୍ପିତ ହେବ ବିଜୁବାବୁ ଜୀବନ କାହାଣୀ ପୁସ୍ତକ

ଭୁବନେଶ୍ୱର,୩।୩(ବ୍ୟୁରୋ)

ବିଜୁବାବୁଙ୍କ ଦୁଃସାହସିକ ଜୀବନ କାହାଣୀ ଉପରେ ଆଧାରିତ ଏକ ପୁସ୍ତକ 'ଆଡ୍‌ଭେଞ୍ଚର୍ସ ଅଫ୍ ଦି ଡେୟାରଡେଭିଲ ଡେମୋକ୍ରାଟ' ଆସନ୍ତା ୬ ତାରିଖ ସକାଳ ୧୧ଟାରେ ସ୍ଥାନୀୟ ଏକ ହୋଟେଲରେ ଲୋକାର୍ପିତ ହେବ। ବିଜୁବାବୁଙ୍କ ୧୦୪ ତମ ଜନ୍ମତିଥି ପାଳନ ଅବସରରେ ଏହି କାର୍ଯ୍ୟକ୍ରମ କଳିଙ୍ଗ ଫାଉଣ୍ଡେଶନଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପୁସ୍ତକକୁ ଲୋକାର୍ପିତ କରିବେ। ସମ୍ମାନିତ ଅତିଥି ଭାବେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ପୁସ୍ତକ ବିଜୁ ବାବୁଙ୍କ ଅନନ୍ୟ ବ୍ୟକ୍ତିତ୍ୱ ସମ୍ପର୍କରେ ପ୍ରେରଣା ଦେବ। ନୂଆଦିଲ୍ଲୀର ଏକ ପ୍ରତିଷ୍ଠିତ ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ ଓ ଶ୍ରୀ ପ୍ରଭାଶଙ୍କରଙ୍କ ଦ୍ୱାରା ପ୍ରସ୍ତୁତ ପୁସ୍ତକରେ ପିଲାମାନଙ୍କୁ ଅନୁପ୍ରାଣିତ କରିବା ପାଇଁ ଚିତ୍ରକଥା ଶୈଳୀରେ ବିଜୁବାବୁଙ୍କ ଦୁଃସାହସୀ ଅଭିଯାନର କାହାଣୀମାନ ରହିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ବିଜୁବାବୁଙ୍କ ବର୍ମା ଅଭିଯାନ ଓ ରୁଷର ଷ୍ଟାଲିନାର୍ଡରେ ନାଜି ସେନାଙ୍କ ଦ୍ୱାରା ଘେରାବନ୍ଦୀ ହୋଇଥିବା ଲାଲ ବାହିନୀକୁ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଇ ନିଶ୍ଚିତ ପରାଜୟରୁ ରକ୍ଷା କରିବା ପାଇଁ ତାଙ୍କର ଦୁଃସାହସିକ ବିମାନ ଅଭିଯାନ ଇତିହାସର ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା। ବିଜୁ ବାବୁ ଥିଲେ ଯେପରି ଦୁଃସାହସିକ, ଠିକ୍ ସେହିପରି ସେ ଥିଲେ ଜଣେ ଦୂରଦ୍ରଷ୍ଟା ଗଣପ୍ରେମୀ ରାଷ୍ଟ୍ରନେତା । ବର୍ଷିଆନ ସ୍ୱାଧୀନତା ସଂଗ୍ରାମୀ କଳିଙ୍ଗ ଫାଉଣ୍ଡେଶନ ଟ୍ରଷ୍ଟର ସଭାପତି ଭବାନୀ ଚରଣ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିବେ।

## ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ଦଶମ ସମାବର୍ତ୍ତନ ଉତ୍ସବ ଆଜି

ବାଲେଶ୍ୱର ଅଫିସ, ୩।୩

ବାଲେଶ୍ୱର ଜିଲା ରେମୁଣାସ୍ଥିତ ବ୍ୟାସବିହାରଠାରେ ୧୯୯୯ ଜୁଲାଇ ୧୧ରେ କଥାସମ୍ରାଟ ଫକୀରମୋହନ ସେନାପତିଙ୍କ ନାମାନୁସାରେ ପ୍ରତିଷ୍ଠା ହୋଇଥିଲା ଫକୀରମୋହନ ବିଶ୍ୱବିଦ୍ୟାଳୟ । ୨୧ ବର୍ଷରେ ପଦାର୍ପଣ କରିଥିବା ତଥା ନାକ୍ ମାନ୍ୟତା ପ୍ରାପ୍ତ ଏହି ବିଶ୍ୱବିଦ୍ୟାଳୟ ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗ୍‌ରେ ୧୫୧-୨୦୦ ଭିତରେ ସ୍ଥାନ ପାଇଛି। ଏହି ଶିକ୍ଷାନୁଷ୍ଠାନ ତା'ର ଦଶମ ସମାବର୍ତ୍ତନ ଉତ୍ସବ ବୁଧବାର ପାଳନ କରିବାକୁ ଯାଉଛି। ନୂଆପାଢ଼ୀ ସ୍ଥିତ ବିଶ୍ୱବିଦ୍ୟାଳୟର ନୂତନ ପରିସରରେ ଓଡ଼ିଶାର ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଅଧକ୍ଷତାରେ ଆୟୋଜିତ ହେବାକୁ ଥିବା ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ବେଦ୍ ପ୍ରକାଶ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ବାଲେଶ୍ୱରର କେତେଜଣ ବୁଦ୍ଧିଜୀବୀ, ରାଜନେତା, ଖବରଦାତା ଓ ଲେଖକଙ୍କ ମିଳିତ ସହଯୋଗରେ ୧୯୭୮ ଅକ୍ଟୋବର ୨ରେ ଟାଉନହଲଠାରେ ଏହାର ଭିତ୍ତିଭୂମି ପାଇଁ ଉଦ୍ୟମ କରାଯାଇଥିଲା। ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ରବୀନ୍ଦ୍ର ମୋହନ ଦାସ, ବାଲେଶ୍ୱରର ବରପୁତ୍ର ମଇନୁଦ୍ଦିନ ଅହମ୍ମଦ ଓ ବରିଷ୍ଠ ଆଇନଜୀବୀ କୃଷ୍ଣ ଚରଣ ମହାନ୍ତିଙ୍କ ଅଦମ୍ୟ ପରିଶ୍ରମ ଫଳରେ ଓଡ଼ିଶାସରକାରଙ୍କ ସକାରାତ୍ମକ ଦୃଷ୍ଟି ପାଇ ୧୯୯୯ରେ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପ୍ରଥମେ ୫ଟି ବିଭାଗକୁ ନେଇ ଉକ୍ତ ବିଶ୍ୱବିଦ୍ୟାଳୟ ଆରମ୍ଭ ହୋଇଥିବାବେଳେ ୨୦୧୮ରୁ ନିୟମିତ ନୂତନ ୧୦ଟି ବିଭାଗରେ ଶିକ୍ଷାଦାନ ଚାଲିଛି। ଶିକ୍ଷା ତଥା ଆନୁଷଙ୍ଗିକ କ୍ଷେତ୍ରରେ ଉତ୍କର୍ଷ ଲାଗି ବିଶ୍ୱବିଦ୍ୟାଳୟ ପକ୍ଷରୁ ନିରନ୍ତର ପ୍ରଚେଷ୍ଟା ଜାରି ରହିଛି। ତେବେ ଏହି ଶିକ୍ଷାନୁଷ୍ଠାନ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁ, ଏହା କାମନା କରିଛନ୍ତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମଧୁମିତା ଦାସ।

**ଉତ୍କର୍ଷ ଲାଗି ଜାରି ରହିଛି ପ୍ରଚେଷ୍ଟା**



## ବିଜୁ ଜୟନ୍ତୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା, ରକ୍ତଦାନ ଶିବିର

ଭୁବନେଶ୍ୱର,୩।୩(ବ୍ୟୁରୋ)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କର ୧୦୪ତମ ଜୟନ୍ତୀ ଗୁରୁବାର ପାଳନ ହେବାକୁ ଯାଉଛି। ଏହି ଅବସରରେ ଭୁବନେଶ୍ୱରସ୍ଥିତ ଦଳୀୟ ରାଜ୍ୟ କାର୍ଯ୍ୟାଳୟରେ ପୂର୍ବାହ୍ନ ୮ଟା ୩୦ମିନିଟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବ। ଏଥିସହିତ ସେହିଦିନ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ମଧ ଆୟୋଜନ କରାଯିବ। ଏହି ଜୀବନ ବିନ୍ଦୁ କାର୍ଯ୍ୟକ୍ରମକୁ ବିଜୁ ଯୁବ ଜନତା ଦଳ ଏବଂ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏକ ସମୟରେ କରାଯିବ। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହିକାର୍ଯ୍ୟକ୍ରମରେ ଉପସ୍ଥିତ ରହିଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିବେ ବୋଲି ଜଣାପଡିଛି। ମଙ୍ଗଳବାର ବିଜେଡି ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ ଦାସବର୍ମା ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମନ କହୁଛି ରଜା ହେବାକୁ**
**କରମ କହୁଛି ଘାସ କାଟିବାକୁ**

ମନ ଉପରେ କାହାର ଆୟତ୍ତ ନ ଥାଏ । ମନ ସବୁବେଳେ ଭଲ ଚାହିଁ ଥାଏ। ପରନ୍ତୁ ମନ ଯାହା ଚାହେଁ ସବୁବେଳେ ତାହା ପୂରଣ ହୋଇପାରି ନ ଥାଏ। ପରୋକ୍ଷରେ କର୍ମ ହିଁ ଜୀବନଯାତ୍ରାର ଅସଲ ସହଚର। କର୍ମ ଓ ଭାଗ୍ୟ ଏକାଠି ହେଲେ ଲୋକ ଐଶ୍ୱର୍ଯ୍ୟ ଭୋଗ କରେ। ଯେତେ ଇଚ୍ଛା କଲେ ଭାଗ୍ୟରେ ନ ଥିଲେ ଭଲ ଫଳ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମନ ଚୋରଙ୍କୁ ପଲଙ୍କ ସୁପାତି**
**ଧନ ଚୋରକୁ ଧକ୍କା**
**ଚମ ଚୋରକୁ ଦି ଗାଲରେ କଳା**
**ଅଜଣା ଚୋରକୁ ବକା ।**

ଯିଏ ମନକୁ ଚୋରି କରିଥାଏ ସେ ହିଁ ଆପଣାର ବା ପ୍ରିୟ ହୋଇଥାଏ। ଟଙ୍କା ପଇସା ଚୋରାଇ ନେଉଥିବା ଚୋରକୁ ମାଡ଼ ଦିଆଯାଇଥାଏ। ଲମ୍ପଟ ବ୍ୟକ୍ତିଙ୍କୁ ନିନ୍ଦା ଅପମାନ ମିଳିଥାଏ। ସେହିପରି ଅଜଣା ଚୋରକୁ ଗାଳିମନ୍ଦ କରାଯାଇଥାଏ। ଉପରବର୍ଣ୍ଣିତ ବ୍ୟକ୍ତିଙ୍କୁ ନିଜସ୍ୱ ବିଚାର ଏବଂ ଶୈଳୀରେ ଉପଯୁକ୍ତ ଶାସ୍ତି ଦିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃ ଲିଃ

# ହତ୍ୟାକାରୀ ମା'ଙ୍କୁ ଆଜୀବନ ଜେଲ

ଆଠମଲ୍ଲିକ,୩।୩(ଡି.ଏନ.ଏ.)

- କୂଅରେ ଫିଙ୍ଗି ୩ ଶିଶୁଙ୍କୁ କରିଥିଲେ ହତ୍ୟା
- ପାରିବାରିକ କଳହ, ମାନସିକ ଅଶାନ୍ତି କାରଣ
- ଗଞ୍ଜେଇ ମାମଲାରେ ସ୍ୱାମୀ ଯାଇଥିଲେ ଜେଲ୍

୨୦୧୬ରେ ୩ ଶିଶୁପୁତ୍ରଙ୍କୁ କୂଅରେ ଫିଙ୍ଗି କରାଯାଇଥିବା ଏକ ହତ୍ୟା ମାମଲାର ବିଚାର କରି ମଙ୍ଗଳବାର ଅନୁଗୋଳ ଜିଲା ଆଠମଲ୍ଲିକ ଆଡିଶିନାଲ୍ ସେସନ୍ ଜଜ୍ ଏସ୍.ଆର୍. ସାମନ୍ତ ଅଭିଯୁକ୍ତା ମା' ଶୋଭାଙ୍ଗିନୀ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫୦ ହଜାର ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ସ୍ଥଳେ କୋର୍ଟ ଅଧିକ ୨ ବର୍ଷ ଜେଲ୍ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଅତିରିକ୍ତ ପିପି ଅସିତ ରଞ୍ଜନ ଦେଓ ଏହି ମାମଲା ପରିଚାଳନା କରିଥିଲେ।

ବିବରଣୀରୁ ପ୍ରକାଶ ଯେ, କିଶୋରନଗର ଥାନା ଗୁରୁଜାଙ୍ଗ ଗ୍ରାମର ବିନୋଦ ବେହେରା ଏକ ଗଞ୍ଜେଇ ମାମଲାରେ ଜେଲ୍ ଯିବା ପରେ ତାଙ୍କ ପରିବାରରେ ଆର୍ଥିକ ସଙ୍କଟ ଦେଖାଦେଇଥିଲା। ଏହାକୁ ନେଇ ସର୍ବଦା କଳହ ହେଉଥିବାରୁ ସ୍ତ୍ରୀ ଶୋଭାଙ୍ଗିନୀଙ୍କ ମାନସିକ ଅଶାନ୍ତି ବଢ଼ିଯାଇଥିଲା। ଏହି କାରଣରୁ ଶୋଭାଙ୍ଗିନୀ ନିଜର ୩ ଶିଶୁପୁତ୍ର ବୃନ୍ଦାବନ ବେହେରା (୪ବର୍ଷ), ରୋହିତ ବେହେରା (ଅଢ଼େଇ ବର୍ଷ) ଓ ରୋହନ ବେହେରା (୮ ମାସ)ଙ୍କୁ ସେପ୍ଟେମ୍ବର ୧୦, ୨୦୧୬ ପୂର୍ବାହ୍ନ ୧୦ଟାରେ କୂଅରେ ପକାଇ ମାରିଦେଇଥିଲେ। ଏ ନେଇ ତାଙ୍କ ଶ୍ୱଶୁର ବସନ୍ତ ବେହେରା କିଶୋରନଗର ଥାନାରେ ଅଭିଯୋଗ କରିଥିଲେ। କିଶୋରନଗର ପୋଲିସ ନଂ. ୮୧/୨୦୧୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ସେହିଦିନ ରାତିରେ ବାଦିର ନାଳ ନିକଟରୁ ଅଭିଯୁକ୍ତା ଶୋଭାଙ୍ଗିନୀଙ୍କୁ ଗିରଫ କରିଥିଲା। ପଚରାଉଚରା ବେଳେ ପାରିବାରିକ କଳହ ଓ ମାନସିକ ଅଶାନ୍ତି କାରଣରୁ ଅଭିଯୁକ୍ତା ଏହି ହତ୍ୟାକାଣ୍ଡ ଘଟାଇଥିବା ତତ୍କାଳୀନ ଆଠମଲ୍ଲିକ ଏସ୍‌ଡିପିଓ ଗୋପାଳକୃଷ୍ଣ ଷଡ଼ଙ୍ଗୀ ସେତେବେଳେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏ ନେଇ ପୋଲିସ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଦୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS BUSINESS

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ । ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No.
07488344055

BUSINESS
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ ।
ମାସିକ ଭଡା - ୯୦,୦୦୦/-, ଆଡଭାନ୍ସ - ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748
9667567752

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

DHARITRI Career appointment Every Wednesday and Saturday

INDUS TOWER LTD
କୌଣସୀ ଖର୍ଚ୍ଚ ନାହିଁ ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
8882906098

FINANCE FINANCE

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାସନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ।
2% ସୁଧ | 40% ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ରଃ 75992-54565
89012-71684
94506-10896

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି । ସୁଧ 2%, ବିଶେଷ ରିହାତି ଅଛି । ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ ଋଣ
8929889612
7290830466
Shahajahanabad, Bhopal (MP)

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

REAL ESTATE SALE

SPACE FOR OFFICE RENT
2000 sqft each available on 2nd & 3rd floor in well furnished with lift arrangement at Mancheswar Ind. Estate, BBSR. Interested person may contact through
Box No- 387,
PRAVAT KU. PRADHAN,
C/o- Dharitri, B-15,
Industrial Estate, Rasulgarh,
Bhubaneswar-751010
Mob:- 7978361405


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ବଲିଉଡ୍ ଅଭିନେତା ରଣବୀରଙ୍କୁ ହ୍ରିତିକ୍ ରୋଶନ କପି କରିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ହ୍ରିତିକ୍ ଦୁବାଇରେ ଅଛନ୍ତି। ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ହ୍ରିତିକ୍ ଏକ ଫଟୋ ଶେୟାର କରିଛନ୍ତି। ଏଥିରେ ଲାଲ ରଙ୍ଗର ଏକ ଶର୍ଟ ପିନ୍ଧିଥିବା ବେଳେ ଗାମୁଛାକୁ ଲୁଙ୍ଗି ପରି ପିନ୍ଧିଛନ୍ତି।





# ଚାପମୁକ୍ତ ଜୀବନ ପାଇଁ ପର୍ଯ୍ୟାପ୍ତ ନିଦ

**ୱାଶିଂଟନ:** ମଣିଷ ବହୁ ପଛରେ ଛାଡ଼ି ଆସିଲାଣି ସ୍ୱାଭାବିକ ଜୀବନଶୈଳୀ। ଧୀରେ ଧୀରେ ବଦଳୁଛି ସବୁକିଛି। ଯେମିତି କି ଶୋଇବା ସମୟରେ କାମ ଆଉ କାମ ସମୟରେ ଶୋଇବା। ଜଙ୍କ୍‌ଫୁଡ୍ ଫିଭର। ସୋସିଆଲ ମିଡିଆ ସାଇଟ୍‌ରେ ଘଣ୍ଟା ଘଣ୍ଟା ବିତାଇବା। ନାଇଟ୍ ଆଉଟ୍। ଏପରି ପରିବର୍ତ୍ତିତ ଜୀବନଶୈଳୀ ମୋଟାପଣ, ଡାଇବେଟିସ୍, ହୃଦରୋଗ ଭଳି ବ୍ୟାଧିକୁ ଡାକି ଆଣୁଛି। ଏବେ ଏଥିରେ ଯୋଡ଼ିହୋଇଛି ଆଉ ଏକ ଜଟିଳ ରୋଗ ନିଦ୍ରାହୀନତା। ଏଥିରେ ସବୁଠାରୁ ବେଶି ପ୍ରଭାବିତ ହେଉଛି ବାଲ୍ୟାବସ୍ଥା। ଜଟିଳ ପରିସ୍ଥିତିରେ ନିଜକୁ ଚାପମୁକ୍ତ ରଖିବା ଲାଗି ପର୍ଯ୍ୟାପ୍ତ ନିଦ ଏକ ପ୍ରମୁଖ ଆବଶ୍ୟକତା ବୋଲି ଦାବି କରିଛନ୍ତି ମିଚିଗାନ ୟୁନିଭର୍ସିଟି ଏବଂ ଫୋର୍ଡହେମ ୟୁନିଭର୍ସିଟିର ବିଶେଷଜ୍ଞ। ନିଦ୍ରାହୀନତାରୁ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ଜୀବନ କେତେ ପ୍ରଭାବିତ ହୁଏ? ଏପରି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ସର୍ଭେ କରାଯାଇଥିଲା। ଯେଉଁଥିରୁ ଏହା ସ୍ପଷ୍ଟ ହୋଇଥିବା ପ୍ରଫେସର ୟିଜିହେ ବାଗ୍ ଏବଂ ତାଙ୍କ ସହଯୋଗୀ ଟିଫ୍‌ନୀ ପିୟ କହିଛନ୍ତି।

ହାଇସ୍କୁଲରେ ପଢୁଥିବା ସମୟରେ ସାଧାରଣତଃ ପିଲାମାନେ ସାମାଜିକ ଜୀବନଶୈଳୀ ସହିତ ଅ ଭ୍ୟସ୍ତ ହୁଅନ୍ତି। ଦୈନନ୍ଦିନ ରୁଟିନ, ପାଠପଢ଼ାର ଚାପ, ବଦଳୁଥିବା ଶାରୀରିକ ପରିବର୍ତ୍ତନ, ବିଭିନ୍ନ କ୍ଷେତ୍ରରେ ଭେଦଭାବର ଶିକାର ହେବା ଏବଂ ଏସବୁରେ ସନ୍ତୁଳନ ରକ୍ଷା କରି ଆଗେଇବା ସେମାନଙ୍କ ପକ୍ଷେ କାଠିକର ହୋଇପଡ଼େ। ଏଥିରେ ଜଣେ ମାନସିକସ୍ତରରେ ଚାପଗ୍ରସ୍ତ ହେବା ସ୍ୱାଭାବିକ। ଏହାର ସିଧାସଳଖ ପ୍ରଭାବ ସେମାନଙ୍କ ନିଦ ଉପରେ ପଡ଼ିଥାଏ। ଅନେକ ସମୟରେ ସେମାନେ ନିଦ୍ରାହୀନତାର ଶିକାର ହୋଇଥାନ୍ତି। ହେଲେ ଠିକ୍ ସମୟରେ ଉଚିତ ନିଦ ସେମାନଙ୍କୁ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ସାମର୍ଥ୍ୟ ଯୋଗାଇଥାଏ। ଏହାକୁ ପ୍ରମାଣିତ କରିବାକୁ ସର୍ଭେରେ ସାମିଲ ହୋଇଥିବା ପ୍ରତିଯୋଗୀଙ୍କୁ ଏକ୍ଟିଗ୍ରାଫି ଘଣ୍ଟା ପିନ୍ଧିବାକୁ ଦିଆଯାଇଥିଲା। ଗୋଟିଏ ମିନିଟ୍ ଅନ୍ତରାଳରେ ସେମାନଙ୍କ ଶାରୀରିକ ଗତିବିଧି ଉପରେ ନଜର ରଖାଯାଉଥିଲା। ଶୋଇବା ଆଗରୁ ସେମାନଙ୍କୁ ଏକ ଟାସ୍କ ଦିଆଯାଇଥିଲା। ସେମାନଙ୍କୁ ଦିନର ସବୁଠାରୁ ଚାପଗ୍ରସ୍ତ ସମୟ ଏବଂ ଏହି ସମୟରେ ସେମାନେ କାହାକୁ ବେଶି ଲୋଡ଼ିଥିଲେ ବୋଲି ଲେଖିବାକୁ କୁହାଯାଇଥିଲା। ଅଧିକାଂଶ ପିଲା ଚାପ ସମୟରେ ନିଜ ବନ୍ଧୁଙ୍କ ଆବଶ୍ୟକତା ବେଶି ଅନୁଭବ କରୁଥିବା ଉଲ୍ଲେଖ କରିଥିଲେ। ଏହାର ଅର୍ଥ ନୁହେଁ, ଅଭିଭାବକମାନେ ପିଲାଙ୍କ ଚାପ ଦୂର କରିବାକୁ ଉଦ୍ୟମ କରି ନ ଥାନ୍ତି। ସେମାନେ ହିଁ ସନ୍ତାନ ସହିତ ଅଧିକ ସମୟ ବିତାଇଥାନ୍ତି। ଛୁଆ ଚାପମୁକ୍ତ ପରିବେଶରେ ବଞ୍ଚନ୍ତୁ ବୋଲି ସେମାନେ ଚାହାନ୍ତି। ହେଲେ ଅନେକ ସମୟରେ ଅଭିଭାବକଙ୍କ ଆଗରେ ପିଲାମାନେ ମନର କଥା ଖୋଲି କହିପାରି ନ ଥାନ୍ତି। ତେଣୁ ସେମାନେ ସାଙ୍ଗସାଥୀଙ୍କୁ ଅଧିକ ଖୋଜିଥାନ୍ତି। ସୋସିଆଲ ମିଡିଆର ନିୟନ୍ତ୍ରିତ ବ୍ୟବହାର ଏବଂ ମନର କଥା ପରିପ୍ରକାଶ କରିପାରିଲେ ଛାତ୍ରଜୀବନ ଚାପମୁକ୍ତ ହୋଇପାରିବ ବୋଲି ଟିଫ୍‌ନୀ ପିୟ କହିଛନ୍ତି।

# ସ୍ତ୍ରୀଙ୍କୁ ପିଠିରେ ବୋହି ଦୌଡ଼ନ୍ତି ସ୍ୱାମୀ

## ୩୦୦ ବର୍ଷର ନିଆରା ପରମ୍ପରା

**ଡ୍ରୋର୍କିଙ୍ଗ୍:** ପୃଥିବୀର ବିଭିନ୍ନ ଅଞ୍ଚଳର ଭିନ୍ନ ଭିନ୍ନ ପରମ୍ପରା ରହିଛି। ବ୍ରିଟେନ୍‌ରେ ଏକ ପରମ୍ପରା ଅନୁସାରେ ସ୍ୱାମୀମାନେ ସ୍ତ୍ରୀଙ୍କୁ ପିଠିରେ ବୋହି ଏକ ଉତ୍ସବରେ ଦୌଡ଼ିଥାନ୍ତି। ପ୍ରତିବର୍ଷ ଏହି ଉତ୍ସବ ମାର୍ଚ୍ଚ ମାସରେ ଅନୁଷ୍ଠିତ ହୋଇଥାଏ। ଗତ ୩୦୦ ବର୍ଷ ଧରି ଏହି ପରମ୍ପରା ଏଠାରେ ପାଳିତ ହୋଇ ଆସୁଛି। ଚଳିତ ବର୍ଷ ଏହି ଉତ୍ସବ ଡ୍ରୋର୍କିଙ୍ଗ୍‌ଠାରେ ଆୟୋଜିତ ହୋଇଥିଲା। ଏହି ଅବସରରେ ୪୦୦ ମିଟର ଦୌଡ଼ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ୧୫୦ ଜଣ ସ୍ୱାମୀ ସେମାନଙ୍କ ସ୍ତ୍ରୀଙ୍କୁ ପିଠିରେ ବୋହି ଦୌଡ଼ିଥିଲେ। ବିଜେତାଙ୍କୁ ୧୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଦୌଡ଼ ପ୍ରତିଯୋଗିତାର ନିୟମ ଅନୁସାରେ ସ୍ତ୍ରୀଙ୍କ ଓଜନ ୫୦ କିଲୋ ହେବା ଆବଶ୍ୟକ। ତେଣୁ ଏହି ପ୍ରତିଯୋଗିତା ପାଇଁ ମହିଳାମାନେ ୩ ମାସ ପୂର୍ବରୁ ସେମାନଙ୍କ ଓଜନ କମାଇବାରେ ଲାଗିଥାନ୍ତି।



# ପୃଥିବୀ ଉପରେ ନଜର ରଖିବ ଜିସାଟ୍-୧

## ୫ରେ ହେବ ଉତ୍କ୍ଷେପଣ

**ଶ୍ରୀହରିକୋଟା:** ପୃଥିବୀ ଉପରେ କଡ଼ା ନଜର ରଖିବା ପାଇଁ ଇସ୍ରୋ ପକ୍ଷରୁ ମାର୍ଚ୍ଚ ୫ରେ ଶ୍ରୀହରିକୋଟାସ୍ଥିତି ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଜିସାଟ୍-୧ର ଉତ୍କ୍ଷେପଣ କରାଯିବ। ଅପରାହ୍ନ ୫ଟା ୪୩ରେ ଜିଏସ୍‌ଏଲ୍‌ଭି-ଏଫ୍-୧୦ ସହାୟତାରେ ଏହାକୁ ମହାକାଶକୁ ଉତ୍କ୍ଷେପଣ କରାଯିବ। ଏହାକୁ ପୃଥିବୀଠାରୁ ୩୬ ହଜାର କିମି ଦୂର କକ୍ଷପଥରେ ଅବସ୍ଥାପିତ କରାଯିବ। ଏହା ପାଣିପାଗ ସୂଚନା ଦେବା ସହିତ ଅନ୍ୟ ଆବଶ୍ୟକ ତଥ୍ୟ ଓ ଫଟୋ ଉପଲବ୍ଧ କରାଇବ। ୨,୨୬୮ କିଗ୍ରା ଓଜନ ବିଶିଷ୍ଟ ଏହି ଉପଗ୍ରହର ଉତ୍କ୍ଷେପଣ ପାଇଁ ୧୮ ମିନିଟ୍ ୩୯ ସେକେଣ୍ଡ ଲାଗିବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ୨୨୮୦ ୱାଟ୍ କ୍ଷମତା ଥିବା ଜିସାଟ୍-୧ ଆଗାମୀ ୭ ବର୍ଷ ପାଇଁ କାର୍ଯ୍ୟ କରିବାକୁ ସକ୍ଷମ ହେବ। ଅନୁକୂଳ ପାଗ ରହିଲେ ଏହାର ଉତ୍କ୍ଷେପଣ କରାଯିବ ନଚେତ କାର୍ଯ୍ୟକ୍ରମକୁ ବାତିଲ ମଧ୍ୟ କରାଯାଇ ପାରେ ବୋଲି ଇସ୍ରୋ ପକ୍ଷରୁ ସୂଚନା ଦିଆଯାଇଛି।



# ଶିବଲିଙ୍ଗ ପୂଜା କରୁଛନ୍ତି ମୁସଲମାନ ପରିବାର

**ଗୁଆହାଟୀ:** ଦେଶରେ ଧର୍ମ, ଜାତି, ସମ୍ପ୍ରଦାୟ ମଧ୍ୟରେ ବାଦବିବାଦ ଜାରି ରହିଥିବା ବେଳେ ଆସାମର ଏକ ମୁସଲମାନ୍ ପରିବାର ସାମ୍ପ୍ରଦାୟିକ ସଦ୍‌ଭାବର ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ଏହି ପରିବାର ଦୀର୍ଘ ୫୦୦ ବର୍ଷ ଧରି ଶିବଲିଙ୍ଗଙ୍କୁ ପୂଜା କରିଆସୁଛନ୍ତି। ପ୍ରାୟ ୮ ପିଢ଼ି ଧରି ସେମାନେ ଏହା କରିଆସୁଛନ୍ତି। ସ୍ଥାନୀୟ ରଙ୍ଗମହଲ ଗାଁରେ ଥିବା ଶିବ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ଏହି ମୁସଲମାନ୍ ପରିବାର ଉପରେ ରହିଛି। ମନ୍ଦିରର ଦାୟିତ୍ୱ ପିଢ଼ି ପରେ ପିଢ଼ି ବିଭିନ୍ନ ସଦସ୍ୟଙ୍କ ପାଖକୁ ଆସିଛି। ସମ୍ପ୍ରତି ମତିବୁର୍ ରହେମାନ୍ ଶିବ ମନ୍ଦିରର ରକ୍ଷଣାବେକ୍ଷଣ କରୁଛନ୍ତି।



ପ୍ରତିଦିନ ସକାଳୁ ଉଠି ସେ ନମାଜ୍ ପାଠ ପରେ ମନ୍ଦିରରେ ପୂଜା ଆରମ୍ଭ କରନ୍ତି। ମତିବୁର୍ ମହାଦେବଙ୍କୁ ସ୍ନେହରେ ଅଜା ବୋଲି ଡ଼ାକନ୍ତି। ମତିବୁର୍ କୁହନ୍ତି, ମହାଦେବ ହେଉଛନ୍ତି ତାଙ୍କ ମା'ଙ୍କର ପିତା ଭଳି। ପ୍ରତିଦିନ ମନ୍ଦିରରେ ହିନ୍ଦୁ ଓ ମୁସଲମାନ୍ ସମ୍ପ୍ରଦାୟର ଲୋକେ ପୂଜା କରିବାକୁ ଆସିଥାନ୍ତି। ମନ୍ଦିରଟି ସର୍ବଧର୍ମ ସମନ୍ୱୟର ଏକ ପୀଠ ଭାବେ ଖ୍ୟାତି ହାସଲ କରିଛି। ପ୍ରତିବର୍ଷ ଜାଗରରେ ସେଠାରେ ବଡ଼ ମେଳାର ଆୟୋଜନ ହୋଇଥାଏ। ତେବେ ମନ୍ଦିରର ସଫାସୁତୁରା ଓ ରକ୍ଷଣାବେକ୍ଷଣା ଦାୟିତ୍ୱ ନିଜେ ମତିବୁର ବୁଝିଥାନ୍ତି।

# ଗଙ୍ଗା ଆଳତିରେ ସାମିଲ ହେଲେ ସାରା

**ବାରାଣସୀ:** ବଲିଉଡ୍ ନାୟିକା ସାରା ଅଲି ଖାଁ ତାଙ୍କ ଅପ୍‌କମିଂ ଫିଲ୍ମର ଶୁଟିଂ ପାଇଁ ସୋମବାର ବାରାଣସୀ ପହଞ୍ଚିଛନ୍ତି। ସେଠାରେ ସେ ସୋମବାର ସନ୍ଧ୍ୟାର ଗଙ୍ଗା ଆଳତିରେ ଯୋଗ ଦେଇଥିବା ଦେଖାଯାଇଛି। ଏହାସହ ସେ ଗଙ୍ଗାରେ ନୌବିହାର ମଧ୍ୟ କରିଥିଲେ। ଏହାର କିଛି ଫଟୋ ସେ ସୋସିଆଲ ମିଡିଆରେ ଶେୟାର କରିବା ପରେ ଘଟଣା ସମ୍ପର୍କରେ ଜଣାପଡିଛି। ବାରାଣସୀ ପରେ ସେ କାଶୀ ଗସ୍ତ କରିଛନ୍ତି। ତାଙ୍କସହ ଅଛନ୍ତି ସାଉଥ୍ ଷ୍ଟାର ଧନୁଷ। ସେଠାରେ ମାର୍ଚ୍ଚ ୧ରୁ ଫିଲ୍ମର ଶୁଟିଂ ଆରମ୍ଭ ହୋଇସାରିଛି। କାଶୀ ଷ୍ଟେଶନରେ ଏହି ଫିଲ୍ମର ଶୁଟିଂ ୪-୬ ମାର୍ଚ୍ଚ ମଧ୍ୟରେ କରାଯିବାକୁ ଯୋଜନା ରହିଛି। ଉକ୍ତ ଫିଲ୍ମରେ ଏକ ବିହାରି ଝିଅର ଚରିତ୍ର ସହ ଡବଲ ରୋଲରେ ନଜର ଆସିବେ ସାରା। ଏହାସହ ଧନୁଷ ଜଣେ ଦକ୍ଷିଣ ଭାରତୀୟଙ୍କ ଭୂମିକାରେ ନଜର ଆସିବେ। ମାର୍ଚ୍ଚ ୫ରେ ଚନ୍ଦୋଲିର ଖୁରୁଝା ଗାଁରେ ସାରାଙ୍କର କିଛି ସିନ୍ ଶୁଟିଂ କରାଯିବାକୁ ଥିବା ବେଳେ ଏବେ ସେ ନଦେସରର ଏକ ହୋଟେଲରେ ରହିଥିବା କୁହାଯାଉଛି। ଏହି ଫିଲ୍ମରେ ବଲିଉଡ୍ ଖିଲାଡି ବୟ ଅକ୍ଷୟ କୁମାର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ନଜର ଆସିବେ ବୋଲି ଶୁଣିବାକୁ ମିଳିଛି।



# ରୋମାନ୍ସ ପାଇଁ ସମୟ ନାହିଁ

## ୩୩ ବର୍ଷରେ ପାଦ ଥାପିଲେ ଶ୍ରଦ୍ଧା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ମଙ୍ଗଳବାର ୩୩ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୮୭ ମାର୍ଚ୍ଚ ୩ରେ ମୁମ୍ବାଇଠାରେ ଜନ୍ମଗ୍ରହଣ କରିଥିଲେ। ପିତା ଶକ୍ତି କପୁର ଫିଲ୍ମ ଇଣ୍ଡଷ୍ଟ୍ରିରେ ଥିବାରୁ ବଲିଉଡ୍‌ରେ ଅଭିନୟ କରିବା ପାଇଁ ପିଲାଟି ଦିନରୁ ତାଙ୍କର ଇଚ୍ଛାଥିଲା। ତାଙ୍କ ଅଭିନୀତ ଆଶିକ୍-୨ ବକ୍ସ ଅଫିସ୍‌ରେ ବେଶ୍ ସଫଳ ରହିଥିଲା। ବଲିଉଡ୍‌ର ଲଭର ବୟ ଆଦିତ୍ୟ ରାୟ କପୁର ଏବଂ ଫରହାନ୍ ଅଖତରଙ୍କ ସହିତ ତାଙ୍କର ରୋମାନ୍ସ ନେଇ କିଛିଦିନ ତଳେ ନାନା ଖବର ମିଳୁଥିଲେ ମଧ୍ୟ ଶ୍ରଦ୍ଧା ଏନେଇ ମୁହଁ ଖୋଲି ନ ଥିଲେ। ତେବେ ପ୍ରଥମେ କ୍ୟାରିୟର ଏହାପରେ ପ୍ରେମ ବୋଲି ଏକ ସାକ୍ଷାତ୍‌କାରରେ ଶ୍ରଦ୍ଧା କହିଥିଲେ। ଏବେ ସେ ଇଣ୍ଡଷ୍ଟ୍ରିରେ ନିଜର ସ୍ଥିତି ସୁଦୃଢ଼ କରୁଥିବା କହିଛନ୍ତି। ରୋମାନ୍ସ ପାଇଁ ତାଙ୍କ ପାଖରେ ସମୟ ନାହିଁ ବୋଲି ସେ ନିଜ ପ୍ରଶଂସକଙ୍କ ଉଦ୍ଦେଶ୍ୟରେ କହିଥାନ୍ତି। ଖୁବ୍ ଶୀଘ୍ର ତାଙ୍କର ଅପ୍ କମିଂ ଫିଲ୍ମ ବାଗି-୩ ରିଲିଜ୍ ହେବ।



ଶ୍ରଦ୍ଧା କପୁର



ପ୍ରେମ ହିଁ ଭଗବାନ ଏବଂ ଭଗବାନ ହିଁ ପ୍ରେମ। - ସତ୍ୟସାଇ ବାବା



## ସଂକ୍ଷେପରେ

### ଏପ୍ରିଲ ୩ରୁ ନୂତନ ଶିକ୍ଷାବର୍ଷ ଆରମ୍ଭ

#### ୮ ପର୍ଯ୍ୟନ୍ତ ପ୍ରବେଶ ଉତ୍ସବ, ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୩।୩(ବ୍ୟୁରୋ):** ଏପ୍ରିଲ ୩ରୁ ନୂତନ ଶିକ୍ଷାବର୍ଷ ୨୦୨୦-୨୧ ଆରମ୍ଭ ହେବ। ସେହିଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ 'ପ୍ରବେଶ ଉତ୍ସବ' ପାଳନ କରାଯିବ। ଏ ନେଇ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ ସମସ୍ତ ଜିଲାପାଳ ତଥା ସମଗ୍ର ଶିକ୍ଷା ଅଧକ୍ଷଙ୍କୁ ଚିଠି ଲେଖିଛନ୍ତି। ସୂଚନାନୁସାରେ, ନୂତନ ଶିକ୍ଷାବର୍ଷ ପରିପ୍ରେକ୍ଷୀରେ ଶିକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକ, ଷ୍ଟାଣ୍ଡିଂ କମିଟି ସଦସ୍ୟ, ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ରାଜ୍ୟ ସଭ୍ୟ, ମାତାପିତା ସଂଘ, ମାତୃମଞ୍ଚ, ସ୍ଥାନୀୟ ସାମାଜିକ ଅନୁଷ୍ଠାନ, ଅବସରପ୍ରାପ୍ତ ଶିକ୍ଷକ, ବେସରକାରୀ ଅନୁଷ୍ଠାନ, ଅଙ୍ଗନୱାଡ଼ି କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରତିନିଧି, ଶିକ୍ଷାବିତ୍ ଓ ଛାତ୍ରୀଛାତ୍ର ସାମିଲ ହେବେ। ଏଥିରେ ଶିକ୍ଷା ଅଧିକାର ନିୟମ ସମ୍ପର୍କରେ ପ୍ଲାକାର୍ଡ ଓ ସ୍ଲୋଗାନ ମାଧ୍ୟମରେ ବାର୍ତ୍ତା ଦିଆଯିବ। ଏହାପରେ ବିଦ୍ୟାଳୟ ପରିଚାଳନା ସମିତି ଅଧକ୍ଷଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ ହେବ। ଏହି ଅବସରରେ ବିଦ୍ୟାଳୟର ଆଖପାଖ ଗ୍ରାମ ବା ପଡ଼ାରେ ଥିବା ୬ରୁ ୧୪ବର୍ଷ ବୟସର ପିଲାଙ୍କର ଏକ ତାଲିକା ପ୍ରସ୍ତୁତ କରାଯିବ। ନୂଆ ନାମ ଲେଖାଇବାକୁ ଥିବା, ଅଧାରୁ ପାଠପଢ଼ା ଛାଡ଼ିଥିବା, ଆଦୌ ନାମ ଲେଖି ନ ଥିବା ପିଲାଙ୍କ ନାମ ତାଲିକାରେ ଉଲ୍ଲେଖ ରହିବ। ଯେଉଁମାନେ ପିଲାଙ୍କ ତାଲିକା ପ୍ରସ୍ତୁତ କରିବେ ସେମାନେ ପିଲାଙ୍କ ଅଭିଭାବକଙ୍କୁ ନିକଟ ବିଦ୍ୟାଳୟରେ ନାମ ଲେଖାଇବାକୁ ବୁଝାଇବେ ବୋଲି ଚିଠିରେ ଉଲ୍ଲେଖ ରହିଛି। ୮ ତାରିଖ ପର୍ଯ୍ୟନ୍ତ ଏହି ପ୍ରବେଶ ଉତ୍ସବ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିବ। ୯ରେ 'ପୂର୍ଣ୍ଣ ଉପସ୍ଥାନ ଦିବସ' ଭାବେ ପାଳନ କରାଯିବ। ସେଦିନ ପିଲାଙ୍କୁ ଫୁଲ ଓ ଚନ୍ଦନ ଦେଇ ସ୍ୱାଗତ କରାଯିବା ସହିତ ପାଠ୍ୟପୁସ୍ତକ ବଣ୍ଟନ କରାଯିବ। ଏ ସମ୍ବନ୍ଧୀୟ ଖର୍ଚ୍ଚ ଜିଲା ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟରେ ଥିବା ଉପଲବ୍ଧ ଅର୍ଥରାଶିରୁ ବ୍ୟୟ କରାଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

# ପ୍ରେମିକାଙ୍କ ପରିବାର ଲୋକଙ୍କୁ ଗିରଫ ଦାବିରେ ରାସ୍ତାରୋକୋ



- ଯୁବକଙ୍କ ଆତ୍ମହତ୍ୟାକୁ ନେଇ ଭିନ୍ନ ମୋଡ଼
- ରାସ୍ତାରେ ମୃତଦେହ ରଖିଲେ, ଟାୟାର ଜାଳିଲେ

> ଏବେ ସୁଦ୍ଧା ସମସ୍ତ ଅଭିଯୋଗକୁ ଗ୍ରହଣ କରାଯାଇଛି। ପୋଲିସ ଆଇନ ଅନୁଯାୟୀ ସମସ୍ତ କାର୍ଯ୍ୟ କରିବ। ତଦନ୍ତରେ କୌଣସି ଚାପ ନାହିଁ। ପୋଲିସ ଉପରେ ହେଉଥିବା ଅଭିଯୋଗ ଭିତ୍ତିହୀନ।
> – ଅଖିଳେଶ୍ୱର ସିଂ, କଟକ ଡିସିପି

**କଟକ ଅଫିସ,୩।୩**

ମଙ୍ଗଳାବାଗ ଥାନା ଅଧୀନ ମହ୍ଲାସାହିର ବିଶ୍ୱନାଥ ଭୂୟାଁ(୨୫) ସୋମବାର ଅପରାହ୍ନ ୫ଟାରେ ବେକରେ ଗାମୁଛା ବାନ୍ଧି ଘରେ ଆତ୍ମହତ୍ୟା କରିଥିଲେ। ତେବେ ପ୍ରେମ ବ୍ୟାପାରକୁ ନେଇ ଏଭଳି ଘଟଣା ଘଟିଥିବା ଜଣାପଡିଛି। ଏହି ଆତ୍ମହତ୍ୟା ପାଇଁ ପ୍ରେମିକାଙ୍କ ପରିବାର ଲୋକଙ୍କୁ ଦାୟୀ କରିଛନ୍ତି ବିଶ୍ୱନାଥଙ୍କ ସମ୍ପର୍କୀୟ। ତୁରନ୍ତ ଘଟଣାର ଉପଯୁକ୍ତ ତଦନ୍ତ ଓ ପ୍ରେମିକାଙ୍କ ପରିବାର ଲୋକଙ୍କୁ ଗିରଫ ଦାବିରେ ମଙ୍ଗଳାବାଗ ଟ୍ରାଫିକ ନିକଟ ରାସ୍ତାରେ ବିଶ୍ୱନାଥଙ୍କ ମୃତଦେହ ରଖିବା ସହ ଟାୟାର ଜାଳି ସମ୍ପର୍କୀୟମାନେ ରାସ୍ତାରୋକୋ କରିଥିଲେ। ଫଳରେ ଗାଡି ଚଳାଚଳରେ ସମସ୍ୟା ହୋଇଥିଲା। ଖବରପାଇ ଡିସିପି ଅଖିଳେଶ୍ୱର ସିଂଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆଇନ ଅନୁଯାୟୀ ସମସ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ମଙ୍ଗଳବାର ରାତିରେ କାଳିଆବୋଦାସ୍ଥିତ ଶ୍ମଶାନରେ ବିଶ୍ୱନାଥଙ୍କ ମୃତଦେହ ସତ୍କାର କରାଯାଇଥିଲା।

### ୭ ଘଣ୍ଟା ବିଳମ୍ବରେ ପହଞ୍ଚିଲା ପୋଲିସ

ବିଶ୍ୱନାଥ ବେକରେ ଗାମୁଛା ବାନ୍ଧି ଫ୍ୟାନରେ ଝୁଲିଥିବା ସୋମବାର ଅପରାହ୍ନ ପ୍ରାୟ ୫ଟାରେ ପରିବାର ଲୋକେ ଦେଖିବା ପରେ ମଙ୍ଗଳାବାଗ ଥାନାକୁ ଖବର ଦେଇଥିଲେ। ହେଲେ ପୋଲିସ ରାତି ୧୨ଟାରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ତେବେ ୭ ଘଣ୍ଟା ବିଳମ୍ବରେ ପହଞ୍ଚିବାରୁ ପୋଲିସର ଦାୟିତ୍ୱହୀନତାକୁ ନେଇ ମୃତକଙ୍କ ସମ୍ପର୍କୀୟମାନେ ପ୍ରଶ୍ନ ଉଠାଇଥିଲେ।

### ସୁଇସାଇଡ୍ ନୋଟ୍ ଜବତ

ବିଶ୍ୱନାଥଙ୍କ ପାଖରୁ ପୋଲିସ ଏକ ସୁଇସାଇଡ୍ ନୋଟ ଜବତ କରିଥିଲା। ଯେଉଁଥିରେ ତାଙ୍କ ପ୍ରେମିକାଙ୍କ ବିବାହ ଅନ୍ୟତ୍ର ହେଉଛି ଓ ଏହାକୁ ସେ ସହି ନପାରି ଆତ୍ମହତ୍ୟା କରୁଛି ବୋଲି ଉଲ୍ଲେଖ ରହିଥିଲା। ଇଂଲିଶ ଅକ୍ଷରରେ ନିଜର କଥାକୁ ଓଡ଼ିଆ ଭାଷାରେ ବିଶ୍ୱନାଥ ଲେଖିଛନ୍ତି ବୋଲି ଜଣାପଡିଛି। ଏହାଛଡ଼ା ମୃତଦେହ ସତ୍କାର ସମୟରେ ତାଙ୍କ ଫୋନକୁ ଜାଳିଦେବା ପାଇଁ ମଧ ସୁଇସାଇଡ ନୋଟ୍‌ରେ ଉଲ୍ଲେଖ ଥିଲା।

### ପୋଷ୍ଟମର୍ଟମ ସମୟରେ ଆସିଲା ଟୁଇଷ୍ଟ

#### ଶାର୍ଟ ଖୋଲିବା ପରେ ପିଠିରେ ମାଡ଼ ଦାଗ

ବିଶ୍ୱନାଥଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ନେବାବେଳେ ଭିନ୍ନ ଘଟଣା ଦେଖିବାକୁ ମିଳିଥିଲା। ତାଙ୍କ ଶାର୍ଟ ଖୋଲିବା ବେଳକୁ ପିଠି ସାରା ମାଡ଼ ଦାଗ ରହିଥିଲା। ଏଣୁ ତାଙ୍କୁ ସୋମବାର ମାଡ଼ ମରାଯିବା ସହ ଆତ୍ମହତ୍ୟା କରିବାକୁ ବାଧ କରାଯାଇଛି ବୋଲି ପରିବାର ଲୋକେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଏଥିରେ ପରିବାର ଲୋକ ଓ ତାଙ୍କ ସମ୍ପର୍କୀୟମାନେ ପ୍ରେମିକାଙ୍କ ସମ୍ପର୍କୀୟଙ୍କୁ ଦାୟୀ କରିଥିଲେ।

### ମାଟ୍ରିକ ପରୀକ୍ଷା ଦେଇଥିଲେ

ବିଶ୍ୱନାଥ ଏକ୍ସରେଗୁଲାର ପରୀକ୍ଷାର୍ଥୀ ଭାବେ ସୋମବାର ମାଟ୍ରିକ ପରୀକ୍ଷା ଦେଇ ଘରକୁ ଫେରିଥିଲେ। ସେ ସାଲେପୁରର ଏକ ପରୀକ୍ଷା କେନ୍ଦ୍ରରେ ଚଳିତବର୍ଷ ପରୀକ୍ଷା ଦେଇଥିଲେ। ବାଟରେ ଫେରିବା ବେଳେ ଏକ ଘରୋଇ ଋଣ ପ୍ରଦାନକାରୀ ସଂସ୍ଥାକୁ ଫୋନ କରି ଘରକୁ ଆସି ଟଙ୍କା ନେଇଯିବାକୁ ମଧ କହିଥିଲେ। ସଂସ୍ଥାର କର୍ମଚାରୀ ଜଣକ ମଧ ଘରକୁ ଆସି ସେ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ବିଶ୍ୱନାଥ ସିସିଟିଭି ମରାମତି କାର୍ଯ୍ୟ କରନ୍ତି।

# ବିନା ହେଲମେଟ୍‌ରେ ପୋଲିସ

## ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

**କଟକ ଅଫିସ,୩।୩**



ପୋଲିସ ପକ୍ଷରୁ ଟ୍ରାଫିକ ନିୟମ କଡାକଡି କରାଯାଇଛି। ନିୟମ ଭାଙ୍ଗୁଥିବା ଗାଡି ଚାଳକଙ୍କୁ ନିସ୍ତାର ନାହିଁ। ନିୟମ ଉଲ୍ଲଂଘନକାରୀଙ୍କୁ ପୋଲିସ ଗୋଡାଇ ଗୋଡାଇ ଧରୁଥିବାବେଳେ ଏଥିପାଇଁ ଚାଳକଙ୍କୁ ମୋଟା ଅଙ୍କର ଜରିମାନା ଦେବାକୁ ପଡୁଛି। ତେବେ ଏହି ନିୟମ କେବଳ ସାଧାରଣ ଲୋକଙ୍କ ପାଇଁ ହୋଇଥିବା ଭଳି ମନେହେଉଛି। କାରଣ ଗାଡି ଯାଞ୍ଚ କରୁଥିବା ଖୋଦ୍ ପୋଲିସ ହିଁ ଏହି ନିୟମ ମାନୁନାହାନ୍ତି। ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ କଟକ କ୍ୟାଣ୍ଟନମେଣ୍ଟ ରୋଡରେ ଜଣେ ପୋଲିସ କର୍ମଚାରୀ ବିନା ହେଲମେଟ୍‌ରେ ବାଇକ ଚଳାଇ ଯାଉଥିଲେ। ଯାହାର ଭିଡିଓ ସୋସିଆଲ ମିଡିଆରେ ଏବେ ଭାଇରାଲ ହେବାରେ ଲାଗିଛି। ଆଦିତ୍ୟ ମହାରଣା ନାମକ ଯୁବକ ଏହି ଦୃଶ୍ୟକୁ ନିଜ ମୋବାଇଲ ଫୋନରେ ଭିଡିଓ ଉତ୍ତୋଳନ କରିଥିଲେ। ପରେ ଏହାକୁ ଟୁଇଟର୍‌ରେ ଅପଲୋଡ କରିବା ସହ ପୋଲିସ କମିଶନର ଓ କଟକ ଡିସିପିଙ୍କୁ ଟ୍ୟାଗ୍ କରିଥିଲେ। ସାଧାରଣ ଲୋକେ ନିୟମ ଭାଙ୍ଗିଲେ ପୋଲିସ ତାଙ୍କୁ ଧରୁଛି ହେଲେ ପୋଲିସ ନିୟମ ଭାଙ୍ଗିଲେ କିଏ ତାଙ୍କୁ ଧରିବ ବୋଲି ଆଦିତ୍ୟ ଟୁଇଟ୍‌ରରେ ପ୍ରଶ୍ନ କରିଛନ୍ତି। ଟ୍ରାଫିକ ନିୟମ ବାବଦକୁ ଲାଗୁଥିବା ମୋଟା ଅଙ୍କର ଜରିମାନାକୁ ନେଇ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଅନେକ ସମୟରେ ବଚସା ହୋଇଥିବା ନଜିର ରହିଛି। ମାତ୍ର ଏହି ସମୟରେ ଜଣେ ପୋଲିସ କର୍ମଚାରୀ ବିନା ହେଲମେଟ୍‌ରେ ବାଇକ ଚଳାଇବା ଭିଡିଓ ଏବେ ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି।

# ବିଏମ୍‌ସିର ଦୁଇ ଟ୍ରକ୍‌କୁ ୩୩ ହଜାର ଜରିମାନା

**ଭୁବନେଶ୍ୱର,୩।୩(ବ୍ୟୁରୋ)**

ସୋମବାର ସିଆର୍‌ପିଏଫ୍ ଛକରେ ଯାଞ୍ଚବେଳେ ଘରୋଇ ଶିକ୍ଷାନୁଷ୍ଠାନର ଦୁଇ ବସ୍‌କୁ ଜବତ କରାଯିବା ସହ ୫୨ ହଜାର ୫ଶହ ଟଙ୍କା ଜରିମାନା କରିଥିଲା ଆର୍‌ଟିଓ। ମଙ୍ଗଳବାର ଆରଟିଓ-୨ ପକ୍ଷରୁ ପଟିଆ ରଘୁନାଥପୁର ଛକ ନିକଟରେ ଯାଞ୍ଚ ସମୟରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଦୁଇଟି ଅଳିଆ ବୋଝେଇ ଟ୍ରକ୍ ଉପରେ ୩୩ ହଜାର ଟଙ୍କା ଜରିମାନା କରାଯାଇଛି। ଗାଡି ନଂ.ଓଆର୧୯ଡି୮୩୧୬କୁ ୨୨ ହଜାର ୫ଶହ ଟଙ୍କା ଜରିମାନା ହୋଇଛି। ମୋଟରଯାନ ଆଇନ ଧାରା ୧୭୭ ଅନୁସାରେ ସାଧାରଣ ଉଲ୍ଲଂଘନ ପାଇଁ ୫ଶହ ଟଙ୍କା, ଧାରା ୧୯୦(୨)ଏୟାର ପଲ୍ୟୁଶନ ପାଇଁ ୧୦ ହଜାର ଟଙ୍କା, ଧାରା ୧୯୨(ଏ) ବିନା ପରମିଟ୍‌ରେ ଗାଡି ଗଡୁଥିବାରୁ ୧୦ ହଜାର ଟଙ୍କା, ଧାରା ୧୯୬ ଅନୁସାରେ ଇନ୍ସୁରାନ୍ସ ନ ଥିବାରୁ ୨ହଜାର ଟଙ୍କା ଜରିମାନା କରାଯାଇଛି। ସେହିପରି ଅନ୍ୟଏକ ଟ୍ରକ୍‌ର ପଲ୍ୟୁଶନ ନ ଥିବା ଓ ସାଧାରଣ ନିୟମ ଉଲ୍ଲଂଘନ ପାଇଁ ପାଇଁ ୧୦ ହଜାର ୫ଶହ ଟଙ୍କା ଜରିମାନା କରାଯାଇଛି।

# ଆଜିଠୁ ଭୁବନେଶ୍ୱର ଓ ବୁର୍ଲା ପ୍ଲାନେଟାରିୟମ୍‌ରେ ନୂଆ ଶୋ'

**ଭୁବନେଶ୍ୱର, ୩।୩(ବ୍ୟୁରୋ)**

ଭୁବନେଶ୍ୱର ଓ ବୁର୍ଲା ପ୍ଲାନେଟାରିୟମ୍‌ରେ ବୁଧବାରଠାରୁ ଏକ ନୂତନ ଶୋ'ର ବ୍ୟବସ୍ଥା ହୋଇଛି। 'ମହାଜାଗତିକ ଜୀବ' ନାମକ ଏହି ଶୋ ଓଡ଼ିଆ ଭାଷାରେ ପ୍ରଦର୍ଶିତ ହେବ। ୩୦ ମିନିଟ୍ ଅବଧିର ଏହି ନୂତନ ଶୋରେ ବିଶ୍ୱର ସୃଷ୍ଟି, ତାରାମାନଙ୍କ ଜନ୍ମ ଓ ମୃତ୍ୟୁ ପ୍ରକ୍ରିୟା, ନିହାରିକାର ସୃଷ୍ଟି, ବିଶ୍ୱର ଆକାର ତଥା ଆମ ବିଶ୍ୱରେ ଅନ୍ୟତ୍ର ଜୀବ ଜଗତ ରହିଛି କି ନାହିଁ ଆଦି ଅନେକ ବିଷୟରେ ଅତି ସରଳ ଭାବେ ଉପସ୍ଥାପନା କରାଯାଇଛି ବୋଲି ଭୁବନେଶ୍ୱରର ପଠାଣି ସାମନ୍ତ ପ୍ଲାନେଟାରିୟମ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ଏହି ଶୋ'କୁ ମଙ୍ଗଳବାର ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଭୁବନେଶ୍ୱରରେ ପ୍ଲାନେଟାରିୟମ ପ୍ରତିଷ୍ଠା ହେବାର ୩୦ବର୍ଷ ପରେ ବୁର୍ଲାରେ ଦ୍ୱିତୀୟ ପ୍ଲାନେଟାରିୟମ ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ଆସନ୍ତା କିଛି ବର୍ଷରେ ଆମ ରାଜ୍ୟରେ ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ଆଉ ୫ ପ୍ଲାନେଟାରିୟମ ଓ ୧୦ଟି ବିଜ୍ଞାନ ଉଦ୍ୟାନ ପ୍ରତିଷ୍ଠା କରାଯିବାକୁ ସମସ୍ତ ପଦକ୍ଷେପ ରାଜ୍ୟ ସରକାରଙ୍କ ତରଫରୁ ନିଆଯାଇସାରିଛି। ସେହିପରି କିଛି ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ନାସା ପଠାଇବା ପାଇଁ ଯୋଜନା କରାଯାଉଛି। ସେହିପରି ଖୁବ୍‌ଶୀଘ୍ର ବୁର୍ଲା ପ୍ଲାନେଟାରିୟମ୍‌ରେ ଆଞ୍ଚଳିକ ସମ୍ବଲପୁରୀ ଭାଷାରେ ଏକ ଶୋ' ପ୍ରଦର୍ଶିତ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଆଜି ଛତିଶା ନିଯୋଗ ବୈଠକ

**ପୁରୀ ଅଫିସ, ୩।୩**

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବୁଧବାର ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ମେଣ୍ଢାପୋଡ଼ି ଏବଂ ଦୋଳପୂର୍ଣ୍ଣିମା ନୀତି ନିର୍ଘଣ୍ଟ ଅନୁମୋଦନ କରାଯିବ। ଏଥିସହିତ ସଭାପତିଙ୍କ ଅନୁମୋଦନ କ୍ରମେ ଅନ୍ୟାନ୍ୟ ପ୍ରସଙ୍ଗରେ ମଧ ଆଲୋଚନା ହେବ ବୋଲି ଜଣାପଡ଼ିଛି। ସୂଚନାଥାଉ କି, ଆସନ୍ତା ୮ ତାରିଖରେ ମେଣ୍ଢାପୋଡ଼ି ଏବଂ ୯ରେ ଦୋଳ ପୂର୍ଣ୍ଣିମା ରହିଛି। ଏହାକୁ କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ ସେଥିଲାଗି ଶ୍ରୀମନ୍ଦିର ପ୍ରଶାସନ ଛତିଶା ନିଯୋଗ ବୈଠକ ଡାକିଛି। ଏଥିରେ ଏହି ଦୁଇ ନୀତି ସମ୍ପର୍କରେ ଆଲୋଚନା କରାଯାଇ ନିର୍ଘଣ୍ଟ କରାଯିବ।

# କନ୍ଧମାଳରେ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପାଇଁ ଦାବି

**ଭୁବନେଶ୍ୱର, ୩।୩(ବ୍ୟୁରୋ)**

- ବ୍ୟାପକ ଜନମତ ସଂଗ୍ରହ କରାଯିବ
- ଗଠନ ହେବ ରାଜ୍ୟସ୍ତରୀୟ କ୍ରିୟାନୁଷ୍ଠାନ କମିଟି

ଓଡ଼ିଶାର ୬୨ ଜନଜାତି ସମ୍ପ୍ରଦାୟଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ କନ୍ଧମାଳ ଜିଲାରେ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଉ। ମଙ୍ଗଳବାର ଭୁବନେଶ୍ୱରରେ ଆୟୋଜିତ କେନ୍ଦ୍ରୀୟ ଓଡ଼ିଶା ବିକାଶ ସଙ୍ଗଠନର ସାଧାରଣ ପରିଷଦ ବୈଠକରେ ଏହି ଦାବି କରାଯାଇଛି। ଏହାଦ୍ୱାରା କନ୍ଧମାଳ ଜିଲାର ଚତୁଃପାର୍ଶ୍ୱରେ ଥିବା ଜିଲାଗୁଡ଼ିକ ସମେତ ରାଜ୍ୟର ସମସ୍ତ ଜନଜାତି ସମ୍ପ୍ରଦାୟଙ୍କ ଶିକ୍ଷା କ୍ଷେତ୍ରରେ ବ୍ୟାପକ ଅଗ୍ରଗତି ହୋଇପାରିବ। ଓଡ଼ିଶାର କେନ୍ଦ୍ରସ୍ଥଳରେ ଥିବା କନ୍ଧମାଳ ଜିଲା ଆଜି ମଧ ଅପହଞ୍ଚ ଇଲାକା ଭାବେ ପରିଗଣିତ। ଏଠାକୁ ଗମନାଗମନର ସମସ୍ୟା ରହିଛି। ଏଠାକାର ଶିକ୍ଷା ବ୍ୟବସ୍ଥା ସବୁଠାରୁ ପଛରେ ରହିଛି। ଏଠାରେ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଗଲେ ଜିଲାର ସର୍ବାଙ୍ଗୀନ ଉନ୍ନତି ସାଧନରେ ସହାୟକ ହୋଇପାରିବ ବୋଲି ବୈଠକରେ ମତପ୍ରକାଶ ପାଇଛି।

ବୈଠକରେ ହୋଇଥିବା ଆଲୋଚନାରୁ ଜଣାପଡିଛି, ୨୦୧୧ ଜନଗଣନା ଅନୁଯାୟୀ ଦେଶର ଜନଜାତିଙ୍କ ସଂଖ୍ୟା ମଧ୍ୟରେ ଓଡ଼ିଶା ଦ୍ୱିତୀୟ। ଏଠାରେ ବସବାସ କରୁଥିବା ୬୨ ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରୁ କନ୍ଧ ଜନଜାତିଙ୍କ ସଂଖ୍ୟା ସର୍ବାଧିକ। ତେଣୁ ୧୯୯୪ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶାରେ କନ୍ଧମାଳ ରାଜସ୍ୱ ଜିଲା ପ୍ରତିଷ୍ଠା କରାଯାଇଛି। କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଞ୍ଜାମ, ନୟାଗଡ଼ ଓ ବୌଦ୍ଧ ଆଦି ଜିଲା ସହିତ କୋରାପୁଟ, କେନ୍ଦୁଝର, ଖୋର୍ଦ୍ଧା, ଢେଙ୍କାନାଳ, ସୁବର୍ଣ୍ଣପୁର, ବଲାଙ୍ଗୀର, ସମ୍ବଲପୁର, ନବରଙ୍ଗପୁର, ବାରିପଦା, ମୟୂରଭଞ୍ଜ, ନୂଆପଡ଼ା ଆଦି ଜିଲାରେ ବସବାସ କରୁଥିବା ଆଦିବାସୀ ଜନଜାତିଙ୍କ ଶିକ୍ଷାର ବିକାଶ ଦିଗରେ ପ୍ରସ୍ତାବିତ କନ୍ଧମାଳ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ। ମଧ୍ୟପ୍ରଦେଶର ଅମରକଣ୍ଟକସ୍ଥିତ ଇନ୍ଦିରାଗାନ୍ଧୀ ଆଦିବାସୀ ବିଶ୍ୱବିଦ୍ୟାଳୟ ଢାଞ୍ଚାରେ ଏହି ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯିବାକୁ ଆଲୋଚନା ହୋଇଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ମଧ୍ୟପ୍ରଦେଶ ପରେ ଝାଡ଼ଖଣ୍ଡରେ ଦ୍ୱିତୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିବାବେଳେ ଇତିମଧ୍ୟରେ ଆନ୍ଧ୍ରପ୍ରଦେଶ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ କାର୍ଯ୍ୟକାରୀ ହୋଇସାରିଛି। ତେଣୁ ଦେଶର ଦ୍ୱିତୀୟ ସର୍ବବୃହତ ଆଦିବାସୀ ବହୁଳ ରାଜ୍ୟ ଓଡ଼ିଶାରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ଅପରିହାର୍ଯ୍ୟ ହୋଇପଡ଼ିଛି। ଆଦିବାସୀ ବହୁଳ ଜିଲା କନ୍ଧମାଳରେ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ଉଚିତ ବୋଲି କୁହାଯାଇଛି।

ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବା ପାଇଁ କନ୍ଧମାଳ ଜିଲାରେ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ବ୍ୟାପକ ଜନମତ ସଂଗ୍ରହ କରାଯିବ। ଏହାପରେ କନ୍ଧମାଳ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ। ଆସନ୍ତା ସପ୍ତାହରେ କନ୍ଧମାଳ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ଏକ ରାଜ୍ୟସ୍ତରୀୟ କ୍ରିୟାନୁଷ୍ଠାନ କମିଟି ଗଠନ ହେବ। ସେହି କ୍ରିୟାନୁଷ୍ଠାନ କମିଟି ପରିଷଦଙ୍କ ନିଷ୍ପତ୍ତି ଅନୁଯାୟୀ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ସାଧାରଣ ପରିଷଦ ବୈଠକରେ ସ୍ଥିର କରାଯାଇଛି।


ଧରିତ୍ରୀ DHARITRI — CAREER APPOINTMENT — ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**REQUIRED**
We required a Surveyor for milching Animal Survey on Mobile Application for all District in Odisha.
Mail id : info@promote2ngo.in
Contact = 09556245507

**Shree Tirupati Courier Service**
50, Ashok Nagar, BBSR
ଡ୍ରାଇଭର, ଡେଲିଭରି Boy ଦରକାର । ରହିବା ସୁବିଧା ଅଛି ।
Mob.-9437142064

10th, +2, +3 Pass 18 ବର୍ଷରୁ ଅଧିକ ଇଚ୍ଛୁକ ପ୍ରାର୍ଥୀ Job କରିବା ପାଇଁ ଚାହୁଁଛନ୍ତି ଏହି ନଂ. -
7978834284, 8895329791
ସହିତ ଯୋଗାଯୋଗ କରନ୍ତୁ।

**କାର ଡ୍ରାଇଭର ଆବଶ୍ୟକ**
ଜଗତପୁର ଅଫିସ ପାଇଁ । ଯୋଗାଯୋଗ ପାଇଁ
Mob : 9437021279
7381075901
9437496020

**ଆବଶ୍ୟକ**
Receptionist, Office Assistant, Supervisor, Computer Operator, Accountant, Telecaller & other Office Staffs ଆବଶ୍ୟକ ।
ବୟସ: (18-35) Yrs. Salary (Rs.7500 to Rs.25000)
Contact : 9938676412

**REQUIRED**
2 nos. of Office Assistance Salary 8000/-, Branch Co-ordinator Salary 11000/- Visit : Urban Residency, Plot No-168, Krishna Vihar Apartment, Patrapada, Bhubaneswar
Contact - 9861214749

**PARADIP PORT TRUST** SAGARMALA
PARADIP-754142, ODISHA (INDIA)
(An autonomous body under Ministry of Shipping, Govt. of India)
No. : AD/RSC-I-21/66/2011/773 Dt.03rd March, 2020
**Walk-In-Interview**
Applications are invited from Indian Nationals for filling up **three General Duty Medical Officers** on **Contractual** basis in Paradip Port Trust. For further details, refer to our website www.paradipport.gov.in. Last date is 11.03.2020, 10.00 hours.
PPT/PR/699/19-20 Dt-03/03/20 Sr. Dy. Secretary

**REQUIRED**
Young Dynamic sales person for Wooden Hardware and interior Materials. Freshers / Experience can apply through E-mail :-
aurogroup.abhishek@hotmail.com
Contact : 9090098989

**OFFICIALLY JOB**
ଯୋଗ୍ୟତା : ଦଶମ ପାସ୍/ଫେଲ୍,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

**DIRECT JOIN**
JOB LOCATION : BBSR / CTC
- CUSTOMER CARE
- DATA ENTRY
- RECEPTION
- BACK OFFICE
- SECURITY GUARD
Salary : 8000 to 20,000/-
9090758077, 9114090108

**WALK- IN INTERVIEW**
**GHANASHYAM HEMALATA VIDYAMANDIR, PURI**
Estd: 1995
(A CBSE Affiliated Co-educational Residential School)
A walk- in interview will be held at Shramik Bhawan, Near Nishamani Cinema Hall, Link Road, Cuttack on 08.03.2020, 10.30 am. for the following posts :
PGT - Physics, Chemistry & Biology
TGT - Science (PCM) PRT - Science (PCM)
NTT - (Female)
Qualification: As per CBSE norms. Minimum Salary is Rs. 26,000/- (PGT), Rs. 16,000/- (TGT), Rs. 12,000/- (PRT). Higher package for experienced candidates. **Free Accommodation, Fooding & Laundry for all the above posts**
**Kindly attend the interview with original certificates and mark sheets .**
Contact Nos. : 9437943924 / 7377148406 / 7873480470 / 7735629062
email id : ghvm.puri@gmail.com

**WANTED**
ଧରିତ୍ରୀ DHARITRI Oriya daily is looking for
**HR / ADMIN EXECUTIVE**
- MBA Graduates having 2-3 years+ experience in HR & Administration.
- Responsibilities will include:
  - Recruitment, screening, compiling & conducting joining formalities.
  - Well versed with sourcing & job posting on popular job portals & social networking sites.
  - Coordinating/ scheduling interviews & following upon the process status.
  - Administrative duties such as updating employee records and other official registers / documents.
  - Should have excellent verbal / written communication & interpersonal skills.
  - Should be flexible for working hours based on the need.
  - Good analytical skills with grasp on MS Office (Word, Excel, PPT) is a must.
Apply immediately to : recruitment@dharitri.com
Attractive salary commensurate with experience

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ।
Salary : 27,000/-
Qul : 7th to 10th & above
Contact = 7606804341

**ଆବଶ୍ୟକ**
ଲାଇଟ ଟ୍ରାନ୍ସପୋର୍ଟ ଲାଇସେନ୍ସ ଥିବା ଡ୍ରାଇଭର-୨ଜଣ, ଇଲେକ୍ଟ୍ରି ଓ୍ୱଲ୍ଡର-୧, କଟା ମେସିନ୍ ଚାଳକ-୨ଜଣ ଆବଶ୍ୟକ। ଦରମା ୧୦,୦୦୦/୧୨,୦୦୦, ରହିବା ସୁବିଧା ଅଛି। ଶୀଘ୍ର ଯୋଗାଯୋଗ :-
9040150146, 9238579309

**Urgently Required**
Diploma Civil (Fresh/Exp.) -20 Nos., Matric to Graduate - 40 Nos., Auto Cadd - 02 Nos.
(Sal - 5,000 to 50,000)
Contact : 9556880775
7873563668

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ମାୟା ପ୍ରଭାବରେ ଶରୀର ଧାରଣ କରନ୍ତି। ଅଧର୍ମ ପ୍ରବଳ ଓ ଧର୍ମ ହୀନବଳ ହୋଇ ଆସିଲେ ଧର୍ମର ରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।

- ବ୍ୟାସଦେବ

## ସଂକ୍ଷେପରେ

### ଆମ୍ବେଦକର ଉନ୍ନୟନ ପରିଷଦର ସତ୍ୟାଗ୍ରହ ପ୍ରତ୍ୟାହୃତ

**କଟକ ସଦର,୩।୩(ଡି.ଏନ୍.ଏ.):** କଟକ ଜିଲା ୪୨ମୌଜା ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ଆମ୍ବେଦକର ଉନ୍ନୟନ ପରିଷଦର କର୍ମକର୍ତ୍ତା ବେଣ୍ଟକାରଠାରେ ୩୪ଦିନ ହେବ ସତ୍ୟାଗ୍ରହରେ ବସିରହିଥିଲେ। ମଙ୍ଗଳବାର କଟକ ସଦର ଉପଜିଲାପାଳ ଶୁଭ୍ରାଂଶୁ ଶେଖର ମିଶ୍ର ସତ୍ୟାଗ୍ରହସ୍ଥଳରେ ପହଞ୍ଚି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ଅଞ୍ଚଳର ଉନ୍ନତି ପାଇଁ ପ୍ରଶାସନର ଦୃଷ୍ଟିକୁ ଆଣି ୪୨ମୌଜା ଅଞ୍ଚଳର ମୌଳିକ ସମସ୍ୟା ଦୂର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାସନର ପ୍ରତିଶ୍ରୁତି ଉପରେ ଭରସା ରଖି ପରିଷଦ କର୍ମକର୍ତ୍ତାମାନେ ସତ୍ୟାଗ୍ରହ ପ୍ରତ୍ୟାହର କରିନେଇଛନ୍ତି ବୋଲି ସଭାପତି ଡା. ଅଜୟ କୁମାର ପତି, ଉପସଭାପତି ପ୍ରଭାତ ଖଟୁଆ, ସମ୍ପାଦକ ପ୍ରାଣକୃଷ୍ଣ ଭୋଇ କହିଛନ୍ତି।

### ଦୋକାନରୁ ଚୋରି

**ନରାଜ,୩।୩ (ଡି.ଏନ.ଏ):** ବାରଙ୍ଗ ଥାନା ତ୍ରିଶୁଳିଆ ବଜାର ନିକଟ କୁସିନ୍ଦା ବଜାରସ୍ଥିତ ଏକ ଦୋକାନରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୋକାନର ମାଲିକ ଦିବାକର ମୁଦୁଲି ମଙ୍ଗଳବାର ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୁଦୁଲି ରାତିରେ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ପରଦିନ ସକାଳୁ ଦୋକାନ ଖୋଲିବାକୁ ଆସିବାରୁ ଦୋକାନ ତାଲା ଭାଙ୍ଗିଥିବା ଦେଖିଲେ। ଏଥିସହ ଦୋକାନ ଭିତରେ ୧୦ ପେଟି ତେଲ ଓ ୪ ବସ୍ତା ଚାଉଳ ନ ଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ।

### ବାଙ୍କୀ କନିଷ୍ଠ ମହାବିଦ୍ୟାଳୟ ଯୁକ୍ତ ୨ ପରୀକ୍ଷାର ହବ୍ ସେଣ୍ଟର

**ବାଙ୍କୀ, ୩।୩ (ସ୍ୱ.ପ୍ର):** ବାଙ୍କୀ କନିଷ୍ଠ ମହାବିଦ୍ୟାଳୟରେ ମଙ୍ଗଳବାରଠାରୁ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହୋଇଛି। ଚଳିତ ବର୍ଷ ବାଙ୍କୀ ବ୍ଲକରେ ଏହି ମହାବିଦ୍ୟାଳୟକୁ ଯୁକ୍ତ ୨ ପରୀକ୍ଷାର ହବ୍ ସେଣ୍ଟର କରାଯାଇଛି। ଏଠାରୁ କଳାପଥର ଧଳାପଥର ଆଞ୍ଚଳିକ କଲେଜ, ବୈଦ୍ୟେଶ୍ୱର କଲେଜ, ରାଣୀଶୁକଦେଈ ମହିଳା କଲେଜ, ଡମପଡ଼ା ଆଞ୍ଚଳିକ କଲେଜ ଓ ପିଆର କଲେଜସ୍ଥିତ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯାଉଛି। ବାଙ୍କୀ କନିଷ୍ଠ ମହାବିଦ୍ୟାଳୟରେ ଚଳିତ ବର୍ଷ ୫୭୬ ଜଣ ଛାତ୍ରୀଛାତ୍ର ଯୁକ୍ତ ୨ କଳା, ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷା ଦେଉଛନ୍ତି।

# ବାଉଁଶରେ ବନ୍ଧା ଜୀବନ

ଇଏ ମୋ ବୃତ୍ତି



ସଭ୍ୟତା ବଦଳୁଛି। ପ୍ଲାଷ୍ଟିକ୍ ବ୍ୟବହାର ବୃଦ୍ଧି ପାଇବା ସହିତ କମୁଛି ହାତ ତିଆରି ସାମଗ୍ରୀର ଆଦର। ହେଲେ କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ପ୍ରାଚୀନ ହସ୍ତକଳାକୁ ବଞ୍ଚାଇ ରଖିପାରିଛନ୍ତି। ଏଭଳି ଜଣେ ବ୍ୟକ୍ତି ହେଲେ କଟକ ଯୋବ୍ରା ଅଞ୍ଚଳର କେ. ରାମାସ୍ୱାମୀ। ବାଉଁଶରେ ବିଭିନ୍ନ ଘରକରଣା ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ପରେ ଏହାକୁ ବିକ୍ରି କରି ପରିବାର ପ୍ରତିପୋଷଣ କରୁଛନ୍ତି। ବାଉଁଶକୁ ଆଶ୍ରା କରି ସେଥିରେ ବାନ୍ଧୁଛନ୍ତି ନିଜର କଳା ଓ ଏଥିରୁ ମେଣ୍ଟୁଛି ତାଙ୍କର ଆବଶ୍ୟକତା।

**କଟକ ଅଫିସ,୩।୩**

ହଜିବାକୁ ବସିଲାଣି ହସ୍ତକଳା। ଏହାର ସ୍ଥାନ ନେଉଛି ପ୍ଲାଷ୍ଟିକ ସାମଗ୍ରୀ। ଏଭଳି ସ୍ଥଳେ ରାମାସ୍ୱାମୀ ଓ ତାଙ୍କ ପରିବାର ଲୋକେ ବର୍ଷ ତମାମ୍ ବାଉଁଶରୁ ବିଭିନ୍ନ ଘରକରଣା ସାମଗ୍ରୀ ତିଆରି କରୁଛନ୍ତି। ଏହା ଭିତରେ ରହିଛି ବାଉଁଶ ଡାଲା, କୁଲା, ଚାଙ୍ଗୁଡି, ପାଚିଆ ପ୍ରଭୃତି।

ଯାନିଯାତ୍ରା ଆସିଲେ ରାମାସ୍ୱାମୀଙ୍କ କାମ ବଢ଼ିଯାଏ। ବାଲିଯାତ୍ରାଠାରୁ ଆରମ୍ଭ କରି ଆଖପାଖ ଜିଲାରେ ହେଉଥିବା ଅନେକ ମେଳାରେ ତାଙ୍କ ହାତ ତିଆରି ସାମଗ୍ରୀ ବିକ୍ରି ହୁଏ। ଏହି ସାମଗ୍ରୀ ତିଆରି କରିବା ପାଇଁ ସେ ଜଗତ୍‌ପୁର ଅଞ୍ଚଳରୁ ବାଉଁଶ କିଣି ଆଣନ୍ତି। ବାଉଁଶକୁ ହାଣି ପାତିଆ ଆକୃତି କରି ଗୋଟିଏ ଦିନ ବସିଲେ ଅଧିକରୁ ଅଧିକ ୩ଟି ସାମଗ୍ରୀ ତିଆରି ହୋଇଯାଏ। ବାଉଁଶ ତିଆରି ଛୋଟ ସାମଗ୍ରୀର ମୂଲ୍ୟ ୨୦ ଟଙ୍କାରୁ ୫୦ ଟଙ୍କା ଥିବାବେଳେ ବଡ ସାମଗ୍ରୀର ମୂଲ୍ୟ ୧୦୦ଟଙ୍କାରୁ ୩୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ଏହି କାମରେ ରାମାସ୍ୱାମୀଙ୍କୁ ତାଙ୍କ ପରିବାର ସଦସ୍ୟ ସହାୟତା କରିଥାନ୍ତି। ତେବେ ମାର୍କେଟିଂର ସୁବିଧା ନ ଥିବାରୁ ଏହି ସାମଗ୍ରୀକୁ ଠିକ୍ ଭାବେ ରପ୍ତାନି କରାଯାଇପାରୁନାହିଁ। ପ୍ରୋତ୍ସାହନ ମିଳିଲେ ଏହି ବ୍ୟବସାୟ ଆଗକୁ ବଢ଼ିପାରିବ ବୋଲି ରାମାସ୍ୱାମୀ କହିଛନ୍ତି। ତେବେ କିଛିଦିନ ହେବ ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ ଯୋଗୁ ରାମାସ୍ୱାମୀଙ୍କ ସମେତ ଅନ୍ୟ କିଛି ବ୍ୟକ୍ତିଙ୍କ ଘର ଓ ଦୋକାନ ଭାଙ୍ଗି ଦିଆଯାଇଛି। ସେମାନଙ୍କୁ ଜଗତ୍‌ପୁରକୁ ସ୍ଥାନାନ୍ତର ହେବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଜଗତ୍‌ପୁର ଗଲେ ସୁଦ୍ଧା ବୃତ୍ତିକୁ ଛାଡ଼ିପାରିବି ନାହିଁ ବୋଲି ରାମାସ୍ୱାମୀ କହିଛନ୍ତି।



କେ. ରାମାସ୍ୱାମୀ

# ନାବାଳିକାଙ୍କୁ ଶ୍ମଶାନରେ ବଳିଦେବା ଉଦ୍ୟମ

■ କୌଶଳକ୍ରମେ ଖସିଆସିଲେ

■ ୩ ଭାଇ ଭିନ୍ନ ଆଚରଣ ପ୍ରଦର୍ଶନ କରୁଛନ୍ତି

**ସାଲେପୁର,୩।୩(ଡି.ଏନ୍.ଏ.)**

ସାଲେପୁର ଥାନା ଅଞ୍ଚଳର ଜଣେ ବ୍ୟକ୍ତି ନିଜର ତନ୍ତ୍ର ବିଦ୍ୟାକୁ ହାସଲ କରିବା ଉଦ୍ଦେଶ୍ୟରେ ଉକ୍ତ ଅଞ୍ଚଳର ଜଣେ ନାବାଳିକାଙ୍କୁ ଶଶ୍ମାନକୁ ନେଇ ବଳିଦେବାକୁ ଉଦ୍ୟମ କରିଥିଲେ। କୌଶଳକ୍ରମେ ସେ ସେଠାରୁ ଖସି ଆସିବା ପରେ ଅଭିଯୁକ୍ତ ଜଣକ ତନ୍ତ୍ର ବଳରେ ତାଙ୍କ ୩ ଭାଇଙ୍କ ଅବସ୍ଥା ଖରାପ କରିଦେଇଛନ୍ତି। ଏନେଇ ନାବାଳିକାଙ୍କ ବାପା ସୋମବାର ରାତିରେ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ୧୩ ବର୍ଷର ଝିଅ ଗତ ୨୨ ତାରିଖରେ ସ୍ଥାନୀୟ ପଡିଆକୁ ଶୌଚ ହେବାକୁ ଯାଇଥିବା ବେଳେ ଉକ୍ତ ଅଞ୍ଚଳର ଜଣେ ବ୍ୟକ୍ତି ସହଯୋଗୀଙ୍କ ସହ ମିଶି ଝିଅକୁ ଅଚେତ କରି ଉଠାଇ ନେଇଥିଲେ। ସେମାନେ ନାବାଳିକାଙ୍କୁ ଏକ ଶ୍ମଶାନକୁ ନେଇ ଉଲଗ୍ନକରି ବଳିଦେବା ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରିଥିଲେ। ତାଙ୍କ ଚେତା ଫେରିବା ପରେ ନାବାଳିକା ଜଣକ କୌଶଳକ୍ରମେ ସେଠାରୁ ଖସି ଏବିଷୟରେ ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ପିତା ଅଭିଯୁକ୍ତଙ୍କୁ ପଚାରିବାରୁ ସେ ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଏହି ଘଟଣା ଘଟିବାର କିଛିଦିନ ପରେ ଅଭିଯୁକ୍ତ ଜଣକ ଗ୍ରାମରେ ବିଭିନ୍ନ ସ୍ଥାନରେ ସିନ୍ଦୂର ଓ ଫୁଲ ରଖି ତନ୍ତ୍ର ସାଧନା କରିଥିଲେ। ଫଳରେ ନାବାଳିକାଙ୍କ ୩ ଭାଇ ଏବେ ଭିନ୍ନ ଆଚରଣ ପ୍ରଦର୍ଶନ କରିବା ସହ ବାରମ୍ବାର ଅଚେତ ହୋଇପଡୁଛନ୍ତି ବୋଲି ତାଙ୍କ ବାପା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ସାଲେପୁର ଆଇଆଇସି ଦେବେନ୍ଦ୍ର କୁମାର ମଲ୍ଲିକ କହିଛନ୍ତି, ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଛି। ତଦନ୍ତ ପରେ ଏହି ଘଟଣାର ପ୍ରକୃତ ସତ୍ୟାସତ୍ୟ ଜଣାପଡିବ। ରିପୋର୍ଟ ଲେଖା ହେବା ବେଳକୁ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।



କଟକସ୍ଥିତ ଶୈଳବାଳା ମହିଳା ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ମଙ୍ଗଳବାର ଛାତ୍ରୀମାନେ ଯୁକ୍ତ ୨ ପରୀକ୍ଷା ଦେଉଛନ୍ତି।

### ସଫେଇ ହେଲା ମାଘସପ୍ତମୀ ପଡ଼ିଆ

**ନିଆଳି,୩।୩(ଡି.ଏନ୍.ଏ.):** ନିଆଳି ମାଘସପ୍ତମୀ ପଡିଆରେ ହୋଇଥିବା ମାଘସପ୍ତମୀ ଯାତ୍ରା ଓ ନିଆଳି ମହୋତ୍ସବ ପରେ ପଡ଼ିଆରେ ଆବର୍ଜନାରେ ପଡି ରହିଥିଲା। ରବିବାର ନିଆଳି ହାଇସ୍କୁଲର ପୁରୁତନ ଛାତ୍ର ସଂସଦ, ନିଆଳି ସାମ୍ବାଦିକ ସଂଘ ଓ ବହୁ ସାମାଜିକ ଯୁବକମାନେ ଯୋଗଦେଇ ପଡ଼ିଆରେ ପଡିରହିଥିବା ପ୍ଲାଷ୍ଟିକ, ଜରି ଓ ଅନ୍ୟାନ୍ୟ ସାମଗ୍ରୀକୁ ଉଠାଇ ପରିଷ୍କାର କରିଛନ୍ତି। ସୂଚନାଥାଉ କି, ଯାତ୍ରା ସରିବା ପରେ କମିଟି ପକ୍ଷରୁ ପଡିଆକୁ ସଫା କରାଯାଉଥିଲା। ବର୍ଷା ଯୋଗୁ ଏହା ସମ୍ପୂର୍ଣ୍ଣ ସଫା ହୋଇ ପାରି ନ ଥିଲା। ଯାହା ଫଳରେ ପରିବେଶ ଦୂଷିତ ହେବାର ସମ୍ଭାବନା ଦେଖାଦେଇଥିଲା। ଏହି ସଫେଇ କାର୍ଯ୍ୟକ୍ରମରେ ନିଆଳି ହାଇସ୍କୁଲର ପୁରାତନ ଛାତ୍ର, ସାମାଜିକ କର୍ମୀ ଡା.ଚିତ୍ତରଞ୍ଜନ ମିଶ୍ର, ଧିରେନ୍ଦ୍ର ଦାସ,ସେକ୍ କମ୍‌ରାନ୍, ଦେବୀପ୍ରସାଦ ସିଂହ,ଶାନ୍ତନୁ ମିଶ୍ର, ସାମ୍ବାଦିକ ମନୋରଞ୍ଜନ ଶତପଥୀ, ଉମେଶ ଚନ୍ଦ୍ର ମଲ୍ଲିକ, ପ୍ରକାଶ ମଲ୍ଲିକ, କାଳନ୍ଦୀ ଚରଣ ଷଡ଼ଙ୍ଗୀ, ଉମ୍ବରୁଧର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।




କଟକ ଯୁବ କଂଗ୍ରେସ ପକ୍ଷରୁ ବାଦାମବାଡି ସେସୁ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ।

### ସେସୁ ଅଧିକାରୀଙ୍କ ଅସହଯୋଗ ବିରୋଧରେ ବିକ୍ଷୋଭ

**କଟକ ଅଫିସ,୩।୩**

ସହରର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ସେସୁ ଅଧିକାରୀ ସହଯୋଗ କରୁ ନ ଥିବା ଅଭିଯୋଗରେ କଟକ ଯୁବ କଂଗ୍ରେସ ପକ୍ଷରୁ ମଙ୍ଗଳବାର ବାଦାମବାଡି ସ୍ଥିତ ସେସୁ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସହର ସାହିବସ୍ତିରେ ବିଦ୍ୟୁତ୍ ଖୁଣ୍ଟଗୁଡିକ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଲୁହା ଖୁଣ୍ଟଗୁଡିକ ତୁରନ୍ତ ବଦଳାଯାଇ ନୂତନ କଂକ୍ରିଟ ଖୁଣ୍ଟ ବ୍ୟବହାର କରିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ବିଭିନ୍ନ ସ୍ଥାନରେ ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ରହିଛି। ତୁରନ୍ତ ଏହାର ଚତୁଃପାର୍ଶ୍ୱରେ ତାରବାଡ କରିବା ଓ ଉପଭୋକ୍ତାଙ୍କ ପାଇଁ କିସ୍ତି ମାଧ୍ୟମରେ ବିଦ୍ୟୁତ ଶୁଳ୍କ ପଇଠ ବ୍ୟବସ୍ଥା କରିବାକୁ ଦାବି କରାଯାଇଥିଲା। ଏସବୁ ବିଷୟରେ ମାର୍ଚ୍ଚ ୪ ତାରିଖରେ ଆଲୋଚନା ପାଇଁ ସେସୁ ଅଧୀକ୍ଷଣ ଯନ୍ତ୍ରୀ କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏଥିରେ ଆର୍ଯ୍ୟବୀର ଲେଙ୍କା, ସନ୍ତୋଷ ଭୋଳ, ମହମ୍ମଦ ଅଲିମ, ବିକି ଚକ୍ରବର୍ତ୍ତୀ, ସେକ୍ ଗୁଲାମ ମୋଇଦ୍ଦିନ ଓ ଅଶୋକ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବ୍ୟବସାୟୀଙ୍କୁ ଆକ୍ରମଣ: ଯୁବକ ଗିରଫ

**କଟକ ଅଫିସ,୩।୩**

ବ୍ୟବସାୟୀଙ୍କୁ ଦାଦାବଟି ମାଗିବା ଅଭିଯୋଗରେ ବାଦାମବାଡି ପୋଲିସ ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଖାନ୍‌ନଗର ଗୋପାଳସାହିର ଶଙ୍କର ସାହୁ। ପୋଲିସ ତାଙ୍କ ବିରୋଧରେ ୪୨/୨୦ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

ପୋଲିସ ସୂଚନା ଅନୁଯାୟୀ, ତପନ କୁମାର ନାୟକ ନାମକ ଜଣେ ବ୍ୟକ୍ତିଙ୍କର ସ୍ଥାନୀୟ ଶକ୍ତିନଗରରେ ଫୁଡ ସପ୍ଲିମେଣ୍ଟ ନାମରେ ଏକ ଷ୍ଟୋର ରହିଛି। ଶନିବାର ଶଙ୍କର ଉକ୍ତ ଷ୍ଟୋରକୁ ଯାଇ ତପନଙ୍କୁ ୫୦ ହଜାର ଟଙ୍କା ଦାଦାବଟି ମାଗିଥିଲେ। ଟଙ୍କା ନ ଦେଲେ ଷ୍ଟୋରକୁ ବନ୍ଦ କରିଦେବା ସହ ହତ୍ୟା ଧମକ ଦେଇଥିଲେ। ତପନ ଟଙ୍କା ଦେବାକୁ ମନା କରିବାରୁ ଶଙ୍କର ଉତକ୍ଷୀପ୍ତ ହୋଇ ତାଙ୍କୁ ନିସ୍ତୁକ ମାଡ ମାରିଥିଲେ। ଏପରି କି ନିଜ ବାଇକ ଚାବିରେ ତପନଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିରେ ତପନ ଗୁରୁତ୍ୱର ହୋଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ। ପରେ ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୨/୨୦) ରୁଜୁ କରିଥିଲା।

# ସେମିଷ୍ଟରରୁ ବଞ୍ଚିତ ହେଲେ ଛାତ୍ର

ରେଭେନ୍ସା ଛାତ୍ରୀଙ୍କୁ ମାଡ଼ ଘଟଣା

**ଉଭୟଙ୍କୁ ୫ ହଜାର ଲେଖାଏ ଜରିମାନା**

**କଟକ ଅଫିସ,୩।୩**

ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରୀଙ୍କୁ ମାଡ଼ ଘଟଣାରେ ମଙ୍ଗଳବାର ଉଭୟ ମାଡ଼ ଖାଇ ଥିବା ଛାତ୍ରୀ ଓ ମାରିଥିବା ଛାତ୍ରଙ୍କୁ ଦଣ୍ଡିତ କରାଯାଇଛି। ସେମାନଙ୍କୁ ୫ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡା ମାଡ ମାରିଥିବା ଛାତ୍ରଙ୍କୁ ଗୋଟିଏ ସେମିଷ୍ଟର ବଞ୍ଚିତ କରାଯାଇଛି ବୋଲି କୁଳପତି ପ୍ରଫେସର ଈଶାନ କୁମାର ପାତ୍ର କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ସ୍ନାତକ ତୃତୀୟ ବର୍ଷର ଛାତ୍ରୀଙ୍କୁ ସ୍ନାତକୋତ୍ତର ବାୟୋଟେକ୍ନୋଲୋଜି ପ୍ରଥମବର୍ଷ ଛାତ୍ର ଅନେକ ସମୟରେ ଦୁର୍ବ୍ୟବହାର କରିଥିଲେ। ଏପରି କି ବିଶ୍ୱବିଦ୍ୟାଳୟ ପରିସରରେ ମାଡ ମଧ ମାରିଥିଲେ। ଏ ନେଇ ସମ୍ପୃକ୍ତା ଛାତ୍ରୀ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ୟୁନିଭର୍ସିଟି ଗ୍ରାଣ୍ଟସ କମିଶନ (ୟୁଜିସି)ରେ ଅଭିଯୋଗ କରିବା ସହ ମାଲଗୋଦାମ ଥାନାରେ ଏତଲା ଦେଇଥିଲେ। କିଛିଦିନ ତଳେ ଏନେଇ ବିଶ୍ୱବିଦ୍ୟାଳୟ ଜେଣ୍ଡର ସେନ୍‌ସିଟାଇଜେସନ୍ କମିଟି ଅଫ୍ ସେକ୍ସୁଆଲ ହାରାସ୍‌ମେଣ୍ଟ (ଜିଏସ୍‌କ୍ୟାସ୍) କମିଟି ବୈଠକ ବସିଥିଲା। ଏଥିରେ ଉଭୟ ଛାତ୍ରୀ ଓ ଛାତ୍ରଙ୍କୁ ପଚରାଉଚୁରା କରାଯିବା ସହ ସେମାନଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତାକୁ ରେକର୍ଡ କରାଯାଇଥିଲା। ପରେ ଏହାର ତଦନ୍ତ କରାଯାଇ କୁଳପତିଙ୍କୁ ଏକ ରିପୋର୍ଟ ପ୍ରଦାନ କରାଯାଇଥିଲା। ଏହି ରିପୋର୍ଟକୁ ଆଧାର କରି ମଙ୍ଗଳବାର କୁଳପତି ପ୍ରଫେସର ପାତ୍ର ଉଭୟ ଛାତ୍ରୀ ଓ ଛାତ୍ରଙ୍କୁ ୫ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପଚରାଉଚୁରା କରିବା ସମୟରେ ଛାତ୍ରୀ ଜଣକ କର୍ତ୍ତୃପକ୍ଷଙ୍କୁ ଖରାପ ବ୍ୟବହାର କରିଥିବାରୁ ତାଙ୍କୁ ଉକ୍ତ ଜରିମାନା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ମଧ୍ୟାହ୍ନଭୋଜନ ଦୁର୍ନୀତିର ୨ୟ ପର୍ଯ୍ୟାୟ ତଦନ୍ତ

**ନିଶ୍ଚିନ୍ତକୋଇଲି, ୩।୩(ସ୍ୱ.ପ୍ର):** ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳ ଅଧୀନ ଖଣ୍ଡାୟତପଟିକିରା ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନରେ ହୋଇଥିବା ଅନିୟମିତତା ଅଭିଯୋଗର ମଙ୍ଗଳବାର ୨ୟ ପର୍ଯ୍ୟାୟ ତଦନ୍ତ ଶେଷ ହୋଇଛି। ସୋମବାର ତଦନ୍ତ ଅଧିକାରୀ ଏବିଇଓ ଲକ୍ଷ୍ମଣ ଲେଙ୍କା ବଦଳିବା ପରେ ଏହାର ଦାୟିତ୍ୱ ଏବିଇଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କୁ ଦିଆଯାଇଥିଲା। ପୂର୍ଣ୍ଣଚନ୍ଦ୍ର ଓ ଏମ୍‌ଡିଏମ୍ ନୋଡାଲ ଅଧିକାରୀ ନିକୁଞ୍ଜବିହାରୀ ମହାନ୍ତି ବିଦ୍ୟାଳୟକୁ ଯାଇ ଅନିୟମିତତା ଘଟଣାର ତଦନ୍ତ କରିଛନ୍ତି। ସେମାନେ ପ୍ରଥମେ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରିଥିଲେ। ଘଟଣା ଦିନ ପ୍ରଧାନ ଶିକ୍ଷୟିତ୍ରୀ ଅନୁପସ୍ଥିତ ଥିବା କହିବାପରେ ଏବିଷୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ନନ୍ଦଙ୍କୁ ପଚରାଉଚୁରା କରିଥିଲେ। ଉକ୍ତଦିନ ମଧ୍ୟାହ୍ନଭୋଜନ ପ୍ରଦାନ ସମୟରେ ଉପସ୍ଥିତ ଥିବା ଛାତ୍ରୀଛାତ୍ର, ପାଚିକା ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ପରିଚାଳନା କମିଟିର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏହି ରିପୋର୍ଟ ଶିକ୍ଷା ଅଧିକାରୀଙ୍କୁ ଦିଆଯିବ ବୋଲି ଉଭୟ ଅଧିକାରୀ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଘଟଣା ଦିନ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନନ୍ଦ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି। ଏହି ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପ୍ରଦାନରେ ଅନିୟମିତତା ନେଇ ୨୭।୧।୨୦ରେ ଅଭିଯୋଗ ହୋଇଥିଲା। ପରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏହାର ତଦନ୍ତ ଦାୟିତ୍ୱ ଏବିଇଓ ଲେଙ୍କା ଓ ନିକୁଞ୍ଜବିହାରୀଙ୍କୁ ଦିଆଯାଇଥିଲା। ତେବେ ତଦନ୍ତ ରିପୋର୍ଟ ପ୍ରଦାନରେ ବିଳମ୍ବ ହେଉଥିବା ନେଇ ସିଆରସିସି ଗତିକୃଷ୍ଣ ରାଉତ ଅଭିଯୋଗ କରିବା ପରେ ଲେଙ୍କାଙ୍କୁ ତଦନ୍ତ ଦାୟିତ୍ୱରୁ ହଟାଇ ଦିଆଯାଇଥିଲା।


**The Odisha State Co-operative Milk Producers' Federation Limited**

omfed www.omfed.com D-2, Sahidnagar, Bhubaneswar-751007, Ph. No.- 0674-2546030, 2540273, 2540417, Fax No.: 0674-2540974, Email ID: omfed@yahoo.com

Ref. : MM/113/AT **TENDER NOTICE** Dated: 03.03.2020

**No. CAD-1061:-** OMFED invites sealed tenders in Two Bid System from reputed Manufacturer or Valid Authorized importer & Valid Authorized Channel Partner for supply of **01) GLUCON DELTA LACTON (GDL) & DIRECT VAT-SET CULTURE (DVS), 02) PACKING & CONSUMABLES, 03) COLOR, ESSENCE & INGREDIENTS FOR ICE CREAM, 04) DETERGENT & CHEMICALS** to different Dairies of OMFED.

For details please visit our website: **www.omfed.com**. Any further addendum, corrigendum etc. will appear only in the website. The Management reserves the right to accept or reject any or all the Tenders at any stage without assigning any reason thereof.

*Managing Director*

OIPR-06063/11/0013/1920

**ODISHA LIFT IRRIGTION CORPORATION LIMITED** No. CAD-1062

( A Government of Odisha Undertaking)

**OFFICE OF THE EXECUTIVE ENGINEER, L.I. DIVISION, BHUBANESWAR**

**e-Mail: eeolicdivn.bbsr@ymail.com Tel. 0674-2391847**

***e-Procurement Notice***

**Bid Identification No. 519 / 2019-20 Dt. 26.02.2020**

The **Executive Engineer, Lift Irrigation Division, Bhubaneswar** on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites Percentage Rate bids in online mode for installation of Medium Deep Tube Wells including supply of materials in complete shape from reputed Contractors/Firms with valid license within the State issued by P.W.D./R.W.S.S./P.H.E.D./Irrigation/M.I. Dept. having their Mud Rotary/ Combination Rig and in the profession of Ground Water Exploration , Drilling and Installation of Medium Deep Tube Wells ( Approximate up to 100 Mtr Depth) . The proof of registration & experience from the appropriate authority shall be enclosed along with the Bid.

**Details of Works :-**

| Pkg No. | Name of the Dist. | Name of work | Estimated cost (In Rs ) | EMD to be deposited ( in Rs.) | Cost of tender paper (in Rs.) | Class of Contractor | Completion period |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Khordha | Drilling and installation of 12 Nos of 200 mm dia Medium Deep Tube Well at different locations | 3994451 | 39945 | 6000/- + 5% GST on reverse charge basis | Civil C & B licence | 90 days |

1. Date & time of publishing:- 07.03.2020 at 10.00 A.M.
2. Date of seeking clarification;- Up to 16.03.2020 (10 AM to 5 PM)
3. Closing date and time :- 20.03.2020 at 5.00 P.M.
4. Opening date & time:- 21.03.2020 at 04.00P.M.

The details of tender are available in the Government tender web site i.e. www.tendersorissa.gov.in. and other related documents are available in the DTCN for bidding. Any Addendum/ corrigendum/ Cancellation of tender will be available in the said website

**Executive Engineer L.I. Division, Bhubaneswar**

OIPR-32155/11/0009/1920

**ODISHA HYDRO POWER CORPORATION LTD**

CIN: U40101OR1995SGC003963

(GOVERNMENT OF ODISHA UNDERTAKING)

**OFFICE OF THE SR. GENERAL MANAGER (EL.)**

CHIPLIMA HYDRO ELECTRIC PROJECT, CHIPLIMA

At/P.O – CHIPLIMA– 768026, DIST-SAMBALPUR (ODISHA)

WEB: www.ohpcltd.com ☎ (0663) 2460661,

Email-hpschiplima@yahoo.in, Fax No. (0663) 2460505

No. CAD-1055

**No.-CHEP/TW-238 (Vol.-II)/679** **Date: 03.03.2020**

**TENDER CALL NOTICE NO.-CHEP-27/2019-20**

Sealed tenders are invited in two parts from the **Registered Manufacturers only** having GST Registration Certificate & IT PAN, for supply of the following materials;

| Description of Material | Cost of Tender Paper | EMD in Rs. |
|---|---|---|
| Design, Manufacturing, Supply including Supervision of Erection, Testing & Commissioning at Site of 1 No. 30MVA, 11/132KV Generator Transformer for CHEP, Chiplima | Rs.11,800/- (Rs.10,000/- + GST @18%) | 2,34,000/- |

The sale of tender papers will start from **dtd.07.03.2020** & close on **dtd.20.04.2020 at 12:30 PM**

The last date & time of receipt of tender **is Up to 01:30 PM of dtd.20.04.2020**

The date & time of opening of tender **at 03:30 PM of dtd.20.04.2020**

For details and further correspondence / corrigendum please visit our website www.ohpcltd.com. **Sd/- Unit Head, CHEP, Chiplima**

**OIPR-04006/11/0016/1920**

**ତା୦୪।୦୩।୨୦୨୦ରିଖରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା**

**ପ୍ରବନ୍ଧ ପ୍ରତିଯୋଗିତା** ସମୟ: ପୂର୍ବାହ୍ନ ଘ.୧୦.୩୦ ମିନିଟ୍ ସ୍ଥାନ: ଜୟଦେବ ଭବନ

ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)

ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)

ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ବକ୍ତୃତା ପ୍ରତିଯୋଗିତା** ସମୟ: ମଧ୍ୟାହ୍ନ ୧୨ ଘଟିକା ସ୍ଥାନ: ଗୀତଗୋବିନ୍ଦ ସଦନ

ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)

ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)

ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ, ସେମାନେ ନିର୍ଦ୍ଧାରିତ ସମୟର ୧ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ୧ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ଶୀର୍ଷକ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତରଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ / ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ସନ୍ଧ୍ୟା ଘ.୬.୨୦ମିନିଟ୍ ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ପ୍ରଦାନ କରାଯିବ।

ନିର୍ଦ୍ଦେଶକ

ସୂଚନା ଲୋକସମ୍ପର୍କ ବିଭାଗ

DADLS-110

OIPR-15001/13/0152/1920

**OFFICE OF THE EXECUTIVE ENGINEER BALASORE (ROADS & BUILDINGS) DIVISION-II**

**At/PO- Bhaskarganj, Balasore**

**Contact No:- 06782-263149,**

**No.B-790:- E Mail ID:- eepwdbls2@gmail.com**

**SHORT TENDER CALL NOTICE**

**BID INVITATION NO. EE (R and B) BLS-II- 48/ 2019-20**

**No. :- 1806 Date :- 29.02.2020**

| | | | |
|---|---|---|---|
| 1 | The Executive Engineer , Balasore (R & B) Division-II , Balasore on behalf of the Governor of Odisha invites Percentage rate bids to be received in ONLINE MODE only for Roads & Buildings works . | | |
| 2 | No. of Work | : | 1 No. |
| 3 | Nature of work | : | Road work of Balasore (R&B) Division-II |
| 4 | Class of Contractor | : | C & B Class of Contractor |
| 5 | Approx. value of work | : | Rs. 25.07 Lakhs |
| 6 | Tender Cost | : | 6000.00 as per work |
| 7 | Availability of Bid Documents in the website | : | From 10.00 hours of dt. 04.03.2020 to 16:00 hours of dt. 11.03..2020. |
| 8 | Date of Opening of Bid | : | Dt. 12.03.2020 at 11:00 hours. |
| 9 | Other details can be seen in the Bidding documents from the website : **https://tendersorissa.gov.in**. | | |

**Sd./- A.K. Mohanty**

**Executive Engineer,**

**Balasore (R&B) Division-II**

**OIPR- 34078/11/0031/1920**

## ବୁଣାନ୍ତୁ ନଳିତା

ଯେଉଁ ଅଞ୍ଚଳରେ କେନାଲ କିମ୍ବା ଉଠା ଜଳସେଚନର ସୁବିଧା ଅଛି ସେଠାରେ ମାର୍ଚ୍ଚ ୧୫ ତାରିଖଠାରୁ ପିତା ନଳିତା ବୁଣାବୁଣି କାର୍ଯ୍ୟ ଆରମ୍ଭ କରାଯାଇପାରିବ । ଏଥିପାଇଁ ଜମି ପ୍ରସ୍ତୁତ କରନ୍ତୁ । ମାଟିକୁ ଭଲଭାବରେ ଗୁଣ୍ଡ କରି ହେକ୍ଟର ପ୍ରତି ୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ହେକ୍ଟର ପ୍ରତି ପିତା ନଳିତା ଲାଗି ୮୦ କି.ଗ୍ରା.



ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର, ମଧୁର ନଳିତାରେ ୬୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଶେଷ ଓଡ଼ ଚାଷ ସମୟରେ ସମୁଦାୟ ଫସ୍‌ଫରସ୍ ଓ ପଟାସ୍ ସାରକୁ ମାଟିରେ ମିଶାଇ ଦିଅନ୍ତୁ । ଯବକ୍ଷାରଜାନ ସାରର ଅର୍ଦ୍ଧେକ ବୁଣିବାର ୨୦-୨୫ ଦିନ ପରେ ଘାସ ବଛା ଓ କୋଡ଼ାଖୁସା ସମୟରେ ପ୍ରୟୋଗ କରନ୍ତୁ । ଅବଶିଷ୍ଟ ଅର୍ଦ୍ଧେକ ଏହାର ୧୫ ଦିନ ପରେ ପ୍ରୟୋଗ କରନ୍ତୁ । ଧାଡ଼ିବୁଣା ଲାଗି ହେକ୍ଟର ପ୍ରତି ୫ କିଲୋଗ୍ରାମ୍ ଓ ଛଟାବୁଣା ପାଇଁ ୭.୫ କିଲୋଗ୍ରାମ୍ ବିହନ ଆବଶ୍ୟକ । ଏକ କି.ଗ୍ରା. ବିହନ ବିଶୋଧନ ସକାଶେ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଆବଶ୍ୟକ । ପିତା ନଳିତା କିସମ : ବଳଦେବ, ଜୟଦେବ, ଶ୍ରେଷ୍ଠା, ସବୁଜସୁନା, ଶ୍ୟାମଳି, ଶ୍ରାବନ୍ତୀ ଏବଂ ମଧୁର ନଳିତା କିସମଗୁଡ଼ିକ ହେଲା ରେବତୀ, ମହାଦେବ, ବୈଶାଖୀ ତୋଷା, ଚୈତାଳି ତୋଷା, ନବୀନ ଶକ୍ତି, ସୂର୍ଯ୍ୟ, ସୁରେନ୍ ଇତ୍ୟାଦି ।

## ଗୋରୁଙ୍କ ଯତ୍ନ...



ଗୋରୁଙ୍କୁ ଛାଇରେ ରଖନ୍ତୁ ଏବଂ ପରିଷ୍କାର ପାଣି ପିଇବାକୁ ଦିଅନ୍ତୁ । ଦୁଧିଆଳୀ ଓ ଗର୍ଭବତୀ ଗାଇଙ୍କୁ ପ୍ରତ୍ୟେକ ଦିନ ଅନ୍ୟାନ୍ୟ ଖାଦ୍ୟ ସହିତ ୩୦ ଗ୍ରାମ୍ ରୁ ୫୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ନିଶ୍ଚୟ ଦିଅନ୍ତୁ । ଛେଳିର ଓଜନ ଓ ପ୍ରଜନନ ବୃଦ୍ଧିପାଇଁ ପ୍ରତ୍ୟେକ ଦିନ ୫ ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଦିଅନ୍ତୁ ।

– ଗାଇମାନଙ୍କୁ ଚରିବାକୁ ଛାଡୁଥିଲେ, ସକାଳୁ ଓ ଉପରଓଳି ଚରାନ୍ତୁ । ଜର୍ସୀ, ହଲଷ୍ଟିନ୍ ବା ସଙ୍କର ଜାତୀୟ ଗାଇକୁ ଦିନବେଳେ ଗାଧୋଇ ଦିଅନ୍ତୁ ।

## ଫଳଚାଷ

ଅଧିକ ଅମଳ ପାଇବା ପାଇଁ ଗଛର ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ । ଆମ୍ବ ଡାହାଣୀ ଦମନ ଲାଗି ଆମ୍ବ କଷି ଧରିବା ଅବସ୍ଥାରେ ଥରେ ୩ ମି.ଲି. ଇମିଡ଼ାକୁ ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିମ୍ପି ତଥା ପାଉଁଶିଆ ରୋଗର ପ୍ରତିକାର ନିମନ୍ତେ ବଉଳ ହେବାର ୧୫ ଦିନପରେ ଥରେ ସଲ୍‌ଫର (ସେଚିତ ଗୁଣ୍ଡ) ୦.୪% କିମ୍ବା ୦.୧୫% ବାଭିଷ୍ଟିନ୍ ବା ପେନ୍‌କୋନାଜୋଲ୍ ୦.୫ ମି.ଲି./ଲିଟର ସିଞ୍ଚନ କରନ୍ତୁ । ଅଧିକ ଅମଳ ପାଇବା ସକାଶେ ଚଣା ଅବସ୍ଥାରେ ଗଛରେ ପ୍ଲାନୋଫିକ୍ସ କିମ୍ବା ପ୍ଲାନୋଭିଟା ୭ ମି.ଲି.କୁ ୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କଷି ଧରି ସାରିଥିଲେ ଜଳସେଚନର ବ୍ୟବସ୍ଥା କରନ୍ତୁ। ଫଳ ବଗିଚାକୁ ଉଇ ଦାଉରୁ ରକ୍ଷା କରିବା ପାଇଁ ଜଳସେଚନ ପୂର୍ବରୁ କ୍ଲୋରୋପାଇରିଫସ୍ ଗୁଣ୍ଡ ଗଛ ପ୍ରତି ୧୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ ।



ଦହିଆ ପୋକକୁ ନିୟନ୍ତ୍ରଣ କରିବାକୁ ହେଲେ ଗଛର ଗଣ୍ଡି ଚାରିପଟେ ଗ୍ରୀଜ୍‌ର ଲେପ ଭୂମି ପଉନଠାରୁ ଦେଢ଼ ଫୁଟ ଉଚ୍ଚରେ ଦିଅନ୍ତୁ ।

## ଏମାସର କୃଷି ସୂଚନା

**ଡାଲୁଅ ଧାନ :** ଧାନଜମିରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବାର ଆଶଙ୍କା ଅଛି। ଏହି ପୋକ ଲାଗିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ଏକ ଦୁଇ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନପ୍ରକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମହିଷା ରୋଗ ଦମନ ଲାଗି ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଗହମ:** ଗହମ ଗଛ ସମ୍ପୂର୍ଣ୍ଣ ହଳଦିଆ ପଡ଼ି ଶୁଖିଗଲେ ବା କେଣ୍ଡାରେ ଗହମ ଦାନା ଝଣ ଝଣ ଶବ୍ଦ କଲେ ସେଗୁଡ଼ିକ କାଟିଆଣି ଅମଳ କରି ୩/୪ ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

**ଡାଲି ଜାତୀୟ ଫସଲ :** ଜଳସେଚନର ସୁବିଧା ଥିଲେ ମୁଗ ଓ ବିରି ଫସଲରେ ୨୦-୨୫ ଦିନ ବେଳକୁ ଥରେ ଜଳସେଚନ କରନ୍ତୁ । ଜଳସେଚନ ପୂର୍ବରୁ ଟାର୍ଗା ସୁପର ଦୁଇ ମି.ଲି.କୁ ଏକ ଲିଟର ପାଣିରେ ମିଶାଇ ଫସଲକୁ ୧୫-୨୦ ଦିନ ବେଳକୁ ସିଞ୍ଚନ କଲେ ଏକ ବୀଜପତ୍ରୀ ଅନାବନା ଘାସ ଦାଉରୁ ସଂପୂର୍ଣ୍ଣ ରକ୍ଷା ମିଳିଥାଏ ।

**ତୈଳବୀଜ ଜାତୀୟ ଫସଲ :**

**ଚିନାବାଦାମ:** ଚିନାବାଦାମ ଅମଳଯୋଗ୍ୟ ହେଲେ ଅର୍ଥାତ୍ ଗଛ ହଳଦିଆ ପଡ଼ି ଶୁଖି ଆସିଲେ, ଚିନାବାଦାମ ଖୋସା ଭିତର ପଟେ କଳାଦାଗ ପଡ଼ିଲେ ଓ ଚିନାବାଦାମ ମଞ୍ଜି ଚୋପା ଗୋଲାପୀ ପଡ଼ିଆସିଲେ ଚିନାବାଦାମ ଅମଳ କରନ୍ତୁ। ଅମଳ ଚିନାବାଦାମକୁ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

# ଆଳୁ ଅମଳ ସମ୍ପର୍କରେ...

-ବର୍ତ୍ତମାନ ଆଳୁ ଅମଳ ସମୟ। ଏ ସମୟରେ ଚାଷୀଭାଇ କେତୋଟି ଦିଗ ପ୍ରତି ଯତ୍ନଶୀଳ ହେଲେ ଉତ୍କୃଷ୍ଟମାନର ଆଳୁ ଅମଳ କରିବା ସହ ପରବର୍ତ୍ତୀ ସମୟରେ ଆଳୁ ପଚିଯିବା ସମସ୍ୟାକୁ ରୋକାଯାଇପାରିବ।

-ଆଳୁ ଅମଳ କରିବାର ୮-୧୦ ଦିନ ପୂର୍ବରୁ ଜମିରେ ଜଳସେଚନ ବନ୍ଦ କର ଦିଅନ୍ତୁ। ଏହାଦ୍ୱାରା ଆଳୁର ଉପର ଚୋପା ଟାଣ ହୁଏ ଏବଂ ଅମଳ ସମୟରେ ଓ ଅମଳ ପରେ ଶଢ଼ିବାର ଆଶଙ୍କା କମ୍ ରହେ।

-ଆଳୁ ଅମଳ ସମୟରେ ଚାଷୀଭାଇ ଯତ୍ନର ସହ ହୁଡ଼ା ଭାଙ୍ଗି ଆଳୁ ଖୋଳିବା ଆବଶ୍ୟକ ଯେପରିକି ଆଳୁ କଟି ନ ଯାଏ। ଯଦି କା ଭାଁ କିଛି ଆଳୁ କଟିଯାଏ କିମ୍ବା ଆଘାତ ପାଏ, ସେଗୁଡ଼ିକୁ ଅଲଗା କରି ଶୀଘ୍ର ଖାଇବା ପାଇଁ ବ୍ୟବହାର କରିଦେବା ଆବଶ୍ୟକ।

-ଆଳୁ ଖୋଳିବା ପରେ ତାହାକୁ ପବନ ଚଳାଚଳ କରୁଥିବା ଛାଇ ଜାଗାରେ (ଖୋଲା ଘର, ଛାତ ଥିବା ଖଳା ପ୍ରଭୃତି) ପତଳା ସ୍ତରରେ ୬-୮ ଦିନ ରଖି ୩-୪ ଦିନ ଅନ୍ତରରେ ପୋଚା ଆଳୁକୁ ଅଲଗା କରିବା ଆବଶ୍ୟକ । ସୁବିଧା ନଥିଲେ ଗଦେଇ କରି ମଝିରେ ଏକ ଛିଦ୍ରଯୁକ୍ତ ପ୍ଲାଷ୍ଟିକ୍ ପାଇପ୍ ପୋତି ମଧ୍ୟ ରଖାଯାଇପାରେ ।





**ରାଶି:** ଖରାଦିନିଆ ରାଶି ଫସଲ ୩ ସପ୍ତାହର ହୋଇଗଲେ ପ୍ରଥମେ ଜଳସେଚନ କରି କୋଡ଼ାଖୁସା କରନ୍ତୁ ଓ ଘାସ ବାଛି ଦିଅନ୍ତୁ ।

**ସୂର୍ଯ୍ୟମୁଖୀ :** ଫସଲରେ ଧଳାମାଛି ବା ପତ୍ର ଉକୁଣୀ ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଆସିଟାମିପ୍ରିଡ୍ ବା ୧୨୫ ଗ୍ରାମ୍ ଥାଇଓମେଥୋକ୍‌ଜାମ୍ ଔଷଧକୁ ୫୦୦ ଲିଟର ପାଣି ସହ ମିଶାଇ ସିଞ୍ଚନ କରିବା ଆବଶ୍ୟକ ।

**ଆଖୁ :** ଆଖୁ ଲଗାଇବା କାର୍ଯ୍ୟ ଶେଷ କରନ୍ତୁ । ପୂର୍ବରୁ ଲଗାଯାଇଥିବା ଆଖୁ ଫସଲରେ ସଅଳ କିସମରେ ୪୫ ଓ ୯୦ ଦିନରେ ଏବଂ ମଧ୍ୟମ ଓ ବିଳମ୍ବ କିସମରେ ୪୫, ୯୦ ଓ ୧୨୦ ଦିନରେ ହେକ୍ଟର ପ୍ରତି ୩୦୦ କି.ଗ୍ରା. ଯବକ୍ଷାରଜାନ ସାର ସମାନ କିସ୍ତିରେ ପ୍ରୟୋଗ କରନ୍ତୁ। ୧୨୦ ଦିନ ପରେ ଆଖୁ ଫସଲରେ ଯବକ୍ଷାରଜାନ ସାର ପ୍ରୟୋଗ କରିବା ଉଚିତ ନୁହେଁ। କଳାଛଟା ରୋଗ ଆଖୁ ଗଛରେ ଦେଖାଦେଲେ ଆକ୍ରାନ୍ତ ଗଛକୁ ମୂଳରୁ ଓପାଡ଼ି କିଆରି ବାହାରେ ପୋଡ଼ି ଦିଅନ୍ତୁ। ଆକ୍ରାନ୍ତ କିଆରିରେ ପ୍ରୋପିକୋନାଜୋଲ୍ ୧.୦ ମି.ଲି., ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଛେଳି ଓ ମେଣ୍ଢା ପାଳନ :** ମାର୍ଚ୍ଚ ମାସ ବେଳକୁ ବିନା ବର୍ଷାରେ ଚରିବା ପାଇଁ ଘାସ ଯଥେଷ୍ଟ ମିଳେ ନାହିଁ । ତେଣୁ ଛେଳି ଓ ମେଣ୍ଢାମାନଙ୍କୁ ଚରି ଆସିଲା ପରେ ଯଥେଷ୍ଟ ଡାଳପତ୍ର କାଟି ଖାଇବାକୁ ଦିଅନ୍ତୁ। ଛେଳି ବା ମେଣ୍ଢା ପିଛା ଦୈନିକ ୧୦୦ ରୁ ୨୦୦ ଗ୍ରାମ୍ ସନ୍ତୁଳିତ ଦାନା ଖାଇବାକୁ ଦେଲେ ଏମାନେ ଅଧିକ ଓଜନର ହୁଅନ୍ତି । ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶ କରି ଏଣ୍ଟେରୋଟକ୍ସିମିଆ ଓ ପି.ପି.ଆର୍. ରୋଗ ଟିକା ଦିଅନ୍ତୁ ।



**କୁକୁଡ଼ା ପାଳନ :** ରାଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ ଦିନରୁ ୭ ଦିନର କୁକୁଡ଼ା ଚିଆଁଙ୍କୁ ଲାସୋଟା ଟିକା ଦିଅନ୍ତୁ । ୩୦ ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟିକା ଦିଅନ୍ତୁ । ୫୬ ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ଟିକା ଦିଅନ୍ତୁ । ୧୧୨ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ବୁଷ୍ଟର ଟିକା ଦିଅନ୍ତୁ । ବର୍ତ୍ତମାନ କୁକୁଡ଼ା ଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ ରୁ ୪୦୦ ସେଲ୍‌ସିୟସ୍ ରହୁଥିଲେ କୁକୁଡ଼ା ଚିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଓହଳାଇବା ବ୍ୟବସ୍ଥା କରନ୍ତୁ। ଟିଣ, ଆଜବେଷ୍ଟସ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ । ଘର ଅଗଣାରେ ପାଳନ କରୁଥିବା ସବୁ କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା ପରେ ୬ ମାସ ଅନ୍ତରରେ ଆର୍.ଟୁ.ବି. ଟିକା ଦିଅନ୍ତୁ, ଯାହା ଫଳରେ ରାଣୀକ୍ଷେତ ରୋଗ ହେବ ନାହିଁ ।

ମାଛଚାଷ : ଏକ ହେକ୍ଟର ବିଶିଷ୍ଟ ପୋଖରୀ ଲାଗି ଦୈନିକ ୭.୫ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୭.୫ କି.ଗ୍ରା. ଚିନାବାଦାମ ପିଡ଼ିଆର ମିଶ୍ରଣ ପ୍ରସ୍ତୁତ କରି ମାଛମାନଙ୍କୁ ଖାଇବାକୁ ଦିଅନ୍ତୁ ।

ଛତୁଚାଷ : ଛତୁଚାଷ କରୁଥିଲେ ଛତୁଘର ବିଶୋଧନ କରି ପାଳଛତୁ ଚାଷ ଆରମ୍ଭ କରିଦିଅନ୍ତୁ ।

***–କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର***

## ଖରାଦିନିଆ ପନିପରିବା

ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କଲରା, କାକୁଡ଼ି, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ । ଅଦିନିଆ ପନିପରିବା ଯଥା :- କୋବି, ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ। ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ । ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୧୦୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ ।



## ଫୁଲଚାଷ

ବ୍ୟବସାୟିକ ଭିତ୍ତିରେ ଗେଣ୍ଡୁ, ରଜନୀଗନ୍ଧା, ଜିନିଆ ଆଦି ଫୁଲଚାଷ କରନ୍ତୁ ।

**ଗେଣ୍ଡୁଫୁଲ:** ଅରେଞ୍ଜ୍‌ୟେଲୋ(ଲଗାଇବା ଦୂରତା- ୪୦ X ୩୦ ସେ.ମି.)ଓ ସନ୍‌ସାଇନ୍(ଲଗାଇବା ଦୂରତା-୨୦ X ୧୦-୨୦ ସେ.ମି. )।

**ଜିନିଆ:** ଲିଲିପୁଟ, ଡ୍ରିମ୍, ହ୍ୱାଇଟ୍‌ବଲ୍, ସାଲ୍‌ମାନ୍ ବିଉଟି କିସମ ଅନୁସାରେ(ଲଗାଇବା ଦୂରତା-୧୫ ସେ.ମି.ରୁ ୪୦ ସେ.ମି.) ।

**ରଜନୀଗନ୍ଧା:** ସ୍ୱର୍ଣ୍ଣରେଖା, ରଜତରେଖା, ସୁଭାସିନ୍, ମୁକ୍ତା ପ୍ରଜ୍ୱଳ, ଭୈରବ, ବାଙ୍ଗାଲୋର ସିଙ୍ଗଲ୍, କଲକର୍ତି ସିଙ୍ଗଲ୍, ମେକ୍ସିକୋ ସିଙ୍ଗଲ୍ । (ଲଗାଇବା ଦୂରତା-ଧାଡ଼ିକୁ ଧାଡ଼ି ୩୦ ସେ.ମି.ରୁ ୪୫ ସେ.ମି. ଓ ଗଛକୁ ଗଛ ୧୦ ସେ.ମି.ରୁ ୩୦ ସେ.ମି.)।

-ବାଡ଼ି ବଗିଚାର ଅଭାବରେ ଟେବୁଲ୍ ଗୋଲାପ, ଲିଲିୟମ୍ ଓ ସୂର୍ଯ୍ୟମୁଖୀ ଇତ୍ୟାଦି ଫୁଲକୁ କୁଣ୍ଡରେ ମଧ୍ୟ ଲଗାଯାଇପାରିବ । ବିହନ ମଞ୍ଜି, କୋଲା ଓ ଖଣ୍ଡରୁ ଚାରା ଉତ୍ପନ୍ନ କରାଯାଇପାରିବ।



# ଜୈବିକ କୃଷିରେ ରୋଗପୋକ ପରିଚାଳନା

**(ଦ୍ୱିତୀୟ ଅଧ୍ୟାୟ)**

- ଟ୍ରାଇକୋଡର୍ମାର ପ୍ରୟୋଗ ବିହନ ବିଶୋଧନ, ଚାରା ବିଶୋଧନ (୫ ଗ୍ରାମ ଟ୍ରାଇକୋଡର୍ମା ସହ ୨୦ ମିଲି ପାଣି ଦ୍ରବଣରେ ୧ କି.ଗ୍ରା. ବିହନ ବା ଚାରାକୁ ବୁଣିବା ବା ଲଗାଇବା ପୂର୍ବରୁ), ନର୍ସରୀ ବିଶୋଧନ (୨୫୦ ଗ୍ରାମ ଟ୍ରାଇକୋଡର୍ମା + ୨ କିଗ୍ରା ଖତକୁ ୪୦୦ ବର୍ଗମିଟର ତଳିଘରା ମାଟିରେ ମିଶାଇ ଜଳସେଚନ), ମୃତ୍ତିକାରେ ପ୍ରୟୋଗ (୧ କିଗ୍ରା ଟ୍ରାଇକୋଡର୍ମା + ୨୫ କିଗ୍ରା କମ୍ପୋଷ୍ଟ ଖତକୁ ୧ ଏକର ଜମିରେ ବିଞ୍ଚି ଜଳସେଚନ), ପତ୍ର ସିଞ୍ଚନ (୧.୩ କିଗ୍ରା ଟ୍ରାଇକୋଡର୍ମା + ୨୦୦ ଲିଟର ପାଣିର ଦ୍ରବଣକୁ ଫସଲରେ ସିଞ୍ଚନ) ଆକାରରେ କରାଯାଏ।

-ସେହିପରି ସୁଡୋମୋନାସ୍ ବୀଜାଣୁର ୫ ଗ୍ରାମ୍ + ୨୦ ମିଲି ପାଣିରେ ମିଶାଇ ୧ କିଗ୍ରା ପ୍ରତି ବିହନର ବିଶୋଧନ ଓ ୧.୫ କିଗ୍ରା + ୨୫ କିଗ୍ରା କମ୍ପୋଷ୍ଟକୁ ୧ ଏକର ଜମିରେ ପ୍ରୟୋଗ କରି ରୋଗ ନିୟନ୍ତ୍ରଣ କରାଯାଇଥାଏ।

**ଦେଶୀୟ ପଦ୍ଧତି ଦ୍ୱାରା ରୋଗପୋକ ନିୟନ୍ତ୍ରଣ: ନାଳିମାଟି:** ଝୁଡ଼ଙ୍ଗ, ବରଗୁଡ଼ି, ଲଙ୍କା, ହରଡ଼ ପ୍ରଭୃତିକୁ ନାଳିମାଟି (ଉଇ ହୁଙ୍କା ମାଟି ହେଲେ ଭଲ) ଲେପ ଦେଇ ଲଗାଇଲେ ରୋଗ, ପୋକ ନିରୋଧ ହେବା ସଙ୍ଗେ ସଙ୍ଗେ ଭଲ ଅମଳ ମିଳିଥାଏ।

**ଲେମ୍ବୁ ରସ:**୧୫୦ ମିଲି ଲେମ୍ବୁ ରସ ସହ ୧୫୦ ମିଲି ତେନ୍ତୁଳି ରସରେ ୧୫ ଲିଟର ପାଣି ମିଶାଇ ପନିପରିବା ଫସଲରେ ସିଞ୍ଚନ କଲେ ଶଂବାଲୁଆ ଦୂରେଇ ଯାଆନ୍ତି। **ନିମ୍ବପତ୍ର:** ୧୦୦ ଗ୍ରାମ୍ ନିମ୍ବପତ୍ରରୁ ରସ ବାହାର କରି ୧ ଲିଟରର ପାଣି ମିଶାଇ ସିଞ୍ଚନ କଲେ ପନିପରିବାର ପତ୍ରମୋଡ଼ା ରୋଗ ଭଲ ହୁଏ।

**ତୁଳସୀପତ୍ର:**୧୦୦ ଗ୍ରାମ ତୁଳସୀପତ୍ର, ୧ ଲିଟର ପାଣି, ୧୦ ମିଲି ସାବୁନ ପାଣି ମିଶା ପନିପରିବାର ପତ୍ରମୋଡ଼ା ରୋଗ ଓ ବିଭିନ୍ନ ଫସଲର ପତ୍ରକଟା, ଫଳ ମାଛି ଓ ନାଳିକଟି ପୋକ, ସୂତ୍ରକୀଟ ଆଦି ନିୟନ୍ତ୍ରିତ ହୋଇଥାଏ।

**ଘୋଳ ଦହି:** ୧ ଲିଟର ଘୋଳ ଦହିକୁ ୧୫-୨୦ ଦିନ ପଚନ କରି ତାହାପରେ ୨୦ ଲିଟର ପାଣିରେ ମିଶାଇ ବାଇଗଣ, ଲଙ୍କା, ଆଳୁ ଫସଲରେ ସିଞ୍ଚନ କରିବା ଦ୍ୱାରା ପତ୍ରମୋଚା ରୋଗ ଦୂରେଇଯାଏ।



**ଆତପତ୍ର:** ୧ କିଗ୍ରା ଆତ ପତ୍ରକୁ ରାତିରେ ୯ ଲିଟର ପାଣିରେ ମିଶାଇ ସକାଳୁ ଭଲ ଭାବେ ହାତରେ ଚକଟି ଉକ୍ତ ମିଶ୍ରଣକୁ ଉଇ ଆକ୍ରମଣ ଫସଲ ଓ ଉଇ ସ୍ଥାନରେ ସିଞ୍ଚନ କଲେ ଉଇ ସେ ସ୍ଥାନ ଛାଡ଼ି ଚାଲିଯାଆନ୍ତି।

**ଅରଖପତ୍ର:** ୫ କିଗ୍ରା ଅରଖ ପତ୍ରକୁ ୧୫ ଲିଟର ପାଣିରେ ୨୪ ଘଣ୍ଟା ଭିଜାଇ ତାହାକୁ ଛାଣିବା ପରେ ଉଇ ଲାଗିଥିବା ସ୍ଥାନରେ ପ୍ରୟୋଗ କଲେ ଉଇମାନେ ସେ ସ୍ଥାନ ଛାଡ଼ି ଯାଆନ୍ତି।

**ଫଳ ଓ କାଣ୍ଡବିନ୍ଧା ପୋକର ନିୟନ୍ତ୍ରଣ ନିମନ୍ତେ:** ଶୁଖିଲା ଲଙ୍କା ୪୦୦ ଗ୍ରାମ + ରସୁଣ ୪୦୦ ଗ୍ରାମକୁ ଭଲ ଭାବେ ବାଟି ୨୦୦ ଲି. ପାଣିରେ ମିଶାଇ ଛାଣି ଫସଲରେ ସିଞ୍ଚନ କରନ୍ତୁ।

-ବାଇଗଣ ଓ ଝୁଡ଼ଙ୍ଗ ଫସଲରେ ଅଧିକ ଫୁଲ ଓ ଫଳ ଆସିବା ନିମନ୍ତେ ୧୦୦ ଗ୍ରାମ ଜୁଆଣୀକୁ ବାଟି ପାଣିରେ ଗୋଳାଇ ଛାଣି ୧୫ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତ କରି ସିଞ୍ଚନ କରନ୍ତୁ।

– ଗନ୍ଧି ପୋକ ଧାନ କେଣ୍ଡାରୁ କ୍ଷୀର ଶୋଷି ନେଇଥାନ୍ତି। ତାହାର ନିୟନ୍ତ୍ରଣ ପାଇଁ ଗେଣ୍ଡାକୁ ଛେଚି ୨ ଦିନ ପଚିଲା ପରେ କପଡ଼ାରେ ବାନ୍ଧି କେଣ୍ଡା ଉପରେ କ୍ଷେତ୍ରର ବିଭିନ୍ନ ସ୍ଥାନରେ ଏକର ପ୍ରତି ୪-୫ଟି ସ୍ଥାନରେ ବାଡ଼ିରେ ଟଙ୍ଗାଇ ଦିଅନ୍ତୁ। ଗନ୍ଧି ପୋକ ଆକୃଷ୍ଟ ହୋଇ ରସ ଶୋଷି ଖାଇଲେ ତାହାର ଶୁଣ୍ଢ ଅକାମୀ ହୋଇଯାଏ।

– ୫୦୦ ଗ୍ରାମ ବଚ ଗୁଣ୍ଡକୁ ୧୦ ଲିଟର ଗୋମୂତ୍ରରେ ମିଶାଇ ୩ ଦିନ ରଖି ତା'ପରେ ୯୦ ଲିଟର ପାଣିର ଦ୍ରବଣକୁ ଫସଲରେ ସିଞ୍ଚନ କରିବା ଦ୍ୱାରା ସମସ୍ତ ଫସଲର ଜଉପୋକ ନିୟନ୍ତ୍ରିତ ହୋଇଥାଏ।

– ଜଉ, ଉକୁଣିଆ ଓ ଧଳା ମାଛି କୀଟର ନିୟନ୍ତ୍ରଣ ନିମନ୍ତେ ବେଗୁନିଆ ପତ୍ର ୨ କିଗ୍ରା + ଶୁଖିଲା ଲଙ୍କା ୧୦ ଗ୍ରାମକୁ ୨୫୦ ମିଲି ପାଣି ସହ ବାଟି ୧୦ ଲିଟର ପାଣିରେ ମିଶାଇ କିଛି ସମୟ ରଖି ଛାଣି ଦେଇ ସନ୍ଧ୍ୟା ସମୟରେ ଫସଲରେ ସିଞ୍ଚନ କରନ୍ତୁ।

***–ପରେଶ କୁମାର ପଣ୍ଡା,***
*ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର,*
*ମୋ: ୭୨୦୫୦୯୬୦୮୦*



ଏପ୍ରିଲ–ଜାନୁୟାରୀ ସମୟରେ ସରକାର ୭.୫୨ ଲକ୍ଷ କୋଟି ଟଙ୍କାର ପ୍ରତ୍ୟକ୍ଷ ଟିକସ ସଂଗ୍ରହ କରିବାକୁ ସକ୍ଷମ ହୋଇଛନ୍ତି।

–ଅନୁରାଗ ଠାକୁର, କେନ୍ଦ୍ର ଅର୍ଥ ରାଷ୍ଟ୍ର ମନ୍ତ୍ରୀ



ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହିତ କରିବା ଲାଗି ସରକାର ନୂଆ ଯୋଜନା କାର୍ଯ୍ୟକାରୀ କରାଇବେ।

– ନୀତିନ ଗଡକରୀ, କେନ୍ଦ୍ର ଏମ୍ଏସ୍ଏମ୍ଇ ମନ୍ତ୍ରୀ

## ସଂକ୍ଷେପରେ

### ଅଜୟ୍ ଭୂଷଣ ପାଣ୍ଡେଙ୍କୁ ଅର୍ଥ ସଚିବ ଦାୟିତ୍ୱ

ନୂଆଦିଲ୍ଲୀ,୩-୩

କେନ୍ଦ୍ର ରାଜସ୍ୱ ସଚିବ ଭାବେ କାର୍ଯ୍ୟ କରୁଥିବା ଅଜୟ୍ ଭୂଷଣ ପାଣ୍ଡେଙ୍କୁ ଅର୍ଥ ସଚିବ ଭାବେ ନିଯୁକ୍ତ କରାଯାଇଛି। କେନ୍ଦ୍ର କ୍ୟାବିନେଟର ନିଯୁକ୍ତି କମିଟି ୧୯୮୪ ବ୍ୟାଚ୍ ମହାରାଷ୍ଟ୍ର କ୍ୟାଡରର ଏହି ଆଇଏଏସ୍ ଅଧିକାରୀଙ୍କୁ ଅର୍ଥ ସଚିବ ଭାବେ ମନୋନିତ କରିଥିବା କାର୍ମିକ ମନ୍ତ୍ରଣାଳୟ ଅର୍ଡରରେ କୁହାଯାଇଛି। ପୂର୍ବରୁ ଏହି ପଦବୀରେ କାର୍ଯ୍ୟ କରୁଥିବା ରାଜୀବ କୁମାର ଗତ ମାସରେ ଅବସର ନେବା ପରେ ଉକ୍ତ ପଦବୀଟି ଖାଲି ପଡିଥିଲା। ୧୯୮୪ ବ୍ୟାଚ୍ ଝାଡଖଣ୍ଡ କ୍ୟାଡର କୁମାରଙ୍କୁ ଗତ ବର୍ଷ ଜୁଲାଇ ମାସରେ ଅର୍ଥ ସଚିବ ଭାବେ ନିଯୁକ୍ତ କରାଯାଇଥିଲା। ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ସଚିବଙ୍କୁ ଅର୍ଥ ସଚିବ ଭାବେ ନିଯୁକ୍ତି ମିଳିଥାଏ। ବର୍ତ୍ତମାନ ୧୯୮୫ ବ୍ୟାଚ୍ ଗୁଜରାଟ କ୍ୟାଡର ଆଇଏଏସ୍ ଅଧିକାରୀ ଅତନୁ ଚକ୍ରବର୍ତ୍ତୀ ଅର୍ଥନୈତିକ ବ୍ୟାପାର ବିଭାଗ ସଚିବ ଭାବେ କାର୍ଯ୍ୟ କରୁଥିବା ବେଳେ ୧୯୮୭ ବ୍ୟାଚ୍ ଓଡିଶା କ୍ୟାଡର ଅଧିକାରୀ ତୁହିନ କାନ୍ତ ପାଣ୍ଡେ ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ବିଭାଗ ସଚିବ, ତାମିଲନାଡୁ କ୍ୟାଡର ଟି.ଭି.ସୋମନାଥନ ବ୍ୟୟ ସଚିବ ଏବଂ ସମାନ ବ୍ୟାଚ୍ର ଦେବାଶିଷ ପଣ୍ଡା ଆର୍ଥିକ ସେବା ସଚିବ ଭାବେ କାର୍ଯ୍ୟ କରୁଛନ୍ତି।

### ସାମ୍ସଙ୍ଗ ଗାଲାକ୍ସି ଏସ୍୧୦ ଲାଇଟର ନୂଆ ଏଡିଶନ

ଭୁବନେଶ୍ୱର,୩-୩

ସାମସଙ୍ଗ ପକ୍ଷରୁ ଏହାର ସାମ୍ସଙ୍ଗ ଗାଲାକ୍ସି ଏସ୧୦ ଲାଇଟର ୫୧୨ ଜିବି ସଂସ୍କରଣର ଶୁଭାରମ୍ଭ ଘୋଷଣା କରିଛି । ଯୁବବର୍ଗଙ୍କ ଆବଶ୍ୟକତାକୁ ବିଚାରକରି ଏହି ନୂଆ ମଡେଲଟିକୁ କମ୍ପାନୀ ପ୍ରସ୍ତୁତ କରିଛି। ସୁଲଭ ମୂଲ୍ୟରେ ଗ୍ରାହକଙ୍କ ପାଇଁ ପ୍ରିମିୟମ ବୈଶିଷ୍ଟ୍ୟ ପ୍ରଦାନ କରିବା ପାଇଁ ମଡେଲଟିକୁ ଡିଜାଇନ କରାଯାଇଛି । ଏଥିରେ ସ୍ନାପଡ୍ରାଗନ ୮୫୫ ପ୍ରୋସେସର ଏବଂ ୫୧୨ ଜିବିର ନୂତନ ଷ୍ଟୋରେଜ ସହିତ ୫ଜିବି ରାମ୍ ରହିଛି। ଏହା ଆକର୍ଷଣୀୟ ମଲ୍ଟି-ଟାସ୍କିଙ୍ଗ ଅନୁଭୂତି ଏବଂ ବିଶାଳ ଷ୍ଟୋରେଜ ପ୍ରଦାନ କରିଛି। ଦୀର୍ଘସ୍ଥାୟୀ ୪୫୦୦ ମେଗାହର୍ଜ ବ୍ୟାଟେରୀ ଏବଂ ୨୫ୱାଟ ସୁପର-ଫାଷ୍ଟ ଚାର୍ଜିଙ୍ଗ ସହ ଲାଇଟ ଗେମ୍ ବୁଷ୍ଟର, ସାମ୍ସଙ୍ଗ ପେ ଏବଂ ସାମ୍ସଙ୍ଗ ହେଲ୍ଥ ଆଦି ପ୍ରମୁଖ ଫିଚର ଏଥିରେ ରହିଛି। ପ୍ରିଜମ ହ୍ୱାଇଟ, ପ୍ରିଜମ ବ୍ଲାକ ଏବଂ ପ୍ରିଜମ ବ୍ଲୁ ସହିତ ଆସିଛି। ମଡେଲଟିର ବଜାର ଦର ୪୪,୯୯୯ ଟଙ୍କା ରହିଛି।

### ଆକାଶ ପକ୍ଷରୁ ସ୍କଲାରଶିପ ପରୀକ୍ଷା ଘୋଷଣା

ନୂଆଦିଲ୍ଲୀ,୩-୩

ଆକାଶ ଏଡୁକେଶନାଲ୍ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍ଏଲ୍) ପକ୍ଷରୁ ନ୍ୟାଶନାଲ ଏଲିଜିବିଲିଟି ଏଣ୍ଡ ସ୍କଲାରଶିପ୍ ଟେଷ୍ଟ (ନେଷ୍ଟ) ସ୍କଲାରଶିପ୍ ପରୀକ୍ଷାର ଦ୍ୱିତୀୟ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଦଶମରୁ ଦ୍ୱାଦଶ ଶ୍ରେଣୀର ଛାତ୍ର ଏଥିରେ ଭାଗ ନେଇ ପାରିବେ। ଯେଉଁ ଛାତ୍ରମାନେ ଦଶମରୁ ଦ୍ୱାଦଶକୁ ଯାଉଛନ୍ତି, ଏକାଦଶରୁ ଦ୍ୱାଦଶକୁ ଯାଉଛନ୍ତି ଓ ଦ୍ୱାଦଶ ପରୀକ୍ଷା ଦେଇଛନ୍ତି ବା ପାସ୍ କରିଛନ୍ତି ସେମାନେ ନେଷ୍ଟ ଦେଇପାରିବେ। ଏହି ସ୍କଲାରଶିପ ପରୀକ୍ଷା ଦେଶର ୨୪ ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ୫ ଏପ୍ରିଲରେ ଅନୁଷ୍ଠିତ ହେବ। ନେଷ୍ଟ ମାଧମରେ ଛାତ୍ରମାନେ ଜାତୀୟ ସ୍ତରରେ ପ୍ରତିଯୋଗିତା କରିବାର ସୁଯୋଗ ପାଇପାରିବେ। ଏଥିରେ ଟ୍ୟୁଶନ ଫିସର ୯୦% ସ୍କଲାରଶିପ୍ ଆକାରରେ ପାଇବାର ସୁଯୋଗ ରହିଛି। ଏହି ଅବସରରେ ଆକାଶ ଏଡୁକେଶନାଲ୍ ସର୍ଭିସେସ୍ ଲିମିଟେଡ୍ର ଡାଇରେକ୍ଟର ଓ ସିଇଓ,ଆକାଶ ଚୌଧୁରୀ, କହିଛନ୍ତି ଆକାଶ ନେଷ୍ଟର ଦ୍ୱିତୀୟ ସଂସ୍କରଣକୁ ଆରମ୍ଭ କରିଥିବାରୁଅତ୍ୟନ୍ତ ଖୁସୀ। ଏହା ଦ୍ୱାରା ଛାତ୍ରମାନେ ଜାତୀୟ ସ୍ତରରେ ପ୍ରତିଯୋଗିତା କରିପାରିବେ ଓ ସେମାନେ ୨୦% ପର୍ଯ୍ୟନ୍ତ ସ୍କଲାରଶିପ୍ ପାଇବା ପାଇଁ ସୁଯୋଗ ପାଇପାରିବେ।

# ବଜାର ଉପରେ ଆର୍ବିଆଇର ନଜର

ନୂଆଦିଲ୍ଲୀ,୩–୩

**କରୋନା ପ୍ରଭାବ**

- ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରସ୍ତୁତ
- ୪ ଦେଶର ନାଗରିକଙ୍କ ମାର୍ଚ୍ଚ ଭିଜା ରଦ୍ଦ



କରୋନା ଯୋଗୁ ବିଶ୍ୱ ବଜାରର ସ୍ଥିତି ବିଗୁଡୁଛି। ଏଭଳି ସମୟରେ ବିଶ୍ୱ ବଜାର ଏବଂ ଘରୋଇ ବଜାରର ସ୍ଥିତି ଉପରେ ବର୍ତ୍ତମାନ ନଜର ରଖାଯାଇଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ ମଙ୍ଗଳବାର ସୂଚନା ଦେଇଛି। ବିତ୍ତୀୟ ବଜାର ବ୍ୟବସ୍ଥିତ ଢଙ୍ଗରେ କିଭଳି କାର୍ଯ୍ୟ କରିବ ସେ ଦିଗରେ ଆବଶ୍ୟକ ଜରୁରୀ ପଦକ୍ଷେପ ଉଠାଇବାକୁ ପ୍ରସ୍ତୁତ ଥିବା କେନ୍ଦ୍ରୀୟ ବ୍ୟାଙ୍କ କହିଛି। କରୋନା ଭାଇରସ ଯୋଗୁ ବିଶ୍ୱ ବଜାର ବର୍ତ୍ତମାନ ପ୍ରଭାବିତ ସ୍ଥିତିରେ ରହିଛି। ଏହି ଭାଇରସ ବିଶ୍ୱର ବିଭିନ୍ନ ବଜାରକୁ ବ୍ୟାପିବା ଫଳରେ ବଜାରରେ ଉତ୍ଥାନ ପତନ ଲାଗି ରହିଛି। ଏହି ଧାରଣାରୁ ନିବେଶକଙ୍କ ମନୋଭାବ ପ୍ରଭାବିତ ହୋଇଛି। ସୁରକ୍ଷିତ ସ୍ଥାନରେ ନିଜ ଅର୍ଥକୁ ନିବେଶ କରିବା ନେଇ ନିବେଶକମାନେ ବଜାରରୁ ଅର୍ଥ କାଢି ନେଉଛନ୍ତି।

ଏଭଳି ସ୍ଥିତିରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ବିଶ୍ୱ ବଜାରର ସ୍ଥିତି ଉପରେ ଲଗାତାର ନଜର ରଖାଯାଇଛି। ବିତ୍ତୀୟ ସ୍ଥିରତା ଏବଂ ନିବେଶକଙ୍କ ମନୋଭାବ ସୁରକ୍ଷିତ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରସ୍ତୁତ। କରୋନା ଯୋଗୁ ସାରା ବିଶ୍ୱର ଶେୟାର ବଜାର କ୍ଷତିଗ୍ରସ୍ତ ହୋଇଛି। ଏହାବାଦ ଭାରତ ସରକାର ଇଟାଲି, ଇରାନ, ଦକ୍ଷିଣ କୋରିଆ ଏବଂ ଜାପାନ ନାଗରିକଙ୍କୁ ମାର୍ଚ୍ଚ ମାସ ଏବଂ ଏହା ପୂର୍ବରୁ ଜାରି କରିଥିବା ସମସ୍ତ ଭିଜା–ଇଭିଜା ରଦ୍ଦ କରି ଦେଇଛନ୍ତି। ଭାରତରେ କରୋନାର ୨ ନୂଆ ମାମଲା ସାମ୍ନାକୁ ଆସିବା ପରେ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି।

#### ଔଷଧ ରପ୍ତାନି ଉପରେ କଟକଣା

କରୋନାର ପ୍ରଭାବ ଦେଶର ଫାର୍ମାସିଟିକାଲ ଶିଳ୍ପ ଦେଖାଯାଇଥିବା ଜଣାପଡିଛି। ସରକାର ପ୍ରାୟ ୨୬ ଔଷଧୀୟ ସାମଗ୍ରୀ ରପ୍ତାନି ଉପରେ କଟକଣା ଜାରି କରିଛନ୍ତି। ପାରାସିଟାମଲ, ଭିଟାମିନବି୧ ଏବଂ ବି୨ ଭଳି ଅନ୍ୟ କିଛି ଔଷଧ ଏହା ମଧ୍ୟରେ ସାମିଲ ରହିଛି। ପୂର୍ବରୁ ଏହି ଔଷଧଗୁଡିକ ଉପରେ ଏଭଳି କୌଣସି ପ୍ରତିବନ୍ଧକ ଲାଗି ନ ଥିଲା। ଆଗାମୀ ନିର୍ଦ୍ଦେଶ ଆସିବା ଯାଏ ଏଭଳି କଟକଣା ରହିବ ବୋଲି ବିଦେଶୀ ବାଣିଜ୍ୟ ମହାନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ସୂଚନା ଯୋଗ୍ୟ ଭାରତୀୟ ଫାର୍ମା କମ୍ପାନୀଗୁଡିକ ଔଷଧ ପ୍ରସ୍ତୁତି ଲାଗି କଞ୍ଚାମାଲ ଚାଇନା ଉପରେ ନିର୍ଭର କରିଥାନ୍ତି। ଆକ୍ଟିଭ ଫାର୍ମା ଇନଗ୍ରେଡିଏଣ୍ଟ(ଏପିଆଇର) ୭୦% ଚାଇନାରୁ କମ୍ପାନୀଗୁଡିକ ଆଣିଥାନ୍ତି। କରୋନା ଯୋଗୁ ଏବେ ବଜାର କ୍ଷତିଗ୍ରସ୍ତ ହୋଇଛି। ଏଭଳି ସ୍ଥିତି ଯୋଗୁ ଭାରତକୁ ଏପିଆଇ ଯୋଗାଣ ବାଧାପ୍ରାପ୍ତ ହେଉଥିବା ଶିଳ୍ପ ପକ୍ଷରୁ କୁହାଯାଇଛି।

#### ଶେୟାର ବଜାର ହ୍ରାସରେ ବିରତି

କରୋନା ଭାଇରସ ପ୍ରଭାବରେ ଗତ ୭ ଦିନ ଧରି ଶେୟାର ବଜାରରେ ହ୍ରାସ ଧାରା ଜାରି ରହିଥିଲା। ଏହି ହ୍ରାସ ଧାରାରେ ମଙ୍ଗଳବାର ବିରତି ଲାଗିଛି। ବଜାର ଉପରେ ନିବେଶକଙ୍କ ମନୋଭାବ ଉନ୍ନତ ଆସିବା ଯୋଗୁ ୩୦ ଶେୟାର ବିଶିଷ୍ଟ ସେନ୍ସେକ୍ସ ୪୮୦ ପଏଣ୍ଟ ବଢିଥିବା ଦେଖାଯାଇଛି। ଏହା ବାଦ ନିଫ୍ଟି କାରବାର ମଧ୍ୟ ଉନ୍ନତ ସ୍ଥିତିରେ ରହି ୧୭୦.୫୫ ପଏଣ୍ଟ ବଢିଥିବା ସୂଚନା ରହିଛି।

### ଓ୍ୱିଫିକୁ ବେଷ୍ଟ ଇଣ୍ଟରନେଟ ସର୍ଭିସ ପ୍ରୋଭାଇଡର ଆୱାର୍ଡ




ଭୁବନେଶ୍ୱର, ୩–୩

ଟାଇମ୍ସ ଗ୍ରୁପ ପକ୍ଷରୁ ଓ୍ୱିଫିକୁ ଓଡ଼ିଶାର ବେଷ୍ଟ ଇଣ୍ଟରନେଟ ସର୍ଭିସ ପ୍ରୋଭାଇଡର ଆୱାର୍ଡ–୨୦୨୦ ପ୍ରଦାନ କରାଯାଇଛି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲିଉଡ ଅଭିନେତା ଅନିଲ କପୁରଙ୍କଠାରୁ ଓ୍ୱିଫିର ପକ୍ଷରୁ ନିର୍ଦ୍ଦେଶକ ପ୍ରଶାନ୍ତ ଅଗ୍ରୱାଲ ଏହି ଆୱାର୍ଡ ଗ୍ରହଣ କରିଥିଲେ। ଲଗାତର ଭାବେ ଦ୍ୱିତୀୟ ଥର ଲାଗି ଓ୍ୱିଫି ଏହି ପୁରସ୍କାର ହାସଲ କରିବାକୁ ସକ୍ଷମ ହୋଇଛି। ପ୍ରମୁଖ ସେବା ଯୋଗାଣକାରୀ ଭାବେ ଏହା ୧୦୦୦ ଏମ୍ବିପିଏସ୍ ସ୍ପିଡରେ ଏହା ସେବା ଯୋଗାଉଛି। ମାସିକ ୯୯୯ ଟଙ୍କାରେ ଏହା ଡାଟା ସେବା ଯୋଗାଉଛି। ସର୍ବୋତ୍ତମ ଗୁଣବତ୍ତା ବିଶିଷ୍ଟ ସେବା ଯୋଗାଣ ଲାଗି ଏଭଳି ଆୱାର୍ଡ ଲାଭ କରିଥିବା ପ୍ରଶାନ୍ତ ଅଗ୍ରୱାଲ କହିଛନ୍ତି।

### ୟୁବିଆଇକୁ ଡାଇନାମିକ ସିସୋ ଆୱାର୍ଡ



କଲିକତା, ୩–୩

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)କୁ ଡାଇନାମିକ ସିସୋ ଏକ୍ସଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଛି। ସାଇବର ନିରାପତ୍ତା ଦିଗରେ ବ୍ୟାଙ୍କର ଉଦ୍ୟମ ଆଧାରେ ଏଭଳି ସମ୍ମାନ ମିଳିଛି। ମୁମ୍ବାଇଠାରେ ଅନୁଷ୍ଠିତ ସିସୋର ବାର୍ଷିକ ସମିଟ ଅବସରରେ ୟୁବିଆଇର ଚିଫ୍ ଇନଫରମେଶନ ସିକ୍ୟୁରିଟି ଅଫିସର ବୋଲ୍ଡ ସିସୋ ଆୱାର୍ଡ ଗ୍ରହଣ କରିଥିଲେ। ବ୍ୟାଙ୍କିଙ୍ଗ ଇକୋ ସିଷ୍ଟମରେ ସାଇବର ନିରାପତ୍ତାକୁ ଦୃଢ କରିବା ଦିଗରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ରହିଛି। ଗ୍ରାହକଙ୍କ ନିରାପତ୍ତା ବ୍ୟାଙ୍କିଙ୍ଗ ସେବା ଯୋଗାଣ ଦିଗରେ ସର୍ବଦା ଯୋଗଦାନ ଜାରି ରହିଥିବା ୟୁବିଆଇ ପକ୍ଷରୁ କୁହାଯାଇଛି।

# ଏସ୍ଆର୍ଏମ୍ ଛାତ୍ରୀଛାତ୍ରଙ୍କୁ ନ୍ୟାଶନାଲ ଆୱାର୍ଡ

କଟାନକୁଲାଥୁର, ୩–୩




ଏସ୍ଆର୍ଏମ୍ ଇନଷ୍ଟିଟ୍ୟୁଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଛାତ୍ରୀଛାତ୍ରଙ୍କ ଟିମ୍ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଅଧିକ ଏଆଇସିଟିର ଛାତ୍ର ବିଶ୍ୱକର୍ମା ଆୱାର୍ଡ ଲାଭ କରିଛନ୍ତି। ଏସ୍ଆର୍ଏମ୍ ସିଭିଲ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ଟିମ୍ ପ୍ରସ୍ତୁତ କରିଥିବା ଗ୍ରୀନ ଷ୍ଟାବିଲାଇଜର ଯୋଗୁ ଉକ୍ତ ପୁରସ୍କାର ମିଳିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିଆଲ, ଏଆଇସିଟିଇ ଅଧକ୍ଷ ଅନିଲ ଡି.ସହସ୍ରବୁଦ୍ଧେଙ୍କଠାରୁ ଛାତ୍ରୀଛାତ୍ର ଏହି ପୁରସ୍କାର ଗ୍ରହଣ କରିଥିଲେ। ଗ୍ରାମାଞ୍ଚଳର ରୋଜଗାର ବୃଦ୍ଧି ଦିଗରେ ପ୍ରୋଟୋଟାଇମ ପ୍ରସ୍ତୁତ କରି ଛାତ୍ରୀଛାତ୍ର ଏଭଳି ସଫଳତା ହାସଲ କରିଛନ୍ତି। ଲ୍ୟାଣ୍ଡ ସବ୍–କାଟୋଗୋରିରେ ଏହା ପ୍ରଥମ ସ୍ଥାନରେ ରହିଛି। ଛାତ୍ରୀଛାତ୍ରଙ୍କ ଟିମ୍ରେ ଏମ୍.ଅରବିନ୍ଦ, ଶଙ୍କର କାଣ୍ଡାସାମି, ଦିବ୍ୟ ଏସ୍. କାବ୍ୟା ଏମ୍ ରହିଥିବା ଏସ୍ଆର୍ଏମ୍ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ସୂଚନା ରହିଛି।

### ୟୁନିୟନ ଆସେଟ ମ୍ୟାନେଜମେଣ୍ଟର ନୂଆ ଫଣ୍ଡ

ଭୁବନେଶ୍ୱର, ୩–୩

ୟୁନିୟନ୍ ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ୟୁନିଅନ୍ ମିଡ୍କ୍ୟାପ ଫଣ୍ଡର ଶୁଭାରମ୍ଭ ହୋଇଛି। ଏହା ହେଉଛି ଏକ ଓପନ୍ ଏଣ୍ଡେଡ୍ ଇକ୍ୱିଟି ସ୍କିମ୍ ଯେଉଁଥିରେ ପାଣ୍ଠିକୁ ମୁଖ୍ୟତଃ ମିଡ୍ କ୍ୟାପ ଷ୍ଟକଗୁଡ଼ିକରେ ନିବେଶ କରାଯାଏ। ଏହାର ନୂଆ ଫଣ୍ଡ ଅଫର (ଏନ୍ଏଫଓ) ୨୦୨୦ ମାର୍ଚ୍ଚ ୨ ରେ ଖୋଲିବ। ୨୦୨୦ ମାର୍ଚ୍ଚ ୧୬ରେରେ ଏହା ବନ୍ଦ ହେବ। ୨୦୨୦ ମାର୍ଚ୍ଚ ୨୩ରେ ଆବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି। ୨୦୨୦ ମାର୍ଚ୍ଚ ୩୦ରୁ ଏହା ବିକ୍ରି ପାଇଁ ପୁନଃ–ଉନ୍ମୁକ୍ତ ଏବଂ ପୁନଃ ଖରିଦ ଲାଗି ଉପଲବ୍ଧ ହେବ।


ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o The Superintending Engineer (Civil), Civil Works Circle,
Bhoi Nagar, Bhubaneswar-751022, CIN: U40102OR2004SGC007553

**QUOTATION CALL NOTICE NO. 02 OF 19-20**

Sealed quotations are invited in plain papers from agencies for the following works. The agencies are requested to quote their amount against the work. "Dismantling former office building (G+1), clearing of the site and realization of scrap in the premises of CESU, BCDD-II, Nayapalli, Bhubaneswar", Cost of Tender Paper is **400.00 + 12% GST**. The quotation paper will be received from date- **04.03.2020 at 11.00 am to date- 13.03.2020 upto 3.00 pm**. The date of opening of quotations is **13.03.2020 at 03.30 PM.**

Sd/- Superintending Engineer (C)

Please connect us: optcl.odisha optcl_odisha energyodisha

**OFFICE OF THE NOTIFIED AREA COUNCIL, JUNAGARH**

No.370 /NAC (J) Date.03.03.2020

**"e" Procurement Notice**

**Bid Identification No- JNG / NAC / 05 / 19-20**

Bid document consisting of the scheduled of quantities and the set of the terms and conditions of contract and other necessary documents can be seen in the Odisha Government website i.e. www.tendersorissa.gov.in.

1. Name of the work : Civil works under NAC Junagarh.
2. Eligibility : "C" OR "D" Class Contractor
3. No. of works : 11 (Eleven)
4. Value of works : Rs.2.04Lakhs to Rs.8.15 Lakhs
5. Completion Period : 60 days
6. Date and Time of availability bid documents in the portal : 04.03.20 from 10 A.M. onwards
7. Last Date and time for Submission : 15.03.20 up to 5 P.M.
8. Bid opening date/time : 16.03.20 at 11 A.M.
9. Bid opening Place : NAC Office NAC, Junagarh

Further details can be seen from the procurement portal i.e. www.tendersorissa.gov.in.

Sd./- Executive Officer
NAC, Junagarh

Government of Odisha No.O-1205
**Office of the Executive Engineer, Rural Works Division-II, Dhenkanal Kamakhyanagar**
E-mail : rw.kamakhyanagar@yahoo.co.in
**e-procurement Notice No.17 / Road work / 2019-20**

1. Name of the work : Road & Building work
2. Total No. of works : 05 (Five) Nos.
3. Tender Cost : Rs.4.42 to 25.00 (Approx.)
4. Class of Contractor : "C" & "D" Class
5. Period of Completion : 1 to 3 calendar months.
6. Availability of tender online for bidding : 06.03.2020 at 11.00 A.M. to 12.03.2020 up to 5.00 P.M.
7. Last date & time of seeking tender clarification : 11.03.2020 up to 4.00 P.M.
8. Date & Time of opening of tender : 13.03.2020 at 11.00 A.M.

Other details can be seen from the website http://tendersorissa.gov.in.

Sd./- Executive Engineer
R.W. Division-II, Dhenkanal, Kamakhyanagar
OIPR-25094/11/0014/1920

**OFFICE OF THE EXECUTIVE ENGINEER RURAL WORKS DIVISION BARGARH** No.O-1198
Email: rd_bgh@yahoo.co.in // Fax : 06646-230676, Gmail: adityabhoi@gmail.com
**TENDER CALL NOTICE NO. 13 OF 2019-20**

| | | | |
|---|---|---|---|
| 1 | Name of the Work | : | Construction of road and building works during 2019-20 in the district of Bargarh. |
| 2 | EMD | : | 1 (One) % of Estimated Cost |
| 3 | Number of works | : | ( 13 ) thirteen Nos. |
| 4 | Other details | : | As per DTCN |

| Procurement Officer | Bid Identification No. | Sale & Receipt of Tender Paper | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | T.C.N. NO.13 OF 2019-20 | 06.03.20 at 11.00 A.M. | 11.03.2020 upto 5.00 P.M. | 11.03.2020 up to 1.00 PM | 12.03.2020 at 11.00 A.M. |

Executive Engineer, R.W. Division, Bargarh
OIPR-25062/11/0014/1920

GOVERNMENT OF ODISHA No. : O-1211
OFFICE OF THE EXECUTIVE ENGINEER
RURAL WORKS DIVISION: GUNUPUR
Lr.No 802, Dated. 29.02.2020 e-mail id: eerwgunupur@gmail.com
**"e" Procurement Notice for building works in Odisha**
(Tender eerwgnp-Online-13/2019-20 (Lr. NO. 782 , dtd 29.02.2020)

1. Name of the work : Road & building works.
2. Total No. of Works : 15 (fifteen) nos.
3. Estimated cost : Varies from Rs. 1.77 lakhs to Rs.4.42 lakh
4. Class of contractor : "D" & "C" class as applicable
5. Period of Completion : as mentioned in col.4 of TCN Annexure.
6. Other Details :

| Procurement Officer | Bid Identification | No. of Road works | Availability of tender online for bidding | | Date & Time of tender opening |
|---|---|---|---|---|---|
| | | | From | To | |
| Executive Engineer, Rural Works Division, Gunupur | EERWGNP On line-13/2019-20 | 15 (fifteen) nos. | 06.03.2020 At 10.00 A.M. | 12.03.2020 up to 5.00 P.M. | 13.03.2020 at 12.00 Hrs |

7. The amount put to tender is exclusive of 12% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Other details can be seen in the bidding documents, which is available in website www.tendersorissa.gov.in
Any subsequent addendum or corrigendum will be made available in the above website.

Executive Engineer,Rural Works Division, Gunupur
OIPR-25170/11/0011/1920

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES No. CAD-1060

**OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR-751022**

Tender Call Notice IDCO/H.O./P&C/EST/E-1347/01/2018/ 4619 , Dt:- 29.02.2020

**NOTICE INVITING TENDER UNDER NATIONAL COMPETITIVE BDDING THROUGH e-Procurement**

1. **Name of the Work** :- Construction of approach road and hume pipe culvert at Chhotaraipur Industrial Estate, Jajpur.
2. **Estimated cost** :- Rs.29.05 Lakhs (Approx.)
3. **Period of completion** :- 03 (Three) Calendar Months.
4. **Other details** :-

| Procurement Officer | Bid/ Tender reference No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Tender/ Bid reference No. PC/ EST/ E-65/ 2019-20 | 07.03.2020 at 16.00 Hrs. | 19.03.2020 up to 17.00 Hrs. |

Further details can be seen from the e-Procurement Portal. www.tendersodisha.gov.in and Corrigendum if any will not be published in newspapers and can only be seen in the e-procurement portal www.tenderodisha.gov.in and www.idco.in

Sd/- Chief General Manager (P&C) I/C, IDCO, Bhubaneswar.
OIPR-14003/11/0080/1920

**FAKIR MOHAN UNIVERSITY**
Vyasa Vihar, New Campus, Balasore,
Ph.: 06782-275787, Website: www.fmuniversity.nic.in,
E-mail: registrarfmuniversity@gmail.com

L. No. FMU-RG-66/2018/ 2522 Date: 02.03.2020

**NOTIFICATION**

In continuation of Notification No. FMU-RG-66/2018/176, dtd. 07.01.2020, it is for the information of all concerned that every graduate of this University and any graduate of any other University residing within the jurisdiction of Fakir Mohan University shall be entitled to have his/her name registered as graduate of this University and for the said purpose shall apply in the prescribed form before 31.03.2020 on payment of prescribed fee of Rs. 325/- in the shape of Challan deposit in UCO Bank, F.M. University, Balasore. The application form may be downloaded from the University Website **www.fmuniversity.nic.in** and the filled-in form along with the Challan for Rs. 325/- **(Rupees three hundred** towards Registration fees and Rupees Twenty five towards cost of application form) may be submitted in the University or by post so as to reach the undersigned latest by **31.03.2020**.

Sd./- REGISTRAR

**କ୍ଷମତାପନ୍ନ ଅଧିକାରୀ ତଥା ତହସିଲଦାରଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର ଜମି ଅଧିଗ୍ରହଣ ଜାତୀୟ ରାଜପଥ-26 ଓ 57 ବାଏପାସ, ବଲାଙ୍ଗୀର ଧାରା 3 (ଘ) ଅନ୍ତର୍ଗତ ଘୋଷଣା**

No.F-103 :- ଜାତୀୟ ରାଜପଥ ଆଇନ 1956 (Act.48 of 1956) ର ଧାରା–3 (ଘ) ଉପଧାରା (3) ମୁତାବକ ଯେହେତୁ ଜାତୀୟ ରାଜପଥ ଆଇନ 1956 ଅନୁଯାୟୀ କେନ୍ଦ୍ର ସରକାରଙ୍କ ଅଧିସୂଚନା ଭାରତ ସରକାରଙ୍କ ରାଜପତ୍ର ସଂଖ୍ୟା.1544, ତା.23.07.2015 ପ୍ରୋକ୍ତ ଆଇନର ଧାରା ୩ (A)ରେ ଉଲ୍ଲେଖିତ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟର ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ରାଜପଥ ସଂଖ୍ୟା.26 ତଥା 57ର ବାଏପାସ ରାସ୍ତାର (0/0 କି.ମି. ଠାରୁ 11/642 କି.ମି.) ନିର୍ମାଣ ପାଇଁ ଏବଂ ଧାରା 3 (D)ର ଉପଧାରା–1 ମୁତାବକ ରାଜପତ୍ର ସଂଖ୍ୟା.1113, ତା.09.05.2016 ଅନୁଯାୟୀ ନିମ୍ନ ତଫସିଲଭୁକ୍ତ ପ୍ଲଟ ଅଧିସୂଚୀମାନ ଅଧିଗ୍ରହଣ କରିବାକୁ ସ୍ଥିରୀକୃତ କରି ଅଧିସୂଚନା ଜାରି ହୋଇଅଛି, ଯେହେତୁ ପ୍ରୋକ୍ତ ଆଇନର ଧାରା 3 (ଘ) ଉପଧାରା 1,2,3,4 ଅନୁସାରେ ଅଧୀଗ୍ରହଣ ନିମନ୍ତେ ସ୍ଥିରୀକୃତ ହୋଇଥିବା ତଫସିଲଭୁକ୍ତ ପ୍ଲଟ ଅନୁସୂଚୀ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଭୂମିମାଲିକ, ସ୍ୱାର୍ଥଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲ ବର୍ଣ୍ଣିତ ଭୂମି, ରକବା, ମୂଲ୍ୟ ତଥା ମାଲିକାନା ଇତ୍ୟାଦିରେ ତ୍ରୁଟିଥିଲେ ତେବେ ତହିଁର ପ୍ରାମାଣିକ କାଗଜାତ ସହ ପ୍ରକାଶିତ ଘୋଷଣାର 15ଦିନ ମଧ୍ୟରେ ନିଜେ କିମ୍ବା କ୍ଷମତାପ୍ରାପ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ଉପରୋକ୍ତ ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ଦାବି ଉପସ୍ଥାପନ କରିପାରିବେ। ନଚେତ୍ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆମ୍ଭର ସ୍ୱାକ୍ଷର ସହ ମୋହର ଦ୍ୱାରା ପ୍ରମାଣିତ।

କ୍ଷମତାପନ୍ନ ଅଧିକାରୀ
ତଥା ତହସିଲଦାର, ବଲାଙ୍ଗୀର
OIPR-24186/11/0001/1920


See Career Appointment on every Wednesday & Saturday



"ଭାରତୀୟ ମହିଳା କ୍ରିକେଟ ଦଳ ଏବେ ଶକ୍ତିଶାଳୀ ମନେ ହେଉଛି। ଏହାକୁ ପରାସ୍ତ କରିବାକୁ ହେଲେ ସ୍ୱତନ୍ତ୍ର ରଣକୌଶଳର ଆବଶ୍ୟକତା ରହିଛି।
–ବ୍ରେଟ୍ ଲି, ପୂର୍ବତନ ଅଷ୍ଟ୍ରେଲିଆ ପେସ୍ ବୋଲର



"ଭାରତୀୟ ଦଳର ପେସ୍ ବୋଲରମାନେ ଆଉ ଯୁବ ଖେଳାଳି ହୋଇ ରହି ନାହାନ୍ତି, ନିକଟ ଭବିଷ୍ୟତରେ ପରିବର୍ତ୍ତନ ଲୋଡ଼ା।
–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ପ୍ରି-କ୍ୱାର୍ଟରରେ ଆଶିଷ, ଗୌରବ

**ଅମ୍ମାନ (ଜୋର୍ଡାନ), ୩।୩ (ପି.ଟି.):** ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ଭାରତୀୟ ବକ୍ସର ଗୌରବ ସୋଲାଙ୍କୀ (୫୭ କି.ଗ୍ରା.) ଓ ଆଶିଷ କୁମାର (୭୫ କିଗ୍ରା) ଏଠାରେ ଚାଲିଥିବା ଏସିଆନ ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ ବକ୍ସିଂ ପ୍ରତିଯୋଗିତାର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡ ମୁକାବିଲାରେ ଗୌରବ ୫-୦ରେ କିର୍ଗିଜସ୍ତାନର ଅକିଲବେକ ଏସେନବେକଙ୍କୁ ପରାସ୍ତ କରିଛନ୍ତି। ପ୍ରି-କ୍ୱାର୍ଟରରେ ସୋଲାଙ୍କୀଙ୍କ ମୁକାବିଲା ଟପ୍ ସିଡ୍ ଉଜବେକିସ୍ତାନ ବକ୍ସର ମିରାଜିଜବେକ ମିର୍ଜାଖଲିଲଭ୍‌ଙ୍କ ସହ ହେବ। ଏହି ଓଜନ ବର୍ଗରେ ମିର୍ଜାଖଲିଲଭ୍ ପୂର୍ବତନ ବିଶ୍ୱ ଚାମ୍ପିୟନ। ସେହିଭଳି ୨୦୧୮ ଏସିଆନ ଗେମ୍ସ ଓ ଏସିଆନ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅନ୍ୟ ଏକ ମୁକାବିଲାରେ ଆଶିଷ କିର୍ଗିଜସ୍ତାନର ଓମୁରବେକ ବେକଝିଗିଙ୍କୁ ପରାସ୍ତ କରି ରାଉଣ୍ଡ-୧୬ରେ ପ୍ରବେଶ କରିଛନ୍ତି। ଏହି ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶକାରୀ ବକ୍ସରଙ୍କୁ ଚଳିତ ବର୍ଷ ହେବାକୁ ଥିବା ଟୋକିଓ ଅଲିମ୍ପିକକୁ ଟିକେଟ୍ ମିଳିବ। ଅମିତ୍ ପଙ୍ଘଲ (୫୨ କିଗ୍ରା) ଓ ଆଇକନ୍ ମହିଳା ବକ୍ସର ଏମ୍.ସି. ମେରିକମ୍, ଲୋଭଲିନା ବୋର୍ଗୋହେନ (୬୯ କିଗ୍ରା) ପ୍ରମୁଖ ସିଧାସଳଖ କ୍ୱାର୍ଟର ଫାଇନାଲରୁ ସେମାନଙ୍କ ଅଭିଯାନ ଆରମ୍ଭ କରିବେ।

### ଲାଙ୍କାଶାୟର ସହ ପୁଣି ମ୍ୟାକ୍ସୱେଲଙ୍କ ଚୁକ୍ତି



**ଲଣ୍ଡନ, ୩।୩ (ପି.ଟି.):** ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ ଇଂଲଣ୍ଡ କାଉଣ୍ଟି କ୍ରିକେଟ୍ କ୍ଲବ ଲାଙ୍କାଶାୟର ସହ ପୁନଃ ଚୁକ୍ତି କରିଛନ୍ତି। ଫଳରେ ମେ ୨୮ରୁ ଆରମ୍ଭ ହେବାକୁ ଥିବା ଟି୨୦ ବ୍ଲାଷ୍ଟ ପ୍ରତିଯୋଗିତାରେ ମ୍ୟାକ୍ସୱେଲ ଲାଙ୍କାଶାୟର ପକ୍ଷରୁ ଖେଳିବା ସ୍ପଷ୍ଟ ହୋଇଛି। ୩୧ ବର୍ଷୀୟ ମ୍ୟାକ୍ସୱେଲ ଗ୍ରୁପ୍ ପର୍ଯ୍ୟାୟରେ ଅତିକମ୍‌ରେ ୮ଟି ମ୍ୟାଚ୍ ଖେଳିବେ। ଏହାପରେ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି ଜାତୀୟ ଦଳ ପାଇଁ ଉପଲବ୍ଧ ହେବେ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। 'ଗତ ସିଜନ ମୋ ପାଇଁ ବହୁତ ଭଲ ରହିଥିଲା। ଓଲ୍ଡ ଟ୍ରାଫୋର୍ଡ ପ୍ରତ୍ୟାବର୍ତ୍ତନ କରି ଖେଳିବାକୁ ବ୍ୟଗ୍ର ରହିଛି। ଏହି ସିଜନରେ ଆହୁରି ଭଲ ପ୍ରଦର୍ଶନ କରିବା ନେଇ ଆଶାବାଦୀ' ବୋଲି ମ୍ୟାକ୍ସୱେଲ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ମ୍ୟାକ୍ସୱେଲ ଗତ ସିଜନରେ ଲାଙ୍କାଶାୟର ପାଇଁ ସମସ୍ତ ଫର୍ମାଟରେ ପ୍ରତିନିଧିତ୍ୱ କରିଥିଲେ।

## ହକି ଇଣ୍ଡିଆ ପୁରସ୍କାର

# ଦୌଡ଼ରେ ଦୀପ୍ ଗ୍ରେସ୍



### ବିଭିନ୍ନ କାଟେଗୋରି ପାଇଁ ମନୋନୟନପତ୍ର

- ମେଜର ଧ୍ୟାନଚାନ୍ଦ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ (୩୦,୦୦,୦୦୦+ଟ୍ରଫି), ପୁରସ୍କାର ଉତ୍ସବରେ ନାମ ଘୋଷଣା ହେବ।
- ଧ୍ରୁବ ବାତ୍ରା ପ୍ଲେୟର ଅଫ ଦି ଇୟର, ପୁରୁଷ (୨୫,୦୦,୦୦୦ + ଟ୍ରଫି), ହରମନପ୍ରୀତ ସିଂ, ମନଦୀପ ସିଂ, ମନପ୍ରୀତ ସିଂ ଓ ସୁରେନ୍ଦର କୁମାର।
- ଧ୍ରୁବ ବାତ୍ରା ପ୍ଲେୟର ଅଫ ଦି ଇୟର, ମହିଳା(୨୫,୦୦,୦୦୦ + ଟ୍ରଫି), ଦୀପଗ୍ରେସ୍ ଏକ୍କା, ଗୁରଜିତ କୌର, ରାଣୀ ରାମପାଲ, ସବିତା।
- ଯୁଗରାଜ ସିଂ ଶ୍ରେଷ୍ଠ ଉଦୀୟମାନ ଖେଳାଳି, ପୁରୁଷ(୧୦,୦୦,୦୦୦ + ଟ୍ରଫି), ଦିଲପ୍ରୀତ ସିଂ, ଗୁରସାହିବଜିତ ସିଂ, ମନଦୀପ ମୋର ଓ ବିବେକ ସାଗର ପ୍ରସାଦ।
- ଅସୁନ୍ତା ଲାକ୍ରା ଶ୍ରେଷ୍ଠ ଉଦୀୟମାନ ଖେଳାଳି, ମହିଳା, (୧୦,୦୦,୦୦୦ + ଟ୍ରଫି), ଲାଲରେମସିଆମି, ସାଲିମା ଟେଟେ, ଶର୍ମିଳା ଦେବୀ।
- ଧନରାଜ ପିଲେ ଫରୱାର୍ଡ ଅଫ ଦି ଇୟର (୫,୦୦,୦୦୦ + ଟ୍ରଫି), ଲଳିତ କୁମାର ଉପାଧ୍ୟାୟ, ମନଦୀପ ସିଂ, ନଭନୀତ କୌର, ରାଣୀ।
- ଅଜିତ ପାଲ୍ ସିଂ ମିଡ୍‌ଫିଲ୍ଡର ଅଫ ଦି ଇୟର (୫,୦୦,୦୦୦ + ଟ୍ରଫି), ମନପ୍ରୀତ ସିଂ, ମୋନିକା, ନେହା ଗୋୟଲ ଓ ବିବେକ ସାଗର ପ୍ରସାଦ।
- ପର୍ଗତ ସିଂ ଡିଫେଣ୍ଡର ଅଫ ଦି ଇୟର (୫,୦୦,୦୦୦ + ଟ୍ରଫି), ଦୀପଗ୍ରେସ ଏକ୍କା, ହରମନପ୍ରୀତ ସିଂ, ସୁରେନ୍ଦର କୁମାର, ବରୁଣ କୁମାର।
- ବଲଜିତ ସିଂ ଗୋଲକିପର ଅଫ ଦି ଇୟର (୫,୦୦,୦୦୦ + ଟ୍ରଫି), ପି.ଆର. ଶ୍ରୀଜେଶ, କ୍ରିଷ୍ଣନ ବାହାଦୁର ପାଠକ, ସବିତା, ରଜନୀ ଇଟିମାରପୁ।
- ହକିକୁ ମୂଲ୍ୟବାନ ଅବଦାନ ପାଇଁ ଯମୁନାଲାଲ ଶର୍ମା ପୁରସ୍କାର (୫,୦୦,୦୦୦ + ଟ୍ରଫି), ପୁରସ୍କାର ଉତ୍ସବରେ ନାମ ଘୋଷଣା ହେବ।
- ଅବିସ୍ମରଣୀୟ ପ୍ରଦର୍ଶନ ପାଇଁ ହକି ଇଣ୍ଡିଆ ପ୍ରେସିଡେଣ୍ଟ୍ସ ପୁରସ୍କାର (୫,୦୦,୦୦୦ + ଟ୍ରଫି), ପୁରସ୍କାର ଉତ୍ସବରେ ନାମ ଘୋଷଣା ହେବ।

**ନୂଆଦିଲ୍ଲୀ, ୩।୩:** ହକି ଇଣ୍ଡିଆ ବାର୍ଷିକ ପୁରସ୍କାରର ତୃତୀୟ ସଂସ୍କରଣ ପାଇଁ ମନୋନୟନପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ହକି ତାରକାମାନଙ୍କୁ ପୁରସ୍କାର ଆକାରରେ ୧.୩୦ କୋଟି ଟଙ୍କା ସହିତ ହକି ଇଣ୍ଡିଆ ଟ୍ରଫି ପ୍ରଦାନ କରାଯିବ। ଓଡ଼ିଶାର ମହିଳା ହକି ତାରକା ଦୀପ୍ ଗ୍ରେସ୍ ଏକ୍କା ୨ଟି କାଟେଗୋରି ପାଇଁ ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି। ସେ ହକି ଇଣ୍ଡିଆ ଧ୍ରୁବ ବାତ୍ରା ପ୍ଲେୟର ଅଫ ଦି ଇୟର ୨୦୧୯(ମହିଳା) ଦୌଡ଼ରେ ଅନ୍ୟ ୩ ଜଣଙ୍କ ସହ ସାମିଲ ହୋଇଛନ୍ତି। ଅନ୍ୟ ୩ ଖେଳାଳି ହେଲେ ଗୁରଜିତ କୌର, ଅଧିନାୟିକା ରାଣୀ ରାମପାଲ ଓ ସବିତା। ଏହି କାଟେଗୋରି ପାଇଁ ପୁରସ୍କାର ଆକାରରେ ୨୫,୦୦,୦୦୦ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥାଏ। ସେହିପରି ଦୀପ୍ ଗ୍ରେସ୍ ହକି ଇଣ୍ଡିଆ ପର୍ଗତ ସିଂ ଡିଫେଣ୍ଡର ଅଫ ଦି ଇୟର ୨୦୧୯ ପୁରସ୍କାର ଦୌଡ଼ରେ ଅନ୍ୟ ୪ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଏହି ପୁରସ୍କାର ଦୌଡ଼ରେ ଥିବା ଅନ୍ୟ ୩ ଜଣ ଯାକ ପୁରୁଷ ଖେଳାଳି। ସେମାନେ ହେଲେ ହରମନପ୍ରୀତ ସିଂ, ସୁରେନ୍ଦର କୁମାର ଓ ବରୁଣ କୁମାର। ଏହି କାଟେଗୋରି ପାଇଁ ୫,୦୦,୦୦୦ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥାଏ। ଚଳିତ ମାସ ୮ ତାରିଖରେ ନୂଆଦିଲ୍ଲୀଠାରେ ପୁରସ୍କାର ସମାରୋହ ଅନୁଷ୍ଠିତ ହେବ। ହକି ଇଣ୍ଡିଆ ମେଜର ଧ୍ୟାନଚାନ୍ଦ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ବିଜେତାଙ୍କ ନାମ ପୁରସ୍କାର ପ୍ରଦାନ ଉତ୍ସବରେ ଘୋଷଣା କରାଯିବ ବୋଲି ହକି ଇଣ୍ଡିଆ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ପୁରସ୍କାର ପାଇଁ ୩୦,୦୦,୦୦୦ଟଙ୍କା ଓ ଟ୍ରଫି ଦିଆଯାଇଥାଏ। ଧ୍ରୁବ ବାତ୍ରା ପ୍ଲେୟର ଅଫ ଦି ଇୟର(ପୁରୁଷ) ପୁରସ୍କାର (୨୫,୦୦,୦୦୦ଟଙ୍କା ଓ ଟ୍ରଫି) ଦୌଡ଼ରେ ଥିବା ଖେଳାଳିମାନେ ହେଲେ ହରମନପ୍ରୀତ ସିଂ, ମନଦୀପ ସିଂ, ଅଧିନାୟକ ମନପ୍ରୀତ ସିଂ ଓ ସୁରେନ୍ଦର କୁମାର। ଯୁଗରାଜ ସିଂ ଶ୍ରେଷ୍ଠ ଉଦୀୟମାନ ଖେଳାଳି(ପୁରୁଷ) ପୁରସ୍କାର ପାଇଁ ଦିଲପ୍ରୀତ ସିଂ, ଗୁରସାହିବଜିତ ସିଂ, ମନଦୀପ ମୋର ଓ ବିବେକ ସାଗର ପ୍ରସାଦ ଥିବାବେଳେ ଅସୁନ୍ତା ଲାକ୍ରା ଶ୍ରେଷ୍ଠ ଉଦୀୟମାନ ଖେଳାଳି(ମହିଳା) ପୁରସ୍କାର ଦୌଡ଼ରେ ଲାଲରେମସିଆମି, ସାଲିମା ଟେଟେ, ଶର୍ମିଳା ଦେବୀ ସ୍ଥାନ ପାଇଛନ୍ତି। ଏହି ୨ କାଟେଗୋରି ପାଇଁ ୧୦,୦୦,୦୦୦ ଲେଖାଏ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ। ସେହିପରି ଧନରାଜ ପିଲେ ଫରୱାର୍ଡ ଅଫ ଦି ଇୟର ପୁରସ୍କାର ପାଇଁ ଲଳିତ କୁମାର ଉପାଧ୍ୟାୟ, ମନଦୀପ ସିଂ, ନଭନୀତ କୌର ଓ ରାଣୀ ଥିବାବେଳେ ଅଜିତ ପାଲ୍ ସିଂ ମିଡ୍‌ଫିଲ୍ଡର ଅଫ ଦି ଇୟର ପୁରସ୍କାର ଦୌଡ଼ରେ ମନପ୍ରୀତ ସିଂ, ମୋନିକା, ନେହା ଗୋୟଲ ଓ ବିବେକ ସାଗର ପ୍ରସାଦ ରହିଛନ୍ତି। ବଲଜିତ ସିଂ ଗୋଲକିପର ଅଫ ଦି ଇୟର ପୁରସ୍କାର ପାଇଁ ପୁରୁଷ ଦଳର ପି.ଆର. ଶ୍ରୀଜେଶ ଓ କ୍ରିଷ୍ଣନ ବାହାଦୁର ପାଠକ ଏବଂ ମହିଳା ଦଳର ସବିତା ଓ ରଜନୀ ଇଟିମାରପୁ ସାମିଲ ହୋଇଛନ୍ତି। ଏହା ବ୍ୟତୀତ ହକିକୁ ମୂଲ୍ୟବାନ ଅବଦାନ ପାଇଁ ଯମୁନାଲାଲ ଶର୍ମା ପୁରସ୍କାର ଏବଂ ଅବିସ୍ମରଣୀୟ ପ୍ରଦର୍ଶନ ପାଇଁ ହକି ଇଣ୍ଡିଆ ପ୍ରେସିଡେଣ୍ଟ୍ସ ପୁରସ୍କାର ବିଜେତାଙ୍କ ନାମ ଉକ୍ତ ଉତ୍ସବରେ ଘୋଷଣା କରାଯିବ ବୋଲି ପ୍ରକାଶ କରାଯାଇଛି। ଏହି ୫ କାଟେଗୋରି ପାଇଁ ୫,୦୦,୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ।

### ବାନାର୍ଜୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି

**କୋଲକାତା, ୩।୩ (ପି.ଟି.):** କିମ୍ବଦନ୍ତୀ ଭାରତୀୟ ଫୁଟ୍‌ବଲର ପି.କେ. ବାନାର୍ଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ସନ୍ତୋଷଜନକ ଥିବା ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନେ ପ୍ରକାଶ କରିଛନ୍ତି। ଚେଷ୍ଟ ଇନ୍‌ଫେକ୍ସନ ଯୋଗୁ ବାନାର୍ଜୀ ଏକ ମାସ ହେଲା ଜୀବନ ସହ ସଂଘର୍ଷ ଚଳାଇ ଆସୁଛନ୍ତି। ୮୩ ବର୍ଷୀୟ ଭାରତର ପୂର୍ବତନ ଫୁଟବଲ ଅଧିନାୟକ ଛାତିରେ ଖୁବ୍ ଯନ୍ତ୍ରଣା ଅନୁଭବ କରିବାରୁ ଫେବୃୟାରୀ ୬ ତାରିଖରେ ତାଙ୍କୁ ମେଡିକା ସୁପର ସ୍ପେଶିଆଲିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ୨୪ ଘଣ୍ଟା ପୂର୍ବରୁ ଭେଣ୍ଟିଲେଟରରେ ରଖାଯାଇଥିଲା। ୧୯୬୨ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ୧୯୬୦ ରୋମ୍ ଅଲିମ୍ପିକ୍ସରେ ଭାରତୀୟ ଫୁଟ୍‌ବଲ ଦଳର ନେତୃତ୍ୱ ନେଇଥିଲେ। ପୂର୍ବତନ ଫ୍ରେଞ୍ଚ ଟିମ୍ ବିପକ୍ଷରେ ଗୋଟିଏ ଗୋଲ ଦେଇ ମ୍ୟାଚକୁ ୧–୧ରେ ଡ୍ର ରଖିପାରିଥିଲେ। ଏହାପୂର୍ବରୁ ସେ ୧୯୫୬ ମେଲବୋର୍ନ ଅଲିମ୍ପିକ୍ସରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭାରତକୁ ୪–୨ ଗୋଲ୍‌ରେ ବିଜୟୀ କରାଇବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଭାରତୀୟ ଫୁଟ୍‌ବଲରେ ବାନାର୍ଜୀଙ୍କ ଅବଦାନକୁ ବିଶ୍ୱ ପରିଚାଳନା ପରିଷଦ ଫିଫା ସ୍ୱୀକୃତି ପ୍ରଦାନ କରିଛି। ଫିଫା ୨୦୦୪ରେ ତାଙ୍କୁ ସେଣ୍ଟେନିଆଲ ଅର୍ଡର ଅଫ୍ ମେରିଟ୍ ପୁରସ୍କାରରେ ସମ୍ମାନିତ କରିଛି।



ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍

## ଶୀର୍ଷ ସ୍ଥାନ ବଜାୟ ରଖିଲା ଭାରତ

**ଦୁବାଇ, ୩।୩ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟ ପ୍ରକାଶିତ ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଦଳ ଶୀର୍ଷ ସ୍ଥାନ ବଜାୟ ରଖିଛି। ମୋଟ୍ ୧୧୬ ରେଟିଂ ପଏଣ୍ଟ ସହ ଭାରତ ପୂର୍ବଭଳି ପ୍ରଥମ ସ୍ଥାନରେ ସୁରକ୍ଷିତ ରହିଛି। ସେହିଭଳି ଭାରତ ବିପକ୍ଷରେ ଟେଷ୍ଟ ସିରିଜ କ୍ଲିନ ସୁଇପ୍ କରିଥିବା ନ୍ୟୁଜିଲାଣ୍ଡ ୧୧୦ ପଏଣ୍ଟ ସହ ୨ୟ ସ୍ଥାନ ହାସଲ କରିଛି। ଅଷ୍ଟ୍ରେଲିଆ (୧୦୮ ପଏଣ୍ଟ) ତାଲିକାର ୩ୟ ସ୍ଥାନରେ ରହିଛି। ଚଳିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଭାରତ ପ୍ରଥମଥର ଲାଗି ଟେଷ୍ଟ ସିରିଜ ହାରିଛି।

ଅପରପକ୍ଷରେ ବ୍ୟାଟିଂ ତାଲିକାରେ ଭାରତୀୟ ଅଧିନାୟକ ବିରାଟ କୋହଲି ପୂର୍ବବତ୍ ମାନ୍ୟତାର ୨ୟ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ୍ ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ କୋହଲିଙ୍କ ପାଇଁ ଅତ୍ୟନ୍ତ ନୈରାଶ୍ୟଜନକ ରହିଥିଲା। ଦୁଇ ଟେଷ୍ଟ ମ୍ୟାଚ୍‌ର ୪ ଇନିଂସରେ ସେ ମୋଟ୍ ୩୮ ରନ୍ ସଂଗ୍ରହ କରିଥିଲେ। ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ପୃଥ୍ୱୀ ଶ' ୧୭ଟି ପାହାଚ ଉପରକୁ ଉଠି ୭୬ତମ ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡର ଓପନର୍ ଟମ୍ ବ୍ଲଣ୍ଡେଲ ୭୩ରୁ ୪୬ତମ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି। ବୋଲିଂରେ ନ୍ୟୁଜିଲାଣ୍ଡର ଟିମ୍ ସୌଦୀ ୨ଟି ପାହାଚ ଉପରକୁ ଉଠି ୪ର୍ଥ ସ୍ଥାନ ପାଇଛନ୍ତି। ଶ୍ରେଷ୍ଠ ଭାରତୀୟ ବୋଲର ଭାବେ ଯଶପ୍ରୀତ୍ ବୁମ୍‌ରା ୭ମ ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡର ସବୁଠାରୁ ଡେଙ୍ଗା କ୍ରିକେଟର୍ ବିବେଚିତ ହୋଇଥିବା କାଏଲ୍ ଜେମିସନ ୮୦ରୁ ୪୩ତମ ସ୍ଥାନକୁ ଉଠିଛନ୍ତି।

### ଟାର୍ଗେଟ୍ ୩୨୭: ଗୁଜରାଟ ୭/୧

**ରାଜକୋଟ, ୩।୩ (ପି.ଟି.):** ଅର୍ପିତ ଭାସଭଦାଙ୍କ ଶତକ ବଳରେ ସୌରାଷ୍ଟ୍ର ଏଠାରେ ଅନୁଷ୍ଠିତ ରଣଜୀ ଟ୍ରଫି ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଗୁଜରାଟ ସମ୍ମୁଖରେ ୩୨୭ ରନର ଏକ ଚ୍ୟାଲେଞ୍ଜିଂ ଟାର୍ଗେଟ୍ ରଖିଛି। ଜବାବରେ ୨ୟ ଇନିଂସ ଆରମ୍ଭ କରି ଘରୋଇ ଗୁଜରାଟ ମଙ୍ଗଳବାର ୪ର୍ଥ ଦିବସ ଶେଷ ସୁଦ୍ଧା ଗୋଟିଏ ଉଇକେଟ୍ ହରାଇ ୭ ରନ୍ ସଂଗ୍ରହ କରିଛି। ସମିତ ଗୋହେଲ ୫ ଓ ଭାର୍ଗବ ମେରାଇ ୧ ରନରେ ଅପରାଜିତ ରହିଛନ୍ତି। ବୁଧବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାବେଳେ ଉଭୟ ଦଳ ନିକଟରେ ଜିତିବାର ସମ୍ଭାବନା ରହିଛି। ପୂର୍ବରୁ ଶେଲଡନ ଜ୍ୟାକସନ (୧୦୩)ଙ୍କ ଶତକ ବଳରେ ସୌରାଷ୍ଟ୍ର ପ୍ରଥମ ଇନିଂସରେ ୩୦୪ ରନରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଗୁଜରାଟ ପ୍ରଥମ ଇନିଂସରେ ୨୫୨ ରନ କରିବାକୁ ସକ୍ଷମ ହୋଇଥିଲା। ୫୨ ରନରେ ଅଗ୍ରଣୀ ରହିଥିବା ସୌରାଷ୍ଟ୍ର ସୋମବାର ଖେଳ ଶେଷ ସୁଦ୍ଧା ୨ୟ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୫ ଉଇକେଟ୍ ହରାଇ ୬୬ ରନ କରିଥିଲା। ମଙ୍ଗଳବାର ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଅର୍ପିତଙ୍କ ୧୩୯ ରନର ଇନିଂସ ବଳରେ ସୌରାଷ୍ଟ୍ର ୨୭୪ ରନ କରିବାକୁ ସମର୍ଥ ହୋଇଥିଲା। ଗୁଜରାଟ ପକ୍ଷରୁ ଚିନ୍ତନ ଗାଜା ସର୍ବାଧିକ ୭ ଉଇକେଟ୍ ନେଇଥିଲେ। ଫଳରେ ସୌରାଷ୍ଟ୍ର ମୋଟ୍ ଉପରେ ୩୨୬ ରନ ଅଗ୍ରଣୀ ହାସଲ କରିଥିଲା।

## ଧୋନୀଙ୍କୁ ସ୍ୱାଗତ କଲେ ରାଇନା

**ବେଙ୍ଗାଲୁରୁ, ୩।୩:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ତ୍ରୟୋଦଶ ସଂସ୍କରଣ ମାର୍ଚ୍ଚ ୨୯ରୁ ଆରମ୍ଭ ହେବ। ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପର୍ କିଙ୍ଗ୍ସ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ଖେଳାଯିବ। ବିଶ୍ୱର ଏହି ବ୍ୟୟବହୁଳ ଟି୨୦ କ୍ରିକେଟ୍ ଲାଗି ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ପୂର୍ବପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଚାଲିଥିବା ଚେନ୍ନାଇ କ୍ୟାମ୍ପ୍‌ରେ ଧୋନୀ ସୋମବାର ଯୋଗଦେଇ ଅଭ୍ୟାସ ଆରମ୍ଭ କରିଛନ୍ତି। ଏହି ଅବସରରେ ସାଥୀ ଖେଳାଳି ସୁରେଶ ରାଇନା ଧୋନୀଙ୍କୁ ସ୍ୱାଗତ କରିଥିବା ଦେଖିବାକୁ ମିଳିଥିଲା। ଧୋନୀଙ୍କ ବେକକୁ ଧରି ରାଇନା କୁଣ୍ଢାଇବା ସହ କିଛି ସମୟ କଥାବାର୍ତ୍ତା ହୋଇଥିଲେ। ଏହି ଭିଡିଓକୁ ଚେନ୍ନାଇ ସୁପର୍ କିଙ୍ଗ୍ସ ଫ୍ରାଞ୍ଚାଇଜ ଏହାର ଟୁଇଟର୍ ପୃଷ୍ଠାରେ ଶେୟାର କରିଛି। ଏହାକୁ ବହୁ ସଂଖ୍ୟାରେ କ୍ରିକେଟ୍‌ପ୍ରେମୀ ଲାଇକ୍ କରିଥିବାବେଳେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସୋମବାର ଟ୍ରେନିଂ ସେସନରେ ଅନ୍ୟ ଚେନ୍ନାଇ ଖେଳାଳିଙ୍କ ମଧ୍ୟରେ ଅମ୍ବାତି ରାୟୁଡୁ, ମୁରଲୀ ବିଜୟ, ପୀୟୂଷ ଚାୱଲା, କର୍ଣ୍ଣ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ।



## ୧୩ ବର୍ଷ ପରେ ଫାଇନାଲରେ ବେଙ୍ଗଲ

### ରଣଜୀ ଟ୍ରଫି

**କୋଲକାତା, ୩।୩ (ପି.ଟି.)**

ସ୍ଥାନୀୟ ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ରଣଜୀ ଟ୍ରଫି ଦ୍ୱିତୀୟ ସେମିଫାଇନାଲ ମୁକାବିଲାରେ ତାରକା ଖଚିତ କର୍ଣ୍ଣାଟକକୁ ୧୭୪ ରନରେ ପରାସ୍ତ କରି ବେଙ୍ଗଲ ଫାଇନାଲରେ ସ୍ଥାନ ପକ୍କା କରିଛି। ଏଥିସହ ଘରୋଇ ବେଙ୍ଗଲ ଦୀର୍ଘ ୧୩ ବର୍ଷର ବ୍ୟବଧାନ ପରେ ଫାଇନାଲରେ ପ୍ରବେଶ କରିବାରେ ସଫଳ ହୋଇଛି। ସୌରାଷ୍ଟ୍ର ଓ ଗୁଜରାଟ ମଧ୍ୟରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲର ବିଜେତା ସହ ବେଙ୍ଗଲ ଫାଇନାଲରେ ଖେଳିବ। ଶେଷଥର ପାଇଁ ବେଙ୍ଗଲ ୨୦୦୭ ସିଜନରେ ଫାଇନାଲରେ ପ୍ରବେଶ କରିଥିଲା। କିନ୍ତୁ ମୁମ୍ବାଇ ନିକଟରୁ ୧୩୨ ରନରେ ହାରି ରନର୍ସଅପ୍ ରହିଥିଲା। ସେହିଭଳି ଶେଷଥର ପାଇଁ ବେଙ୍ଗଲ ୧୯୮୯ ସିଜନରେ ଦିଲ୍ଲୀକୁ ହରାଇ ରଣଜୀ ଟ୍ରଫି ଟାଇଟଲ୍ ଜିତିଥିଲା। ସୌରଭ ଗାଙ୍ଗୁଲି ସେହି ସିଜନରେ ନିଜର ପ୍ରଥମ ଶ୍ରେଣୀ କ୍ୟାରିୟର ଆରମ୍ଭ କରିଥିଲେ।

ବେଙ୍ଗଲ ପକ୍ଷରୁ ଧାର୍ଯ୍ୟ ୩୫୨ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍‌କୁ ପିଛା କରି ଭ୍ରମଣକାରୀ କର୍ଣ୍ଣାଟକ ସୋମବାର ୩ୟ ଦିବସ ଶେଷ ସୁଦ୍ଧା ୩ ଉଇକେଟ୍ ହରାଇ ୯୮ ରନ କରିଥିଲା। ମଙ୍ଗଳବାର ୪ର୍ଥ ଦିବସରେ କର୍ଣ୍ଣାଟକ ଲଢ଼େଇ କରିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଦଳ ୧୬.୩ ଓଭରରେ ଆଉ ୭୯ ରନ ସଂଗ୍ରହ କରି ବଳକା ୭ ଉଇକେଟ୍ ହରାଇ ମୋଟ୍ ୧୬୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ବେଙ୍ଗଲ ପକ୍ଷରୁ ଦ୍ରୁତ ବୋଲର ମୁକେଶ କୁମାର ସବୁଠାରୁ ସଫଳ ରହିଥିଲେ। ସେ ୬୧ ରନରେ ୬ ଉଇକେଟ୍ ଅକ୍ତିଆର କରିଥିଲେ। ଏହା ତାଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ ରହିଥିଲା। କର୍ଣ୍ଣାଟକ ପକ୍ଷରୁ ପୂର୍ବଦିନର ଅପରାଜିତ ବ୍ୟାଟ୍ସମ୍ୟାନ ମନୀଷ ପାଣ୍ଡେ ଆଉ ଏକ ରନ୍ ଯୋଗ କରି ୧୨ରେ ଆଉଟ୍ ହୋଇଥିଲେ। ସେହିଭଳି ଦେବଦତ୍ତ ପାଡିକଲ ୬୨, କ୍ରିଷ୍ଣାପ୍ପା ଗୋଥାମ ୨୨, ଅଭିମନ୍ୟୁ ମିଥୁନ ୩୮ ରନ କରିଥିଲେ। ଦୁଇ ପ୍ରମୁଖ ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲ (୦) ଓ ଅଧିନାୟକ କରୁନ ନାୟାର (୬) ବିଫଳ ହୋଇଥିଲେ। ବେଙ୍ଗଲର ପ୍ରଥମ ଇନିଂସରେ ଅପରାଜିତ ୧୪୯ ରନର ଇନିଂସ ଖେଳିଥିବା ଅନୁଷ୍ଟୁପ୍ ମଜୁମଦାର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ।



କର୍ଣ୍ଣାଟକକୁ ହରାଇବା ପରେ ଉଲ୍ଲସିତ ବେଙ୍ଗଲ ଖେଳାଳି।

**ସଂକ୍ଷିପ୍ତ ସ୍କୋର**

ବେଙ୍ଗଲ ପ୍ରଥମ ଇନିଂସ– ୩୧୨/୧୦
କର୍ଣ୍ଣାଟକ ପ୍ରଥମ ଇନିଂସ– ୧୨୨/୧୦
ବେଙ୍ଗଲ ୨ୟ ଇନିଂସ– ୧୬୧/୧୦
କର୍ଣ୍ଣାଟକ ୨ୟ ଇନିଂସ– ୧୭୭/୧୦।

## ସଂକ୍ଷେପରେ

### ଚୟନକର୍ତ୍ତା ପଦବୀ ପାଇଁ ୫ ଜଣିଆ ସଂକ୍ଷିପ୍ତ ତାଲିକା

**ମୁମ୍ବାଇ, ୩।୩ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ଦୁଇଟି ଚୟନକର୍ତ୍ତା ପଦବୀ ସକାଶେ ସାକ୍ଷାତ୍କାର ପାଇଁ ଆବେଦନକାରୀଙ୍କ ମଧ୍ୟରୁ ୫ ଜଣଙ୍କୁ ମନୋନୀତ କରିଛନ୍ତି। ସେମାନଙ୍କ ମଧ୍ୟରେ ଭାରତର ପୂର୍ବତନ ପେସ୍ ବୋଲର ଭେଙ୍କଟେଶ ପ୍ରସାଦ ଅନ୍ୟତମ। ପୂର୍ବତନ କ୍ରିକେଟର ମଦନ ଲାଲ, ଆର.ପି. ସିଂ ଏବଂ ସୁଲକ୍ଷଣା ନାଏକଙ୍କୁ ନେଇ ଗଠିତ କମିଟିର ପ୍ରଥମ ବୈଠକ ଏଠାରେ ମଙ୍ଗଳବାର ବସିଥିଲା। ସେମାନେ ୪୪ଜଣ ଆବେଦନକାରୀଙ୍କ ମଧ୍ୟରୁ ୫ ଜଣଙ୍କୁ ସାକ୍ଷାତ୍କାର ପାଇଁ ମନୋନୀତ କରିଥିଲେ। ବିଦାୟୀ ସିଲେକ୍ସନ କମିଟି ମୁଖ୍ୟ ଏମ୍.ଏସ୍.କେ. ପ୍ରସାଦ ଏବଂ ଅନ୍ୟତମ ସଦସ୍ୟ ଗଗନ ଖୋଡାଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ ଏହି ପଦବୀ ଦୁଇଟି ଖାଲି ପଡ଼ିଥିଲା। ଭାରତର ପୂର୍ବତନ ପେସ୍ ବୋଲର ଅଜିତ ଅଗରକର ଜଣେ ହାଇପ୍ରୋଫାଇଲ ଆବେଦନକାରୀ ଥିଲେ। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ସେ ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇ ନାହାନ୍ତି।



ମଙ୍ଗଳବାର କଳିଙ୍ଗ ଷ୍ଟାଡ଼ିୟମରେ ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ା ଉଦ୍ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାସ୍କଟ ଓଲି ସହ।


**Anniversary Wish**



Wish both of u Happy 2nd Marriage Anniversary
-:With Best Compliments:-
Sahoo Family, Friends and Relatives
Chandpur, Nayagarh
D-17009

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



ସିଦ୍ଧି ସମ୍ପୂର୍ଣ୍ଣା ମିଶ୍ର
ଗ୍ରାମ: ନୂଆଁପାଲି, ଆଗଲପୁର
ତୁମ ପ୍ରଥମ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା। ଯୋଗେଶ୍ୱର ବାବାଙ୍କ କୃପାରୁ ତୁମର ଚଲାପଥ ଦୀର୍ଘାୟୁ ଏବଂ କୁସୁମିତ ହେଉ।
-:ଶୁଭେଚ୍ଛା ସହ:-
ମାମୁ ରାନ୍ଟୁ, ରାଜା, ମାମା, ଦାଦା, ମାଆ, ବାପା, ବନ୍ଧୁ ଓ ପରିଜନ।
ଧ-୧୭୦୦୬

**୧୦ମ ଜନ୍ମଦିନ ଶୁଭେଚ୍ଛା**



ସତ୍ୟବ୍ରତ ମହାପାତ୍ର (କ୍ରିଷ୍ଣା)
ବିଦ୍ୟାନଗର, ଡେରନାଗଲୁ
ଆଜି ତୋର ୧୦ମ ଜନ୍ମଦିନ ୦୪।୦୩।୨୦୨୦ (ବୁଧବାର)। ଜନ୍ମଦିନ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନତି ତୋର ଚଲାପଥ କୁସୁମିତ ହେଉ। ଏତିକି ଆମର କାମନା। ତୋର- ବାପା, ମାମା, ଅଜା,ଆଈ, ମାମୁ, ମାଉସୀ, ପିଉସା, ପିଉସୀମାନେ।
ଧ-୧୭୦୦୭


# ଚାଇନାଠାରୁ ଭାରତ ପଛୁଆ

**ଫେଡ୍ କପ୍**

**ଦୁବାଇ, ୩।୩ (ପି.ଟି.)**

ଏଠାରେ ମଙ୍ଗଳବାର ଆରମ୍ଭ ହୋଇଥିବା ଫେଡ୍ କପ୍ ପ୍ରତିଯୋଗିତାରେ ଭାରତ ଚାଇନାଠାରୁ ୦-୧ରେ ପଛୁଆ ରହିଛି। ପ୍ରଥମ ସିଙ୍ଗଲ୍ସରେ ଭାରତର ଋତୁଜା ଭୋସ୍‌ଲେ ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ବିଶ୍ୱର ୩୫ ନମ୍ବର ମାନ୍ୟତାପ୍ରାପ୍ତ ଚାଇନାର ଶୁଆଇ ଝାଙ୍ଗ୍ ତାଙ୍କୁ ୬-୪, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ୧ ଘଣ୍ଟା ଓ ୧୬ ମିନିଟ ଧରି ଚାଲିଥିଲା। ସୂଚନାଯୋଗ୍ୟ, ଶୁଆଇ ଅଷ୍ଟ୍ରେଲିଆନ ଓପନ ଟେନିସ ପ୍ରତିଯୋଗିତାର ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ଏହି ପର୍ଯ୍ୟାୟରେ ସେ ଚାମ୍ପିୟନ ସୋଫିଆ କେନିନ୍‌ଙ୍କଠାରୁ ହାରିଯାଇଥିଲେ। ଅଙ୍କିତା ରାଇନା ପରବର୍ତ୍ତୀ ସିଙ୍ଗଲ୍ସରେ ଯଦି ବିଜୟ ଲାଭ କରନ୍ତି ତେବେ ଭାରତ ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିବ। ରାଇନା ବିଶ୍ୱର ୨୯ ନମ୍ବର ମାନ୍ୟତାପ୍ରାପ୍ତ କ୍ୱିଆଙ୍ଗ୍ ୱାଙ୍ଗ୍‌ଙ୍କୁ ଭେଟିବେ। ଜାନୁୟାରୀରେ ଅନୁଷ୍ଠିତ ଅଷ୍ଟ୍ରେଲିଆନ ଓପନରେ ଏହି ଖେଳାଳି ସେରେନା ୱିଲିୟମ୍ସଙ୍କୁ ପରାସ୍ତ କରିଥିଲେ। ୬ଟି ଦେଶକୁ ନେଇ ଏସିଆ/ଓସେନିଆ ଗ୍ରୁପ୍ -୧ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏଥିରୁ ଶ୍ରେଷ୍ଠ ଦୁଇ ଦଳ ଆସନ୍ତାମାସରେ ହେବାକୁଥିବା ପ୍ଲେ-ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ।



ଶତକୀୟ ଇନିଂସ ଅବସରରେ ତମିମ ଇକବାଲ।

# ବାଂଲାଦେଶର ରୋମାଞ୍ଚକ ବିଜୟ

**ସିଲ୍‌ହେଟ୍, ୩।୩**

ଏଠାରେ ଖେଳାଯାଇଥିବା ୨ୟ ଦିନିକିଆ ମ୍ୟାଚ୍‌ରେ ଘରୋଇ ବାଂଲାଦେଶ ୪ ରନରେ ରୋମାଞ୍ଚକ ଭାବେ ଜିମ୍ବାୱେକୁ ପରାସ୍ତ କରିଛି। ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ୍‌ରେ ୩୨୨ ରନ କରିଥିବାବେଳେ ଜିମ୍ବାୱେ (୩୧୮/୮) ୪ ରନ ଦୂରରେ ରହିଯାଇଥିଲା। ବିଜୟ ସହ ଘରୋଇ ଦଳ ୩ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୨-୦ରେ ଆଗୁଆ କବ୍‌ଜା କରିନେଇଛି। ପୂର୍ବରୁ ପ୍ରଥମ ମ୍ୟାଚ୍‌କୁ ବାଂଲାଦେଶ ୧୬୯ ରନରେ ଜିତିଥିଲା। ସିରିଜର ଅନ୍ତିମ ମ୍ୟାଚ୍ ଶୁକ୍ରବାର ଖେଳାଯିବ।

ଏହି ହାଇସ୍କୋରିଂ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ଭେଟେରାନ ଓପନର୍ ତମିମ୍ ଇକବାଲଙ୍କ ୧୫୮ ରନ (୨୦ ଚୌକା, ୩ ଛକା) ବଳରେ ୫୦ ଓଭରରେ ୮ ଉଇକେଟ୍ ହରାଇ ୩୨୨ ରନ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ମୁସଫିକର ରହିମ ୫୫, ମହମ୍ମଦୁଲା ୪୧ ରନ କରିଥିଲେ। ଜଣେ ବାଂଲାଦେଶ ବ୍ୟାଟ୍ସମ୍ୟାନ ଭାବେ ତମିମ ଦିନିକିଆରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିବାର ରେକର୍ଡ କରିଛନ୍ତି। ତମିମ ନିଜ ନାମରେ ରହିଥିବା ରେକର୍ଡକୁ ନିଜେ ଭଙ୍ଗ କରିଛନ୍ତି। ୨୦୦୯ରେ ସେ ଜିମ୍ବାୱେ ବିପକ୍ଷରେ ୧୫୪ ରନ କରିଥିଲେ, ଯାହା ଆଜି ପର୍ଯ୍ୟନ୍ତ ରେକର୍ଡ ହୋଇ ରହିଥିଲା। ଜିମ୍ବାୱେ ପକ୍ଷରୁ କାର୍ଲ ମୁମ୍ବା ଓ ଡୋନାଲ୍ଡୋ ତିରିପାନୋ ୨ଟି ଲେଖାଏ ଉଇକେଟ୍ ନେଇଛନ୍ତି। ଜବାବରେ ଜିମ୍ବାୱେ ମଧ୍ୟ ଓ ନିମ୍ନକ୍ରମ ବ୍ୟାଟ୍ସମ୍ୟାନଙ୍କ ଉପଯୋଗୀ ଇନିଂସ ବଳରେ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ୍‌ରେ ୩୧୮ ରନ କରିଥିଲା। ଅନ୍ତିମ ଓଭରରେ ୨୦ ରନ ଆବଶ୍ୟକ ହେଉଥିବାବେଳେ ଜିମ୍ବାୱେ ୧୫ ରନ କରିପାରିଥିଲା। ଦଳ ପକ୍ଷରୁ ତିନାସି କାମୁନ୍‌ହୁକାମୱି ୫୧, ୱେସଲୀ ମାଧଭେରେ ୫୨, ସିକନ୍ଦର ରାଜା ୬୬, ତିରିପାନୋ ୫୫* ଓ ତିନୋତେନ୍ଦା ମୁତୁମ୍ବୋଜି ୩୪ ରନ କରିଥିଲେ। ବିଜୟୀ ଦଳର ତାଇଜୁଲ ଇସଲାମ ୩ଟି ଉଇକେଟ୍ ନେଇଥିଲେ।

# ସେମିରେ ଇଂଲଣ୍ଡକୁ ଭେଟିବ ଭାରତ

**ଆଇସିସି ମହିଳା ଟି୨୦ ବିଶ୍ୱକପ୍**

**ସିଡ୍‌ନୀ, ୩।୩ (ପି.ଟି.)**

ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ମଙ୍ଗଳବାର ଖେଳାଯାଇଥିବା ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଯିବା ଫଳରେ ସେମିଫାଇନାଲ ଲାଇନ୍‌ଅପ୍ ସ୍ପଷ୍ଟ ହୋଇଥିଲା। ଭାରତ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ସେହିଭଳି ୪ଥରର ଚାମ୍ପିୟନ ଅଷ୍ଟ୍ରେଲିଆ ୨ୟ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ଉଭୟ ସେମିଫାଇନାଲ ଗୋଟିଏ ଦିନରେ (ମାର୍ଚ୍ଚ ୫, ଗୁରୁବାର) ଅନୁଷ୍ଠିତ ହେବ। ଭାରତ ଗ୍ରୁପ୍ ପର୍ଯ୍ୟାୟରେ ୪ ମ୍ୟାଚ୍ ଖେଳି ୪ ବିଜୟ ସହ ୮ ପଏଣ୍ଟ ପାଇ ଗ୍ରୁପ୍-ଏ'ରେ ଶୀର୍ଷ ସ୍ଥାନରେ ରହିଛି।

ବର୍ଷା ଯୋଗୁ ମ୍ୟାଚ୍ ବାତିଲ୍ ହେବା ଫଳରେ ଉଭୟ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ଗୋଟିଏ ଲେଖାଏ ପଏଣ୍ଟ ବାଣ୍ଟି ନେଇଥିଲେ। ଫଳରେ ୪ ମ୍ୟାଚ୍‌ରୁ ମୋଟ୍ ୭ ପଏଣ୍ଟ ସହ ଦକ୍ଷିଣ ଆଫ୍ରିକା ଗ୍ରୁପ୍-ବି'ରେ ଶୀର୍ଷ ସ୍ଥାନରେ ହାସଲ କରିଛି। ସେହିଭଳି ଇଂଲଣ୍ଡ ମୋଟ ୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହି ସେମିଫାଇନାଲରେ ଭାରତକୁ ଭେଟିବ। ଏଥିସହ ୨୦୧୮ ସେମିଫାଇନାଲର ରିପିଟ୍ ଏହି ବିଶ୍ୱକପ୍‌ରେ ଦେଖିବାକୁ ମିଳିଛି। ୨୦୧୮ ସଂସ୍କରଣରେ ମଧ୍ୟ ଭାରତ ଓ ଇଂଲଣ୍ଡ ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତକୁ ପରାସ୍ତ କରି ଇଂଲଣ୍ଡ ଫାଇନାଲକୁ ଉଠିଥିଲା। କିନ୍ତୁ ଫାଇନାଲରେ ଅଷ୍ଟ୍ରେଲିଆ ନିକଟରୁ ହାରି ଇଂଲଣ୍ଡ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲା।



## ବିଶ୍ୱକପ୍‌ରୁ ବାଦ୍ ପଡ଼ିଲେ ପେରୀ



**ସିଡ୍‌ନୀ, ୩।୩ (ଏଏଫ୍‌ପି):** ଚଳିତ ଆଇସିସି ମହିଳା ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ମଙ୍ଗଳବାର ଶେଷ ହୋଇଛି। ଗୁରୁବାରଠାରୁ ସେମିଫାଇନାଲ ଆରମ୍ଭ ହେବ। ତେବେ ଏଥିପୂର୍ବରୁ ଡିଫେଣ୍ଡିଂ ଚାମ୍ପିୟନ ତଥା ଆୟୋଜକ ଅଷ୍ଟ୍ରେଲିଆ ଦଳକୁ ଶକ୍ତ ଧକ୍କା ଲାଗିଛି। ଦଳର ଷ୍ଟାର୍ ଖେଳାଳି ଏଲିସି ପେରୀ ଆଘାତଜନିତ ସମସ୍ୟା ଲାଗି ବିଶ୍ୱକପ୍‌ର ବଳକା ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ସୋମବାର ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଫିଲ୍ଡିଂ କରୁଥିବାବେଳେ ୨୯ ବର୍ଷୀୟା ପେରୀଙ୍କ ମାଂସପେଶୀ ଟାଣି ହୋଇଯାଇଥିଲା। ଅଷ୍ଟ୍ରେଲିଆ ସେମିଫାଇନାଲରେ ପ୍ରବେଶ କରିସାରିଛି। ତେଣୁ ଗୁରୁବାର ଅଷ୍ଟ୍ରେଲିଆ ଖେଳିବାକୁ ଥିବା ସେମିଫାଇନାଲ ମ୍ୟାଚ୍‌ରେ ବିଶ୍ୱର ଏହି ଶ୍ରେଷ୍ଠ ଅଲ୍‌ରାଉଣ୍ଡର ପ୍ରତିନିଧିତ୍ୱ କରିପାରିବେ ନାହିଁ। ସେହିଭଳି ଯଦି ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରେ ତେବେ ମଧ୍ୟ ଦଳ ପେରୀଙ୍କୁ ମିସ୍ କରିବ ବୋଲି କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ କୁହାଯାଇଛି। ଏଥିସହ ଚଳିତ ମାସରେ ଅଷ୍ଟ୍ରେଲିଆ ଦଳ ଦକ୍ଷିଣ ଆଫ୍ରିକା ଗସ୍ତରେ ଯିବା କାର୍ଯ୍ୟକ୍ରମ ରହିଛି। ସେଥିରେ ମଧ୍ୟ ପେରୀ ଦଳ ପାଇଁ ଉପଲବ୍ଧ ହୋଇପାରିବେ ନାହିଁ ବୋଲି ଜଣାପଡ଼ିଛି।

# ଉତ୍କଳ କରାଟେ ସ୍କୁଲର ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ କରାଟେକାମାନେ।

**ଭୁବନେଶ୍ୱର, ୩।୩(କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲର ମୁଖ୍ୟ ଡୋଜୋରେ ୨ ଦିନିଆ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଜିଲା ଶାଖାରୁ ମୋଟ ୬୦ ପ୍ରଶିକ୍ଷକ ଏଥିରେ ଅଂଶଗ୍ରହଣ କରିଥିଲେ। ଡ. ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ୧୪ କରାଟେକା ବ୍ଲାକ୍‌ବେଲ୍ଟ ଗ୍ରେଡିଂ ଦେଇ ସଫଳ ହୋଇଥିଲେ। ପ୍ରଥମ ଡାନ୍‌ରେ ରିତେଶ ରାୟ, ହର୍ଷଦା କୁମାର, ଆୟୁଷି ଅର୍ପିତା, ଦେବପ୍ରସାଦ ମାର୍ଥା, ଓମ୍ ଶୁଭମ୍ ମହାନ୍ତି, ସ୍ୱସ୍ତିକ ସମ୍ଭବ, ଅକ୍ଷିତା ଅରୁପ, ଶୁଭାଶିଷ ମହାପାତ୍ର, ସୃଷ୍ଟି ମିଶ୍ର, ନିଖିଲ କୁମାର ଦାସ, ପ୍ରିୟଦର୍ଶନ ଦାସ, ଦନାଲି ମିଶ୍ର ପ୍ରମୁଖ ୧୨ ଜଣ, ଦ୍ୱିତୀୟ ଡାନ୍‌ରେ ଯୋଗେଶ ଚନ୍ଦ୍ର ବରିହା ଓ ୩ୟ ଡାନ୍‌ରେ କ୍ରିଷ୍ଣା ଶିକାରୀ କୃତକାର୍ଯ୍ୟ ହୋଇଛନ୍ତି। ଆଗାମୀ ପ୍ରଶିକ୍ଷଣ ଶିବିର ଓ ବ୍ଲାକ୍‌ବେଲ୍ଟ ପରୀକ୍ଷା ଅଗଷ୍ଟ ୨୮ରେ ଅନୁଷ୍ଠିତ ହେବ।

# କୁଚିଣ୍ଡାରେ ଫେଡେରେଶନ କପ୍ ଟେନିସ କ୍ରିକେଟ

**ଭୁବନେଶ୍ୱର, ୩।୩ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ଫେଡେରେଶନ କପ୍ ଟେନିସ କ୍ରିକେଟର ୪ର୍ଥ ସଂସ୍କରଣ ସମ୍ବଲପୁର କୁଚିଣ୍ଡାର ମୁକୁନ୍ଦି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହା ଚଳିତ ମାସ ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୪ ଜୋନ(ନର୍ଥ, ସାଉଥ, ଇଷ୍ଟ, ୱେଷ୍ଟ)ର ଶ୍ରେଷ୍ଠ ୩ଟି ଲେଖାଏ ଦଳ ଭାଗନେବେ। ପ୍ରତି ଦଳରେ ୧୬ ଖେଳାଳି ଏବଂ ଜଣେ ଲେଖାଏ କୋଚ୍ ଓ ମ୍ୟାନେଜରଙ୍କୁ ମିଶାଇ ୧୮ ଜଣ ଲେଖାଏ ରହିବେ। ଭାଗ ନେବାକୁଥିବା ଦଳ ଗୁଡ଼ିକ ୧୮ ତାରିଖରେ ମୁକୁନ୍ଦି ଷ୍ଟାଡିୟମରେ ରିପୋର୍ଟ କରିବେ ବୋଲି ଓଡ଼ିଶା ଟେନିସ କ୍ରିକେଟ ଆସୋସିଏଶନ ସମ୍ପାଦକ ତଥା ଆୟୋଜକ କମିଟି ସମ୍ପାଦକ ରିଣ୍ଟୁ ମିତ୍ର ପ୍ରକାଶ କରିଛନ୍ତି। ମଙ୍ଗଳବାରସୁଦ୍ଧା ଚଣ୍ଡିଗଡ଼, ପଞ୍ଜାବ, ଜମ୍ମୁ-କଶ୍ମୀର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ବିଦର୍ଭ, ଝାଡ଼ଖଣ୍ଡ, ଛତିଶଗଡ଼, ତାମିଲନାଡୁ, ଗୋଆ, କେରଳ ଓ ମୁମ୍ବାଇ ଆଦି ସମସ୍ତ ୧୨ଟି ଜୋନ୍ ଦଳ ଅଂଶଗ୍ରହଣ ପାଇଁ ସମ୍ମତି ଦେଇ ସାରିଛନ୍ତି। ଆୟୋଜକ ଭାବେ ଓଡ଼ିଶାକୁ ମିଶାଇ ମୋଟ ୧୩ଟି ଦଳ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ''ଭାରତର ୪ଟି ଜୋନ୍‌ରେ ଜୋନାଲ ଟେନିସ କ୍ରିକେଟ ଟୁର୍ନାମେଣ୍ଟ ହୋଇଥାଏ। ସେଥିରୁ ଶ୍ରେଷ୍ଠ ବିବେଚିତ ୩ଟି ଲେଖାଏ ଦଳ ଫେଡେରେଶନ କପ୍ ପାଇଁ ଯୋଗ୍ୟ ବିବେଚିତ ହୋଇଥାନ୍ତି। ସେହି ଭିତ୍ତିରେ ଏଥର ମଧ୍ୟ ବିଭିନ୍ନ ଦଳ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଛନ୍ତି। ଟେନିସ କ୍ରିକେଟ ଆସୋସିଏଶନ ଅଫ ଇଣ୍ଡିଆ(ଟିସିଏ) ଏହି ପ୍ରତିଯୋଗିତାକୁ ଗ୍ରାମାଞ୍ଚଳରେ ଆୟୋଜନ କରିବାକୁ ଫୋକସ କରୁଛି। ତେଣୁ ଆମେ ଏହାକୁ ଏଥର ସମ୍ବଲପୁର ଜିଲା କୁଚିଣ୍ଡାରେ କରାଇବାକୁ ନିଷ୍ପତ୍ତି ନେଇଛୁ। ଏହା ବ୍ୟତୀତ ମୁଁ କୁଚିଣ୍ଡା ଗ୍ରାଉଣ୍ଡରେ କ୍ରିକେଟ ଖେଳିବା ଆରମ୍ଭ କରିଥିଲି। ତେଣୁ ଏହାପ୍ରତି ମୋର ଦୁର୍ବଳତା ରହିଛି। ସମ୍ବଲପୁର ଜିଲା ଟେନିସ କ୍ରିକେଟ ସଭାପତି କୁମାରେଶ ଦାସ ଭାୟାଙ୍କ ଆଗ୍ରହକୁ ଦେଖି ମୁଁ ପ୍ରତିଯୋଗିତାକୁ ସେଠାରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଲି। ଗ୍ରାମାଞ୍ଚଳରେ ଏହି ଖେଳକୁ ଅଧିକରୁ ଅଧିକ ଲୋକପ୍ରିୟ କରାଇବା ଆମର ମୁଖ୍ୟ ଲକ୍ଷ୍ୟ। ଖେଳାଳି ଓ ଅଫିସିଆଲଙ୍କୁ ମିଶାଇ ୨୫୦ ବ୍ୟକ୍ତିଙ୍କର ରହିବା ଓ ଖାଇବା ବ୍ୟବସ୍ଥା ଆମେ କରୁଛୁ। କ୍ରିକ୍ ଦୋସ୍ତରେ ପ୍ରତିଯୋଗିତାର ସିଧା ପ୍ରସାରଣ ହେବ'' ବୋଲି ରିଣ୍ଟୁ ପ୍ରକାଶ କହିଛନ୍ତି।


## ମନେ ପଡ଼ନ୍ତି

**୧ମ ସାମ୍ବତ୍ସରିକ ଶ୍ରାଦ୍ଧୋତ୍ସବ**



ସ୍ୱର୍ଗତ ମୁରଲୀଧର ବାରିକ
ସାହାଣୀ କାଶିପୁର, ତମାଣ୍ଡୋ, ଖୋର୍ଦ୍ଧା
ଆବିର୍ଭାବ: ୧୯୩୬
ତିରୋଧାନ: ୧୫।୦୩।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
-:ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ:-
ପୁତ୍ର: ତ୍ରିଲୋଚନ, ତ୍ରିନାଥ, ରୋହିତ, ବନ୍ଧୁ ଓ ବାରିକ ପରିବାରବର୍ଗ।
ଧ-୬୦୯୫୮

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ମନୋରମା ନାୟକ
(ଶିକ୍ଷୟିତ୍ରୀ)
ରେମୁଁଆ, ତାଳଚେର
ଆବିର୍ଭାବ: ୧୧।୧୧।୧୯୬୬
ତିରୋଧାନ: ୨୭।୦୨।୨୦୧୫
(ଫାଲ୍‌ଗୁନ ମାସ ଶୁକ୍ଳ ନବମୀ
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ସ୍ୱାମୀ: ମୋହନ, ପୁତ୍ର: ମନୋରଞ୍ଜନ, ଝିଅ: ମୋନାଲିସା, ମାଆ, ବାପା, ଶୋକସନ୍ତପ୍ତ ପରିବାରବର୍ଗ।
ଧ-୧୭୦୦୨

**୩୨ତମ ଶ୍ରାଦ୍ଧବାର୍ଷିକୀ**



✓ସୁହାସିନୀ ତ୍ରିପାଠୀ
ଆବିର୍ଭାବ: ୧୯୪୧(ରାମ ନବମୀ)
ତିରୋଧାନ: ୧୯୮୮(ଫଗୁ ନବମୀ)
ମା, ତମର ସ୍ନେହ, ଶ୍ରଦ୍ଧା ଓ ଅନାବିଳ ବ୍ୟକ୍ତିତ୍ୱ ଆମ ପାଇଁ ପ୍ରେରଣାର ଏକ ମହାନ ଉତ୍ସ। ତମର ଆଦର୍ଶରେ ଆମେମାନେ ସବୁବେଳେ ଅନୁପ୍ରାଣୀତ। ଆଜିର ଏହି ୩୨ତମ ପୂଣ୍ୟତିଥିରେ ତମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ତମକୁ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଝିଅଜ୍ୱାଇଁ-କୁକୁ ଓ ଟୁଟୁ, ନିତୁ ଓ ରାମ
ପୁଅବୋହୂ-ବାବୁନା ଓ ମାମୁନି
ନାତି-କୁଟୁ, ତୁକି ଓ ଫୁକି
ନାତୁଣୀ-ପ୍ରାଚି, ଶୈବି ଓ ନୈଶା
ଏବଂ ବନ୍ଧୁ ଓ ପରିବାରବର୍ଗ
ଧ-୬୮୬୭୫

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଗୋପୀନାଥ ନନ୍ଦ
ଅବସରପ୍ରାପ୍ତ ଯୁଗ୍ମ ଶାସନ ସଚିବ
ଜନ୍ମସ୍ଥାନ- ଖଣ୍ଡସାହୀ, ବାସସ୍ଥାନ-୮୩, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୧୩।୧୨।୧୯୨୮
ତିରୋଧାନ: ୨୪।୦୨।୨୦୧୮
ତୁମେ ଥିଲ ଆମ ପ୍ରେରଣାର ଉତ୍ସ, ତ୍ୟାଗ ଓ ଆଦର୍ଶର ପ୍ରତୀକ। ସଦାସର୍ବଦା ତୁମର ଉପସ୍ଥିତି ଓ ଆର୍ଶୀବାଦ ଆମେ ଅହର୍ନିଶୀ ଅନୁଭବ କରୁଛୁ। ଶ୍ରୀଜଗନ୍ନାଥ ଓ ମା' କୁଣ୍ଡେଶ୍ୱରୀଙ୍କୁ ପ୍ରାର୍ଥନା ତୁମେ ସ୍ୱର୍ଗରେ ଥାଇ କରୁଣା ପ୍ରଦାନ କରୁଥାଅ।
-:ଶୋକସନ୍ତପ୍ତ:-
ପୁତ୍ର: ଦାମୋଦର, ପଦ୍ମନାଭ, ପୁତ୍ରବଧୂ: ମାମୀ ଓ ପିଙ୍କି, କନ୍ୟା: ଡାଃ ରୁକ୍ମଣୀ, ଇନ୍ଦ୍ରାଣୀ, କଲ୍ୟାଣୀ, ନାତିନାତୁଣୀ,ବନ୍ଧୁ ଓ ପରିବାରବର୍ଗ।
ଧ-୧୭୦୧୦

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୪/୨୦୨୦ Bhubaneswar, Wednesday, March 4/2020

# ବଡ଼ଖଣ୍ଡାଏତା ଷ୍ଟେଶନରେ ରେଳରୋକୋ

**କଟକ ସଦର,୩।୩(ଡି.ଏନ୍.ଏ.)**

ବିଳମ୍ବରେ ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବା ପ୍ରତିବାଦରେ କଟକ-ପାରାଦୀପ ରେଳପଥର ବଡ଼ଖଣ୍ଡାଏତା ଷ୍ଟେଶନରେ ମଙ୍ଗଳବାର ସକାଳେ ଯାତ୍ରୀମାନେ ୨ଘଣ୍ଟା ରେଳରୋକୋ କରିଥିଲେ। ସୂଚନା ଅନୁଯାୟୀ, ପାରାଦୀପ-ଭଦ୍ରକ ଟ୍ରେନ୍ ବିଳମ୍ବରେ ବଡ଼ଖଣ୍ଡଏତା ଷ୍ଟେଶନରେ ପହଞ୍ଚିଥିଲା। ଠିକ୍ ସେହି ସମୟରେ କଟକ ପଟୁ ପୁରୀ-ପାରଦୀପ ଟ୍ରେନ ମଧ୍ୟ ସେଠାରେ ପହଞ୍ଚିଥିଲା। ଏହା ପରେ କେତେଜଣ ଯାତ୍ରୀ ରେଳରୋକୋ କରିଥିଲେ। ପ୍ରତ୍ୟେକଦିନ ପାରାଦୀପ ପଟୁ ପାରାଦୀପ-ଭଦ୍ରକ ପାସେଞ୍ଜର ଟ୍ରେନ୍ ବିଳମ୍ବରେ ଛାଡ଼ୁଛି। ଫଳରେ କଟକ ଷ୍ଟେଶନରେ ଉକ୍ତ ଟ୍ରେନ୍ ବିଳମ୍ବରେ ପହଞ୍ଚିବା ଦ୍ୱାରା ଭୁବନେଶ୍ୱର ଯିବା ପାଇଁ ଯାତ୍ରୀମାନେ କୌଣସି ଟ୍ରେନ୍ ପାଇପାରନ୍ତି ନାହିଁ। ଏହି ସମସ୍ୟା ପ୍ରାୟ ୧ବର୍ଷ ଧରି ଲାଗିରହିଥିଲେ ମଧ୍ୟ ରେଲ୍‌ୱେ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ଅନେକ ଯାତ୍ରୀ କହିଛନ୍ତି। ମାଲଗାଡ଼ିକୁ ସକାଳ ଓ ସନ୍ଧ୍ୟାରେ ଅଗ୍ରାଧିକାର ଦିଆଯାଉଥିବାରୁ ଯାତ୍ରୀବାହୀ ଟ୍ରେନ ଠିକ୍ ସମୟରେ ପହଞ୍ଚିପାରୁନାହାନ୍ତି। ଗତ ଫେବୃୟାରୀ ୧୮ରେ ମଧ୍ୟ ଏହି ଷ୍ଟେଶନରେ ଏକା ସମସ୍ୟାକୁ ନେଇ ରୋଳରୋକୋ କରାଯାଇଥିଲା। ପୂର୍ବାହ୍ନ ପ୍ରାୟ ୧୧ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହେବା ପରେ ଦୁଇ ଯାତ୍ରୀବାହୀ ଟ୍ରେନ୍ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲା।




## ଗୁରୁମା' ଗୁରୁଜୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ନିଆଳି,୩।୩(ଡି.ଏନ୍.ଏ.)**

ନିଆଳି ଥାନା ଅନ୍ତର୍ଗତ କୃଷ୍ଣପ୍ରସାଦସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଗୁରୁମା' ଗୁରୁଜୀଙ୍କୁ ଜଣେ ବାବା ଦୁର୍ବ୍ୟବହାର କରିଥିବା ମଙ୍ଗଳବାର ନିଆଳି ଥାନାରେ ବିଦ୍ୟାଳୟ ପକ୍ଷରୁ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବିଦ୍ୟାଳୟ ନିକଟରେ ଥିବା ଗୋଚର ଜମିରେ ସ୍ଥାନୀୟ ଅଞ୍ଚଳର ଜଣେ ବାବା ଏକ ଆଶ୍ରମ କରି ରହୁଥିଲେ। ଆଶ୍ରମରେ କିଛିଦିନ ହେବ ମାଇକ୍ ବାଜିବାରୁ ପିଲାମାନେ ଅଧ୍ୟୟନ କରିବାରେ ବାଧା ସୃଷ୍ଟି ହେଉଥିଲା। ଏ ସମ୍ପର୍କରେ ବିଦ୍ୟାଳୟର ଗୁରୁମା' ଗୁରୁଜୀମାନେ ମଙ୍ଗଳବାର ସମ୍ପୃକ୍ତ ବାବାଙ୍କୁ ମାଇକ୍ ନ ବଜାଇବା ପାଇଁ କହିଥିଲେ। ମାତ୍ର ଏଥିରେ ବାବାଜଣଙ୍କ ଉତ୍‌କ୍ଷିପ୍ତ ହୋଇ ସେମାନଙ୍କୁ ଗାଳିଗୁଲଜ କରିବା ସହିତ କାଠ ଫାଳିଆରେ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ଏ ନେଇ ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ସୁମନ୍ତ ମହାନ୍ତି ଓ ପ୍ରଧାନ ଆଚାର୍ଯ୍ୟ ସରିତା ମହାପାତ୍ର ନିଆଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ପ୍ରେମ ହିଁ ଭଗବାନ ଏବଂ
ଭଗବାନ ହିଁ ପ୍ରେମ।
- ସାଇବାବା



# ବିଏମ୍‌ସିର ମଣ୍ଡପ ସିଲ୍ ଅଭିଯାନ ବାଟବଣା

**ଭୁବନେଶ୍ୱର, ୩।୩ (ବ୍ୟୁରୋ)**

## ୪ଦିନର ତତ୍ପରତା ପରେ...





ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ବେଆଇନ କଲ୍ୟାଣ ମଣ୍ଡପ/ ବିବାହ ମଣ୍ଡପ ସିଲ୍ ପ୍ରକ୍ରିୟାକୁ ନେଇ ଏବେ ଉଠିଛି ପ୍ରଶ୍ନ। ବିଏମ୍‌ସିର ୩ ଜୋନରେ ୮୦ ମଣ୍ଡପ ସିଲ୍ ହେବ ବୋଲି ଘୋଷଣା କରାଯିବା ସହ ଧାର୍ଯ୍ୟ ମାନଦଣ୍ଡକୁ ପୂରଣ କରି ନ ଥିବା ସବୁ ମଣ୍ଡପକୁ ସିଲ୍ କରାଯିବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଥିଲେ। ଏହାପରେ ଫେବୃୟାରୀ ୩ରୁ ସିଲ୍ ଅଭିଯାନ ଆରମ୍ଭ ହୋଇଥିଲା। ହେଲେ ୪ ଦିନରେ ମାତ୍ର ୧୬ ମଣ୍ଡପକୁ ସିଲ୍ କରି ତା'ପରେ ଚୁପ୍ ବସିଲା। ପୁଣି ସକାଳେ ସିଲ୍ ହୋଇଥିବା କେତେକ ମଣ୍ଡପ ସନ୍ଧ୍ୟାରେ ଖୋଲିଥିବା ଦେଖିବାକୁ ମିଳିଥିଲା। ବେଆଇନ ଭାବେ ଚାଲିଥିବା ଅବଶିଷ୍ଟ ମଣ୍ଡପକୁ ସିଲ୍ ପାଇଁ ବିଏମ୍‌ସି ଅଧିକାରୀଙ୍କର କାହିଁକି ହାତ ଗଲାନି ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଚାପ, ପ୍ରିୟାପ୍ରୀତି ଓ ହାତଗୁଞ୍ଜା ପରେ ଅଧିକାରୀମାନେ ଅଭିଯାନକୁ ବାଣବଣା କରିଦେଇଥିବା ମଧ୍ୟ ଶୁଣିବାକୁ ମିଳୁଛି। ଏପରି କି ଉଦ୍ଦେଶ୍ୟମୂଳକ ଭାବେ ନିର୍ଦ୍ଦିଷ୍ଟ ମଣ୍ଡପ ଉପରେ ପଦକ୍ଷେପ ନେଇ ଅନ୍ୟମାନଙ୍କୁ ବେପାର କରିବାକୁ ପରୋକ୍ଷରେ ସୁଯୋଗ ଦେଉଥିବା ଅଭିଯୋଗ ଉଠୁଛି। ଏବେ ନୋଟିସ ପାଇଥିବା ବାକି ମଣ୍ଡପଗୁଡ଼ିକରେ ବିବାହ, ବ୍ରତ ଓ ଅନ୍ୟ ଉତ୍ସବ ଆୟୋଜନ ଚାଲିଛି। ସେଠାରେ ପାର୍କିଂ ବ୍ୟବସ୍ଥା ସହ ଆବଶ୍ୟକ ଭିତ୍ତିଭୂମି ନ ଥିଲେ ମଧ୍ୟ ବିଏମ୍‌ସି ଅଧିକାରୀମାନେ ସବୁଜାଣି କାହିଁକି ଆଖିବୁଜି ଦେଇଛନ୍ତି ବୋଲି ସିଲ୍ ହୋଇଥିବା ମଣ୍ଡପ ମାଲିକମାନେ ପ୍ରଶ୍ନ ଉଠାଇବାସହ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ବିଭିନ୍ନ ୱାର୍ଡରେ ବେଆଇନ୍ ଭାବେ ଚାଲିଥିବା ୯୪ ମଣ୍ଡପକୁ ନିୟମିତ କରାଇବା ପାଇଁ ବିଏମ୍‌ସି ନୋଟିସ୍ ଦେଇଥିଲା। ଗତ ଜାନୁଆରୀ ୩୧ ସୁଦ୍ଧା ସମସ୍ତ ପ୍ରକାର ଅନୁମୋଦନ ନେବା ସହିତ ଆବଶ୍ୟକ କାଗଜପତ୍ର ବିଏମ୍‌ସିରେ ଦାଖଲ କରିବାକୁ ନିର୍ଦ୍ଦେଶ ଥିଲା। ମାତ୍ର ବିଏମ୍‌ସିର ମନମାନୀ କାର୍ଯ୍ୟ ଓ ବେପରୁଆ କାର୍ଯ୍ୟକଳାପ ପାଇଁ ଏବେ ମଣ୍ଡପ ମାଲିକମାନେ ପୁଣିଥରେ ବେଫିକର ହୋଇ ବ୍ୟବସାୟ ଚଳାଇଛନ୍ତି। ଏବେ ବି ବହୁ ମଣ୍ଡପକୁ ରାସ୍ତା ନ ଥିବାବେଳେ ନିଜସ୍ୱ ପାର୍କିଂ ବ୍ୟବସ୍ଥା, ଅଗ୍ନି ନିରାପତ୍ତା ପ୍ରମାଣପତ୍ର, ବର୍ଜ୍ୟ ପରିଚାଳନା ବ୍ୟବସ୍ଥା ସହ ଆବଶ୍ୟକ କାଗଜପତ୍ର ନାହିଁ। ଏହାସତ୍ତ୍ୱେ ସେସବୁ ମଣ୍ଡପକୁ ସୁଯୋଗ ଦିଆଯିବା ବିଏମ୍‌ସିର କାର୍ଯ୍ୟଧାରାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି।

### କାଗଜପତ୍ର ଯାଞ୍ଚ ଚାଲିଛି, ପଦକ୍ଷେପ ନିଆଯିବ: କମିଶନର

ବିଏମ୍‌ସି କମିଶନର ଚୌଧାରୀ କହିଛନ୍ତି, ଅନ୍ୟକିଛି କାରଣ ଯୋଗୁ ସିଲ୍ ପ୍ରକ୍ରିୟା ଧିମେଇଛି। ପାଖାପାଖି ୬୩ ମଣ୍ଡପକୁ ସିଲ୍ କରାଯିବା ନେଇ ନୋଟିସ୍ ହୋଇଥିଲା। ସେମାନେ ନିଜ ନିଜର କାଗଜପତ୍ର ସ୍କ୍ରିନ କମିଟିରେ ଦାଖଲ କରିଛନ୍ତି। ସେଗୁଡ଼ିକୁ ଯାଞ୍ଚ କରାଯାଉଛି। ଯେଉଁ ମଣ୍ଡପଗୁଡ଼ିକ ବିଏମ୍‌ସି ନିୟମ ପାଳନ କରି ନ ଥିବା ଜଣାପଡିବ, ସେଗୁଡ଼ିକୁ ସିଲ୍ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନରେ ରଖି କହିଛନ୍ତି, ବିଏମ୍‌ସିର ଏଭଳି ତରବରିଆ ନିଷ୍ପତ୍ତି ଓ ପଦକ୍ଷେପ ପରେ କେତେକ କଲ୍ୟାଣମଣ୍ଡପ ମାଲିକ କୋର୍ଟଙ୍କ ଦ୍ୱାରସ୍ତ ହୋଇଛନ୍ତି। ମଣ୍ଡପର ଭିତ୍ତିଭୂମି ସଜାଡ଼ିବାକୁ ବିଏମ୍‌ସି ସମୟ ଦେଉ ବୋଲି ସେମାନେ ଦର୍ଶାଇଛନ୍ତି। ଏହାବ୍ୟତୀତ ଆଉ କେତେଜଣ ମଣ୍ଡପ ମାଲିକ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ଷ୍ଟେ ଅର୍ଡର ଆଣିଛନ୍ତି। ସେହିପରି କିଛି ମାଲିକ ସର୍ବକ୍ଷମାରେ ମଧ୍ୟ ଆବେଦନ କରିଛନ୍ତି। ଏହାର ଚୂଡ଼ାନ୍ତ ସମୀକ୍ଷା ପରେ ପୁଣି ସିଲ୍ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ କହିଛନ୍ତି।

### କ୍ଲବ ଘରେ ଉତ୍ସବ, କଲୋନୀରେ ଟ୍ରାଫିକ ଜାମ

ମଣ୍ଡପ ଉପରେ ବିଏମ୍‌ସି କଟକଣା ଲଗାଇବା ପରେ ସହରବାସୀ ବାହାଘର ଓ ଉତ୍ସବ ପାଳନ ପାଇଁ ହଇରାଣ ହେଉଛନ୍ତି। ଏ ପରିସ୍ଥିତିରେ ବିଭିନ୍ନ କଲୋନୀରେ ଥିବା କ୍ଲବ୍ ଓ କମ୍ୟୁନିଟି ସେଣ୍ଟରରେ ଉତ୍ସବ ଜମିବାରେ ଲାଗିଛି। କ୍ଲବ୍ ପିଲାମାନେ କଲ୍ୟାଣମଣ୍ଡପ ଭଳି ଟଙ୍କା ନେଇ ବିବାହ ବ୍ରତ ଓ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଲୋକଙ୍କୁ ସ୍ଥାନ ଦେଉଛନ୍ତି। ପ୍ରାୟ ସମସ୍ତ ୱାର୍ଡରେ ଏପରି ହେଉଥିବା ନଜରକୁ ଆସୁଛି। କିଛି ଅସାଧୁ ୱାର୍ଡ ଅଫିସର ଓ ୱାର୍ଡ ସୁପରଭାଇଜରଙ୍କ ସହାୟତାରେ କ୍ଲବ୍ ସଦସ୍ୟମାନେ ଏପରି କାର୍ଯ୍ୟ କରୁଥିବା ଜଣାପଡିଛି। କିଛି କିଛି ଅର୍ଥ ନେଇ ଅଧିକାରୀମାନେ ସୁଯୋଗ ଦେଉଥିବାବେଳେ ଏଥିଯୋଗୁ କଲୋନୀ ଭିତରେ ମଧ୍ୟ ଟ୍ରାଫିକ ଜାମ ପରିସ୍ଥିତି ସୃଷ୍ଟି ହେଉଛି। କ୍ଲବ୍ ପିଲାମାନେ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ଓ କେତେଜଣ ଅସାମାଜିକ ଥିବାରୁ କଲୋନୀବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ୍ୟ ଭୟରେ ମୁହଁ ଖୋଲିବାକୁ ସାହାସ କରୁନାହାନ୍ତି। ଇତିମଧ୍ୟରେ ବିଏମ୍‌ସି ଦକ୍ଷିଣ ପଶ୍ଚିମ ଜୋନର ବିଭିନ୍ନ ୱାର୍ଡରୁ ଏପରି ଅଭିଯୋଗ ସଂଖ୍ୟା ବଢ଼ିବାରେ ଲାଗିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମନ କହୁଛି ରଜା ହେବାକୁ**
**କରମ କହୁଛି ଘାସ କାଟିବାକୁ**

ମନ ଉପରେ କାହାର ଆୟତ୍ତ ନ ଥାଏ । ମନ ସବୁବେଳେ ଭଲ ଚାହିଁ ଥାଏ। ପରନ୍ତୁ ମନ ଯାହା ଚାହେଁ ସବୁବେଳେ ତାହା ପୂରଣ ହୋଇପାରି ନ ଥାଏ। ପରୋକ୍ଷରେ କର୍ମ ହିଁ ଜୀବନଯାତ୍ରାର ଅସଲ ସହଚର। କର୍ମ ଓ ଭାଗ୍ୟ ଏକାଠି ହେଲେ ଲୋକ ଐଶ୍ୱର୍ଯ୍ୟ ଭୋଗ କରେ। ଯେତେ ଇଚ୍ଛା କଲେ ଭାଗ୍ୟରେ ନ ଥିଲେ ଭଲ ଫଳ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମନ ଚୋରଙ୍କୁ ପଲଙ୍କ ସୁପାତି**
**ଧନ ଚୋରକୁ ଧକ୍କା**
**ଚମ ଚୋରକୁ ଦି ଗାଲରେ କଳା**
**ଅଜଣା ଚୋରକୁ ବକା ।**

ଯିଏ ମନକୁ ଚୋରି କରିଥାଏ ସେ ହିଁ ଆପଣାର ବା ପ୍ରିୟ ହୋଇଥାଏ। ଟଙ୍କା ପଇସା ଚୋରାଇ ନେଉଥିବା ଚୋରକୁ ମାଡ଼ ଦିଆଯାଇଥାଏ। ଲମ୍ପଟ ବ୍ୟକ୍ତିଙ୍କୁ ନିନ୍ଦା ଅପମାନ ମିଳିଥାଏ। ସେହିପରି ଅଜଣା ଚୋରକୁ ଗାଳିମନ୍ଦ କରାଯାଇଥାଏ। ଉପରବର୍ଣ୍ଣିତ ବ୍ୟକ୍ତିଙ୍କୁ ନିଜସ୍ୱ ବିଚାର ଏବଂ ଶୈଳୀରେ ଉପଯୁକ୍ତ ଶାସ୍ତି ଦିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ସୁଧୁରିବ ନୟାପଲ୍ଲୀ ଅଞ୍ଚଳର ଜଳବନ୍ଦୀ ସମସ୍ୟା



କର୍ମଶାଳାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଭୁବନେଶ୍ୱର, ୩।୩ (ବ୍ୟୁରୋ)**

ନୟାପଲ୍ଲୀ ଅଞ୍ଚଳରେ ବାରମ୍ବାର ଦେଖା ଦେଉଥିବା ଜଳବନ୍ଦୀ ସମସ୍ୟା ସୁଧୁରିବ। ଅଞ୍ଚଳ ଦେଇ ଯାଇଥିବା ୧୦ ନଂ. ଡ୍ରେନେଜ୍ ଚ୍ୟାନେଲରେ 'ସ୍ପଞ୍ଜ ସିଟି'ର ଏକ ମଡେଲର ବ୍ୟବହାର କରାଯିବ। ବର୍ଷା ସମୟରେ ନୟାପଲ୍ଲୀ ଅଞ୍ଚଳରେ ସୃଷ୍ଟି ହେଉଥିବା ଜଳବନ୍ଦୀ ସମସ୍ୟାରେ ସୁଧାର ଆସିବ। ଏଥିସହ ବର୍ଷା ଜଳ ପରିଚାଳନା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦ୍ୱାରା ମଙ୍ଗଳବାର କରାଯାଇଥିବା ଏକ କର୍ମଶାଳାରେ ମତ ପ୍ରକାଶ ପାଇଛି।

ମୌସୁମୀ ଆସିବା ପରେ ବର୍ଷା ଜଳକୁ କିପରି ଖୋଲା ସ୍ଥାନରେ ଛାଡ଼ିବା ଓ ନୟାପଲ୍ଲୀ ବାସିନ୍ଦା ଘରେ ଘରେ ରେନ୍ ୱାଟର ହାରଭେଷ୍ଟିଂ କରିବା ପରି ପନ୍ଥା ଆପଣାଇବାକୁ ଏଥିରେ କୁହାଯାଇଥିଲା। ବିଏମ୍‌ସି ଅତିରିକ୍ତ କମିଶନର ସୁରଥ ଚନ୍ଦ୍ର ମଲ୍ଲିକ, ଜଳବାୟୁ ସ୍ମାର୍ଟ ସିଟିର ପ୍ରୋଗ୍ରାମ ମ୍ୟାନେଜର ବୈଶାଳୀ ନନ୍ଦନ, ବିଏମ୍‌ସି ପରିମଳ ବିଭାଗ ଡେପୁଟି କମିଶନର ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଏହି ଅବସରରେ ଅତିଥି ଭାବେ ଯୋଗ ଦେଇଥିଲେ। ଜର୍ମାନସ୍ଥିତ ଏଜେନ୍ସି ଜିଆଇଜେଡ୍ ଏବଂ ଟେକ୍ନୋଲୋଜି ୟୁନିଭରସିଟି ବର୍ଲିନ୍ ମିଳିତ ଭାବେ ଆୟୋଜିତ ହୋଇଥିବା ଏହି କର୍ମଶାଳାରେ କିଟ୍ ସ୍କୁଲ୍ ଅଫ୍ ପ୍ଲାନିଂ ଆଣ୍ଡ ଆର୍କିଟେକଚର ଏବଂ ଜାଭିୟର୍ ସ୍କୁଲ୍ ଅଫ୍ ହ୍ୟୁମାନ୍ ସେଟେଲ୍‌ମେଣ୍ଟ ଭଳି ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଯୋଗ ଦେଇ ବିଭିନ୍ନ ମତାମତ ପ୍ରଦାନ କରିଥିଲେ।

# 'ଗୁରୁମା' ଗୁରୁଜୀଙ୍କୁ ବାବାଙ୍କ ଦୁର୍ବ୍ୟବହାର

**ନିଆଳି,୩।୩(ଡି.ଏନ୍.ଏ.)**

ନିଆଳି ଥାନା ଅନ୍ତର୍ଗତ କୃଷ୍ଣପ୍ରସାଦସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଗୁରୁମା' ଗୁରୁଜୀଙ୍କୁ ଜଣେ ବାବା ଦୁର୍ବ୍ୟବହାର କରିଥିବା ମଙ୍ଗଳବାର ନିଆଳି ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବିଦ୍ୟାଳୟ ନିକଟରେ ଥିବା ଗୋଚର ଜମିରେ ସ୍ଥାନୀୟ ଅଞ୍ଚଳର ଜଣେ ବାବା ଏକ ଆଶ୍ରମ କରି ରହୁଥିଲେ। ଆଶ୍ରମରେ କିଛିଦିନ ହେବ ମାଇକ୍ ବାଜିବାରୁ ପିଲାମାନେ ଅଧ୍ୟୟନ କରିବାରେ ବାଧା ସୃଷ୍ଟି ହେଉଥିଲା। ଏ ସମ୍ପର୍କରେ ବିଦ୍ୟାଳୟର ଗୁରୁମା' ଗୁରୁଜୀମାନେ ମଙ୍ଗଳବାର ସମ୍ପୃକ୍ତ ବାବାଙ୍କୁ ମାଇକ୍ ବଜାଇବା ପାଇଁ ବାରଣ କରିଥିଲେ। ମାତ୍ର ଏଥିରେ ବାବାଜଣଙ୍କ ଉତ୍‌କ୍ଷିପ୍ତ ହୋଇ ସେମାନଙ୍କୁ ଗାଳିଗୁଲଜ କରିବା ସହିତ କାଠ ଫାଳିଆରେ ଆକ୍ରମଣ କରିବାକୁ ଗୋଡାଇଥିଲେ। ଏ ନେଇ ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ସୁମନ୍ତ ମହାନ୍ତି ଓ ପ୍ରଧାନ ଆଚାର୍ଯ୍ୟ ସରିତା ମହାପାତ୍ର ନିଆଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ଯୁବତୀଙ୍କୁ ନିର୍ଯାତନା ସହ ୭ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୩।୩ (ବ୍ୟୁରୋ)**

ପ୍ରଥମେ ବନ୍ଧୁତା ଓ ପରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟ ମନ୍ଦିରରେ ପ୍ରେମ ବିବାହ କରିଥିଲେ। ଏପରି କି ଯୁବତୀଙ୍କଠାରୁ ଆବଶ୍ୟକ ବେଳେ ୭ ଲକ୍ଷ ଟଙ୍କା ନେଇଥିଲେ। ପରେ ନିର୍ଯାତନା ଦେଉଥିବା ଅଭିଯୁକ୍ତ ପ୍ରେମିକଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସତ୍ୟବିହାର ଅଞ୍ଚଳରେ ରହୁଥିବା ସୁଜିତ ରାଉତ(୩୨)। ପୋଲିସ ସୂଚନା ମୁତାବକ ସତ୍ୟନଗର ଅଞ୍ଚଳରେ ରହୁଥିବା ଯୁବତୀ ଓ ସୁଜିତ ପରସ୍ପର ମଧ୍ୟରେ ପ୍ରଥମେ ବନ୍ଧୁତା ହୋଇଥିଲା। ପରେ ପ୍ରେମ ସମ୍ପର୍କ ଗଢି ଉଠିବା ପରେ ଉଭୟ ଜୀବନସାଥୀ ହୋଇ ରହିବାକୁ ଚିନ୍ତା କରିଥିଲେ। ଏଥିପାଇଁ ଉଭୟେ ମନ୍ଦିରକୁ ଯାଇ ବିବାହ କରିଥିଲେ। ଉଭୟ ସତ୍ୟନଗର ଅଞ୍ଚଳରେ ଏକାଠି ମଧ୍ୟ ରହୁଥିଲେ। ଅଭିଯୁକ୍ତ ସୁଜିତଙ୍କୁ ମେଡିକାଲ ସମସ୍ୟା ଓ ଅନ୍ୟାନ୍ୟ ଜରୁରୀ ଆବଶ୍ୟକତା ପାଇଁ ଯୁବତୀ ଜଣଙ୍କ ତାଙ୍କ ପିତାଙ୍କଠାରୁ ୭ ଲକ୍ଷ ଟଙ୍କା ଆଣିଥିଲେ। ପରବର୍ତ୍ତୀ ସମୟରେ ଅଧିକ ଟଙ୍କା ଦରକାର ବୋଲି ଯୁବତୀଙ୍କୁ ସୁଜିତ ମାଗିଥିଲେ। ଯୁବତୀ ଜଣକ ନ ଦେବାରୁ ତାଙ୍କୁ ନିର୍ଯାତନା ଦେବା ଆରମ୍ଭ କରି ଦେଇଥିଲେ। ଏଥିସହ ତାଙ୍କ ପିତାଙ୍କଠାରୁ ନେଇଥିବା ଟଙ୍କାକୁ ମଧ୍ୟ ଫେରସ୍ତ କରି ନ ଥିଲେ। ଶେଷରେ ନିର୍ଯାତନାର ମାତ୍ରା ବଢିବାରୁ ଯୁବତୀ ଜଣଙ୍କ ତାଙ୍କ ପିତାଙ୍କ ସହ ସୋମବାର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୯୫/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତ ସୁଜିତଙ୍କୁ ଗିରଫ କରିଛି।


# CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ଝିଁପଡ଼ି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା - ୯୦,୦୦୦/-, ଆଡଭାନ୍ସ - ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748
9667567752

INDUS TOWER LTD
କୌଣସୀ ଖର୍ଚ୍ଚ ନାହିଁ ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
8882906098

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ।
2% ସୁଧ | 40% ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ର: 75992-54565
89012-71684
94506-10896

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

REAL ESTATE SALE

SPACE FOR OFFICE RENT
2000 sqft each available on 2nd & 3rd floor in well furnished with lift arrangement at Mancheswar Ind. Estate, BBSR. Interested person may contact through
Box No- 387,
PRAVAT KU. PRADHAN,
C/o- Dharitri, B-15,
Industrial Estate, Rasulgarh,
Bhubaneswar-751010
Mob:- 7978361405

BUSINESS

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ । ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No.
07488344055

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

FINANCE

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227




COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁମାନେ ବିନା ପ୍ରତିବାଦରେ ତୁମର ସବୁକଥା ମାନି ଯାଆନ୍ତି, ସେମାନଙ୍କୁ କେବେହେଲେ ବିଶ୍ୱାସ କର ନାହିଁ।
-ଚାଣକ୍ୟ

## ସଂକ୍ଷେପରେ

### ଅଙ୍ଗନୱାଡି କର୍ମୀଙ୍କଠାରୁ ୨୫ହଜାର ଲୁଟ୍

ପିପିଲି,୩।୩(ସ୍ୱ.ପ୍ର.): ପିପିଲି ଥାନା ଅଧୀନ ମଙ୍ଗଳପୁର ପେଟ୍ରୋଲ ପମ୍ପ ନିକଟରୁ ପୋଡ଼ଙ୍ଗ ଗ୍ରାମର ଅଙ୍ଗନୱାଡି କର୍ମୀ ସାଗରିକା ସାହୁଙ୍କଠାରୁ ୨୫ହଜାର ଟଙ୍କା ଲୁଟ୍ ହୋଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପିପିଲି ପୋଡଙ୍ଗ ଗ୍ରାମର ଅଙ୍ଗନୱାଡି କର୍ମୀ ସାଗରିକା ଅପରାହ୍ନ ପ୍ରାୟ ୧ଟାରେ ପୋଡ଼ଙ୍ଗ ଛକରୁ ଭୁବନେଶ୍ୱରକୁ ଏକ ଯାତ୍ରୀବାହୀ ଅଟୋରେ ଯାଉଥିଲେ। ଏହି ସମୟରେ ଏକ ବାଇକରେ ୩ଜଣ ଦୁର୍ବୃତ୍ତ ଅଟୋକୁ ପିଛା କରିବା ସହ ସାଗରିକାଙ୍କ ହାତରୁ ଏକ ହାଣ୍ଡ ବ୍ୟାଗକୁ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଏହି ବ୍ୟାଗରେ ୨୫ହଜାର ଟଙ୍କା, ୪ଟି ଏଟିଏମ କାର୍ଡ, ବ୍ୟାଙ୍କ ପାସବୁକ୍ , ଚେକ୍ ବୁକ୍ ସହ ଗରୁତ୍ୱପୂର୍ଣ୍ଣ ସରକାରୀ କାଗଜପତ୍ର ଥିଲା ବୋଲି ସାଗରିକା ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ରାସ୍ତା ପାର୍ଶ୍ୱରେ ଲାଗିଥିବା ସିସି କ୍ୟାମେରାକୁ ଯାଞ୍ଚ କରିବା ସହ ତଦନ୍ତ ଚଳାଇଛି।

### ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ: ୪ ଗୁରୁତର

କାକଟପୁର, ୩।୩ (ଡି.ଏନ୍.ଏ)
କାକଟପୁର ଥାନା ଅଧୀନ ଗଡ଼ନୟରଛଡ଼ା ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ଦଳିତ ଓ ସବର୍ଣ୍ଣ ଶ୍ରେଣୀର ମହିଳାଙ୍କୁ ସୋମବାର ଅପରାହ୍ନରେ ଉଦୟପୁର ଗ୍ରାମର ଶତାଧିକ ବ୍ୟକ୍ତି ସଂଘବଦ୍ଧ ଆକ୍ରମଣ କରିବା ସହ ଘର ଆସବାବପତ୍ର ନଷ୍ଟ କରି ଏକ କୁଟାଗଦାରେ ନିଁଆ ଲଗାଇ ଦେଇଛନ୍ତି। ଏ ନେଇ ମାଗୁରା ଗ୍ରାମର ଶୁଭସ୍ମିତା ବାଘ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ଦର୍ଶାଯାଇଛି, ମାଗୁରା ଗ୍ରାମର ପୁରୁଷମାନେ ମୂଳ ଲାଗିବା ପାଇଁ ବାହାରକୁ ଯାଇଥିଲେ। ଏହି ସମୟରେ ଉଦୟପୁର ଗ୍ରାମର ଶତାଧିକ ବ୍ୟକ୍ତି ହାତରେ ବିଭିନ୍ନ ମାରଣାସ୍ତ୍ର ଧରି ମାଗୁରା ଗ୍ରାମକୁ ଆସି ମହିଳାମାନଙ୍କୁ ଧମକଚମକ ଦେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ମହିଳାମାନେ ଏହାର ପ୍ରତିବାଦ କରିବାରୁ ସେମାନେ ନିଷ୍ଠୁର ମାଡ଼ ମାରି ଅସଦାଚରଣ କରିବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ଆକ୍ରମଣରେ ଶର୍ମିଷ୍ଠା ପାଣି, ପରମି ପାଣି, ପ୍ରମିଳା କାଣ୍ଡି, ରଶ୍ମିତା ବେହେରା ଗୁରୁତର ଆହତ ହୋଇ ବାଙ୍ଗୁରୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏ ସଂକ୍ରାନ୍ତରେ ଆଇପିସି ଦଫା ୧୪୭, ୧୪୮, ୨୯୪, ୩୨୩, ୩୨୪, ୩୨୬, ୩୫୪, ୩୫୪(ଖ), ୪୨୭, ୪୩୬, ୫୦୬, ୧୪୯ରେ କେସ୍ ନମ୍ବର ୨୦୩୧/୨୦ ରୁଜୁ ହୋଇଛି। ଉଦୟପୁର ଗ୍ରାମର ପାରେଶ୍ୱର ପ୍ରଧାନ, ସିଦ୍ଧେଶ୍ୱର ପ୍ରଧାନ, ସୁବାସ ପ୍ରଧାନ, ଦୀପୁ ରାଉତ, ଆଶିଷ ରାଉତ, କୁନା ନାୟକ, ଚୁଲୁ ସ୍ୱାଇଁ, ଟାଟୁ ରାଉତ, ସୁଶାନ୍ତ ରାଉତ, ଧୀର ରାଉତ, ଅନୁପ ରାଉତ, ମହେଶ୍ୱର ପ୍ରଧାନ, ମାଗୁ କାଣ୍ଡି, ଜଗବନ୍ଧୁ ରାଉତ, ମିଟୁ ରାଉତ, ସଞ୍ଜୟ ନାୟକ ଏବଂ ପପୁ କାଣ୍ଡିଙ୍କ ସମେତ ୧୯ଜଣଙ୍କ ନାମରେ ମକଦ୍ଦମା ରୁଜୁ କରାଯାଇଛି।

# ଖୋର୍ଦ୍ଧା ସହର ପାର୍କିଂ ବ୍ୟବସ୍ଥା ବେହାଲ

■ ଯାନବାହନ ଚଳାଚଳକୁ ରାସ୍ତା ନାହିଁ
■ ପୌରାଞ୍ଚଳର ସଚେତନତା ବାର୍ତ୍ତା କାମ ଦେଉନି

ଖୋର୍ଦ୍ଧା ଅଫିସ୍ ୩।୩

ଖୋର୍ଦ୍ଧା ସହରରେ ଦୀର୍ଘବର୍ଷ ହେଲା ପାର୍କିଂ ସମସ୍ୟା ଲାଗି ରହିଛି। ବେହାଲ ପାର୍କିଂର ସୁଧାର ଆଣିବାକୁ ପୌର ପ୍ରଶାସନ ପକ୍ଷରୁ ଲଗାଯାଇଥିବା ସଚେତନତା ବାର୍ତ୍ତା ବୋର୍ଡ କାମ ଦେଉନି। ଫଳରେ ପଥଚାରୀ, ଜାତୀୟ ରାଜପଥ, ସହର ମଧ୍ୟରେ ଥିବା ବିଭିନ୍ନ ଗଳିକନ୍ଦି ଓ ବଜାର ରାସ୍ତା ଉପରେ ଲୋକେ ପାର୍କିଂ କରୁଛନ୍ତି। ଏଥିଯୋଗୁ ଜରୁରିକାଳୀନ ଆମ୍ବୁଲାନ୍ସ, ପୋଲିସ ପାଟ୍ରୋଲିଂ ଗାଡି, ଦମକଳ ରାସ୍ତାରେ ଯିବାକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ବହୁ ସ୍ଥାନରେ ରାସ୍ତା ଉପରକୁ ଉଠା ଦୋକାନୀ ଓ କ୍ୟାବିନ୍ ମାଡ଼ି ବସିଛନ୍ତି। ଏଥିଯୋଗୁ ରାସ୍ତା ଉପରେ ଅପ୍ରୀତିକର ପରିସ୍ଥିତି ଉପୁଜୁଛି। ଗାଡ଼ି ସାଇଡ୍ ମଗାକୁ ନେଇ ପଥଚାରୀ, ଉଠା ଦୋକାନୀ ଓ ଲୋକମାନଙ୍କ ମଧ୍ୟରେ ଉଚ୍ଚବାଚ ହେଉଥିବା ଅଭିଯୋଗ ଥାନାକୁ ଯାଉଛି।

ଖୋର୍ଦ୍ଧା ସହର ମଧ୍ୟଦେଇ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ପୁରାତନ ଦମକଳ ଛକଠାରୁ ଖୋର୍ଦ୍ଧା ରେଞ୍ଜରଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗହଳି ସର୍ବଦା ଲାଗି ରହୁଛି। ସେହିପରି ସର୍ବାଧିକ ଗହଳି ପୁରୁଣା ବସ୍‌ଷ୍ଟାଣ୍ଡ, ପୁରୁଣା ମେଡିକାଲ, ମାରୱାଡ଼ିପଡ଼ି, ବ୍ୟାଙ୍କ ଛକ ସହ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ଦେଖାଦେଉଛି। ସେହିପରି ସହର ମଧ୍ୟରେ ଥିବା ପୋଷ୍ଟ ଅଫିସ୍ ଛକଠାରୁ ଗୁରୁଜଙ୍ଗ ପର୍ଯ୍ୟନ୍ତ ସର୍ବଦା ପାର୍କିଂ ବ୍ୟବସ୍ଥା ଢିଲା ରହିଛି। ଅନ୍ୟପକ୍ଷରେ ପର୍ବପର୍ବାଣି ସମୟରେ ଅଧିକ ଗହଳି ହେଉଛି। ତେବେ ଏହି ୧ କିମି ରାସ୍ତାରେ ସର୍ବଦା ଗହଳି ଲାଗି ରହୁଥିବାରୁ ଏହାକୁ ପାର ହେବା ପାଇଁ ପ୍ରାୟ ୨୦ରୁ୨୫ ମିନିଟ୍ ସମୟ ଲାଗୁଛି। ପୁଣି ଜରୁରିକାଳୀନ ସେବା ଯୋଗାଉଥିବା ୧୦୮, ଜନନୀ ସୁରକ୍ଷା, ଦମ୍‌କଳ ସହ ପୋଲିସ ପାଟ୍ରୋଲିଂ ଗାଡ଼ି ମଧ୍ୟ ଏହି ଗହଳିରେ ଫସି ରହୁଛି। ଜାତୀୟ ରାଜପଥ ଉପରକୁ ବାଇକ୍ ରଖାଯାଉଥିବାରୁ ଯାନବାହନ ଚଳାଚଳ ପାଇଁ ରାସ୍ତା ରହୁନାହିଁ। ସେହିପରି ଜାତୀୟ ରାଜପଥର ଦୁଇପାର୍ଶ୍ୱରେ ଦୋକାନ ବଜାର ଗଢ଼ି ଉଠିଛି। ବ୍ୟାଙ୍କ ଛକଠାରୁ ଆରମ୍ଭ କରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଭାଗରେ ଥିବା ରାସ୍ତା ଉପରେ ସର୍ବଦା ବାଇକ୍ ପାର୍କିଂ କରାଯାଉଛି। ରାସ୍ତା ଉପରେ ବାଇକ୍, କାର୍, ଜିପ୍, ଅଟୋ ପାର୍କିଂ କରି ଦୋକାନରୁ ଲୋକେ ସାମଗ୍ରୀ କିଣୁଛନ୍ତି। ଏଥିଯୋଗୁ ଯାତାୟାତରେ ଘୋର ସମସ୍ୟା ଦେଖାଦେଉଛି। ସେହିପରି ବୁଲା ଗୋରୁ, କୁକୁର ରାସ୍ତା ଉପରେ ଚଳପ୍ରଚଳ କରୁଥିବାରୁ ପଥଚାରୀଙ୍କୁ ଯାତାୟାତରେ ଅସୁବିଧା ହେଉଛି। ଅନ୍ୟପକ୍ଷରେ ସହରର ବିଭିନ୍ନ ସ୍ଥାନରେ ଖୋର୍ଦ୍ଧା ପୌରାଞ୍ଚଳ ପକ୍ଷରୁ ସଚେତନ ବୋର୍ଡ ଟଙ୍ଗାଯାଉଛି। ଏଠାରେ ପାର୍କିଂ କରନ୍ତୁ ନାହିଁ ଫଳକରେ ଉଲ୍ଲେଖ ରହିଛି। ମାତ୍ର ତାହାକୁ କେହି ତିଳେ ମାତ୍ର ଖାତିରି ନ କରି ପାର୍କିଂ କରୁଛନ୍ତି। ଏଥିପ୍ରତି ପୌର ପ୍ରଶାସନ ଓ ପୋଲିସ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ମଙ୍ଗଳବାର ସନ୍ଧ୍ୟାରେ ବ୍ୟାଙ୍କ ଛକଠାରେ ଦେଖା ଦେଇଥିବା ପାର୍କିଂ ସମସ୍ୟା।

# ଧନିଆ ପାହାଡ଼ ଉପରେ ଶ୍ରୀମନ୍ଦିର ପ୍ରଶାସନର ଚଢାଉ

## ଦେଢ଼ ଲକ୍ଷ ଟଙ୍କା ଜରିମାନା ଆଦାୟ

ଖୋର୍ଦ୍ଧା ଅଫିସ୍, ୩। ୩ :

ଖୋର୍ଦ୍ଧା ତହସିଲ ଅଧୀନରେ ଥିବା ବିଭିନ୍ନ ପାହାଡ ଓ ମାଙ୍କଡା ଖଣି ଖାଦାନରୁ ବେଆଇନ ଭାବେ ପଥର ଚୋରା ଚାଲାଣ ହେଉଛି। ସର୍ବସାଧାରଣଙ୍କ ପକ୍ଷରୁ ଅଭିଯୋଗ ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଚଢାଉ କରାଯାଇଥିଲା। ଏହିକ୍ରମରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଖୋର୍ଦ୍ଧାର ଧନିଆ ପାହାଡ ଉପରେ ଚଢାଉ କରାଯାଇଥିଲା। ଆଗୁଆ ଖବର ପାଇ ସେଠାରୁ ମାଫିଆ ଓ ଶ୍ରମିକମାନେ ଛତ୍ରଭଙ୍ଗ ଦେଇଥିଲେ। ମାତ୍ର ଗୋଟିଏ ପ୍ରୋକ୍ଲିନ ପୋଲିସ ହାବୁଡରେ ପଡିଥିଲା। ଶେଷରେ ପ୍ରୋକ୍ଲିନ ମାଲିକଙ୍କଠାରୁ ୧ଲକ୍ଷ ପଚାଶ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଚଢାଉରେ ଶ୍ରୀମନ୍ଦିର ପ୍ରଶାସନର ଜଟଣୀସ୍ଥିତ ରାଜସ୍ୱ ସହାୟକ ଅଧିକାରୀ (ଏଏସ.ଓ) ଅନିଲ ପାଣିଗ୍ରାହୀଙ୍କ ନେତୃତ୍ୱରେ ଖୋର୍ଦ୍ଧା ସଦର ଥାନା ଅଧିକାରିଣୀ ଅନିତା ସାହୁଙ୍କ ସହ ପୋଲିସ୍ କର୍ମଚାରୀମାନେ ସାମିଲ ହୋଇଥିଲେ।

# ଘରୁ ଲୁଟିନେଲେ ୫ଭରି ସୁନା, ୪ଲକ୍ଷ ଟଙ୍କା

ପୁରୀ ଅଫିସ,୩।୩

କିଛି ଦିନର ନୀରବତା ପରେ ପୁଣି ପୁରୀ ସହରରେ ଆତଙ୍କ ଖେଳାଇଛନ୍ତି ଲୁଟେରା। ୫ଜଣ ମୁଖାଧାରୀ ଦୁର୍ବୃତ୍ତ ଟାଉନ ଥାନା ଅଧୀନ ରାଧାଗୋବିନ୍ଦ ଲେନସ୍ଥିତ ଏକ ଘରେ ପଶି ପରିବାର ଲୋକଙ୍କୁ ଭୟଭୀତ କରାଇ ସୁନାଗହଣା ଓ ୪ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଜାରି ରଖିଛି। ରାଧାଗୋବିନ୍ଦ ଲେନ୍‌ରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରିବା ସହ ୨ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସୂଚନା ଅନୁଯାୟୀ, ସୋମବାର ରାତିରେ ୫ଜଣ ମୁଖାଧାରୀ ଦୁର୍ବୃତ୍ତ ରାଧାଗୋବିନ୍ଦ ଲେନ୍ ବାସିନ୍ଦା ମଧୁସୂଦନ ଜେନାଙ୍କ ଘର ଗ୍ରୀଲ୍ ତାଡ଼ି ଘରେ ପଶିଥିଲେ। ମଧୁସୂଦନଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ସେ ବିରୋଧ କରିବାରୁ ତାଙ୍କ ନାତି ଏବଂ ବୋହୂଙ୍କ ବେକରେ ଖଣ୍ଡା ଓ ବନ୍ଧୁକ ଲଗାଇ ୫ଭରି ଓଜନର ସୁନା ଅଳଙ୍କାର, ନଗଦ ପ୍ରାୟ ୪ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଯିବାବେଳେ ଘରର ସମସ୍ତ ଆସବାବପତ୍ର ଫିଙ୍ଗାଫିଙ୍ଗି କରିବା ସହ ୨ଟି ବାଇକକୁ ଭାଙ୍ଗିଦେଇଥିଲେ। ଏନେଇ ପୋଲିସ ଆଗରେ କିଛି କହିଲେ ଅଥବା ଥାନାରେ ଅଭିଯୋଗ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ମଧୁସୂଦନ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ରାଧାଗୋବିନ୍ଦ ଲେନ୍ ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳ। ଚାରିପଟେ ଘରଦ୍ୱାର ଝୁନ୍ଦି ହୋଇ ରହିଛି। ତେବେ ଏଭଳି ଏକ ଅଞ୍ଚଳରେ ଦୁର୍ବୃତ୍ତମାନେ ଜଣକ ଘରେ ପଶି ଲକ୍ଷାଧିକ ଟଙ୍କା ଲୁଟି ନେବା ଘଟଣାକୁ ନେଇ ପୋଲିସ ନିଷ୍କ୍ରିୟତାକୁ ସୂଚାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ରାତ୍ରିକାଳୀନ ପାଟ୍ରୋଲିଂ ହେଉ ନ ଥିବାରୁ ଏଭଳି ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ଗଣମାଧ୍ୟମକୁ କହିଛନ୍ତି। ଏନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ସେମାନେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷେ ଘଟଣାର ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।

# ସ୍ତ୍ରୀ କଟୁରି ଚୋଟରେ ସ୍ୱାମୀ ଗୁରୁତର

ବ୍ରହ୍ମଗିରି,୩।୩(ଡି.ଏନ୍.ଏ.):

ବ୍ରହ୍ମଗିରି ଥାନା ଅନ୍ତର୍ଗତ ଚାପମାଣିକ ଗ୍ରାମରେ ମଙ୍ଗଳବାର ସ୍ତ୍ରୀର କଟୁରିଚୋଟରେ ସ୍ୱାମୀ ତୁଷାରକାନ୍ତ ଜେନା ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏକ ଜମି ବିକ୍ରି ପାଇଁ ମଙ୍ଗଳବାର ତୁଷାର କାନ୍ତ ଓ ତାଙ୍କ ସ୍ତ୍ରୀ ଡଲିଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ବଚସା ଉଗ୍ରରୂପ ଧାରଣ କରିଥିଲା। ଏଥିରେ ଡଲି ଉତ୍‌କ୍ଷିପ୍ତ ହୋଇ ତୁଷାରଙ୍କୁ ଏକ କଟୁରିରେ ଆକ୍ରମଣ କରିଥିଲେ।

# ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଦମ୍ପତିଙ୍କୁ ଆକ୍ରମଣ

ନିମାପଡ଼ା,୩।୩(ଡି.ଏନ୍.ଏ.):

ଚାରିଛକ ଫାଣ୍ଡି ଅନ୍ତର୍ଗତ ସୁଧବାରିମୂଳ ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଟ୍ରାକ୍ଟର ଚାଳକ ନୀରୋଦ ଦାସ ଓ ତାଙ୍କ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ନୀରୋଦ ଟ୍ରାକ୍ଟରରେ ବାଲି ଆଣି ଆସୁଥିବା ବେଳେ ତୁଳସୀପୁର ସ୍କୁଲ ନିକଟରେ ଶିଶିର ଦାସ, କାହ୍ନା ଦାସ, ବବୁନା ଦାସ ପ୍ରମୁଖ ଗାଡିକୁ ଅଟକାଇ ନୀରୋଦଙ୍କୁ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ନୀରୋଦଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚାରିଛକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ରାତିରେ ଆକ୍ରମଣକାରୀମାନେ ନୀରୋଦଙ୍କ ଘରେ ପଶି ତାଙ୍କ ସ୍ତ୍ରୀ ରେଣୁବାଳା ଦାସଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ରେଣୁବାଳାଙ୍କ ଅଭିଯୋଗକ୍ରମେ ପୋଲିସ ୩ ଆକ୍ରମଣକାରୀଙ୍କ ବିରୋଧରେ ଏକ ମାମଲା (ନଂ. ୪୭/୨୦)ରୁଜୁକରି ତଦନ୍ତ ଚଳାଇଛି। ଆକ୍ରମଣକାରୀମାନେ ଫେରାର ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

# କାଇପଦର କ୍ରିକେଟ: ପଳାସପୁର, ଯାଁଳା ବିଜୟୀ

ଖୋର୍ଦ୍ଧା ଅଫିସ୍ ୩।୩:
ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର ସତ୍ୟପୀର କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବାପି ଚମ୍ପତିରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ୨୧ତମ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚରେ ପଳାସପୁର କ୍ରିକେଟ୍ କ୍ଲବ ୩୬ ରନ୍‌ରେ ଓ ୨ୟ ମ୍ୟାଚରେ ଯାଁଳା କ୍ରିକେଟ୍ କ୍ଲବ ୭ ଉଇକେଟ୍‌ରେ ବିଜୟ ହୋଇଛନ୍ତି।

ପ୍ରଥମ ମ୍ୟାଚ୍ ପଳାସପୁର କ୍ରିକେଟ୍ କ୍ଲବ ଓ କଲ୍ୟାଣପୁରର ଗାଦିବ୍ରହ୍ମ କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ପଳାସପୁର ୧୯. ୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୬୪ ରନ୍ ସଂଗ୍ରହ କରିଥିଲା। ଖେଳାଳି ବିଶ୍ୱରଞ୍ଜନ ସାହୁ ବ୍ୟକ୍ତିଗତ ୨୯ ବଲ୍‌ରେ ୬୬ରନ୍ ସଂଗ୍ରହ କରି ଦଳ ବିଜୟର ମୁଖ୍ୟ କର୍ଣ୍ଣଧାର ସାଜିଥିଲେ। ଜବାବ୍‌ରେ କଲ୍ୟାଣପୁର ଗାଦିବ୍ରହ୍ମ କ୍ରିକେଟ୍ କ୍ଲବ ୧୬.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୮ ରନ୍ କରିଥିଲା। ସେହିପରି ଅନ୍ୟ ୨ୟ ମ୍ୟାଚ୍ କଳାପଥର କ୍ରିକେଟ୍ କ୍ଲବ ଓ ଯାଁଳା କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି କଳାପଥର ଦଳ ୧୯. ୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୪୨ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିଶ୍ୱଜିତ୍ ମହାପାତ୍ର ୪୪ ବଲ୍‌ରେ ୪୬ରନ୍ ସଂଗ୍ରହ କରି କରିଥିଲେ। ଜବାବ୍‌ରେ ଯାଁଳା ଦଳ ୧୨ ଓଭରରେ ୩ ଉଇକେଟ୍ ହରାଇ ଆବଶ୍ୟକ ୧୪୬ରନ୍ ସଂଗ୍ରହ କରି ୭ ଉଇକେଟ୍‌ରେ ବିଜୟ ଲାଭ କରିଥିଲା। କଳାପଥର ଦଳର ବିଶ୍ୱଜିତ୍ ଅଲରାଉଣ୍ଡ ପ୍ରଦର୍ଶନ କରି ବ୍ୟାଟିଂରେ ୪୬ ରନ୍ ଏବଂ ୪ ଓଭର ବୋଲିଂ କରି ୪୧ ରନ୍ ବ୍ୟୟରେ ୨ ଉଇକେଟ୍ ହାସଲ କରିଥିଲେ। ଫଳରେ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚନା କରାଯାଇଥିଲା। ଯଷ୍ଟ ସାମନ୍ତରାୟ ଓ ପ୍ରଶାନ୍ତ ମାର୍ଥା ଉଭୟ ମ୍ୟାଚ୍‌କୁ ପରିଚାଳନା କରିଥିଲେ। ଲିଟିଲ୍ ଚମ୍ପତିରାୟ ଓ ସୁଶାନ୍ତ ସୁନ୍ଦରାୟ ସ୍କୋରର୍ ଦାୟିତ୍ୱ ତୁଲାଇଥିଲେ। ଅଶ୍ୱିନୀ ସାମନ୍ତରାୟ, ଶ୍ୟାମସୁନ୍ଦର ଶ୍ରୀଚନ୍ଦନ ଏବଂ ଭିକାରୀ ବଳିୟାରସିଂହ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।



ମ୍ୟାନ୍ ଅଫ ଦି ମ୍ୟାଚ ହୋଇଥିବା ଉଭୟ ଦଳର ଖେଳାଳି ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଲାଗି ବୈଠକ

ପୁରୁଣା ଭୁବନେଶ୍ୱର, ୩। ୩ (ଡି.ଏନ.ଏ.)–
ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମଙ୍ଗଳବାର ସର୍ଦ୍ଦାର ମହାରଣା ସେବାୟତ ବଟକୃଷ୍ଣ ମହାରଣାଙ୍କ ସମେତ ଅନ୍ୟ ସେବାୟତଙ୍କୁ ଡକାଇ ଏକ ବୈଠକ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟି ବୋର୍ଡ ପକ୍ଷରୁ ନୂଆ ମାର୍କେଟ କମ୍ପ୍ଲେକ୍ସସ୍ଥିତ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ଗତବର୍ଷ ଭଳି ଚଳିତବର୍ଷ ୭୨ ଜଣ ମହାରଣା ସେବାୟତ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେବେ। ଠିକ୍ ସମୟରେ ଅର୍ଥାତ ନେତ୍ରୋତ୍ସବରେ ରଥ ପ୍ରଶାସନକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ନିଆଯାଇଥିଲା। ସେବାୟତଙ୍କ ପାଉଣା ସମ୍ବନ୍ଧରେ ମଧ୍ୟ ଏଥିରେ ଆଲୋଚନା କରାଯାଇଥିଲା।

# ଛାତ୍ରୀଙ୍କୁ ଅସଦାଚରଣ: ଶିକ୍ଷକ ଗିରଫ

ପୁରୁଣା ଭୁବନେଶ୍ୱର, ୩। ୩ (ଡି.ଏନ.ଏ.)–

ଲିଙ୍ଗରାଜ ଥାନା ଅଧୀନ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଜଣେ ୭ମ ଶ୍ରେଣୀ ଛାତ୍ରୀଙ୍କୁ ସେହି ସ୍କୁଲର ଜଣେ ଶିକ୍ଷକ ଅସଦାଚରଣ କରିଥିବା ନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ସମ୍ପୃକ୍ତ ଶିକ୍ଷକ ୪ ମାସ ତଳେ ଛାତ୍ରୀ ଜଣକଙ୍କୁ ବିଦ୍ୟାଳୟରେ ଶିକ୍ଷାଦାନ ଆଳରେ ଅସଦାଚରଣ କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ଶିକ୍ଷକ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୩୮/୨୦ରେ ମାମଲା ରୁଜୁ କରିଛି। ଅନୁସନ୍ଧାନ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର କହିଛନ୍ତି।

# ପାରା ଗୁଳିକାଣ୍ଡ: ୨ ଅଭିଯୁକ୍ତ ଅଟକ

ପୁରୀ ଅଫିସ, ୩।୩

ବହୁ ଚର୍ଚ୍ଚିତ ସଞ୍ଜୟ ବେହେରା ଓରଫ ପାରା ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ୨ଜଣଙ୍କୁ ମଙ୍ଗଳବାର କୁମ୍ଭାରପଡ଼ା ପୋଲିସ ଧରିଛି। ଏମାନଙ୍କୁ ଏକ ଗୁପ୍ତ ସ୍ଥାନରେ ଅଟକ ରଖି ଘନ ଘନ ଜେରା କରୁଛି। ଜଣଙ୍କୁ ସଂଗ୍ରାମ କ୍ଲବ ଗଳି ଏବଂ ଅନ୍ୟଜଣଙ୍କୁ ଚନ୍ଦନପୁରରୁ ଧରାଯାଇଥିବା ବେଳେ ଉଭୟେ ଫ୍ରେଣ୍ଡସ୍ କଲୋନୀ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡିଛି। ତେବେ ଏ ସମ୍ପର୍କରେ ପୋଲିସ କୌଣସି ସୂଚନା ଦେବାକୁ ମନା କରିଦେଇଛି।

୨୦୧୯ ଡିସେମ୍ବରରେ ଏହି ଗୁଳିକାଣ୍ଡ ଘଟିଥିଲା। ଏହି ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଏପରିକି ସେତେବେଳେ ଶାସକ ଦଳର ଜଣେ ପୂର୍ବତନ କାଉନସିଲରଙ୍କ ହାତ ଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୂର୍ବରୁ ଜଣେ ମହିଳାଙ୍କ ସମେତ ୬ଜଣଙ୍କୁ ଗିରଫ କରାଯାଇଥିଲା। ଏବେ ଆଉ ୨ଜଣଙ୍କୁ ଧରାଯିବା ପରେ ବହୁ ତଥ୍ୟ ପଦାକୁ ଆସିବ ବୋଲି କୁହାଯାଉଛି। ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ନିକଟରେ ସଞ୍ଜୟ ବେହେରା ଓରଫ ପାରାଙ୍କୁ ଦୁଇଜଣ ଦୁର୍ବୃତ୍ତ ଅତି ନିକଟରୁ ଗୁଳିମାଡ କରି ଫେରାର ହୋଇଯାଇଥିଲେ। ପାରାଙ୍କୁ ଗୁରୁତର ଅବସ୍ଥାରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁଳିକାଣ୍ଡ ଘଟଣା ରାତିରେ ପାରାଙ୍କ ସମର୍ଥକମାନେ ଖଣ୍ଡା ଧରି ସହରରେ ଆତଙ୍କ ସୃଷ୍ଟି କରିଥିଲେ। ବିଳମ୍ବିତ ରାତିରେ ଅପର ଗୋଷ୍ଠୀର ଜଣକ ଘରେ ପଶି ଭଙ୍ଗାରୁଜା କରିବା ସହ ଏକ ଗ୍ୟାରେଜରେ ନିଆଁ ଲଗାଇ ଦେଇଥିଲେ। ଗୁଣ୍ଡିଚା ମନ୍ଦିର ନିକଟରେ ଗାଡ଼ି ପାର୍କିଂ, ବାଲୁଖଣ୍ଡ ଅଞ୍ଚଳରୁ ବାଲି ଚାଲାଣକୁ ନେଇ ତାଙ୍କର ଅନ୍ୟ ଗୋଷ୍ଠୀ ସହ ଶତ୍ରୁତା ରହିଥିଲା। ପୂର୍ବରୁ ପାରା ବାଲିଘାଟର ଭାଗିରଥି ପ୍ରଧାନ ଓରଫ ଭାଗୁଙ୍କୁ ଗୁଳିମାଡ଼ କରିଥିଲେ। ପରେ ଉଭୟ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ବଢିଥିଲା। ପାରାଙ୍କୁ ସବୁଦିନ ଲାଗି ରାସ୍ତାରୁ ହଟାଇବା ଲାଗି ଭାଗୁ ଗୋଷ୍ଠୀ ଷଡ଼ଯନ୍ତ୍ର ରଚିଥିଲେ। ଘଟଣା ଦିନ ତାଙ୍କୁ ଘରୁ ଡାକି ଆଣି ନାକଚଣା ଦ୍ୱାର ନିକଟରେ ଗୁଳିମାଡ କରାଯାଇଥିବା ସେତେବେଳେ ପୋଲିସ ଗଣମାଧ୍ୟମକୁ କହିଥିଲା।

# ଅନ୍‌ଲାଇନ୍‌ରେ ହେବ ଟ୍ରେଡ୍ ଲାଇସେନ୍ସ ଆବେଦନ

■ ଭୁବନେଶ୍ୱରଡ଼ଟ୍‌ମିର ସିଟିଜେନ୍ ସର୍ଭିସେସ୍‌ରେ ମିଳିବ ଫର୍ମ
■ ୱାର୍ଡ଼ ଅଫିସର ଓ ମିସ୍ ସରକାରଙ୍କୁ ପ୍ରଶିକ୍ଷଣ ଦେଲା ବିଏମ୍‌ସି



ଭୁବନେଶ୍ୱର, ୩।୩ (ବ୍ୟୁରୋ)

ଭୁବନେଶ୍ୱରର ବ୍ୟବସାୟୀମାନେ ପ୍ରଥମଥର ବିନା କିଛି ଝିଞ୍ଜଟରେ ଏବେ ଟ୍ରେଡ୍ ଲାଇସେନ୍ସ ପାଇଁ ଆବେଦନ କରିପାରିବେ। ଲାଇସେନ୍ସ ପାଇବାକୁ ସେମାନଙ୍କୁ ଆଉ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଫିସ୍‌କୁ ଦୌଡିବାକୁ ପଡିବନି। ଏବେଠାରୁ ସେମାନେ ଅନଲାଇନ୍‌ରେ ଟ୍ରେଡ୍ ଲାଇସେନ୍ସର ଆବେଦନ କରିପାରିବେ ବୋଲି ମଙ୍ଗଳବାର ବିଏମ୍‌ସି ପକ୍ଷରୁ କୁହାଯାଇଛି।

କିଛିଦିନ ତଳେ ଭୁବନେଶ୍ୱରବାସୀଙ୍କ ସୁବିଧା ପାଇଁ ବିଏମ୍‌ସି ଯେପରି ଭୁବନେଶ୍ୱରଡ଼ଟ୍‌ମି ୱେବ୍‌ସାଇଟ୍‌ରେ ହୋଲ୍ଡିଂ ଟ୍ୟାକ୍ସ ଦେବା ବ୍ୟବସ୍ଥା କରିଥିଲା। ଠିକ୍ ସେହିପରି ଏବେ ଉକ୍ତ ଭୁବନେଶ୍ୱରଡ଼ଟ୍‌ମି ୱେବ୍‌ସାଇଟ୍‌ରେ ଟ୍ରେଡ୍ ଲାଇସେନ୍ସ ଆବେଦନ କରିବାକୁ ଫର୍ମ ଉପଲବ୍ଧ କରାଯାଇଛି। ବ୍ୟବସାୟୀଙ୍କ ପାଇଁ ଏହା କିପରି ସୁଗମ ହୋଇପାରିବ ସେନେଇ ମଙ୍ଗଳବାର ବିଏମ୍‌ସି ଆଡିଶନାଲ କମିଶନର ସୁରଥ ଚନ୍ଦ୍ର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବିଏମ୍‌ସି ମୁଖ୍ୟାଳୟରେ ୬୭ ଜଣ ୱାର୍ଡ଼ ଅଫିସର ଏବଂ ୧୪ ଜଣ ମିସ୍ ସରକାରଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ୩ଟି ବ୍ୟାଚ୍‌ରେ ଦିଆଯାଇଥିବା ଏହି ପ୍ରଶିକ୍ଷଣରେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ଼୍ (ବିଏସ୍‌ସିଏଲ୍) ଦ୍ୱାରା ପ୍ରସ୍ତୁତ ଅନଲାଇନ୍ ମଡ୍ୟୁଲ୍ ଦେଖାଯାଇଛି। ଉକ୍ତ ପ୍ରଶିକ୍ଷଣରେ ଦକ୍ଷିଣ ପୂର୍ବ ଜୋନ ଜୋନାଲ୍ ଡ଼େପୁଟି କମିଶନର ଅଂଶୁମାନ ରଥ, ଦକ୍ଷିଣ ପଶ୍ଚିମ ଜୋନ ଜୋନାଲ୍ ଡ଼େପୁଟି କମିଶନର ରବିନାରାୟଣ ଜେଠୀ ଏବଂ ଉତ୍ତର ଜୋନ୍ ଜୋନାଲ୍ ଡ଼େପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟି ନିଜ ନିଜ ଜୋନ୍‌ର କର୍ମଚାରୀମାନଙ୍କ ସହ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିବା ବିଏମ୍‌ସି ପକ୍ଷରୁ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ମ୍ୟୁନିସିପାଲ୍ କର୍ପୋରେଶନ୍ ଆଇନ ୨୦୦୩ ଅନୁସାରେ ବିଏମ୍‌ସି ସୀମା ମଧ୍ୟରେ ବ୍ୟବସାୟ କରୁଥିବା ପ୍ରତ୍ୟେକ ବ୍ୟବସାୟୀ ନିଜ ନିଜର ଟ୍ରେଡ୍ ଲାଇସେନ୍ସ କରାଇ ନେବାକୁ କୁହାଯାଇଛି। ପୂର୍ବରୁ ଟ୍ରେଡ୍ ଲାଇସେନ୍ସ ଅଫ୍‌ଲାଇନ୍‌ରେ କରାଯାଉଥିଲା। ଯେଉଁଥିପାଇଁ ଅଧିକ ସମୟ ଲାଗୁଥିଲା। ବର୍ତ୍ତମାନ ଅନ୍‌ଲାଇନ୍ ସୁବିଧା ଦ୍ୱାରା କମ୍ ସମୟରେ ଅଧିକ ସଂଖ୍ୟକ ଟ୍ରେଡ୍ ଲାଇସେନ୍ସ କରାଯାଇପାରିବ। ଏହାର ବିବରଣୀ ଉଭୟ ଆବେଦନକାରୀ ଓ ବିଏମ୍‌ସି ପାଇଁ ଉନ୍ମୁକ୍ତ ରହିବ। କୌଣସି ପ୍ରକାର ତ୍ରୁଟି ବିଚ୍ୟୁତିର ସମାଧାନ ଶୀଘ୍ର ହୋଇପାରିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

### ୧୫ ଦିନରେ ମିଳିବ ଲାଇସେନ୍ସ

ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ଼୍ (ବିଏସ୍‌ସିଏଲ୍) ଦ୍ୱାରା ପ୍ରସ୍ତୁତ ମଡ୍ୟୁଲ୍ ଅନୁସାରେ ଅନ୍‌ଲାଇନ୍ ପ୍ରକ୍ରିୟାରେ ଟ୍ରେଡ୍ ଲାଇସେନ୍ସ ପାଇବାକୁ ସମୁଦାୟ ୧୫ ଦିନର ଅବଧି ରଖାଯାଇଛି। ଜଣେ ବ୍ୟବସାୟୀ ଅନ୍‌ଲାଇନ୍‌ରେ ଆବେଦନ କରିବା ପରେ ଏହାର ବାର୍ତ୍ତା ଉକ୍ତ ବ୍ୟବସାୟୀଙ୍କ ଅଞ୍ଚଳରେ ଥିବା ୱାର୍ଡ଼ ଅଫିସରଙ୍କ ପାଖକୁ ଚାଲିଯିବ। ସମ୍ପୃକ୍ତ ୱାର୍ଡ଼ ଅଫିସର ଜଣକ ଦୁଇଦିନ ମଧ୍ୟରେ ନିଜ ମତାମତ ଦେଇ ଯାଞ୍ଚ ପାଇଁ ମିସ୍ ସରକାରଙ୍କୁ କହିବେ। ଯାଞ୍ଚ ପରେ ୩ ଦିନ ମଧ୍ୟରେ ୱାର୍ଡ଼ ସୁପରଭାଇଜର ଉକ୍ତ ଅନ୍‌ଲାଇନ୍ ଦରଖାସ୍ତକୁ ଅବଗତ କରାଇବେ। ଏଥିସହ ୩ ଦିନ ମଧ୍ୟରେ ସମ୍ପୃକ୍ତ ୱାର୍ଡ ଦାୟିତ୍ୱରେ ଥିବା ଜୋନାଲ୍ ଡ଼େପୁଟି କମିଶନରଙ୍କୁ ଜଣାଇବେ। ଜୋନାଲ୍ ଡ଼େପୁଟି କମିଶନର ଉକ୍ତ ଆବେଦନକୁ ବୈଧ ଦର୍ଶାଇବା ପରେ ଆବେଦନକାରୀଙ୍କୁ ଟ୍ରେଡ୍ ଲାଇସେନ୍ସ ମିଳିବ। ଯଦି ଆବେଦନକାରୀଙ୍କର ଆବେଦନରେ କିଛି ତ୍ରୁଟି ଥାଏ ତେବେ ଏହା ସଂଶୋଧନ କରି ଆବେଦନ କରିବାକୁ ୱାର୍ଡ଼ ଅଫିସର ଅନ୍‌ଲାଇନ୍‌ରେ ଜଣାଇବେ। ଯଦି ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଠିକ୍ ଥାଏ ତେବେ ଆବେଦନକାରୀଙ୍କ ପାଇଁ ଅନ୍‌ଲାଇନ୍ ସାର୍ଟିଫିକେଟ୍ ଆପେ ପ୍ରସ୍ତୁତ ହୋଇଯିବ।

### କିପରି କରିବେ ଆବେଦନ

ପ୍ରଥମେ ବ୍ୟବସାୟୀମାନେ ଭୁବନେଶ୍ୱରଡ଼ଟ୍‌ମି ୱେବ୍‌ସାଇଟ୍‌କୁ ଯାଇ ସିଟିଜେନ୍ ସର୍ଭିସ୍ ବିକଳ୍ପକୁ ଚୟନ କରିବେ। ପରେ ଦିଆଯାଇଥିବା ଟ୍ରେଡ୍ ଲାଇସେନ୍ସ ବିକଳ୍ପକୁ ବାଛି ଲାଇସେନ୍ସ ପାଇଁ ଆବେଦନ କରିବେ। ଆବେଦନ ପରେ ଏକ ଫର୍ମ ଆସିବ ଆବଶ୍ୟକ କାଗଜପତ୍ର ସହ ସମସ୍ତ ତଥ୍ୟ ଦେଇ ବ୍ୟବସାୟୀମାନେ ଫର୍ମ ପୂରଣ କରିବେ। ବ୍ୟବସାୟୀ ଜଣକ ଉଭୟ ଫୋନ୍ ଓ କମ୍ପ୍ୟୁଟର ମାଧ୍ୟମରେ ଏହି ଆବେଦନ କରିପାରିବେ।



ପ୍ରେମ ହିଁ ଭଗବାନ ଏବଂ ଭଗବାନ ହିଁ ପ୍ରେମ।
-ସାଇବାବା



## ସଂକ୍ଷେପରେ

### ସୋରଭା ପଞ୍ଚାୟତରେ ହରିଶ୍ଚନ୍ଦ୍ର ଯୋଜନା ବାଟବଣା

କୋଣାର୍କ,୩।୩(ଡି.ଏନ୍.ଏ.): ଗୋପ ବ୍ଲକ ଅଧୀନ ସୋରଭା ପଞ୍ଚାୟତରେ ହରିଶ୍ଚନ୍ଦ୍ର ଯୋଜନା ବାଟବଣା ହୋଇଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସୂଚନାଥାଉ କି, ରାଜ୍ୟ ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନାରେ ଗରିବ ଓ ଅସହାୟଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ମୃତ ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର ପାଇଁ ସହାୟତା ଦିଆଯାଇଥାଏ। କିନ୍ତୁ ଉକ୍ତ ପଞ୍ଚାୟତରେ ଗରିବ, ଅସହାୟ ଓ ସାଧାରଣ ଲୋକ ଏହି ଯୋଜନାରୁ ବଞ୍ଚିତ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ପଞ୍ଚାୟତର ରମେଶ ଚନ୍ଦ୍ର ସ୍ୱାଇଁ, ବାନାମ୍ବର ବିଶ୍ୱାଳ, ମନ୍ମଥ ସ୍ୱାଇଁ, ବ୍ରଜବନ୍ଧୁ ଖଟୋଇ, ଉପେନ୍ଦ୍ର ପାଇଟାଳ, ବିଶ୍ୱଜିତ୍ ସ୍ୱାଇଁ ଓ ବସନ୍ତ କୁମାର ସ୍ୱାଇଁଙ୍କ ସମେତ ଅନେକ ଲୋକ ଏହି ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଉକ୍ତ ପଞ୍ଚାୟତରେ ହରିଶ୍ଚନ୍ଦ୍ର ଯୋଜନା ମିଳିବାରେ କେଉଁଠି ତ୍ରୁଟି ରହିଛି, ଏହାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ସୋରଭା ପଞ୍ଚାୟତବାସୀ ପୁରୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

### ୩ କେନ୍ଦ୍ରରେ ୧୦୫୦ ପରୀକ୍ଷାର୍ଥୀ

ବଳଙ୍ଗା,୩।୩(ଡି.ଏନ୍.ଏ.): ଯୁକ୍ତ ୨ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ବଳଙ୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩୮୨, ବାଣିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫୦୨ ଜଣ, ଲଙ୍କେଶ୍ୱରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୬୬ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବା କଲେଜ ଅଧ୍ୟକ୍ଷମାନେ କହିଛନ୍ତି। ଉକ୍ତ କେନ୍ଦ୍ରଗୁଡ଼ିକରେ ସିସି କ୍ୟାମେରା ଲାଗିଥିବାବେଳେ ପରୀକ୍ଷା ସୁପରିଚାଳନା ନିମନ୍ତେ ସମସ୍ତ ପଦକ୍ଷେପ ନିଆଯାଇଛି।

### ରାସ୍ତାକଡ଼ରୁ ବାଲି ଖୋଳାକୁ ବିରୋଧ

ପୁରୀ ଅଫିସ, ୩।୩: ଗାଁ କୋଠ ଜାଗାରୁ ବାଲିଖୋଳି ରାସ୍ତା ନିର୍ମାଣ କରାଯାଉଛି। ଗାଁ ଲୋକେ ସମ୍ପୃକ୍ତ ଠିକାଦାରଙ୍କୁ ଏ ବିଷୟରେ କହିଲେ ମଧ ସେ କିଛି ଶୁଣୁନାହାନ୍ତି। ବରଂ ଯେଉଁ ନୂଆ ରାସ୍ତା ତିଆରି କରାଯାଉଛି ତାହାରି କଡ଼ରୁ ବାଲି ଖୋଳି ରାସ୍ତା କାମ କରୁଛନ୍ତି। ଏହାକୁ ପୁରୀ ସଦର ବ୍ଲକ ରାମେଶ୍ୱର ପାଟଣା ଗାଁ ଲୋକେ ବିରୋଧ କରିଛନ୍ତି। ରାସ୍ତା କାମ ନେଇଥିବା ଠିକାଦାର ସେମାନଙ୍କ କଥା ନ ଶୁଣି ଏପରି ବେନିୟମ କାର୍ଯ୍ୟ କରୁଥିବା ଗ୍ରାମ୍ୟ କମିଟି ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଅଭିଯୋଗ ଆଣିଛି। ନିୟମ ମୁତାବକ ଠିକାଦାର ନୂଆ ରାସ୍ତା ନିର୍ମାଣ ପାଇଁ ବାହାରୁ ବାଲି ଆଣିବା କଥା। କିନ୍ତୁ ସେ ତାହା ନ କରି ଏଭଳି ବେନିୟମ ଭାବେ ରାସ୍ତାକଡ଼ରୁ ବାଲି ଖୋଳୁଥିବା କମିଟି ପକ୍ଷରୁ କୁହାଯାଇଛି।

# ରୋଗ ଛଡ଼ାଇନେଲା ବିବାହ ସ୍ୱପ୍ନ



**ନିର୍ବନ୍ଧ ପରେ ଜଣାପଡ଼ିଲା କିଡ୍ନୀ ଫେଲ୍**

- ମୁହଁ ଫେରାଇନେଲେ ପୁଅଘର
- ଚିକିତ୍ସାରେ ଅର୍ଥ ବାଧକ, ଚିନ୍ତାରେ ମା' ବାପା

ପୁରୀ ଅଫିସ, ୩।୩:

ତାଙ୍କର ବି ସ୍ୱପ୍ନ ଥିଲା। ଅନ୍ୟ ଝିଅଙ୍କ ଭଳି ସେ ବିବାହ ବେଦିରେ ବସିଥାନ୍ତେ। ବ୍ରାହ୍ମଣଙ୍କ ମନ୍ତ୍ରଧ୍ୱନି ସାଙ୍ଗକୁ ଅଗ୍ନିକୁ ସାକ୍ଷୀ ରଖି କେହି ଜଣେ ତାଙ୍କୁ ଜୀବନ ସାଥୀ ଭାବେ ଆଦରି ନେଇଥାନ୍ତେ। ଏହି ସ୍ୱପ୍ନ ବି ପୂରା ହେବାକୁ ଯାଉଥିଲା। ପୁଅଘର ଦେଖି ପସନ୍ଦ କରିଥିଲେ। ଆଉ ପୁଅକୁ ଦେଖି ବ୍ୱାଇଁ କରିବାକୁ ମନ ସ୍ଥିର କରିଥିଲେ ଝିଅଘର ଲୋକେ। ଉଭୟ ପକ୍ଷର ସହମତି ପରେ ନିର୍ବନ୍ଧ ସରିଥିଲା। ଧାର୍ଯ୍ୟ ହୋଇଥିଲା ବିବାହ ତାରିଖ। ଝିଅ ବାହାଘର ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ ମା' ବାପା। ହେଲେ ଠିକ୍ ଏହି ସମୟରେ ଦଇବ ଦାଉ ସାଧିଲା। ଜଣାପଡ଼ିଲା ଝିଅର ଦୁଇଟିଯାକ କିଡ୍ନୀ ଫେଲ୍। ଏ କଥା ଶୁଣିବା ପରେ ପୁଅଘର ଲୋକେ ମୁହଁ ଫେରାଇନେଲେ। ଫଳରେ ଭାଙ୍ଗିଗଲା କେ.ଉମାଙ୍କ ବିବାହ ସ୍ୱପ୍ନ।

ପୁରୀ ମୋଚିସାହି ନୂଆଟୋଟାରେ ରୁହନ୍ତି କେ. ଆପ୍ପା ରାଓ। ପରିବାର କହିଲେ ୫ ଝିଅ ଏବଂ ଗୋଟିଏ ପୁଅ। ଆପ୍ପା ରାଓ ରାସ୍ତାକଡ଼ରେ ବସି ଚପଲ ମରାମତି କରନ୍ତି। ଏଥିରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ଚଳାନ୍ତି। ଏମିତି ଅଭାବ ଭିତରେ ୪ ଝିଅଙ୍କୁ ହାତକୁ ଦି' ହାତ କରିଦେଇଛନ୍ତି। ସାନ ଝିଅ କେ. ଉମା ରାଓ। ଅଷ୍ଟମ ଶ୍ରେଣୀ ଯାଏ ପାଠ ପଢ଼ିଛନ୍ତି। ଗତବର୍ଷ ତାଙ୍କର ବିବାହ ଲାଗି ମା' ବାପା ଚିନ୍ତା କରିଥିଲେ। ଏଥିପାଇଁ ବ୍ୱାଇଁ ଖୋଜିଥିଲେ। ଜଣେ ପୁଅକୁ ଦେଖି ସେମାନେ ପସନ୍ଦ କରିଥିଲେ। ପୁଅଘର କେ. ଉମାଙ୍କୁ ଦେଖି ବୋହୂ କରିବା ଲାଗି ସ୍ଥିର କରିଥିଲେ। ଉଭୟ ପରିବାର ସହମତି ପ୍ରକାଶ କରିବା ପରେ ନିର୍ବନ୍ଧ ହୋଇଥିଲା। ଦୁଇଜଣଙ୍କ ଭବିଷ୍ୟତକୁ ନେଇ ବେଶ୍ ଖୁସିଥିଲେ ଉଭୟ ପରିବାର। ପୁଅଘର ଉମାଙ୍କୁ ମୁଦି ପିନ୍ଧାଇବା ସହ ଶାଢ଼ି ଦେଇଥିଲେ। ବିବାହ ପାଇଁ ତାରିଖ ସ୍ଥିର କରାଯାଇଥିଲା। ତେବେ ଗତବର୍ଷ ଫନୀ ବାତ୍ୟା ପରେ ଉମା ଜ୍ୱରରେ ପୀଡ଼ିତ ହେଲେ। ଦୀର୍ଘଦିନ ଧରି ଔଷଧପତ୍ର ଖାଇବା ପରେ ବି ଜ୍ୱର କମି ନ ଥିଲା। ପରୀକ୍ଷା ନିରୀକ୍ଷା ପରେ ତାଙ୍କର ଦୁଇଟିଯାକ କିଡ୍ନୀ ଫେଲ୍ ହୋଇଯାଇଥିବା ଜଣାପଡ଼ି ଥିଲା। ଚିନ୍ତାରେ ପଡ଼ିଗଲେ ମା' ବାପା। ଅଭାବୀ ସଂସାର ଭିତରେ ଝିଅର ଏଭଳି ରୋଗକୁ ନେଇ ଭାଙ୍ଗିପଡ଼ିଲେ। କିଛିଦିନ କଟକ ଏସ୍ସିବିରେ ରହିବା ପରେ ଡାକ୍ତରଙ୍କ ପରାମର୍ଶ ମୁତାବକ ତାଙ୍କର ଡାଏଲିସିସ୍ ଆରମ୍ଭ ହେଲା। ଏହି ଖବର ପୁଅଘରେ ପହଞ୍ଚିଲା। ଆରମ୍ଭରୁ ପୁଅଘର ଲୋକେ ଫୋନ୍ କରି ବୁଝାଶୁଝା କରୁଥିଲେ। ହେଲେ ଏହାପରେ ଆଉ ଯୋଗାଯୋଗ କଲେ ନାହିଁ। ଫୋନ୍ କଲେ ବି କିଛି ଉତ୍ତର ମିଳିଲା ନାହିଁ। ତଥାପି ଆଶା ହରାଇ ନ ଥିଲେ ଉମା। ଏହାରି ଭିତରେ ଏସ୍ସିବିରୁ ତାଙ୍କୁ ଡାକ୍ତରମାନେ ଭୁବନେଶ୍ୱର ଏମ୍ସକୁ ପଠାଇଦେଲେ। ସେଠାରେ ଚିକିତ୍ସା ସମୟରେ ପରିବାର ପାଖରେ ଯାହା ଟଙ୍କା ଥିଲା ସବୁ ଶେଷ ହୋଇଗଲା। ସପ୍ତାହକୁ ଦୁଇଥର ଡାଏଲିସିସ୍ ଆବଶ୍ୟକ ପଡ଼ିଲା। ତେଣୁ କେଉଁଠୁ ଟଙ୍କା ଆଣିବେ, ଝିଅର ଚିକିତ୍ସା କିପରି କରିବେ ସେହି ଚିନ୍ତାରେ ଭାଙ୍ଗିପଡ଼ିଲେ ଆପା ରାଓ। ମାତ୍ର ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାଏଲିସିସ୍ ସୁବିଧା ଉପଲବ୍ଧ ହେବା ପରେ ଗତ ଜାନୁୟାରୀ ୧୫ତାରିଖରୁ ଉମାଙ୍କର ଏଠାରେ ସପ୍ତାହକୁ ଦୁଇଦିନ ଡାଏଲିସିସ୍ କରାଯାଉଛି। କିନ୍ତୁ ଡାକ୍ତର କିଡ୍ନୀ ପ୍ରତିରୋପଣ ପାଇଁ ପରାମର୍ଶ ଦେଇଛନ୍ତି। ଏଥିପାଇଁ ଅନେକ ଟଙ୍କା ଦରକାର। ଝିଅକୁ ଭଲ କରିବା ପାଇଁ ସବୁକିଛି କରିବାକୁ ପ୍ରସ୍ତୁତ ଥିବା ଆପ୍ପା ରାଓ ଏବେ ଅନ୍ୟମାନଙ୍କ ସହଯୋଗ ଚାହିଁଛନ୍ତି। ମଙ୍ଗଳବାର ଜିଲାପାଳଙ୍କୁ ଭେଟି ଏଥିଲାଗି ଏକ ଅନୁରୋଧପତ୍ର ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଏବଂ ରାଜ୍ୟ ଜରୁରିକାଳୀନ ପାଣ୍ଠିରୁ ସହାୟତା ପାଇଁ ଜିଲାପାଳଙ୍କୁ ଗୁହାରି କରିଛନ୍ତି। ଏଥିସହିତ ବଦାନ୍ୟ ବ୍ୟକ୍ତି ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନର ମଧ୍ୟ ସହଯୋଗ କାମନା କରିଛନ୍ତି ଆପ୍ପା ରାଓ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମନ କହୁଛି ରଜା ହେବାକୁ**
**କରମ କହୁଛି ଘାସ କାଟିବାକୁ**

ମନ ଉପରେ କାହାର ଆୟତ୍ତ ନ ଥାଏ । ମନ ସବୁବେଳେ ଭଲ ଚାହିଁ ଥାଏ। ପରନ୍ତୁ ମନ ଯାହା ଚାହେଁ ସବୁବେଳେ ତାହା ପୂରଣ ହୋଇପାରି ନ ଥାଏ। ପରୋକ୍ଷରେ କର୍ମ ହିଁ ଜୀବନଯାତ୍ରାର ଅସଲ ସହଚର। କର୍ମ ଓ ଭାଗ୍ୟ ଏକାଠି ହେଲେ ଲୋକ ଐଶ୍ୱର୍ଯ୍ୟ ଭୋଗ କରେ। ଯେତେ ଇଚ୍ଛା କଲେ ଭାଗ୍ୟରେ ନ ଥିଲେ ଭଲ ଫଳ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମନ ଚୋରଙ୍କୁ ପଲଙ୍କ ସୁପାତି**
**ଧନ ଚୋରକୁ ଧକ୍କା**
**ଚମ ଚୋରକୁ ଦି ଗାଲରେ କଳା**
**ଅଜଣା ଚୋରକୁ ବକା ।**

ଯିଏ ମନକୁ ଚୋରି କରିଥାଏ ସେ ହିଁ ଆପଣାର ବା ପ୍ରିୟ ହୋଇଥାଏ। ଟଙ୍କା ପଇସା ଚୋରାଇ ନେଉଥିବା ଚୋରକୁ ମାଡ଼ ଦିଆଯାଇଥାଏ। ଲମ୍ପଟ ବ୍ୟକ୍ତିଙ୍କୁ ନିନ୍ଦା ଅପମାନ ମିଳିଥାଏ। ସେହିପରି ଅଜଣା ଚୋରକୁ ଗାଳିମନ୍ଦ କରାଯାଇଥାଏ। ଉପରବର୍ଣ୍ଣିତ ବ୍ୟକ୍ତିଙ୍କୁ ନିଜସ୍ୱ ବିଚାର ଏବଂ ଶୈଳୀରେ ଉପଯୁକ୍ତ ଶାସ୍ତି ଦିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

### ଅଦିନିଆ ରଥଯାତ୍ରା ଉପରେ ରୋକ୍ ଲାଗି ଦାବି

ପୁରୀ ଅଫିସ, ୩।୩:

ବିଭିନ୍ନ ସ୍ଥାନରେ ଅଦିନିଆ ରଥଯାତ୍ରା ଆୟୋଜନ କରାଯାଉଛି। ଏହାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛି ଶ୍ରୀମନ୍ଦିର ଶୁଦ୍ଧ ସୁଆର ନିଯୋଗ। ଏହା ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଯିବା ଏବଂ ଆୟୋଜନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର ବୋଲି ନିଯୋଗର ସାଧାରଣ ବୈଠକରେ ଦାବି କରାଯାଇଛି। ସଭାପତି ଗଣେଶ ଦାସମହାପାତ୍ର ଓ ସମ୍ପାଦକ ପ୍ରେମାନନ୍ଦ ଦାସମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆସନ୍ତା ଏପ୍ରିଲରେ ନିଯୋଗ କର୍ମକର୍ତ୍ତା ନେପାଳ ପଶୁପତିନାଥ ମନ୍ଦିର ପରିଦର୍ଶନରେ ଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏଥିସହ ଅଦିନିଆ ରଥଯାତ୍ରାକୁ ବନ୍ଦ କରିବା ଲାଗି ପଦକ୍ଷେପ ନେବାକୁ ଶ୍ରୀମନ୍ଦିର ପ୍ରଶାସନ ଏବଂ ଗଜପତି ମହାରାଜାଙ୍କୁ ଦାବିପତ୍ର ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ କାର୍ତ୍ତିକ ଦାସମହାପାତ୍ର, ବିନାୟକ ଦାସମହାପାତ୍ର, ଅନାଥ ଦାସମହାପାତ୍ର, ମନୋଜ ଦାସମହାପାତ୍ର, ବିଜୟାନନ୍ଦ ଦାସମହାପାତ୍ର, ହରିହର ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବେଧଡ଼କ ଚାଲିଛି ଇଟାଭାଟି

**ବିପଦସଙ୍କୁଳ ଭାଟିରେ କାମ କରୁଛନ୍ତି ଶିଶୁ**



ପୁରୀ ଅଫିସ, ୩।୩:

ପୁରୀ ସଦର ବ୍ଲକର ବିଭିନ୍ନ ସ୍ଥାନରେ ବେଧଡ଼କ ଚାଲିଛି ଇଟାଭାଟି। ଇଟାଭାଟିଗୁଡ଼ିକରେ ବାହାର ଜିଲାର ଶ୍ରମିକଙ୍କୁ ଆଣି କାମରେ ଲଗାଯାଉଛି। ଖୁଲମଖୁଲା ଭାବେ ଶ୍ରମ ଆଇନକୁ ଉଲ୍ଲଘଂନ କରି ଦଲାଲମାନେ ଶ୍ରମିକଙ୍କୁ ଦିନରାତି ଖଟାଉଥିବା ବେଳେ କମ୍ ପାରିଶ୍ରମିକ ଦେଉଛନ୍ତି। କିଛି ମାସ ତଳେ ମୟୂରଭଞ୍ଜ ଜିଲାରୁ ଆସିଥିବା କେତେଜଣ ଶ୍ରମିକ ଜଣେ ଇଟାଭାଟି ମାଲିକଙ୍କ ବିରୋଧରେ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ବହୁବାର ଏଭଳି ଘଟଣା ଘଟୁଥିଲେ ମଧ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ପ୍ରଶାସନ ଚୁପ୍ ବସୁଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ପୁରୀ ସଦର ବ୍ଲକ ଅନ୍ତର୍ଗତ ମାଳତିପାଟପୁର, ବାଲିପଡ଼ା, ଗଙ୍ଗାନାରାୟଣପୁର, ଚାଳିଶିବାଟିଆ, ବୀରହରେକୃଷ୍ଣପୁର, ତଳଜଙ୍ଗ, ବୀରବଳଭଦ୍ରପୁର, ହନ୍ତୁକ, ବୀରପ୍ରତାପପୁର, ଚନ୍ଦନପୁର ପ୍ରଭୃତି ଅଞ୍ଚଳରେ ୫ଶହରୁ ଊର୍ଦ୍ଧ୍ୱ ଇଟାଭାଟି ରହିଛି। ଏସବୁ ଇଟାଭାଟିରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ନବରଙ୍ଗପୁର, ରାୟଗଡ଼ା, କନ୍ଧମାଳ, ସୁନ୍ଦରଗଡ଼ ପ୍ରଭୃତି ଅଞ୍ଚଳର ବହୁ ମହିଳା ଓ ପୁରୁଷ ଶ୍ରମିକ କାର୍ଯ୍ୟ କରୁଛନ୍ତି। ଏଥିସହିତ ଝାଡଖଣ୍ଡ, ବିହାର, ଆନ୍ଧ୍ରପ୍ରଦେଶ, କୋଲାକାତା, ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶ ପ୍ରଭୃତି ରାଜ୍ୟରୁ ଶ୍ରମିକ ଆସି କାମ କରୁଛନ୍ତି। ଶ୍ରମିକମାନଙ୍କ ସହ ସେମାନଙ୍କ ପିଲାଛୁଆ ଆସୁଛନ୍ତି। ନିୟମ ଅନୁଯାୟୀ ଇଟାଭାଟି ମାଲିକ ସେମାନଙ୍କ ଶିକ୍ଷାଦାନ ଲାଗି ସ୍ଥାନୀୟ ସ୍କୁଲ ଅଥବା ଅଙ୍ଗନୱାଡ଼ି କେନ୍ଦ୍ରରେ ବ୍ୟବସ୍ଥା କରିବା କଥା। କିନ୍ତୁ ସେମାନଙ୍କୁ ପାଠପଢା ପରିବର୍ତ୍ତେ ଇଟା ପୋଡ଼ିବା ଭଳି ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜିତ କରାଯାଉଛି। ସେହିପରି ଇଟାଭାଟି ଧୂଆଁରେ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି। ମାତ୍ର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନାହିଁ। ଜନୈକ ଇଟାଭାଟି ମାଲିକ ନିଜ ନାମ ଗୋପନ ରଖି କହିଛନ୍ତି, ରାଜସ୍ୱ ବିଭାଗର କେତେଜଣ କର୍ମଚାରୀ ଆମଠାରୁ ବଟି ନେଉଛନ୍ତି। ତେଣୁ କେହି ଇଟାଭାଟି ବନ୍ଦ କରିବେ ନାହିଁ। ଏ ନେଇ ସଦର ତହସିଲଦାର ଆଶିଷ ରଞ୍ଜନ ସାହୁ କହିଛନ୍ତି, ରାଜସ୍ୱ ବିଭାଗର କୌଣସି କର୍ମଚାରୀ ଇଟାଭାଟି ମାଲିକଙ୍କଠାରୁ ବଟି ନେଉଥିବା ଅଭିଯୋଗ ଆସିଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବେଆଇନ ଇଟାଭାଟି ଉପରେ ଚଢାଉ ଜାରି ରହିଛି। ଆଗକୁ ଏହାକୁ ତ୍ୱରାନ୍ୱିତ କରାଯିବ।

### ବିଦ୍ୟାଳୟ ପରିଚାଳନା କମିଟି ତାଲିମ ଶିବିର

ସାକ୍ଷୀଗୋପାଳ,୩।୩(ଡି.ଏନ୍.ଏ.):

ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟଙ୍କ ଏକଦିବସୀୟ ତାଲିମ ଶିବିର ପାଣିଛତ୍ର ବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେତକୀପାଟଣା ଗୋଷ୍ଠୀସାଧନ କେନ୍ଦ୍ର ଅଧୀନ ୧୦ଟି ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟସଭ୍ୟାମାନେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ବିଦ୍ୟାଳୟରେ ପାଠପଢ଼ା, ମଧ୍ୟାହ୍ନ ଭୋଜନ, ପୋଷାକ, ବହି ଯୋଗାଣ ସହ ପିଲମାନେ ବିଦ୍ୟାଳୟରେ କ'ଣ ପାଠ ପଢ଼ିଲେ ଏ ନେଇ ଅବିଭାବକମାନେ ପ୍ରତିଦିନ ତଦାରଖ କରିବାକୁ ସିଆରସିସି ଗୋପୀନାଥ ମିଶ୍ର ପରାମର୍ଶ ଦେଇଥିଲେ। ଏହି ଶିବିରରେ ପ୍ରଶିକ୍ଷକ ସର୍ବେଶ୍ୱର ସାହୁ, ଶଶିଭୂଷଣ ବେହେରା, ତ୍ରିନାଥ ମଲ୍ଲିକ, ଶିକ୍ଷକ ପ୍ରଶାନ୍ତ ସ୍ୱାଇଁ ଓ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଧନିଆ ପାହାଡ଼ ଉପରେ ଶ୍ରୀମନ୍ଦିର ପ୍ରଶାସନର ଚଢାଉ
## ଦେଢ ଲକ୍ଷ ଟଙ୍କା ଜରିମାନା ଆଦାୟ

ଖୋର୍ଦ୍ଧା ଅଫିସ୍, ୩।୩ :

ଖୋର୍ଦ୍ଧା ତହସିଲ ଅଧୀନରେ ଥିବା ବିଭିନ୍ନ ପାହାଡ ଓ ମାଙ୍କଡା ଖଣି ଖାଦାନରୁ ବେଆଇନ ଭାବେ ପଥର ଚୋରା ଚାଲାଣ ହେଉଛି। ସର୍ବସାଧାରଣଙ୍କ ପକ୍ଷରୁ ଅଭିଯୋଗ ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଚଢାଉ କରାଯାଇଥିଲା। ଏହିକ୍ରମରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଖୋର୍ଦ୍ଧାର ଧନିଆ ପାହାଡ ଉପରେ ଚଢାଉ କରାଯାଇଥିଲା। ଆଗୁଆ ଖବର ପାଇ ସେଠାରୁ ମାଫିଆ ଓ ଶ୍ରମିକମାନେ ଛତ୍ରଭଙ୍ଗ ଦେଇଥିଲେ। ମାତ୍ର ଗୋଟିଏ ପ୍ରୋକ୍ଲିନ ପୋଲିସ ହାବୁଡରେ ପଡିଥିଲା। ଶେଷରେ ପ୍ରୋକ୍ଲିନ ମାଲିକଙ୍କଠାରୁ ୧ଲକ୍ଷ ପଚାଶ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଚଢାଉରେ ଶ୍ରୀମନ୍ଦିର ପ୍ରଶାସନର ଜଟଣୀସ୍ଥିତ ରାଜସ୍ୱ ସହାୟକ ଅଧିକାରୀ (ଏଏସ.ଓ) ଅନିଲ ପାଣିଗ୍ରାହୀଙ୍କ ନେତୃତ୍ୱରେ ଖୋର୍ଦ୍ଧା ସଦର ଥାନା ଅଧିକାରିଣୀ ଅନିତା ସାହୁଙ୍କ ସହ ପୋଲିସ୍ କର୍ମଚାରୀମାନେ ସାମିଲ ହୋଇଥିଲେ।


# CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ASTROLOGY ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ଫିପଡ଼ି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା - ୯୦,୦୦୦/-, ଆଡଭାନ୍ସ - ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748
9667567752

INDUS TOWER LTD
କୌଣସୀ ଖର୍ଚ୍ଚ ନାହିଁ ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱାର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
8882906098

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ।
2% ସୁଧ 40% ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ର: 75992-54565
89012-71684
94506-10896

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ ଋଣ
8929889612
7290830466
Shahajahanabad, Bhopal (MP)

REAL ESTATE SALE

SPACE FOR OFFICE RENT
2000 sqft each available on 2nd & 3rd floor in well furnished with lift arrangement at Mancheswar Ind. Estate, BBSR.
Interested person may contact through
Box No- 387,
PRAVAT KU. PRADHAN,
C/o- Dharitri, B-15,
Industrial Estate, Rasulgarh,
Bhubaneswar-751010
Mob:- 7978361405

BUSINESS BUSINESS

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ । ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No.
07488344055

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

DHARITRI Career appointment Every Wednesday and Saturday

FINANCE FINANCE

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁମାନେ ବିନା ପ୍ରତିବାଦରେ ତୁମର ସବୁକଥା ମାନି ଯାଆନ୍ତି, ସେମାନଙ୍କୁ କେବେହେଲେ ବିଶ୍ୱାସ କର ନାହିଁ।
-ଚାଣକ୍ୟ



# ପ୍ରତିଶ୍ରୁତିରେ ଅଟକିଛି ସବ୍‌ଡିଭିଜନ ମାନ୍ୟତା

ନିମାପଡ଼ା, ୩।୩ (ଡି.ଏନ.ଏ)

ପୁରୀ ଜିଲାର ନିମାପଡ଼ା ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ। ଭୁବନେଶ୍ୱର, ପୁରୀ ଓ କୋଣାର୍କ ସ୍ୱର୍ଣ୍ଣ ତ୍ରିଭୁଜର ମଧ୍ୟ ଭାଗ ଓ କେନ୍ଦ୍ରସ୍ଥଳରେ ଅବସ୍ଥିତ ନିମାପଡ଼ା। ଆୟତନ, ପରିସୀମା, ଜନସଂଖ୍ୟା, ଗମନାଗମନ ଓ ଭୌଗୋଳିକସ୍ଥିତି ଦୃଷ୍ଟିରୁ ବିଚାର କଲେ ସମସ୍ତ ପ୍ରକାରର ଯୋଗ୍ୟତା ଓ ଭିତ୍ତିଭୂମି ଥାଇ ମଧ୍ୟ ଦୀର୍ଘବର୍ଷ ହେଲା ନିମାପଡ଼ା ସବ୍‌ଡିଭିଜନ ମାନ୍ୟତା ପାଇବାରୁ ବଞ୍ଚିତ ହୋଇଛି। ବିଗତ ଦିନରେ ବହୁ ରାଜନେତା, ମନ୍ତ୍ରୀ, ବିଧାୟକ, ଏମ୍‌ପି ଓ ନିର୍ବାଚିତ ଲୋକ ପ୍ରତିନିଧିମାନେ ନିମାପଡ଼ାକୁ ସବ୍‌ଡିଭିଜନର ମାନ୍ୟତା ଦେବାକୁ ଅନେକ ପ୍ରତିଶ୍ରୁତି ଦେଇଛନ୍ତି। ଏପରି କି ବିଧାନସଭାରେ ବହୁବାର ଆଲୋଚନା ମଧ୍ୟ ହୋଇଛି। ହେଲେ ସେସବୁ ନିମାପଡ଼ାବାସୀଙ୍କ ପାଇଁ ପ୍ରତାରଣା ପାଲଟିଛି। ପ୍ରଶାସନିକ ଅବହେଳା, ଲୋକପ୍ରତିନିଧିମାନଙ୍କ ଆନ୍ତରିକ ଉଦ୍ୟମର ଅଭାବ ଯୋଗୁ ସମସ୍ତ ଯୋଗ୍ୟତା ଥାଇ ମଧ୍ୟ ନିମାପଡ଼ା ସବ୍‌ଡିଭିଜନ ମାନ୍ୟତା ପାଇପାରୁନାହିଁ। ପୁରୀ ଜିଲାର ନିମାପଡ଼ା, ଗୋପ, କାକଟପୁର, ଅସ୍ତରଙ୍ଗ ଆଦି ୪ଟି ବ୍ଲକ ନିମାପଡ଼ା ଓ କୋଣାର୍କ ଆଦି ୨ଟି ଏନଏସିକୁ ନେଇ ୧୨ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟାକୁ ନେଇ ନିମାପଡ଼ା ଏକ ସବ୍‌ଡିଭିଜନ ଗଠନର ପରିକଳ୍ପନା କରାଯାଇଛି। ମାନ୍ୟତା ପାଇଲେ ଏହି ସବୁ ଅଞ୍ଚଳଗୁଡ଼ିକର ବହୁବିଧ ବିକାଶ ହୋଇପାରିବ ବୋଲି ବହୁ ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ନିମାପଡ଼ାରେ ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳସେଚନ ବିଭାଗ, ବିଦ୍ୟୁତ ବିଭାଗର ଡିଭିଜନ ଅଫିସ ରହିଥିବାବେଳେ ପୂର୍ତ୍ତ, ପୋଲିସ, ଆର୍‌ଡି, ଜଳସେଚନ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ସବ୍‌ଡିଭିଜନ ଅଫିସ, ବ୍ଲକ, ତହସିଲ ସମେତ ବହୁ ସରକାରୀ, ବେସରକାରୀ ଅଫିସ, ସବ୍‌ଜଜ, ଜେଏମଏଫସି ଆଦି ରହିଛି। ସେହିପରି ବିଶ୍ୱ ପ୍ରସିଦ୍ଧ କୋଣାର୍କ, କାକଟପୁରର ମା' ମଙ୍ଗଳା, ରାମଚଣ୍ଡୀ, ନବଗ୍ରହ ପୀଠ, ଅସ୍ତରଙ୍ଗର ଜାହାନିଆ ପୀର, ଅମରେଶ୍ୱର ନିକଟରେ ବହୁ ପ୍ରାଚୀନ ଚୌରାଶୀର ପ୍ରସିଦ୍ଧ ବରାହୀ ମନ୍ଦିର, ନିମାପଡ଼ା ବିଷ୍ଣୁପୁରଠାରେ ସୋମନାଥ ମନ୍ଦିର, ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ସଂଗ୍ରହାଳୟ ସମେତ ବହୁ ପ୍ରତିଷ୍ଠିତ ପର୍ଯ୍ୟଟନସ୍ଥଳ, ମନ୍ଦିର, ପୀଠ ଆଦି ରହିଛି। ମୁଖ୍ୟତଃ ପୁରୀ, ଭୁବନେଶ୍ୱର, କୋଣାର୍କ ଆଦିର କେନ୍ଦ୍ରସ୍ଥଳରେ ନିମାପଡ଼ା ଥିବାରୁ ସଦାସର୍ବଦା ଗମନାଗମନ ପାଇଁ ସଂଯୋଗୀକରଣ ପକ୍କାରାସ୍ତା ରହିଛି।

ଉଲ୍ଲେଖଯୋଗ୍ୟ, ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନନ୍ଦିନୀ ଶତପଥୀଙ୍କ ସରକାର ସମୟରେ ରାଜ୍ୟରେ ସବଡିଭିଜନ ପୁନର୍ଗଠନ ପାଇଁ ବହୁ ଉଦ୍ୟମ କରାଯାଇ ଜଷ୍ଟିସ ଆର.କେ. ଦାସ କମିଶନ ବସାଯାଇଥିଲା। କମିଶନ ତାଙ୍କ ରିପୋର୍ଟରେ ଚଣ୍ଡିଖୋଲ, ଆସ୍କା, ପଟ୍ଟାମୁଣ୍ଡାଇ ସମେତ ନିମାପଡ଼ାକୁ ସବ୍‌ଡିଭିଜନର ମାନ୍ୟତା ଦିଆଯିବାକୁ ସୁପାରିସ କରିଥିଲେ। କିନ୍ତୁ ସେତେବେଳେ କୌଣସି କାରଣରୁ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ପୁଣି ୧୯୯୦ରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସରକାର ସମୟରେ ସୁରେନ୍ଦ୍ରନାଥ ନାୟକ ରାଜସ୍ୱ ମନ୍ତ୍ରୀ ଥିବାବେଳେ ନିମାପଡ଼ାକୁ ସବଡିଭିଜନର ମାନ୍ୟତା ମିଳିବ ବୋଲି ଏକ ନିର୍ବାଚନୀ ସଭାରେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ପୁରୀର ମହେଶ୍ୱର ମହାନ୍ତି ରାଜସ୍ୱ ମନ୍ତ୍ରୀ ଥିବାବେଳେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ବାରମ୍ବାର ତାଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏ ନେଇ ବିଧାନସଭାରେ ଦାବି ଉଠାଇ ଆସୁଛନ୍ତି। ଏଥିପାଇଁ ବିଭିନ୍ନ ରାଜନୈତିକ ଦଳ, ବିଭିନ୍ନ ଅନୁଷ୍ଠାନ, ଗଣ ସଂଗଠନ ପକ୍ଷରୁ ଦାବି, ଆନ୍ଦୋଳନ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ସ୍ଥାନୀୟ ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ଏହି ପ୍ରସଙ୍ଗରେ ତତ୍‌କାଳୀନ ରାଜସ୍ୱ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଲିଖିତ ଉତ୍ତର ଦେଇ ଜଣାଇଛନ୍ତି ଯେ, ନିମାପଡ଼ାକୁ ସବଡିଭିଜନ ଘୋଷଣା ପାଇଁ ସରକାରୀସ୍ତରରେ ସମସ୍ତ ପ୍ରକ୍ରିୟା ସରିଯାଇଛି। କେବଳ ସରକାରଙ୍କ ଘୋଷଣା ବାକି ଅଛି।



ବେଣ୍ଟନୀତି ଲାଗି ମଙ୍ଗଳବାର ଶ୍ରୀମନ୍ଦିରରୁ ଜଗନ୍ନାଥ ବଲ୍ଲଭକୁ ରାମଙ୍କୁ ବିଜେ କରାଯାଉଛି।

## ସଂକ୍ଷେପରେ

### ଅଙ୍ଗନୱାଡ଼ି କର୍ମୀଙ୍କଠାରୁ ୨୫ହଜାର ଲୁଟ୍

**ପିପିଲି,୩।୩(ସ୍ୱ.ପ୍ର.):** ପିପିଲି ଥାନା ଅଧୀନ ମଙ୍ଗଳପୁର ପେଟ୍ରୋଲ ପମ୍ପ ନିକଟରୁ ପୋଡ଼ଙ୍ଗ ଗ୍ରାମର ଅଙ୍ଗନୱାଡ଼ି କର୍ମୀ ସାଗରିକା ସାହୁଙ୍କଠାରୁ ୨୫ହଜାର ଟଙ୍କା ଲୁଟ୍ ହୋଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପିପିଲି ପୋଡଙ୍ଗ ଗ୍ରାମର ଅଙ୍ଗନୱାଡ଼ି କର୍ମୀ ସାଗରିକା ଅପରାହ୍ନ ପ୍ରାୟ ୧ଟାରେ ପୋଡ଼ଙ୍ଗ ଛକରୁ ଭୁବନେଶ୍ୱରକୁ ଏହ ଯାତ୍ରୀବାହୀ ଅଟୋରେ ଯାଉଥିଲେ। ଏହି ସମୟରେ ଏକ ବାଇକରେ ୩ଜଣ ଦୁର୍ବୃତ୍ତ ଅଟୋକୁ ପିଛା କରିବା ସହ ସାଗରିକାଙ୍କ ହାତରୁ ଏକ ହାଣ୍ଡ ବ୍ୟାଗକୁ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଏହି ବ୍ୟାଗରେ ୨୫ହଜାର ଟଙ୍କା, ୪ଟି ଏଟିଏମ କାର୍ଡ, ବ୍ୟାଙ୍କ ପାସବୁକ୍ , ଚେକ୍ ବୁକ୍ ସହ ଗରୁତ୍ୱପୂର୍ଣ୍ଣ ସରକାରୀ କାଗଜପତ୍ର ଥିଲା ବୋଲି ସାଗରିକା ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ରାସ୍ତା ପାର୍ଶ୍ୱରେ ଲାଗିଥିବା ସିସି କ୍ୟାମେରାକୁ ଯାଞ୍ଚ କରିବା ସହ ତଦନ୍ତ ଚଳାଇଛି।

### ସ୍ତ୍ରୀ କଟୁରି ଚୋଟରେ ସ୍ୱାମୀ ଗୁରୁତର

**ବ୍ରହ୍ମଗିରି,୩।୩(ଡି.ଏନ୍.ଏ.):** ବ୍ରହ୍ମଗିରି ଥାନା ଅନ୍ତର୍ଗତ ଚାପମାଣିକ ଗ୍ରାମରେ ମଙ୍ଗଳବାର ସ୍ତ୍ରୀର କଟୁରି ଚୋଟରେ ସ୍ୱାମୀ ତୁଷାରକାନ୍ତ ଜେନା ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଏକ ଜମି ବିକ୍ରି ପାଇଁ ମଙ୍ଗଳବାର ତୁଷାର କାନ୍ତ ଓ ତାଙ୍କ ସ୍ତ୍ରୀ ଡଲିଙ୍କ ମଧ୍ୟରେ ବଚାସା ହୋଇଥିଲା। ଏହି ବଚାସା ଉଗ୍ରରୂପ ଧାରଣ କରିଥିଲା। ଏଥିରେ ଡଲି ଉତ୍‌କ୍ଷିପ୍ତ ହୋଇ ତୁଷାରଙ୍କୁ ଏକ କଟୁରିରେ ଆକ୍ରମଣ କରିଥିଲେ। ଫଳରେ କଟୁରି ଚୋଟ ତୁଷାରଙ୍କ କାନରେ ବାଜିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅନ୍ୟପକ୍ଷରେ ତୁଷାରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ସୁରକ୍ଷିତ, ମଜଭୁତ ଗୃହ ନିର୍ମାଣ ଲକ୍ଷ୍ୟ

**ଗୋପ, ୩।୩(ଡି.ଏନ୍.ଏ):** ଆବାସ ଯୋଜନାରେ ସୁରକ୍ଷିତ ଓ ମଜଭୁତ୍ ଗୃହ ନିର୍ମାଣ ଲକ୍ଷ୍ୟ ନେଇ ଗୋପ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ମଙ୍ଗଳବାର ସ୍ଥାନୀୟ ଅଞ୍ଚଳର ୬୦ରୁ ଊର୍ଦ୍ଧ୍ୱ ରାଜମିସ୍ତ୍ରିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଗୃହ ନିର୍ମାଣ କରୁ ନ ଥିବା ହିତାଧିକାରୀଙ୍କ ନିକଟରେ ଏହି ତାଲିମପ୍ରାପ୍ତ ରାଜମିସ୍ତ୍ରିମାନେ ପହଞ୍ଚି ନିର୍ମାଣ କାର୍ଯ୍ୟ କରିବେ ବୋଲି ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ବାତ୍ୟା ଫନୀରେ ଗୋପ ବ୍ଲକରେ ଶହ ଶହ ଘର ଭାଙ୍ଗିପଡ଼ିଥିଲା। କ୍ଷତିଗ୍ରସ୍ତଙ୍କୁ ଆବାସ ଯୋଜନାରେ ଗୃହ ଯୋଗାଇବାକୁ ତାଲିକା ପ୍ରସ୍ତୁତ କରାଯାଇଥିଲା। ବ୍ଲକ୍‌ରେ ୧୦ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ଆବାସ ଯୋଜନାରେ ସାମିଲ ହେବାକୁ ଲକ୍ଷ୍ୟ ରଖାଯାଇଛି। ଶିବିରରେ ବିଡିଓ ଦୀପ୍ତିରାଣୀ ଦାସ, ଯଯାତି ମହାନ୍ତି ଉପସ୍ଥିତ ଥିଲେ।

# ପ୍ରସ୍ତାବିତ ଗୋଶାଳାକୁ ଗ୍ରାମବାସୀଙ୍କ ବିରୋଧ

ପୁରୀ ଅଫିସ, ୩।୩

**ଗାତ ପୋତିଦେଲେ, କାମ ଅଟକାଇଲେ**



କାର୍ଯ୍ୟକୁ ଗ୍ରାମବାସୀ ବିରୋଧ କରୁଛନ୍ତି।

ପୁରୀ ସଦର ବ୍ଲକ ଅନ୍ତର୍ଗତ ଛଇତନା ନିକଟ ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରୋଡ ବାଲିଘାଇ କଲେଜ ପାର୍ଶ୍ୱସ୍ଥ ଗୋଚର ଜମିରେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବିତ ଗୋଶାଳା ନିର୍ମାଣକୁ ସ୍ଥାନୀୟ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଗ୍ରାମ କମିଟି ସଭାପତି ରାମଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ରମେଶ ପ୍ରଧାନ, ବିଶ୍ୱନାଥ ପ୍ରଧାନ, ଗଙ୍ଗାଧର ପାଣି, ବ୍ରଜବନ୍ଧୁ ପ୍ରଧାନ, ଅର୍ଜୁନ ସେଠୀ, ଦୀନବନ୍ଧୁ ମୁଦୁଲି, ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସମେତ ଶତାଧିକ ଲୋକ ଗୋଚର ଜମିରେ ପହଞ୍ଚିଥିଲେ। ସେମାନେ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ସହ ପାଚେରି ନିର୍ମାଣ ଲାଗି ଖୋଳାଯାଇଥିବା ଗାତକୁ ପୋତି ଦେଇଥିଲେ।

ସୂଚନା ଅନୁଯାୟୀ, ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରୋଡ଼ ବାଲିଘାଇ କଲେଜ ପାର୍ଶ୍ୱରେ ଛଇତନାର ୪୨ ଏକର ଗୋଚର ଜମି ରହିଛି। ଏହି ଜମିରେ ଛଇତନା ଅଞ୍ଚଳର ଗୋରୁ ବିଚରଣ କରନ୍ତି। ଦୀର୍ଘ ବର୍ଷ ଧରି ଏହି ସଂରକ୍ଷିତ ଗୋଚର ଜମି ଉପରେ ସ୍ଥାନୀୟ ଗ୍ରାମବାସୀ ନିର୍ଭର କରିଆସୁଛନ୍ତି। ଅନ୍ୟପଟେ ଶ୍ରୀକ୍ଷେତ୍ରରେ ବୁଲା ଗୋରୁଙ୍କ ଥଇଥାନ ଲାଗି ଜିଲା ପ୍ରଶାସନ ପକ୍ଷରୁ ଏହି ସ୍ଥାନରେ ଗୋଶାଳା ନିର୍ମାଣ ଲାଗି ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତିରେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଠାରେ ଗୋଶାଳା ହେଲେ ସ୍ଥାନୀୟ ଲୋକଙ୍କ ଗୋରୁ, ଛେଳି କେଉଁଠି ଚରିବେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଜିଲା ପ୍ରଶାସନ ଗ୍ରାମବାସୀଙ୍କ ସହ କୌଣସି ଆଲୋଚନା ନ କରି ଏଭଳି ଏକପାଖିଆ ନିଷ୍ପତ୍ତି ଗ୍ରହଣଯୋଗ୍ୟ ନୁହେଁ। ଆମେ ଏହାକୁ ବିରୋଧ କରୁଛୁ ଏବଂ ଆବଶ୍ୟକ ପଡ଼ିଲେ ରାସ୍ତାକୁ ଓହ୍ଲାଇବୁ ବୋଲି ସେମାନେ କହିଛନ୍ତି।

# ପାରା ଗୁଳିକାଣ୍ଡ: ୨ ଅଭିଯୁକ୍ତ ଅଟକ

ପୁରୀ ଅଫିସ, ୩।୩

ବହୁ ଚର୍ଚ୍ଚିତ ସଞ୍ଜୟ ବେହେରା ଓରଫ ପାରା ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ୨ଜଣଙ୍କୁ ମଙ୍ଗଳବାର କୁମ୍ଭାରପଡ଼ା ପୋଲିସ ଧରିଛି। ଏମାନଙ୍କୁ ଏକ ଗୁପ୍ତ ସ୍ଥାନରେ ଅଟକ ରଖି ଘନ ଘନ ଜେରା କରୁଛି। ଜଣଙ୍କୁ ସଂଗ୍ରାମ କ୍ଲବ ଗଳି ଏବଂ ଅନ୍ୟଜଣଙ୍କୁ ଚନ୍ଦନପୁରରୁ ଧରାଯାଇଥିବା ବେଳେ ଉଭୟେ ଫ୍ରେଣ୍ଡସ୍ କଲୋନୀ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡିଛି। ତେବେ ଏ ସମ୍ପର୍କରେ ପୋଲିସ କୌଣସି ସୂଚନା ଦେବାକୁ ମନା କରିଦେଇଛି। ୨୦୧୯ ଡିସେମ୍ବରରେ ଏହି ଗୁଳିକାଣ୍ଡ ଘଟିଥିଲା। ଏହି ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଏପରିକି ସେତେବେଳେ ଶାସକ ଦଳର ଜଣେ ପୂର୍ବତନ କାଉନସିଲରଙ୍କ ହାତ ଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୂର୍ବରୁ ଜଣେ ମହିଳାଙ୍କ ସମେତ ୬ଜଣଙ୍କୁ ଗିରଫ କରାଯାଇଥିଲା। ଏବେ ଆଉ ୨ଜଣଙ୍କୁ ଧରାଯିବା ପରେ ବହୁ ତଥ୍ୟ ପଦାକୁ ଆସିବ ବୋଲି କୁହାଯାଉଛି। ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ନିକଟରେ ସଞ୍ଜୟ ବେହେରା ଓରଫ ପାରାଙ୍କୁ ଦୁଇଜଣ ଦୁର୍ବୃତ୍ତ ଅତି ନିକଟରୁ ଗୁଳିମାଡ କରି ଫେରାର ହୋଇଯାଇଥିଲେ। ପାରାଙ୍କୁ ଗୁରୁତର ଅବସ୍ଥାରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁଳିକାଣ୍ଡ ରାତିରେ ପାରାଙ୍କ ସମର୍ଥକମାନେ ସହରରେ ଆତଙ୍କ ସୃଷ୍ଟି କରିଥିଲେ। ରାତିରେ ଅପର ଗୋଷ୍ଠୀର ଜଣକ ଘରେ ପଶି ଭଙ୍ଗାରୁଜା କରିବା ସହ ଏକ ଗ୍ୟାରେଜରେ ନିଆଁ ଲଗାଇ ଦେଇଥିଲେ। ଗୁଣ୍ଡିଚା ମନ୍ଦିର ନିକଟରେ ଗାଡ଼ି ପାର୍କିଂ, ବାଲୁଖଣ୍ଡ ଅଞ୍ଚଳରୁ ବାଲି ଚାଲାଣକୁ ନେଇ ତାଙ୍କର ଅନ୍ୟ ଗୋଷ୍ଠୀ ସହ ଶତ୍ରୁତା ରହିଥିଲା। ପୂର୍ବରୁ ପାରା ବାଲିଘାଟର ଭାଗୀରଥି ପ୍ରଧାନ ଓରଫ ଭାଗୁଙ୍କୁ ଗୁଳିମାଡ଼ କରିଥିଲେ। ଫଳରେ ପାରାଙ୍କୁ ସବୁଦିନ ଲାଗି ରାସ୍ତାରୁ ହଟାଇବା ଲାଗି ଭାଗୁ ଗୋଷ୍ଠୀ ଷଡ଼ଯନ୍ତ୍ର ରଚିଥିଲେ। ଘଟଣା ଦିନ ତାଙ୍କୁ ନାକଚଣା ଦ୍ୱାର ପାଖରେ ଗୁଳିମାଡ କରାଯାଇଥିବା ସେତେବେଳେ ପୋଲିସ କହିଥିଲା।

## ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ: ୪ ଗୁରୁତର

କାକଟପୁର, ୩।୩ (ଡି.ଏନ୍.ଏ)

କାକଟପୁର ଥାନା ଅଧୀନ ଗଡ଼ନୟରଛଡ଼ା ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଦଳିତ ଓ ସବର୍ଣ୍ଣ ଶ୍ରେଣୀର ମହିଳାଙ୍କୁ ସୋମବାର ଅପରାହ୍ନରେ ଉଦୟପୁର ଗ୍ରାମର ଶତାଧିକ ବ୍ୟକ୍ତି ସଂଘବଦ୍ଧ ଆକ୍ରମଣ କରିବା ସହ ଘର ଆସବାବପତ୍ର ନଷ୍ଟ କରି ଏକ କୁଟାଗଦାରେ ନିଆଁ ଲଗାଇ ଦେଇଛନ୍ତି। ଏ ନେଇ ମାଗୁରା ଗ୍ରାମର ଶୁଭସ୍ମିତା ବାଘ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ଦର୍ଶାଯାଇଛି, ମାଗୁରା ଗ୍ରାମର ପୁରୁଷମାନେ ମୂଲ ଲାଗିବା ପାଇଁ ବାହାରକୁ ଯାଇଥିଲେ। ଏହି ସମୟରେ ଉଦୟପୁର ଗ୍ରାମର ଶତାଧିକ ବ୍ୟକ୍ତି ହାତରେ ବିଭିନ୍ନ ମାରଣାସ୍ତ୍ର ଧରି ମାଗୁରା ଗ୍ରାମକୁ ଆସି ମହିଳାମାନଙ୍କୁ ଧମକଚମକ ଦେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରଥିଲେ। ମହିଳାମାନେ ଏହାର ପ୍ରତିବାଦ କରିବାରୁ ସେମାନେ ନିସ୍ଥୁକ ମାଡ଼ ମାରି ଅସଦାଚରଣ କରିବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ଆକ୍ରମଣରେ ଶର୍ମିଷ୍ଠା ପାଣି, ପରମି ପାଣି, ପ୍ରମିଳା କାଣ୍ଡି, ରଶ୍ମିତା ବେହେରା ଗୁରୁତର ଆହତ ହୋଇ ବାଙ୍ଗୁରୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏ ନେଇ କେସ୍ ନଂ. ୨୦୩୧/୨୦ ରୁଜୁ ହୋଇଛି। ଉଦୟପୁର ଗ୍ରାମର ପାରେଶ୍ୱର ପ୍ରଧାନ, ସିଦ୍ଧେଶ୍ୱର ପ୍ରଧାନ, ସୁବାସ ପ୍ରଧାନ, ଦୀପୁ ରାଉତ, ଆଶିଷ ରାଉତ, କୁନା ନାୟକ, ଗୁଲୁ ସ୍ୱାଇଁ, ଟାଟୁ ରାଉତ, ସୁଶାନ୍ତ ରାଉତ, ଧୀର ରାଉତ, ଅନୁପ ରାଉତ, ମହେଶ୍ୱର ପ୍ରଧାନ, ମାଗୁ କାଣ୍ଡି, ଜଗବନ୍ଧୁ ରାଉତ, ମିଟୁ ରାଉତ, ସଞ୍ଜୟ ନାୟକ ଓ ପପୁ କାଣ୍ଡିଙ୍କ ସମେତ ୧୯ଜଣଙ୍କ ନାମରେ ମକଦ୍ଦମା ରୁଜୁ କରାଯାଇଛି। ୨୦୦ରୁ ଊର୍ଦ୍ଧ୍ୱ ଲୋକ ଏହି ଘଟଣାରେ ସମ୍ପୃକ୍ତ ଥିବା ଏତଲାରେ ଦର୍ଶାଯାଇଛି ବୋଲି ଆଇଆଇସି ସୁଜିତ ଦାସ କହିଛନ୍ତି। ସରକାରୀ ଜମି ଜବରଦଖଲ ହିଁ ଏହି ଗଣ୍ଡଗୋଳର ମୂଳ କାରଣ ବୋଲି କୁହାଯାଉଛି।

## ଘରୁ ଲୁଟିନେଲେ ୫ଭରି ସୁନା, ୪ଲକ୍ଷ ଟଙ୍କା

ପୁରୀ ଅଫିସ,୩।୩

କିଛି ଦିନର ନୀରବତା ପରେ ପୁଣି ପୁରୀ ସହରରେ ଆତଙ୍କ ଖେଳାଇଛନ୍ତି ଲୁଟେରା। ୫ଜଣ ମୁଖାଧାରୀ ଦୁର୍ବୃତ୍ତ ଟାଉନ ଥାନା ଅଧୀନ ରାଧାଗୋବିନ୍ଦ ଲେନସ୍ଥିତ ଏକ ଘରେ ପଶି ପରିବାର ଲୋକଙ୍କୁ ଭୟଭୀତ କରାଇ ସୁନାଗହଣା ଓ ୪ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଜାରି ରଖିଛି। ରାଧାଗୋବିନ୍ଦ ଲେନ୍‌ରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରିବା ସହ ୨ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ସୂଚନା ଅନୁଯାୟୀ, ସୋମବାର ରାତିରେ ୫ଜଣ ମୁଖାଧାରୀ ଦୁର୍ବୃତ୍ତ ରାଧାଗୋବିନ୍ଦ ଲେନ୍ ବାସିନ୍ଦା ମଧୁସୂଦନ ଜେନାଙ୍କ ଘର ଗ୍ରୀଲ୍ ତାଡ଼ି ଘରେ ପଶିଥିଲେ। ମଧୁସୂଦନଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ସେ ବିରୋଧ କରିବାରୁ ତାଙ୍କ ନାତି ଏବଂ ବୋହୂଙ୍କ ବେକରେ ଖଣ୍ଡା ଓ ବନ୍ଧୁକ ଲଗାଇ ୫ଭରି ଓଜନର ସୁନା ଅଳଙ୍କାର, ନଗଦ ପ୍ରାୟ ୪ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଯିବାବେଳେ ଘରର ସମସ୍ତ ଆସବାବପତ୍ର ଫିଙ୍ଗାଫିଙ୍ଗି କରିବା ସହ ୨ଟି ବାଇକକୁ ଭାଙ୍ଗିଦେଇଥିଲେ। ଏନେଇ ପୋଲିସ ଆଗରେ କିଛି କହିଲେ ଅଥବା ଥାନାରେ ଅଭିଯୋଗ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ମଧୁସୂଦନ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ରାଧାଗୋବିନ୍ଦ ଲେନ୍ ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳ। ଚାରିପଟେ ଘରଦ୍ୱାର ଖୁନ୍ଦି ହୋଇ ରହିଛି। ତେବେ ଏଭଳି ଏକ ଅଞ୍ଚଳରେ ଦୁର୍ବୃତ୍ତମାନେ ଜଣକ ଘରେ ପଶି ଲକ୍ଷାଧିକ ଟଙ୍କା ଲୁଟି ନେବା ଘଟଣାକୁ ନେଇ ପୋଲିସ ନିଷ୍କ୍ରିୟତାକୁ ସୂଚାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ରାତ୍ରିକାଳୀନ ପାଟ୍ରୋଲିଂ ହେଉ ନ ଥିବାରୁ ଏଭଳି ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ଗଣମାଧ୍ୟମକୁ କହିଛନ୍ତି। ଏନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ସେମାନେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷେ ଘଟଣାର ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।



ପୁରୀ ଏସ୍‌ସିଏସ୍ କଲେଜର ଛାତ୍ରୀଛାତ୍ରମାନେ ମଙ୍ଗଳବାର +୨ ପରୀକ୍ଷା ଦେଇ ଫେରୁଛନ୍ତି।

## ଜନଗଣନା ପାଇଁ ଦିଆଗଲା ତାଲିମ

ପୁରୀ ଅଫିସ,୩।୩

ଦେଶରେ ଅଷ୍ଟମ ଜନଗଣନା ନିମନ୍ତେ ଜିଲାସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ମଙ୍ଗଳବାର ପୁରୀ ଜିଲାସ୍ତରୀୟ ଅଧିକାରୀମାନଙ୍କ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମକୁ ଜିଲାପାଳ ତଥା ଜିଲା ମୁଖ୍ୟ ଜନଗଣନା ଅଧିକାରୀ ବଲୱନ୍ତ ସିଂ ଉଦ୍‌ଘାଟନ କରିଛନ୍ତି। ପ୍ରାଥମିକ ଭାବେ ଗୃହ ଗଣନା ଏବଂ ଜାତୀୟ ଜନସଂଖ୍ୟା ପଞ୍ଜିକା ପାଇଁ କାର୍ଯ୍ୟ ଆରମ୍ଭ ହେବ। ଚଳିତ ମାସରେ ଅଧିକାରୀ ଓ କର୍ମଚାରୀଙ୍କୁ ତାଲିମ ପ୍ରଦାନ ପରେ ଆସନ୍ତା ମାସରେ ଗଣନା ପ୍ରକ୍ରିୟା ଆରମ୍ଭ କରାଯିବ। ଏଥିନିମନ୍ତେ ୫୫ଜଣ ଫିଲ୍ଡ ଟ୍ରେନର, ୩,୪୮୭ଜଣ ଜନଗଣନାକରୀ, ୫୮୦ ଜଣ ସୁପରଭାଇଜର ନିଯୁକ୍ତି ହେବେ। ସହରାଞ୍ଚଳରେ ବରିଷ୍ଠ ଅଧିକାରୀମାନଙ୍କୁ ଟାଉନ ଚାର୍ଜ ଅଫିସର ଏବଂ ବ୍ଲକସ୍ତରରେ ତହସିଲଦାରମାନଙ୍କୁ ଚାର୍ଜ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ବିଭିନ୍ନ ଫର୍ମ ଏବଂ ମୋବାଇଲ ଆପ୍‌ରେ ମଧ୍ୟ ତଥ୍ୟ ସଂଗ୍ରହ କରାଯିବ। ତଥ୍ୟ ସଂଗ୍ରହରେ ସ୍ୱଚ୍ଛତା ଓ ଗୋପନୀୟତା ବଜାୟ ରଖିବା ସହ ଏଥିସମ୍ବନ୍ଧୀୟ ସମସ୍ତ ନିୟମ କାନୁନ ସମ୍ପର୍କରେ ଏହି ତାଲିମ ଦିଆଯାଇଛି। ଘର ଗଣନା ଏବଂ ଜାତୀୟ ଜନସଂଖ୍ୟା ପଞ୍ଜିକା ତଥ୍ୟ ଅପ୍‌ଡେଟ ପରେ ଆସନ୍ତା ବର୍ଷ ଅର୍ଥାତ୍ ୨୦୨୧ ଫେବୃୟାରୀ ୯ରୁ ୨୮ ତାରିଖ ମଧ୍ୟରେ ଜନଗଣନା କାର୍ଯ୍ୟ ଶେଷ କରାଯିବ। ଏହି କାର୍ଯ୍ୟକ୍ରମରେ ଜିଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ପିଡି ଡିଆର୍‌ଡିଏ ବିଶାଲ ସିଂହ, ପୌରସଂସ୍ଥାର ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଜନସଂଖ୍ୟା ପରିସଂଖ୍ୟାନ ଅଧିକାରୀ ବିଜୟ ସାହୁ, ସମଗ୍ର ଶିକ୍ଷା ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟମଞ୍ଜରୀ ଦାସ, ଡେପୁଟି କଲେକ୍ଟର ସୁମନ୍ତ କୁମାର କରଙ୍କ ସମେତ ତହସିଲଦାର ଏବଂ ବିଡିଓମାନେ ଉପସ୍ଥିତ ଥିଲେ।



ପୁରୀ ଶରଧାବାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବରେ ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ରମାନେ।

## ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଦମ୍ପତିଙ୍କୁ ଆକ୍ରମଣ

ନିମାପଡ଼ା,୩।୩(ଡି.ଏନ୍.ଏ.)

ଚାରିଛକ ଫାଣ୍ଡି ଅନ୍ତର୍ଗତ ସୁଧବାରିମୂଳ ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଟ୍ରାକ୍ଟର ଚାଳକ ନୀରୋଦ ଦାସ ଓ ତାଙ୍କ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ନୀରୋଦ ଟ୍ରାକ୍ଟରରେ ବାଲି ଆଣି ଆସୁଥିବା ବେଳେ ତୁଳସୀପୁର ସ୍କୁଲ ନିକଟରେ ଶିଶିର ଦାସ, କାହ୍ନା ଦାସ, ବବୁନା ଦାସ ପ୍ରମୁଖ ଗାଡିକୁ ଅଟକାଇ ନୀରୋଦଙ୍କୁ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ନୀରୋଦଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚାରିଛକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ରାତିରେ ଆକ୍ରମଣକାରୀମାନେ ନୀରୋଦଙ୍କ ଘରେ ପଶି ତାଙ୍କ ସ୍ତ୍ରୀ ରେଣୁବାଳା ଦାସଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ରେଣୁବାଳାଙ୍କ ଅଭିଯୋଗକ୍ରମେ ପୋଲିସ ୩ ଆକ୍ରମଣକାରୀଙ୍କ ବିରୋଧରେ ଏକ ମାମଲା (ନଂ. ୪୭/୨୦)ରୁଜୁକରି ତଦନ୍ତ ଚଳାଇଛି। ଆକ୍ରମଣକାରୀମାନେ ଫେରାର ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

# ପରମ୍ପରା, ଲୋକନୃତ୍ୟ ଓ ବାଦ୍ୟର ସମ୍ମିଶ୍ରଣ 'ସାହିଯାତ'

ପୁରୀ ଅଫିସ, ୩।୩

- **ଚୈତ୍ର ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରୁ ଆରମ୍ଭ ହେବ**
- **କଳା ପ୍ରଦର୍ଶନ ଲାଗି ଅଭ୍ୟାସ କରୁଛନ୍ତି କଳାକାର**

ଶ୍ରୀକ୍ଷେତ୍ରର ଅନନ୍ୟ ପାରମ୍ପରିକ ସଂସ୍କୃତି 'ସାହିଯାତ'। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ରୀତିନୀତି ସହିତ ଏହି ପରମ୍ପରା ଜଡ଼ିତ। ଚୈତ୍ର ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିଠାରୁ ବୈଶାଖ ମାସ କୃଷ୍ଣପକ୍ଷ ଦ୍ୱିତୀୟା ପର୍ଯ୍ୟନ୍ତ ଏହା ପାଳନ କରାଯାଏ। ସାହିଯାତ ଲାଗି ଜାଗା ଆଖଡ଼ା ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଶ୍ରୀଜଗନ୍ନାଥଙ୍କ ଉପାସନାରେ ରାମଲୀଳା ଏକ ପ୍ରମୁଖ ଅଂଶ। ଏହି ଲୀଳା ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ପାଳନ ହୋଇଥାଏ। ଶ୍ରୀମନ୍ଦିରରେ ହେଉଥିବା ରାମଲୀଳା ସହିତ ସାହିଯାତର ସମନ୍ୱୟ ରହିଛି। ସାହିଯାତରେ ସମରକଳା, ଲୋକକଳା, ଲୋକନୃତ୍ୟ, ଲୋକଗୀତ ଓ ଲୋକ ବାଦ୍ୟର ସମ୍ମିଶ୍ରଣ ଦେଖିବାକୁ ମିଳେ। ଏହା ରାମଜନ୍ମଠାରୁ ଆରମ୍ଭ ହୋଇ ରାମାଭିଷେକ ଉତ୍ସବରେ ସରିଥାଏ। ସାହିଯାତରେ ବିଭିନ୍ନ ସାହିଜାଗା ଆଖଡ଼ାର ମେଢ ନୃତ୍ୟ ବାହାରିଥାଏ। ପରମ୍ପରା ଅନୁଯାୟୀ ଜାଗା ଆଖଡ଼ା ପକ୍ଷରୁ ଏହାର ଖସଡ଼ା ପ୍ରସ୍ତୁତ କରାଯାଇଥାଏ। ପ୍ରଥମ ଦିବସରେ କାଳିକା ଦେବୀ ସାହି ପକ୍ଷରୁ ରାମ ଜନ୍ମୋତ୍ସବ ବା ରାମ ଜନ୍ମଲୀଳା, ମାଟିମଣ୍ଡପ ସାହି ପକ୍ଷରୁ ସୀତା ବିବାହ ପ୍ରସ୍ତାବ ବା ସୀତାବିବାହ ଉତ୍ସବ, ହରଚଣ୍ଡୀ ସାହି ପକ୍ଷରୁ ଋଷ୍ୟ ଶୃଙ୍ଗଯାତ୍ରା ବା ଯଜ୍ଞରକ୍ଷା ପର୍ବ, ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ରାମ ବନବାସ ଲୀଳା, ବାସେଳି ସାହି ପକ୍ଷରୁ ସୂର୍ପଣଖା ଲୀଳା, କୁଣ୍ଢେଇବେଣ୍ଟ ସାହି ପକ୍ଷରୁ ଛଦ୍ମବେଶୀ ରାବଣ ବା ସୀତା ହରଣ (ମାୟା ମୃଗ ଲୀଳା), ଦୋଳମଣ୍ଡପ ସାହି ପକ୍ଷରୁ ଲଙ୍କାଦହନ ଲୀଳା, ବାଲିସାହି ପକ୍ଷରୁ ସେତୁବନ୍ଧ ଓ ରାବଣ ବଧ, ଗୌଡ଼ବାଡ଼ ସାହି ପକ୍ଷରୁ ରାମାଭିଷେକ ଲୀଳା ତଥା ସାହିଯାତର ଶେଷ ପର୍ବ ଅନୁଷ୍ଠିତ ହୋଇଥାଏ। ପ୍ରତିଦିନ ବିଭିନ୍ନ ସାହି ଜାଗା ଆଖଡ଼ାର ସମରକଳା, ମେଢ ନୃତ୍ୟ ଏବଂ ଶ୍ରୀରାମଲୀଳା ସହ ଚରିତ୍ର ଯଥା- ନାଗା, ପର୍ଶୁରାମ, ପଞ୍ଚମୁଖୀ ହନୁମାନ, ନୃସିଂହ, କାଳୀ, ଦୁର୍ଗା, ଚାନ୍ଦି, ଗଣେଶ, କାର୍ତ୍ତିକେୟ, ଶିବ, ସପ୍ତଶିରା, ତ୍ରିଶିରା, ପଞ୍ଚଶିରା, ବିଭିନ୍ନ ସମରକଳା ଯଥା- ହୁଲୁହୁଲା ବନାଟି, ନିଖାମ, ଖଡ୍‌ଗ, ବାଡ଼ିଖେଳ ଆଦି ସ୍ଥାନ ପାଇଥାଏ। ସାହିଯାତରେ ବାହାରୁଥିବା ମେଢ ନୃତ୍ୟ ମଧ୍ୟରେ ନାଗା, ରାବଣ, ପର୍ଶୁରାମର ସ୍ୱତନ୍ତ୍ରତା ରହିଛି। ନାଗା ମେଢ ଓ ଚାଲି ଅତି ଆକର୍ଷଣ ହୋଇଥାଏ। ଏହି ମେଢରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିମାନେ ଏଥିଲାଗି ମାସକ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ କରିଥାନ୍ତି। ଏବେ ଅଭିଜ୍ଞ ବ୍ୟକ୍ତିବିଶେଷଙ୍କ ତତ୍ତ୍ୱାବଧାନରେ ନରସିଂହ ପୂଜାପଣ୍ଡା ଓ ରାମ ପ୍ରତିହାରୀ ପ୍ରମୁଖ ଅଭ୍ୟାସ ଜାରି ରଖିଛନ୍ତି। ବାରବାଟୀ ଜାଗାରେ ପ୍ରତି ସନ୍ଧ୍ୟାରେ ଉତ୍ସାହୀ ଯୁବକମାନଙ୍କ ପ୍ରଶିକ୍ଷଣ ଚାଲିଥିବା ଦେଖିବାକୁ ମିଳିଛି।

ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କହନ୍ତି, ପୁରୀର ସାହି ଯାତ ପ୍ରାୟ ୮ଶହ ବର୍ଷ ପୁରାତନ ବୋଲି ଗ୍ରହଣ କରାଯାଏ। ଏହା ସମଗ୍ର ଭାରତବର୍ଷରେ ଏକ ସ୍ୱତନ୍ତ୍ର ପରମ୍ପରା। ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରର ସୁରକ୍ଷା ଲାଗି ଜାଗା ଆଖଡ଼ାର ପ୍ରାଚୀନ ଭୂମିକା ପରମ୍ପରା ଅନୁଯାୟୀ ଏଥିରେ ପ୍ରଦର୍ଶିତ ହୋଇଥାଏ। ରାମାୟଣର ମାନବିକ ମୂଲ୍ୟବୋଧକୁ ପାଥେୟ କରି ଶ୍ରୀଜଗନ୍ନାଥ ଚେତନାରେ ଯେଉଁ ଲୀଳାଭିତ୍ତିକ ଉତ୍ସବ ବିକାଶ ଲାଭ କରିଥିଲା ତାହା ସାହିଯାତ ଭାବରେ ପରିଚିତ। ସାହିଯାତ ଲୋକସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ ରୂପେ ଲୋକକଳାରେ ପରିଣତ ହୋଇଛି। ଶ୍ରୀଜଗନ୍ନାଥଙ୍କ ଉପାସନାରେ ଏହା ଜଡ଼ିତ ହୋଇ ଶାସ୍ତ୍ରୀୟ ମର୍ଯ୍ୟାଦାବନ୍ତ ଐତିହ୍ୟର ଆଲେଖ୍ୟ ଭାବେ ଦଣ୍ଡାୟମାନ। ସାହିଯାତରେ ବ୍ୟବହୃତ ବଚନିକା ଓଡ଼ିଆ ଓ ସଂସ୍କୃତ ଭାଷାର ସମ୍ମିଶ୍ରଣ। ଏଥିସହିତ ହିନ୍ଦୀ ଏବଂ ଅନ୍ୟ ଭାଷାର ପ୍ରୟୋଗ ମଧ୍ୟ ଦେଖିବାକୁ ମିଳିଥାଏ। ଯାହା ଓଡ଼ିଶାରେ ଅନନ୍ୟ ଉଦାହରଣ। ସାହିଯାତରେ ପରମ୍ପରା, ଲୋକନୃତ୍ୟ, ବାଦ୍ୟଯନ୍ତ୍ରର ସମ୍ମିଶ୍ରଣ ଘଟିଛି। ଏହି ଉତ୍ସବରେ ଲୋକଗୀତ ସହିତ ଶାସ୍ତ୍ରୀୟ ଗୀତ, ଲୟ ଓ ବାଦ୍ୟର ସମ୍ମିଶ୍ରଣ ଘଟିଥାଏ।



ସାହିଯାତ ପାଇଁ ବାରବାଟୀ ଜାଗା ପରିସରରେ କଳାକାରମାନେ ଅଭ୍ୟାସ କରୁଛନ୍ତି।